# ଆତ୍ମାବର୍ତ୍ତ

କାହ୍ନୁ ଚରଣ



# ମାୟାବର୍ତ୍ତ

ଶାନ୍ତନୁ ଆଚାର୍ଯ୍ୟ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ
କଟକ-୨

# ମାୟାବର୍ତ୍ତ

ଲେଖକ :
**କାହ୍ନୁଚରଣ ମହାନ୍ତି**

ପ୍ରକାଶକ :
**ସହଦେବ ପ୍ରଧାନ**
ଫ୍ରେଣ୍ଡସ୍ ପବ୍ଲିଶର୍ସ
ବିନୋଦ ବିହାରୀ
କଟକ-୭୫୩୦୦୨

ପ୍ରଥମ ସଂସ୍କରଣ :
୧୯୭୮

ପ୍ରଚ୍ଛଦପଟ :
**ଅସିତ୍ ମୁଖାର୍ଜୀ**

ମୁଦ୍ରାକର :
**ସୁମୁଦ୍ରାଣୀ**
ଝାଞ୍ଜିରିମଙ୍ଗଳା
କଟକ-୭୫୩୦୦୯

**ମୂଲ୍ୟ : ଷୋଳଟଙ୍କା ମାତ୍ର**

# MAYABARTTA

*Author* :
**Kanhu Charan Mohanty**

*Publisher* :
**Sahadev Pradhan**
**Friends' Publishers**
Binodbehari
Cuttack-753002
Orissa (India)

*First Edition* :
**1978**

*Cover design* :
**Asit Mukherjee**

*Printer* :
**Sumudrani**
Jhanjirmangla
Cuttack-753009

*Price* : **Rupees Sixteen only**

କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା
ପୁରସ୍କୃତ, ବାଣୀବରପୁତ୍ର, କବି,
ନାଟ୍ୟକାର, ପ୍ରାବନ୍ଧିକ, କବିଚନ୍ଦ୍ର
ଡକ୍ଟର କାଳିଚରଣ ପଟ୍ଟନାୟକଙ୍କ
କରକମଳରେ ପ୍ରୀତିନିବେଦନ—

ତା ୨୩ । ୧୨ । ୭୭
ଶୁକ୍ରବାର

କାହ୍ନୁଚରଣ

'କାଲି ରଙ୍ଗି ପଛ ଧଟେ
ବଣ୍ଟୁ ଗୁଲେ ତା' ବାଟେ
ବାଟଫେରା କର ପଥୁକରେ...

ତୁ ଯେ, ବସାଇ ପାସୋରା ଘରେ
ଗୀତ ମଧୁଧାର ଚଖାଇ ରସାଉ
ସ୍ମୃତି ଗୋ, ତୋତେ ଜୁହାରେ ।'

— କବିଚନ୍ଦ୍ର କାଳୀଚରଣ —

# କାହ୍ନୁଚରଣଙ୍କ ପୁସ୍ତକାବଳୀ

| ପୁସ୍ତକର ନାମ | ରଚନା କାଳ | ପ୍ରଥମ ପ୍ରକାଶ |
|---|---|---|
| ଉତ୍ସବେ ବ୍ୟସନ | ୧୯୨୩-୨୪ | ପାଣ୍ଡୁଲିପି ହଜିଲା |
| ତଥାସ୍ତୁ | ୧୯୨୪-୨୬ | ୧୯୬୩ |
| ବାଲିରାଜା | ୧୯୨୬-୨୮ | ୧୯୩୧-୩୨ |
| ଅରୁଣା | ୧୯୨୮-୨୯ | ପାଣ୍ଡୁଲିପି ହଜିଲା |
| ପଳାତକ | ୧୯୨୯-୩୦ | ୧୯୩୦ |
| ନିଷ୍କୃତି | ୧୯୩୦-୩୧ | ୧୯୩୨ |
| ମାନସୀ (କାବ୍ୟ) | ୧୯୩୧ | ୧୯୩୨ |
| ସ୍ୱପ୍ନ ନା ସତ୍ୟ * | ୧୯୩୨ | ୧୯୩୩ |
| ଦୁନିଆର ଦାଉ | ୧୯୩୨-୩୩ | ୧୯୩୪ |
| ହା-ଅନ୍ନ | ୧୯୩୩-୩୪ | ୧୯୩୫ |
| ଓଲଟ ପାଲଟ | ୧୯୩୪ | ୧୯୩୭ |
| ପରକୀୟା | ୧୯୩୫ | ୧୯୩୮ |
| ପରିଚୟ | ୧୯୩୬ | ପାଣ୍ଡୁଲିପି ହଜିଲା |
| ଉଦଣ୍ଡୀ | ୧୯୩୮ | ୧୯୩୯ |
| ଅଦେଖା ହାତ | ୧୯୩୯-୪୦ | ୧୯୪୩ |
| ପ୍ରତୀକ୍ଷା | ୧୯୪୧ | ୧୯୪୩ |
| ଭଲ ପାଇବାର ଶେଷ କଥା | ୧୯୪୨ | ୧୯୪୪ |
| ତୁଣ୍ଡିବାଇଦ | ୧୯୪୨-୪୩ | ୧୯୪୪ |
| ଏପାରି ସେପାରି | ୧୯୪୪ | ୧୯୪୬ |
| ଶାସ୍ତି * | ୧୯୪୫ | ୧୯୪୬ |
| ବନ ଗହନର ତଳେ * | ୧୯୪୫ | ୧୯୪୬ |
| ଅନ୍ତରାୟ | ୧୯୪୬ | ୧୯୪୭ |
| ସ୍ୱୈର ଗୃହାଣି * | ୧୯୪୬ | ୧୯୪୭ |
| ଅଭିନେତ୍ରୀ | ୧୯୪୬ | ୧୯୪୭ |
| ଭୁଲି ହୁଏନା | ୧୯୪୭ | ୧୯୪୮ |

| ପୁସ୍ତକର ନାମ | ରଚନାକାଳ | ପ୍ରଥମ ପ୍ରକାଶ |
|---|---|---|
| ଝଞ୍ଜା * | ୧୯୪୮-୪୯ | ୧୯୫୦ |
| ମିଳନର ଛନ୍ଦ | ୧୯୪୯ | ୧୯୫୧ |
| ଶର୍ବରୀ * | ୧୯୫୦-୫୧ | ୧୯୫୨ |
| ପରୀ | ୧୯୫୨-୫୩ | ୧୯୫୪ |
| କା (୧୯୫୯ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ) | ୧୯୫୩-୫୪ | ୧୯୫୬ |
| ବଜ୍ରବାହୁ * | ୧୯୫୫-୫୭ | ୧୯୫୯ |
| ଭେଉ ଭେଉକା * | ୧୯୬୦-୬୧ | ୧୯୬୨ |
| ବଗ ବଗୁଲୀ | ୧୯୬୨-୬୩ | ୧୯୬୪ |
| ଇତିହ | ୧୯୬୩-୬୪ | ୧୯୬୬ |
| ତମସା ତୀରେ | ୧୯୬୪ ୬୬ | ୧୯୬୭ |
| ମୁଁ ମନ୍ଦ ଜାଣେ | ୧୯୬୭ | ୧୯୬୮ |
| ଛୁଟିଲେ ଘଟ | ୧୯୬୮ | ୧୯୬୮ |
| ସ୍ୱପ୍ନା | ୧୯୬୭-୬୮ | ୧୯୬୮ |
| ତରଙ୍ଗର ତଳେ | ୧୯୬୮ | ୧୯୬୯ |
| ମନ ଜାଣେ ପାପ * | ୧୯୬୮-୬୯ | ୧୯୬୯ |
| ମନ ମନ୍ଥନ * | ୧୯୬୯ | ୧୯୭୦ |
| ଅତି ଗୋପନୀୟ * | ୧୯୬୯-୭୦ | ୧୯୭୦ |
| ଅଙ୍ଗନା | ୧୯୭୦ | ୧୯୭୧ |
| ମମତାର ମାୟା * | ୧୯୭୧ | ୧୯୭୨ |
| କହିବାକୁ ଲାଜ | ୧୯୭୦-୭୧ | ୧୯୭୩ |
| ନିର୍ବିଶଙ୍କ | ୧୯୭୧-୭୨ | ୧୯୭୩ |
| ଆଜି ନୁହେଁ ଆଉ ଦିନେ | ୧୯୭୨-୭୩ | ୧୯୭୩ |
| କ୍ଷଣ କ୍ଷଣକେ ଆନ | ୧୯୭୪-୭୫ | ୧୯୭୫ |
| ମାୟାବର୍ତ୍ତ * | ୧୯୭୬-୭୭ | ୧୯୭୮ |

* ଚିହ୍ନିତ ପୁସ୍ତକଗୁଡ଼ିକ ଫ୍ରେଣ୍ଡ୍‌ସ ପବ୍ଲିଶର୍ସଙ୍କ ଦ୍ୱାରା ପ୍ରକାଶିତ

ଆନନ୍ଦର ହାତ ଅରି ଉଠିଲା । ରନ୍ଦା ଉପରୁ ହାତ ଖସି ଆସିଲା । ହରି ମିସ୍ତ୍ରୀ ବିରକ୍ତ ହୋଇ କହିଲେ, ଥକି ଗଲୁ କିରେ କଣ ? ତୋ' ଦେଇ କାମ ଚଳିବ ନାହିଁ । ମାଲିକ ତନାଘନା କରୁଛି । କହୁଛି, ପନ୍ଦର ଦିନ ଭିତରେ ସବୁ କବାଟ ଝରକା ନ ଝୁଲିଲେ ସେ ଅନ୍ୟ ବଢ଼େଇ ଲଗାଇବ । ଆରେ ହେ ଆନ୍ଦିଆ, ସେଥିକୁ ମୋ'ର ଡର ନାହିଁ । ମୋ'ତେ କାମ ମିଳିବ । ନ' ମିଳିଲେ, ମୋ' ଅଗଣାରେ ବସି ଚଟାଳି ହାଣିଲେ ମୋ' ରୋଜଗାର ଊଣା ହେବ ନାହିଁ । ତୁ ହଇରାଣ ହେବୁ ।

ହରି ମିସ୍ତ୍ରୀଙ୍କର ଧମକକୁ ଆନନ୍ଦ ଛଳ କରେ ନାହିଁ । ସେ ଜାଣେ ତାଙ୍କର ମନରେ ଦୟା ଭାବ ଅଛି । ତୁଣ୍ଡରେ ଆହା-ପଦ ଅଛି । ତେବେ, କାମରେ ଟିକିଏ ହେଳା କଲେ, ଆନମନା ହୋଇ କାମ ଖଇଚ୍ଛ କଲେ ତାଙ୍କର ମତି ବିଗଡ଼େ । ସେ ତାତି ଉଠନ୍ତି । ଶୋଧନ୍ତି । ତୁଣ୍ଡରେ ବାଇସ ଚହେ ନାହିଁ ।

ଆନନ୍ଦ ହାତ ଯୋଡ଼ିଲା । ହାତ ଖୋଲି ବାଁ ପାପୁଲିରେ କପାଳ ଉପର ଗହୀରା ଦାଗକୁ ସାଉଁଳିଲା । ଦାନ୍ତ ନ ଥିଲା ଉପର ପାଟିର ଓଠ ଉପରର ଗୋଛାକିଆ ନିଶକୁ ବିଶି ଆଙ୍ଗୁଠିରେ ଦାବି ଟିକିଏ ସଟାଡ଼ି ଦେଲା । ଅଣ୍ଟା ସଳଖି ଭିଡ଼ିମୋଡ଼ି ହେଲା ।

କହିଲା, ରହ ହରି ଭାଇ । ଟିକିଏ ଦମ୍ ନିଏ । ବେଁଶିଆ ହାତ ଭିତରେ କ'ଣ ଗୁଇଁ କରି ମାରି ଦେଲା । ମୁଣ୍ଡ ଭିତର ଝାଇଁ ଝାଇଁ ହୋଇଗଲା । ଏକା ଲୟରେ ଏକା ଦମ୍‌ରେ ବେଶୀ ବେଳ କାମ କଲେ କେବେ କେମିତି ଏମିତି ହୁଏ ।

ହରି ଆନନ୍ଦର ଦୁଃଖ ବୁଝିଲେ । ତା' ଜୀବନର କରୁଣ କାହାଣୀ ହରି ମହାପାତ୍ରଙ୍କୁ ଅନେକ ବହୁତେ ଜଣା । ବାର ବର୍ଷରୁ ଅଧିକ କାଳ ଆନନ୍ଦ ତାଙ୍କର ସହକର୍ମୀ ହୋଇ ରହିଛି । ତା' କହିବା ପ୍ରକାରେ ସେ ବି ମହାପାତ୍ରଟିଏ । ଆନନ୍ଦ ମହାପାତ୍ର । ତେବେ, ଅନ୍ୟ ଜାତିର । ହଁ, ଯେ ଓଡ଼ିଶା ଦୁଇଁରେ କେତେ ପଦବି ହାଡ଼ିରୁ ବାହ୍ମଣ ଯାଏ ରହିଛି । ଏକା ପରିକା ।

ହରି ମିସ୍ତ୍ରୀ କେଉଁ ପଣ୍ଡିତଙ୍କ ଠାରୁ ଶୁଣିଥିଲେ ବିଗତ କାଳରେ କୁଆଡ଼େ ଜାତିଆଣ ପଦ କାମ ଅନୁରୂପେ ବଣ୍ଟା ଯାଇଥିଲା । ସେଇଆ ହୋଇଥିବ । ମହାପାତ୍ରମାନେ ଯିଏ ଯେଉଁଠି ଥାଉନ୍ତୁ ଏକ ପ୍ରକାର କାମ କରୁଥିଲେ ପରା । ସେମିତି ଅ'ରୁ କ୍ଷ' ଯାଏ ସବୁ ପଦବୀ-ସାଙ୍ଗିଆର ଲୋକେ । ଏବ କାଳକୁ କୁଳବେଉସା ବଦଳି ଗଲାଣି । ଗୋଟିଏ ବଂଶର ଲୋକେ ପେଟ-ପୋଷ-ନାହିଁ.

**ଦୋଷ ପାଇଁ କିଏ କେଉଁ ଧନ୍ଦା ଧରିଛନ୍ତି । ହେଲେ, କେବକାଳର ସାଙ୍ଗିଆ** ଲାଙ୍ଗୁଡ଼ ପରି ପଛରେ ଲାଗିଛି ।

ଲାଗିଲେ ଲାଗିଥାଉ । ସେଥିରୁ ସବୁ ଜାତି ଚିହ୍ନି ହେବ ନାହିଁ । ଜାତିରୁ ବେଉସା, ବେଉସାରୁ ଜାତି ଜାଣି ହେବ ନାହିଁ । ଶୁଣାଜଣାରେ କେତେ ପ୍ରକାର କାରବାରରେ ଏବକା ଲୋକେ ସାଙ୍ଗିଆ ନ ବିଚାରି ଖାଲି ଜାତିଆଣ ଖୋଜି ବୁଲୁଛନ୍ତି । ହରି ମିସ୍ତ୍ରୀ ଘରବନ୍ତି, ସେଗୁଡ଼ାକ ଭୁଆଁ ବୁଲୁଛନ୍ତି । ଅସଲ ଜାତିଆଣ ସେଥିରେ ନାହିଁ, କି ପଦବିରେ ନାହିଁ । ଅଛି ବେଉସାରେ ।

ଆନନ୍ଦ ଯେଉଁ ବର୍ଣ୍ଣର ହୋଇଥାଉ, ତା' ଗୋତ୍ରଟା କଇଁଛ, ନାଗ, ଭଦଭଦଳିଆ, ଶାଗୁଣା, ଯାହା ହୋଇଥାଉ, ସେ କାଠ କାମରେ ଧୁରନ୍ଧର । ତେଣୁ, ସେ ତା'ଙ୍କରି ଜାତିର ଲୋକ । ଲୋକେ ତାଙ୍କୁ ବଢ଼େଇ-ମିସ୍ତ୍ରୀ ବୋଲି ଜାଣନ୍ତି । ଆନନ୍ଦକୁ ବି । ଯେଉଁ ଧନ୍ଦାରେ ଭୋକ ଚଳୁଛି, କୁଟୁମ୍ବ ପୋଷି ହେଉଛନ୍ତି, ସେ ଧନ୍ଦା ଛୋଟ ନୁହେ ।

ସବୁ ପାଇଁଟି ବଡ଼ ।

ଆନନ୍ଦ ଜାଣେ ତା'ର ଜାତି-ଭାଇ । କହ, ସାନଭାଇ । ଆହା ବିଚରାଟି । ବନ୍ଧ ଭାଙ୍ଗିଲାରୁ କେତେ କାଳରୁ ସୁରକ୍ଷିତ ଗ୍ରାମଟି ତା'ର ରାତି ଅଧରେ ଧୋଇ ହୋଇଗଲା । ପାଣିର ତୋଡ଼ ପଡ଼ିଲା ତାଆରି ଘରଉପରେ । ବୁଢ଼ା ଶ୍ୱାସରୋଗୀ ବାପ । ମା ଯେ ବାତ ରୋଗଣୀ । ଛଅ ବର୍ଷର ବାହା ଭରିଯା । କୋଳରେ ଅଢ଼େଇ ବର୍ଷର ଝିଅ । ବଢ଼ି ପାଣିର ନାଗମୁଣ୍ଡି ଛିଣ୍ଡା ତୋଡ଼ରେ ଭସି ଯାଇଥିବେ । ଉବୁଟୁବୁ ହୋଇ ପ୍ରାଣ ହାରିଥିବେ ।

ଆନନ୍ଦର ସଂସାର ଉଚ୍ଛନ୍ନ ହେଇଗଲା । ଝଡ, ବରଷା, ଅସ୍ତନକ ବଢ଼ି, ଘୋର ପ୍ରଳୟ, ଧନ-ଜୀବନ ନଷ୍ଟ ଖବର ସବୁ ସେ ପଢ଼ିଥିଲା ଦୈନିକ କାଗଜରୁ । ଧଡ଼ଦେଟରେ ।

ଆନନ୍ଦ କହେ—

ସାତ ଦିନ ଆଗରୁ ଟଙ୍କା ପଚ୍ଚଶଟି ସେ ମନିଅର୍ଡର କରି ତା' ବାପ ବିନନ୍ଦ ନାମରେ ଗାଁକୁ ପଠାଇଥିଲା । ତା ଭରିଯା ସେବତୀର ଚିଠି ପାଇ ବାପର ଦେହ ଭଲ ରହୁ ନାହିଁ ବୋଲି ଜାଣିଥିଲା । ଘରକୁ ଆସିବାକୁ ସେବତୀ ନେହୁରା ହୋଇ ଲେଖିଥିଲା । ଟିକି ଝିଅ ନୁଆଗୀର କୌତୁକ, ଦରୋଟି ବଚନ ବି ଜଣାଇ ଦେଇଥିଲା ।

ସେମାନଙ୍କୁ ଦେଖିବାକୁ ଆନନ୍ଦର ମନ ତହକ-ବିକଳ ହେଉଥିଲା । କିନ୍ତୁ, ସେ ଆସିଲା ନାହିଁ । ଘରେ ମାସଟିଏ ରହି କଲିକତା ଫେରି ଯିବାର ଚାରିମାସ କଟି ନାହିଁ । କାଠ-କାରଖାନାର ମାଲିକ କ'ଣ ଛୁଟି ଦେଇଥାନ୍ତା ? ଦଶଦିନ ପାଇଁ ଆସି ଦେହ ଦେମନ ଅ ଘରେ ମାସଟିଏ ରହିଗଲା ବୋଲି କାମରୁ ଛଟେଇ କରିବ ବୋଲି ସେ ଧମକି ଦେଇଥିଲା । ତା'ର ମନ ଗଢ଼ା ଦୁଃଖ-ଦୁର୍ଦ୍ଦଶାର କାହାଣୀ ଶୁଣି ମାଲିକର ମନ ତରିଯାଏ । ଯେ ତାଗିଦା କଥ ପୁଣି ଦାମ ଦେଲା ।

**କହେ ଆନନ୍ଦ—**

କେମିତି ସେ ଆସନ୍ତା ?

ଦଇବର କୋପ । କିଏ ଅନ୍ୟଥା କରିବ ? ଖବର ପଢ଼ି ଜାଣିଲା, ତାଆରି ଗାଁ ବିଜିକୁଦରେ ବନ୍ଧ ଭାଙ୍ଗିଛି । ସେଠି ନଈବନ୍ଧ ଟପି ପାଣି ସୁଅ ବନ୍ଧ ଧୋଇ ନେଲା । ପାଖେ ପାଖେ କେନାଲ । ପାଣି ତୋଡ଼ରେ ଦୁଇ ପାଖର ବନ୍ଧ ଭାଙ୍ଗି ବଢ଼ିପାଣି ଗାଁରେ ପଶିଲା । ସବୁ ଧୋଇ ଧାଇ ଉଡ଼ିନେଲା ।

ବାଇବିଛ ଲାଗିଲା ପରି ଆନନ୍ଦ ବସିଲାଠଉଁ ଉଠି ଆସିଥିଲା । ଉଚ୍ଚାଟିଆ ମନ ଠାକୁରଙ୍କ ପାଖେ ଗୁହାରି କରୁଥାଏ—ରକ୍ଷାକର, ରକ୍ଷାକର, ନିଆଶ୍ରାଙ୍କୁ ଘଣ୍ଟ ଘୋଡ଼ାଇ ରଖ ପ୍ରଭୁ !

ପନ୍ଦର ବର୍ଷ ତଳର ଘଟଣା । ଏବଯାଏ ଟିକିନିଖି ମନେ ଅଛି । ପଚାରିଲେ ସେ ବର୍ଣ୍ଣନା କରେ

ଠାକୁରମାନେ ମନର ମିନତି ଘେନା କଲେ ନାହିଁ । ଘଟଣାର ଚାରିଦିନ ପରେ ଅତି କଷ୍ଟରେ ସେ କୌଣସିମତେ ଘାଇଭଙ୍ଗା ସ୍ଥାନରେ ପହଞ୍ଚି ପାରିଲା । ଯାନବାହାନର ଚଳାଚଳ ନ ଥାଏ । ବର୍ଷା ବନ୍ଦ ହେବାର ଲାଗି ରହିଥାଏ । ଜୀବନରେ ପାଣି ଛଡ଼ାଇ, ବର୍ଷା ପାଣିରେ ଭିଜି, କାଦୁଅ ମାଟି ସର ସର ହୋଇ ଅଧାବାଇଆ ଆନନ୍ଦ ଘାଇ ପାଖରେ ପହଞ୍ଚିଲା । ପେଟରେ ଦାନା ପଡ଼ି ନାହିଁ । ଦେହ ଥରୁଛି । ହାତ ଗୋଡ଼ ଅବଶ । ମୁଣ୍ଡ ଭ୍ରମୁଛି । ପିଣ୍ଡରୁ ପ୍ରାଣ ଛାଡ଼ିଗଲା ପରି ଲାଗୁଛି ।

ହତାଶ ହୋଇ ଘାଇ ମୁହଁ ପାଖରୁ ଅଳପ ଦୂରରେ ଠିଆ ହେଲା । ଚାରିଆଡ଼କୁ ଆକୁଳ ଆଖିରେ ଖାଲି ଚାହିଁ ରହିଲା । ଜଳାର୍ଣ୍ଣବ । ଅତଡ଼ା ଖସୁଛି । ଘାଇ ମୁହଁ ଅଧିକରୁ ଅଧିକ ଚଉଡ଼ା ହେଉଛି । ପାଣିର ଲହଡିମାଳିଆ ସୁଅ ଅତି ବେଗରେ ଛୁଟି ଚାଲିଛି । ଦୃଷ୍ଟି ଯେତେଦୂର ପହଞ୍ଚି ପାରୁଛି ସେ ଦେଖୁଛି ଗୋଳିଆ ପାଣିର ସମୁଦ୍ର । ତାଆରି ମଝିରେ ଛାଡ଼ି ଛାଡ଼ିକା ଦୂରେଇଲା ଗାଁଗୁଡ଼ିକର ଗଛଗହଳିଆ ଥିତି ।

ମନେ ପଡ଼ିଗଲେ ଏବଯାଏ ଆନନ୍ଦ ପାକୁଆ ପାଟିର ଥରିଲା ଖନିମରା ସ୍ୱରରେ ଗପେ—ତା' ଜନମମାଟି ବିଜିକୁଦ ଘାଇମୁହଁ ପାଖରୁ ଖଣ୍ଡେ ଦୂରରେ ଥିଲା । ନାଳବନ୍ଧ ଉପରେ ଠିଆ ହୋଇ ଅନ୍ଧାର ରାତିରେ ଆଲୁଅ ଆଣିବାକୁ ଡ଼ାକ ଛାଡ଼ିଲେ ତା' ଗାଆଁରୁ ଜବାବ ଆସେ । ଛୋଟ ଗହୀର ଦକ୍ଷିଣେ ଗୋ-ଦଣ୍ଡା ବାଟ । କେଉଁ କାଳର ବଡ଼ ଓସ୍ତଗଛ ମୂଳରେ ମଶାଣିପଦା । ରାତିରେ ଏକୁଟିଆ ଯିବାକୁ ଡରଡର ଲାଗେ । ଗାଁ ମୁଣ୍ଡରେ ମାହୁନ୍ଦର ନିଦାଘ ବାଉଁଶ ବଣ । ଗାଁ ଭିତରେ ଆମ୍ବ, ଚାକୁଣ୍ଡା, ନଡ଼ିଆ ଏମିତି ନାନା ଜାତିର ଗଛ । ଦିନବେଳା ଅନ୍ଧାରିଆ ଦିଶେ ।

ଏତେ ବଡ଼ ଓସ୍ତଗଛଟା ଟଳି ପଡ଼ିଛି । ଗଡ଼ିଗଡ଼ିକା କେତେ ଦୂରରେ ତାଳପତ୍ର ଉପରକୁ ଟେକି ଆହୁରି ଟଳୁଛି । ବାଉଁଶ ବଣର ପତ୍ତା ନାହିଁ । ଗାଁ ଭିତର ଗଛ ଗହଳିରୁ ଠାଏ ଠାଏ କେତୋଟି ପାଣି ଭିତରେ ମୁଣ୍ଡ ଟେକି ରହିଛନ୍ତି ।

**ଅଧିକାଂଶ ଟଳିପଡ଼ି ଭୁସି ଯାଇଛନ୍ତି, ଅବା ପାଣିତଳେ ଲୋଟିଛନ୍ତି । ପାଣି ଝୁଅର** ଧକ୍‌କା ଆଉ ତୋଡ଼ ସିଧା ସଳଖ ପଡ଼ିଛି ବିଜିକୁଦ ଗାଁ ଉପରେ ।

ସବୁ ଚାଳଘର ଭୁସି ଯାଇଥିବ । କେଜାଣି, ଲୋକେ କେଉଁ ଉପାୟରେ ପ୍ରାଣ ବଞ୍ଚାଇଥିଲେ କେଉଁଠି ଥିବେ । କିନ୍ତୁ, ଆନନ୍ଦର ଘର ଛୋଟ । ନୁଆଁଣିଆ । ଚାଳିଆ ରୋଷଘର ଓ ତା'କୁ ଲାଗି ଢିଙ୍କିଶାଳକୁ ଛାଡ଼ି ମୋଟେ ଦିଓଟି ବଖରା ରହଣିଘର । ଆଗରେ ଗୁହାଳ । ଅଳ୍ପ ଉଚ୍ଚର ଚାଳ । ବାଆ-ବୟାରରେ ପୁରୁଣା ଚାଳ ଉଠେ ପଡ଼େ ।

ତା' ଘରେ ଚିହ୍ନ-ବର୍ଣ୍ଣ ନଥିବ । ତା'ର ଶ୍ୱାସରୋଗୀ ବାପା, ଠେଙ୍ଗାର ଆଶ୍ରା ନ ନେଲେ ଚାଲି ପାରନ୍ତି ନାହିଁ । ବାତୁଆ ବୋଉ । ଦେଖିବାକୁ ମୋଟାସୋଟା ହେଲେ ବି ଥର ଥର ହୋଇ ଚାଲନ୍ତି । ମୁଣ୍ଡ ଥରେ । ହାତରେ ଧରିଲା ପଦାର୍ଥ ଥରେ ।

ସେମାନେ କ'ଣ ବଞ୍ଚି ରହିଥିବେ ?

ହରି ମିସ୍ତ୍ରୀଙ୍କର ମନେ ପଡ଼େ ଏବଯାଏ, କେଜାଣି କେତେ ଥର, ତୁହାଇ ତୋଫାନ ମାଡ଼ି ଆସିଲା ପରି, ଅଶାୟଉ ଲହଡ଼ି ସେହି ତୋଫାନରେ ତଡ଼ିହୋଇ ଆସି ଆଗ୍ରତି ପଡ଼ି ଛିନ୍‌ଛତର ହେଲା ପରି, ଆନନ୍ଦର ଛାତିଥରା କୋହ ମାଡ଼ି ଆସେ । ସେ ମନର ଉଦ୍‌ବେଗ ରୋକି ପାରେ ନାହିଁ । ତା'ର ନୂଆ ଜୀବନର [illegible] । ସେତେବେଳର, ସେହି ପନ୍ଦର ବର୍ଷ ବିତି ଯାଇଥିବା ବେଳର ଘାଟିଅଁ ଲୋମଟାଙ୍କୁରା ଅନୁଭବ ବୟାନ କରେ—

ସେବତୀ ବିନନ୍ଦ ମହାପାତ୍ରଙ୍କର ବୋହୂ ହୋଇ ଆସିଲା । ତା'କୁ ଷୋଳ ପୂରି ସତର ଚାଲିଥିଲା । ଦୁର୍ବଳିଆ ସୁନା-ଖଡ଼ିକା । ସୁନ୍ଦରିଆ ମୁହଁଟି ଗୋଲଗାଲିଆ ନାକଟି ଲମ୍ବ । ଦୋଷ ଏତିକି ଯେ ସେ ଟିକିଏ ଶଙ୍ଖ-ଗୋରୀ । ସେବତୀ ତାଙ୍କ ଗାଆଁ ସ୍କୁଲରେ ନବମ ଶ୍ରେଣୀଯାଏ ପାଠ ପଢିଥିଲା । ଆନନ୍ଦର ବିଦ୍ୟା ଷଷ୍ଠ ଶ୍ରେଣୀ ପାସ ।

ନଳାକୂଳିଆ ଚାଷ ଜମି ଅଢ଼େଇ ଏକର । ତା' ଛଡ଼ା ଅଧ ଏକରରୁ ଅଧିକ ଘରକୁ ଲାଗି ବାଡ଼ି । ବିନନ୍ଦ କାମିକା ମଣିଷ । ସେ ଦିନେ ଭୀମ-ବଳୁଆ ଥିଲା । ଚାଷ କାମରେ ଧୁରନ୍ଧର । ଖରା-ବରଷା, ବାଆ-ବୟାର, ଶୀତ-କାକର ସେ ମାନୁ ନ ଥିଲା । ଅହରହ ଖଟିତି ।

ଜାତିରେ ସେ ବଢ଼େଇ ନୁହେ । କିନ୍ତୁ, କାଠ କାମରେ ତା'ର ସ୍ନେହ । ରତି ଅଧଯାଏ ଆଲୁଅ ଜାଳି କାଠ ଠୁକୁଠାକୁ କରେ । ବରାଦ ମାଫିକେ ଟେବୁଲ୍, ଚଉକି, ପଲଙ୍କ, ଇତ୍ୟାଦି କାମ କରେ । ହେଲେ, ତା' କାମ ଧୀର । ତା'ର ଅମାଡ଼ି ଥିଲା । [illegible] ତା'କୁ ଜଣା । ସୁନ୍ଦର, ସୁତରିଆ । ପସନ୍ଦିଆ କାମ ହେଲେ [illegible], [illegible] ଦେଲେ ପାରିଦିଆର ଧଇଯ ଲୋଡ଼ା ।

କାଠକାମ ବିନନ୍ଦର ବେଉସା ନ ଥିଲା, ଥିଲା ଗୋଟାଏ ସଉକ । ସେ ଜାଣିଥିଲା ଯେ ସେଥିରେ ଲାଗି ଗୃଷ-ଜମି ଭାଗ ବଖରା ଦେଲେ ଅଭାବ ମେଣ୍ଟିବ ନାହିଁ । ଧଇଁକାଶକୁ ଦବାଇ ରଖିବାକୁ ନିତି ସଞ୍ଜରେ ଅଫିମ ଲୋଡ଼ା । ତା' ସଙ୍ଗକୁ କ୍ଷୀର । ଆନ୍ଦିଆ ବୋଉର ଥରିଲା ବାତରୋଗ ପାଇଁ ପେଟକୁ ଔଷଧ । ମୁଣ୍ଡରେ ମାଲିସ କରିବାକୁ କବିରାଜି ତେଲ । ସେଇ ଆନ୍ଦିଆଟି ଯେ ଏକୋଇର ବଳା ବିଶିକେଶନ । ତା' ବାପ ବରଗ ।

ଦିନୁଦିନ ବିନନ୍ଦ କ୍ଷୀଣ ହେବାକୁ ଲାଗିଲା । ଶ୍ୱାସ ରୋଗ ଅଫିମ ମାନିଲା ନାହିଁ । ଆନ୍ଦିଆଟି ପିଲା । ଶିକ୍ଷକମାନେ ଡାକିବଜାଇ କହିଲେ, ତା' ମୁଣ୍ଡରେ ମଗଜ୍ ନ ଥିଲା, ଗୋବର ଥିଲା । ଓଡ଼ିଆ ଲେଖା ପଢ଼ା ଯତ୍ନେ କଷ୍ଟେ କିଛି ହେଲା ସତ, ଅଙ୍କ ବିଦ୍ୟା ମୁଣ୍ଡରେ ପଶିଲା ନାହିଁ । କାନମୋଡା, ବ୍ରହ୍ମଗୁପତା, ବେତ ମାଡ, ଯେତେ ପ୍ରକାର ଔଷଧ ମୁଣ୍ଡରୁ ଗୋବର ଝାଡି ପାରିଲା ନାହିଁ । ସେମାନେ କିନ୍ତୁ ଏକମତ ହୋଇଥିଲେ ଯେ ଆନ୍ଦିଆ ଭଲ ପିଲା । ସ୍ୱାସ୍ଥ୍ୟ ଯେମିତି ବଳିଷ୍ଠ, ରୂପ ସେମିତି ସୁନ୍ଦର । କୁହାର ବୋଲର । ଛଳକରେ ନାହିଁ । କାମକୁ ପାରଙ୍ଗମ ।

ପାଠକୁ ଜୁହାରି ତା' ରୋଗଣା ବାପର କୁହାରେ ଘରେ ରହି ଘର କାମରେ ସେ ଖାଲି ତା' ବାପାକୁ ନୁହେଁ ତା ବୋଉକୁ ବି ସାହାଯ୍ୟ କଲା । ଲଙ୍ଗଳଧରି ମୁଣ୍ଡ ଝାଳ ତୁଣ୍ଡରେ ମାରି ବିଲ ଚଷିବାକୁ ଅକ୍ଷମ ହେଲାରୁ ହାତ ଗୃଷ ଭାଙ୍ଗିଲା । ଜମି ଭାଗରେ ଲାଗିଲା । ତେର ପୂରି ଚଉଦ ପଶିଲା ପୁଅ ଆନ୍ଦିଆ କି କାମ ବା କରି ପାରନ୍ତା ? ଗାଈ ଗୋରୁଙ୍କର ସେବା, ବାପ ମାଆଙ୍କର ଯତ୍ନ, ଘରର ବାର ପାଇଟି, ତହିଁରେ ପୁଣି ଗାଆଁର ଯାନିଯାତ୍ରାରେ ଯୋଗ ଦେବା, ଏ ସବୁ କାମ ରହିଛି ।

କୁଳ ବେଉସା ନ ହେଲେ ବି ବାପର ସଉକିଆ କାଠକାମ ସଙ୍ଗେ ସେ ପିଲାଦିନରୁ ପରିଚିତ । ନିହଣ, ମୁଗୁର, ବାଟସି, କରତ ସଙ୍ଗେ ଖେଳି ଆସିଛି । ଟିକିଏ ବୟସ ହେଲାରୁ ବିନନ୍ଦକୁ ସାହାଯ୍ୟ କରି ପାରିଛି । ରୋଗଣା ବାପର ଦେହ କ୍ଷୀଣ ହୋଇ ଆସିଲାରୁ ତା'ର ହାତ ଥରିଲା । ଅଳପ କାମ କରୁଣୁ ସେ ହାଲିଆ ହୋଇ ପଡ଼ୁଥିଲା । କପାଳରୁ ଝାଳ ଝରୁଥିଲା । ଧଇଁ ସଇଁ । ଲଟରା କାଶରେ ଦେହ ଧନୁପରି ବାଙ୍କି ଯାଉଥିଲା ।

ଆନନ୍ଦର ଆଖିରୁ ଥପଥପ ଲୁହ ଝରି ପଡ଼େ । ଚୌଦ ବରଷର ପୁଅ ବାମକୁ ସମ୍ଭାଳେ । ମନେ ମନେ ଠାକୁରଙ୍କୁ କହେ, ତମେ ବଡ ନିର୍ଦ୍ଦୟ । ଭଉଣୀଟିଏ ଭଲା ମତେ ଦେଇ ଥାଅନ୍ତ ! ନ ହେଲେ ନାହିଁ, ସାନ ଭଉଣୀଟିଏ । କେମିତି ରୋଗଣା ବାପା, ରୋଗଣା ମାଆଙ୍କର ବାଧକା ପଡ଼ିଲାବେଳେ ସେବା କରି ପାରିବି ? ଘରର ଓ ବାହାରର କାମ ବି ଅଛି ।

ହରି ମିସ୍ତ୍ରୀଙ୍କ ଆଗରେ ତା'ର ପିଲାଦିନର ଘଟଣା ସଙ୍ଗେ ମନର ଭାବନା ପ୍ରକାଶ କରିଛି —

ସୁଖେ ଦୁଃଖେ ସମୟ କଟିଗଲା । ଛୋଟ ସଂସାରର ଚଳଣ ଅଭ୍ୟାସ-ପାଲଟା ହେଲା । ଆନନ୍ଦକୁ କୋଡିଏ ପୂରିଲା । ବଳିଷ୍ଠ ଟୋକା । ଦେହରେ ଅଳସ

ନ ଥାଏ । ବିଲବାରି କାମ, ଘର ପାଇଟି, ବାପମାଆଙ୍କ ସେବା, ଗାଈଆଁ ମୁରବି ମାନଙ୍କର ହୁକୁମ ଓ ବରଦୀ ଆଡ଼ତି ସବୁ ତୁଲାଉଣୁ ବେଳ ନିଅଣ୍ଟ । ତଥାପି, ସେ ନିହଣ, ମୁଗୁର, ବାରସିକୁ ହାତଛଡ଼ା କରେ ନାହିଁ । ସକାଳେ ନୋହିଲେ ରାତିରେ ସେ ସେଇଥିରେ କାଠ ସଙ୍ଗରେ କଥାଭାଷା ହୁଏ ।

ବାପ ମନ ଖୁସିରେ ତା'କୁ କାମର ବାଟ ବତାଏ । ଇଲମ ଶିଖାଏ । କହେ, ପୁଅରେ, ଜାଣିଥା, ଦାଠ କାଟ ମୁଣ୍ଡ କାଟ ସଙ୍ଗେ ସମାନ । ଥରେ କଟିଲେ ସଇଲା । ଆଉ ଅକଲ ନ ପାଏ । ଲମ୍ବ ପଣତ ସବୁଆଡ଼କୁ ପାଏ । ଆଗ ବିଚାର, ସେଇଠୁ ଭାଗ ମାପ, ସେଇଠୁ କାମ ।

ଆନନ୍ଦର କାମକୁ ବିନନ୍ଦ ପସନ୍ଦ କରେ । ସରସ ନକ୍ସା କାମ । ହାତ ଫୁର୍ତ୍ତି ।

ଗାଁ ଲୋକେ, ଚିହ୍ନା ପରିଚ ଆପଣାର ଲୋକେ ପରିଶ୍ରମକୁ ଠିକ୍ ମୂଲ୍ୟ ଦିଅନ୍ତି ନାହିଁ । କେତେ ଧିକିଚିକି ! ଦାନ ଦେଲା ପରି ଅଳପ ଦେଇ ବହୁତ ରଖନ୍ତି ବାକିଆ । ତେଣିକି ଧାଇଁଥାଉରେ ବାପ । ଦେଖା ପାଇବା କାଠିକର ପାଠ । ହାବୁଡ଼େ ପଡ଼ିଲେ କାଲିକି ଦେବି । କେତେ କାଲି ବିତେ । ବାକ୍ ବିତଣ୍ଡା । ଅଶାନ୍ତି ! ମନହୁଏ ସବୁ ଯନ୍ତ୍ରପାତି ନଇକି ଫିଙ୍ଗିବ । କାମକୁ ଜୁହାର କରିବ । ଲୋକଙ୍କୁ ବି !

ବିନନ୍ଦ ବୁଝାଇ କହେ, ଚୋରକୁ ମାନ କଲେ କି ଲାଭ ମିଳିବ ? ଆରେ ପୁଅ, ହେତୁ ପାଇଲା ଦିନରୁ ମୁଁ ମଣିଷର ଏଇ ଖୋଳ ଦେଖି ଆସିଛି । ମୋ' ବାପା, ଗୋସେଇଁବାପାଙ୍କ ପାଖରୁ ଶୁଣିଛି । ତାଙ୍କ ଅମଳର ଲୋକଙ୍କର ପ୍ରକୃତି ସେଇଆ ଥିଲା । ଫିସାଦି କରିବା, ଧପ୍‌ପା ମାରିବା, ନିରୀହ ସରଳ ସଚ୍ଚୋଟ ଲୋକଙ୍କର ଅଳପ ଧନକୁ ନାନା କୌଶଳରେ ନିଜପାଖକୁ ଓଟାରି ନେବା ସେମାନଙ୍କର ନୀତି । କ'ଣ କରିବା ? ଲୋକ ଚିହ୍ନୁ ଚିହ୍ନୁ ସବୁ ସରିଥିବ । ମନେ ରଖିଥିବୁ ଏତିକି ଆଗେ ମଉସା, ଆଗ ପଇସା । ସେଇଠୁ ଦରବ ନିଅ ।

ଆନନ୍ଦ ଜାଣେ, ବାପର ଉପଦେଶ ମାନିବା କଷ୍ଟ । ସେମାନଙ୍କର କଅଁଳ ଖୁସାମଦିଆ ଟକାଟେକି କଥାରେ ମୋହିନୀ-ଶକ୍ତି ଥାଏ । ସେଥିରେ ଭୁଲି ହୋଇଯାଏ । ମନ ଦୃଢ଼ କରି ବାକିବକର ନ ଦେଲେ ସେମାନେ ଆକ୍ରୋଶ ରଖନ୍ତି । ନାନା ଉପାୟରେ ଅକଡ଼ାଇ ହଇରାଣ କରନ୍ତି ।

ଆନନ୍ଦ କହେ - ସବୁଠାରୁ ଭଲ ଆର ଗାଆଁର ରଥ ମହାରଣା, ଆଉ ତା ସାଙ୍ଗମାନଙ୍କ ପରି କଲିକତା ଯିବା, କେଉଁ କାଠକାରଖାନାରେ କାମ କରିବା । ମାଲିକମାନେ ଭଲ ଦରମା ଦିଅନ୍ତି । ଧିକି ଚିକି ନାହିଁ ।

ତା କଥା ଶୁଣି ବିନନ୍ଦ କହିଲା, ଯାହା କହିଲୁ ସତ । ଏ ଘରବାରି, ତୋ'ର ରୋଗଣା ବାପା, ରୋଗଣୀ ମାଆକୁ ସମ୍ଭାଳିବ କିଏ ? ରଥ କଲିକତାରେ ଭଲ ରୋଜଗାର କରୁଛି । ରୀତିମତ ଟଙ୍କା ପଠାଉଛି । ତା' ବାପ ଦାସ ଘରର କରଜ ଶୁଝି, ଜମି ପାଞ୍ଚ ଗୁଣ୍ଠ କିଣିଲାଣି । ଆମ କରଜର ସୁଧ ବଢୁଛିରେ ପୁଅ ! ଭୋବନି ଦାସ ମହାଜନ କେତେଥର ତାଗିଦା କରିଟଲାଣି । ଟଙ୍କା ଦୁଇଶ ମୂଳ କରଜ ପାଇଁ

ଶେଷକୁ ସେ ନାଳ କୂଳିଆ ଓସ୍ତ ଗଡ଼୍ରୀରର ଚଉଦ ଗୁଣ୍ଠ ଜମି ନେବ କି କ'ଣ । କରଜ ଟଙ୍କା ଔଷଧ ପତ୍ରରେ, ବଇଦ ପେଟରେ ଗଲା ।

ଆନନ୍ଦ ପଚାରିଲା, କି ପ୍ରତିକାର କରିବା ?

ତା' ବାପା କହିଲେ, ସତାର୍ କର । ଯାହା ହେଲେ ଭବି ବିଚାରି କରିବା । ତୋ' ବୋଉକୁ ଥରେ ପଚାରିବି । ସେ ରାଜି ହେଲେ ସବୁ ଠିକ୍ ହୋଇଯିବ ।

ହରି ମିସ୍ତ୍ରୀଙ୍କୁ ଆନନ୍ଦ କହେ —

ଘରକାମ ସମ୍ଭାଳିବାକୁ, ବାପ ମାଆଙ୍କର ସେବା କରିବାକୁ, ଯତ୍ନ ନେବାକୁ ସେ ଅମାନିଆଁ ଅଡଟିଆ ହୋଇ ନ ଥିଲା । ବିନନ୍ଦ ସେବତୀକୁ ବୋହୂ କରି ଆଣିଲା ।

ପାଠୋଇ ଝିଅ । କାମିକା ଝିଅ । ବାପଘରେ ସେ ଥିଲା ହୀନକପାଳୀ । ମା ପେଟରେ ଥାଉଣୁ ବାପକୁ ଖାଇଥିଲା । ଚାରି ପୂରି ପାଞ୍ଚ ଚାଲିଲା ବେଳକୁ ତା' ମା' ବି ତା'କୁ ଛାଡ଼ି ସେପୁରକୁ ଚାଲିଗଲା । ଦି' ପୁରୁଷ ଛଡ଼ା ଦାଦିଖୁଡ଼ୀଙ୍କ ଆଶ୍ରାରେ ସେ ବଢ଼ିଥିଲା ।

ସେବତୀ ବଞ୍ଚି ରହିବାର ସୁଯୋଗ ପାଇଥିଲା । ପୂର୍ବ ପୁରୁଷଙ୍କ କଲ୍ୟାଣ । ଘରବାରି ମିଶି ପାଞ୍ଚ ଗୁଣ୍ଠ ଓ ଚାଷ ଜମି ଦୁଇ ଏକର ସେମାନେ ଛାଡ଼ି ଯାଇଥିଲେ । ତା' ବାପ ନିଜ ଅମଳରେ ଅଧିକ କିଛି କରି ନ ଥିଲେ । ଦେହ ମିହନ୍ତରେ କୌଣସି ମତେ ସଂସାର ଚଳାଉଥିଲେ ।

ସେବତୀର ମା' ମଲା ପରେ ଯେଉଁ ଦୂର ସମ୍ପର୍କର ଦାଦି ଓ ଖୁଡ଼ୀ ତା'କୁ ଦୟା ପାଇ ଘରେ ଥ ନ ଦେଲେ ସେମାନଙ୍କର ଆଖି ଥିଲା ତା'ର ସେଇ ଘରବାରି ଓ ଦୋ ଫସଲୀ ଭୂମି ଉପରେ । ଗ୍ରାମବାସୀ ଏହା ଜାଣିଥିଲେ । ବାପ ମଲା ପରେ ସେବତୀର ବିଧବା ମା'ର ସେହି ସମ୍ପତ୍ତି ଉପରେ ସେମାନଙ୍କ ଭିତରୁ କା'ହାରି କାହାରି ଲୋଭ ବଳିଥିଲା । କେହି କେହି ଉପରେ ପଡ଼ି ବିଧବାକୁ ଦୟା ଦେଖାଇବାକୁ ଆଗେଇ ଆସିଥିଲେ । କିନ୍ତୁ ଘଟଣା ଘଟିଲା ଅନ୍ୟ ପ୍ରକାରେ ।

ସେହି ହାଇଁ ପାଇଁଆମାନେ ସେବତୀର ଦାଦି ଉପରେ ଈର୍ଷା କରୁଥିଲେ । ପିଲାଟିର ସମ୍ପତ୍ତି ଭୋଗ କରି ତା' ଉପରେ ଅତ୍ୟାଚାର କରୁଛି, ଖାଇବାକୁ ପିନ୍ଧିବାକୁ ଦେଉ ନାହିଁ, ପାଠ ପଢ଼ାଉ ନାହିଁ, ପ୍ରାଣମୂର୍ଚ୍ଛା ଖଟାଉଛି, ଏହିପରି କୁତ୍ସା ରଟାଇ ନିଜର ବିଅର୍ଥ ଆଶା ପାଇଁ ମନର ଓରମାନକୁ ସାଉଁଳି ଦେଉଥିଲେ ।

ସେମାନଙ୍କର ଈର୍ଷା ଓ ଆକ୍ରୋଶ ସେବତୀର ରକ୍ଷା-କବଚ ହୋଇଥିଲା । ଦାଦିଖୁଡ଼ିଙ୍କର ଘୃଣା, ଏ ଝିଅଟା ମଲେ ନିଷ୍କୃତି ମିଳିବ କଲ୍ୟାଣ, ହାଡଭଙ୍ଗା ଖଟଣୀ ଓ ଅଣଚେହଳା ସତ୍ତ୍ୱେ ସେବତୀ ବଢ଼ି ଉଠିଥିଲା । ତା'ର ଖଣ୍ଡିଆ ଡିହ, ପଡ଼ିଆ ବାଡ଼ି ଓ ଦି' ମାଣ ଜମି ବିନିମୟରେ ବାହାଘର ଖର୍ଚ୍ଚକୁ ଛାଡ଼ି ତା'ର ସିଆଣିଆଁ ଦାଦି ବିନନ୍ଦକୁ ଟଙ୍କା ଚାଳିଶ ଦେଇଥିଲେ । ଦେଲା ନାରୀ ହେଲା ପାରି ରୀତିରେ ସେ ନିଶ୍ଚିନ୍ତ ।

ହେଉ ପଛେ ଅଳ୍ପ ପାଉଣା, ବିନନ୍ଦ ସୁନ୍ଦରିଆ କାମିକା ବୋହୂଟିଏ ପାଇ ଖୁସି । ସେହି ଟଙ୍କାରେ ସେ ଭୈବନି ଦାସ ମହାଜନଙ୍କର କରଜ ଟଙ୍କା ପରିଶୋଧ କରି ଓସ୍ତଗହ୍ୱୀରର ସୁନାଥାଳି ଜମିକୁ ବନ୍ଧକମୁକ୍ତ କରିବାକୁ ବିଚାରିଥିଲା । କିନ୍ତୁ, ଦେଉଳକୁ ମୁଖଶାଳା ବଳିଲା ପରି କରଜକୁ ଚକ୍ରବୃଦ୍ଧି ସୁଧ ବଳେଇ ପଡ଼ିଥିଲା । ଭୂମିଖଣ୍ଡିକ ଫେରି ଆସିବ, ଏ ଆଶା ସାତ ସପନ ହେଲା । ତେବେ, ସୁଧ ବାବଦ ଯେ ଟଙ୍କା ଦେଲାରୁ ମହାଜନ କୋର୍ଟ କଚେରୀକୁ ଗଲା ନାହିଁ । ଜମି ଝଣ୍ଟି ନିଲାମ କରାଇ ନିଜ ଆୟତ୍ତକୁ ନେଲା ନାହିଁ । ହାଣ-କୁରାଢ଼ି ବେକକୁ ଉଞ୍ଚାଇ କାରବାର ହେଲା ।

ହରି ମିସ୍ତ୍ରୀଙ୍କ ଆଗରେ ଦୁଃଖ ଜରଜର ଖନିଆ ସ୍ୱରରେ ଆନନ୍ଦ ଟପେ—

ହେହି ମହାଜନର ପାକୁଆ ହସ, ହସିଲା ଗୃହାଣୀ ଖାଲି ବିନନ୍ଦର ନୁହେଁ, ଆନନ୍ଦର ବି ହାଲୁକ ଶୁଖାଏ । ସେହି ପାଣି କରେ । ମୁରବିପଣରେ ସେ ଡିଆରି କହେ, ପୁଣି ସୁଧ ବଢ଼ି ଯାଉଛି । ସେତକ ଦେଇଦିଅ । ମୂଳ ଅତକୁ କିଛି ସୁଝଟ କର । ନୋ ନେ, ଜମିଖଣ୍ଡ କବଲା କରିଦିଅ । ବାକିଆ ପାଉଣା କାଟ ଯାଇ ତମର କିଛି ହାତପଇଠ ହେବ । କେତେଦିନ ଯାଏ ଏମିତି ଘୋଷାରି ହେଉଥିବ ?

ଆନନ୍ଦ ଓ ବିନନ୍ଦଙ୍କର କଲିଜା କିଏ ଛିଣ୍ଡାଇଲା ପରି ଲାଗେ ।

ଲକ୍ଷ୍ମୀ ବୋହୂଟିଏ ସେବତୀ । ଘରେ ପାଦ ଦେଲାଟୁ ସମସ୍ତଙ୍କର ସବୁ ଦୁଃଖ ଭୁଲେଇ ଦେଲା । ବୋହୂ ସିଏ, ଝିଅ ସିଏ । ଲୋଟଣୀ ପାରି । ସବୁ କାମ ଆଦରି ନେଲା । ଶାଶୁ ଶ୍ୱଶୁରଙ୍କ ସେବା କରେ । ହିସାବ ଲେଖେ । ସବୁ ଓଷାବ୍ରତ ପାଳେ । ରାତିରେ ପୁରାଣ ଶୁଣାଏ । ଅଣ୍ଟ ନିଅଣ୍ଟରେ ନିଜେ ପଛେ ପାଣି ତୋରାଣି ପିଇ ରହିବ, ମୁହଁରୁ ହସ ଖସାଇବ ନାହିଁ ।

ଗାଁ ମାଇପେ କହନ୍ତି, ସୁ-ଢଗର ବୋହୂଟି, ସୁଖ ଦୁଃଖରେ ସାଥୀ । କୋଟିକେ ଗୋଟିଏ ।

ଦୁଇଟି ବର୍ଷ କଟିଲା । ନୂଆବୋହୂ ପୁରୁଣା ହୋଇ ଆସିଲା । ଘର ସମ୍ଭାଳିଲା । ଶାଶୁ, ଶଶୁର, ଟ ଳ, ନଣନ୍ଦ, ଘର ବାଡ଼ିର ଦାୟିତ୍ୱ ମୁଣ୍ଡାଇଲା । ତା'ର ସ୍ୱାସ୍ଥ୍ୟ ବଦଳିଲା । ରଙ୍ଗ ଫିଟିଲା । ଦେହ ହାତ ପୂରି ପୂଟି ଉଠିଲା । ଝିଅଣିଆଁ ଥିଲା, ହେଲା ମାଇପିଟିଏ । ପେଟରେ ରହିଲା ପିଲା ।

ଆନନ୍ଦ ମଣିଲା, ସେବତୀ ପରିକା ବଡଆଖିଆ, ସର୍ବସହଣୀ, ଦୁଃଖ-ସୁଖର କାମିକା ବୋହୂଟି ଏଣିକି ଘର ସମ୍ଭାଳି ପାରିବ । କଅଣ ବା ନିଧିନମଣ୍ଡି ନିଅଣ୍ଟିଆ ଘରେ ପୂରି ରହିବି ଯେ ସେ ଗ୍ରେଟ-ଟଙ୍କଟଙ୍କୁ ଡରି ମରିବ ? ଚଥ ମହାରଣାଙ୍କ ସଙ୍ଗେ କଲିକତା ଗଲେ ଦେଲ ରୁଟିପଇସା ରୋଜଗାର କରିବ । ମହାଜନ ଭୈବନି ଦାସର କରଜ ସୁଝି ପାରିବ । ସେଇଠୁ ସମସ୍ତେ ନିଶ୍ଚିନ୍ତ ।

ଖେଳବନି ଦାସ ବୁଢ଼ା ରାତିରେ ସପନରେ ବି ତାକୁ ଡରାଏ । ଚନ୍ଦାମୁଣ୍ଡିଆ । ଧଡିଆ ଧେଙ୍ଗଡ଼ା । ବାଉଁଶକଣି ପରି ଡେଙ୍ଗା । ପାକୁଆ । ଚିତାଚଢ଼ତିନିଆ । ଗୋରା ତକତକ । କପାଳ ଉପର ଚନ୍ଦନପାଟି ମଝିରେ ଆଠଣି ଆକାରର ଗୋଲା-ସିନ୍ଦୂର ଠୋପା । ଆଖି ଦିଓଟି ହସ ହସ ।

କଅଁଳ-କୁହା ଧର୍ମାତ୍ମା ଲୋକ ଯେ ହରିଙ୍କ ନାମ ତୁଣ୍ଡରେ ବସା ବାନ୍ଧିଥାଏ । ହାତଯୋଡ଼ି କପାଳରେ ଥାପି ଦୁର୍ଗା ଦୁର୍ଗା କହି ସୁଧ କମାଇବାକୁ ମୁଣ୍ଡ ହଲାଇ ମନା କରିଦିଏ । ଆଖିବୁଜି ଶିବ ଶିବ ହୋଇ କହେ ଜବାବ୍ ଯେ ବେଦ-ବାଣୀ ରେ ପୁଅ, ତା'ର ଖିଲାପ ହେଲେ ଅହି-ନରକରେ ଠାବ ।

ସପନରେ ସେ ଅଜଗର ସାପ ହୋଇ ଆଁ-କରି ଗିଳିବାକୁ ଆସେ । କେତେ କୁଟୁମ୍ବ ସେ ଗିଳି ସାରିଲାଣି ।

ନାହିଁ ନାହିଁ ହୋଇ ବିନନ୍ଦ ରାଜି ହେଲା । ଆନନ୍ଦର ବୋଉ ଆଖିରୁ ଲୁହ ଗଡ଼ାଇଲା । ସେବତୀ ମୁହଁ ଶୁଖାଇଲା । ଲୁଚେଇ ଲୁଚେଇ କାନ୍ଦିଲା । ତଥାପି, ଆନନ୍ଦ ରଥ ମହାରଣାଙ୍କ ସଙ୍ଗେ କଲିକତା ଗଲା ।

ତିନି ବର୍ଷର ବୋହୂ ସେବତୀ ଘର ସମ୍ଭାଳିଲା । ଆନନ୍ଦର ମନରେ ଦମ୍ଭ ଆଣିବାକୁ ସେ ବରାବର ଚିଠି ଲେଖେ । ସବୁ ଟଙ୍କା ନ ପଠାଇ ସୁଖରେ ରହିବାକୁ, ଭଲ ଖାଇବାକୁ, ନିଜ ଦେହର ଯତ୍ନ ନେବାକୁ ସେ ରଣ ନିୟମ ପକାଇ ନେହୁରା କରେ ।

ଆନନ୍ଦ ଜୀବନ-ମୂର୍ଚ୍ଛା ପରିଶ୍ରମ ବାବୁଘର କାରଖାନାରେ କରେ । ଭଲ ରୋଜଗାର । ବିନନ୍ଦ ନାମରେ ଘରକୁ ରୀତିମତ ଟଙ୍କା ପଠାଏ । ତିନି ଚାରି ମାସରେ ଚାରି ପାଞ୍ଚ ଦିନ ଛୁଟି ନେଇ ଘରକୁ ଆସେ । ହାଲଚାଲ ବୁଝେ । ପରିଶ୍ରମ କରି ଅସଜଡ଼ା କାମ ସଜାଡ଼ି କଲିକତା ଫେରିଯାଏ ।

ଏ ରୀତି ଅଭ୍ୟାସ ପାଲଟା ହେଲା ।

ସେବତୀର କୋଳକୁ ଆସିଲା ଝିଅଟିଏ ।

ଆନନ୍ଦର ବୋଉ ଆଗ ମୁହଁ ମୋଡ଼ି ଦେଲା । କହିଲା, କେଡ଼େ ଆଶା ସେ କରିଥିଲା, କେତେଥର ସପନ ଦେଖିଥିଲା ପୁଅଟିଏ ହୋଇଛି । କୁଳ ଉଜ୍ଜ୍ୱଳ କରିବ । ଗରିବ ଘରର ଦୁଃଖ ବଢ଼ାଇବାକୁ, ଅଣ୍ଡିଆକୁ ତଣ୍ଡେଇବାକୁ, ବାକି ଜମିତକ ମହାଜନ ଖେଳବନି ଦାସକୁ ଲେଖାଇ ଦେବାକୁ, ଷଠୀ ଏ ଘରକୁ ଝିଅ ନୁହେଁ ଯେ କେଉଁ ଜନମର ବଇରୀ ପଠାଇଛି ।

ଟିକି ଝିଅର କୁଲୁକୁଲିଆ ଛନଛନିଆ ମଲ୍ଲୀଫୁଲିଆ ସୁନ୍ଦର ମୁହଁକୁ ନିଜ-ଭୁଲା ଆଖିରେ ନିରେଖି ପୁଣି କହିଲା, ହଁ, ପୁଅ କାହାର ଝିଅ କାହାର ? ଯେ ଗୁରୁବାର ଦିନ ପାଦ ତଳକୁ କରି ଜନମ, ଲକ୍ଷ୍ମୀ କଳାରେ । ଦେଖିବ ରହ, ଆମେ ସିନା ଦେଖିବାକୁ ନଥିବୁ, ଆଣ୍ଡିଆର ଘରେ ଧନ ସମ୍ପଦ ଭରିଯିବ । ଏଇ ଗରିବ ଘର ହସି ଉଠିବ । ବାପ ମାଆଙ୍କର ଆଇଷ ବଢ଼ି ବିଶାଖହେ ହେବ । –

ମନେ ପଡ଼ିଗଲେ ଏବଯାଏ ଆନନ୍ଦ ଗର୍ପେ । ତା'ର ଆଖି ଛଳ ଛଳ ହୁଏ । ସେ ଦୀର୍ଘଶ୍ୱାସ ଛାଡ଼ୁଥାଏ । କେଉଁ ଯୁଗର କଥା, ହେଲେଇଟି ଆଖି-ଆଗରେ ଏବେ ଘଟିଗଲା ପରି ସେ ମଣୁଥାଏ ।

ହରି ମିସ୍ତ୍ରୀ ଶୁଣନ୍ତି ! ବାରମ୍ବାର ଶୁଣନ୍ତି । ପୁରୁଣା ଘଟଣାର ଟିକିନିଖି ବର୍ଣ୍ଣନା । କହୁଛି ତ କହୁ ! ବାରବର୍ଷ ହେଲା କହୁଛି । ତା' ଛାତିତଳେ, ମୁଣ୍ଡ ଭିତରେ ଲୁଚି ରହିଛି ଦୁଃଖର ଅନୁଭବ । ତାକୁ ପୁଣି ପଦାକୁ ଫିଙ୍ଗିଲେ ବି ସରୁ ନାହିଁ । ତା'ର ନୂଆ ସଂସାର, ନୂଆ ବନ୍ଧନ, ନୂଆ ଜଞ୍ଜାଳ ବିଗତ ବେଦନାକୁ ଘୋଡ଼ାଇ ପାରି ନାହିଁ ।

ଆନନ୍ଦ କହେ—

ପ୍ରଳୟ ଜଳର କୋପ ଦେଖି ସେ ହତାଶ ହୋଇଥିଲା । ସେହି ଜଳର ନାଚିଲା ପ୍ରବାହ, ତା'ର ଘୂରିଲା ଭଉଁରି ଖେଳ ଦେଖି, ଗର୍ଜନ ଶୁଣି ସେ ଛାନିଆ ହୋଇଥିଲା । ବୁଝିବାକୁ ବାକି ରହିଲା ନାହିଁ ଯେ ତା'ର ସଂସାର ଭସି ଯାଇଛି । ସେମାନେ ବଂଚି ନାହାନ୍ତି । ସେମାନଙ୍କ ସଙ୍ଗେ ଆଉ ଏ ଜୀବନରେ ଦେଖା ହେବ ନାହିଁ । ରାତି ଅଧରେ ବନ୍ଧ ଭାଙ୍ଗିଛି । ସମସ୍ତେ ନିଘୋଡ଼ ନିଦରେ ଚେତନା ହରାଇ ଶୋଇ ପଡିଥିବେ ।

ବାଇଆ ବାତୁଳ ହୋଇ ସେ ଫେରି ଆସୁଥିଲା । ନଦୀବନ୍ଧ ଉପରେ କେତେ ସ୍ଥାନରେ ଲୋକେ ଆଶ୍ରା ନେଇଥିଲେ । ସ୍ତ୍ରୀ, ପିଲା, ଗୋରୁଗାଈ । ଉଦ୍ଧାର କରି ଆଣିଥିବା ଜିନିଷପତ୍ର । ଦୂର ଓ ପାଖ ଗ୍ରାମର ଅଚିହ୍ନା ଲୋକେ । ମୁହଁ ଚିହ୍ନା କେହି କେହି ଥିଲେ । ସମସ୍ତେ କିପରି ବର୍ଷା-ବତ୍ୟାରର ଅଦଉତିରୁ ନିଜକୁ ଓ ପିଲାଛୁଆଙ୍କୁ ରକ୍ଷା କରିବେ ସେଥିପାଇଁ ବିକଳ । ନିଜ ନିଜର ଦାୟିତ୍ୱରୁ ଓହରି, କର୍ତ୍ତବ୍ୟକୁ ଏଡ଼ି, ଅନ୍ୟର ଦୁଃଖକୁ ଆପଣାର କରିବାକୁ କିଏ ଆଗେଇ ଆସନ୍ତା ? ଶୁଣିବାକୁ ତର ନାହିଁ ।

ଅଧା ବାଇଆ ଆନନ୍ଦ ହତାଶ ହୋଇଥିଲା ।

ଆକାଶରେ ବାଦଲ, ତଳେ ଝିପି ଝିପି ବରଷା ନ ମାନି ବେଳେ ବେଳେ ଉଡ଼ା ଜାହାଜ ଉଡ଼ୁଥିଲା । ତଳେଇ ଆସି କେଉଁଠି ପାଣି ଘେର ଭିତରେ ଉଚ୍ଚ ଜାଗାରେ, ନଦୀ-ବନ୍ଧ, ନାଳ-ବନ୍ଧ ଓ ଉଚ୍ଚ ରାସ୍ତା ଉପରେ ଖାଦ୍ୟପୁଡ଼ା ପକାଉଥିଲା ।

ଆନନ୍ଦର ମିଞ୍ଜି ମିଞ୍ଜି ଆଶା ଅଳପ ତେଜି ହେଉଥିଲା । ଯେଉଁ ଉଚ୍ଚ ଥାନମାନଙ୍କରେ ଲୋକ ଜମି ରହିଥିଲେ, କେଜାଣି, ଠାକୁରମାନଙ୍କର ଦୟାରୁ କେଉଁ ଦୟାବନ୍ତ ଲୋକଙ୍କର ସାହାଯ୍ୟରେ ତା'ର ଅପାରଗ ବାପା ବୋଉ, ଅସଜ ଘରଣୀ, ଉତିଆଣି ଝିଅ ଆଶ୍ରା ନେଇଥିବେ ପରା । ଦୂରେଇ ଦୂରେଇ ବେତୋଟି ଡଙ୍ଗା ସୁଅ କାଟି କେଉଁମାନଙ୍କୁ ଧରି ଗତି କରୁଛି । ସେଥିରେ ଉଦ୍ଧାରକାରୀମାନେ ଥିବେ । ବିପଦରେ ପଡିଥିବା, ପାଣିରେ ଉବୁଟୁବୁ ହେଉଥିବା ଲୋକମାନଙ୍କୁ ଛାଣି ନେଉଥିବେ । ତା'ର ବାପ, ମା, ସ୍ତ୍ରୀ ଓ ଝିଅକୁ ନିଶ୍ଚୟ ଉଦ୍ଧରିଥିବେ ।

ସେଇଆ ହୋଇଥାଉ, ହେ ଠାକୁରମାନେ !

ଆନନ୍ଦର ମନ ମାନିଲା ନାହିଁ । ନିଜ ଆଖିରେ ସେମାନଙ୍କୁ ନ ଦେଖିଲେ କେମିତି ସେ ନିଶ୍ଚିନ୍ତ ହେବ ? ଧୈର୍ଯ୍ୟ ଧରି ରହିବ ? ସେ ବାଇଆ-କୁକୁର ପରି ଏଣେ ତେଣେ ଧାଇଁଲା । କୌଣସିମତେ ଓଦା ସରସର ହୋଇ ଯେଉଁଠି ନାଳବନ୍ଧ ବଡ଼ରାସ୍ତାକୁ ଛୁଇଁଛି ସେଠାକୁ ଆସିଲା ।

ଆଗରେ ପଛରେ ରାସ୍ତା ଉପରେ ପାଣି ଗଳିଛି । ବତାସରେ ଦୁଇକଡ଼ର ବଡ଼ ବଡ଼ ଗଛ ଦୋହଲୁଛି । ବଡ଼-ଛୋଟ ଡାଳ ଭାଙ୍ଗି ପଡ଼ିଛି । ଭାଙ୍ଗୁଛି । ରାସ୍ତା ଅବରୋଧ କରିଛି । କେତେ ଗଛ ମୂଳରୁ ଉପୁଡ଼ି ପଡ଼ିଛନ୍ତି । ଗଛତଳ ନିରାପଦ ନୁହେଁ । ପବନର ତୋଡ଼ରେ ଖୋଲା ସ୍ଥାନମାନଙ୍କରେ ରହି ହେଉନାହିଁ । ଲୋକେ ବାଇବିଛ ହୋଇ ଦୁଇଆଡ଼କୁ ଧାଇଁଛନ୍ତି । ନିଜ ରକ୍ଷଣ ଅସମ୍ଭବ ମନେ ହେଉଛି । ଅନ୍ୟକୁ ରକ୍ଷା କରିବାର ଧାରଣା ମନ ଛୁଉଁନାହିଁ ।

ଆନନ୍ଦ ବାଇଆ ପରି ଧାଇଁଥିଲା ।

—ହଁ, ହରି ଭଇ । ଶୁଣ, ଜୀବନ ଉପରେ ପଡ଼ିଲେ ମଣିଷର ମନକୁ ଆଉ କେହି ଦିଶନ୍ତି ନାହିଁ ମ । ଜୀବନଟା ଏମିତିକା ଅଦେଖା ଆପଣାସାର୍ଥିକା ।

ବତାର ସଙ୍ଗକୁ ବର୍ଷା । ରାସ୍ତାର ଦୁଇକଡ଼ରେ ପାଣି ଢେଉ ଭାଙ୍ଗୁଥାଏ । ରାସ୍ତା ଉପରେ ବଳାଗଣ୍ଠିଏ ପାଣି । ଦୁଇପାଖର ଗଛ ଜୋରରେ ଦୋହଲି ଦୋହଲି ଆତୁରିଆ ଚିତ୍କାର ଛାଡ଼ୁଥାଆନ୍ତି । ମେଘ ଅନ୍ଧାର ସଞ୍ଜ ଅନ୍ଧାରକୁ ବଳି ପଡ଼ୁଥାଏ । ଧାଇଁବାକୁ ଦେହରେ ଶକ୍ତି ନଥାଏ । ଆଗରେ ରାସ୍ତା ଟପି ପାଣିର ସୁଅ ଛୁଟିଛି । ଦିଶୁଛି ନଈପଠିକା । ପଶି ହେବ ନାହିଁ । ପାରି ହୋଇ ହେବ ନାହିଁ ।

ବର୍ଷା-ବତାସର ବାହୁନାକୁ ବୁଡ଼ାଇ ଦେଉଥାଏ ସ୍ତ୍ରୀ-ପିଲାଙ୍କ ବିକଳ କାନ୍ଦଣାର ରଡ଼ି । ଗଛଉପୁଡ଼ା, ଡାଳ ଭଙ୍ଗାର ରଡ଼ ରଡ଼ ଶବଦ । ଆନନ୍ଦ ମଣିଲା, ଏସବୁ ପ୍ରଳୟର କୁହାଟ । ମାଡ଼ି ଆସିଲାଣି । ସମସ୍ତେ ମରିବେ । କିଏ ଆଗ, କିଏ ପଛ । ଜୀବନର ଆରପାରିରେ ଭେଟ । ସେମାନେ ଆଗରୁ ଗଲେଣି । ସବା ପଛରେ ତା'ର ପାଳି । ପ୍ରାଣ ଥିବାପାଏ କଳବଳ, ଛଟପଟ ।

ଦେହର ବସନରୁ ପାଣି ନିଗିଡ଼ି ଧାର ବହୁଛି । ମଞ୍ଜ ଥରୁଛି ।

ଅନ୍ୟମାନଙ୍କ ପରି ପ୍ରାଣ ବିକଳରେ ସେ ରାସ୍ତା ଉପର ପାଣି ଧାରକୁ ପଛ କରି ଯେଉଁଆଡରୁ ଆସିଥିଲା ସେହି ଆଡ଼କୁ ଟଳ ଟଳ ହୋଇ ଧାଇଁଲା । ଅନ୍ଧାର ଘୋଟି ଗଲାଣି । ମନେ ହେଉଥିଲା, ଯେପରି ପଛୁଆଣି ପାଣି ପଛଆଡ଼ୁ ଟାଣି ଧରୁଛି । ଓଟାରି ନେବ । ଆଣ୍ଠୁଆଣି ପାଣିର ସୁଅ କାଟି, ଭଙ୍ଗା ଡ଼ାଳଗୁଡ଼ିକର ହଲଚଲିଆ ଦୋହଲା ଗଣ୍ଡି ଡେଇଁ ଡେଇଁକା ସେ ଆଗେଇ ଯାଉଥିଲା । ଥର ଥର ହାତ ଦିଓଟି ହୋଇଥିଲା ତା'ର ଆଖି ।

ସତେ କି ବଜ୍ରାଘାତ ହେଲା ମୁଣ୍ଡରେ ।

ସେହି ଅନ୍ଧାର ଭିତରେ କେଉଁ ଟଛର ଡାଳ ଭାଙ୍ଗି ତା'ର ମୁଣ୍ଡରେ ଆଘାତ ଲାଗିଲା । ସେ ତଳେ ପଡ଼ିଲା । ମୋଟଇଲ ପଥର ଦେହରେ ମୁହଁ ଛେଚି ହେଲା । ପ୍ରଚୁର ରକ୍ତ କ୍ଷୟ ହୋଇ ସେ ମୂର୍ଚ୍ଛିତ ହେଲା ।

ଅନ୍ୟ କେତେ ଜଣଙ୍କ ପରି ସେଦିନ କାଳ-ଗତିରେ ତାର ମରଣ ନ ହେଲା କାହିଁକି ? ଘଟୋତ ଉପନାମ । ଜୀବନରେ ଆହୁରି ଦୁଃଖ ଭୋଗିବା ତା କପାଳରେ ଲେଖାଥିଲା ।

ପରଦିନ ଉଦ୍ଧାରକାରୀ ଦଳ ତା'ର କ୍ଷତବିକ୍ଷତ ଦେହକୁ ନିଶ୍ଚୟ ଠାବ କରିଥିଲେ । ପିଣ୍ଡରେ ପ୍ରାଣ ଅଛି ଜାଣି ମୁମୂର୍ଷୁ ଦେହକୁ ବଡ ସହରର ଡାକ୍ତର-ଖାନାକୁ ପଠାଇ ଦେଇଥିଲେ ।

ଆଇଷ ଥିଲା । ପୂର୍ବଜନ୍ମର ସୁକୃତ ଥିଲା, ଅବା ସେ କେଉଁ ଜଘନ୍ୟ ପାପ କରିଥିଲା । ସେଥିପାଇଁ ସେ ବିକୃତ ମୁହଁ, ଅକ୍ଷମ ଦେହ ଧରି ଦାଣ୍ଡର ଭିଖାରୀ ହୋଇଥିଲା । ମରିହଜି ଯାଇଥିବା ଆତ୍ମୀୟମାନଙ୍କୁ ଝୁରିହେବା ସାର । କେବେ ଖାଲି ସପନ ଦେଖି କୁରୁକି ଉଠିବାର ଆନନ୍ଦ । କେବେ ପୁଣି ସଭିଙ୍କର ଶିଙ୍ଗି ବୁଡ଼ା-ଖିଆ ଉବୁଟୁବୁ ମରଣର ସପନ ଦେଖି ବଳବଳ । ଖାଲି କାନ୍ଦିବାକୁ ସେ ବଞ୍ଚି ରହିଲା ।

ହଁ, ହରିଭାଇ, ସେଇଆ ।

ଆନନ୍ଦ ଏବଯାଏ ତା'ର ଅଧା ପାକୁଆ ପାଟିର ଓଠ ଥରଇ ଗଲେ । ସହସ୍ରଥର ସେହି ସେହି କଥା । ଆଖିରେ ବେଦନାର ବାଦଲ ଘୋଟିଯାଏ । ନୂଆକରି ଯୋଡ଼ି ହେଲା ସଂସାର ତା'ର ଅତୀତ ସୁମରଣାକୁ ଭୁଲାଇ ପାରିନାହିଁ ।

ନୂଆ ସଂସାର ପାଇଁ ସେ ଯଥାସାଧ୍ୟ ପରିଶ୍ରମ କରେ । ଅବ୍ୟାଜରେ ପଇସାଟିଏ ଖରଚ କରେ ନାହିଁ । ଦଟମଇଳା ଛୋଟ ଲୁଗାରେ ତାର ଆଣ୍ଠୁ ଲୁଚେ ନାହିଁ । ସେମିତିକା ଗେଞ୍ଜି ଓ ଶ୍ରିଟ ଦେହର ଝାଳରେ ଓଦା ହୋଇ ସେହି ଦେହରେ ଶୁଖେ । ସେ ଗେଣ୍ଡି ବି ପୁରୁଣା । ଠାଏ ଠାଏ ଚିରିଛି । ତା'ର ତମ୍ବାଳିଆ ବଳୁଆ ଦେହର ପିଠି ଓ ଛାତିର କିଛି କିଛି ଅଂଶ ଆଖିକୁ ଦିଶେ । ଖାକି ରଙ୍ଗ କନାର ଘାତକଟା କାମିଜ ଝଣ୍ଡିକ ସେ ଦେହରେ ଗଳାଇ କାମକୁ ଆସେ । କାମ କଲାବେଳେ ସେଇଟିକ ସେ ଉତାରି କେଉଁଠି ଝୁଲାଇ ରଖେ । କାମ ସରିଲେ ଫେରିଲା ବେଳକୁ ପୁଣି ତାକୁ ଦେହରେ ଗଳାଏ । ଗେରୁଆ ରଙ୍ଗର ଗାମୁଛାଟିକୁ କାନ୍ଧରେ ପକାଇ, ଟଳପାଟିର ମୁଣା ହାତରେ ଝୁଲାଇ ସେ ରାସ୍ତାକୁ ଓହ୍ଲାଏ ।

ହରି ମିଶ୍ର ଶୁଣିଲା ଢଙ୍ଗରେ ତା'ର ମୁହଁକୁ ଅନାଇ ମୁଣ୍ଡ ଟୁଙ୍ଗାରନ୍ତି । କେତେଥର ଧୈର୍ଯ୍ୟଧରି ଶୁଣି ଶୁଣି ଆନନ୍ଦର ଜୀବନର ସବୁ ଘଟଣା, ତା'ର ସୁଖଦୁଃଖର କାହାଣୀ ମନେ ରଖିଛନ୍ତି । ତଥାପି, ସେ ତାକୁ କହିବାକୁ ଦେଉଛନ୍ତି । ଅନ୍ୟ କଥା ବିଷୟରୁ ଆଣନ୍ତି ।

ଭାବନ୍ତି, ଜିନିଷମାନେ ପରର ପାଖ ଆଗରେ କହୁନିଲେ ତା'ର ଦୁଃଖ ଊଣା ହେଉଛି । ସେଥିରେ ଦୁଃଖ ଆଉ ନାହିଁ । ସମୟ ତାକୁ ସାଉଁଳି ସାଉଁଳି ଲିଭାଇ ଦେଇ ସାରିବଣି । ଖାଲି ସୁମରଣାକୁ ବଖାଣି ଯଦି ସେ ଆନନ୍ଦ ପାଉଛି,

ଜାଣୁଛି ଏବେକା ଛଟପଟ ନିଅଣ୍ଟ ସଂସାରର ଦୁଃଖ ଭୁଲି ପାରିବ, ସେ ବାହୁନି ବାହୁନି ନିଜକୁ ଶୁଣାଉ ଥାଉ । ତାଙ୍କର ଖାଲି ରହିଁ ରହିବା ସାର । ମନରେ ଆପଣା ସଂସାରର ବିଚ୍ଚ୍ରର ।

ଆନନ୍ଦ ତିନୋଟି ମାସ ଡାକ୍ତରଖାନାରେ କଟାଇ ଥିଲା । ଅନ୍ୟମାନଙ୍କର କଷଣ ଦେଖି ନିଜର କଷଣ ଭୁଲି ଯାଉଥିଲା । ନିତି କେତେ ମରଣ ଆଖିରେ ଦେଖି ସେପୁର କଥା ବିଚାରିଥିଲା—ଯିବ, ସେ ବି ଯିବ । ସେପୁରକୁ ଯିବାକୁ ଏଇଠି ଟିକଟ ସହଜରେ ମିଳେ ।

ତା'ର ଉପର ପାଟିର ସବୁ ଭଙ୍ଗା ଦାନ୍ତ ଉପଡ଼ା ହୋଇଛି । ବାମ ଜଙ୍ଘରୁ ଚମ ଉତାରି ମୁଣ୍ଡର ଖପୁରି ଉପରେ ଛାଉଣି କରା ହୋଇଛି । ବାଁ ପାଖରୁ ଗୋଟିଏ ଭଙ୍ଗା ପଞ୍ଜରା-ହାଡ଼ କାଢ଼ି ଦେଇଛନ୍ତି । ଡାହାଣ ପାଖର ନଳୀଗୋଡ଼ ହାଡ଼ ଚଡ଼କି ଥିଲା । ସେହି ଗୋଡ଼କୁ ପ୍ଲାଷ୍ଟର କରି, ମାଦଳ କରି ବାନ୍ଧିଥିଲେ ।

କିପରି ସେ ବଞ୍ଚନ୍ତା ? ମରଣ ଭଲ । ଯନ୍ତ୍ରଣା ସହି ହେଉନାହିଁ । ବିକଳ କାନ୍ଦଣା କେହି ଶୁଣୁନାହାନ୍ତି । ଯେଉଁମାନେ ସେବା କରିବାକୁ, ଔଷଧ ଦେବାକୁ ଆସୁଛନ୍ତି, ସେମାନେ ତାଙ୍କର କର୍ତ୍ତବ୍ୟ କରି ଯାଉଛନ୍ତି । ସେମାନେ ସମସ୍ତଙ୍କର । ପୁଣି, କାହାରି ନୁହନ୍ତି ।

ମରଣ ଭଲ ? ମରଣ ଦେଖିଲେ ଆନନ୍ଦର ଛାତି ଥର ଥର ହୋଇ କମ୍ପେ । ସେ କହେ ତା'ର ଆଶାୟୀ ମନକୁ—ସମସ୍ତେ ମରୁ ନାହାନ୍ତି, ହସ ହସ ମୁହଁରେ କେତେ ବାହୁଡ଼ି ଯାଉଛନ୍ତି । ସେମାନଙ୍କର ଆପଣାର ଲୋକ ଅଛନ୍ତି । ଆପଣାର ସଂସାର ଅଛି । ସେ ଭଲ ହେବ । ଏକା ଏକା ଫେରିଯିବ—

କେଉଁଠିକୁ—?

ବଡ଼ ସହରରେ ଲୋକ ହାଉଯାଉ । ପେଟ ପୋଷିବାକୁ ଧନ ଭେଇ ସୁଖରେ ରହିବାକୁ କିଏ କେଉଁ ଧନ୍ଦା ଧରିଛି । ଯାହାକୁ ଯାହା ଜଣା । ଯାହାକୁ ଯାହା ବାଗ । ବଡ଼ ବଡ଼ ରାସ୍ତାମାନଙ୍କରେ ଗଳି ଅଲିଗଳିର ଭିଡ଼ । ଭଳିକି ଭଳି ଯାନ । ସମସ୍ତେ ତରତର । କେହି କେହି ମନ୍ଥର । ଭିକାରୀ ଦଳକୁ ଦଳ—ରୋଗଣା, ଅକ୍ଷମ, ପେଶାନିଆ—ବଞ୍ଚି ରହିବାକୁ ଅନ୍ୟମାନଙ୍କର କରୁଣା-ଲାଳସୀ । ସେମାନେ ବି ତରତର ନିଜ ନିଜର ସାମର୍ଥ୍ୟ ପ୍ରକାରେ ।

ମଣିଷ-ସମୁଦ୍ର ଭିତରେ ବୁନ୍ଦିଏ ପାଣି ପରି ଆନନ୍ଦ ମିଶି ଯାଇଥିଲା । ବିକୃତ ମୁହଁ । ଚାଲି ଚାଲି ଏକ କାହସରେ ବେଶୀ ଦୂର ଆଗେଇ ଯିବାକୁ ଅକ୍ଷମ । ଅଣ୍ଟାର ଜଖମ ଉଣା ହୋଇଥିଲେ ବି ମେରୁଦଣ୍ଡ ଭିତରେ କେଉଁଠି ଦରଜ ଲୁଚି ରହିଛି । ଖଣ୍ଡେଦୂର ଚାଲିଗଲେ ବିଜୁଳି-ଚମକା ମାରିଦେଲା ପରି ଚାଉଁକରି କ'ଣ ମୁଣ୍ଡକୁ ଉଠୁଛି । ମୁହୂର୍ତ୍ତେ ମୁଣ୍ଡ ଘୁରାଇ ଦେଉଛି । ଆଖି ଆଗରେ ଜୁଳୁଜୁଳିଆ ପୋକ ପରି

ଡିଶି ଯାଉଛି । ଦୁଇ ହାତରେ ମୁଣ୍ଡକୁ ସମ୍ଭାଳି କ୍ଷଣେ ବନ୍ଦ ଆଖି ବୁଜିଲେ ଆଖି ଆଗରୁ ସେହି ନିଆଁ ଟୁନଯାକ ଉଭେଇ ଯାଏ । ଭ୍ରମିଲା ମଥା ଥିର ହୁଏ ।

ଶୁଣ ହରିଭାଇ, ମୋ' ଦୁରବସ୍ଥା ଥରେ ବିଗ୍ଭରଣା କର । ନେହୁରା ହେଉଛି, ମୋ' ମନରେ ପଶି, ତମର ଚେତନାକୁ ମୋ' ଦେହରେ ଟିକିଏ ଚରାଇ ଦିଅ । ଅଙ୍ଗେ ଲିଭାଇଲା ପରି ଅନୁଭବ କରିବ ।

ହରି ମିସ୍ତ୍ରୀ ଅନୁକମ୍ପାରେ ଆଗ୍ରହୀ ହୋଇ କାନ ଡେରନ୍ତି । ମନ କହେ, କାହା ଦୁଃଖ କେହି ବୁଝନ୍ତି ନାହିଁ । କାହା ଅନୁଭବ ଅନ୍ୟ କେହି ଆପଣାର କରି ପାରନ୍ତି ନାହିଁ । ଖାଲି ଟିକିଏ ସହାନୁଭୂତି । ସେତକ ପାଇଁ ପରିଶ୍ରମ, ଧନ ଲୋଡ଼ା ହୁଏ ନାହିଁ । ଟିକିଏ ସମୟ, ବକଟେ ଧଇର୍ଯ ଲୋଡ଼ା । ସ୍ନେହବୋଳା କେଇପଦ ଭାଷା । ସବୁ ସହି ଭବିଷ୍ୟର ନିର୍ମଳ ଜହ୍ନରାତିର ଆଗମ ଆସିବାର ଆଶା ପାଇଁ ଉତ୍ସାହ-ଭରା କେଇପଦ ଭାଷା । ସେତକ ଦେବାରେ ତାଙ୍କର କାର୍ପଣ୍ୟ ନ ଥାଏ ।

ଆନନ୍ଦ କହେ—

ଗ୍ରାମ ଯାଇଛି । ଜମି ଉପରେ ସୁଅର ତୋଡ଼ରେ ଘାଇ ପିଟି ସାତତାଳ ପାଣି ଜମିଥିବ । ନୋହିଲେ, ପୁରୁଷେ ଉଚ୍ଚର ବାଲି ଚଢ଼ିଥିବ । ତା'ର ସମସ୍ତେ ମରିହଜି ଯାଇଥିବେ । କାହିଁକି ସେ ସେଠାକୁ ଫେରନ୍ତା ?

ବଡ଼ ସହରରେ ମାଗିଯାଚି କେତେ ଦିନ ଚଳିଲା । ଏଠି ସେଠି ଆଶ୍ରା ନେଲା । କିଏ ତା'କୁ ବୁଦ୍ଧି ବତାଇଲା, ରିଲିଫ-କ୍ୟାମ୍ପକୁ ଯା । ଆନନ୍ଦ ହେଇଆ କଲା । ସେଠାରେ ନାମ, ଗ୍ରାମ ଲେଖାଇଲା ।

ମୁଠିଏ ଖାଇ, ରହିବାକୁ ଆଶ୍ରା ପାଇ, ଦିନାକେତେ ସେ ଭଲରେ ଚଳିଲା । ଗ୍ରାମକୁ ଫେରି ଯିବାକୁ, ନିଜ ବୃତ୍ତି ନିତେ ଚଳାଇ ପୋଷି ହେବାକୁ ସେ ସେମାନଙ୍କର ଉପଦେଶ ପାଇଲା । ସେମାନେ ତା' ସମ୍ବନ୍ଧରେ ସବୁ ଖବର କେଉଁ କର୍ମୀମାନଙ୍କଠାରୁ ଯୋଗାଡ଼ କରିସାରିଲା ପରେ ତା'କୁ ଟଙ୍କା ପଚାଶଟି ଧରାଇ ଦେଲେ । ବିଦା କରିଦେଲେ । ତା'ରି ପରି କେତେ ତ ଥିଲେ,—ସ୍ତ୍ରୀ, ପୁରୁଷ, ବାଳକ ବାଳିକା ଆସୁଥିଲେ, ଯାଉଥିଲେ । ଯଦି ତା'ର ଆତ୍ମୀୟମାନେ ବଞ୍ଚି ଥାଆନ୍ତେ, ତା' ସଙ୍ଗେ କ'ଣ ଦେଖା ହେଇ ନ ଥାନ୍ତା ?

ଦେଖା ହେଲା ନାହିଁ । ସେଇ ବଡ଼ ସହରରେ କେତେ ଦିନ ରହିଲା ଆନନ୍ଦର ହେତୁ ନାହିଁ । ଗୋଟାଏ ଦୁର୍ବଳ ଆଶାରେ ସେମାନଙ୍କର ଅନିକ୍ଷା କଲା । କିନ୍ତୁ, କେଉଁଠି ଠାବ କରି ପାରିଲା ନାହିଁ । ବାରଦ୍ୱାର ଶୁଷ୍କୀପିଣ୍ଡା ହୋଇ ବେଳ କଟାଇଲା । ହୋଟେଲରେ ଖାଇ କାହା ପିଣ୍ଡାରେ ଆଶ୍ରା ନିଏ । ଦେହରେ ଶକ୍ତି ନ ଥାଏ । ଗ୍ଭଲିବାକୁ କଷ୍ଟ ।

ତା'ର ବିକୃତ ରୂପ ଦେଖି ଲୋକେ ନାକ ଟେକୁଥାନ୍ତି । ଏମିତି ହୀନିମାନ ହୋଇ ବଞ୍ଚିବା ଠାରୁ ମରଣ ହୋଇଥିଲେ କ'ଣ ଭଲ ହୋଇ ନ ଥାନ୍ତା ? ମରଣ ହେଲା କେଉଁଠି ? ନିଜ ହାତରେ ଜୀବନ ହାରିବାକୁ ବେଳେ ବେଳେ ସେ ସ୍ଥିର

କରେ । ଆଗେଇ ଯାଏ । ଠିକଣା ବେଳକୁ ଅଙ୍ଗ ଅଙ୍ଗ ହୁଏ । ତରିତରିକା ବାଆଁରେଇ ହୋଇ ପଛେଇ ଆସେ ।

ମନକୁ ବୁଝାଏ, ମହାପାପ । ନରକ ଭୋଗ ! ତା' ଠାରୁ ଅଧିକ ଯୋଗଣା, ଅଧିକ ଅପାରଗ, ନିକମା କେତେ ଏ ସହରରେ ବଞ୍ଚି ରହିଛନ୍ତି । ସବୁଠି ଅଛନ୍ତି ଆମର ଏ ଦେଶରେ ।

ଆନନ୍ଦ କହେ—ସତେ ମ ହରି ଭାଇ, ଖାଲି କଲିକତାରେ ନୁହଁ, ଗଙ୍ଗାରୁ ଗଉତମ ଯାଏ । ଯେଉଁଠିକି ଯାଇଛି ସେଠି ସେମାନଙ୍କୁ ଦେଖିଛି । କିଏ କେଉଁ ଜିଲ୍ଲାର । କେତେ ପ୍ରକାର ଭାଷା ସେମାନେ କହନ୍ତି । ସମସ୍ତେ ଏଇ ଭାରତ ବର୍ଷର । ଏଇ ଦେଶରେ କୁଆଡ଼େ ସୁନା ଫଳେ । ଲୋକଙ୍କ ଦୁଃଖ-ଦୁର୍ଦ୍ଦଶା ଦୂର କରିବାକୁ ତେତିଶି କୋଟି ଦେବାଦେବୀ ଆତଯାତ ହୁଅନ୍ତି ।

ଶୁଣିଛି ହରିଭାଇ, ଆମ ଠାକୁରମାନେ ବଡ଼ରୁ ଛୋଟଯାଏ ଫୁଲ, ଫଳ, ପତର, ଟିକିଏ ମାଟି, ଅବା ଚଳେ ପାଣିରେ ସନ୍ତୋଷ ହୋଇ ଦୁଃଖ ହରନ୍ତି । ସେମାନେ ଖାଲି ନିରୋଳା ଭକ୍ତି ଚାହାନ୍ତି । ମୋ' ପରିକା ଦୁଃଖୀମାନଙ୍କର ସେଥିରେ ଅଭାବ ନ ଥାଏ । ତେବେ ?

କଥାଟିଏ ପଚାରିଲା ଯେବେ ହରିମିସ୍ତ୍ରୀ ତା'ର ଜବାବ ନ ଦିଅନ୍ତେ କିପରି ? କହିଥିଲେ, ଆରେ ହେ ଆନ୍ଧିଆ, ଖାଲି ନିରୋଳା ଭକ୍ତି, ଆଉ ଫଳେଫୁଲ୍ଲେ ଭୋଗରେ ଚଳିବ ? ସେତକ ଠାକୁରମାନଙ୍କ ଛାମୁରେ ପହଞ୍ଚିବ କେମିତି ?

କେମିତି ?

ଜାଣିନୁ ? ଶୁଣ । ସେଇକାମ କରିବାକୁ, ଯେତେ ଠାକୁର ତା'ର କେତେଗୁଣ ଦଲାଲ୍ ଅଛନ୍ତି । କିସମ୍ କିସମ୍‌ର ଦଲାଲ୍ । ସେମାନଙ୍କୁ ନ ଲଗାଇଲେ ଠାକୁରେ ନ ଶୁଣନ୍ତି । କେମିତି ଶୁଣିବେ ରେ ଓଲ୍ଲୁ ? ତାଙ୍କୁ ଡାକିବାର ବେଳକାଳ ଅଛି । ଢଙ୍ଗ, ବୋଇଲେ ଛଟକ ଅଛିରେ ଗମାର ! କେତେ ଜାତିର ବୋଲି ଅଛି । ପଦ ଅଛି । ସେହି ଦଲାଲମାନେ କ'ଣ ମାହାଳିଆ ତମର କାମ କରିବେ ? ବୋଇଲା, ଆଗ ଦେ, ସେଇଠୁ ବତା । ସେଇଥିପାଇଁ ତାଙ୍କ ନାମ ହେଲା ଦେବତା ! ଦେବାକୁ ଯାହାର ନାହିଁ । ସେ ବତେଇବ କ'ଣରେ ?

ହରି ମିସ୍ତ୍ରୀଙ୍କର କଥା ଆନନ୍ଦ ବୁଝିଥିଲା । ସେ ପୁଣି ତା'ର ଜୀବନର ଘଟଣା ବଖାଣିବାକୁ ଲାଗିଲା । ତା'ର ସେହି ନିଃସାହା ଜୀବନରେ କେମିତି ସେ ଦୁଲାଳୀର ସଂସର୍ଗରେ ଆସିଲା ସେହି ଘଟଣା ।

ଦୁଲାଳୀ ତା'ର ଏବକା ଘରଣୀ ।

ଏଇଆ କହୁଣୁ ଆନନ୍ଦ ମୁଣ୍ଡ ହଲାଏ । କହେ, ଉଁ-ହୁଁ, ଯେ କେମିତି ହୋଇଥାନ୍ତା ? ସେବତୀ ଓ ସୁଆଗୀକୁ ଠାବ ନ କରିବାଯାଏ ତା' ମନରେ ଶାନ୍ତି ଆସନ୍ତା କିପରି ? ତା'ର ଘରଟାଏ କାହୁଁ ଆସନ୍ତା ଯେ କେହି ତା' ଘରର ଘରଣୀ ହୋଇ ପାରନ୍ତା ?

ସେ କୁତ୍ସିତ ଅପାରଗ ଟାଏ । ଶୂନ୍ୟରୁ, କେଉଁ ସପନିଲ-ସରଗରୁ, ଇନ୍ଦ୍ରପୁର ପରି ଦିବ୍ୟ ସୁନ୍ଦର ଘର ତା ପାଇଁ ଓହ୍ଲାଇ ଆସିଥାନ୍ତା ? ସେହି ପୁରରେ ଯାଦୁକାରର କୁହୁକ ବଳରେ କି ପୂଜକର ବଷଟ୍ ବଳରେ କୁବେର ସମ୍ପତ୍ତି ଖୁନ୍ଦି ହୋଇ ଯାଇଥାନ୍ତା ? ହୋଇଥିଲେ ବି କେଉଁ ମାଇପିଟାର ଏମିତି ଅଶରଣ ଯେ ସେ ତା'ର ଘରଣୀ ହୋଇଥାନ୍ତା ?

ଆନନ୍ଦ ନିଜକୁ ଉପହାସ କରି ହସେ । ସେ ଜାଣେ, ତା'ର ଅଧା-ପାକୁଆ ହସ ଅନ୍ୟମାନଙ୍କ ଆଖିକୁ ଅସନା ଦିଶେ । ସେ ସେଇଆ ଅନୁମାନ କରେ । ସୁଖର ନୁହେଁ, ଦୁଃଖରେ ଯେଉଁ ହସର ଲହଡି ତା ପେଟ ଭିତରୁ ହାବୁକେଇ, ତାକୁ ଅଟାଟଓ କରି ଠ ହାରି ଅସୁଥାଏ, ହରି ମିସ୍ତ୍ରୀଙ୍କୁ କାଳେ ସେ ଆକ୍ରମଣ କରିବ ସେହି ଡରରେ ସେ ପାଟି ଉପରେ ହାତ ପାଦୁଲି ଥାପେ । ଲହଡିର କୋହ ଥମେ । ସେ ହାତ ଖସାଏ । ଗମ୍ଭୀର ହୋଇ ଅଳପ ସମୟ ବସେ । ଗୁଡିଏ ଦୀର୍ଘ ଶ୍ୱାସ ଛାଡେ ।

ପୁଣି କହେ, ହରି ମିସ୍ତ୍ରୀ ଧୈର୍ଯ୍ୟ ଧରି ତା'ର ପୁରୁଣା କାହାଣୀ, ନିଜ ଅନୁଭବ ଓ ଚିନ୍ତନ ପ୍ରକାରେ ଟିପ୍ପଣୀ ଶୁଣନ୍ତି

ତମେ ତା'କୁ ଆଗରୁ ଦେଖିଥିଲ । କେତେଥର କେଉଁଠି କେଉଁଠି ଦେଖିଥିଲ ବୋଲି ଦିନେ କହୁଥିଲ ହରି ଭାଇ । ଏବେ ବି ଦେଖୁଛ । ତା' ବିଷୟରେ ମୋ' ଆଗରେ କେବେ କିଛି କହି ନାହଁ । ମାନେ, ତା'ର ଗତ ଜୀବନ ଓ ଚଳନର ରୀତି ଧାରା । ତାର ଭଲ ମନ୍ଦ, ଗୁଣ ଅବଗୁଣ । ଯଦି କହିଥାନ୍ତ ମୁଁ କାନରେ ହାତ ଦେଇଥାନ୍ତି । ହେଲେ ହରି ଭାଇ, ମୁଁ ଶୁଣିବାକୁ, ତା' ବିଗତ ବିଚାରିବାକୁ କିଏ ?

ମୁଁ ଗୋଟାଏ ଜୀଅନ୍ତା ପ୍ରେତ ପରି ହୋଇଥିଲି । ପ୍ରେତ ନୁହେଁ ଆଉ କ'ଣ ବି ? ଚୁଲି ଚୁଳ ନାହିଁ ଅଘର ବାସ । ମନ୍ତ ଆପଣାର କରିବାକୁ କେହି ନାହିଁ । ଶୋଇ ପଡିଲେ ତ ଜାଣି, ପୁଣି ଚେଇଁ ରହିଥିଲେ ବି ମୁଁ ମୋ'ର ଆତ୍ମୀୟମାନଙ୍କ ପ୍ରେତଙ୍କୁ ଆଗରେ ଦେଖେ । କଥା ଭାଷା ହୁଏ । ବାବନା ଭୂତ ହୋଇ ମୁଁ ବୁଲୁଥାଏ । ଆଉ କ'ଣ କହନ୍ତି ?—

ହରି ମିସ୍ତ୍ରୀ ଦୁଲାଳୀକୁ କେତେ ଜାଗାରେ ଦେଖିଥିଲେ । କଳା ମିଚି ମିଚି ଅଧା-ବୟସିଆ ସ୍ୱାସ୍ଥ୍ୟ-ଭରପୂର ବଳୁଆ ମାଇପିଟିଏ । ଗୋଲିଆ ମୁହଁ । ଚିପିଦେଲା ପରି ଟିକିଏ ଚେପେଟା ନାକ । ଫୁଲୁକା ଗାଲ । ଅଳପ ମୁଖ ଦାନ୍ତୁରୀ । ସାଧାରଣ ଉଚ୍ଚା ।

ଭାରି କାମିକା । ଜଣେ ବଳୁଆ ମରଦ ପରି ସେ କାମ କରେ । ଦେହରେ ଅଳସ ନ ଥାଏ । ଯାହାର କେଉଁଠି ଘର ତୋଳା ଜାଗାରେ ସେ ଇଟା, ମାଟି, ବାଲି-ସିମେଣ୍ଟ ଗୋଳା ମସଲା ବୁହେ ।

ସେ ବେଖାତିରିଆ ମାଇପିଟିଏ । କିଏ କେମିତି ଚାହୁଁଛି, ହସୁଛି, କିଏ କ'ଣ ନବଳିଆ କଥା କହୁଛି ସେସବୁ ଦେଖିବାକୁ, ଶୁଣିବାକୁ ସେ ଖାତିର କରେ ନାହିଁ । ଅବିଗୁଣ ପାଏ ନାହିଁ । ନିଜ କାମ ନିଜେ କରୁଥାଏ । ରାଜ-ମିସ୍ତ୍ରୀର ଆଦେଶକୁ କାନେଇ ଥାଏ ।

ଦୁଲ୍ଲାରୀ ରଙ୍ଗ ଲୁଗା ପିନ୍ଧେ । କେବେ କେଉଁ ରଙ୍ଗର । ଦେଶୀ ମୋଟା ଲୁଗା । ଦେହରେ ସେମିତି ରଙ୍ଗ-କନାର ପୁରୁଣାକାଳିଆ ଜାମା, ବେକତଳୁ ଅଣ୍ଟାତଳ ଯାଏ । କହୁଣୀ ଉପର ଯାଏ ଲମ୍ବା । କାମରୁ ଟିକିଏ ଫୁରୁସତ ମିଳିଲେ ଛାଇତଳ ଦେଖି ସେ ବସିଯାଏ । ମୁଣ୍ଡର ଗଣ୍ଠି ଖୋଲି ଖଇରିଆ କେଶକୁ ଖୋଲି ଝାଡ଼େ । ଆଙ୍ଗୁଠି ଗଳାଇ ସଜାଡ଼େ, ପୁଣି ସେଇ ଦେଢ଼ ହାତ ଲମ୍ବର ଗୋଛାଳିଆ କେଶକୁ ସଜାଡ଼ି ଗଣ୍ଠି ପକାଏ ।

କି ଘର ଝିଅ ସେ ? ବାହା, କି ଅଭିଆଡ଼ୀ ? କିଏ ତା'ର ଅଛନ୍ତି ? ଏ ସବୁ କଥା କେହି ପଚାରିଲେ ସେ ଜବାବ ଦିଏ, ମୁଁ ମୋର ଏକା । ମତେ ଯାହା ଦେଖୁଛ ମୁଁ ସେଇଆ । ମୁଁ ଝଟିଖିଆ ମାଇପିଟିଏ । ଏତିକି ମୋ'ର ପରିଚ ।

ସଙ୍ଗରେ କାମ କରୁଥିବା ଅନ୍ୟ ମୂଲିଆଣୀମାନେ, ଅବା ଆଉ କେହି ତା' ପେଟର ଗୁମର ପଦାକୁ କାଢ଼ି ଆଣିବାକୁ ବଙ୍କାସିଧା ଭାଷାରେ କେତେ କ'ଣ ପଚାରନ୍ତି । ସେ ସବୁ ଶୁଣେ । ରାଗେ ନାହିଁ । ଓଲଟି ହସେ । କହେ, ସବୁ ମୁଁ ଭୁଲି ଗଲିଣି । ଏତିକି ମନେ ରଖିଛି ଗୋ, ମୁଁ ମଣିଷ ଜନମ ପାଇଛି । ବଞ୍ଚିଛି । ଦେହରେ ତାକତ ଅଛି । ଖଟି ଖାଉଛି । ଏବେ ଏଇ ସହରରେ, ମୋ' ଭିଆଣରେ ଠାଏ ପଲ ଖଣ୍ଡେ କରି ଆଶ୍ରା ନେଉଛି ।

ଆନନ୍ଦ ସେହି ଦୁଲ୍ଲାରୀର କଥା ଗପେ—

ତାଆରି ପିଣ୍ଡାରେ ଓଦା ସରସର ହୋଇ ସେ ଠିଆ ହୋଇଥିଲା । ଅନାହୂତ ବର୍ଷା ଅସରାକୁ ଅସରା କୁଟି ଦେଉଥାଏ । ରାତି ପହରେ ହୁଏ ନ ହୁଏ । ପବନ ମାଡ଼ି ଆସୁଥାଏ । ବଡ଼ ସହରରେ ଆଉ କେଉଁଠି କାହା ପିଣ୍ଡାରେ କ'ଣ ଆଶ୍ରା ନେଇ ହୋଇ ନ ଥାନ୍ତା କି ? କିନ୍ତୁ, ଯିବ କେମିତି ? ବର୍ଷା କୁଣ୍ଡା ଝାଡ଼ିଲା ବେଳେ ସେଇଠି ଠିଆ ହୋଇଗଲା । ମଣିଥିଲା, ଉଡ଼ା ଚଳନ୍ତା ମେଘଟା ଅଳ୍ପ ବେଳରେ ଥମି ଯିବ । ସେ ତା'ର ନିଜ ରାହା ଧରିବ । କିନ୍ତୁ, ଥମିବ କ'ଣ, ଓଲଟି ତା' ବେଗ ବଢ଼ିଲା ।

ଭାବୁଥିଲା, କେମିତି କୁଆଡ଼େ ଯାଇ ପାରିବ ? ଅଣଓସାରିଆ ଚାଳଖଣ୍ଡେ ତଳର ପିଣ୍ଡା ଉପରେ ଠିଆ ହୋଇ ପାଣି ଛିଟାରେ ଦେହର ଜାମା, ପିନ୍ଧିଲା ଲୁଗା ଓଦା ସରସର ହୋଇଛି । ଦେହ ହେମାଳିଆ ହୋଇ ତା' ମଞ୍ଜ ଥରୁଛି । ଆଣ୍ଠୁକୁ ଆଣ୍ଠୁ ବାଜୁଛି । ଅଖଞ୍ଜ ଭଙ୍ଗାଗୋଡ଼ଟା ସିନା ଡାକ୍ତର ଯୋଡ଼ି ଦେଲେ, ଭଲ କରିଦେଲେ, କୁଆଡ଼େ ଭଙ୍ଗା ହାଡ଼କୁ ଯୋଡ଼ିବାକୁ ଭିତରେ ଖଣ୍ଡେ ଲୁହାପାତିଆ ରିପିଟି କରିଛନ୍ତି । ସେଇ ଥାନଟା ବେଳେବେଳେ କନ୍‌କନ୍ ହେଉଥାଏ । ବେଁଶିରା ହାଡ଼ରେ ଚୁଉଁକରି ବିଜୁଳି ମାରିଦେଉଥାଏ ।

ରାସ୍ତା ଉପର ଖମ୍ବରେ ବାର୍‌ଲାଇଟ୍ ଜଳୁଥାଏ । ବର୍ଷା-ଅସରାର ନାଟ ଆଖିକୁ ଦିଶୁଥାଏ । ଝଲଝଲ ।

ପଦାକୁ ଗୋଡ଼ କାଢ଼ିବାକୁ ସାହସ କୁଳାଉ ନ ଥାଏ । ନୋଳିଆ ମୁଣ୍ଡରେ ପାଣିମାଡ଼ ସହି ହେବ ନାହିଁ । ଯେଉଁ କନାର ବ୍ୟାଗରେ ଶୁଖିଲା ଲୁଗା, ଜାମା, ଗାମୁଛା, ଆଉ ସାମାନ୍ୟ କେତୋଟି ଟଙ୍କାର ନୋଟ୍ ରଖିଛି ସେତକ ଭିଜିଯିବ ।

ସେହି ବ୍ୟାଗଟିକୁ ସେ କାନ୍ଧ ଉପରେ ଥାପି ତୀରମସ୍ତ ବର୍ଷାର ଅଦଉତିରୁ ରକ୍ଷା କରି ପାରିଛି । ଆଉ ବ୍ୟାଗ୍‌ଟି, ଯହିଁରେ ଭରିଛି ପାତଳ ଶତରଞ୍ଜି, ଖଣ୍ଡେ ବିଛଣା-ଚଦର, ଆଲୁମିନିର ଲୋଟା, ଗିଲାସ, ସାମାନ୍ୟ କେତେ ଖଣ୍ଡି ବାସନ, ତାକୁ ସେ କାଛକୁ ଆଉଜାଇ ରଖିଛି । ସେତିକି ତା'ର ଚଳନର ସମ୍ବଳ । ଓଦା ହେଲେ ହେଉ । କି ଉପାୟ ସେ କରନ୍ତା ?

ସେଇ ନୁଆଁଣିଆ ଚାଳଘରର ଯାଉଁଳି କବାଟ ଫାଙ୍କରେ ଘର ଭିତରୁ ଆଲୁଅର ଆଭାସ ଆସୁଥିଲା । ଫାଙ୍କବାଟେ ଭିତରୁ ଖଟ୍ ଖାଟ୍ ଶବଦ ଶୁଭୁଥିଲା । କିନ୍ତୁ, ମଣିଷର ସ୍ୱରଶବଦର ସଙ୍କେତ ମିଳୁ ନ ଥିଲା । କିଏ ସବୁ ଥିବେ, କି ନ ଥିବେ, ବାଟର ବାଟୋଇ ସେ ଜାଣିବାକୁ ଆଗ୍ରହ କରନ୍ତା କାହିଁକି ?

ଦଇବି ଯୋଗ । ଭିତରେ ରହୁଥିବା ପ୍ରାଣୀଟି ବାହାରର ଅବସ୍ଥା ଦେଖିବାକୁ କବାଟ ଅଳପ ଖୋଲିଲା । ମୁଣ୍ଡ ପଦାକୁ କାଢ଼ିଲା । ତାକୁ ଦେଖି ଥଙ୍ଗ ଥଙ୍ଗ ହୋଇ ପଚାରିଲା, ତୁ କିଏରେ ବାଇଆ, ଏଠିଟାରେ ଭୂତ ପରି ଠିଆ ହୋଇ ବର୍ଷା ଛିଟାରେ ଭିଜୁଛୁ ।

ମୁଁ ବାଟୋଇଟିଏ ମା ! ନିଜ ରାହାରେ ଯାଉଣୁ ବରଷା ହାବୁଡ଼ିଲି । ଏଇଠି ଟିକିଏ ଠିଆ ହୋଇଗଲି । ଅଦିନିଆଁ ପାଣି । ଭାବିଥିଲି ଛାଡ଼ିଯିବ । ହେଲେ ତା' କୋପ ବଢ଼ୁଛି, କମୁ ନାହିଁ । ପବନ ବି ପିଟୁଛି ।

-ଆହା, ଅକଳରେ ପଡ଼ି ଗଲୁରେ ! ଜନମ, ମରଣ, ବରଷା କହି ନ ପାରେ ପୁରୁଷା । ଘର କେଉଁଠି ? କୁଆଡ଼େ ଯାଉଥିଲୁ ? ଗୋଟାଛାଏଁ ପାଣିଛିଟାରେ ତିନ୍ତି ଯିବୁଣି ତ ? ହଉ, ଆଗ ଭିତରକୁ ଆ । ବର୍ଷା ଛାଡ଼ିଲେ ନିଜ ବାଟରେ ନିଜେ ଚାଲିଯିବୁ ।

ଆନନ୍ଦ ବିଚିତ୍ର ମଣିଲା ! ଜଣା ଶୁଣା ନାହିଁ । ଚିହ୍ନାପରିଚ ନାହିଁ । ପରକୁ ପର । ତା' ମନରେ ଆହା-ପଦ ! ଜାତିଗୋତ୍ର ଜାଣିବାକୁ ଚାହିଁଲା ନାହିଁ । ଘର ଭିତରେ ମରଦ-ମଣିଷ କିଏ ଅଛି କି ନାହିଁ କେଜାଣି ? ତଥାପି ତା'ର ମନ ଅନ୍ୟର ଦୁଃଖରେ ତରଳିଲା ।

ଆନନ୍ଦ ଥଙ୍ଗଥଙ୍ଗ ହେଲା । ତା' ମନର ଦୋଦୋପାଞ୍ଚପଣ ଅନୁମାନ କରି ସେହି ସ୍ତ୍ରୀ-ଲୋକଟି ନାକର ଟବଦରେ ଟିକିଏ ହସିଲା । କହିଲା, ଆରେ, ମୁଁ ଡାଆଣୀ, ଚିରୁଗୁଣୀ, ପେତିନୀ ନୁହେ ମ, ତୋ' ରକତ ଶୋଷି ଖାଇବି ?

ଆନନ୍ଦ କବାଟର ଫାଙ୍କ ପାଖକୁ ଘୁଞ୍ଚି ଆସିଲା । ପବନର ବେଗ ହଠାତ ବଢ଼ିଲା । କବାଟ ଦିଫାଳ ଅଧିକ ମେଲା ହେଉଣୁ ମାଇପିଟି ତା'ର ଦେହର ସବୁ ଶକ୍ତି ଖଟାଇ କବାଟ କିଳିଲା । ଆନନ୍ଦ ଟଳମଳ ହୋଇ ସେହି ଯାଉଁଳି କବାଟକୁ ଆଉଜି ଜଞ୍ଜିର ଧରି ନିଜକୁ ଅଟକାଇ ରଖିଲା । ତା'ର ମନେପଡ଼ିଲା ଆଉ ଗୋଟିଏ ବର୍ଷା-ମୁଖର ରାତିର ଘଟଣା । ତା'ର ଜୀବନ ନ ନେଇ ତା'କୁ ବିକଳାଙ୍ଗ ଅକର୍ମଣ୍ୟ କରି ଛାଡ଼ି ଦେଇଛି ।

ବଞ୍ଚିରହି ସୁଖରେ ବେଳ କଟାଇବାର ଆଶାକୁ ତା' ମନରୁ ବିତାଡ଼ିତ କରିସାରିଛି । ଯେଉଁମାନଙ୍କୁ ସେ ହରାଇଛି ବୋଲି ମଣିଛି ସେମାନଙ୍କ ସମ୍ବନ୍ଧରେ

ନିଶ୍ଚିତ ଖବର ଜାଣିବାକୁ ସେ କଲବଲ ହୋଇ ବଞ୍ଚି ରହିବାକୁ ଚେଷ୍ଟା କରୁଛି । ମରିବାକୁ ତା'ର ଡର ନାହିଁ । କିନ୍ତୁ, ହନ୍ତସନ୍ତ ହୋଇ ମରିବାକୁ ସେ ଚାହୁଁନାହିଁ ।

ସେତେବେଳେ ଏମିତିଆ ଭାବନା' ଗୁଡିଏ ମନରେ ଆଉଟି ହେଲା । ଦେହ ଥରଥର । ବେଁଶିର ହାଡ଼ ଭିତରେ ଅସହ୍ୟ ଯନ୍ତ୍ରଣା ଚରି ଯାଉଥାଏ । ମୁଣ୍ଡ ଭ୍ରମୁଥାଏ । ତିନିପୁର ଅନ୍ଧାର ଦିଶୁଥାଏ ।

ଜୀବନ ବିକଳରେ ସେ ବାହାର ପାଖର ଜଞ୍ଜିର ଧରି କବାଟରେ ପିଟିବାକୁ ଲାଗିଲା । ଆତୁରିଆ ଡାକ । ପାଟି ଖନି ବାଜୁଥାଏ । ତା'ର ବିକଳିଆ ସ୍ୱର ଶୁଣିଲା ସେ ମାଇପିଟି । ଧୀରେ ଧୀରେ କବାଟ ଖୋଲି ଅଳପ ଫାଙ୍କ କଲା । ପବନର ତୋଡ଼ ଓ ବରଷା-ଛାଟର କଣୁଆ ମାଡ଼ର ଧକ୍କାରେ ସେ ଘର ଭିତରକୁ ଠେଲିହୋଇ ପଶିଲା । କରଡ଼ି ହୋଇ ପଡ଼ୁଣୁ ସେ ସ୍ତ୍ରୀଲୋକଟି ତାକୁ ସମ୍ଭାଳି ତଳେ ବସାଇଲା ।

ଠିଆମେଲା ଦ୍ୱାର ବାଟେ ପବନ ହୁହୁ ମାଡ଼ି ଆସୁଥାଏ । ଅଣଆଡ଼ିଆ ରଖା ଲଣ୍ଠନର ଆଲୁଅକୁ ଧପଧପ କରୁଥାଏ । କନ୍ଧ ଉପରୁ ଖସିପଡ଼ିଥିବା କନା-ବ୍ୟାଗ୍‌କୁ ଦୁଲାଳୀ ଘର ଭିତରକୁ ଓଟାରି ଆଣିଲା । କବାଟ ଦି'ଫାଳ ଆଉଜାଇ ଭିତରୁ ଜଞ୍ଜିର ଲଗାଇଲା ।

ସେ କି' କୁଳର ଝିଅ, କିଏ ତା'ର ବାପମା, କେଉଁଠି ତା'ର ଘର, ବାହା ହୋଇଥିଲା କି ନାହିଁ, ହୋଇଥିଲେ କିଏ ତା'ର ଗେରସ୍ତ, ସେ ଗଲା କୁଆଡ଼େ, ତା'ର ପିଲାପିଚିକା ଥିଲେ କି ନ ଥିଲେ, ଏ ସବୁ ପ୍ରଶ୍ନର ଉତ୍ତର ଆନନ୍ଦ ଦିଏ ନାହିଁ । ବେଶୀ ବଳାଇଲେ ସେ କହେ, ତା'କୁ ଜଣାନାହିଁ ।

ସେ ଦୁଲାଳୀକୁ ପଚାରିବାକୁ କେବେ ମନ କରିନାହିଁ ?

ସେ କିଏ ଯେ ତାକୁ ପଚାରିବ ?

ସେହି ତୋଫାନିଆ ବରଷିଲା ରାତିରେ ଯିଏ ତା'କୁ ନିଜର ଦୋହଲା ଛପର ତଳେ ଆଶ୍ରା ଦେଇଥିଲା, ଅପାରଗ, ରୋଗଣା, ଅଜଣା ମଣିଷଟାର ତିନୋଟି ଦିନ ସେବା କରି ଯିଏ ତା'କୁ ବଞ୍ଚାଇଲା, ସୁସ୍ଥ କଲା, ତା'ର ନିରେଖା ତିରିଲାପଣର ଜାତିଗୋତ୍ର, ଆଉ ବିଗତ କ'ଣ, କେମିତି ଏସବୁ ପ୍ରଶ୍ନ ମନରେ ପଶନ୍ତା ? ଉଡ଼ା ଚଢେଇଟା ! ମନକଲେ ଉଡ଼ିଯାଆନ୍ତା !

ଆନନ୍ଦ କହେ—ହରିଭାଇ; ମୁଁ ଦୁଲାଳୀର ରୂପ, ବୟସ, ଚଳନବୃତ୍ତି, ଚରିତ୍ର, ସ୍ୱଭାବ ଏସବୁ ବିଚାରିବାକୁ କିଏ ? ସିଏ କ'ଣ ମତେ ବାନ୍ଧି ରଖିଥିଲା ? ବରଂ, ମୋ' ଜୀବନର ସବୁ ଦୁଃଖ ଶୁଣି ସାନ୍ତ୍ୱନା ଦେଇ ସେ କହିଥିଲା, ତୁ ହୀନ-କପାଳିଆଟା ! ଯେଉଁମାନଙ୍କୁ ତୁ ହରାଇଛୁ ତାଙ୍କର ତଲାସ କର । ଯେଉଁ ଠାକୁରେ ତୋ' କପାଳରେ ଏତେ ଦୁଃଖ ଲିହିଲେ, ସେ ପୁଣି ତତେ କାହିଁକି ମଣିଷ-ପଣିଆଁରୁ ଦି'କଡ଼ା କରି ବଞ୍ଚାଇ ରଖିଲେ ଭାଇରେ ? ଭେଟା'ଇଲେ ସେ ଭେଟାଇବେ ।

ଦୁଲାଳୀ ପାଖରୁ ବିଦାବିଦି ହୋଇ ଆନନ୍ଦ ଚାଲିଗଲା ବେଳେ ତା' ପାଖରେ ଥିବା ଅଳପ ଧନରୁ କିଛି ଯାଚି ସେବାର ଋଣରୁ ମୁକ୍ତ ହେବାକୁ ନିଉଛାଳ କଲା । ସେ ଘେନିଲା ନାହିଁ । ଆଖି ଛଳଛଳ କରି କହିଲା, ପେଟରୁ ଜନମ ଦିଓଟି ପିଲାଙ୍କୁ ମୋ' କୋଳରୁ ଯମ ଆଉ ମଣିଷ ଟାଣି ନେଇଛନ୍ତି । ଖୋଜିଲେ ଆଉ ପାଇବି ନାହିଁ । କାହା ପଛରେ କେହି ଗୋଡ଼ାଇ ଯାଏନାହିଁ ।

ମଲା-ହଜିଲାମାନେ କେବେ କେମିତି ମନେପଡନ୍ତି ରେ ! ମଣିଷ କ୍ଷଣେ ଖାଲି ବସିମାଏ । ସେମାନଙ୍କର ରୂପ ଆଖିକୁ ଦିଶିଯାଏ । ମନ ଝୁରେ । ଆଖିରେ ଲୁହ ଆସେ । ସମୟର ବ୍ୟବଧାନ ବଢ଼ିଲେ ଲୋତକ ବି ଆସେ ନାହିଁ । ତୁ ଯା'ରେ, ପରଖି ଦେଖ୍, ଦଇବ କି' ହାଟ ଲଗାଉଛି । ତୋ' ଭାଗ୍ୟକୁ କୁଆଡକୁ ସେ ଓଟାରି ନେଉଛି ।

ସେ ପୁଣି ତା'ର ଗ୍ରାମକୁ ଯାଇଥିଲା । ବିଜିକୁଦ ଗ୍ରାମ ବସ୍ତିର ଚିହ୍ନବର୍ଣ୍ଣ ନ ଥିଲା । ଯେଉଁଠି ଥିଲା ତା'ର ଘର, ସେହି ସିଧା ନୂଆ ଘାଇରେ ଅକାତ-କାତ ପାଣି । ଆଖି ଯେତେ ଦୂରକୁ ପାଉଛି, ଦିଶୁଛି କେବଳ ବାଲିର ବିସ୍ତାର । ଆଖପାଖ ଗ୍ରାମମାନଙ୍କର ଅବସ୍ଥା ପ୍ରାୟ ସେହିପରି । ତେବେ, ଯେଉଁମାନେ ମଲେ-ହଜିଲେ ସେମାନଙ୍କୁ ଝୁରି ଗୁଣା ବାହୁନି କାନ୍ଦିବାକୁ ବେଳ ଅଛି ? ଭାଗ୍ୟବଳରୁ ଯେଉଁମାନେ ବଞ୍ଚି ରହିଲେ, କିପରି ସେମାନେ ପୁଣି ତାଙ୍କର ନୂଆ ସଂସ୍ଥା କରିବେ ସେହି ବିଚ୍ଚର କରୁଥିଲେ ।

ବିଭିନ୍ନ ସ୍ଥାନରେ ଅନ୍ନଛତ୍ର ଖୋଲିଥିଲା । ରୋଷେଇ କରି ନିଜେ ନିଜର ବ୍ୟବସ୍ଥା କରିବାକୁ ଚାଉଳ ଡାଲି ଓ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟ ବଣ୍ଟା ଯାଉଥିଲା । ସରକାରୀ ଓ କେତେ ବେ-ସରକାରୀ ସଂସ୍ଥା ଏହି ଦାୟିତ୍ୱ ନିଜ ହାତକୁ ନେଇଥିଲେ । ଲୁଗା-ଜାମା ବିତରଣ କରୁଥିଲେ । ପାଟଗ ପୁରୁଷ ଓ ସ୍ତ୍ରୀଲୋକ ମାନଙ୍କୁ ବିଭିନ୍ନ କାମରେ ନିଯୁକ୍ତି ଯୋଗାଇ ଦେଇଥିଲେ । ଘର ତୋଳିବାକୁ, ଜମିରୁ ବାଲି କାଢ଼ି ପୁଣି ଚାଷର ଉପଯୋଗୀ କରିବାକୁ ସରକାର ସାହାଯ୍ୟ ଓ ଋଣ ଆକାରରେ ଧନ ଯୋଗାଇ ଦେଉଥିଲେ ।

ଆନନ୍ଦର ଏ ସବୁ ସୁଯୋଗ କ'ଣ ହୁଅନ୍ତା ? ନିଜେ ଅକର୍ମଣ୍ୟ, ଅପାରଗ । ଘର-ବାରି ଘାଇର ପେଟରେ, ସାତତାଳ ପାଣିତଳେ ଲୁଚିଛି । ଜମି ଯେଉଁ ଗହୀରରେ ଥିଲା ତା' ଉପରେ ପର୍ବତ ପ୍ରମାଣେ ବାଲିଟଦା ହୋଇଛି । ମହାଜନ, ଅବା ତା'ର ଜ୍ଞାତିଗୋତ୍ର ଯଦି କିଏ କେଉଁଠି ବଞ୍ଚି ରହିଥିବେ ଅଗ୍ଲୁଟ! ଋଣ ପାଇଁ ସେମାନେ ସେହି ପାଣି-ପଟାଳି ବାଲି-ପାହାଡ଼ ନିଲାମ କରି ନେଉନ୍ତୁ ।

ହଁ, ହରିଭାଇ ସେଇଆ । ତଥାପି, ଯଦି ତା' ଋଣ ଶୁଝଟ ନ ହୁଏ, ସେ ଯମପୁରରେ ବିନନ୍ଦ ମହାପାତ୍ର ନାମରେ ଚିତ୍ରଗୁପ୍ତ ପାଖରେ କେସ୍ ଦାଏର୍ କରୁ । ସବୁ ହିସାବ ସେହି ଚିତ୍ରଗୁପ୍ତ ରଖିଥିବ । ସେ ବଳେ ବୁଝିବ ଆମର ଶୁଝୋଟ ଦେଉଣା କିଛି ବାକି ଅଛି କି ନ ଅଛି ।

ତା'ର ବଂଶର କାହାରି ସଙ୍ଗରେ ମୋ'ର ଭେଟ ହେଲାନାହିଁ । ଆଖପାଖର ଗାଁ-ମଣିଷ ଯେଉଁମାନେ ପରଚ ଦେଲାରୁ ଚିହ୍ନିଲେ, ତାଙ୍କ ଭିତରୁ କେହି କେହି କହିଲେ, ଭାରି ତରକା ସେ ଦାସପୁଅ ! ନଈବନ୍ଧ ମଥାକୁ ପାଣି ଛୁଇଁଲାରୁ, କେମିତି ଜାଣିଲା ପରି ସେ ତା'ର ଗୋରୁଗାଈଙ୍କୁ ପଧାରୁ ମୁକାଳି ଦେଲା । ପିଲାଛୁଆ, ଟଙ୍କାକଉଡ଼ି, ତା' ପଟ୍ଟାପାଉତି, ତମସୁକ ଧରି ଦି'ଟା ବଳଦ ଗାଡ଼ିରେ ଗାଁ ଛାଡ଼ି ଚାଲିଗଲା । ମୂଲିଆଙ୍କୁ ଘର ଜଗାଇ, ତାଗିଦା କରି କହିଗଲା ଯେ ତା' ସମୁଦିଙ୍କ ଝିଅ ବେମାର, ସେ ଦେଖିବାକୁ ଯାଉଛି, ଦି'ଦିନ ପରେ ଫେରିବ ।

ସେ ଯମକୁ ଚିତାକାଟିବା ମଣିଷଟି ! ମଧୁର ଭକ୍ତିରେ ଠାକୁରମାନଙ୍କୁ ଠକି, ଖୁସିକରାଏ । ତା' ବରାଦ ମାଫିକା ବର ନେଇ ଚମ୍ପଟ ମାରେ । ଏବେଯାଏ ତା'କୁ ମୁଁ ସପନ ଦେଖୁଛି । କେଉଁଠି ଯଦି କେବେ ହାବୁଡ଼ି ଯିବି, ଯଦି ସେ ଚିହ୍ନି ପକାଇବ, ତା' ପାଉଣା ପାଇଁ ମୋ' ପିଛା ଧରିବ । ହେଲେ, ତା'କୁ ମୋ'ର ଡର ନାହିଁ । ବନ୍ଧକୀ-ଜମି ବାଲିକୁଦକୁ ଦେଖାଇ ଦେବି । କହିବି, ନେ, ସବୁ ନେଇଯା—

ଦୁଇମାସରୁ ଅଧିକକାଳ ସେ ବୁଲିଲା । ଖୋଜିଲା । ପଚରା ଉଚରା କଲା । କେଉଁଠି ତା' କୁଟୁମ୍ବର କାହାରି ଖବର ପାଇଲା ନାହିଁ । ସେ ନିଧାର୍ଯ୍ୟ ଜାଣିଲା, ସେମାନେ ମରିହଜି ଯାଇଛନ୍ତି । ଛଟପଟ ହୋଇ, ଅନ୍ଧାରରେ ଅଣ୍ଡାଳି ହେଲାପରି ନଥିଲା ଲୋକଙ୍କୁ ଖୋଜି ନିଜେ କଷ୍ଟ ପାଇବା ଉଚିତ ନୁହେ । ଦେହର ଦୁଃଖ ଓ ମନର ଅସ୍ଥିର ଭାବ ତା'କୁ କାବୁ କରିଥିଲା । ଆଖିର ଲୁହ ଅନେକ ଦିନରୁ ଶୁଖିଥିଲା ।

ଦେହ ମିହନ୍ତ କରି, ମୋଫସଲରେ କାମ କରି ପେଟ ପୋଷିବାକୁ ସେ ଅକ୍ଷମ । ନିପାରିଲା ଅଖଞ୍ଜ ଦେହରେ ବାଲି ମାଟି କୋଡ଼ିବା, ତାଡ଼ିବା, ବୋହିବାକୁ ସେ ଅପାରଗ । ଭିଖାରୀ ଦଳଙ୍କ ସଙ୍ଗେ ମିଶି ବାରଦ୍ୱାର ବୁଲି ଭିକମାଗି ବଞ୍ଚିବାକୁ ମନ ହେଲାନାହିଁ । ଯେଉଁ କାମଟି ତା' ବାପ ତା'କୁ ଶିଖାଇଥିଲା, ଯହିଁରେ ସେ ପାରଙ୍ଗମ ବୋଲି କଲିକତାରେ ପ୍ରଶଂସା ପାଇଥିଲା, ସେଇ କାମରେ ହାତ ଦେଲେ ଯେତିକି ମିଳିବ ସେତିକିରେ ପେଟ ଅପୋଷା ରହିବ ନାହିଁ । ଏପରି ସେ ବିଚାରିଲା ।

ପବନରେ ଉଡ଼ା ପତର ପରି ତା'ର ଭବିଷ୍ୟ ଜୀବନରେ କି ସ୍ଥିରତା ଅଛି ? ସେ ହେଲା ପତର-ଚକି । ବୁଲି ବୁଲି, ନିରାଶା ଭିତରେ ଦିକିଦିକି ଜୁଳୁଜୁଳା ପୋକ ପରି ଦୁରାଶାକୁ ଜୀବନ୍ତ ରଖି ସେ ପୁଣି ଫେରି ଆସିଲା ବଡ଼ ସହରକୁ । ଦେହରେ କୋଟଟ ମଇଳା ଲୁଗାଜାମା । ସେ ଦେହ ପୁଣି ଦୁର୍ବଳ । ପାଦ ଦୁଇଟି ଫୁଲି ଯାଇଥାଏ ।

ଭୋକରେ ପେଟ ହାକୁହାକୁ । ହାତରୁ ପଇସା ସରି ଆସିଲାଣି । ତେବେ, ଅତି ନିକୁଛରେ ଚଳି ଓଳିଏ ଖାଇ ଓଳିଏ ଉପାସ ରହିଲେ ହପ୍ତାଏ ଖଣ୍ଡେ ଚଳିଯିବ । ଶୁଖିଲା ପାଚିଲା ପାଗ । କେଉଁ ବାରଣ୍ଡାରେ ରାତି କଟାଇବ । ସହରରେ ଅନେକ କାଠ-କାମର କାରଖାନା ଅଛି । ସକାଳୁ ଯାଇ ପଚାରି

ପର୍ଗୁରି କାମ ଚଳାଇବ । କାହା ମନରେ ଅବଶ୍ୟ ଦୟା ହେବ । ମଜୁରିର ପରିମାଣ ବିଗ୍ରରକୁ ନେବ ନାହିଁ । ପେଟ ପୋଷିବାକୁ ଯେତିକି ଲୋଡ଼ା ସେତିକିରେ ରାଜି ହେବ ।

ବିଅର୍ଥ ଖୋଜାଲୋଡ଼ାର ହତାଶିଆ ବାହୁଡ଼ାଣି ପରେ ସହରରେ ପାଦ ଦେଉଣୁ, ଦୁଲାଳୀ ତା'ର ମନେ ପଡ଼ିଥିଲା । ପାଦ ଦୁଇଟା ତାଆରି କୁଡ଼ିଆ ଆଡ଼କୁ ଓଟାରି ହୋଇଯିବାକୁ ଛପପଟ ହେଉଥିଲା । କିନ୍ତୁ, ସତେ ଯେମିତି ତା' ଆଗରେ ଅତି ଉଚ୍ଚର ହିଡ଼ ପରେ ହିଡ଼ ଠିଆ ହେଉଥିଲା । ସେଗୁଡ଼ିକ ଦୁଲାଳୀର ବଡ଼ପଣିଆ ।

-ହଁ, ହରିଭାଇ ସେଇଆ । କେମିତି ତମକୁ ସମଝାଇ ପାରିବି ? କି'ବା ବିଦ୍ୟା ମୋ'ର, କି'ବା ବୁଦ୍ଧି ? ସରସ୍ୱତୀ ଓ ଗଣେଶଙ୍କୁ ପୂଜା କରିବାରେ, କେବେ ହେଳା କରିନାହିଁ । ତଥାପି ପାଠ ହେଲାନାହିଁ । ବୁଦ୍ଧି ବଢ଼ିଲା ନାହିଁ । ତମେ ମୋ' ମନର ଭାବ ବୁଝିନିଅ ।

ଦୁଲାଳୀ ମୋ'ର ଅଚିହ୍ନା, ଅଜଣା । ସାତ ପର । ତା'ର କଠୋର ପରପଣିଆଁ ତଳେ, ଯେମିତି ବାରହାତ ମଟାଳିଆ ମାଟି ତଳେ ନିର୍ମଳ ଶୀତଳ ଜଳର ଧାର ଲୁଚି ରହିଥାଏ, ସେମିତି ଆପଣାପଣିଆଁ-ଦୟାର ଧାର ଲୁଚି ରହିଥିଲା ।

ମୁଁ ତା'କୁ ଧନଦରବ କିଛି ଦେଇ ନ ଥିଲି । ବଡ଼-ଭଉଣୀ ହିସାବରେ, କିଏ ଜାଣେ, ବୟସରେ ସେ ମୋ'ଠାରୁ ବଡ଼ ବି ହୋଇପାରେ, ତା' ହାଲିଆ ପାଦକୁ କେବେ ମଞ୍ଜାଳି ନ ଥିଲି । ମୋ' ଆଖିରେ ସେ ଥିଲା କରୁଣାମୟୀ ଚଳନ୍ତି ଠାକୁରାଣୀ ।

ହସ ନା ହରିଭାଇ ! ମୁଁ ଯାହା କହୁଛି, ସତ । ମୋ' ହେତୁ ପାଇଲା ଦିନରୁ କେତେ ଠାକୁର ଠାକୁରାଣୀଙ୍କୁ ପୂଜା କରିଛି । ତମ କହିଲା ପ୍ରକାରେ, ଫୁଲ, ଚନ୍ଦନ, ସିନ୍ଦୁର, ନୈବେଦ୍ୟ, ବାଜାବାଜଣା ଯୋଗାଡ଼ କରିଛି । ପୂଜକମାନଙ୍କୁ ମୋ' ଶକ୍ତି-ସାମର୍ଥ୍ୟ ପ୍ରକାରେ ବିଦାକି ଦେଇ ସନ୍ତୁଷ୍ଟ କରିଛି । ସାଷ୍ଟାଙ୍ଗ ପ୍ରଣିପାତ । ଆଧିଆ ପଡ଼ିଛି । କିଏ ମୋ'ର କି ମଙ୍ଗଳ କରିଛି ? ଯାହା ହେବାର ତ ହୋଇଛି, କରିଛି ଏଇ ଜୀଅନ୍ତା ଚଳତି-ମଣିଷ !

ଯାହା କହିଲି ମୋ' ବୁଝିବାରେ ସେଇଆ ଠିକ୍ । ତମେ ଭାବୁଥିବ ସମସ୍ତଙ୍କୁ ହରାଇ, ବାଟର ଭିଖାରୀ ହୋଇ, ଏଇ ଆହିଆଟା ସଭିଙ୍କ ଉପରୁ ବିଶ୍ୱାସ ହରାଇଛି । ସତ । ହେଲେ ମନ ଦୁଡ଼ୁଗୁଡ଼ୁ ତୁଟି ନାହିଁ । ଭାବୁଛି, ତୁଟିବ ନାହିଁ । କାହିଁକି କହୁଛି କି, ଯେତେ ଠାକୁର, ଯେତେ ଠାକୁରାଣୀ ଯେଉଁଠି ପୂଜା ପାଉଛନ୍ତି ତାଙ୍କୁ ଦେଖିଲା ମାତ୍ରକେ ହାତ ଯୋଡ଼ିଛି । ମୁଣ୍ଡ ତଳେ ଲଗାଇ ଓଳଗି ହୋଇଛି । କାକୁସ୍ଥ ହୋଇ ତାଙ୍କୁ କିଛି ମାଗିଲେ ସେମାନେ ଦେବେ ନାହିଁ ଏହା ମୁଁ ଜାଣିଲେ ବି, କାଳେ ଦେବେ, କାଳେ ଦୁଃଖ ଯିବ, କାଳେ ମନର ଆଶା ଫଳିବ, ଏହିପରି ଧାରଣାରେ ସେମାନଙ୍କ ପାଖରେ ଦୁଡ଼୍‌ଗୁଡ଼ିଆ ମନ ମାଗୁଣି କରିଛି । ମାଗୁଣିର ତ ଅନ୍ତ ନାହିଁ ।

ଦୁଲ୍ଲଳୀ ମୋ' ଆଖିକୁ ଜୀଅନ୍ତା ଠାକୁରାଣୀ ପରି ଦିଶୁଥିଲା । ତା'କୁ ମୁଁ କିଛି ମାଗି ନ ଥିଲି । ସେ ଆପେ ମୋ'ର ଅସମୟରେ ଦିନ କେଇଟି ମୋ'ର ସେବା କରି ମୋତେ ନୂଆ ଜୀବନ ଦେଇଥିଲା । ସତେକି ସେ ମୋ'ର ମା, ଭଉଣୀ, ଘରଣୀ ।

ମଣିଷର ପୁଣି ଗୋଟାଏ ଜାତିଆଣ ଥାଏ ! ପେଟର ଭୋକ ପାଇଁ କିଏ କେଉଁ ଫନ୍ଦି କରେ ବୋଲି ମଣିଷ ଆଉ ମଣିଷ ଭିତରେ ଭେଦବିଚ୍ଛର ରହେ ଏକଥା ମତେ ସେ ଭୁଲାଇ ଦେଇଥିଲା । ମଣିଷର ବାହାର ରୂପ ଆଉମାନଙ୍କ ଆଖିକୁ ଅସନା ଦିଶିଲେ ବି ସେହି ମଣିଷଟିର ଭିତର ରୂପ ଯେ ଅତି ସୁନ୍ଦର ହୋଇପାରେ ଦୁଲ୍ଲଳୀଠେଇଁ ମୁଁ ସେତକ ଅନୁଭବ କରି ପାରିଥିଲି ।

ଟାହିଟାପରା କରି ହସିବାକୁ ମନ ହେଲେ, ତମେ ହସ ହରିଭାଇ ! ତମ ହିସାବରେ ମୋ' ନିସାହା ଜୀବନର ବିକଳ-କାନ୍ଦଣାର ମୋ' କଥା ଅନ୍ୟଗୋଟିଏ ସ୍ୱର ବୋଲି ମଣିପାର । ହେଲେ ହୋଇଥିବ, ମତେ ଅଜଣା । ମୁଁ ପୁଣିଥରେ ଦୁଲ୍ଲଳୀକୁ ଭେଟିବା ପାଇଁ ଯିବି ବୋଲି ସେ କେବେ ବିଚ୍ଛରି ନ ଥିଲା । ମୋ'ର ସବୁ ଦୁଃଖ ତ ତା'କୁ କହି ସାରିଥିଲି, ବିଦା ହୋଇ ଗଲାବେଳେ, ଦି'ହାତ ଯୋଡ଼ି ମୁଣ୍ଡରେ ଲଗାଇଥିଲି ।

ସେ ହସିଲା ନାହିଁ । ଓଲଟି ମୁହଁ ଫଣଫଣ କରିଥିଲା । କହିଥିଲା, ଯା, ତୋ' ନିଜ ଲୋକଙ୍କୁ ଠାବ କର । ପାଇଲେ, ଭଲରେ ରହ । ତତେ ଟିକିଏ ସାହାଯ୍ୟ କଲି । ମୋ' ମନ ଖୁସି ହେଲା । ତୁ ନ ହୋଇ ଅନ୍ୟ କିଏ ହୋଇଥିଲେ, ମୋ' ଓଳିତଳେ ଦରମରା ହୋଇ ଆଶ୍ରା ନେଇଥିଲେ ମୁଁ ସେଇଆ କରିଥାନ୍ତି ରେ ! ସେଥିରେ ମୋ'ର ଆନନ୍ଦ । ସେହି ଆନନ୍ଦ ଟିକିକ ମୋ'ର ପାଉଣା । ତୁ ଦେଇନୁ । ମୁଁ ଆପେ ପାଇଛି । ଯା'ରେ ଯା, କେବେ ଫେରିବୁ ଯଦି, ମନହେଲେ ଥରେ ଆସିବୁ । ତୋ' ଖବର କହିବୁ ।

ସହରରେ କେତେଦିନ ଏ ପିଣ୍ଡା ସେ ପିଣ୍ଡା ହେଲି । କାଠ କାରଖାନା-ମାନଙ୍କୁ ଯାଇ କାମ ଲୋଡ଼ିଲି । ମୋ' ରୂପ ଭେକ ଦେଖି ସମସ୍ତେ ଘଉଡ଼ିଲେ । ପାଖରୁ ପଇସା ସରିଲା । ଦୁଲ୍ଲଳୀ ଘରକୁ ଯିବାକୁ ସେଯାଏ ଲାଜଲାଜ ମାଡୁଥିଲା । ଯେଉଁଠି ବେଶୀ ଆଦର, ବେଶୀ ସହାନୁଭୂତି ମିଳେ, ସେଠିକି ଯିବାକୁ କ'ଣ ଗୋଡ଼ ପଛେଇ ହୁଏ ?

ପୁଣି ମୋ'ର ଭୋକିଲା ପେଟ, ଆଉ ନିକମା ନିସାହାପଣକୁ ନେଇ ଯିବି ଦୁଲ୍ଲଳୀର ଘରଆଗକୁ ? ସେ ମୂଲିଆଣୀଟିଏ, ମୂଲ ଲାଗି ପେଟ ପୋଷେ । ତା'ର ବି କେହି ସାହା ନ ଥିଲା । ତା'ର ସାହା ତା'ର ଦେହର ତାକତ, ନିଜ ଉପରେ ନିଜର ବିଶ୍ୱାସ, ମନର ବଳ । ଦିନେ ସେ ମତେ ସାନ୍ତ୍ୱନା ଦେବାକୁ କହିଥିଲା, ଆରେ, ନିଜକୁ ନିଜେ ସମ୍ଭାଳି ନ ପାରିଲେ କିଏ ପିଠିରେ ପଡ଼ିବ ? ତୁ ଯିବୁ ତ ଯା, ନିଜ ଭାଗ୍ୟ ଘେନି ବୁଲୁଥା ।

ସେଇଆ କରିଥିଲି ହରିଭାଇ ! ଭାଗ୍ୟ ଘେନି ବୁଲି ବୁଲି ନୟାନ୍ତ ହେଲି । ତମର ଏଇ ବଡ଼ ସହରକୁ ସେଇ ଭାଗ୍ୟ ମତେ ତଡ଼ି ଆଣିଥିଲା । ମୋ' ଆଗରେ ସେ

କେବେ ହସିଲୁ ନାହିଁ । ଦୁର୍ବଳ ରୋଗଣା ଦେହ ଧରି, ସବୁଠାରୁ ହତାଶ ହୋଇ ଫେରି କେମିତି ନିଜ ଉପରେ ବିଶ୍ୱାସ ରଖି ପାରନ୍ତି ? କେମିତି ମୋ' ମନରେ ବଳ ଆସନ୍ତା ? କେମିତି ନିଜକୁ ମୁଁ ସମ୍ଭାଳି ପାରନ୍ତି ? ତମେ ପଚାରିବ ଅସମ୍ଭାଳ ହୋଇ ମୁଁ କ'ଣ କରି ପକାଇଥାନ୍ତି ?

ମୁଁ ସେଇ କଥା ମତେ ପଚାରିଥିଲି । ହୋ-ହୋ ହୋଇ ହସି ଉଠିଲି । ଆତ୍ମଘାତୀ ହେବାକୁ ମନରେ ବଳ ନ ଥିଲା । ଏତେ କଷ୍ଟ ସହି, ଦୁଃଖ ଭୋଗି, ହତାଶ ହୋଇ ବି ମୁଁ ବାଇଆ-ବାତୁଳ ହୋଇ ନ ଥିଲି । ମରଣଟା ଆପେ ଆସୁ ନ ଥିଲା । ସତ କହୁଛି, ତା'କୁ ନିତି ଦେଖୁଥାଏ । ତା' ବୋବାଳି ନିତି ମୋ' କାନରେ ବାଜୁଥାଏ । ତଥାପି, ତା'କୁ ମୁଁ ପ୍ରାଣେ ଡରୁଥାଏ । ତା' ପାଖରୁ ଦୂରକୁ ଧାଇଁ ପଳାଇ, ତା' ଦୃଷ୍ଟି ଏଡ଼ାଇ କେଉଁଠି ଛପି ଯିବାକୁ ମନ ଆତୁର ହେଉଥାଏ ।

କାହିଁକି ? ୟା'ର ଜବାବ ମୁଁ ଦେଇ ପାରିବି ନାହିଁ ।

ହେ ହରିଭାଇ, ଏବେ ଶୁଣ, ଆଚମ୍ବିତ କଥା । ଭାରି ଗହନ । କାହା ଆଗରେ କହିବାକୁ ଦୁଲୁଲୀ କେବେ ମନା କରିନାହିଁ । ଖୁସି ମିଜାସରେ, ଫୁଲ୍ଲ-ପଣିଆରେ, ଉପରେ ପଡ଼ି କାହା ଆଗରେ ଗପି, ସାତ-ପର ମଣିଷ, ପରଘରର ସମାଚାର ଶୁଣିବାକୁ ଯେଉଁମାନେ ଘଡ଼ିକ ପାଇଁ ଗୋଟାଛାଏଁ ତମର ହୋଇଯାଆନ୍ତି, ତାଙ୍କୁ କାନ ଧରାଇ ଦେବାକୁ ଦୁଲୁଲୀ ପସନ୍ଦ କରେ ନାହିଁ । ତେବେ ତମ ଆଗରେ ମୋ' ଗୋଚରକୁ ଆସିଥିବା ଖବର କହିବାକୁ ମନ ଛନ ଛନ ହେଉଛି ।

କହୁଛି ଶୁଣ—

ଦୁଲୁଲୀର ଦୟାର ଡୋର ମତେ ପୁଣି ତା' ଘର ଆଡ଼କୁ ଓଟାରି ନେଲା । ଅନ୍ଧାର ପକ୍ଷ । ସଞ୍ଜ ପହର । ନିର୍ମଳ ଆକାଶ । ସେଥିରେ ବିଞ୍ଚି ହୋଇଛି ଅଗଣନ ନକ୍ଷତ୍ର । କେତେ ଉଜ୍ଜ୍ୱଳ । କେତେ ନିଷ୍ପ୍ରଭ । କେତେ ନିଷ୍କଳ । କେତେ ମିଟିମିଟି ।

ତା' ଘରର ଦଦରା କବାଟରେ ଯୋଡ଼ାଏ ତାଲା ଓହଳିଥିଲା । ଉପର ଜଞ୍ଜିରରେ ଝୁଲୁଥିବା ତାଲାଟି ଟିକିଏ ବଡ଼ । ମଝି ଜଞ୍ଜିର ତାଲାଟି ଛୋଟ । ଭାବିଲି, ମୂଲ ଲାଗି ପେଟ ପୋଷିବା ମାଇପିଟି, ମଜୁରି ନେଇ ଫେରିବାକୁ ଡେରି ହେଉଥିବ । ଆଗପାଖ ବରଣ୍ଡାରେ ଅପେକ୍ଷା କଲି ।

ସହରସାରା ବୁଲି ବୁଲି ହାଲିଆ ହୋଇଥିଲି । ଭୋକ ମରିଯାଇଥାଏ । ନଈକୂଳିଆ ସୁଲୁସୁଲିଆ ପବନ ଦେହରେ ବାଜିବାରୁ ଆଖିପତା ମାଡ଼ି ମାଡ଼ି ପଡ଼ୁଥାଏ ।

କେତେବେଳେ ନିଦ ହୋଇଗଲା ।

ଦୁଲ୍ଲୀର ଡାକରେ ମୋ' ନିଦ ଭାଙ୍ଗିଲା । ରାସ୍ତା ଆରପାଖ ବିଜୁଳି-ଖମ୍ବର ଉଜ୍ଜ୍ୱଳ ଆଲୁଅ ତା' ଦେହରେ ମୁହଁରେ ପଡ଼ିଥିଲା । ଦେଖୁଦେଖୁ ମୁଁ ତାକୁ ଚିହ୍ନିଲି । ସେ ଧୋବ ଶାଢ଼ି ଖଣ୍ଡେ ପିନ୍ଧିଥିଲା । ତା'ର ମୁଗୁନି-ପଥରରେ କୁନ୍ଦିଲା ପରି କଳାମିଚିମିଚି ଗୋଲିଆ ଫୁଲୁକା ମୁହଁ ରାସ୍ତା ଆଲୁଅର ଆଭାରେ ଚିକିଚିକି ଦିଶୁଥିଲା । ଚିପି ଦେଲାପରି ନାକ, ବଡ଼ ବଡ଼ ଆଖି ଡୋଳା, ଆଉ ଉପର ଓଠତଳେ ପଦାକୁ ଅଳପ ଦିଶି ଯାଉଥିବା ଧୋବଲା ଦାନ୍ତ । ତା' ମୁହଁ ଯିଏ ଦେଖିଥିବ ସେ ଭୁଲି ପାରିବ ନାହିଁ ।

ତମେ ମୁରୁକାଉଛ କାହିଁକି ହରି ଭାଇ ? ମୁଁ ନାକରା କଥା କହିଲି ? ତମରି କହିଲା ବଚନ ତମରି କାନରେ ପକାଉଛି । ମନେ ପକାଉନ, ଦିନେ କହିଥିଲ, ସ୍ତିରୀ ହେଉ ପୁରୁଷ ହେଉ ଦଇବ ଗଢ଼ିଲା ମୁହଁ କେବେ ଅସୁନ୍ଦର ହୁଏ ନାହିଁ । ସେ ଭଳିଭଳିକା ଖେଳଣା ଗଢ଼େ । ଚମରେ କେତେ ଜାତିର ରଙ୍ଗ ବୋଳେ । ମୁଣ୍ଡ ଭିତରେ କିସମ କିସମର ସ୍ପ୍ରିଙ୍ଗ୍ ଖଞ୍ଜେ ଯେ ସେ ଜୀବନସାରା ଢଙ୍ଗ-ଢଙ୍ଗର ନାଟ ନାଚୁଥାଏ ।

ଦୁଲ୍ଲୀକୁ ତ ଚିହ୍ନିଲି, ଉଠି ବସିଲି । ହାତରେ ଧରିଥିବା ପୁଡ଼ାଟି ତଳେ ରଖି ସେ ଅଣ୍ଟା ନୁଆଁଇ ମୁହଁକୁ ଦେଖିଲା । ମୁଣ୍ଡ ଦୋଲାଇ ଚୁ ଚୁ କଲା । କହିଲା, ଚିହ୍ନିଲି ରେ ! ତୋତେ ମୋ' ପିଣ୍ଡାରେ ମିତିକା ଭିଖାରୀର ରୂପଭେକରେ ଦେଖି ମୁଁ ସବୁ ଜାଣି ପାରୁଛି । ତୋ' ଆଶା ବିଫଳ ହୋଇଛି । ବର୍ତ୍ତମାନ ବିଚାରିବାର କଥା, ତୁ ମରିବାକୁ ଚାହୁଁଛୁ, କି ବଞ୍ଚିବାକୁ ଚାହୁଁଛୁ ?

ମୁଁ ଜବାବ ଦେଇ ପାରିଲି ନାହିଁ ।

ଦୁଲ୍ଲୀ ତା' କବାଟର ତାଲା ଖୋଲିଲା । ଜଞ୍ଜିର ମୁକାଳି କବାଟ ଦି' ଫାଳି ଖୋଲି ଠିଆମେଲା କଲା । ରାସ୍ତା ଆଲୁଅର ଆଭା ଓଳିତଳ ବାଟେ ଘରେ ପଶୁଥାଏ । ସେ ପୁଡ଼ାଟି ଧରି ଭିତରକୁ ଗଲା । ଘର ଭିତରେ ଖୁଡ୍‌ଖାଡ୍ ଶୁଭୁଥାଏ । ସେ ନିଜ କାମରେ ବ୍ୟସ୍ତ ରହିଲା । ପଦାକୁ ଆସିଲା ନାହିଁ ।

ଆନନ୍ଦ ନିଜକୁ ସଜାଡ଼ି ପ୍ରସ୍ତୁତ କରୁଥିଲା । ଦୁଲ୍ଲୀର ପଚରା ତା ମନରେ ଦୋହଲି ଦୋହଲି ଦୋଳି ଖେଳୁଥିଲା । ଭାବୁଥିଲା, ତା'ର ଜବାବ ନ ଶୁଣି ସେ ଭିତରକୁ ଚାଲି ଯାଇଛି । ଜଣାଇଁ ଦେଇଛି ଯେ ଆନନ୍ଦର ବଞ୍ଚିବା ମରିବା ସଙ୍ଗେ ତା'ର କିଛି ସମ୍ପର୍କ ନାହିଁ । ବାଟର ମଣିଷଟା ନିଜ ରାହା ଧରୁ ।

ପିଣ୍ଡାରୁ ଓହ୍ଲାଇ ରାସ୍ତା ଉପରକୁ ସେ ଟଳ ଟଳ ହୋଇ ଆସିଲା । ଭାବିଲା, ପର ମଣିଷଟା, ନିଜ ଦୁଃଖରେ ନିଜେ ସେ ଚଳୁଛି । ଦୁଃଖ ଧନ୍ଦା ତା'ର ବୃତ୍ତି । ତା'ର ସାହାଭରସା, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଯେ ତା'ର ହାତଗୋଡ଼, ଆଖିକାନ ଓ ସ୍ୱଭାବପ୍ରକୃତି । ତା' ଉପରେ କାହାରି ଅଧିକାର ନାହିଁ । ନିଜ ଘରର ନିଜେ ମାଲିକାଣୀ ।

ଆନନ୍ଦକୁ ସେ ତା' ପିଣ୍ଡାରୁ ଜାଣ ତଡ଼ି ଦେଇଛି । ପ୍ରକାରାନ୍ତରରେ କହିଛି, ନିଜ ରକ୍ଷଣ ଅସମ୍ଭବ, ସେ କାହୁଁ ପରକୁ ରଖିବ ? ହାତ ଗୋଡ଼ ଚଳୁଥିବା ଯାଏ ତା'ର ଭୋକ ଚଳୁଥିବ । ନେତକ ଅଖଣ୍ଡ ହେଲେ ସେ ବି ଆନନ୍ଦ ପରି, ଆଉ

ଶହ ଶହ ନିସାହାଙ୍କ ପରି ଢୋକେ ପିଇ ଦଣ୍ଡେ ଜୀଇଁବା ଆଶାରେ ରାସ୍ତାକୁ ଓହ୍ଲାଇବ ।

ରାତି ବେଶୀ ହୋଇ ନ ଥିଲା । ରାସ୍ତାର ଗହଳି ଉଣା ହୋଇଥିଲେ ବି ଲୋକେ ଯାତାୟାତ କରୁଥିଲେ । ସାଇକଲ୍, ରିକ୍ସା, ସ୍କୁଟର, କାର୍ ବି ଆନନ୍ଦର ଆଗରେ ବେଗରେ ଯା' ଆସ କରୁଥିଲେ । ତା'ର ଦୁର୍ବଳ ଟଳ ଟଳ ଦେହରେ କାଳେ ଧକ୍କା ଲାଗିବ ସେହି ଡରରେ ସେ ପଛେଇ ଆସିଲା ।

ତା'ର କାନରେ ବାଜିଲା, ଦୁଲାଳୀ ତା'ର ନାମ ଧରି ଡାକ ଛାଡିଛି ।

ଆନନ୍ଦ ମୁହଁ ବୁଲାଇ ରହିଁଲା । ସତେ, ଦୁଲାଳୀ ଡାକୁଛି । ସେ ତା' ପିଣ୍ଡା ତଳେ ଠିଆ ହୋଇଛି । ମୁକୁଳା ଘର ଭିତରେ କଣ୍ଢେଇ ଅଳପ ତେଜା ହୋଇ ଜଳୁଛି ।

ଆନନ୍ଦର ମନ କୁରୁଳି ଉଠିଲା । ସେ ଭାବିଲା, ଦୁଲାଳୀକୁ ସେ ଭୁଲ୍ ବୁଝିଥିଲା । ତା'ର ସୁନା ମନକୁ ପିତଳ ମଣି ସେ ଅନ୍ୟାୟ କରିଥିଲା । ସେ ଜାଣିଲା, ଦୁଲାଳୀର ଛାତି ତଳେ ଲୁଚିଥିଲା ମମତା ଜାଗି ଉଠିଛି । ତା'ର ସେନେହୀ ମନ ଗୋଟାଏ ଅଭାଗା ଅକର୍ମା ଅସହାୟ ମଣିଷର ଦୁଃଖରେ ତଟିଛି ।

ଦୁଲାଳୀ ଖାଲି ତୁଣ୍ଡରେ ଡାକୁ ନାହିଁ । ହାତ ଠାରି ମୁଣ୍ଡ ହଲାଇ ଡାକୁଛି । ସେ ଆଜିଆର କେହି ନୁହେ । ଆଟରୁ ଅଚିହ୍ନା ଥିଲା । ଏ ଦୁନିଆରେ ଆନନ୍ଦଠୁଁ ବଳି ଆହୁରି ଅଧିକ ଅଗଣନ ଦୁଃଖୀ-ରଙ୍କୀ ଅପାରଗ ଅଛନ୍ତି । ଏଇ ବଡ ସହରର ବଡ ଦାଣ୍ଡରେ ତା'ର କୁଡିଆ ଘର ଆଗରେ ସେମିତି କେତେ ଯାଉଥିବେ । କେତେ ଆଉଥିବେ । ତା'ର ଛୋଟ ପିଣ୍ଡାରେ କିଏ କେମିତି ବସି ଯାଉଥିବେ । ତା' ମନ କ'ଣ ସଭିଙ୍କ ପାଇଁ ତଟେ ? ସମସ୍ତଙ୍କର ଯତ୍ନ ନେବାକୁ, ସେବା କରିବାକୁ, ମୂଲିଆଣୀଟିଏ, କାହୁଁ ସେ ବେଳ ପାଇବ ? ସମ୍ବଳ ପାଇବ ?

ଆରେ ହରିଭକ୍ତ, ଏପରି କେତେ ପ୍ରଶ୍ନ ମୋ' ମନରେ ଆଉଟି ହୋଇଥିଲା । ସେଇ ରାତିରେ ନୁହେଁ ମ, ପର ଜୀବନରେ, ଯେତେବେଳକୁ ମୋ' ପରି କାଅପଦାର୍ଥଟିଏ ତା' ଘରର ଗୃହସ୍ଥ ହୋଇ ସାଟିଥିଲା । କାହିଁକି ମତେ ଦୁଲାଳୀ ସେ ଆସନରେ ବସାଇଲା ମୁଁ ଜାଣେ ନାହିଁ । କେବେ ତା'କୁ ପଚାରି ନାହିଁ । ଆମ ଗରିବ ସଂସାରର ମୁଁ ହୋଇଛି ଗେରସ୍ତ । ଆଉ, ସେ ଯେ ଘରଣୀ ।

ମୋ'ର ହଜିଲା ସଂସାର ମୁଁ ଫେରି ପାଇଛି । ଦୁଲାଳୀର କେଉଁ ହଜିଲା ସଂସାର ଥିଲା ପରା, ପାସୋରା ସଂସାର, ମତେ ଅଗୋଚର । ସେତକ ବି ସେ ଫେରି ପାଇଛି ପରା । ସ୍ୱାମୀ, ଝିଅ, ପୁଅଙ୍କୁ ଧରି ସେ ଘରଣୀ ଘର କରୁଛି । ସମସ୍ତଙ୍କର ସେ ସେବାକାରିଣୀ । ମୁଁ ତ ସେମାନଙ୍କର ସେବାକାରୀ । ଅଭାବ ଅନଟନରେ ଘାଣ୍ଟି ହେଲେ ବି ଆମର ପାଣି-ତୋରାଣିର ସଂସାର ସୁଖରେ ନ ହେଲେ ନାହିଁ, ପରସ୍ପରକୁ ସ୍ନେହ-ମମତାର ଡୋରରେ ବାନ୍ଧି ଶାନ୍ତିରେ ଚଳି ଯାଉଛି ।—

ବାରବର୍ଷ ହେଲା ଏଇ ହତଭାଗ୍ୟ ଆନନ୍ଦ ମହାପାତ୍ର ହରିମିସ୍ତ୍ରୀଙ୍କର ସହକର୍ମୀ ହୋଇ ରହିଛି । ତା' ଆଗରୁ ସେ ଦୁଲ୍ଲଳୀକୁ ଚିହ୍ନିଥିଲେ । ମୂଲିଆ ମୂଲିଆଣୀଙ୍କ ମେଳରେ କେଉଁମାନଙ୍କର କୋଠାତୋଳା କାମରେ ତା'କୁ ସେ ଦେଖିଥିଲେ । କାମ ଉପଲକ୍ଷରେ କେବେକେବେ କଥାଭାଷା ହୋଇଥିଲେ । ସେ ଜାଣିଥିଲେ, ଦୁଲ୍ଲଳୀ କାମିକା ଝିଅ । ଯେଉଁ କାମ ବରାଦ କଲେ ସେ କରେ । ଓଜର-ଆପତ୍ତି କରେ ନାହିଁ । ତା'ର ଫେଞ୍ଚକାମି ହେଞ୍ଜଡ଼ାମି ନ ଥାଏ ।

ତା'ର ସଂସାର ସମ୍ବନ୍ଧରେ ହରିମିସ୍ତ୍ରୀ ବିଶେଷ କିଛି ଜାଣି ନ ଥିଲେ । ଶୁଣାଶୁଣିରେ, ତା'ର ଗେରସ୍ତ ଥିଲା, ପିଲାଟିଏ ବି ଥିଲା । କିନ୍ତୁ, ସେମାନଙ୍କୁ ସେ କେବେ ଦେଖି ନ ଥିଲେ । କୁଆଡ଼େ ତା'ର ପିଲାଟି କେବେ ସେ ପୁରକୁ ଚାଲିଗଲା । ତା' ପରେ ପରେ ତା'ର ଗେରସ୍ତ ବି ତା'କୁ ଛାଡ଼ି ଉଭାନ୍ ହୋଇଗଲା । ସେଇଟା କେଉଁ ବେପାରୀର ଟ୍ରକ୍‌ରେ କ୍ଲିନର୍ କାମ କରୁଥିଲା । ରାତି ସାରା ତା'ର କାମ । ଦିନସାରା ଘରେ ଶୁଏ । ପ୍ରଚୁର ମଦ ପିଏ । କଥା ଅକଥାରେ ଦୁଲ୍ଲଳୀକୁ ପିଟେ ।

କିଏ କିଏ କହନ୍ତି, ଚୋରା-ବେପାରୀର ଟ୍ରକ୍‌ଟା କେଉଁ ଦୂର ରାଇଜରେ ରାତି ଅଧରେ ଓଲଟି ପଡ଼ିଲା । ବିଦେଶୀ ବେପାରୀ ସମେତ ଡ୍ରାଇଭର୍ ଓ କ୍ଲିନର୍ ସ୍ଥାନ ଉପରେ ଖତମ୍ ହୋଇଗଲେ । କିଏ ବା ଦେଖିଛି ଯେ ସତ କହିବ ? ପ୍ରତିବାଦ କରି ଆଉମାନେ ପ୍ରଚାର କରନ୍ତି, ସେ ଟ୍ରକ୍ କେଉଁଠି ଦୁଇଟି ମଣିଷଙ୍କୁ ମଡ଼ାଇ ରାତି ଅଧରେ ଚାଲି ଯାଇଥିଲା । ପରେ ଧରା ପଡ଼ିଲା । ସେ ଜେଲ୍ ଖଟୁଛି । ଦିନେ ଫେରିବ ଯେ !

ଦୁଲ୍ଲଳୀକୁ କେହି ପଚାରିଲେ ସେ ଉତ୍ତର ଦିଏ ନାହିଁ । ବିରକ୍ତ ହୁଏ ନାହିଁ । କାମରେ ଲାଗିଯାଏ । ଅତି ସହାନୁଭୂତିଶୀଳ ହୋଇ ସମଦୁଃଖୀ ପରି କେହି ଅଳି କଲେ କହେ, ମୋ' ସୁଖଦୁଃଖର କେହି କେଭେ ଭାଗ ନେଇ ନାହାନ୍ତି । ତମେ କ'ଣ ଦୁନିଆଁ-ବାହାର ମଣିଷ ? ସତ କହିଲେ ମିଛ ମଣିବ । ମିଛ ମନଗଢ଼ା କଥା କହିଲେ, ତମ ମନକୁ ପାଇଲେ, ତମ କୁତୂହଳ ସୁହାଇଲେ ତମେ ସତ ମଣିବ । କହ ଗୋ, ମୋ' ମଜୁରି କିଏ ବଢ଼ାଇବ କି ? କାମରେ ହେଳା କଲେ କିଏ ମୁଲ୍ଲହିଜା କରି ସହିବ କି ?

ଏମିତି ତା'ର ଜବାବ ।

ଦିନେ ସେ ହରିମିସ୍ତ୍ରୀଙ୍କ ଘରେ ପହଞ୍ଚିଥିଲା । ତା' ସଙ୍ଗରେ ଥିଲା ଆନନ୍ଦ । ଦୁଲ୍ଲଳୀ ଜୁହାର କଲା । କହିଲା, ମଉସା, ଯେ ମୋ' ପରିକା ଦୁଃଖୀଟିଏ । ମୋ' କୁଡ଼ିଆରେ ମୋ' ପାଖରେ ଆଶ୍ରା ନେଇଛି । ଜଣକୁ ଜଣେ ସାହା । ତା' କପାଳକୁ ଦଇବ ବାମ ହେଲା । ମୁଁ ତ ଜାଣି ଜନମରୁ ଦଇବର ବଇରୀ । ସେ କୁଆଡ଼େ କାଠକାମର ମିସ୍ତ୍ରୀ । ତମେ ତା'କୁ କାମରେ ଲଗାଅ ।

-ଯେ କି କାମ କରିବ ଲୋ ? ମୋ' କାମ ମତେ ନିଅଣ୍ଟ । ସେମିତି କେଉଁଠି ବଡ଼ କାମ ଜୁଟିଲେ ମୁଁ ଠିକାରେ, ନ ହେଲେ ମୂଲରେ ବଢ଼େଇ ଲଗାଏ । ଯାହାକୁ ଯେତେ । ମିଳିଲେ ଖବର ଦେବି ।

**ତମ ଗୋଡ଼ ଧରୁଛି ମଉସା । ନାହିଁ କରନା । ୟା' ନା ଆନନ୍ଦ ।** କଲିକତାରେ ମିସ୍ତ୍ରୀ କାମ କରୁଥିଲା । ବିପଦ ପଡ଼ିଲାକୁ ଏ ଦଶା ହୋଇଛି । ସମସ୍ତେ ତା'ର ମରିହଜି ଗଲେ । ତା' ଜୀବନ ତା'କୁ ପିତା ଲାଗୁଥିଲା । ସେ ଆଉ କଲିକତା ଫେରିବ ନାହିଁ । ମରି ଥାଆନ୍ତା । ପାଖରେ ରଖିଲି । ହେଲେ, ସେ ତା' ଦୁଃଖ ଭୁଲି ପାରୁନାହିଁ । କେଉଁଠି କାମଧନ୍ଦା କରୁଥିଲେ ବିଗତକୁ ଭୁଲି ଯାଇଥାନ୍ତା । ଯେଉଁଠିକି ଗଲା, ତା' ରୂପଭେକ ଦେଖି ସେ ନାହିଁ କରିଦେଲା । ୟେ ହତାଶ ହୋଇଛି । ତମେ ମନା କରନାହିଁ ।

-କାମ କରି ନ ପାରିଲେ, କାମ ବିଗାଡ଼ିଲେ, କିଏ ମୂଲ ମଜୁରୀ ଦେବ ? ଓଲଟି ଲୋକସାଣ । କି, କାମ ତୁ ଜାଣୁରେ ଆନନ୍ଦ ?

ଆନନ୍ଦ କହିଥିଲା, ଯାହା ବରାଦ କରିବ, କରିପାରିବି । ହେତୁ ପାଇଲା ଦିନରୁ ବାପାଙ୍କ ପାଖରେ ବସି ଦେଖିଥିଲି ! ଶିଖିଥିଲି । ନିଜେ କରୁଥିଲି । ସେଇଠୁ ଗଲି କଲିକତା । ସେଠାରେ ଛଅବର୍ଷ କାଠ-କାରଖାନାରେ କାମ କରୁଥିଲି ।

-ଏବେ ଅକର୍ମଣ୍ୟ ହେଲାପରି ଦିଶୁଛୁ । କି' କାମ କେଉଁଠି କରିପାରିବୁ ଯେ ମୂଲ-ମଜୁରି ମିଳିବ ? ଏ ବଡ ସହରରେ ତହୁଁବଳି ତହୁଁବଳି କାରିଗର ଅଛନ୍ତି । ଯେମିତି ଅନ୍ଦାଜ୍ ସେମିତି ପୁଞ୍ଜି ! ତାଙ୍କୁ ମଜୁରି ମିଳୁନାହିଁ । ବାବନାଭୂତ ପରି ବୁଲିବୁଲି ଫେରୁଛନ୍ତି । ତୁ କେଉଁ କାମକୁ ପାରିବୁ ?

ବାଧା ଦେଇ ଦୁଲାଳୀ କହିଥିଲା, ସେ ମଜୁରି ମାଗୁନାହିଁ ମଉସା ! ସେ କାମ ମାଗୁଛି । କାମରେ ତା'ର ମନ ଲାଗିଯାଉ । ମୋ' ମୂଲରେ ପାଣି ତୋରାଣି ପିଇ ଆମେ ଦିହେଁ ଚଳିଯିବୁ । ଅଳସରେ ଘରେ ଏକୁଟିଆ ବସି ରହିଲେ ସେ ଖାଲି ତା' ବିତିଲା-ଜୀବନର ଘଟଣାଗୁଡ଼ାକ ଉଖାରି ଉଖାରି କାନ୍ଦୁଛି । ଶୁଖି ଆସୁଥିବା ମନ ଭିତରର ଘାଆଗୁଡ଼ାକୁ ପୁଣି ଚମ ବିଦାରି ଲହୁଲୁହାଣ କରୁଛି ।

ହରିମିସ୍ତ୍ରୀ ଆବାକାବା ହୋଇ ଦୁଲାଳୀର ମୁହଁକୁ ଚାହିଁ ରହିଥିଲେ । ଭାବୁଥିଲେ, କିଏରେ ଝିଅଟା, ମୂଳିଆଣୀ ହୋଇଛି ! କେତେ ଘାଟରେ ପାଣି ପିଇଛି କେଜାଣି । କେତେ ସୁଖଦୁଃଖ ଭୋଗିଛି । ଓଲମୀ ନୁହେ ସେ, ଭାରି ସିହାଣୀ ।

ମରମ-ଘାଆର ଅସଲି-ମଲମ ସେ ଖୋଜି ପାଇଛି । ହେଲେ, ସେ କିଏ ? କଅଣ ତା'ର ଜୀବନ-ଚରିତ ? କାହିଁକି ସେ ଗୋଟାଏ ଅକାମୀ, ଅସନା, କାହୁଁ-ଅଇଲା ଭିଖାରୀକୁ ପାଖରେ ରଖିଛି ? ଯୁବତୀ ମାଇପିଟାଏ । ମନର ସରାଗ ମରି ନ ଥିବ । ଦେହର ଭୋକ ସେହି ସରାଗକୁ ହାଇପାଇ କରୁଥିବ । ଏଇ ଅକର୍ମାଟା କ'ଣ ତା'ର ଭୋକ ମାରି ପାରିବ ? ଅବା, ଏଇଟା ହେବ ଖାଲି ଗୋଟାଏ ଲୋକଦେଖାଣିଆ ପତିଆରା ?

ହରିମିସ୍ତ୍ରୀଙ୍କୁ ଚମକାଇ, ତାଙ୍କର ନିବିଷ୍ଟତାକୁ ଦୋହଲାଇ ଦୁଲାଳୀ କହିଲା, ତମେ ଯାହା ଭାବୁଛ ମଉସା!, ମୁଁ ଅନୁମାନ କଲିଣି । ଦୁନିଆର ସମସ୍ତେ ସେଇଆ ମନେ କରିବେ । ସେଥିନି ମୋର ଛଳ ନାହିଁ । ମୋ'ର ଦୁଃଖ ନାହିଁ । ମୁଁ

ଅଇଁଗୁଣ ପାଇବି ନାହିଁ । ମୋ' ବିଗ୍ଭରଣା ଅନ୍ୟପରିକା । କେମିତି କିଏ ଜାଣିବ ? କାହାକୁ ଜଣାଇଲେ ସେ କାହିଁକି ପରତେ ଯିବ ? ମୋ'ର ବିଶ୍ୱାସ ଅଛି ତମେ ବୁଝିବ । ତମେ ପରତେ ଯିବ ।

ହଇଲୋ, ମୋ' ମନରେ କ'ଣ ଆତଯାତ ହେଉଛି ତୁ କିପରି ଅନୁମାନ କଲୁ ? ତୋ' ବିଗ୍ଭର ମୁଁ ବୁଝିବି, ଏପରି ଧାରଣା ତୋ'ର କାହିଁକି ହେଲା ?

ଧୋବ ଫରଫର ବଡବଡ଼ ଦାନ୍ତ ଧାଡିକ ଦେଖାଇ ସେ ଅଳପ ହସିଲା । କହିଲା, ମୁଁ କହି ପାରିବି ନାହିଁ । ଠିକ କି ଅଠିକ ତମ ମନ ଜାଣିବ । ଶୁଣିଛି, ବର୍ଷ ଗ୍ଭରେଟି ସଂସାର କଲା ପରେ, ପାଞ୍ଚବର୍ଷ ଆଗର ଥିଲା, ତମ ଘରଣୀ ଝିଅଟିଏ ଜନମ କରି ସେ-ପୁରକୁ ଗ୍ଭଲିଗଲେ । କୁଆଡେ ସେ ଟିକି ଝିଅଟି ଏକୋଇଶା ନ ପୁରୁଣୁ ବାହୁଡି ଗଲା । ତମକୁ କ'ଣ କନ୍ୟା ଅଭାବ ଥିଲା କି ? ଯୁଆଡୁ ଯେତେ ପ୍ରସ୍ତାବ ଆସିଲା ମୁଣ୍ଡ ହଲାଇ ଦେଇଥିଲ । କାହାପାଇଁ ପ୍ରାଣମୂର୍ଚ୍ଛା ଖଟି ଖଟି ବୁଢା ହେଲ ମଉସା ?

ହରି ମିସ୍ତ୍ରୀ ହସିଥିଲେ । ପାଚିଲା ମୁଣ୍ଡରେ ବାଁ-ହାତ ବୁଲାଉଣୁ ଦୁଲାଳୀର ହସହସ କଳା ମିଚିମିଚି ଗୋଲିଆ ପୁରିଲା ମୁହଁକୁ କଟମଟ କରି ଗ୍ଭହିଁ କହିଲେ, କାହାଠୁ କଅଣ ଗୁଡାଏ ମୋ' ବିଷୟରେ ଶୁଣିଚିବୁ । ଆଲୋ, ଲୋକେ ଅନେକ କଥା କହନ୍ତି । କାନରେ ପଡିଲେ ମତି ବିଗଡେ । ସେଥିପାଇଁ ଠେଙ୍ଗାବାଡି ଧରି ଧାଇଁଲେ ଯେମିତି ପ୍ରମାଦ, ମୁଣ୍ଡ କୋଡି ନିଜେ ଚକ୍ର ଜରଜର ହେଲେ ସେମିତି ପ୍ରମାଦ । ମୋ' ବଟାଳି ଠକୁଠକୁ, କଟତ ସଇଁହାଉଁ ଆଉ ୧ ତହିଁ ସଁ ସଁ ଲୋକଙ୍କ ପ୍ରଗ୍ଭରକୁ ଟାକୁଟାକୁ ଗିଳି ଦିଏ । ମୋ' ବେଳ କଟିଯାଏ । କାମର ନିଶା ।

ହଁ ମଉସା, କାମର ନିଶା । ମୁଁ ଜାଣେ, ସେ ନିଶା ଭାରି ମିଠା । ମହୁଠୁ ବଳି ଅଧିକ । ଯିଏ ଗ୍ଭଖିଛି ସେ ଛାଡି ପାରିବ ନାହିଁ । ନ ମିଳିଲେ ହାଇଁପାଇଁ । ତମେ ୟେ ଅକର୍ମା ଆଁହିଆକୁ ତମର ସେଇ ନିଶାରୁ କାଣିଗ୍ଭଏ ଦିଅ । ସେଇଥିରେ ଘାରିହେବେ ମେ ବିତତକୁ ଭୁଲିବ ।

କେମନ୍ତ । ତା' ପାଇଁ ତୋ'ର ଏତେ ଦରଦ ।

ହଁ, ମଉସା । ତା' ଦୁଃଖକୁ ମୁଁ ଆପଣାର କରିଛି । ତା' ଅପାରଗ ପଣକୁ ମୁଁ ଭଲପାଇଛି । ତା'କୁ ଆଶ୍ରା ଦେଇ ମୁଁ ତା'ର ଆଶ୍ରା ପାଇଛି । ମୁଁ ଜାଣେ, ଅନ୍ୟମାନଙ୍କ ପରି ମୋ'ର, ନ, କହିପାରିବି ନାହିଁ । ତମର ଇଚ୍ଛା, ତମର ଦୟା । ନାହିଁ କଲେ ଆମେ ବାହୁଡି ଯିବୁଁ ।

ଦୁଲାଳୀର ଆଖି ଛଳଛଳ ହୋଇଥିଲା ।

ହରିମିସ୍ତ୍ରୀ ଦେଖିଥିଲେ, ଅନନ୍ଦ ତା' ମୁହଁକୁ ଅନାଇଁ ପାଟି ପାକୁପାକୁ କରୁଥିଲା । କ'ଣ କହିବ କହିବ ହେଉଥିଲା ପରା, ତୁଣ୍ଡ ଖୋଲୁ ନ ଥିଲା, ତୁନିତାନି ବସି ସେ ଖାଲି ଦେଖୁଥିଲା, ଶୁଣୁଥିଲା ।

ମଣିଷ ଜନମ ପାଇଛି । ଭେଣ୍ଡା ଟୋକା । କେତେ ରାଇଜରେ ବୁଲି ବାରକଥା ଦେଖି ଶିଖି ଅନୁଭବ ସାଇତିଛି । ଅକଳରେ ପଡିବାରୁ ଷଣ୍ଢପରିକା ଯୁଆନଟା ନିଉନ ମେଣ୍ଢାଛୁଆ ପରି ଚୁପ୍ ହୋଇ ବସିଥିଲା ।

ମୁହଁ ଖୋଲିଲା, ଆଲୋ ହେ ଦୁଲାଳୀ, କହୁ କହୁ କେତେ କଥା କହିଲୁଣି । କାମ ମାଗିବାକୁ ଆସିଥିଲୁ, ମୋ' ପାଇଁ ବହୁତ ଅଳି କଲୁଣି । ତୋ' ମାଗୁଣି ବିଅର୍ଥ ହୋଇଛି । ଚାଲ୍ ଫେରିଯିବା ।

ଆନନ୍ଦ ଉଠିଥିଲା । ହରିମିସ୍ତ୍ରୀଙ୍କୁ ଜୁହାରି କହିଲା, ଦଇବ ଯାହାକୁ ବାମ, ତା' ନାମ ପଡିଲେ ମଣିଷ ନାକ ଟେକିବେ । କାମ କିଏ ଦେବ ? ହଁ ହରିଭାଇ, ସେଇଆ ।

ଏବଯାଏ ହରି ମିସ୍ତ୍ରୀଙ୍କର ସ୍ପଷ୍ଟ ମନେ ଅଛି, ଆନନ୍ଦ ଉଠି ଠିଆ ହେଲା । ଦୁଲାଳୀକୁ କହିଲା, ତୁ ମୋ' ପାଇଁ ପାଇଟି ଖୋଜି ଦେବୁ, ସେଥିକି ମୁଁ ରାଜି ହୋଇଥିଲି ଏଇଥିପାଇଁ ଯେ ତୁ ମତେ ଜୀବନ ଦେଇଛୁ ' ଆଶ୍ରା ବି ଦେଇଛୁ । ତୋ' ମନର ଓରମାନ ମେଣ୍ଟିଗଲା । ଏଣିକି ମୋ କଥା ମୁଁ ବୁଝିବି । ମୋ' ପାଇଁ କାହା ଅଗରେ ଗୋଡ଼ ଭାଙ୍ଗି ତତେ ଠିଆ ହେବାକୁ ପଡ଼ିବ ନାହିଁ ।

ହରି ମିସ୍ତ୍ରୀ କହିଲେ, ମୋତେ ତୁ ଭାଇ ବୋଲି ଡାକିଛୁ ଆନନ୍ଦ ? ସେଇ ଡାକର ଯୋର୍‌ରେ ମୁଁ ପଚାରୁଛି କହ, ତୋ'ର କି କାମ କରିବାକୁ ମତଲବ ?

କେଇଖଣ୍ଡି ଯନ୍ତ୍ରପାତି ଯଦି ଦୁଲାଳୀ ମତେ ଯୋଗାଇ ଦିଅନ୍ତା ତା' ଘରେ ବସି ମୁଁ ଭଳିକି ଭଳି କାଠ କଣ୍ଢେଇ ଗଢି ଥୋଇ ଦିଅନ୍ତି । ରଙ୍ଗ ବୋଲି ସେଗୁଡିକୁ ଜୀଅନ୍ତା ଜୀବ କରି ପାରନ୍ତି ।

ଦୁଲାଳୀ ଚମକି ଉଠିଥିଲା । ପଚାରିଲା, ଏଁ, ସତେ ? ଆଜିଯାଏ ମତେ କହିନୁ ? କାହିଁକି ତୋ' ପାଇଁ ମୁଁ ଏତେ ଭାବି ହେଉଛି ? ବେଳାଏ ଖାଇ ବେଳାଏ ଉପାସ ରହିଲେ ଆମ ପ୍ରାଣ ଛାଡି ଯିବ ନାହିଁ । ସଂଚି ରଖିଲା ମୂଲରେ ମାସ ଟୋଟାକରେ ତୋ ଯନ୍ତ୍ରପାତି କିଣା ହୋଇ ଯିବ । ହଉ, ଆ--।

ସେମାନେ ଚାଲିଯାଉଥିଲେ । ସେମାନଙ୍କର ମନର ବଳ ପାଖରେ ହରି ମିସ୍ତ୍ରୀ ମୁଣ୍ଡ ନୋଇଁଲେ । ପଛରୁ ଡାକିଲେ, ଆରେ ଅନନ୍ଦ, ହେ ଦୁଲାଳୀ, ଶୁଣିଯା, ଶୁଣିଯା

ସେମାନେ ଅଟକିଲେ । ଟିକିଏ ଥଙ୍ଗ ଥଙ୍ଗ ହୋଇ ଫେରି ଆସିଲେ । ହରି ମିସ୍ତ୍ରୀ କହିଲେ, ତୁ ଫେରି ଯା ଦୁଲାଳୀ, ଟିକିଏ ଛାଡି଼ ଆନନ୍ଦ ଯିବ । କି ଜାତିର ଖେଳଣା ସେ ଗଢିବ, ସେଥିପାଇଁ କି କି ଯନ୍ତ୍ରପାତି ଲୋଡ଼ା ହେବ, ମୁଁ ତାକୁ ପଚାରି ବୁଝିବି । ମୋ'ଚି ଶାଳରେ ଦିନାକେତେ ସେ ଆସ ବସୁ । ମନ ମାଫି କାମ କରୁ । ତୁ ତୋ'ର ଯା ।

କୃତଜ୍ଞତାରେ ଦୁଲାଳୀର ମୁହଁରେ ଆଭା ଉକୁଟିଲା । ହରି ମିସ୍ତ୍ରୀ ଲକ୍ଷ୍ୟ କଲେ । ଦୁଲାଳୀ ହାତ ଯୋଡି, ମୁଣ୍ଡ ନୋଇଁ ନମସ୍କାର କଲା । ଫେରିଗଲା ।

କାଲି ପରି ଲାଗୁଛି, ଗୋଟିଏ ଯୁଗ ବିତି ଗଲାଣି । ଆନନ୍ଦ ତାଙ୍କରି ପାଖରେ କାମ କରୁଛି କହିଲେ ଠିକ୍ ହେବ ନାହିଁ । ତାଙ୍କରି ସହକର୍ମୀ ହୋଇ ରହିଛି । କାମ ଜାଣେ, ଭାଗ ମାପ ଜଣା । କେଉଁଠି କାମ ଜୁଟିଲେ ସାଙ୍ଗ ହୋଇ କରନ୍ତି । ମଜୁରିରେ ହେଉ, ବା ଠିକାରେ ହେଉ କ୍ଷତି ନାହିଁ । ଏକରୁ ଅଧିକ ମିଳିଲେ ଦୁହେଁ ଦୁଇ ଆଡେ ଯାଆନ୍ତି । କିନ୍ତୁ, ହରି ନିଜେ ଆନନ୍ଦକୁ ବରଗନ୍ତି । ସାହାଯ୍ୟ କରିବାକୁ ଦିହେଁ ସଙ୍ଗରେ କାମ-ଶିଖାଳୀ ଟୋକାଙ୍କୁ ନିଅନ୍ତି ।

ବାଟମାଧର ସବୁଦିନେ ପାଇଟି ନ ଥାଏ । ପଡ଼ିଆଦିନମାନଙ୍କରେ ହରିମିସ୍ତ୍ରୀ ନିଜର ଶାଳରେ ବସି ଖଟ, ପଲଙ୍ଗ, ଆଲମାରୀ, ଚଉକି, ଟେବୁଲ ଇତ୍ୟାଦି କରି ନିଜକୁ ନିଯୁକ୍ତ ରଖନ୍ତି । ଆନନ୍ଦକୁ ଲଗାନ୍ତି । ପ୍ରସ୍ତୁତି-ଜିନିଷ ମେଳା-ମଉଛବରେ ବିକ୍ରି କରିବାକୁ ଟ୍ରକ୍‌ରେ ବୋଝାଇ କରି ମୋଫସଲର ବିଭିନ୍ନ ସ୍ଥାନକୁ ପଠାଯାଏ । କେତେ ଜଣ ମିସ୍ତ୍ରୀ ମିଶି ଏକାଠି ଏ ବ୍ୟବସାୟ କରନ୍ତି । ହରି, ଆନନ୍ଦ, ଓ ଅନ୍ୟ ମିସ୍ତ୍ରୀମାନେ ଟ୍ରକ୍ ବୋଝେଇ ଆସ୍‌ବାବ୍ ସଙ୍ଗରେ ଯାଆନ୍ତି । ଦିନାକେତେ ମୋଫସଲରେ ରହିବାକୁ ପଡ଼େ । ଭାଗ୍ୟରେ ଥିଲେ ଏ ବ୍ୟବସାୟରେ ଭଲ ରୋଜଗାର ହୁଏ । କିନ୍ତୁ ଲାଭକ୍ଷତି ସଙ୍ଗେ ଆନନ୍ଦର କୌଣସି ସମ୍ବନ୍ଧ ନ ଥାଏ, ସେ ତା'ର ମଜୁରି ପାଏ ।

ଦୁଲାଳୀ ଅଳସରେ ବେଳ ବିତାଏ ନାହିଁ । ନୂଆ ଘରକରଣା ପାତିବା ଦିନରୁ ସେ କେତେ ଅବତାର ଧରିଲାଣି । ମୂଲିଆଣୀ ହୋଇ ଇଟା, ଚୂନ, ବାଲି ବୋହୁଥିଲା । ମରଦ-ମୂଲିଆଙ୍କ ସଙ୍ଗେ ସମକକ୍ଷ ହୋଇ ବଳ-କଷା କାମରେ ଅଣ୍ଟା ଭିଡ଼ି ଲାଗି ଯାଉଥିଲା ।

କାହୁଁ ସେ ଆଣିଲା ଝିଅଟିଏ । ଚମ ଧୁଡୁଧୁଡୁ, ହାଡ ମାଳିଆ, ମିଁମିଁକା କଙ୍କାଳ । ଟିକିଟିକି ଆଖି ଯୋଡିକ କାହିଁ ପାଇ ଭ୍ରୂଲତା-ହାଡ଼ ତଳେ ପଶିଥାଏ । ଗୋଜମୁନିଆଁ ଖଣ୍ଡାଧାରୁଆ ଛୋଟ ନାକଟି ଗୋଲିଆ ମୁହଁରେ ଆଗ ଆଖିରେ ପଡ଼େ । ପ୍ରାଣ ଯାଉଛି କି ଆଉଛି । ବୟସ ଜାଣି ହେଉ ନ ଥିଲା । ହୋଇ ପାରେ ତିନି, ଚାରି, ପାଞ୍ଚ । ଧୁଡୁକା ଚମ କାଗଜ ପରି ଶେଥା, ନିରକ୍ତିଆ ।

-କାହୁଁ ପାଇଲୁ ଲୋ ?

-ମନ ଖୋଜୁଥିଲା, ଆଖି ଧୁଣ୍ଡୁଥିଲା । ହଜିଲା ସୁନା ମୋ'ର ମିଳିଗଲା । ଭେଣ୍ଟି ମୂଳରେ ମୁକାଳିଲି ।

-ଆଜିଆର ନୁହେଁ ?

-ତା'ରି ସୁଆଗୀ । ତା'ରି ଜୀବନ-ପ୍ରାଣ ।

-ହଇରେ ଆନନ୍ଦ ?

-ଝଡ଼ ବରଷା ବଡି ମରୁଡ଼ି ମୋ ସୁଆଗୀକୁ ଝାଡ଼ି ଦେଇଛି । କଣ୍ଟା ଦୋହଲୁଛି । ହେଲେ ବଞ୍ଚିଛି ତ !

ହରି ମିସ୍ତ୍ରୀ ଭାବିଥିଲେ । ନିଜକୁ ନିଜେ ପଚାରିଥିଲେ, ଯା କେମିତି ସମ୍ଭବିଲା ? ଦୁଲାଳୀର ହଜିଲା ଝିଅ ସୁନା, ଆଉ ଆନନ୍ଦର ନ-ଥିଲା ଝିଅ ସୁଆଗୀକୁ ଏକାଠି ଆଉଟି କିଏ ସେ ଗଢିଲା ରୂପେଲି ପ୍ରତିମା ? ଗୋଷ୍ଠ-କାରବାରୀ ? କେଉଁଠି ଥାପିଲା, ଫିଙ୍ଗିଲା, ଅବା ବିକି ନିଶ୍ଚିନ୍ତ ହୋଇ ସେ ବଡ଼ଘରର ଅଲିଅଳ ଝିଅ ସତୀ-ଶିରୋମଣି ସାଜିଛି ?

ଭାବନାର ଅଳୀକତା ଲାଗି ଆପଣାକୁ ଆକଟି ଦଣ୍ଡିବା ପାଇଁ ନିଜ ହାତରେ କାନ ମୋଡ଼ି ହେଲେ । ମନେ ମନେ ନିଜକୁ କହିଲେ, ଦୁଲାଳୀର କପାଳ ଭଲ । ଆନ୍ଦିଆର ବି । କାହୁଁ ମିଳନ୍ତା ସୁଆଗୀ ପରି ଅମୂଲ୍ୟ ଧରବ ? ପୁଣି, ତିନି ବର୍ଷ ପରେ ଚନ୍ଦନ ଭଳିକା ପୁଅ ? କଳା କିଟିକିଟି ବଗିରଳକୁ ନିଜ ଦେହର ପୁଟକୁ ଦେଖାଇ କହି ପାରିବ ସେ ଛୁଆଟା, ତୁ ମୋ' ଦେହରେ ଚନ୍ଦନ ଲେପନ ହୋଇ ପାରିବୁ । ଆନ୍ଦିଆର ସେ ଜୀବନ-ସଙ୍ଖାଳି ହୋଇଛି ।

ତାଙ୍କ ସଂସାର ଏତିକି, ଯାହା କହନ୍ତି ଆମେ ଦୁଇକୁ ଆମର ଦୁଇ । ଖୋଜିଲେ ଆଉ ନ ମିଳେ । ଯେମିତି, ଜଳ ବିହୀନେ ପୃଥ୍ୱୀ ନାଶ, ଜଳ ବହୁଳେ ପୃଥ୍ୱୀନାଶ, ସେମିତି ଜନ ବିହୀନେ, ଅବା ଜନ ବହୁଳେ ବି ନେଇଆ ହେବ ।

ତରକା ମଣିଷ, ବୁଦ୍ଧିଆ ମଣିଷ ଜନ-ବହୁଳ ଯେମିତି ନ ହେବ ତା'ର କେତେ ଉପାୟ ଖଞ୍ଜିଲାଣି । ମଉଜ-ମଜଲିସ୍ କର । ସୁଖ-ଆନନ୍ଦ ଭେଟା ଉଣା ନ ହେଉ, ଖାଲି ପିଲା-ପିଚିକା ଯେମିତି ଷଠୀ ସାଲାରେ ଗଜେଇ ନ ଉଠନ୍ତି, ସେଥିକୁ ସାଧୁ ସାବଧାନ ! ଯଦି ଭେଦେବା ମଞ୍ଜି ଗଜେଇ ଉଠିଲା, ତା'କୁ ସହଜରେ ଓପଡ଼ାଇ ଫିଙ୍ଗିଦେଲେ ନଟ ତୁଟିଲା । ପୁଣି ମଉଜ ଉଡ଼ାଇବାରେ ବାଧା ନାହିଁ । କିଏ ମନା କରୁଛି ? ତେବେ ଆମ ସମାଜର ବିଧିବିଧାନକୁ ଛି କରନା, ଥୁ କରନା ।

ଏଇଆ ସେମାନେ ବୁଝାନ୍ତି ।

ଆନ୍ଦିଆର ଦିନକର କଥା ହରିଙ୍କର ମନେ ପଡ଼ିଗଲା । ସେଦିନ ମିଞ୍ଜାସ ବେସ୍ ଖୁସିଆ ଥିଲା, – ବୁଝିଲ ନା ହରିଭାଇ, ଦୁଲାଳୀ ମୋ' ଘରଣୀକୁ ତମେ ନିଷ୍ଚେ କହିବ ଏ କାଳର ସତୀ-ଶିରୋମଣି । ସେ ଯାହା କହିଲା, ଠାକୁରଙ୍କ ରାଣ ପକାଇ କହୁଛି, ମୋ' ମନକୁ ପାଇଗଲା ।

-କେମନ୍ତ ! କ'ଣ ସେ କହିଲା ?

-ତମେ ଏକା ହସିବ ନାହିଁ ! ଶୁଣିବାକୁ ଲାଜ କରିବ ନାହିଁ । ତମରି କଥାରୁ ପଡ଼ିଲା । କ'ଣ କି, ଏତେ ବଡ଼ ସାତ ପ୍ରାଣୀର କୁଟୁମ୍ବ ଏବେ ସମ୍ଭାଳିଛ । ବୁଝିବାକୁ ଗଲେ ତମଠୁ କେହି ନୁହେ । କୁଆଡ଼େ ତମ ଘରଣୀ ତମ ପାଖକୁ ଆସିବାର ପାଞ୍ଚବର୍ଷ ନ ବିତୁଣୁ ପେଟରେ ପିଲାକୁ ଛାଡ଼ି ସେ ସରଗ ପୁରକୁ ଚାଲିଗଲେ । ମାସ ନ ପୁରୁଣୁ ପିଲାକୁ ବି ଡାକି ନେଲେ ।

ଦୁଲ୍ଲୀ ଦୁନିଆଜାକର ଖବର ରଖିଛି । ଆରେ, ମୋ' ସ୍ତ୍ରୀଙ୍କର ଆୟୁଷ ପୂରିଲା, ସେ ତାଙ୍କର ଟିକଟ କାଟିଲେ । ତାଙ୍କୁ ବଞ୍ଚାଇବା ପାଇଁ ବହୁତ ଚେଷ୍ଟା ଡାକ୍ତରଖାନା କରିଥିଲେ । ବାପା ଓ ବୋଉ ଘରେ ଯେତେ ଯାହା ଧନ ଥିଲା ତାକୁ ଅଟକାଇ ରଖିବାକୁ ଖରଚ କରିଥିଲେ । ସେ ରହିଲା ନାହିଁ । ଶେଷ ଘଣ୍ଟି ବାଜି, ସେ ହସିଦେଇ ଛୁ କଲା ।

ହଇରେ, ଯେଉଁମାନେ ମୁଣ୍ଡକୋଡି ଲହୁଲୁହାଣ ହୋଇ କାନ୍ଦୁଥିଲେ, ତାଙ୍କ ଭିତରୁ ଜଣେ କେହି ତାଙ୍କ ପଛରେ ଗୋଡ଼ାଇ ଗଲେ କି ? ମୁଁ ନ ହେଲି କାହିଁକି ? ସଙ୍ଗେ ସଙ୍ଗେ ମୁଁ ବୁଝିନେଲି—ଶଳା, କେହି କାହାର ନୁହେ । ସମସ୍ତେ ଆପଣା ସାର୍ଥିକା ।

ମୁଁ ଠିକ୍ କରିନେଲି, ଆଉ ବାନ୍ଧୁଣିର ସୂତାରେ ବାନ୍ଧି ହେବି ନାହିଁ । ହେଇଆ କରିଛି । ସ୍ନେହର-ଡୋରରେ ବାନ୍ଧିବାକୁ ମନ କଲେ, ବାନ୍ଧଣାର ସୂତା ଟାଣ ଗଣ୍ଠି ଠିକଣା ଥିଲେ କୁଟୁମ୍ବର ଅଭାବ ହେବ ନାହିଁ । ଦେଖ୍, ମୁଁ ବୁଢ଼ା ହେଲିଣି । ବୟସ ଦୁଇକୋଡି ଚଉଦ । ବେଳ କଟି ଯାଉଛି ।

ମୁଣ୍ଡରେ ଘଞ୍ଚ ଧୋବ ଫରଫର ଦେଢ଼-ଖଣ୍ଡେ ଲମ୍ବର କେଶ । ହରିମିସ୍ତ୍ରୀ ବା-ହାତର ପାଞ୍ଚ ଆଙ୍ଗୁଳି ଚଳାଇ କେଶକୁ ପଛଆଡ଼କୁ ସଜାଡ଼ି ଦେଲେ । ତମ୍ବାଳିଆ ଗୋଲଗାଲିଆ ବଡ ମୁଣ୍ଡଟି ହଲାଇ, ନିଜ ବଚନିକାରେ ନିଜେ ଖୁସି ହୋଇ ଦାନ୍ତ ନେଫଡିଲେ । ଧୋବଲା ଦାନ୍ତ ଦି ଧାଡି ତାଙ୍କର ସେମିତି ରହିଛି । ଆଜିଯାଏ ଆଖିରେ ଚଷମା ଲଗାଇବା ଦରକାର ହୋଇନାହିଁ । ବଳିଷ୍ଠ ମଣିଷ । ବୁଢ଼ାପଣିଆକୁ ସେ ଏମିତି ତାଚ୍ଛଲ୍ୟ କରନ୍ତି ।

ଦୁଲ୍ଲୀ କହିଲା, ହରିଭାଇ, ତମେ କୁଆଡେ ମଣିଷଜାକରେ ହୀରା ଖଣ୍ଡେ । ଦୁନିଆର ମାଇପିଗୁଡ଼ାକ ତମ ଆଖିରେ ମା-ମାଉସୀ, ଝିଅ-ଝିଆରୀ—

-ତ କି ହେଲା ? ମୋ' ଜନମ କାମ ପାଇଁ । କ'ଣ ବୁଝିଲୁ ନା ଆନନ୍ଦ ? ସିଏ ମରିଗଲା । ଦିନେ ସପନରେ ମତେ ସେ ସେଇଆ କହିଲା ? ନାଇଁରେ, ସେ କାହୁଁ କହିବ ? ସିଏ ତ ଚାଲିଗଲା, କେଜାଣି ଆଉ କାହା ଜଠରେ ରହିଲା, କି ଶୂନ୍ୟ ଶୂନ୍ୟ ମହାଶୂନ୍ୟରେ ମିଶି ଏକାକାର ହୋଇଥିବ । ମୋ' ମନ ତା' ସୁମରଣାକୁ ରୂପ ଦେଲା । ତା'ରି ରୂପର ମୁହଁରେ କୁହାଇଲା । କେଜାଣି, ସିଏ ସତେ ଶୂନ୍ୟରେ ମିଶି ସବୁଠେଇଁ ଥିବ । ଆଉ, ମୋ' ମନରେ ପଶି ତା' ରୂପ ଗଢ଼ାଇ ଥିବ । ମୋ ନିଜ ବିଚାର ସେହି ରୂପର ମୁହଁରେ କୁହାଇଥିବ ।

ଯାହା ହୋଇଥାଉ, ମୋ' କାମକୁ ମୁଁ ଆପଣାର କରିନେଲି । ଅନ୍ୟମାନେ ମୋ' ପାଇଁ ପିଲା ଛୁଆ ଗଢିଲେ । ମୋ' ମନ ସେମାନଙ୍କୁ ଅବୁରି ନେଲା । ସେଇଠୁ ଦାୟିତ୍ୱ ମୁଣ୍ଡାଇଲି । ସେହି ଦାୟିତ୍ୱଗୁଡ଼ାକ ମତେ ଖଟାଉଛି । ଘଣା ପେଲୁଛି । ଖସି ଯିବାର ଉପାୟ ନାହିଁ । ସେଥିକି ମୋ'ର ଅବ୍ଶୋଷ ନାହିଁ । କାଲିକି କ'ଣ ହେବ ତହିଁକି ମୋ'ର ଖାତିର ନାହିଁ । ମୋ' ରୁକୁଣାରଥ ଗଡ଼ି ଯାଉଛି ।

ହରିମିସ୍ତ୍ରୀ ବିଚାରିଲେ, ଆଜିଆକୁ ତାଙ୍କ ବିଷୟରେ ଏମିତି କ'ଣସବୁ ବୁଝାଇ କହିଥିଲେ । ଭାବ ହେଜ ରହେ, ତୁଣ୍ଡରୁ ବାହାରିଲା ବଚନ ଠିକ୍ ମନେ

ପଡ଼େ ନାହିଁ । ତାଙ୍କ ଜୀବନର ବିଗତ ଘଟଣା, ପୁଣି ତାଙ୍କ ଚଳନର ରୀତି ସମ୍ପର୍କରେ ଆସିଲା ଲୋକେ ଅବଶ୍ୟ ଜାଣୁଥିବେ । ଟୋଟାଏ ଦୁନିଆଛଡ଼ା ଲୋକ ବୋଲି ନିଜ ନିଜ ଭିତରେ ଆଲୋଚନା କରୁଥିବେ । ଦୁଲ୍ଲି କେଉଁଠୁଁ କ'ଣ ଶୁଣି ଆନନ୍ଦକୁ କହିଥିବ ।

ଆନନ୍ଦ ପ୍ରକାଶିଲା, ତମକୁ ଗୁରୁ ବୋଲି ମୁଁ ମାନିଛି । ସେହି ଦୁଲ୍ଲୀ ମତେ ଜାଣ ତମର ଚେଲା ବନାଇଲା । କହିଲା, ମରୁ ମରୁ ବଞ୍ଚିଗଲୁ ରେ ଆନ୍ଦିଆ ! ଉବୁଟୁବୁ ହୋଇ ସିଙ୍ଗିବୁଡ଼ା ଖାଇ ଲାଖିଗଲୁ ମୋ ଚଳନ୍ତା ଡଙ୍ଗାରେ । ମୋ' ପୁରୁଣା ନାବଟା ମଙ୍ଗ ଆଲବିନା ଭାସୁଥିଲା । କେତେ ମଙ୍ଗଧରା ଆସିଥିଲେ । କାହାକୁ ଟଳଟଳ ହୋଇ ନାବ ବୁଡିବା ଆଗରୁ ଆପେ ମୁଁ ଖସାଇ ରକ୍ଷା ପାଇଲି । କିଏ ଆପେ ଡେଇଁ ମତେ ସୁଅର ତୋଡ଼ ମୁହଁକୁ ଠେଲି ଉଭାନ୍ । ତୁ ମୋ ନୂଆ ସୁକାନୀ ।

-ବୁଝିଲି ।

-ବୁଝିଲ ? ସେ ମୋ ନାବ । ମୁଁ ତା ମଙ୍ଗଧରା । ସେ ମୋତେ ଭସାଇ ନିଏ । ତା ମାର୍ଗକୁ ମୁଁ ମଙ୍ଗ ମୋଡ଼ି ଦିଏ ; ନା, ସେ ମଙ୍ଗ ମୋଡ଼ାଇ ଦିଏ । ଆପେ ଆପେ ଆମ ଭିତରେ ବୁଝାମଣା ହୋଇଛି— ସ୍ତିରୀ-ପୁରୁଷଙ୍କର ଦି'ଟା ଦେହର ମିଶାମିଶି ଚଟକ ଆମର ରହିବ ନାହିଁ ।

ସେହି ଚଟକ ମେଣ୍ଟଣର ବାଇଆ-ବାତୁଳ ସୁଖ ଆଉ ଦୁଃଖ କେଉଁ ଏବେ ଆମେ ନ ରଖିଛୁ ଯେ ସେଥିକୁ ଝୁରି ହେବା ? ଢଳି ଯାଇଛି ସେହି ମିଶାମିଶି ସଂସାରର ଆନନ୍ଦ ।

ଆମ ଘରକରଣାର ଆନନ୍ଦ ଭିତରକୁ, ଆମ ଭସିଲା ନାବକୁ ଦୁଲ୍ଲୀ ଉଠାଇ ଆଣିଛି ଛୋଟ ଛୋଟ ପଝାରି ଦିଓଟି—ମୋ' ସୁଆଗୀ, ସେବତୀର ପେଟରୁ ଜନମିଲା ପରି ଝିଅ । ପୁଣି, ତା' ଚନ୍ଦନ, କେଉଁ ବାପର ମଞ୍ଜି କିଏ ଜାଣେ, ତେବେ ତା' ପେଟରୁ ଜନମି ବାହୁଡ଼ି ଯାଇଥିବା ପୁଅ ବକଟକ ପରିକା ।

-କେମନ୍ତ ?

-ଆଉ ପ୍ରକାରେ କହିଲେ ବୁଝିବ ହରିଭାଇ ! ଆମର ସେହି ପଝାରି ଦୁଇଟିଙ୍କ ବୃତ୍ତାନ୍ତ । ଝିଅଟି ହୋଇଥିବ ଦୁଲ୍ଲୀ ପେଟରୁ ଜନମ ସୁନା ! ତା' ବାପ, କିଏ ସେ କେଜାଣି, ମା' କୋଳରୁ ଉଠାଇ ନେଇ ପଳାଇ ଥିଲା । କାହାକୁ ବିକି ଡଣ୍ଡିଯାକେ ମଦ ସେଇ ପଇସାରେ ଢେଞ୍ଚି ଶୋଇଲା ।

ଶୋଇଲାତ, ଆଖିରେ କାନରେ ତା'ର ପିମ୍ପୁଡ଼ି ଧାର କେଉଁ ଗଛ ମୂଳରେ ଲାଗିଲେ । ଦେହରେ ମୁଣ୍ଡରେ କାଉମାନେ ବସି ଖୁମ୍ପିଲେ । ତା'ନିଦ ଭାଙ୍ଗିଲା ନାହିଁ ।

ସେଇ ହଜିଲା ଝିଅ ହୋଇଥିବ । ଦୁଲ୍ଲୀ ଠାବ କରି ମୁକାଳି ଆଣିଲା ।

ସେବତୀ ପେଟରେ ଯେଉଁ ଛୁଆଟି ବୁଲୁଥିଲା, ଜନମିଥିଲେ ତା ନାଁ ମୁଁ ଚନ୍ଦନ ଦେଇଥାନ୍ତି । ମୋ' ଜେଜେଙ୍କ ନାଁ । କିଏ ଜାଣେ, କେଉଁ ଆଚମ୍ବିତ ଘଟଣା ଘଟି

ଯାଇଥିବ ? ଅଜଣା ଅପନ୍ତରାରେ ଆହା, ଅଚେତ ପିଲାକୁ ଜୀବନ ନଥିଲା ମଣି ସେଇ ସେବତୀ ତାକୁ ବୁଦା ମୂଳରେ ଥୋଇଥିବ । ନିଜକୁ ବଞ୍ଚାଇବାକୁ କାହିଁ ଚାଲି ଯାଇଥିବ । ପୁଅ-ହରା କେଉଁ ବାଇଆଣୀ ଜୀଅନ୍ତା ପିଲାକୁ ଦେଖି, ତା'ର କାନ୍ଦଣା ଶୁଣି ତା'କୁ କୋଳକୁ ଟାଣି ନେଇଥିବ । କ୍ରମେ ବାଇଆଣୀପଣ ଛାଡି ଯାଇଥିବ । ଜାଣିଥିବ, ପିଲାଟା ତା'ର ନୁହେଁ । ଦୁଲାଳୀ ତାକୁ—

ସେତିକି କହିଥା ଆନ୍ଦିଆ । ଯାହା କହୁଛୁ, ସେଗୁଡ଼ା ତୋ ସପନ କଥା । ହେଉ, ସପନ ହେଉ । ନୋହିଲେ, ତୋ' ଝୁରିଲା ମନର ଆଶା ହେଉ । ତମର ନୂଆ ସଂସାରରେ ସତ ଫଳିଛି । ଆରେ ହେ, କଥାରେ ଅଛି, ମନ ଦୃଢ଼ କଲେ ପୋଖରୀ ଗଙ୍ଗା । ସେ' ପୋଖରୀ ଦଳୁଆ ଗୋଳିଆ ପଙ୍କୁଆ ଯାହା ହେଉ ତୋ' ମନ ଘେନିଲେ ହେଲା । ତା' ମନ ଘେନିଲେ ହେଲା ।

ଘେନା ଘେନି ଯେ ପବିତ୍ର । କିଏ କ'ଣ ଥିଲା ସେଥିକ କି' ବିଚାର ? ଗତ କଥା ଭୁଲିକି ଯାଉ । ଆଗତ ବିଚାର ଅସଲ । ତମେ ଦୁଇକୁ ତମର ଦୁଇ । ସେତିକି । ନରକରେ ଘାଣ୍ଟି ହୁଅନା । କ'ଣ ବୁଝିଲୁଟି ?

-ସାର ବଚନ କହିଲ, ନ ବୁଝିବି କାହିଁକି ? କଦାକାର, ବିକୃତ, ଜାଣି ଅପାରଗ ମଣିଷଟାଏ ମୁଁ । ହେଲେ କି ହେଲା । ସାହାସମ୍ବଳ ନ ଥିଲା ଲୋକ । ଆଶ୍ରା ପାଇ ସୁସ୍ଥ ସବଳ ହେଲି । ଯାହାର ସେବାଯତ୍ନରେ ହେଲି ସେହି ଦୁଲାଳୀ ମତେ ଦିନେ ବୁଝାଇ କହିଲା, ଆରେ ଆ'ନ୍ଦ, ମୁଁ ମହାକାଳ ଫଳ । ମୋ ରୂପଟା ଖାଲି ଅଲଗା । ସେଇ ଫଳ ପରିକା ସୁନ୍ଦର ଲାଲ ଟହଟହ ନ ହେଲେ ନାହିଁ, ତୋ' ସରାଗ ଯେବେ ହାଉହାଉ ଜଳିବ, ହେଇ ରୂପ ତୋ' ଆଖିକୁ ଲାଲ ଟହଟହ ପଲାଶଫୁଲ ପରି ଦିଶିବ । ଆରେ ଅଲକ୍ଷଣା, ସାଲୁବାଲୁ କରି ମଇଳା ଗିଳିବାକୁ ତୋ' ମନଟା ଘୁଷୁରି ହେବ । ଜାଣିଥା ରେ, ମୋ' ଭିତରଟା ପୋଡ଼ା ଅଙ୍ଗାର । ମୋ ଉଦ୍ମେଇରେ ସେମାନେ ଜଣ ଜଣ ହୋଇ ନିଜକୁ ଜଳାଇ ଅଙ୍ଗାର ସାଇତିଛନ୍ତି । କିଏ କୁଆଡେ ଛୁ । ତୁ ନିଜକୁ ଜଳେଇ ପୋଡିହେବୁ ନାହିଁ ରେ ଚଣ୍ଡାଳ ! ହଁ, କହି ଦେଉଛି, ମନେ ରଖିଥା ।

-ବାଃ ରେ ଦୁଲାଳୀ ! ମନେ ରଖିଥିବୁ ଆ'ନ୍ଦ । ଠକି ଠକି ସେ ଠିକିଛି । ଅସଲ କଥା କହିଛି । ପରିସ୍ଥିତିରେ ପଡି ମଣିଷ କେତେବେଳେ କ'ଣ କରି ପକାଏ । ଚିଙ୍ଗିଲେ ଶିଖେ । ପରିସ୍ଥିତିରୁ ଧାଇଁ ପଳାଇବାକୁ ଚେଷ୍ଟା କରେ । କିନ୍ତୁ, ପଳାଇ ପଶିଲେ ମାଉସୀ ଘରେ, ମାଉସୀ ତ ମାରେ ଦି'ପହରେ । ବଞ୍ଚି ରହିବାକୁ, ଦୁନିଆଁର ଚାପରୁ ରକ୍ଷା ପାଇବାକୁ ମଣିଷ ଆତୁର ହୋଇ ଖୋଜେ ଜଣେ ସାଙ୍ଗ । ବିଶ୍ୱାସୀ ସାଙ୍ଗ ।

ଦୁଲାଳୀ ତତେ ପାଇଛି । ତୁ ପାଇଛୁ ଦୁଲାଳୀକୁ । ଯେଉଁ ପିଲା ଦିଓଟିଙ୍କୁ ତମେ ଆପଣାର କରିଛ, ତାଙ୍କ ପାଇଁକି ନିଜେ ଦୁଃଖ କଷ୍ଟ ସହି ତାଙ୍କୁ ମଣିଷ କର । ତାଙ୍କରି ପାଇଁ ବିଚାର ତମ ଦୁହିଁଙ୍କର ଅକୃତ୍ରିମ ପ୍ରେମକୁ ଅଧିକରୁ ଅଧିକ ଟାଣ କରିବ । ଆଖି ପିଛୁଡ଼ା ପଡ଼ିଲା ପରି ସମୟ କଟିଯିବ ।

ଅନା ମୋ ଜଉବନିଆଁ ପାଚିଲା ମୁଣ୍ଡକୁ । ହସ ଖୁସିରେ, ନିହାଣ-ମୁଗୁର-ବାରସି ଧରି କାଠ ସଙ୍ଗେ କିସମ କିସମର ଖେଳ ଖେଳି, ମୋ' ବେଳ କଟିଛି କି ନାହିଁ ତୁ କହ ।

ଆନନ୍ଦ ହରି ମିସ୍ତ୍ରୀଙ୍କ କଥନ ମନ କର୍ଣ୍ଣ ଦେଇ ଶୁଣିଲା । ଚିନ୍ତିଲା । ଗୁରୁବଚନ ପରି ଘେନିଲା । ପିଲା ଦୁହିଁଙ୍କ ପାଇଁ ପ୍ରାଣଦେଇ ସେ ପରିଶ୍ରମ କରି ଆସିଛି । କାଖରେ କୋଳରେ ବଢ଼ାଇଲା ପରି ବଢ଼ାଇଛି । ତାଙ୍କରି ଭିତରେ ସେ ନିଜକୁ ହଜାଇ ଦେଇଛି, ଯେମିତି ହଜାଇ ଦେଇଛି ଦୁଲାଳୀ । ଦୁଇଟି ପିଲାଙ୍କୁ ପାଳି, ବଢ଼ାଇ ପଢ଼ାଇ, ଭଲ ମଣିଷ କରି ଗଢ଼ି, ଦୁନିଆରେ ଥାପନା କରିବାର ବ୍ୟାକୁଳ ବାସନା କାହୁଁ ଆସି ଗୋଟିଏ ସଂସାରରେ ଏକାଠି ହୋଇଥିବା ଦୁଇଟି ପ୍ରାଣୀଙ୍କର ସ୍ନେହ-ମମତାର ଡୋର ଦିଓଟିକୁ ଯୋଡ଼ି, ମୋଡ଼ି ଏକାକାର କରିଛି । ପରସ୍ତ ପରସ୍ତ କରି ଗୁଡ଼ାଇଛି ଯେହି ଦିଓଟି ବଞ୍ଚିରହିବାର ଅଦମ୍ୟ ମନର ଗୁଡ଼ି ପାଖରେ ।

ହରି ମିସ୍ତ୍ରୀ ଏହା ଜାଣିଛନ୍ତି । ଯେହି ଏକା ପରତେ ଯାଆନ୍ତି ଯେ ଦୁଇଟା ଦେହର ମୁର୍ଚ୍ଛାଳିଆ ମିଳନ, ଗୋଟିଏ ଦେହ ଭିତରେ ଆରଟି ପ୍ରବେଶି ଏକାକାର ହୋଇ ଯିବାର ପ୍ରବଳ ପାଗଳାମି ଅଳପ ବେଳପାଇଁ ତୋଫାନିଆ ହୋଇ ଜୁଆର ପରି ମାଡ଼ି ଆସେ । ଏ ପୃଥିବୀରେ ଜୀଅନ୍ତା ପିତୁଳା ସର୍ଜନା କରେ । ବିଧିର ବିଧାନ । ଦୁଇଟା ଦେହ ଏକାକାର ହୁଏ ନାହିଁ । ଦୁଇଟା ମନ ଏକା ହୁଏ ନାହିଁ । ଆଗ୍ରହ ବି । ଜୀବନ ବି । ଚଳନ ପାଇଁ ଦେହ, ମନ, ଆଗ୍ରହ, ପାଖକୁ ପାଖ ଲାଗି ରହନ୍ତି ।

ବିଧିର ବିଧାନ ଯାହା ହୋଇଥାଉ, ଦୁଇଟା ଦେହ ଏକାଠି ହେବାରେ ଯେଉଁ ମୂର୍ଚ୍ଛାଳିଆ ପାଗଳପଣିଆ, ସେଇଟା ହୋଇଛି ମଣିଷ ଦୁନିଆର ଅସଲ ଆନନ୍ଦ । ସମସ୍ତେ ସେ କଥା ଜାଣନ୍ତି ।

ଜନ ବହୁଳେ ବହୁ ଅଭାବ ଅନଟନ ମାଡ଼ି ଆସିଲେ ବିଭ୍ରାଟ ଘଟିବ । କେଉଁ ଏବେ ନ ଘଟୁଛି ଯେ ? ଏ ପୃଥିବୀରେ ମଣିଷ ଜାତି ଶୀଘ୍ର ମୂଳପୋଛ ହୋଇଯିବ । ସେହି ଡରରେ ଦେଶମାନେ ଜାଗତିଆର ରହିଲେଣି । କିଏ କାହାକୁ ଧ୍ୱଂସି ନିଜେ ଆସନ ମାଡ଼ି ବସିବେ, ଏହି ବିଚାରରେ ଉଳିକିଭଳି ମାରଣାସ୍ତ୍ର ତିଆରିବାରେ, ଶୋଷଣର ଉପାୟ ଖଞ୍ଜିବାରେ ଲାଗିପଡ଼ିଛନ୍ତି ।

ଏମ ଗରିବ ଦୁର୍ବଳ ଦେଶର ଅବସ୍ଥା ଆଉ ଟୋଟିଏ ପ୍ରକୁଷରେ କ'ଣ ହୋଇପାରିବ ? କିଏ ଯିବ, କେଉଁଠୁ ? ବଢ଼ନ୍ତ ସମାଜ କ'ଣ ଖାଇବ ? କ'ଣ ପିନ୍ଧିବ ? କେଉଁଠି ରହିବ ? ଯାଉ କିଏ ଆମକୁ ମୂଳପୋଛ କରିବା ଆଗରୁ ଆମେ ଆମକୁ ଯଦୁବଂଶଆ ନାଶ ହେଲା ପରି ନାଶ କରିଦେବା ।

ଏ ଅବସ୍ଥାରୁ ରକ୍ଷା ପାଇବାକୁ ଜନମକୁ ନିମନ୍ତ୍ରଣ ନ କରି ନିୟନ୍ତ୍ରଣ କରିବାକୁ ସମସ୍ତେ ସଜି ହେଲେଣି । ପେଟସ୍ଥ ଛାତିଆ ଦୁଇକୁ ସନ୍ତାନ ବି ଦୁଇ । ଭଲ ବିଚାର । ଗର୍ଭ ଭିତରେ ମଞ୍ଜି ଗଜା ନ ହେଉ । ଯଦି ହୋଇଗଲା ସେ ଗଜା ପତର ମେଲି ରହିଲା ଆଗରୁ ତାକୁ ଓପାଡ଼ି ଫୋପାଡ଼ି ଦିଆଯାଉ । ସେଥିରେ ପାପ ନାହିଁ । ଅନୂନ ସମାଜ ଧ୍ୱଂସ କରିବା ପ୍ରକୃତ ପାପ ।

ହରିମିସ୍ତ୍ରୀ ଏ କଥା ବୁଝିଛନ୍ତି । ଭାବନ୍ତି, ପାପ ତାଙ୍କ ପାଖ ପଶିନାହିଁ । ବରଂ ସେ କିଛି ପୁଣ୍ୟ ଅରଜିଛନ୍ତି । ସେ ଥିଲେ ଦୁଇ । ତାଙ୍କର ହେଲା ଶୂନ୍ । ତାଙ୍କର ମନ ଯେ ନ ଚହଲିଛି ଏପରି ନୁହେଁ । ସେ ବି ଚହଲା-ମନରେ ମଉଜ ଖୋଜି ପାଇଛନ୍ତି । କିନ୍ତୁ, ସେ ଆଗରୁ ସାବଧାନ । ତାଙ୍କର ପିଲା ନ ହୁଏ । ସେ ନିଶ୍ଚିନ୍ତ ।

ତାଙ୍କ ପିଲାଟି ସ୍ୱର୍ଗରେ । ତାଙ୍କର ଘରଣୀ କୋଳରେ ଖେଳୁଥିବ, ଏପରି ସପନ ସେ ଅଳସ ନିରୋଳା ବେଳେ କେତେଥର ଚେଇଁଚେଇଁ ଦେଖିଛନ୍ତି । ଚିହିଙ୍କି ଉଠି ନିଜକୁ ନିଜେ ବୁଝାଇ ଦେଇଛନ୍ତି— ଆରେ ବାଇମନ ! ଆପଣାକୁ ଆପେ ଠକି ମିଛିମିଛିକା ପବନା-ଆନନ୍ଦରେ ମାତି ଯାଅନା । ଯିଏ ମଲା ସେ ଚିରକାଳ ପାଇଁ ଗଲା । ସୁମରଣା ଖାଲି ଝୁରାଏ । ନିଦରେ, ଅବା ଜାଗ୍ରତରେ ସପନ ଦେଖାଏ । ହଜିଲା ନିର୍ଜୀବ ଦରବ ବି ସପନରେ ମିଳିଯାଏ । ମନ-ଲୋଡ଼ା ନ-ଘଟିଲା ଘଟଣା ସେଇ ସପନରେ ଘଟିଯାଏ । କିଏ ମନା କରିବ ?

ଆନନ୍ଦକୁ ସେ ଭଲ ପାଆନ୍ତି । ଆପଣାର ଲୋକ ବୋଲି ଘେନନ୍ତି । ମନରେ ଯେବେ ଯେଉଁ ଭାବନା ଆସେ ତା' ଆଗରେ ପ୍ରକାଶ କରନ୍ତି । ଅତୀତ-ଜୀବନକୁ ମନରୁ ଏକାଥରେ ପୋଛି ନୂଆ-ଜୀବନକୁ ଆଦରି ସୁଖ-ଶାନ୍ତିରେ ଚଳିଯିବାକୁ ସେ ବାରମ୍ବାର ଉପଦେଶ ଦିଅନ୍ତି । ତା' କୁଟୁମ୍ବର ଅଭାବ ଅସୁବିଧା ବେଳେ ସାହା ହୁଅନ୍ତି ।

ଦୁଲାଳୀର ଘରକରଣା-ବୁଦ୍ଧିକୁ ସେ ପସନ୍ଦ କରନ୍ତି । ପୁଅ, ଝିଅ, ଗେରସ୍ତଙ୍କର ସେବା-ଯତ୍ନ ନେବାରେ ସେ ତ୍ରୁଟି କରେନାହିଁ । ସେମାନଙ୍କର ଅସୁବିଧା ନ କରଇ, ନିଜେ ରୋଜଗାର କରିବାର ନାନା ଫନ୍ଦି ସେ କରେ । ମୂଲିଆଣୀ କାମ ଛାଡ଼ି ଦିନାକେତେ ସେ ବଡ଼-ଡାକ୍ତରଖାନାରେ ଧାଈକାମ କରୁଥିଲା ।

ଠିକା-ଧାଈ । ଡାକ୍ତରଣୀ, ନର୍ସ, ଓ ଅନ୍ୟମାନେ କେହି କେହି ତାକୁ ଚିହ୍ନନ୍ତି । ପ୍ରସୂତୀ-ଭବନରେ ଯେଉଁ ପ୍ରସୂତୀର ମୁରବି ଲୋକେ ପ୍ରସୂତୀ ଓ ନବଜାତ ଶିଶୁକୁ ଜଗି ରହିବାକୁ, ସେବାକରି ସବୁ ସଫାସୁତୁରା ରଖିବାକୁ ଠିକା-ଧାଈ ଖୋଜିଲେ ଦୁଲାଳୀକୁ ନିଯୁକ୍ତ କରନ୍ତି ।

ଭଲ ରୋଜଗାର ହେଉଥିଲା । ଲେଖାପଢ଼ା ଜାଣିଲା ମାଇପିଟି, ଡାକଘରେ ବହି ନିଜ ନାମରେ ଖୋଲାଇ କିଛି ଟଙ୍କା ରଖିପାରିଥିଲା ।

ନିଜେ ସେ ହରିମିସ୍ତ୍ରୀଙ୍କୁ ଦିନେ କହୁଥିଲା, ମୋ' ଘରେ କ'ଣ ଥିଲା କି ମଉସା, ଷ୍ଟେରଟସ୍କର ଦିʼଦିଟା ତାଲା ଭାଙ୍ଗି ପଶି ବୋହି ନେଇଥାନ୍ତା ? ଆନନ୍ଦିଆ ଆସିଲାରୁ ତା' ସୁବିଧା ପାଇଁ ଯାହା ଟିକିଏ ଆୟୋଜନ ।

ହଇଲୋ ଦୁଲାଳୀ, ଗେରସ୍ତର ନାଁ ତୁଣ୍ଡରେ ଧରୁଛୁ ? ପୁଣି, ଅନନ୍ଦ ମତେ ଭାଇ ଡାକୁଛି । ତୋ'ର ମଉସା ଡାକିବା ଫାବୁଛି ?

-ଆଗରୁ ତମକୁ ଯାହା ଡାକୁଥିଲି ସେଇ ଡାକ ବଦଳାଇବି ନାହିଁ । ଆଜିଆ ମୋଠୁଁ କେତେ ସାନ ହେବ । ଭଉଇ କି ମଉସା ଡାକିହେବ ନାହିଁ । ଏକାଠି ରହୁଛୁ । ଏକା ଘରେ ଚଳୁଛୁ । ଲୋକେ କହିବେ ଗେରସ୍ତ ଭରିଯା । ନାହିଁକରି ଭଲେଇ ହେଲେ କିଏ ମାନିବ ? ସେମାନେ ଯାହା ମଣିବେ ଆମେ ତାଙ୍କ ଆଖିରେ ସେଇଆ । ଆମର ଜାତିଗୋତ୍ର ଏବେ ନାହିଁ । ଧର୍ମ ବି ନାହିଁ । ଠାକୁରଙ୍କୁ ମାନି ଜାଣାଣ କରିବାକୁ କିଏ ବାରଣ କରିପାରିବ କି ମଉସା ?

-ସତ ଯେ, ସଂସାର ବାନ୍ଧିଲା, ଠାକୁର କଲେ ବାପ ମା' ହେବ ।

-ମେ ବାପ ହୋଇଥିଲା । ଦୁଇଥର ଘରକରଣା କରି ମୁଁ ମା' ହୋଇଥିଲି । ଘରକରଣା ତୁଟିଲା । ଆମେ ଆମର ସମସ୍ତଙ୍କୁ ହରାଇଥିଲୁ । ଆମ ନିସାହାପଣିଆଁ ଏକାଠି ଛନ୍ଦିବାନ୍ଧି ହୋଇ ଆମକୁ ଗେରସ୍ତ-ଭରିଯା କରିଛି । ସେଇ ନିସାହାପଣ ଆମକୁ ଯୋଡ଼ି ଦେଇଛି ।

-ଭଲ । ଠାକୁରେ କଲେ ପୁଣି ତମେ ମା' ବାପ ହେବ । ବାପର ଜାତି, ଗୋତ୍ର ଧର୍ମକୁ ନିଜର କରି ସେହି ପିଲାଏ ସଂସାରରେ ଆତଯାତ ହେବେ । କପାଳରେ ଥିଲେ ସେମାନେ ଭଲ ମଣିଷ, ବଡ଼ ମଣିଷ ହେବେ । ଭଲପଣିଆଁ ବଡ଼ପଣିଆଁ କାହାରି ଏକଚାଟିଆ ନୁହେ ।

-ମୁଁ ଏତେ କଥା ବୁଝେ ନାହିଁ । ଆମେ ମନକଲେ ଆମ ସଂସାରକୁ ପିଲାଛୁଆ ନିଶ୍ଚେ ଆସିବେ ମଉସା । ହେଲେ ସେମାନେ ମୋ' ପେଟରୁ ଜନମିବେ ନାହିଁ । ମୋ' ଏକୁଟିଆ ନିସାହା ଜୀବନରେ ଅଣବାପୁଆ ପିଲାର ମା ନ ହେବାକୁ ମୁଁ ଉଚିତ୍ ମନେକଲି । ନିଆଶ୍ରା ଚଳନରେ ଯେଉଁ ସାହସରେ ମାଉଁସଲୋଭୀ ବାଇଆ ମଣିଷଙ୍କୁ ମୁଁ ଦୂରେଇ ଦେଇ ପାରିଥାନ୍ତି ? ମୋ' ଉପରେ କି ମୋ'ର ବିଶ୍ୱାସ ନ ଥିଲା ।

ହରିମିସ୍ତ୍ରୀ ନୀରବ ହେଲେ । ଗମ୍ଭୀର ହେଲେ । ନିଜର ଲୋକଦେଖାଣ ଟାଣପଣକୁ ପଚାରିଥିଲେ, କେମିତି ଟାଣ ରହି ପାରିଥିଲୁ କି ନିର୍ଲଜ ଅବେଇଜ ? ଘରକୁ ଆଉ ଗୋଟାଏ ଘରଣୀ ଆଣିଲୁ ନାହିଁ । ନରକ କୁଣ୍ଡରେ ଶିଙ୍ଗବୁଡ଼ା ଡ଼ଚ ଦେବୁନାହିଁ ବୋଲି ମୁହଁ ବାଳିଙ୍ଗି କାଢ଼ିଥିଲୁ । ଥରକୁଥର ଟଳଟଳ ହୋଇ ସେଇ କୁଣ୍ଡରେ କଚାଡ଼ି ହେଲୁତ ?

ଶୁଖୁଆପୋଡ଼ାର ଚଖା-ମଉଜ ସାରି ପୁଣି ନାକ ଟେକିଥିଲୁ । ଅଣଆଡ଼ିଆ ଅନ୍ଧାରରେ କାନମୋଡ଼ି ହୋଇ ନିଜ ଟାଳରେ ନିଜେ ବ୍ରହ୍ମ-ଚାପଡ଼ା ମାରି ହୋଇଥିଲୁ । ଥରକୁଥର । ଚୁପ୍‌ସଇତାନ୍ ସାଧୁ ମହାତମା ହରିଆ ବାପୁଡ଼ାର ଆଖି ଦୁଇଟାକୁ ଟାଣି ନେଉଥିଲୁ । କାନ ଦୁଇଟାକୁ ଢେଉଳ ଦେଉଥିଲୁ..... . . ଛି ଛାଡ଼ ।

ଦୁଲାଳୀକୁ ନିନ୍ଦିହେବ ନାହିଁ । କିଏ ଅଛି ତା'ର ଆପଣାର ଯାହା ଉପରେ ନିର୍ଭର କରି ସେ ବଞ୍ଚି ଥାଆନ୍ତା ? ଯେଉଁ ଡାଳରେ ହାତ ଦେଇଥିଲା, ସେଇ ଡାଳମାନେ ଭାଙ୍ଗି ପଡ଼ିଲେ । ତା'କୁ ଅର୍ଘାଡିଆ କଚଡ଼ା ଖୁଆଇ କିଏ କୁଆଡ଼େ ଉଡ଼ିଗଲେ । ପଲପଲ ମାଗିଖିଆ ରୋଗଣା ଭିଖାରୀଙ୍କ ସଙ୍ଗରେ ଯୋଗଦେଇ,

ଦେହ ଦେଇ, ସେଗର ବୋଝ ବୋହି, କଲବଲ ଛଟପଟ ହୋଇ, କେଉଁ ଅପନ୍ତରରେ, ଅବା କୋଟିପତି ମଣିଷ-ମାରୁ କଳା-ବଜାରୀ ଭେଜାଲ୍ କାରବାରୀ ବେପାରୀର ଗଗନ-ଛୁଆଁ କୋଠାକଡ଼ ନର୍ଦ୍ଦମା ଉପରେ ମରି ଶୋଇବାକୁ ବିଚରା ପସନ୍ଦ କରି ନଥିଲା ।

ହରିମିସ୍ତ୍ରୀ ଦୁଲାଳୀର ବିଚରକୁ ମନେ ମନେ ପସନ୍ଦ କରିଥିଲେ । ସାବାସ୍ ଲୋ ! ତୋ' ସଂସାର ତୁ ଭଲରେ ଚଳାଉଛୁ । କିଏ ନିନ୍ଦା କଲା, କିଏ ପ୍ରଶଂସା କଲା, ସେଥିରୁ ତୁ କି' ପାଇବୁ ? ଚଲାଇ ନେ ତୋ'ର ଡଙ୍ଗା । ନିଜେ ମଙ୍ଗ ଧରିଥା । ଆନନ୍ଦ ଆହୁଲା ଧରିଛି । ସାଧ୍ୟ ମତେ ଡଙ୍ଗା ଠେଲୁଛି । ପଟ୍ଟାରୀ ଦିଓଟି, ତମର ଝିଅ-ପୁଅ । ସୁଖରେ ବସିଛନ୍ତି । ଖାସା ପିଲା ଦିହେଁ ସୁହାଗୀ ଓ ଚନ୍ଦନ ।

ହରି ମିସ୍ତ୍ରୀ ନିଜ ମନକୁ ବୁଝାନ୍ତି । ତୋରଣି ଛଣା ଲମ୍ବ ଲମ୍ବ ଧୋବଲା ଘଞ୍ଚ ନିଶକୁ ବାଁ ହାତର ବିଶି ଆଙ୍ଗୁଠିରେ ପାଟି ଉପରୁ ଟେକି ଓଠ ଉପରେ ସାଉଁଳି ଦିଅନ୍ତି । ସେ ମନେ କରନ୍ତି ଯେ ତାଙ୍କର ଅତି ଯତ୍ନରେ ବଢ଼ାଇ ପାକଳ କରିଥିବା ନିଶ ହଳକ ଓ ମୁଣ୍ଡ ଉପରର ପାଚିଲା ଝଙ୍କା କେଶ ତାଙ୍କର ସମ୍ମାନ ବଢ଼ାଏ । ତାଙ୍କ ବିନୟ ବଚନର ମୂଲ୍ୟ ତେଜେ । ତାଙ୍କୁ ମୁରବିର ଆସନରେ ବସାଏ । ଅନ୍ୟମାନଙ୍କର ସୁଖ-ଦୁଖର ଘଟଣାମାନ ଧୈର୍ଯ୍ୟଧରି ଶୁଣି ସେମାନଙ୍କର ସମସ୍ୟାର ସମାଧାନ ପାଇଁ ମସୁଧା ବତାନ୍ତି । କିଏ ମାନିଲେ ମାନୁ ନ ମାନିଲେ ନାହିଁ । ସେଥିରେ ସେ ନିଜକୁ ଅପମାନିତ ମନେ କରନ୍ତି ନାହିଁ ।

ଆରେ ହେ, ସେ କହନ୍ତି, ଜଣେ କ'ଣ ତା' ଅଙ୍ଗେ ଭୋଗିଲା, ପ୍ରାଣରେ ଭେଦିଲା, ସେତେବେଳେ ଆଉ ଏତେବେଳେ ମନରେ ଚିନ୍ତିଲା ସବୁ କଥା ତୁଣ୍ଡରେ କହି ପାରେ ? ନାହିଁରେ ବାଇଆ, ନାଇଁ ଲୋ ବାଇଆଣୀ ! କିଛି ଅଛପା ରଖିବି ନାହିଁ ବୋଲି ଠାକୁରଙ୍କ ଆଡ଼କୁ ହାତ ବଢ଼ାଇ ନିୟମ କଲେବି ତମ ଜାଣତରେ, ଅବା ଅଜାଣତରେ କେତେ କଥା କହି ହୁଏ ନାହିଁ । କାହିଁକି, ଏହା ଜାଣୁ କି ଆନନ୍ଦ ?

-କାହିଁକି ହରି ଭାଇ ?

-ତୁ ମୋ' ଠାରୁ ଅଧିକ ପାଠ ପଢ଼ିଛୁ । ଏତକ ବୁଝି ପାରୁନୁ ? ଚିନ୍ତିଲା କଥାର ନିଖୁଣ ରୂପ ଦେବାକୁ ସବୁ ଭାଷା ମିଳେ ନାହିଁ । ପାଇଲି ପାଇଲି ମଣି ଯେଉଁ ଭାଷା ତୁଣ୍ଡରୁ କାଢ଼ି, ଚିନ୍ତିଲା ଘଟଣାର ଘଟରେ ରଙ୍ଗ ବୋଳା ହୁଏ, ତା' ରୂପ ତା' ଢଙ୍ଗ ଅନ୍ୟ ପ୍ରକାରେ ହୁଏ । କେତେ ଜାତିର କେତେ କେତେ କଣ୍ଢେଇ ନିହଣ ମୁନରେ ଗଢ଼ି ଭଲି ଭଲି ରଙ୍ଗ ଚଢ଼ାଇଲୁ । କେଉଁଟି ଗୋଟିଏ ତୋ ମନ ମାଫିକା ହେଲା କି ?

ସତ ।

ଅଙ୍ଗେ ଲିଭା ସବୁ ଘଟଣା, ପ୍ରାଣରେ ଭେଦିଲା ସବୁ ଥର ତା ମନେ ନ ଥାଏ । ଯେତେ ମନେ ଥାଏ କହି ହୁଏ ନାହିଁ । ଶୁଣିଲା ମଣିଷ ତମକୁ କି ମସୁଧା ଦେବ ? କି ବୁଦ୍ଧି ବତାଇ ପାରିବ ? ତା' ମସୁଧା ଗୋଟାଏ ପ୍ରସ୍ତାବ । ମନକୁ

ପାଇଲେ ଘେନା କରିବ । ନ ହେଲେ, ତମ ବାଟରେ ତମେ ଚାଲିବ । ମନେ ମନେ କହି ହେଉଥିବ, ସାଉଁଟିଲା କାଣ୍ଡ ପରି ମାଗି ଆଣିଲା ବୁଦ୍ଧି କାମକୁ ପାଇବ ନାହିଁ । ନିଜ ବୁଦ୍ଧିରେ ଘାସ କାଟିବ, ପର ବୁଦ୍ଧିରେ ଘୋଡା ଚଢିବ ନାହିଁ ।

ଯାହା କହିଲ ସତ ଯେ, ମୋ' ମନଟା କେମିତି ଉଦାସୀ ହେଉଛି । ଥରେ ନୁହେଁ, ଦି'ଥର ନୁହେ, ତିନି ଥର ତାକୁ ଦେଖିଲିଣି ' ହାବୁଡା ଝଟକା ଭେଟ । ତାଆରି ପରିକା । ତେବେ,

ଶୁଣିବାବୁ ହରି ଆଗ୍ରହ ପ୍ରକାଶି ଥିଲେ । ବିଚାରିଥିଲେ, କ'ଣ ସବୁ ନିଶ୍ଚୟ ଘଟି ଯାଇଛି । ଆନନ୍ଦର ଧୈର୍ଯ୍ୟର ଟାଣୁଆ ଖୁଣ୍ଟକୁ ଭଲକରି ଦୋହଲାଇ ଦେଇଛି । ସେ ଲକ୍ଷ୍ୟ କରିପାରିଛନ୍ତି ଯେ ଆନନ୍ଦ ବେଳେ ବେଳେ ଆନମନା ହୋଇ ଅନାଇଁ ରହୁଛି । ଯନ୍ତ୍ରପାତି ତଳେ ଥୋଇ କାଠକୁ ଚାହିଁ ରହିଛି ତ ରହିଛି । ତା' ପରିକା ନିପୁଣ କାରିଗର ଭଗମାପର ଓଲମ ବିଲମ କରୁଛି । ଚେତାଇ ଦେଲେ ଚିହିଙ୍କି ଉଠୁଛି, ପୁଣି କାମରେ ମନ ଦେଉଛି । କହିବାକୁ ଚାହୁଁଛି ତ କହୁ । ଅନ୍ୟ ଆଗରେ ମନର ବେଦନା ପ୍ରକାଶ କଲେ କୁଆଡ଼େ ସେ ବେଦନାର ବୋଝ ଲାଘବ ହୁଏ ।

ଆନନ୍ଦ କହିବାକୁ ଲାଗିଲା—

ସଞ୍ଜ ଗଡିଯାଇଥାଏ । ବଡ ରାସ୍ତାର କଡ଼େ କଡ଼େ ସେ ଚାଲିଥାଏ । ଚୈତ୍ର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ । ଆକାଶରେ ବହଳ ମେଘର ଚଳଣ । ରହି ରହିକା ଧୀର ପବନର ଖେଳ । ଚଉଡା ରାସ୍ତାରେ ଯାନବାହାନର ସୁଅ, ଦୁଇଆଡୁ ଦୁଇ ପାଖକୁ ଛୁଟି ଯାଉଥାନ୍ତି । ରାସ୍ତାର ଦୁଇ ପାଖରେ ପଦଯାତ୍ରୀଙ୍କ ଗହଳି ।

ରାସ୍ତା କଡର ଉଜ୍ଜ୍ୱଳ ଆଲୁଅରେ ଉଆଁସି ଅନ୍ଧାରର ପତ୍ତା ନ ଥାଏ । ଦିନ ପରିକା ସବୁ ପରିଷ୍କାର ଦିଶୁଥାଏ ହରିଭାଇ । ତା' ମୁହଁରେ ରାସ୍ତାର ଆଲୁଅ ସିଧା ସଳଖ ପଡୁଥାଏ । ପାଖର ଲୁଗା ଦୋକାନରୁ ପାହାଚ ଓହ୍ଲାଇ ତଳକୁ ଆସିଲା । ଦୋକାନରେ ମାଇପି ଭିଡ଼ । ସେମାନେ ଶାଢି କିଣୁଥିବେ । କେତେ ଭିତରକୁ ଯାଉଥାନ୍ତି, କେତେ କିଣାକିଣି କରି ଓହ୍ଲାଇ ଆସୁଥାନ୍ତି । ସେ ବି ଗୋଟିଏ ପ୍ୟାକେଟ ଧରିଥିଲା ।

-କେମନ୍ତ ।

-ଏବକାଳିଆ ଫେସନର ଛାପିଛାପିକା ଶାଢି ଗୋଟିଏ ପିନ୍ଧିଥିଲା । ବେଶ୍ ପାତଳ । କି କି ରଙ୍ଗର ମୋ'ର ଖିଆଲ ନାହିଁ । ଝିଲିମିଲି ତାଢି ତଳେ ନାହି ଉପରୁ ଚମ୍ପାଫୁଲିଆ କନାର ଅଳପ ଚଉଡା ବିଲାଉଜ ଉଞ୍ଚ ଉଞ୍ଚ ମା ଟଉବେର ତୋଣି ଉପରଯାଏ ଭିଡା । ମା ଗରବର ଡୋଣି ପଦରୁ ଘଣ୍ଟିବା ଅବଧି ଖୋପଣା ଦିଶୁଥିଲା । ବେକର ଚିକି ଚିକି ସରୁ ହାର ତଳେ ନକ୍ଷତ୍ର ପରିକା ବଡ଼ ପଦକ । ମଝିରେ କାଣି ଆଙ୍ଗୁଠିର ପବ ପ୍ରମାଣ କାଚ କି ପଥର ଟକ ଟକ । କାନର କଲିକତୀ ବାଲା ତଳେ ଛୋଟ ଡିଜାଇନି ମଝିରେ ସେହି ପ୍ରକାରର କାଚ କି ପଥର । ହାତରେ କ'ଣ ପିନ୍ଧିଥିଲା । ମୋ'ର ଆଖି ପଡିଥିଲା, ହେଲେ ହାବୁଡା

ହାବୁଡ଼ି ଭେଟ, ମୋ'ର ନଜର ଓଟାରି ପାରି ନ ଥିଲା । କ'ଣ ବୁଝିଲ ନା ? ତା' ମୁଣ୍ଡ ଉପରେ ଜୁଡ଼ା, ଦେଉଳିଆ ଦିଶୁଥିଲା ଯେ—

-ସବୁ ବୁଝୁଛି ରେ ଅଲାଜୁକ ! ଠିକେ ଠିକେ କହ । ଏତେ କ'ଣ ଲମ୍ବାଉଛୁ ! କୋଉ ବଡ଼ଘରର ଝିଅ ବୋହୂ ହୋଇଥିବ । ଆମ ମା-ମାଉସୀ ଅମଳର ମୋଟା-ସୋଟା ବେଖର ଗଲାଣି । ତାଳୁରୁ ତଳିପା ଯାଏ ଘୋଡ଼ାଣ ରୀତି ସେବକାଳେ ମହତ-ପଣିଆରେ ଗଣା ହେଉଥିଲା । ଏବେ ସେ ଢଙ୍ଗ ପୁରୁଣା ରଦି । ଛି ହେଲାଣି । ଛାଡ଼ । କହ, ସେଇଠୁ ?

-ରାସ୍ତା ଉପରେ ମୁହାଁ ମୁହିଁ ହୋଇଗଲୁ । ତା'କୁ ଦେଖି ମୁଁ ଚମକି ଉଠିଲି । ମୋ' ପାଟି ଆଁ ହୋଇଗଲା । କାବା ହୋଇ ଚାହିଁ ରହିଲି । ହାତରେ ଝୁଲାଇ ଧରିଥିବା ଯନ୍ତ୍ରପାତିର ମୁଣା ଦୁଇଟି ମୋତେ ଓଜନ ଲାଗିଲା । ମୋ ଦୁଇ ପାଖେ ନଥ୍ କରି ଥୋଇଦେଲି ।

ମୋ' ଆଖି ତା'ରି ମୁହଁରେ ଲାଖି ଯାଇଥିଲା । ସେଇ ମୁହଁ । ଅବିକଳ ମୋ' ଭରିଯା ସେବତୀର ମୁହଁ ! ତା' ସାଥିରେ ଜାଣ ଛଅ ବରଷ ଘରକରଣା କରିଥିଲି । କେତେ ରଜଘଷ । କେମିତି ତା' ମୁହଁଟିକୁ ଭୁଲି ପାରନ୍ତି ?

-ଆରେ ବେଅକଲ, ତା'କୁ କିଛି ପଚାରିଲୁ କି ?

-ହଁ, ହରିଭାଇ ପଚାରିଲି..........

-କେମନ୍ତ, ଏତେ ବହପ ! ମାଡ଼-ମୁଲାଣ ପର୍ବ ! ମତେ କାବା ଲାଗୁଛି ରେ ! ତୋ' ତଳ ପାଟିକ ଦାନ୍ତ ତା' ଜୋତା ମାଡ଼ରେ ନ ଭାଙ୍ଗିଲା କେମିତି ? ଜୋତା ପିନ୍ଧିଥିବ ?

-ତୁଣ୍ଡରେ ପଚାରି ନାହିଁ ମ ହରିଭାଇ ! ଗୋଟାଏ ମାଇପି-ଭୂତ ଦେଖିଲା ପରି ଛାନିଆରେ ମୋ ଛାତି-ଭିତର ଦୁକୁଦୁକୁ ଥରି ଉଠିଥିଲା । ପାଟି ଆଫା ଆଫା ।

ପଚାରିଥିଲ ମୋ' ଆଖିରେ । ସେ ଟିକିଏ ଚାହିଁଲା ହରିଭାଇ । ହେଲେ ମୋ ମୁହଁଟା ଦେଖିଲେ ମୋ' ବୋଉ ତ ଚିହ୍ନନ୍ତା ନାହିଁ, ସେ କେମିତି ଚିହ୍ନନ୍ତା ? କିନ୍ତୁ, ତା'ର ଆଖି ଆଉ ସେ ଆଖିର ଚାହାଣୀ କେମିତି ମତେ ଚିହ୍ନା ଚିହ୍ନା ଲାଗିଲା । ସେ ମୋ'ରି ଆଗରେ ରାସ୍ତା ଉପରକୁ ଗଲା । ତା' ଆଗରେ, ପଛରେ କେତେ ବଡ଼ଘର ଝିଅବୋହୂ ଯାଉଥିଲେ, ଆସୁଥିଲେ । ରିକ୍ସା, ଟ୍ୟାକ୍ସି, କାର୍‌ରେ ବସି ଚାଲିଯାଉଥିଲେ । ଚାହିଁଲି । ସେ ଅନ୍ତର୍ଦ୍ଧାନ ହୋଇଗଲା ।

ହରି ମୁଣ୍ଡ ହଲାଇ କହିଲେ, ହେ ତୋ' ପ୍ରଥମ ଭରିଜା ସେବତୀ ନ ଥିଲା ରେ ଆନନ୍ଦ ! ତେବେ, ତୋ'ର ସେଦିନ ସଞ୍ଜର ଢଙ୍ଗରୁ ମୁଁ ଅନୁମାନ କରୁଛି, ନିଶ୍ଚେ ସେ ଥିଲା ତୋ' ଭରିଯା ସେବତୀର ଜୀଅନ୍ତା ଭୂତ । ବାର ବରଷରୁ ବହକା ବେଳ ସେ ତୋ' କଡ଼ିତେ ଅଛି । ବେଳେବେଳେ ତୋ' ଆଖିରେ ଭେଳକି ଲଗାଇ ଭଳିକି ଭଳି ରୂପରେ ଦେଖାଦେଇ ଚାଲିଯାଉଛି । ନିଆଁର ମୂରତି । ଅଧିକ କାଳ

ଗ୍ଧହିଁଲେ ତୋ' ଆଖିର ଦୁରୁଷ୍ଟି ବିନଷ୍ଟ ହେବ । ତା' ଧାସ ତୋ' ଆଖିର ପୁଅ ଦିଓଟିକୁ ଜାଳିଦେବ ।

-ଏଁ, ଜୀଅନ୍ତା ଭୂତ ହରିଭଇ ! ମୁଁ ଶୁଣିଥିଲି, ଯାହ୍ର ଉପରେ ଭୂତପ୍ରେତ କାହିଁକି ବିଗିଡ଼ି ଯାଆନ୍ତି, ଅକଣ ରଖି ବେକଉର୍ଣ୍ଡି ଅଦଉଡି ସାଧି ଗୋରୁ ହାଡ଼ରେ ପବ ପବ ଛେଚନ୍ତି । ମୁଁ ବିଶ୍ୱାସ କରୁ ନ ଥିଲି । ତମ କଥା ଶୁଣି ତାଜୁବ୍ ଲାଗୁଛି । ଦେଖିଛ ନିଜେ ?

ହରିମିସ୍ତ୍ରୀ ହସିଲେ । କହିଲେ, ୟା ପେର୍ ପଗ୍ଧରୁଛୁ ? କେତେଥର କେଉଁଠି କେଉଁଠି ଆଖିରେ ପଡ଼ିଯାʼନ୍ତି । ଟିକିଏ ଗ୍ଧହିଁ, ଜିଭ କାମୁଡ଼ି ମୁଁ ମୋʼର ବାଟେ ବାଟେ ଯାଏ । ସେ ଯାଉଥାଏ ତା' ଗହାରେ । କହିଲି ପଗ, ଗ୍ଧହିଁଲେ ଆଖି ଫୁଟିଯିବ । ଭରସି କରି ଯଦି ଛୁଇଁଦବୁ ନା, ଗୋଟାପଣେ ତତେ ସେ ଜାଳି ପୋଡ଼ି ଅଙ୍ଗାର କରିଦେବ ।

ହରି ବୁଝି ସାରିଥିଲେ ଯେ ଆନନ୍ଦ କିଛି ପାଠ ପଢିଥିଲେ କି ହେବ ତା'ର ଅନୁଭବ ନ ଥିବାରୁ ସେ ତାଙ୍କ କଥାର ମରମ ବୁଝି ନ ପାରି ଗୋଲକଧନ୍ଦାରେ ପଡ଼ିଛି । ସେ ତା' ପିଠିରେ ହାତ ଗ୍ଧପଡିଲେ । ତା' ମନର ସଂଶୟ ଦୂର କରିବାକୁ କହିଲେ, ଆରେ ଶୁଣ । ଯେଉଁ ଜୀଅନ୍ତା ଭୂତପ୍ରେତ କଥା କହିଲି ସେମାନେ ମନରେ ଲୁଚିଥାନ୍ତି, ରକ୍ତରେ ଚରିବୁଲି ପେଟଭରି ଖାଆନ୍ତି, ମୁଣ୍ଡ ଭିତରେ ଶୋଇଥାନ୍ତି । ପାଗଯୋଗ ପଡ଼ିଲେ ଚିହିକି ଉଠି ପଦାକୁ ଆସି ଆଖି ଆଗରେ ଉଭା ହୁଅନ୍ତି । ଏତିକି ନିଧାର୍ଯ୍ୟ ।

ପବ ପବ ଛେଚିଲା ଭୂତ, ଆଉ କେଉଁ ଉତ୍ପାତ୍ ଭିଆଇଲା ପ୍ରେତ ଯେ ଜୀଅନ୍ତା ମଣିଷ ଏଥିରେ ଭୁଲ୍ ନାହିଁ । ଡରୁଆଙ୍କୁ ଡରାଇ ମଉଜ କରିବାକୁ, ନୋହିଲେ ନିଜର କେଉଁ ସ୍ୱାର୍ଥ ହାସିବାକୁ ତମର ଜଣା-ଅଜଣା ବଇରୀ ଏସବୁ କାଣ୍ଡ ରଚନା କରନ୍ତି । ଅଗ୍ଧନକ କାଉ ବସି ତାଳ ଖସିଲା ଯୋଗ ଥରେ, ଦି'ଥର, ଘଟିଗଲେ ଟାଣୁଆ ଛାତି ବି ଦୋହଲି ଉଠେ । ହୋଇଥିବ ପଗ, ଏମିତିକା ଦୁଡୁଗୁଡୁ ମେଘୁଆ ଖବନା ଘୋଟିଗଲେ କଥା ସରିଲା । ପାଳଦଉଡ଼ି ଦେଖି ଡେଇଁପଡ଼ୁଣୁ କଣ୍ଟା ବାଜି ପାଦ ଖଣ୍ଡିଆ ହେଲେ ସାପ ଧାରଣାରେ ମଣିଷ ମରେ ।

ହରିମିସ୍ତ୍ରୀ ଦେଖିଲେ ଆନନ୍ଦ ତୁନୀତାନି ବସିଛି । ତାଙ୍କ ମୁହଁକୁ ନିବିଷ୍ଟ ନେତ୍ରରେ ନିରେଖି ରହିଛି । ତାଙ୍କ କଥା ସେ ଶୁଣୁଛି କି ଭଣ୍ଡାରୀଜଳାରେ ଛାଡ଼ି ଆଉ କ'ଣ ଭାବୁଛି ତା'କୁ ଜଣା । ପୁଣି କହିଲେ, ଶୁଣରେ ସିଆଣ ଓଲୁ ! ମୋ' ଘରଣୀର ମରଣ ମୁଁ ଆଖିରେ ଦେଖିଥିଲି । ଅହିଅ ତେଙ୍ଗୁରା ବଜାଇ ତା' ଶବକୁ ମଶାଣିକୁ ନେଲାବେଳେ ଖଇ କଉଡ଼ି ବିଞ୍ଚିବିଞ୍ଚି କା ଆଗେ ଆଗେ ଗ୍ଧଲିଥିଲି । ସେତିକି ଦେଖିଥିଲି । ମଡ଼ାଚଣ୍ଡିଆମାନେ ତା'କୁ ପୋଡ଼ି ପାଉଁଶ କରିଦେଲେ । ଶୁଣିଥିଲି, ସେତକ ମୁଁ ଆଖିରେ ଦେଖି ନ ଥିଲି ।

-ତ କ'ଣ ହେଲା ?

-କହୁଛି ଶୁଣ । ସେ ବଞ୍ଚିଥିଲେ ମୋ' ପରି ଧୋବଲ୍ଲ-ମୁଣ୍ଡିଆ ବୁଢ୍ୀଟିଏ ହୋଇଥାନ୍ତା । ସେ ଗୁଡ଼ାଏ ପାନ ଖେବାଉଥିଲା । ପାକୋଇ ଧୋକଡ଼ୀ ବୁଢ୍ୀଟି ପୁଅ ବାହାକରି, ଝିଅକୁ ପରଘରକୁ ପଠାଇ ଆଈ ହୋଇଥାନ୍ତା । କେଜାଣି, ନାତୁଣୀର ବାହାଘର ବି କରି ସାରନ୍ତାଣି । ନା କ'ଣ କହୁଛୁ, ହଇରେ ?

-ତମେ ସପନରେ ତମର ଏ ସୁଖର ସଂସାର ଦେଖ କି ହରିଭାଇ ? ନୋହିଲେ, ନିରେଖା ବେଳର ଭାବନାରେ ? ତମ ସ୍ତ୍ରୀଙ୍କର ମରଣ ତ ତମେ ଗୁହୁ ନ ଥିଲ ! ତମେ ସେତେବେଳେ ଆତୁର ହୋଇ ଅପେକ୍ଷା କରି ବାହାରେ ଥିଲ, ଘର ଭିତରେ ଡାକ୍ତର ଓ ନରସ୍ ।

-ଜାଣିଲା ପରି କହୁଛରେ ଆନନ୍ଦ ! ଠିକ୍ ହେଇଆ । ଓଃ, କେତେ ଯୁଗ ବିତିଗଲାଣି । ସେ ବେଳର ଛଟପଟ ଭାବ, ସେ ବେଳର ଲୁହଭରା ଦୁଃଖ କେବଠାରୁ ସାତ ସପନ ହୋଇଛି । ଘା ଶୁଖି କେବହୁଁ ଚିହ୍ନ ମିଳାଇ ଗଲାଣି । କିନ୍ତୁ, ସୁମରଣା ମନରେ କେଉଁଠି ଲୁଚି ରହିଛି । କେବେ କେଉଁଠି କାହାକୁ ହଠାତ୍ ଦେଖି ନିମିଷକ ପାଇଁ ଚିହିକି ଉଠିଛି । ଗୋଡ଼ ଅଟକିଛି, ଆଖି ଲାଖିଛି ।

ସେ ? କାହୁଁ ଅଇଲା ଆଲୁରିମୁଣ୍ଡୀ ମୋ' ଘରଣୀ ? ସେମିତିକା ମୁହଁ । ପୋଟଳ-ଫାଳିଆ ଆଖି । ଖସା-ଫୁଲିଆ ଛୋଟ ନାକ । ଲମ୍ବାଳିଆ ଶଙ୍ଖିଆ ବେକ । ଟୁଣ୍ଟଣୀ ହାତୀ, ସୁନା ଖଡ଼କା । ଦୋହଲା ଚାଲି । ସେଇ ବୟସ, ଉଣେଇଶ-କୋଡ଼ିଏ ।

କ୍ଷଣକ ପାଇଁ, ମୋଟେ କ୍ଷଣକ ପାଇଁ ରେ ଆନନ୍ଦ, ଆଖି ଅଟକେ । ବହେ ବର୍ଷର ତୋଡ଼ରେ ସେ କାଳରୁ ଏ କାଳକୁ ତଡ଼ି ହୋଇ, ଉବୁଟୁବୁ ହୋଇ ଭସି ଆସିଲିଣି, ସେତକ ବିସୋରି ଯାଇଥାଏ । ସେ ପାଖେଇ ଆସେ । ଅଚିହ୍ନା ଆଖିରେ କଣେଇଁ ଚାହିଁ କଟେଇ ଯାଏ । ତା' ଚାହାଣୀ ମୋ' ବିଭୋର ଭାବକୁ ଧକ୍କାଏ ମାରି ଆଗେଇ ଯାଏ । ମୋ' ଛପିଲା ଅଲାଜୁକପଣକୁ ଚେତାଇ ଯାଏ ଯେ ସେ ନାହିଁ । ସେ ଅସିବ ନାହିଁ । କେଉଁଠି କ'ଣ ତା' ଅଙ୍ଗ ଢଙ୍ଗର କାଣିଚାଏ ମେଳ ଖାଇଲା ବେ ଲି ଭ୍ରମରେ ପଡ଼ିଲୁ, ଭ୍ରମର ଗୁମ୍ଫାରେ ଭ୍ରମିଲୁ ।

ତୋ'ର ହେଇଆ ହୋଇଥିଲା । ତୋ' ସେବତୀ ବୁଢ଼ି ମରିଛି । କାହୁଁ ସେ ଆସିବ, ପୁଣି ଏ ସହରକୁ ? ଦଇବୀ ଦୟାରୁ ସେ ପ୍ରାଣ ପାଇଥିଲେ ସଭିଙ୍କୁ ନଗଇ ପ୍ରାଣ ଧରି ରହିବାକୁ ମାଗିଖିଆ ଭିକାରୀଙ୍କ ଦଳରେ ସିନା ପଶି ଥାଆନ୍ତା, ଯାହା ତୋ' କଥାରୁ ବୁଝିଲି, କେଉଁ ଧନୀଘରର ଘରଣୀ ହୁଅନ୍ତା କିପରି ?

ଆନନ୍ଦ ଥକା ହୋଇ ଶୁଣେ । ଶୁକ୍ଳପକ୍ଷର ଜହ୍ନଧୁଆ ସଞ୍ଜ । ହରିମିସ୍ତ୍ରୀଙ୍କର ଛୋଟ କାଠକରଖାନା କଡ଼ର ଛୋଟ ଖୋଲା ପଡ଼ିଆ । ଖଣ୍ଡେ କାଠଗଡ଼ ଉପରେ ଦିହେଁ ମୁହାଁମୁହିଁ ବସି ଆଳାପ କରୁଥିଲେ । ସେମାନଙ୍କ ଆଗରେ ପଛରେ ପଲଖା ଓ ଅକାମି କାଠ-ଟୁକୁଡ଼ା ଏଠି ସେଠି ଗଦା ହୋଇ ରହିଥିଲା । ବିଶୃଙ୍ଖଳ ପରିବେଶ ।

ଆନନ୍ଦ କହିଲା, ସେମାନେ ସମସ୍ତେ ବୁଡ଼ି ମରିଥିବେ । ଜଣେ କେହି ବଞ୍ଚି ନ ଥିବେ । ଏଇଟା ସତ ବୋଲି ମୁଁ ଅନୁମାନ କରୁଛି । ଆଖିରେ ଦେଖିନାହିଁ । ଯେଉଁମାନଙ୍କୁ ପଚାରିଲି ସେମାନେ କହିଲେ, କେତେ ତ ମଲେ, କେତେ କୁଆଡ଼େ ଭାସିଗଲେ । ନିଜ ରକ୍ଷଣ ଅସମ୍ଭବ, କିଏ କାହାକୁ ରହିଁ ରହିଛି ?

-ଯାହା ସେମାନେ କହିଥିଲେ ସେଥିରେ ଭୁଲ୍ ନାହିଁ । ଯେଉଁମାନେ କୌଣସି ଆଶ୍ରାଧରି ସୁଅରେ ଭସି ଯାଉଥିବେ ତାଙ୍କର କି' ଗତି ହୋଇଥିବ କିଏ ଜାଣେ ?

-ମରିଥିବେ, ନୋହିଲେ କେଉଁଠି ଲାଗି କେମିତି ବଂଚିଥିବେ । କେବେ-କେବେ ଏବଯାଏ ଅସାର ସପନ ମୁଁ ଦେଖେ ହରିଭାଇ । ଆଉରି କେବେ ସୁନ୍ଦର ସପନ ବି ଦେଖେ ଯେ ମୋ'ର ସମସ୍ତେ ବ ଚିଛନ୍ତି, ଆମର ଘରକରଣା ଆଗପରି ଚାଲିଛି । ସୁଆଗୀ ମୋ' କୋଳରେ ଶୋଇଛି । ନିଦ ସଙ୍ଗେ, ମୋ' ସପନ ଭାଙ୍ଗେ । ସତେ ହରିଭାଇ, ସୁଆଗୀ ମୋ' 'କୋଳରେ ଶୋଇ ତା'ର ମୁଣ୍ଡକୁ ମୋ' ବାହୁ ଉପରେ ଥୋଇଥାଏ । ହାତଟିଏ ଥାପିଥାଏ ମୋ' ଛାତି ଉପରେ ।

-କେମନ୍ତ ?

-ହଁ ହରିଭାଇ । ଏଗାର ବାର ବରଷର ସୁନା-ଖଡ଼ିକା ଝିଅ ସୁଆଗୀ ମୋ' ପାଖ ଛାଡେ ନାହିଁ । କୃଷ୍ଣ କାଳିଆ ବଗଲା ବଳୁଆ ନନ୍ଦନ । ସେ କୁଆଡେ ମୋ' ମାମୁଁ-ଶଶୁରଙ୍କ ଓଳିରେ ଜନମ । ସେ ତ ସେବତୀର କୋଡ ଛାଡେ ନାହିଁ । ଛଅ ବରଷର କୋଡ଼ପୋଛା ପୁଅ । ସେବତୀକୁ ଝୁଣ୍ଟୁଥାଏ । କ'ଣ ବୁଝିଲ ନା ? ତା' ଛାତିରୁ ସେ ବଗଲା ରସ ପାଏ କି ନ ପାଏ ତାକୁ ଜଣା । ଆଉ ତ ତା'ର ପିଲା ହେବେ ନାହିଁ.... ...

-ହଇରେ ଆନ୍ଦିଆ, ତୁ ବାଇଆ ହେଲୁ କି ? ଏ ପୁରର କଥା କହୁଛୁ, ନା ସେ ପୁରର ? ତୋ'ର ଏବକା ସଂସାରର, ନା ସେବକାର ହଜିଲା ଦୁନିଆର ?

-ସପନ କଥା କହୁଛି । ଦୁଇଟା ଯୁଗର ଭିନେ ଭିନେ ଦୁଇ ସଂସାର ସପନରେ କେମିତି ଗୋଳେଇ ପୋଳେଇ ହୋଇଯାଏ । ଦୁଇ ପାଟରେ ସବୁ ମଣିଷ ଯେ ଅଲଗା ଅଲଗା, ମତେ ମିଶାଇ, ସେ ଜ୍ଞାନ ସପନରେ ରହେ ନାହିଁ । ମୋ' ବିଳିବିଳା ଶୁଣି ଘରର ଆରକଡ଼ରୁ ଦୁଲାଳୀ ଅନ୍ଧାରିଆ ଘରେ ଡାକନ୍ତାଟେ, ଆଲୋ ସୁନା, ସୁନା— ?

ହରିମିଶ୍ରୀ ବାଧା ଦେଇ କହିଥିଲେ, ଆଉ କହନା ରେ ଆନନ୍ଦ; ଏବେ ସବୁ ବୁଝା ପଡିଲା । ଏବଯାଏ ତୁ ଏବକା ସଂସାରକୁ ତୋ' ମନ ଭିତରେ ଆପଣାର କରିପାରି ନାହୁଁ । ସେଠି ତୋ' ଅଶାର ଲିଭିଲା ବଳିତା ଅଟରେ ଟିକିଏ ନିଆଁ ଜିକିଜିକି ହେଉଛି । ସେଥିରୁ ଧୀରେ ସରୁ ବାସନା ଧୂଆଁ ହାଲହାଲ ହୋଇ ଉପରକୁ ଉଠୁଅଛି । ତୋ' ଅଜାଣତରେ କେବେ କେମିତି ସେ ଧୂଆଁର ଧମ ତୋ ଆଶାକୁ ଆରପୁରକୁ ଉଡାଇ ନେଉଛି । ସେଇ ତୋ' ଜାଗିଲା ଅବସ୍ଥାରେ ବି ତତେ ଭୁଆଁ ବୁଲାଉଛି । ଯେଉଁ ମାଆଙ୍କୁ ସେହି ରାତିରେ ଦେଖିଥିଲୁ ରେ ପାଗଳା, ତାଙ୍କଠେଇଁ ତୋ' ସେବତୀର କେଉଁଠି ଛିଟିକା ଥିଲା । ଥିବ । ଅସମ୍ଭବ ନୁହ ।

ସେବତୀର କଥା ନିଶ୍ଚେ ଭାବି ଭାବି ଯାଉଥିବୁ । ଚିହ୍ନିକା ଦେଖାରେ ମଣିଥିଲୁ ସେ' ମାଆଟି ଗୋଟାଛାଏଁ ତୋ' ଭରିଯା ସେବତୀ ।

ଆନନ୍ଦର ମନ ହରିମିସ୍ତ୍ରୀଙ୍କର ପ୍ରବୋଧନାରେ ଶାନ୍ତ ହୋଇଥିଲା । କେବେ କେମିତି ସେହି ରାତିର ଚଳନ୍ତା ପ୍ରତିମା ବିଜୁଳିର ନିମେଷ-ଝଲକ ପରି ମନରେ ଝଲସି ସ୍ନାୟୁରେ ମେକି ମିଳାଇ ଯାଏ । ହରିମିସ୍ତ୍ରୀକୁ ଦିନେ ସେ କହୁଥିଲା ।

ଦୁଇବର୍ଷ ପରେ, କାମ-ବାହୁଡ଼ାଣି ମାଇ-ସଞ୍ଜ ବେଳେ, ଘରବାହୁଡ଼ା ବାଟରେ । ସେ କହିଲା—ଦୁଇବର୍ଷରୁ ଅଧିକ ହେବ, ସେ ଯେଉଁ ଘଟଣା ତମକୁ କହିଥିଲି, ସେଥିରେ ମୋ'ର ବିଷୟ ଭ୍ରମ ହୋଇଥିଲା । ମୁଁ ମାନି ନେଇଥିଲି । କିନ୍ତୁ, ତିନିଦିନ ଆଗେ ଦି'ପହରର ଉଜ୍ଜ୍ୱଳ ଆଲୁଅରେ ଯାହାକୁ ମୁଁ ଜଳଜଳ କରି ଦେଖିଲି ହରିଭାଇ, ସେ ଅବିକଳ ସେବତୀ ପରି ଦିଶୁଥିଲା । ଦଶହାତ ଦୂରରେ ମୁଁ ତା'ଙ୍କ ହୋଇ ଠିଆହୋଇ ଦେଖୁଥିଲି । ଯେଉଁ ରୂପଟିର ଛାଇ ଆଗଥର ଦେଖିଲା ବେଳେ ମୋ' ମନରେ ଲାଖିଥିଲା, ଲିଭି ଲିଭି ଅସ୍ପଷ୍ଟ ହୋଇ ଆସିଥିଲା, ସେ ମୂର୍ତ୍ତି ଜୀଇଁଉଠି ସ୍ପଷ୍ଟ ଦିଶୁଥିଲା ।

-କେଉଁଠିରେ ?

-ହୋମିଓପାଥି ଡାକ୍ତର ଚିନ୍ତାମଣି ସାହୁଙ୍କ ଦୋକାନ ଆଗରେ । ସୋହାଗୀର ଆଖି ଧରିଥିଲା । ତାକୁ ସାହୁ ଡାକ୍ତରଙ୍କୁ ଦେଖାଇ ଓଷଧ ଆଣିବାକୁ ଦୁଲାଳୀ ମତେ ସେଠାକୁ ପଠାଇଥିଲା । ମୋ' ସଙ୍ଗରେ ସୋହାଗୀ ଯାଇଥିଲା !

-ସାହୁ ଡାକ୍ତରଙ୍କର ହାତ ଭଲ । ଲୋକଯାକରେ ଖଣ୍ଡେ ହୀରା । କ'ଣ ବୁଝିଲୁ ନା ଆନନ୍ଦ, ଗରିବଙ୍କ ପାଇଁ ତାଙ୍କ ମନ କଟେ । ଓଷଧ ପାନକୁ ଦଶ ପଇସା । ପାଞ୍ଚ ପାନରେ ରୋଗୀ ଝାଡ଼ିଝୁଡ଼ି ହୋଇ ନିର୍ମଳ । ସାଧାରଣ ରୋଗ ପାଇଁ ଆମେ ସେଠାକୁ ଧାଉଁ ।

-ଜାଣିଛି । ଦୁଲାଳୀ କହେ । ସେ ତାଙ୍କ ଘରେ କେବେ ପାଇଟି କରୁଥିଲା । ତାଙ୍କ ସ୍ତ୍ରୀ କୁଆଡ଼େ ଆହୁରି ଭଲ । ରୂପ ଯେମିତି, ଗୁଣ ସେମିତି । ସେ ମା'ଙ୍କର ମନରେ ଦୟାଭାବ ଥାଏ । ବଚନରେ ମହୁ ବୋଳ ହୋଇଥାଏ । ସ୍କୁଲରେ ମାଷ୍ଟରାଣୀ କାମ କରନ୍ତି । ସମସ୍ତେ ତାଙ୍କୁ ଦିଦି ବୋଲି ଡାକନ୍ତି ।

-ହଁରେ ଆନନ୍ଦ । ମା' ନ ଡାକି ଦିଦି ଡାକିଲେ ସେ ବେଶୀ ଖୁସି ହୁଅନ୍ତି । କିନ୍ତୁ, ତାଙ୍କ କଥା କାହିଁକି ପଡ଼ିଛି ? ଯାହାଙ୍କ ସଙ୍ଗେ ତୋ'ର ଭେଟ ହୋଇଥିଲା, ତୋ' ମନରେ ଆଉଥରେ ଦୋଳନ ସମ୍ଭାଇଲା, ତାଙ୍କ କଥା କହ । ଶୁଣିବା, ବିଚାରିବା । ଆଜିଯାଏ ମୋ' ପାଖରୁ ତୁ ଘଟଣାଟି ଛପାଇ ରଖିଛୁ କାହିଁକି ?

ଆନନ୍ଦ ଟିକିଏ ଗୁମ୍ ମାରି ରହିଲା । ତା' ଚାଲିର ବେଗ ଶିଥିଳ ହେଲା । ସେ ପଛେଇଗଲା । ହରି ଅପେକ୍ଷା କଲେ । ଆନନ୍ଦ ପୁଣି ତାଙ୍କ କଡ଼କୁ ଆସି କହିଲା,

ତମର ସେ ଦିନର କଥା ମନେ ପକାଇ ଆପେ ମୁଁ ସନ୍ଦେହରେ ପଡ଼ିଥିଲି । ଏବଯାଏ ସେହି ସନ୍ଦେହ ବେଳେ ବେଳେ ମୋ' ମନରେ ଲୁଚକାଳି ଖେଳୁଛି ।

ଆରେ ଘଟଣା କ'ଣ କହ, ଏଣ୍ଡୁ ତେଣ୍ଡୁ ଗପନା ।

ବେଳ ଦି' ପହର ହୋଇ ଆସୁଥିବାରୁ ଡାକ୍ତରଙ୍କ ଦୋକାନ ଆଗରେ ଅଳପ ଲୋକ ଥିଲେ । କୋଠରୀ ଭିତରେ ଡାକ୍ତରଙ୍କର ଟେବୁଲ ଆଗରେ କେଇ ଜଣ ସ୍ତ୍ରୀ ଓ ପିଲା ଠିଆ ହୋଇଥିଲେ । ଡାକ୍ତରଙ୍କ ହାତରୁ ଔଷଧ ପୁଡ଼ିଆ ନେଇ ପଇସା ଦେଇ ବାହାରି ଆସୁଥିଲେ । ମୁଁ ଝିଅର ହାତ ଧରି ଦ୍ୱାର ପାଖକୁ ଗଲି । ମୋ' ପଛରେ ଆହୁରି କେତେ ଲୋକ ଅବଶ୍ୟ ଥିଲେ ।

-ଠିକେ ଠିକେ କହ । କଥା ଲମ୍ବାନା ।

-କହୁଛି । ଡାକ୍ତରଙ୍କ ବାଁ ପାଖ ଚଉକିରେ ସେ ବସିଥିଲା । ଯାହାର କଥା ମୁଁ କହୁଛି ସେଇ । ସେମିତିକା ମୁହଁ—ଆଖି, କାନ, ନାକ, ଓଠ । ତେବେ, ମୁହଁଟି ବେଶୀ ଗୋରା ଦିଶୁଥାଏ । ଓଠ ଦିଓଟି ନାଲିଟିଆ । କପାଳ ମଝିରେ ଟୋପାଏ ସିନ୍ଦୂର । ମଥାର ସୁନ୍ଥାଠିରେ ବି । ହାତରେ ଦି'ଦି ପଟି ସୁନା କାଚ । ବେକରୁ ଝୁଲୁଛି ପଦକ-ଲଗା.....

-କେଉଁ ଧନୀ ଘରର ବୋହୂ ହୋଇଥିବ । କହ ।

-ହାଁ । ଗମ୍ଭୀର ହୋଇ ବସିଥାଏ । ଡାକ୍ତରଙ୍କ ଡାହାଣ ପାଖ ଚଉକି ଉପରେ ବସିଥିଲା ନଅ ଦଶ ବର୍ଷର ଝିଅଟିଏ । ଗୋଲଗାଲିଆ ସୁନ୍ଦର ମୁହଁ । ଛାପି-ଛାପିକା ହର୍ ରଙ୍ଗୀ କନାର ଫ୍ରକ୍ ପିନ୍ଧିଥାଏ । ଆମ ଝିଅର ରଙ୍ଗଠୁଁ ତା' ରଙ୍ଗ ନିରସା ହୋଇ ପାରେ । ତେବେ, ସେ ଗୋରା । ମୁଁ ଡାକ୍ତରଙ୍କ ଆଗକୁ ଯିବା ଆଗରୁ ଡାକ୍ତର ତାଙ୍କ ଔଷଧ ଦେବା କାମ ଅଟକାଇଲେ ।

ସେ ସ୍ତ୍ରୀ ଲୋକକୁ କହିଲେ, କମ୍ପାଉଣ୍ଡର ନାହାନ୍ତି । ଯେଉଁମାନେ ଆସିଛନ୍ତି ତାଙ୍କୁ ଔଷଧ ଦେଇ ବସାକୁ ଫେରିବାକୁ ଆହୁରି ଘଣ୍ଟାଏ ଡେରି ହେବ । ଚନ୍ଦନକୁ ସେଇ ଓଷଦରୁ ପାନେ ଦେଇଥିବ ।....

ଆନନ୍ଦ ତୁନୀ ତାନି ଗ୍ଳିଲିବାକୁ ଲାଗିଲା । ହଠାତ୍ ଅଟକି ଗଲା । ଯନ୍ତ୍ରପାତିର ଓଜନିଆଁ ଅଖା ବ୍ୟାଗଟି ରାସ୍ତା ଉପରେ ଓହ୍ଲାଇ ରଖିଲା । କହିଲା, ଟିକିଏ ରହ ।

-କ'ଣ ହେଲାରେ ? ଏମିତି ଧଇଁ-ସଇଁ ହେଉଛୁ କାହିଁକି ? ହାଲିଆ ହେଲୁ ?

ଆନନ୍ଦ ଜୋର୍‌ରେ ନିଶ୍ୱାସ ଟାଣୁଥିଲା ।

ହରି ମିସ୍ତ୍ରୀ ଅପେକ୍ଷା କଲେ । ଅଳ୍ପକ୍ଷଣ ପରେ ଆନନ୍ଦ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲା । କହିଲା, ମୋ' ମୁଣ୍ଡ କାହିଁକି ଭ୍ରମିଗଲା ହରିଭାଇ । ଦେହ ଝିମି ଝିମି ହେଲା । ଅଖଞ୍ଜ ଗୋଡ଼ ଥରି ଉଠିଲା । ବେଁ-ଶିରା ହାଡ଼ ଭିତରେ ଗ୍ଳୁଇଁକରି କ'ଣ ମାରିଦେଲା । କେବେ କେବେ ଏମିତି ହୁଏ । ଦିନେ ଜୀବନ ନେବ । ନେଉ, ମୋ'ର ପରବା ନାହିଁ । ବଞ୍ଚିବାକୁ ମୋ'ର ଆଗ୍ରହ ନାହିଁ ।

ହରି ସାନ୍ତ୍ୱନା ଦେଇ କହିଲେ, ସେମିତି ଭାବ ନା । ଏ ମଣିଷ ଜନମ ଦୁର୍ଲଭ । ମଲା ପରେ ଆତ୍ମା ଆଉଠାଏ ଜନମ ହେବ କି ନ ହେବ କିଏ ଦେଖିଛି ଯେ ନିର୍ଧାର୍ଯ୍ୟ କରି କହିବ ? ପଢ଼ିବା ଶୁଣିବା ଧାରଣା । ମନ ବୁଝିଲେ, ବିବେକ ଘେନିଲେ 'ହଁ', ନୋହିଲେ 'ନା' ।

କିନ୍ତୁ, ରେ ଆ'ନ୍ଦ, ଏ ଚଳନ୍ତି-ପ୍ରତିମା ସତ । ଆଖି କାନ ଥିବା ମଣିଷର ଥିତିକୁ ଅସ୍ୱୀକାର କରି ପାରିବା ନାହିଁ । ଆ'ରେ ଓଲମା, ସବୁ ଦୁଃଖ, ଶୋକ, ଯନ୍ତ୍ରଣାକୁ ଏକାଠି କରି ଜୀବନର ନିକିତିର ଗୋଟିଏ ପାଖରେ ଥୋ, ବଞ୍ଚିବାର ବେଳ ଟିକିକ ଆର ପାଖରେ ଥୋଇ ଦେ । କିଏ ବେଶୀ ଓଜନ ହେବ, ତୁ ବିଚାରି କହ ।

-ଏତେ ଦୁଃଖ କଷ୍ଟ ସହି, ଯନ୍ତ୍ରଣା ଭୋଗି ଏବଯାଏ ବଞ୍ଚି ଆସିଛି । ମରଣ ତ ମୋ ହାତର କଥା ଥିଲା । ମିଛୁଆ ବାହାପିଆଙ୍କ ପରି ମୁଁ ଭୁରୁଡ଼ ମାରି ତମ ଆଗରେ କେବେ କହି ପାରିବି ନାହିଁ ହରିଭାଇ ! ଜାଣି ତମେ ମୋ'ର ଅନ୍ନଦାତା । ଆୟୁଷର ଓଜନ କମ୍ । ବଞ୍ଚିଛି । କେଉଁ ଗୋଟାଏ ଉଦ୍ଦେଶ୍ୟର ବାହାନା ମନରେ ପୂରାଇ ବଞ୍ଚିଛି । ସେହି ଉଦ୍ଦେଶ୍ୟ ସଫଳ କରିବା ଆଶାରେ, ଆଇଷର ରାସ୍ତାରେ, ଝୁଣ୍ଟି, ପଡି, କଣ୍ଟା ଝଣ୍ଟାର ଆଘାତ ସହି, ଆଗେଇ ଯାଉଛି ।

-ସାବାସ୍ ରେ ଆ'ନ୍ଦ ! ଭଲ କହିଲୁ । ତେବେ ତୋ' ଅକଲରେ ଟିକିଏ ଖଇଚ୍ଚ ରହିଛି, ମାନେ ମଳତା ଲାଗିଛି । ବାଲିକାଗଜ ଅଳ୍ପ ମାରି ଦେଲେ ତୋଫା ହୋଇଯିବ । ହଇରେ, ତୁ ଆଗେଇ ଯାଉଛୁ ତୋ' ମନକୁ ? ନାଇଁ ରେ ନାଇଁ । ଗୋଟାଏ ଅଜଣା ଶକତି ତତେ ଓଟାରି ନେଉଛି । ଅଜଣା ଅନ୍ଧାର ବାଟ । ବାଟ ଦିଶୁ ନାହିଁ । ସେ ଶକତି ବି ଦିଶୁ ନାହିଁ । ଯେଉଁଠି ଓଟର ସରିବ, ସେଇଠି କଚଡା ଖାଇବ । ଆଉ ନ ଉଠ ରେ ବାବା !

-ସେଇଆ । ଭାରି ହତାଶିଆ ଲାଗେ ।

-କାହିଁକି ରେ ଓଲୁ ? ମୋତେ ଅନା । କେତେ ବୟସ ହେଲା ? ଦିନରାତି ମୁଁ ଖଟୁଛି । ଖଟଣିରେ ଖୁସି ପାଉଛି । ବୁଝିବାକୁ ଗଲେ ସେମାନେ ମୋ'ର କେହି ନୁହନ୍ତି, ଯେଉଁମାନଙ୍କ ପାଇଁ ମୁଁ ଖଟୁଛି । ସେଇଟା ଭୁଲ ଧାରଣା । ସେମାନେ ମୋ'ର ସମସ୍ତେ । ପର-ପଣିଆ ମନରୁ ତଡ଼ି ଦେଇଛି । ସେମାନଙ୍କର ସୁଖ, ସୁବିଧା ପାଇଁ ମୋ'ର ପରିଶ୍ରମ । ସେତିକି ମୋ'ର ଆନନ୍ଦ । କାଲି ମରି ବି ବୋଲି ଆଜିଠାରୁ କତରା ଘୋଡ଼ିହୋଇ ଶୋଇବା ଲୋକ ମୁଁ ନୁହେଁ ।

-ତମକୁ ମୁଁ ଗୁରୁ କରିବି ହରିଭାଇ !

-କେବେ ଠାରୁ ତତେ ମୁଁ ଚେଲା କରି ନେଇଛି । ଖାଲି କାନ ମୋଡ଼ି ମନ୍ତ୍ର କହି ନାହିଁ । ମନବୋଧ ଚଉତିଶା । ପଢ଼ିଛୁ ? କାନ୍ଦିଛୁ ନା ?

-କାନ୍ଦି ନାହିଁ । ଯେତେଥର ପଢ଼ିଛି, ଶୁଣିଛି, ମୋ' ଛାତି ଥର ଥର ହୋଇ କମ୍ପିଛି । ସେଇ ଧାଡ଼ିକ ତ ବେଶୀ ଛାନିଆଁ କରିଦିଏ । କହିଲା, କେ କେତେ ବାନ୍ଧି ନେଲେ ଗଣ୍ଠିରେ ଧନ ରେ—

-ଠିକ୍‌ରେ ଆ'ନ୍ଦ, ସେଇ ଧାଡ଼ିକ ! ମୁଁ ଶୁଣିଲେ ଗୋଡ଼ ହାତ ଚଳେନା ନାହିଁ । କାମ ବନ୍ଦ ହୋଇଯାଏ । ଶୋଇ ଶୋଇ ଭାବେ, ଶଳା ସମସ୍ତେ ପର । ମୁଁ ଖଟିବି, ରୋଜଗାର କରି ସମସ୍ତଙ୍କର ଗୁଜରାଣ ମେଣ୍ଟାଇବି, ମୋ' ରୋଜଗାରରେ ତୋଳା ହୋଇଥିବା କୋଠାଘର, କାରଖାନା, ଭଡ଼ାଦେବା ପାଇଁ ଖଞ୍ଜାଘର ମାନ ମୁଁ ଆଖି ବୁଜିଲେ ପରଗୁଡ଼ାକ ଭୋଗ କରିବେ ?

ସବୁ ବିକି ଦେବି । ମଉଜ କରି ଉଡ଼ାଇବି । ମଲାପରେ ମୋ' ମଢ଼ଟାକୁ ଅଲ୍‌ବତ୍ ଛ' ଖଣ୍ଡି କାଠ ସିଢ଼ିରେ ସେମାନେ ଘରୁ କାଢ଼ିନେବେ । ନ ନେଇ ପରିତ୍ରାଣ ନାହିଁ । ଡେରି କଲେ ସଢ଼ି ପଚି ଗନ୍ଧାଇବ । ମୋ ଭୂତଟା ତାଙ୍କୁ ଖାଇ ଗୋଡ଼ାଇବ ।

-ହଁ, ସେଇଆ । ଏବଯାଏ ମୋ' ବାପମା'ଙ୍କ ଭୂତଙ୍କୁ ମୁଁ ସପନରେ ଦେଖେ ଅନେଇଁ ଅନେଇଁ ବି ଦେଖେ ହରିଭାଇ !

-ତୋ' ଭରିଯା ସେବତୀ, ଝିଅ ସୁଆଗୀର ଭୂତଙ୍କୁ ବି ଦେଖିଥିବୁ । ସେମାନେ ସମସ୍ତେ ପାଣିରେ ଉବୁଟୁବୁ ହୋଇ ବୁଡ଼ି ମରିଥିଲେ ବୋଲି ଜାଣିଥିଲୁ । ସେମାନଙ୍କର ଶବ ପୋଡ଼ା ହୋଇ ନ ଥିଲା । ପାଣିରେ ସଢ଼ି ପଚି ଭଣ ଭଣ ଗନ୍ଧ, ପୋକ ଭରଭର ହୋଇ ସେଗୁଡ଼ା କେଜାଣି ଢୋଲ ପରି ଫୁଲି କେଉଁଠି କୂଳରେ ଲାଗିଥିବେ । କୁକୁର, ବିଲୁଆ, କାଉ, ଶାଗୁଣା—

ଆନନ୍ଦ ଶିହରି ଉଠିଲା । କହିଲା, ତମକୁ ଠାକୁରଙ୍କ ଦ୍ୱାହି, ଆଉ କହନା । ମୋ' ଛାତି ଧଡ଼ ଧଡ଼ ହେଉଛି !

ହରି ହସି ଉଠିଲେ । କହିଲେ, କାହିଁକି ରେ ? ଚଉତିଶା ସେଇଆ ଲେଖିଛି । ମୋ ଶବକୁ ନ ପୋଡ଼ି, ଶଳାଏ ନିଜ ଭିତରେ ପେଲା ପେଲି ହୋଇ ନଈର ଅତଡ଼ା ତଳକୁ ଗଡ଼ାଇ ଦେଇଥିଲେ ବି ସେଇଆ ହୋଇଥାନ୍ତା କି ନାହିଁ ତୁ କହ ।

ଆନନ୍ଦ ତୁନୀ ରହିଲା ।

ହରି ବି ତୁନୀ ତାନି ଖଣ୍ଡେ ଦୂର ଯାଇ ଅଟକି ଗଲେ । କହିଲେ, ରହ । ଆଗ ଛକରୁ ଆମର ବାଟ ଅଲଗା ହୋଇଯିବ । ତୁ ଯିବୁ ଡାହାଣକୁ, ମୁଁ ଯିବି ବାଆଁକୁ । ଡେରି ହେଲାଣି । ମୋ' ଘରବାଟେ ଗଲେ ଅଧିକ ଡେରି ହେବ । ତେବେ, କିଟିଏ ରହ । ମୁଁ କଣ କହୁଛି ମନଦେଇ ଶୁଣ । ମନ ମୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚ୍ଛରୁ । ଏମିତି ବଚନ ରହିଛି । ମୋ' ମନ ମତେ ବ୍ରହ୍ମ-ଜ୍ଞାନ ଦେଇଛି । ତୋ' ଜୀବନ, ମୋ' ଜୀବନ ବୁଝିଲେ ଏକା ପରିକା । ଆମେ ଦିହେଁ ଧରମ-ବେଠିଆ । ନୁହେ କି ?

-ହଁ, ହରିଭାଇ !

-ସେଥିରେ ବି ସୁଖ ଅଛି । ଏଇ ମନବୋଧ ଚଉତିଶା ଆମ ଓଡ଼ିଆ-କୁହା ମଣିଷ ଗୁଡ଼ାଙ୍କୁ ମରିବା ଆଗରୁ ଜୀଅନ୍ତା-ଶବ କରି ଦେଇଛି । ଏଣେ ଅନା, ସେଇ ଲମ୍ବା ତିନିମହଲା ଇନ୍ଦ୍ରଭବନକୁ । ସେଥିରେ କେତେ ଜାତି-ଜାତିକା ଦୋକାନ ରହିଛି । ଭଳି-ଭଳିକା ଆଲୁଅରେ କେମିତି ଝଟକୁଛି ।

-ପ୍ରଥମଥର ଯେଉଁଦିନ ତା'କୁ ଦେଖି ମୁଁ ସେବତୀ ବୋଲି ଚମକି ଉଠିଥିଲି, ସେ ସେଇ କୋଠାର ତଳ ମହଲାର ଗୋଟାଏ ଲୁଗା ଦୋକାନରୁ ବାହାରି ଆସୁଥିଲା । ସେ କୋଠାକୁ ତମେ କାହିଁକି ଦେଖିବାକୁ କହୁଛ, ମୁଁ ବୁଝି ପାରୁ ନାହିଁ ।

-କହୁଛିରେ ଆନନ୍ଦ, ଶୁଣ । ଯେଉଁ ମାଲିକ ସେ ଘର ତୋଳାଇଛି, ପାଞ୍ଚ ବର୍ଷ ତଳେ ସେ ମରିଗଲା । ସେତେବେଳେ ତା' ବୟସ ଅଶୀ ବହିକି ଆହୁରି ତିନି ବଢ଼ି ଯାଇଥିଲା ।

ତା'ର ପାଞ୍ଚ ପୁଅ । ସେମାନେ ବୁଢ଼ା ହେଲେଣି । ସମସ୍ତଙ୍କର ଗଦାଏ ଗଦାଏ ପିଲା । ସେମାନେ ବି ମାତବର ହୋଇ କେହି କେହି ବାପ ହେଲେଣି । କିଏ କେଉଁ ବେପାର କରେ । ସମସ୍ତେ ଭିନେ । ନିଜ ନିଜ ମଧ୍ୟରେ ବଇରୀ ପଣ ।

ପଚାଶ କି ଷାଠିଏ ବର୍ଷ ତଳେ ବୁଢ଼ା ରାଜସ୍ଥାନ ଆଡ଼ୁ ଲୋଟା କମ୍ବଳ ନେଇ ଆସିଥିଲା । ଏବେ ଦେଖ୍, ତା'ର ରାବଣେଶ୍ୱର ଖାଉନ୍ଦ ଏ ସହରରେ ମାଡ଼ି ଗଲେଣି । ସେମାନଙ୍କର ଲତା, ଗୋତ୍ର, ବନ୍ଧୁ ବାନ୍ଧବ ବି ସେମିତି ଛାଇଁ ହୋଇ ଗଲେଣି । ସମସ୍ତେ ବେପାରୀ । ମଝିରେ ମଧ୍ୟସ୍ଥ ବୋଲାଇ ସେମାନେ ସମସ୍ତେ ଧନୀ । ଆମର ପଇସାରେ । ଆମରି ପରିଶ୍ରମରେ । ସେମାନଙ୍କର କୋଠାବାଡ଼ି, ମିଲ୍, ଗୋଦାମ, ଧନସମ୍ପତ୍ତି ଦେଖୁଛୁ କି ଆନନ୍ଦ ? କେମିତି ହେଲା ? କୁହୁକ, ଇନ୍ଦ୍ରଜାଲ । ବେପାରରେ ହାତ ସଫେଇ । କାହିଁକି କହୁଛି କି—

-କାହିଁକି ?

-ପନ୍ଦର କୋଡ଼ିଏ ବର୍ଷ ତଳେ ଆର ବଜାରରେ ତା'ର ଗୋଟାଏ କୋଠାରେ ମୁଁ କାମ କରୁଥାଏ । ଆଉ କେତେ ବଢ଼େଇ ମିସ୍ତ୍ରୀ ତ ଲାଗିଥାନ୍ତି । ବୁଢ଼ା ରୋଗରୁ ଉଠିଥାଏ । ପ୍ରାଣ ଯାଉଥାଏ କି ଆଉ ଥାଏ । ସେଇଥିରେ ସେ ସକାଳୁ ସଞ୍ଜଯାଏ କେଜାଣି ଦଶ ଥର ଆସି କାମ ଦେଖୁଥାଏ । ମତେ ବିକଳ ଲାଗିଲା । ପଚାରିଲି, ଏ ଦିନେ ଏତେ ଦୁଃଖ ସହି କାହିଁକି ରୋଗଣା ଧିଅରେ ଖରା ତାଉରେ ଏ ପାଖ ସେ ପାଖ ହେଉଛ ବାବୁ ! ପିଲାମାନେ ଆସି ଦେଖି ଯାଉଛନ୍ତି । ତମେ ଶାନ୍ତିରେ ବସ ।

ମାତ୍ର ଜନ ବୁଢ଼ା କହିଲା, ତାଙ୍କ ଆଖିରେ ସେମାନେ ଦେଖିବେ ମିସ୍ତ୍ରୀ, ମୁଁ ତ ଦେଖିବି ନାହିଁ ?

ମୁଁ କହିଲି, ତମର ଯେଉଁ ଅବସ୍ଥା ହେଲାଣି ବାବୁ, ତମେ କ'ଣ ଆଶା କରିଛ ଯେ ଏ ସୁନ୍ଦର ଘରକୁ ଭୋଗ କରିବାକୁ ବେଶୀ ଦିନ ରହି ପାରିବ ? ଠାକୁରଙ୍କ ନାମ ନେଲେ ମୁକ୍ତି ଲଭିବ ।

ଆରେ ଆନନ୍ଦ, କହିଦେଇ ଜିଭ କାମୁଡ଼ି ଦେଲି । ଭାବିଥିଲି ରୋଗଣା ବୁଢ଼ାଟା ଚିଡ଼ିବ । କହିବ, ଶଳା ପତର ଗୋଟାଇବା ଲୋକଟା ତୁ ତୋଟା ମୂଲ କାହିଁକି କରୁଛୁ, ହାତ ବନ୍ଦ କରି କାମ ଅଟକାଇ ତୋ ମୂଲ ତୁ ମୋ' ଠାରୁ ଠକି ନେଉଛୁ, କାଲିଠୁଁ ତୋ' ପାଇଟି ଶେଷ ।

-ସେଇଆ କହିଥିଲା ?

-ନାଇଁରେ, ସେ ହସିଲା । କହିଲା, ହଇରେ ତୁ କ'ଣ ଭାବିଛୁ ଏ ଘରକୁ ମୁଁ ଏବହୁଁ ଭୋଗ କରୁ ନାହିଁ ? ଯେଉଁ ଦିନଠୁଁ ନିଅଁ ଖୋଳା ଚାଲିଲା ସେହି ଦିନରୁ ମୁଁ ଏ ଘରକୁ ଭୋଗ କରି ଅସୁଛି । ଯେଉଁଦିନ କାମ ସରିବ, ହଇରେ ପୁଅ, କାମ କ'ଣ ସରେ କି, ତେବେ ମୋଟା ମୋଟି ସରିବ, ସେ ଦିନ ମୋ'ର ବହୁତ ଆନନ୍ଦ ହେବ । ସେଇ ମୋ'ର ଭୋଗ ।

ପୁଣି କହିଲା, ପିଲାଗୁଡାକ ମାଇପମାନଙ୍କ ଶିକ୍ଷାରେ ପଡିଲେଣି । ମନ ଫାଟିଲାଣି । ମୁଁ ବଞ୍ଚିଛି ବୋଲି ଦଳି ମକଚି ହୋଇ ଏକାଠି ଅଛନ୍ତି । ମୋ' ପରେ, ଯଦି ଭଲ ବୁଦ୍ଧି ନ କରନ୍ତି, କୁଟୁମ୍ବ ଭାଙ୍ଗିବ । ମାଲିମକଦ୍ଦମାରେ ସମ୍ପତ୍ତି ଆଉ କାହା ହାତକୁ ଚାଲିଯିବ । ସେଥିକି ମୋ'ର ଭାବନା ନାହିଁ । ମୋ' ଆନନ୍ଦ ମୁଁ ପାଇ ସାରିଥିବି । ମୋ' ଅଂଶ ଟେଣ୍ଟାଇ ଭୋଗ ବି କରି ସାରିଥିବି । ଠାକୁରଙ୍କ କଥା ପଚାରିଲୁ ଯେ, ନିତି ତାଙ୍କର ସହସ୍ରଥର ନାମ ନ ନେଲେ ମୁଁ କ'ଣ ଶୋଇ ପାରିବି ? ନାମ ନିଏ । ମୋ' ଦୁଃଖ, ମୋ' ପାପ ଖଣ୍ଡନ କରିବାକୁ ଜଣାଣ କରେ ।

ମୁଁ କହିଲି, ବୁଢାବାବୁ, ତମର ଧନ ସମ୍ପଦ ମାଡ଼ି ଯାଉଛି, ତମର କି ଦୁଃଖ ? ତମେ ଧର୍ମଶାଳା ତୋଳାଇଛ । ମନ୍ଦିର ଟଢାଇଛ । ବେଳେ ବେଳେ ଦରିଦ୍ର-ନାରାୟଣଙ୍କୁ ପେଟ ପୂରା ଭୋଜନ ଦେଉଛ । ଗୋ-ମାତାଙ୍କର ସେବା କରୁଛ । ବଢି ମରୁଡିରେ ନିଅଶ୍ରାଙ୍କୁ ଚୂଡା, ଚାଉଳ, ଲୁଗା ବାଣ୍ଟୁଛ । କେତେ ପୁଣ୍ୟ ଅର୍ଜନ କରି ଆର ଜନ୍ମ ପାଇଁ ସାଇତି ରଖିଲଣି । ତମର କାହୁଁ ପାପ ଆସିବ ?

ବୁଢା ଚିଡି ଉଠିଲାରେ ଆନନ୍ଦ । କହିଲା, ପାପ ପୁଣ୍ୟର ବିଚାର କ'ଣ ମୁଁ କରିବି ? ଆଖି ବୁଜିଲେ କ'ଣ ହେବ ନ ହେବ ସେଥିକି ମୋ'ର ପରବା ନାହିଁ । ମୋ' ଆନନ୍ଦ, ମୋ ଭୋଗଭାଗ୍ୟ ମୋ କାମରେ । ତୁ ଏବେ କାମରେ ମନ ଦେ । ବହୁତ ସମୟ ଲୋକସାନ କଲୁଣି । ସେତକ ଭରଣା କରିବୁ । କାମ ଶେଷ କରିବୁ ତେବେ ଯାଇଁ ଉଠିବୁ ।—

ତା' ଠାରୁ ମୁଁ ବ୍ରହ୍ମ-ଜ୍ଞାନ ପାଇଥିଲି । ମନେ ମନେ ସେଇ ବୁଢାକୁ ଗୁରୁ ବୋଲି ମାନି ନେଇଥିଲି । ପଛ କଥାରେ ମୁଣ୍ଡ ଖେଳାଏ ନାହିଁ । ମଲା ପରେ କ'ଣ ହେବ ନ ହେବ ସେ ବିଚାର ମୋ'ର ନାହିଁ । ତୁ ସେଇ ବୁଦ୍ଧି କର । ଜୀବନରେ ଶାନ୍ତି ପାଇବୁ । ତୋ' ଭଉଣୀର ଆତ୍ମାକୁ ତୁ କେତେଥର ଦେଖିଛୁ ତୋ' ସପନରେ । ସେ ଯଦି ବଞ୍ଚି ରହିଛି ତା' ପ୍ରେତ ତୋ' ଆଗକୁ ଆସନ୍ତା କେମିତି ?

-ସତ ଯେ, ଡାକ୍ତରଙ୍କ ଦୋକାନରେ ଯାହାଙ୍କୁ ଦେଖିଥିଲି ତା'ଙ୍କର ଗଢଣଟି ଅବିକଳ—

-ସେମିତି ହୁଏ । ଦିନେ ତତେ ବୁଝାଇ ଦେଇଥିଲି । ମନର ଧାରଣା ଗଛ, ବୁଦା, ଚଳନ୍ତି ମେଘର ଛାଇକୁ ବି ଭୂତ-ପ୍ରେତର ମୂର୍ତ୍ତି କରି ଆଗରେ ଉଭା କରାଏ । ମଣିଷ ଯାନିଆ ହ । । ରେ । ମରେ ।

—ମୁଁ କ'ଣ କହୁଛି କି, ଯେମିତି ସୁହାଗୀର ହାତ ଧରି ମୁଁ ଚିନ୍ତାମଣି ଡାକ୍ତରଙ୍କ ଟେବୁଲ ପାଖକୁ ଗଲି, ଦେଖିଲି, ସେ ମାଆ ଜଣକ ଉଠିଲେ । କହିଲେ, ପାଠଶାଳାରୁ ମୁଁ ସିଧା ଏଠିକି ଆସିଛି । ମୁଁ ଯାଉଛି । ବେଶୀ ଉଛୁର କରିବ ନାହିଁ ।

ଡାକ୍ତର କହିଲେ, ଏଠାକା କାମ ନ ସାରି ଯାଇ ହେବ ନାହିଁ । ସବୁ ରୋଗୀ ମୋ' ଆଖିରେ ସମାନ । ଯାଅ—

ସ୍ତ୍ରୀ ଲୋକଟିର ମୁହଁ ମଉଳି ଗଲା । ସେ ଆଉ ଝିଅଟିକୁ ରୁହିଁ ଡାକିଲେ, ଆ'ଲୋ, ବହୁତ ଡେରି ହେଲାଣି । ଠାକୁରଟା ପାଖରେ ଚନ୍ଦନ କାନ୍ଦୁଥିବ ।

ମୋ' ଦେହ ଥରି ଉଠିଲା ହରି ଭାଇ ! ମୋ' କାନରେ ସେବତୀର ସ୍ୱର ବାଜି ଯାଉଥିଲା । ଡାକ୍ତର ସୋହାଗୀର ଆଖି ପରୀକ୍ଷା କରୁଥିଲେ । ମତେ ତା' ସମ୍ବନ୍ଧରେ କେତେ କ'ଣ ପଚାରୁଥିଲେ । ମୁଁ ଜବାବ ଦେଉଥିଲି । ସେହି ସ୍ତ୍ରୀ ଲୋକଟି ଧୀରେ ଧୀରେ ଘରୁ ବାହାରି ଯାଉଥିବାର ଦେଖିଲି । ତାଙ୍କ ପଛେ ପଛେ ସେଇ ଗୋଲ ଗାଲିଆ ନଅ ଦଶ ବର୍ଷର ସୁନ୍ଦରିଆ ଝିଅଟି ବି ଚାଲିଗଲା ।

-ସେଇଠୁ ?

-ମୋ ଛାତି ଭିତର ମନ୍ଥି ହୋଇଗଲା । ଆମର ଝିଅଟିର ନାମ ସୋହାଗିନୀ ଦିଆ ହୋଇଥିଲା । ମୁଁ ତାକୁ ଗେହ୍ଲାରେ ଡାକୁଥିଲି—

-ସୁଆଗୀ ହୋଇଥିବ ।

-ସେଇଆ । ସେ ଝିଅ ଯେବେ ବଞ୍ଚିଥାଆନ୍ତା, ସେ ଚଉଦ ପନ୍ଦର ବର୍ଷର ହୁଅନ୍ତାଣି । ତାକୁ ପରଘରକୁ ପଠାଇବାକୁ ମନେ ମନେ ମନଲାଖି ପୁଅଟିଏ ଖୋଜନ୍ତିଣି । ଯାହାକୁ ଦେଖିଥିଲି ସେ ଛୁଆଟିଏ । ସେଇଥି ପାଇଁ ଭାରି ସନ୍ଦେହରେ ପଡ଼ିଗଲି ।

ହରି ମିସ୍ତ୍ରୀ କହିଲେ, ଏଥିରେ ସନ୍ଦେହ କରିବାର କିଛି ନାହିଁ । ସେ ଆଉ କିଏ । ବୃଥାରେ ତୋ' ବାଇଆ ମନ ଅସମ୍ଭବକୁ ତୋ' ଆଖିରେ ଭେଳକି ଲଗାଉଛି । ତୁ ଏବେ ଯା, ଦୁଲାଳୀ ରୁହିଁ ବସିଥିବ ।

ଆନନ୍ଦର ମନ ବୁଝିଲା କି ନାହିଁ ହରିମିସ୍ତ୍ରୀ ଜାଣି ପାରିଲେ ନାହିଁ । କ'ଣ ପଚାରିବ ବୋଲି ସେ ରହ ରହ ହେଉଥିଲା । କିନ୍ତୁ, ହରି ଅପେକ୍ଷା କରି ନ ଥିଲେ । ସେ ଆଗେଇ ଚାଲିଗଲେ ।

ବାଟରେ ହରିମିସ୍ତ୍ରୀ ଭାବୁଥିଲେ, —ସତେ କ'ଣ ଦୁଲାଳୀ ଏଇ ଅକର୍ମଣ୍ୟ ମଣିଷଟିକୁ ଭଲ ପାଉଛି ?

ହତଭାଗୀର ଦୁଃଖକୁ ଆପଣାର କରି ବିଜଳୀ ପାଇ ଘରେ ବାର ବର୍ଷ କାଳ ଆଶ୍ରା ଦେଇଛି । କାହୁଁ-ଅଇଲା ମାଇପିଟି ! କି' ଘର ଝିଅ, କେଉଁଠି ତା'ର ଜନମ, କେଉଁଠି ବଢିଲା, ବାହାଛୋଉ ହୋଇଥିଲା କି ନାହିଁ ? ନିଜ କୁଳରେ ସଂସାର କରିଥିଲା କି ନାହିଁ କାହାକୁ ଜଣା ? ଛନଛନିଆ ଚଙ୍ଗଚଙ୍ଗିଆ ଯୁବତୀ-ବୟସଂରେ କେଉଁ ଫଟା-ରସିକର ପଦ୍ମତୋଳାରେ ଭୁଲି ବାପଘରୁ, ଅବା ଶାଶୁ-ଘରୁ ଚାଲି ଆସିଥିଲା ?

ହୋଇଥିବ କ'ଣ ଜାଣିବାକୁ ହରି କେବେ ଆଗ୍ରହୀ ହୋଇ ନ ଥିଲେ । ଏତିକି ସେ ଜାଣିଥିଲେ ଯେ ମଣିଷ ଜନମ ପାଇ ଘର-ସଂସାର କରି ସୁଖରେ ବଞ୍ଚି ରହିବାକୁ ସେ ନିରିମାଖି ପ୍ରାଣପଣ ଚେଷ୍ଟା କରିଛି । ଯେଉଁ ଗଛତଳେ ଆଶ୍ରା ନେଇଛି ସେ ଗଛ ଭାଙ୍ଗିଛି, ଅବା ଉପୁଡି ପଡିଛି ।

ଧନ୍ୟ କହିବ ତା'କୁ । ନିଜେ ଯେ ଭାଙ୍ଗି ପଡି ନାହିଁ, ଉପୁଡି ପଡିନାହିଁ । ଭିଖାରୀ ଦଳ ସଙ୍ଗରେ ମିଶିଯାଇ ଖାଲି ବଞ୍ଚି ରହିବାକୁ ଦ୍ୱାର ଦ୍ୱାର ବୁଲି ହାତ ପାତି ନାହିଁ । ହାତ ଗୋଡ଼କୁ କାମରେ ଲଗାଇଛି । ମୁଣ୍ଡ ଝାଳ ତୁଣ୍ଡରେ ମାରି, କେତେ ଫନ୍ଦି ଫିକର କରି, ଧନ ଭେଳିଛି । ପେଟ ପୋଷିଛି । କିଛି ପୁଣି ପୋଷ୍ଟ-ଅଫିସରେ ସଞ୍ଚି ପାରିଛି ।

ସତୀପତିଆର ବଡ଼େଇ କରେ ନାହିଁ । ରକ୍ତ ମାଂସର ଦେହ ଧରି, ଏକୁଟିଆ ତା' ଜୀବ ଚଳାଇ ଯନ୍ତ୍ରି ଉତ୍ତେଜନାର ଟାଣୁଆ ତୋଡ଼ରେ କେଉଁ ଅକୁଳ ଅପନ୍ତରାରେ ଲୁଖି ଲୁଖି ଭାସିଥିବ ତ କିଏ ମନା କରିବ ? ଅଣ-ଆୟତ୍ତ । ସେତକ ବହିଗଲା ପାଣି, ବିତିଗଲା ଜୀବନର ଘଟଣା । ସେସବୁକୁ ପଛରେ ଛାଡ଼ିଛି । କୋଟିଏ ଯୁଗ ହେଲା ସେ ପୁଣି ନୂଆ ସଂସାର ଗଢିବାକୁ ପ୍ରାଣପଣ ଚେଷ୍ଟା କରିଛି ।

ଗଢି ସାରିଛି । ଦାଣ୍ଡରୁ ଗୋଟାଇ ଟେରସ୍ତ, ଝିଅ, ପୁଅ ଏକାଠି କରିଛି । ସେମାନଙ୍କର ସୁଖ, ସୁବିଧା ଓ ଆନନ୍ଦ ପାଇଁ ନିଜେ ଜୀବନମୂର୍ଚ୍ଛା ଖଟୁଛି । ସେମାନଙ୍କର ଯତ୍ନ ନେଉଛି । ସେବା କରୁଛି । ତା' କୁଟୁମ୍ବରେ କେହି କାହାର କିଛି ନୁହନ୍ତି ଏହା ଜଣେଇ ଜଣା । ତଥାପି, ଜଣ ଜଣ କରି ସମସ୍ତେ ସବୁ ପାଇଛନ୍ତି ।

ଆନନ୍ଦଙ୍କୁ ବାଇଆ ନ କହି କ'ଣ କହିବ ? ସେବତୀକୁ ବାହାହୋଇ ଛଅଟି ବରଷ ସେ ସଂସାର କରିଥିଲା । ସ୍ନେହ ଦେଇ ସ୍ନେହ ପାଇଥିଲା । ତା' ପାଇଁ ଓ ରୋଗଣା ବାପ ମା'ଙ୍କ ପାଇଁ ଗାଁ'ରେ ଓ ବିଦେଶରେ ପ୍ରାଣପଣ ଖଟିଥିଲା । ସେତେବେଳେ ସେ ଥିଲା ଛନଛନିଆ ଯୁଆନ୍ ଟୋକା । ନିଖୁଣ ଦେହରେ ବଳ ଖୁନ୍ଦି ହୋଇଥିଲା । ରୂପଟି ବେଶ୍ ସୁନ୍ଦର ହୋଇଥିବ ।

ଦଇବର କୋପରେ ସବୁ ଓଲଟ ପାଲଟ ହେଲା । ମରୁ ମରୁ ବଞ୍ଚିଲା । ନୂଆ ଜନମ ପାଇଲା । ଅଖଣ୍ଡିଆ ନୂଆ ଦେହ । ନୂଆ ରୂପ । ଦୁଲାଳୀ ମା'ପରି ତା'ର ସେବା କରି ଖୋଇପେଇ ଟାଣ କଲା । ମା' ପେଟର ବଡ଼ଭଉଣୀ ପରି, ତା' ଉମର ଅଧିକ ହେବ ତ, ନାଲି ଆଖି ଦେଖାଇ ଆନନ୍ଦର ଅମାନିଆ ପଣକୁ ଜାବଡ଼ା କରି ତା' ଘର ଛାଡ଼ି କାହିଁ କୁଆଡ଼େ ପଳାଇବାର ପାଗଳ ବୁଦ୍ଧିକୁ ଆକଟିଲା ସେନେହରେ ଅଟକାଇ ରଖିପାରିଲା । ପୁଣି, ତା' ଘରର ସବୁ

ସମର୍ପି ଦେଇ ମୁହଁଖୋଲି କହିଲା, ଏ ଘର ତୋ'ର, ତୁ ମାଲିକ । ମୁଁ ତୋ' ଘରଣୀ, ସେବାକାରିଣୀ, ରକ୍ଷକାରିଣୀ, ଆଉ ତୁ ମୋ ଦେବତା । ଆରେ ଆନନ୍ଦ, ମୁଁ ଭାରି ସ୍ନେହ-ରଙ୍କୁଣୀ । ମୁଁ ତୋ'ର ସେନେହ ମାଗୁଛି ରେ, ଆଉ କିଛି ମାଗୁନାହିଁ ।

ହରିମିସ୍ତ୍ରୀଙ୍କର ମନେଅଛି, ଆନନ୍ଦ କେତେଥର ଏହିପରି କହିଛି । ଅଖଳ ସରଳ ମଣିଷଟିଏ । ଘଟିଲା ଘଟଣା, ଏପରିକି ମନରେ ଭାବିଲା ଭାବନା ସେ କିଛି ଲୁଚାଏ ନାହିଁ । ମନର କବାଟ ଠିଆମେଲା କରି ସବୁ ସେ ଦେଖାଏ, ଗପିଯାଏ ।

କହେ, ହେ ହରିଭାଇ, ତା' କଥା ଶୁଣି ମୁଁ ଛାନିଆଁ ହୋଇଥିଲି । ଭାବିଥିଲି, ଦିନେ କୁଆଡ଼କୁ ପଳାଇଯିବି । ସେ ମୋ' ପତ୍ତା ପାଇବ ନାହିଁ । କେଉଁଠି ପଡ଼ି ମଡ଼ାଳ ପଛେ ମରିବି । ସେବତୀ ପରିକା ଲକ୍ଷ୍ମୀକୁ ଯିଏ ସ୍ନେହ ସଙ୍ଗେ ଦେହ ସମର୍ପି ଦେଇଥିଲା, ସେ କେମିତି ଏଇ କୁତ୍ସିତ ଚଣ୍ଡାଳୁଣୀକୁ ସେତକ ଦେବାକୁ ରାଜି ହେବ ? ତମେ କହ !

-ଆରେ ଆନନ୍ଦ, ସେନେହର ସୀମାର ଅନ୍ତ ନାହିଁ । ତା' ଗଭୀରତା କଳିବାକୁ ମାପ ନାହିଁ ; ଦୁଲାଳୀ ତୋ' ପାଖରୁ ସେହି ସ୍ନେହରୁ ଟିକେ ମାଗୁଥିଲା । ତୋ' ଖଣ୍ଡିଆଖାବରା ଅଧା-ଅଚଳ ଦେହଟାକୁ ଭୋଗ କରିବାକୁ ଚାହିଁ ନଥିଲା । ଆରେ ଓଲମା ; ତା' ବୟସ ତ କଳି ପାରୁଥିବୁ । ଯେଉଁ ହୀନିମାନିଆ ଜୀବନ ସେ ବିତାଉଛି ବେଶ୍ ଅନୁମାନ କରିପାରୁଥିବୁ । ଦେହର ମଉଜ, କି ଦେହର କଦର୍ଥନ ଭୋଗିବାକୁ ତା'ର ବାକୀ ନଥିବ । ତୋ' ପାଖରୁ ସେତକ ସେ ଚାହିଁ ନଥିଲା । ସେ ଚାହିଁଥିଲା ଜଣେ ସାଙ୍ଗ । ତା' ଏକୁଟିଆ ଚଳନ ଲାଗି ପତିଆରା । କ'ଣ ବୁଝିଲୁ ନା ?

ଆନନ୍ଦ କାବା ହୋଇ ତାଙ୍କ ମୁହଁକୁ ଅନାଇ ରହିଥିଲା । ହରିମିସ୍ତ୍ରୀ ଭାବିଲେ ସେ ତାଙ୍କର କଥା ହେଜିଲା । ମନରେ ଘେନିଲା । ଉତ୍ସାହିତ ହୋଇ ସେ ପୁଣି କହିଥିଲେ, ତଉତ ସେ ତୋ'ର ହଜିଲା ଝିଅ, ଆଉ ସେବତୀ ପେଟରେ ଖେଳୁ-ଥିବା ପୁଅକୁ ଦେଇଛି । ତିନିଜଣଙ୍କର ସ୍ନେହର ଡୋରରେ ତୁ ଗୁଡ଼େଇତୁଡ଼େଇ ହୋଇ ବାନ୍ଧି ହୋଇଛୁ । ପିଲାଦୁଇଟିକୁ ତୁ ପ୍ରାଣରୁ ଅଧିକ ଭଲପାଉଛୁ । ପଳାଇବାକୁ ମନେକଲେ ତୁ ତୋ' ପିଣ୍ଡଟା ଛାଡି ପଳାଇ ପାରିବୁ କେଜାଣି, ପିଣ୍ଡକୁ ନେଇଯାଇ ପାରିବୁ ନାହିଁ ।

ହରିମିସ୍ତ୍ରୀ ଜାଣିଥିଲେ, ତାଙ୍କର ବୁଝାଣ ଆନନ୍ଦର ମନରେ ପଶିଥିଲା । ତା' ମନରୁ ଅତୀତ ଭୂତଙ୍କର ଛାଇଟୁଡ଼ାକ ଘଉଡ଼ି ଦେଇଥିଲା । ସେ ତା'ର ନୂଆ-ସଂସାର ଭିତରେ ନିଜକୁ ହଜାଇ ଥିଲା । ସେମିତି ଢଙ୍ଗ ତା' କଥାରେ, ତା' ଚଳନରେ ଦେଖିଥିଲେ । ଖୁସି ହେଉଥିଲେ ।

ପର ଦୁଃଖରେ ଦୁଃଖୀ, ପର ସୁଖରେ ସୁଖୀ ହେବାର ଲୋକ ସେ । ଯାହାର ତାଙ୍କଠାରେ ବିଶ୍ୱାସ ସେ ତା'ର ସୁଖ-ଦୁଃଖର ଘଟଣା ଗପେ । ହସେ, କାନ୍ଦେ, ଉତ୍ୟକ୍ତ ହୋଇ ଅନ୍ୟ କାହା ଉପରେ ବିଷ ଉଦ୍‌ଗାରେ । ଅକଥ୍ୟ, ଅଭଦ୍ର, ଅସନା କଥା ରଡ଼ି, ଦାଉ ସାଧିବାକୁ ଭୀଷ୍ମ-ପ୍ରତିଜ୍ଞା କରେ । ହରି ତା'କୁ ସାନ୍ତ୍ୱନା ଦିଅନ୍ତି । ଶ୍ରଦ୍ଧା କରନ୍ତି—ହଉ ହେ, ବୁଝିବା । ସବୁ ଠିକ୍ ହୋଇଯିବ ।

କ୍ରୋଧିଲାର ଗାଡି ଅବାଟକୁ ଗଡ଼େ । ତୁ ନିଜେ ବିଚାରଣା କର, ସେଇଠୁ କେଡ଼େ ହରବର । ଭଗାରି ହସା, ତାଳିମାଡ ।

ନାନ୍ଦୁରୂପଣ ସେ ଜାଣନ୍ତି ନାହିଁ । କାମ ଭଲ ତ ସେ ଭଲ । ସେଇଆ ଅନ୍ୟକୁ ବୁଝାଇ କହନ୍ତି । —ଆରେ ଆନନ୍ଦ । ମଣିଷ ଜନମ ସେଇଥି ପାଇଁ । ତୁ ଜାଣିଥା, କାମ ଭିତରେ ଅମୃତ ଅଛି । ମଣିଷ ସବୁ ଦୁଃଖଶୋକ ପାସୋରି ଯାଏ । ଭୋକଶୋଷ ସେଇ ଘଡିକ ପାଖ ପଶନ୍ତି ନାହିଁ । ସେଥିରେ ଯେଉଁ ଆନନ୍ଦ, ଖୋଳ କରତାଳ ଧେଇକି ନାଚରେ ସେ ଆନନ୍ଦ ମିଳିବ ନାହିଁରେ । ସେମିତି ସେ ଚିତାଚଇତନ ମାଳିଟତାରେ । ବଡପାଟିଆ ସ୍ୱଚଳହରୀଆ ଭଜନରେ । କ'ଣ ବୁଝିଲୁନା ? ତେବେ ତାଙ୍କ ଆନନ୍ଦ ସେଇ ଘଡ଼ିକ ପାଇଁ ହେଲେ ହୋଇଥିବ । ନୋହିଲେ, ଅଦେଖା, ଅଜଣା ଆର ଜନମର ସୁଖ ଆଶା ପାଇଁ ।

ନିଜ କଥନରେ ନିଜେ ସେ କୁରୁଳି ଉଠିଥିଲେ । କହିଲେ—ଗତ ଜନମ କଥା କି ଆଗତ ଜନମ କଥା ଭାବି ଏ ଜନମରେ ମାଦଳ ହୋଇ ବସିଲେ, ଖାଲି ବାହାର ଦେଖାଣ ଭେକ ସଜାଇ ନାମ ଜପି ହେଉଥିଲେ ପେଟପାଟଣା ଚଳିବ କିପରି ? ସେଇଠୁ କୁଟକପଟିଆ ବୁଦ୍ଧି । କେତେ ଫନ୍ଦିଫିକର୍‌ରେ ପରଠୁଁ ଓଟରା ଧନସମ୍ପତ୍ତି । ସେଗୁଡା ବିଷ ରେ । କହି ଦେଉଛି, ମନେ ରଖିଥା, ସେଗୁଡା ବିଷ । ଦେହରେ ଚରିବ ନାହିଁ । ତୋ' ମନ ଚଇତନରେ ଚରିଯିବ । କ'ଣ ବୁଝିଲୁନା ? ସେଗୁଡ଼ା କାଳ-ସାପ । ତୋ' ଆତ୍ମାକୁ ଖାଲି ଦଂଶୁଥିବ । ଛଟପଟ ହେଉଥିବୁ । କଲବଲ ହେଉଥିବୁ । କେହି ନ ଦେଖନ୍ତୁ, କେହି ନ ଜାଣନ୍ତୁ, ହେଲେ ତୋ' ମନ ଜାଣିବ, ଆତ୍ମା ବୁଝିବ ।

-ରହ ହରିଭାଇ, ତମେ ଭାରି ବଡ଼ ବଡ ଗହନ କଥା କହୁଛ । ବୁଝୁଛି, କିନ୍ତୁ ମୋ' ମନ ତା'କୁ ଘେନିବାକୁ ହେରହ ହେଉଛି । ପରକୁ ଠକି, ନିରୀହଙ୍କୁ ଭୁଲାଇ, ଖାଇବା ଜିନିଷରେ ଅଖାଦ୍ୟ ମିଶାଇ, ଔଷଧରେ ଭେଜାଲ ଯୋଡି ସେମାନେ ମଣିଷମାରୁ ହୋଇ ସୁଖରେ ଅଛନ୍ତି । କେଡ଼େ ବଡ ବଡ଼ ଘର ଇନ୍ଦ୍ରଭବନ, ମନ-ପବନ-ଜାନ ।

ସବୁଠାରେ ଠକାଠକି କାରବାର । ବଟାଳି ଠୁକୁଠୁକୁ କରି ଆମେ ତାଙ୍କୁ ଠକି ଦି'ଦିନର କାମରେ ଚାରିଦିନ ଲାଗିଲେ ଆମେ କାହିଁକି ବେକାରିଆ ବସିବା ? କାମ ଖୋଜି ଖୋଜି, କେଉଁଠି କିଛି ନ ଜୁଟିଲେ ହାଲିଆ ହୋଇ ଘରକୁ ଫେରିବା ? ଫାଆଁଟାଳି ପଡିଯିବା ? ପିଲାକୁଟୁମ୍ବଙ୍କୁ ଉପାସ ରଖି ଭଗବାନଙ୍କୁ ନିନ୍ଦୁଥିବା ?

ହରିନାମ ଜପ କାମ ଦେବ ନାହିଁ । ପୂର୍ବ ଜନମର କେଉଁ ପାପର ଫଳ, କି ଏ ଜନମରେ କେଉଁ ଠକ ବାବାଜି, ଭଳିଭଳିକା ନିଷ୍କର୍ମା ଭିଖାରୀଙ୍କ ଶାପ ବୋଲି ମାନିନେଲେ ପେଟର ଭୋକ ଉଣା ହେବନାହିଁ । ମୁଁ କହୁଛି, ଠକିବା, ଅନ୍ୟକୁ ଚିତାକାଟିବା ମଣିଷପଣର ଲକ୍ଷଣ ।

-ଛିଛି ରେ ଆନନ୍ଦ । ତୋ' ନିପାରିଲା ପଣିଆ ତୋ' ମନରେ ଏମିତିକା ଯଦୁବଂଶ ହଣାହଣି ଧାରଣା ଆଣିଛି । ଠକାଠକି କାରବାର ସମସ୍ତଙ୍କୁ ବିନଷ୍ଟ

କରିବ । ମୋ' ସାନକୁହା ମାନ । ତୋ' ଶକ୍ୟ ଅନୁସାରେ ମନଧ୍ୟାନ ଦେଇ କାମ କର । କାମ ତତେ ଖୋଜି ଖୋଜି ତୋ' ପଛେ ପଛେ ଗୋଡ଼ାଇବ । ଝଡ଼ ବରଷା କି ଆଉ କେଉଁ କାରଣରୁ ଘରୁ ବାହାରି ପାରୁ ନଥିଲେ ତୋ' ବୁଦ୍ଧିବଳ ଖଟାଇ ଘରେ ବସି ତୋ' ଯନ୍ତ୍ରଚଳା ।

-ମୋ' ବାପା ସେଇଆ କରୁଥିଲେ । ଭଲ କାରିଗର ଥିଲେ ହରିଭାଇ ! ବଉଦ ତୁଲାଇ ପାରୁନଥିଲେ ।

-ଜାଣିଛି । ଭୁଲି ନାହିଁ । ତୁ ଦିନେ କହୁଥିଲୁ, ସେ ହାତଯୋଡ଼ି, ନାକ୍ଟିକରି, ବଉଦ ଓ ଦାଦନ ବାହୁଡ଼ାଇ ଦେଉଥିଲେ । ତୁ ନିଶ୍ଚେ ତାଙ୍କୁ ବଳିଯିବୁ । ତେବେ, ମୋ'ର ଗୋଟିଏ ଉପଦେଶ ମାନିଲେ ତୋ' ମନବଳ ବଢ଼ିଯିବ । ମନବଳ ବଢ଼ିଲେ ତୋ ହାତ, ଗୋଡ଼, ଦେହରେ ପରାକ୍ରମ ଲହଡ଼ି ଖେଳିବ ରେ ।

-କି' ଉପଦେଶ ?

-କ'ଣ କି, ମୁଁ ବୁଝୁଛି, ସେ ଘରକୁ ତୁ ତୋ'ର ଆପଣାର କରିପାରିଲୁ ନାହିଁ । ଗଦାଏ ବର୍ଷ ରହିଲୁଣି, ତେବେ ବି ତୁ ମଣୁଛୁ ତୁ ଗୋଟାଏ କାହୁଁ-ଅଇଲା ପର ।

-ନାଇଁ । ପିଲା ଦିଓଟିଙ୍କୁ ମୁଁ ଭାରି ସ୍ନେହ କରେ । ତାଙ୍କର ଯେମିତି କେଉଁଥିରେ ଅଭାବ ନ ହୁଏ, ଯେମିତି ସେମାନେ ଭଲରେ ରହିବେ ସେଥିକି ମୁଁ ସଦାବେଳେ ଦୃଷ୍ଟି ଦେଇଥାଏ । ସେଇ ଧଡ଼ିଆ-ଧେଡ଼ଙ୍ଗ ସୁନା-ଖଡ଼ିକା ଝିଅଟି ସୋହାଗୀ, ତା' ଚନ୍ଦ୍ରଉଦିଆ ମୁହଁକୁ ଦେଖିଲେ ମୁଁ ସବୁ ଭୁଲିଯାଏ । କେଡ଼େ ଉତ୍ତମ ସେ ପିଲାଟି ।

-ହଁ ରେ, ମୋ' ପୁତୁରା ଭଗବାନର ଝୁଅ ରଙ୍ଗଣୀ ସାଙ୍ଗରେ ପଢ଼ୁଛି । ରଙ୍ଗୀ ସଙ୍ଗେ ବେଳେ ବେଳେ ଆମ ଘରକୁ ଆସେ । ପଞ୍ଚମ ଶ୍ରେଣୀରେ ପଢ଼ୁଛି ନା ?

-ହଁ, । ଭଲ ପଢ଼ୁଛି । ବୃତ୍ତି ପରୀକ୍ଷାରେ ବସିବ ବୋଲି ତା'ଙ୍କ ଦିଦି ଖବର ପଠାଇଥିଲେ, ତା' ପାଇଁ ମାଷ୍ଟର ରଖ । ମୁଁ କିଏ, ମାଷ୍ଟର କିଏ ? ତା' ମନକୁ ସେ ପଢ଼େ । ପଢ଼ିବାକୁ ଲେଖିବାକୁ ଯଥେଷ୍ଟ ବେଳ ମିଳେ ନାହିଁ । ସାନଭାଇ ଚନ୍ଦନକୁ ଜଗିବ । ସେଇଟା ବେଶ୍ ଚଗଲା ହୋଇଛି ଯେ । ଛୋଟ ଘରଟିର ପାଇଟି ତା' ମନକୁ କରିବ । ବଡ଼ିଆଁ ଝି' କରେ ।

-କେଉଁ ମଞ୍ଜିର ଗଛ, କାହା କ୍ଷେତରେ ଜନମ । କିଏ ସେ ଓପଡ଼ା-ଫୋପଡ଼ା ଗଛକୁ ରସ ଦେଇ, ସାର ଖୋଇ କୋଡ଼ରେ କାଖରେ ବଢ଼ାଇଲା କିଏ ଜାଣେ ? କେମିତି ଦୁଲାଳୀ ସେ ଲଙ୍ଗୁଳୀ ଟିକି ଝିଅକୁ ଠାବ କଲା, ତତେ ନିଶ୍ଚେ କହିଥିବ ।

-ସେ ସବୁ କଥା ସେ ମତେ କେବେ କହି ନାହିଁ । କହିଥିଲା, ନେ' ରେ ଯେ ତୋ' ଝିଅ ସୁଆଗୀ, ଆଉ ମୋ' ଝିଅ ସୁନା । ଦୁଇଟି ଯାକ ମିଶି ଆଉଟି ହୋଇ ଗୋଟିଏ ପ୍ରତିମା ଗଢ଼ା ହୋଇଛି । ତୋ' ଦେହ ମୋ' ଦେହ କେବେ

ମିଶିବ ନାହିଁ ରେ ଆନନ୍ଦ । ତୋ' ଆଶା ମୋ ଆଶା, ତୋ' ଦୁଃଖ ମୋ' ଦୁଃଖ, ତୋ' ସପନ ମୋ ସପନ ମିଶି ଏହାରି ରୂପରେ ଏକାକାର ହୋଇଛି ।

-କେମନ୍ତ ! ଯା' ସବୁ କହିଲୁ, ସେ ବାରବୁଲୀ, ଡହରୀ ? ସାଥୀ ମୂଲିଆଣୀ-ଏଁ, ହେଲେ ହୋଇ ଥିବେ ପର ସେମାନେ ସତୀ-ଶିରୋମଣୀ, ତାଙ୍କରି ଫୁସୁଫୁସୁ ଶୁଣାଇଲୁ ବାଣୀରେ ନାହିଁ-ନ-ଥିବା ଦୋ'ଷରୁଣୀ ଦୁଲାଳୀ-ରଣୀ ଯା କହିଲୁ ? ଅବିଗୁଣ ପାଇବୁ ନାହିଁ ଆନନ୍ଦ । ମୁଁ ଟାହୁଲି ଟାପରା କରୁ ନାହିଁ । ସେମାନଙ୍କର ଝରସରିଆ କଥାର ଚଳଣି କହିଲି । ମୁଁ ଦୁଲାଳୀକୁ ସ୍ନେହ କରେ । ତା ସାହସକୁ ପସନ୍ଦ କରେ । ଦୁନିଆଁ ସଙ୍ଗେ ବାରମ୍ବାର ଲଢ଼ି, ଜିତିବାକୁ ଚେଷ୍ଟା କରି ବିଚ୍ଛରୀ ସବୁଠାରେ ହାରିଛି । ତୋ' ପାଖରେ ସେ କେବେ ହାରିବ ନାହିଁ ।

-କେମିତି ଜାଣିଲ ?

-ତେବେ ସେ, ତୋ କହିବାରୁ ଯାହା ଠଉର କରୁଛି, ତୋ' ପ୍ରତି ତା' ବ୍ୟବହାରରୁ ଯାହା ସନ୍ଦେଖିଛି, ସବୁ ଦେଇଛି । ଶୁରୋଟ ନେବାକୁ କିଛି ରହି ନାହିଁ । ଆଶା କରି ନାହିଁ ।

-ସତ, ହରିଭାଇ । ଚନ୍ଦନ ପରିକା ପୁଅ ଆଣି ମୋ' କୋଳରେ ଥୋଇ ଦେଇଛି । ଛଅ ବରଷର ପୁଅ ହେଲାଣି । ପାଣି ତୋରାଣି ପିଇ ସେ କଳା-କୃଷ୍ଣ ଯେଡ଼େ ବଳୁଆ ହେଲାଣି ଦେଖିଲେ ଆଚମ୍ଭିତ ହେବ ।

-କେମନ୍ତ ।

-ଭାରି ସାହସୀ । ଅତି ହୁଡ଼ୁମା । କିନ୍ତୁ କୁହାର ବୋଲର । ମନେ ରଖିବାର ଶକ୍ତି ବିଚିତ୍ର । ଥରେ ଶୁଣିଲେ, ଥରେ ଦେଖିଲେ ମନେ ରଖେ । ମୋ' ପରିକା ଘୋଷାବଳଦ ନୁହେ । ସୁହାଗୀ ତା'କୁ ପଢ଼ାଏ । ହେଲେ, ଚଞ୍ଚଳ ପ୍ରକୃତିର ପିଲା । ଅଧ ଘଣ୍ଟାଏ ପଢ଼ିଲେ ସଇଲା । ଆଉ ମୁଁ ଯେତେବେଳେ କାମରୁ ଫେରେ, ଯେତେ ଡେରି ହେଉନା କାହିଁକି, ସେ ଚିଲ ପରି ଛୁଟି ଆସେ । ମୋ' ଗୋଡ଼କୁ କୁଣ୍ଢାଇ ଜାବଡ଼ି ଧରେ ।

-କାହିଁକି ରେ ?

-ସେ ଆଶା କରି ରହିଥାଏ ଯେ ମୁଁ ନିଶ୍ଚେ ତା' ପାଇଁ କିଛି ହେଲେ ନେଇଥିବି । ଚିନାବାଦାମ, ବୁଟଭଜା, ମୁଢ଼ିମୁଆଁ, ଏମିତି । ପାଞ୍ଚ ଦଶ ପଇସାର ହେଲେ ଯଥେଷ୍ଟ ।

-ସେଇଥି ପାଇଁ ତୁ ବରାବର କିଣୁ ? ମୁଁ ଭାବେ, ଆନନ୍ଦର ତ ଉପର ପାଟିରେ ଦାନ୍ତ ନାହିଁ, କିଣିଛି, କେମିତି ଚୋବାଇବ ? ପାଟିଏ ନକଲି ଦାନ୍ତ ପିନ୍ଧୁନୁ ? ଖାଇବାକୁ ହରବର ହେଉଥିବୁ ?

-ବହୁତ ଟଙ୍କା । ବୁଝିଥିଲି । ରୋଜଗାର ପେଟ-ପାଟଣାକୁ ନଘଟ । ଯେବେ ବଳିବ, ସଞ୍ଚିବି, ନିଶ୍ଚେ ଲଗାଇବି । ଦୁଲାଳୀ କେତେଥର କହିଲାଣି । ତା' ରୋଜଗାରରୁ କ'ଣ ବଳେଇ ରଖିଛି ଯେ ସେଥିରୁ କାଢ଼ି ଯେତେ ଲୋଡ଼ା ସେତେ

ଦେବ ବୋଲି କହୁଛି । ମୁଁ ମନା କରେ । କହେ, ଆଲୋ, ଅସୁବିଧା ହେଉ ନାହିଁ, ଅଭ୍ୟାସ ହେଲାଣି ।

-ଆରେ ଓଲମା, ଦୁଲାଳୀର ମନ ଊଣା କଲୁ କାହିଁକି ?

-କେବେ ତା' ପାଇଁ ମୁଁ କିଛି କରି ନାହିଁ । ଶାଢ଼ି ଖଣ୍ଡେ ତ ଦୂରର କଥା ହରିଖଇ, ବୋତଲେ ତେଲ, ଅବା ଖଣ୍ଡେ ଚିରୁଣୀ ତା' ପାଇଁ କେବେ କିଣି ନାହିଁ ।

-ମନ ହୁଏ ନାହିଁ ?

-ଯେଉଁଦିନ ତା' ଲମ୍ବ କେଶ ଫୁର୍‌ଫୁର୍ ହୋଇ ଆଗରେ ପଛରେ ଦୋହଲେ ମୋ' ଆଖିରେ ପଡ଼େ, ଯେବେ ଚିରା ଶାଢ଼ି ସିଲେଇବାର ତାକୁ ମୁଁ ଦେଖେ, ମନ କରେ କିଣି ଦେବି । କିନ୍ତୁ କେମିତି କିଣିବି, ମଜୁରି ମୋ' ପାଖରେ ଠୁଳ କଲେ ତ ? ଯାହା ପାଏ ନିତି ତା ହାତକୁ ବଢ଼ାଇ ଦିଏ । ସେ ଅଭ୍ୟାସ କେମିତି ମୁଁ ଭାଙ୍ଗି ପାରିବି କହ ? ତା'କୁ ମାଗିବାକୁ ମତେ ଲାଜ ମାଡ଼େ ।

-ଏବେ ବୁଝିଲି ରେ, ତତେ ସେ ତା'ର କିଣା-ଖରିଦା ଗୋଲାମ କରି ରଖିଛି । ସେଇଥି ପାଇଁ ତତେ ସେ ତା' ଘରେ ଆଶ୍ରା ଦେଲା । ବଞ୍ଚାଇଲା, ପୋଷିଲା । ତା' ମନର ଆଶା ମେଣ୍ଟଣ ପାଇଁ ଝିଅଟିଏ ପୁଅଟିଏ କାହୁଁ ଗୋଟାଇ ଆଣି ପାଖରେ ରଖିଲା । ତୋ'ତେ ଦେଖାଇଦେଇ କହିଲା, ନେ, ଏମାନେ ତୋ'ର । ୟା'ଙ୍କୁ ପାଳିବୁ, ପୋଷିବୁ । ବଢ଼ାଇ, ପଢ଼ାଇ ମଣିଷ କରିବୁ । ପ୍ରାଣ ମୂର୍ଚ୍ଛା ଖଟୁଥା ଏଥର । ସବୁ ତୋ'ର, କାହିଁରେ ହାତ ଦେବୁ ନାହିଁ । ଏପରି କଥଣୀ ରହିଛି ରେ !

ତାଙ୍କର ହାଡ଼ରୁ-ମାଉଁସ ଛଡ଼ା କଥନିର ପ୍ରଭାବ ଅତି ସରଳିଆ ଆନନ୍ଦ ଉପରେ କିପରି ପକାଇଲା ଜାଣିବାକୁ ଚତୁର ହରି ଗୁମ୍‌ମାରି ବସି ରହିଲେ । ସାମାନ୍ୟ ବ୍ୟସ୍ତ ହେଲା ପରି ମୁଖଭଙ୍ଗୀ କରି ଉଦ୍ଦେଶ୍ୟହୀନ ଦୃଷ୍ଟିରେ ଏଣେ ତେଣେ ଚାହିଁଲେ ।

ଆନନ୍ଦ ତୁନିତାନୀ ତଳକୁ ଏକ ଲୟରେ ଅନାଇଁ କ'ଣ ଭାବୁଥିଲା । ଚନ୍ଦାଳିଆ ଚିକିଚିକି କପାଳର ଆବୁଖାବୁ ଚମ ଉପରେ ହାତର ପାପୁଲି ଚଳାଉ ଥିଲା । ତା'ର ପାକୁଆ ପାଟିର ଓଠ ଦିଓଟି ସାମାନ୍ୟ ପାକୁପାକୁ ହେଉଥିଲା । କ'ଣ କହିବାକୁ ମନ କରୁଥିଲା ପରା ! ପୁଣି କେଉଁ ଭାବନା ତା'ର ହାବୁକେଇ ଆସୁଥିବା କଥା ଗୁଡ଼ିକୁ ବାଟ ଓଗାଳି ଆକଟି ରଖୁଥିଲା ।

ଆନନ୍ଦର ମନର ଦ୍ୱନ୍ଦ୍ୱ ବୁଝିଲେ ମଣି ହରିମିସ୍ତ୍ରୀ ଗଳା ଖଙ୍କାରିଲେ । ତା'ର ନିବିଷ୍ଟ-ସମାଧି ଦୋହଲାଇ ତାକୁ ଚମକାଇ ଉଠାଇଲେ । କହିଲେ, ଆରେ ହେ, ତୁ ଜାଣିଥିବୁ, ଏ ଦେଶରେ ଆଉ କେହି ଗୋତି ନାହିଁ । ରଜା, ଜମିଦାର, ମାଫି ଖଜଣା-ଲାଖରାଜଦାର ନାହାନ୍ତି ଯେ ବେଠିଆ ଥିବେ । କିଣା ଖରିଦା କୋଠିଆ-ଗୋଷ୍ଠି ସାତ ସପନ । ଧନ ଦେଇ ତତେ କେହି କିଣି ନାହିଁ । ତୁ କାହାର ଧର୍ମ-ବେଠିଆ କିଣା-କୋଠିଆ ହୋଇ ରହିବୁ ?

ହରି ମିସ୍ତ୍ରୀ ମଣିଲେ, ତାଙ୍କର କଥା ଶୁଣି ଆନନ୍ଦ ଅସ୍ୱସ୍ତି ଅନୁଭବ କଲା । ସତେକି ତା' ଭିତରେ କ'ଣ ଗୋଟାଏ ଛାଟି ପିଟି ହେଉଥିଲା । ବାହାରକୁ ବାହାରି ଆସିବାକୁ କଲବଲ ହେଉଥିଲା । ସେ ଆନନ୍ଦର ବିକଳ ବେଦନା ଅନୁଭବ କରୁଥିଲେ । ବିସ୍ମୟଭରା ଆଖିରେ ସେହି ଅଭାଗାର ଅପରିଚ୍ଛନ୍ନ ମୁହଁକୁ ତନ୍ମୟ ନେତ୍ରରେ ଅନାଇଥିଲେ ।

ଭାବୁଥିଲେ, ଦୁଲାଳୀ ଘରେ ବୁଲା-ବିଲେଇଟିଏ ଆପେ ଆସି ପେଟ ପାଇଁ ମୁଣ୍ଡ ଗୁଞ୍ଜିଲା ପରି ସେ ଆସି ରହିଥିଲା । ତା'ର ଥିତିର ରୀତିଟା କ'ଣ ଜାଣିବାକୁ ଆଗ୍ରହୀ ହୋଇ ଦେହରେ ଚିଆଁ ଲଗାଇଲା ଢଙ୍ଗରେ ମନରେ ତାତିଲା ଗୋଜଣା ଗୋଞ୍ଜି ଅଳପ ଉଖାରି ଦେଲେ ।

ଆନନ୍ଦ ମୁଣ୍ଡ ଟେକି ମିସ୍ତ୍ରୀଙ୍କ ମୁହଁକୁ ଗୃହିଁଲା । ଦୃଢ଼ କଣ୍ଠରେ ସେ ମୁଣ୍ଡ ହଲାଇ କହିଲା, ନା ହରିଭାଇ ! ମଲେ ପଛେ କେଉଁ ଅପନ୍ତରାରେ ପଡ଼ି ମୁଁ ମରନ୍ତି, ମହାପାତ୍ର ଘରର ପିଲାଟି ମୁଁ, କାହାରି ଧରମ ବେଠିଆ କିଣା-କୋଠିଆ ହୋଇ ରହନ୍ତି ନାହିଁ ।

-ସେଇଆ । ପରର ଆଶ୍ରାରେ ତୋ' ପରିକା ବୁଦ୍ଧିଆ କାରିଗର ପଡ଼ିରହିବାକୁ ମନ ନ କଲେ ଯେଉଁଠି ରହିଲେ ସୁଖ-ମଉଜରେ ରହି ପାରନ୍ତୁ । ତୋ' ମନଲାଖୀ ଘରଣୀଟିଏ ତୋ' ଭାଗ୍ୟରେ ଥିଲେ ମିଳି ଯାଆନ୍ତା ।

ଆନନ୍ଦ ହସି ଉଠିଲା । ଜବାବ ଦେଲା, ଗହନ କଥା କହୁଛି ଶୁଣ । ଦୁଲାଳୀର ବୟସ, ତା' ରୂପ, ତା' ଗଲା-ଅଇଲା ବେଭାର ମୋ ମନ ଭିତର ଆଖିକୁ ଦିଶେ ନାହିଁ । ଦିଶେ ଖାଲି ତା'ର ସ୍ନେହ-ମମତା । ସେ ମତେ କିଣି ନାହିଁ । ତା'ର ସ୍ନେହ-ମମତା ପାଖରେ ମୁଁ ଆପେ କିଣି ହୋଇ ଯାଇଛି । ସେହିଥିରେ ମତେ ସେ ବେଢ଼ାଇ ଧରିଛି ।

-କେମନ୍ତ !

-ଯେଉଁ ପିଲା ଦୁଇଟିଙ୍କୁ ସେ ଆଣି ମୋ କୋଳରେ କାଖରେ ଥୋଇଛି, ସେ ଦିଓଟି ତାଙ୍କର ମାୟାର ଡୋରରେ ମତେ ପଗରୁକୁ ପଗରୁ ଗୁଡ଼ାଇ ବାନ୍ଧିଛନ୍ତି । ଆହୁରି ବାନ୍ଧୁଛନ୍ତି । ସେମାନଙ୍କର ଡୋର ମୁଁ ଛିଣ୍ଡାଇ ପାରିବି ନାହିଁ । ଦୁଲାଳୀର ବେଢଣ ଭିତରୁ ମୁଁ ବାହାରି ପାରିବି ନାହିଁ ।

-ତୋ' ଖୋଲା ମନର ଅକପଟ କଥା ଏବେ ମୁଁ ବୁଝି ପାରୁଛି । ତୋ'ତେ ମୋ'ର ଖାଲି ଏତିକି କହିବାର କଥା ଯେ ତମେ ଦିହେଁ ଧୂଆଁବାଣ ମାରି ଗୋଟାଏ ଯୁଗ ହେଲା ମିଛିମିଛିକା ଗେରସ୍ତ-ଭରିଯା ବୋଲି ଜଣାଇଁ ହେଉଛ । କାହିଁକି ? ତମର ବାହାଘର ହୋଇନାହିଁ । ତମର ଆଦରା-ଆଦରି ସଂସାର । ବାହା ହୋଇ ପଡ଼ୁନା ?

-କିଏ ବାହା କରାଇବ ? କେଉଁ ବାମ୍ଭୁଣ ଆସି ହାତଗଣ୍ଠି ପକାଇ ନିଜେ ଲୋକହସା ହେବ ? ଆମକୁ ଲୋକହସା କରାଇବ ? ଆମର ନିରୀହ ପିଲା ଦିଓଟି, ଯାହାଙ୍କୁ ପୋଷିପାଳି ବଢ଼େଇଟେ ଛୋଟରୁ ଏଡ଼େ ଏଡ଼େଟିମାନ କରିଛୁଁ ସେମାନେ ବାପ-ମାଆଙ୍କର ବାହାଘର ଦେଖି କ'ଣ ଭାବିବେ ? ଦିନେ ସେମାନେ ବଡ଼

ହେବେ । ଭାଗ୍ୟରେ ଥିଲେ, ଠାକୁର କଲେ ବଡ଼ ମଣିଷ ବି ହେବେ । ସେମାନେ ବୁଝିବେ ଆମେ ସାତ ପର ।

-ତୁ ସତ କହୁଛୁ ଆନନ୍ଦ । ତମର ଅଦର-ଆଦରି ସଂସାର ବେଶ୍ ଭଲ । ସ୍ନେହ-ଆଦରରେ ଗୃହିଣୀ ତମେ ପରସ୍ପରକୁ ବାନ୍ଧିଛ । ସେ ବନ୍ଧାଣ କେବେ ଛିଣ୍ଡିବ ନାହିଁ ।

-ହୁଗୁଳା ବି ହେବ ନାହିଁ ।

କିନ୍ତୁ, ତୁ ତାକୁ ହୁଗୁଳାଉଛୁ । କେଉଁଠି କାହାଠେଇଁ ତେ' ସେବତୀର ଛିଟିକା ଦେଖି, ତା' ସ୍ୱରରେ ମୋହ, ଗୁଲିରେ ଛଟକ, ଗୃହାଣୀର ଢଙ୍ଗରେ ତା'ର ଧରଣ ଦେଖି, ତୁ ବାଇଆ ପରି ହେଉଛୁ । ତୋ' ସୁନାର ସଂସାରର ମୂଳଦୁଆକୁ ଦୋହଲାଇ ଦେଉଛୁ । କେବେ ତୋ' ଘର, ଏକା ତୋ' ଉପରେ ନୁହେଁ ରେ, ଯିଏ ତତେ ଆଶ୍ରା ଦେଇ ଆପଣାର କରିଛି ସେହି ଦୁଲାଳୀ, ଆଉ ତମ ସ୍ନେହ-ଆଦରର ଟିଲା ଦୁଇଟିଙ୍କ ଉପରେ ମାଡ଼ି ବସିବ । ସମସ୍ତେ ଛତୁ ହୋଇଯିବ ।

ଆନନ୍ଦ ଡରିଗଲା । କହିଲା, ମୁଁ ଯେବେ ଯାହା ଦେଖିଥିଲି ଖାଲି ତମ ଆଗରେ କହିଥିଲି ।

-ଦୁଲାଳୀକୁ ?

-କହିବି କହିବି ହୋଇଛି, କେବେ କହି ପାରିନାହିଁ । ଓଠରେ କଥା ଅଟକି ଯାଇଛି ।

-ଭଲ । ଭୁଲ ରେ କେବେ କହିବୁ ନାହିଁ । ମାଇପି ଜାତିଙ୍କର ତୁଣ୍ଡ କଥାରେ ଯେତେ ଆହ୍ଲାଦ ଥାଉ ମନରେ ଈର୍ଷାର ନିଆଁ କୁହୁଳୁଥାଏ । କେବେ କେଜାଣି କାହିଁକି ସେଇ ନିଆଁ ଜଳି ଉଠେ ତା'ର ବେଳକାଳ, ପାତ୍ରଅପାତ୍ର ନ ଥାଏ । ସେ ନିଆଁ ଲିଭିଲା ବେଳକୁ ଦିଶେ ଖାଲି ପାଉଁଶଗଦା । ବୁଝିଲୁ ?

-ବୁଝିଲି ହରିଭାଇ । ପଚାରିବି ଗୋଟିଏ କଥା ?

-କ'ଣ ?

-ତମ ଘରଣୀ ଅନେକ ଦିନରୁ ମଲେଣି । ମାଇପି ମନକଥା ତମେ ଜାଣିଲ କିପରି ?

ହରିମିସ୍ତ୍ରୀ ହୋ ହୋ ହୋଇ ହସିଲେ । ଆନନ୍ଦର ପିଠି ଥାପୁଡ଼ିଲେ । କହିଲେ, ଧୈର୍ଯ୍ୟଧର । ଦିନେ ତୁ ବି ମୋ ଭଳିଆ ହେବୁ । ବାମ୍ଭଣ, ଭଣ୍ଡାରୀ, ଧୋବା, ପୁଣି ମୂଲିଆ, ମିସ୍ତିରୀ, ଘର ମାନଙ୍କର ସବୁ ଘରକୁ ଚଡ଼ି । ମୁଁ ବି ସେମାନଙ୍କ ଭିତରୁ ଜଣେ । ତୁ ବି ।

-ହଁ ।

-ପିଲାଟି ଦିନରୁ ଏବଯାଏ ହଜାର ହଜାର ଘରେ କାମ କରି ଆସିଛି । ନିହାତ ଜଗି ଦେହକୁ ନ ସଞ୍ଜି ମାଲିକମାନଙ୍କର ମନ ନେଇ ମୁଁ କାମ କରେଁ ।

ମୋ' କାମ ଭଲ ତ ମୁଁ ଭଲ : ସବୁ ମାଲିକ ସମାନ ଢଙ୍ଗର ନୁହନ୍ତି । ତାଙ୍କର ଘରଣୀ ମାନେ ବି । ସେମାନେ, ତାଙ୍କର ବୟସ, ଚେହେରା, ଢଙ୍ଗ, କଥା ଯାହାର ଯେମିତି ଥାଉ, ସମସ୍ତେ ଆମର ମା' । ଶହ ଶହ କୁଟୁମ୍ବର ସତେ କି ମୁଁ କେଉଁ କାଳର ବନ୍ଧୁ, ଅବା ପୋଷା ଗ୍ଭକର । ଘଡି ଅଧରେ କେଉଁଠି କାହାର କ'ଣ ଦରକାର ପଡ଼ିଲେ, ଡକରା ପଡ଼େ ହରିମିସ୍ତ୍ରୀକୁ ।

-ମୁଁ ଜାଣିଛି । ସବୁ କିସମର କାମ ତମକୁ ଜଣା ।

-କାହା'ର ବିଜୁଳି ଲାଇନ୍ ଜଳିଲା, କାହାର ପାଣି ପମ୍ପ୍ । ପାଣି କଳ ଅଚଳ ହେଲା, କାହାର ଷ୍ଟିଲ୍-ଆଲମାରୀର ଗ୍ଭବି ନ ଖୋଲିଲା ଡାକ ହରିଆକୁ । ଏ ସବୁ ଅତି ଜରୁରି କାମ । ନ ଗଲେ ନ ଚଳେ ।

ଆନନ୍ଦକୁ ଅଜଣା ନ ଥିଲା ଯେ ହରି ମିସ୍ତ୍ରୀ ଏ ପ୍ରକାର ସବୁ କାମରେ ଅଳ୍ପେ ବହୁତେ ପାରଙ୍ଗମ । ବିଭିନ୍ନ କାମ ପାଇଁ ଭିନ୍ନ ଭିନ୍ନ ଯନ୍ତ୍ରପାତି ଅଲଗା ଅଲଗା ବାକ୍ସମାନଙ୍କରେ ସଜଡ଼ା ହୋଇ ରହିଥାଏ ।

ସେ ଗୋଟିଏ ବିଚିତ୍ର ମଣିଷ । ପିଲାଦିନେ ଛାତ ଉପରେ କୋବା ବାଡଉ ଥିଲେ । ମୂଲ ସେବକାଳିଆ ଦୁଇଅଣା, ଏବକାଳିଆ ବାର ତେର ପଇସା । କିନ୍ତୁ, ସେକାଳ ଦର ପ୍ରକାରେ ତାଙ୍କ ମୂଲ ଥିଲା କଟକି-ଓଜନର ଦୁଇ ସେର ଗ୍ଭଉଳ । ଏବେ ଗ୍ଭରିଟଙ୍କା ତିରିଶି ପଇସା ହେବ ।

ସେ କଥା ସେ କହନ୍ତି । ହସି ହସି ଲୋଟି ଯାଆନ୍ତି । କହନ୍ତି, ଆରେ, ତଥାପି ମଣିଷ ବଞ୍ଚିଛି । ବେଶ୍ ସୁଖରେ ଅଛି । ଚିତ୍ର ପ୍ରତିମା ପ୍ରାୟ ହୋଇଛି । ମନଇଛା ବଂଶ ବଢ଼ାଇଛି ।

ଏବେ ମନରେ ଚେତା ପଶିଲାଣି । ଅସଲ ଭଲେଣି, ପେରେମର ସୁଅ ତ ରୋକି ହେବ ନାହିଁ, ଯାଆଁଳ ଗୁଡିକ ପଲ ପଲ ହୋଇ ବଢି ରେହି, ଭକୁଡ଼, ବାଳିଆ, ଶେଉଳ ହେଉଛନ୍ତି । ବାଦବାଦୁଆ ହୋଇ ନିଜ ନିଜ ପଲ ବଢ଼ାଇବାରେ ଲାଗିଛନ୍ତି । ପରସ୍ପରର ବଂଶ ନିପାତ କରିବାକୁ ଗିଳା-ଗିଳି ହେଉଛନ୍ତି । ସେମିତି ଗ୍ଭଲିଲେ ସମସ୍ତେ ସମୂଳେ ନିପାତ ହେବ ।

-ହଁ, ହରିଭାଇ, ଏବେ ବୁଝିଲି କାହିଁକି ତମେ ଆଉ ଥରେ ସଂସାର ନ କଲ । ନିଜ ଭବିଷ୍ୟ ଅଂଶକୁ ନିଜେ ନିପାତ କରିବାକୁ ମନ ବଳାଇଲ ।

-ନାହିଁ ରେ ଓଲୁ । ମୋ' ଝିଆରୀ, ପୁତୁରା, ଭଣଜା, ଭାଣିଜୀ, ଆଉ ସେମାନଙ୍କର ପିଲାଏ ବି ମୋ ଭବିଷ୍ୟ ।

ଆନନ୍ଦ ହରିମିସ୍ତ୍ରୀଙ୍କର ଏହି କଥା କେତେ ଥର ବିଗ୍ଭର କରିଛି । ମନକୁ ବୁଝାଇଛି, ଯାହା ସେ କହିଲେ ମିଛ ନୁହେ । ସବୁ ମଣିଷ ସମସ୍ତଙ୍କର ଅଂଶ ।

ମନକୁ ଉଦାର କଲେ, ସେ ମନକୁ ଚାରି ଦିଗକୁ ମେଲାଇ ଦେଲେ, ତା'ରି ଡେଣା ତଳକୁ ସମସ୍ତେ ଆସିଯିବେ ।

ସେ କଥା ଦୁଲାଳୀ ବୁଝିଛି ପରା । ଦାଣ୍ଡରୁ ଗୋଟାଇ ପିଲାଟିଓଟିଙ୍କୁ ତା' ପଣତ ତଳକୁ ଆଣିଲା । ବାରମ୍ବାର କହିଲା, ଯେ ମୋ'ର, ଯେ ତୋ'ର । ମଣିଷ ଛୁଆତ । ମୁଁ ଖୋଜୁଥିଲି, ତୁ ଖୋଜୁଥିଲୁ । ହଜିଲା ମଣି-ମାଣିକ ମୋତେ ମିଳିଗଲା । ତତେ ବି ମିଳିଗଲା । ହେପାଜତ କରି ପାଳିବା, ବଢ଼ାଇବା, ମଣିଷ କରିବା । ଆମର ଏମାନେ ପର ଏମିତି ଧାରଣା ମନକୁ ଆଣିବା ନାହିଁ ।

ହରିମିସ୍ତ୍ରୀ ଆନନ୍ଦର ଆନମନା ଭାବ ନିରେଖୁଥିଲେ । କହିଲେ, କ'ଣ ଗୁଡ଼ାଏ ଏଣୁ ତେଣୁ ଭାବୁଛୁ ? ସବୁ ଯେଉଁଗୁଡ଼ା ପଛକୁ ପୋପାଡ଼ି ଦେ । ମନକୁ ହାଲୁକା କର । ସୁଖ ଶାନ୍ତିରେ ଚଳିବୁ । ଖୁସିରେ ରହିବୁ । କ'ଣ କହୁଥିଲି ?

ଆନନ୍ଦ ଲାଜ ଲାଜ ହୋଇ ଚାଲି କୁଣ୍ଡାଇଲା । ତତକ୍ଷଣାତ୍ ମନେ ପଡ଼ିଲା ନାହିଁ । ହରିମିସ୍ତ୍ରୀ ମନେ ପକାଇ ଦେଲେ, ଆରେ, ଭୁଲିଗଲୁ ? କହୁଥିଲି, ବେଳ ଅବେଳାରେ, ମନ୍ଦ ଡାକ ପଡ଼େ । ଯାଏ । ଅଧିଲା ଖଟାଇ ଚେଙ୍ଗଡ଼ା କାମ ସଜାଡ଼େ । କେତେ ଭଲ ମନ୍ଦ କାରବାର ଦେଖେ । ଭଲ ମନ୍ଦ କଥା କାନରେ ବାଜେ । ମହତ ପଣିଆଁ, ମହତସର । କଜିଆତିଗୋଳ, ଟଁୋପିଟି, ତମ୍ବୁତୋଫାନ । କାବୁଝ ହୋଇ କେବେ ତୁନୀ ହୋଇ ଆଡ଼େଇ ଯାଏ । ପୁଣି କେବେ ସହି ନ ପାରି ମଝିକି ଯାଇ ଛାଞ୍ଚୁଣି ମାଡ଼, ଦିଟି ଚୋଟ ପାହାର ସହେ । କ'ଣ ବୁଝୁଛୁ ?

-ବୁଝୁଛି ହରିଭାଇ ।

-ବେଶ୍ ଶୁଣ । ସମସ୍ତେ ଭାରି ତମ ତମ । ମୋ' ପରିଶ୍ରମ ପାଇଁ କାହାକୁ ଇନାମ ମାଗିବି ? ସେମାନେ ଫଁ-ଫଁ ହୋଇ ଚେଗୋଇ ଖୋକା ଖୋଲି ହୋଇ ଦି' ଆଡ଼କୁ ଯାଆନ୍ତି । ସବୁ ମୋ କାନରେ ପଡ଼େ । ସେମାନେ ଜାଣନ୍ତି, ନିର୍ବୋଧ ମୂରୁଖ ହରିଆଟା କିଛ ବୁଝେ ନାହିଁ । ଗୋବର-ମୁଣ୍ଡିଆର କିଛି ମନେ ରହେ ନାହିଁ । ସେଇଟା ଗାଈ ନୁହେ, ମାଈ ନୁହେ । ସେଇ ପେଖନା ମୁଁ କାହେ ରେ ଆନନ୍ଦ ! ସେତିକ ସୁଆଙ୍ଗ ନ କଲେ ନ ଚଳେ । ନିଦ ମଳମଳ ହୋଇ ଟଳ-ଟଳିଆ ପାଦ ପକାଇ କେତେ ରାତିରେ ଯେ ଫେରେ, ନ ଜାଣିଲା ନ ଚିହ୍ନିଲା ଲୋକେ ମଣନ୍ତି, ପେଟେ ମାଲ୍ ପକେଇଛି ।

-ତମ ମଜୁରୀ ବୁଢ଼େ ?

-ହଇରେ ଗଧ, ମତେ ଏଡ଼େ ନ ପାରିଲା ବେକୁବ୍ ତୁ ମଣିଛୁ ? ଦୁଇ ଦିନ ପରେ ମୋ' କାମ ପରଖିବାକୁ ମୁଁ ଧାଏଁ । ପରଖି ଆସେ । ତିନ୍ ଜାଗାରେ ପାଞ୍ଚ ମିଳେ । ତା' ସଙ୍ଗକୁ ଚା' ଜଳଖିଆ । ଆଦର ସ୍ନେହ । ଦେଖି ଆସେ, ଦୃଶ୍ୟ ବଦଳିଛି । ସୁଆଙ୍ଗି ଆମାନେ ଅନ୍ୟ ବେଶ ପିନ୍ଧିଛନ୍ତି । ମେଷା ରୁମ ଜଡ଼ା ତେଲ । ତାଙ୍କ ଘରର ଗହନ ଗୁମର ମୋ ମନର ବୃକୋଦରିଆ ଘୁମରେ ପୁରାଏ । ସେମାନଙ୍କୁ ଜୁହାରି ବାଟେ ବାଟେ ଫେରେ ।

-ଜୁହାର ?

-ତାଙ୍କୁ ନୁହଁ ରେ ଅବୋଧ, ପ୍ରଜାପତିଙ୍କ ସଂସାରକୁ । ଦେଖିନୁ କି ଏଇ ଉଡନ୍ତା ପ୍ରଜାପତିଗୁଡ଼ିଙ୍କୁ ? କି' ସୁନ୍ଦର ରଙ୍ଗଢଙ୍ଗିଆ ଡେଣା ! ଯୋଡ଼ି ହୋଇଯାଏ, ଫାଟି ହୋଇଯାଏ ।

କ'ଣ କହୁଥିଲିଟି ? ହଁ, ସେମିତି କେତେ ଦୃଶ୍ୟ ଦେଖିଛି । ମାଇପିଗୁଡ଼ିକ ଯେତିକି ଭଲ ସେତିକି ମନ୍ଦ । ବହୁରୂପୀ । ଖିଆଲୀ । କେତେବେଳେ କ'ଣ ମନରେପଶେ ! କାଠିରେ ନାଚନ୍ତି । ସର୍ଜନା କରନ୍ତି, ପାଳନ କରନ୍ତି । ପୁଣି, ଛି କରିବାକୁ, ଗୋଡ଼ରେ ଆଣ୍ଠେଇ ଦୂରେଇ ଦେବାକୁ, ଅବା ନିଜେ ଦୂରେଇ ଯିବାକୁ, ଯାହାର ଯେମିତି ଖିଆଲ ରେ ଧନ, ଯାହାକୁ ଯେମିତି ସଜ ଓ ସୁବିଧା, ତାଙ୍କର ମୋହବତ ରହେନାହିଁ । କେତେ ଦେଖିଛି ରେ ।

-ଦୁଲାଳୀ ସେମିତିଆ ନୁହ ।

-ସମସ୍ତେ ସେଇଆ । ହିଂସା, ଈର୍ଷାର ନିଆଁ ତାଙ୍କ ଭିତରେ କୁହୁଳୁଥାଏ । ଗେରସ୍ତ ଯେ ତାଙ୍କର କୁକୁର ମୁହଁ ପାଖର ଆହାର ପରି । ଦୁଲାଳୀ ବାରଘାଟର ପାଣିଚାଖା ମାଇପିଟିଏ । ନିଜ ଶିଙ୍ଗରେ ସେ ମାଟିଖୋଳା ମଣିଷ । କାହା ଉପରେ ତା'ର ନିର୍ଭର ? ପିଲା ଦୁଇଟିଙ୍କୁ ନିଜେ ପୋଷି ବଡ କରିବାର ହେମତ୍ ଯଦି ତା'ର ନ ଥାନ୍ତା ସେ ତାଙ୍କୁ ପାଖକୁ ଆଣି ନ ଥାନ୍ତା । ତୁ ତା'ର ଅଧିକରୁ ଅଧିକ । ଜାଣ, କା'କୁ ସା । ତୋ'ତେ ସେ ଦୟା କରିଛି । ସ୍ନେହ କରିଛି । ଆପଣାର କରିଛି । ତଡେ ସେ ବିଶ୍ୱାସ ବି କରିଛି ।

-ସତ !

-ଆଉ ଗୋଟାଏ କାହାକୁ ଦେଖି ଯଦି ତୁ ତୋ' ସେବତୀ ସେବତୀ ହେବୁ, ତା' ମନ ଫାଟିଯିବ । ତା' ଭିତରେ ଈର୍ଷାର କୁହୁଳା ନିଆଁ ଜଳିଉଠିବ । ତା'ର ପରିଣାମ କ'ଣ ହେବ ?

-ପରିଣାମ ? ସେ କ'ଣ ମୁହେଁ ମୁହେଁ ମତେ ଶୁଣାଇ ଦେବ ଯେ ମୁଁ ଅକୃତଜ୍ଞ ନିମକ୍-ହାରାମ୍ ? କହିବ, ତୁ ମୋ' ଘରୁ ଚାଲିଯା ?

-କହିବ, ସେବତୀ ସେବତୀ ହେଉଛୁ ତ, ଚାଲିଯା ତା'ରି ପାଖକୁ । ମୋ' ଘରର ଦ୍ୱାରମୁହଁ ଆଉ ମାଡିବୁ ନାହିଁ । ଆରେ ନିପଟ ଓଲୁ, ତୋ'ର ବୁଦ୍ଧି ବାମ ହେଲାଣି । ଏତିକି ବୁଝି ପାରୁନୁ ଯେ ସେ ତୋ' ନିଃସାହା-ନିପାରିଲା ପଣକୁ ଦୟା କରିଥିଲା ? ନା, ମାୟା କରିଥିଲା ?

ତା'ରି ଉପରେ ଆସ୍ଥା ରଖି ତତେ ସେ ଆପଣାର କଲା । ତୁ ତା'ର ଖୋଲପଣ ଆପଣାର ହୋଇ ସାରିଛୁ । ଏତକ ତା'ର ହୃଦବୋଧ ହେଲାରୁ ତୋ' ଉପରେ ତା'ର ଦୃଢ଼ ବିଶ୍ୱାସ ହେଲା । ସେଇଠୁ ସେ ତା'ର ପିଲାଛୁଆର ସଂସାର ଗଢିଲା । ଜାଣୁ, ସେ ପୋଷ୍ଟ ଅଫିସରେ ତା' ନାମରେ ଅନେକ ବର୍ଷ ହେଲା ବହି ଖୋଲିଛି ?

ଆନନ୍ଦ ବିସ୍ମିତ ହୋଇ ପଚାରିଲା, ତମେ ଜାଣିଛ ?

ହରିମିସ୍ତ୍ରୀ ମୁଣ୍ଡ ହଲାଇ ମୁରୁକି ହସିଲେ । କହିଲେ, ଏଇଥିରୁ ବୁଝିବୁ । ଆଜିଯାଏ ବାରବର୍ଷ ହେଲା, ତମେ ଏକାଠି ସଂସାର କଲ, ତୁ ଜାଣିନାହୁଁ । ଦୁଲାଳୀର ବିଶ୍ୱାସରେ ବି ଲଗାମ ଲାଗିଥାଏ । ସେ ସହଜରେ କାହା ଉପରେ ପୂରା ଆସ୍ଥା ଥାପେ ନାହିଁ । ସହସ୍ରଥର ଠୋକର୍ ଖାଇ ସେ ବେଳହୁଁ ତରକା । କେମିତି ଜାଣିଲି ଶୁଣିବୁ ?

-ତମକୁ ସେ ଭକ୍ତି କରେ । ସମ୍ମାନ ଦେଖାଏ । ତମଠାରେ ତା'ର ଅଟଳ ବିଶ୍ୱାସ । ସମସ୍ତଙ୍କର ତ । ଦୁଲାଳୀ କେବେ କହିଥିବ ।

-ତୋ' କଥା ସତ । ତେବେ, ଦୁଲାଳୀ କେବେ ଉପରେ ପଡ଼ି ଭଲେଇ ହେବାକୁ କହିନାହିଁ । ପଚାରିଲାରୁ କହିବାକୁ ବାଧ୍ୟ ହେଲା । ହୋଇଥିବ ତିନିବର୍ଷ, କି ଆହୁରି ଅଧିକ ତଳର ଘଟଣା । ସେତେବେଳେ ଯେଉଁ ବୁଢ଼ା ପୋଷ୍ଟମାଷ୍ଟର ଥିଲେ ସେ ମୋ'ର ଚିହ୍ନା । ଧର୍ମପରାୟଣ ମିଠାକଥା କୁହା ସେଠନନ୍ଦା ଲୋକ । ମୁଁ ଟଙ୍କା ତିନିଶ କାଢ଼ିବାକୁ ଯାଇଥିଲି । ସେଇଠି ଦୁଲାଳୀକୁ ଦେଖିଲି । ସେ କିଛି ଟଙ୍କା ଜମା ରଖି ତା' ବହି ନେଇ ଫେରୁଥିଲା । ମତେ ଦେଖି ହସ ହସ ହୋଇ ଜୁହାର କଲା । ଚାଲିଗଲା ।

ପୋଷ୍ଟମାଷ୍ଟର୍ ମତେ ପଚାରିଲେ, ତା'କୁ ଚିହ୍ନ ?

ମୁଁ କହିଲି, ହଁ ଆଜ୍ଞା, ତା' ନା ଦୁଲାଳୀ, ମୂଲିଆଣୀ ।

ମତେ ଥଟ୍ଟା କରି ପୋଷ୍ଟମାଷ୍ଟରବାବୁ କହିଲେ, ତମେ ଅଳପ ଟଙ୍କା ଜମା ରଖିଛ । ସେଥିରୁ କାଢ଼ି କାଢ଼ି ନେଉଛ । ସେ ମୂଲିଆଣୀର ଟଙ୍କା ଛ'ହଜାର ଟପିଲାଣି । ସେ ଜମା କରି କରି ଯାଉଛି । ଆଜିକାର ଜମା ପଚିଶି । ସାବାସ୍ ଲୋ !

କହିଲି, ଭାରି ହୁସିଆର୍ ସେ, ପୋଷ୍ଟବାବୁ !

କହିଲେ, ହଁ, ହରି ! ଶୁଣ,—ତା' ଖବର କୁତୂହଳ, ଆଉ କୌତୁକରେ ମୁଁ ବୁଝିଛି । ତା' ନାଁ ଦୁଲାଳୀ ଏଇଟା ଠିକ୍ ଅଛି । କିନ୍ତୁ ସ୍ୱାମୀର ନାଁ କେତେଥର ବଦଳାଇଛି । ମଝିରେ ମଝିରେ କେତେବର୍ଷ ଦୁଲାଳୀ ଦେଇ ନରଖି ଦୁଲାଳୀ ବେଓ୍ୱା ରଖିଥିଲା । କେତେବର୍ଷ ହେଲା ବେଓ୍ୱା କଟାଇ ପୁଣି ଦେଇ କରାଇଛି । ସ୍ୱାମୀର ନାମ ରଖିଛି,—କ'ଣଟି, ରହ, ଭୁଲିଗଲି, ମନେପକାଏ—

-ଆରେ ଆନନ୍ଦ, ମୁଁ ସଙ୍ଗେ ସଙ୍ଗେ ତୋ' ନାଁ କହିଦେଲି । ପୋଷ୍ଟବାବୁ କହିଲେ, ହଁ, ଆନନ୍ଦ ମହାପାତ୍ର ! ପଚାରିଲେ, ତମେ ସେ ଦୁହିଙ୍କୁ ଜାଣ ହରି ? କାହିଁକି ସେ ତା' ସ୍ୱାମୀର ନାମ ଏତେଥର ବଦଳାଉଛି, ବେଳେବେଳେ ବିଧବା ବୋଲି ବି ପରିଚୟ ଦେଉଛି ? ଗୋଟିଏ ଝିଅ ଆଉ ଗୋଟିଏ ପୁଅ ବି ତା'ର ଅଛନ୍ତି । କି' ଜଟିଳ ଗୋପ୍ୟ ରହସ୍ୟ ତା'ର ଚାରିପାଖରେ ଗୁଡ଼ାଇ ବେଢ଼ାଇ ରହିଛି ?

-ମୁଁ ପୋଷ୍ଟବାବୁଙ୍କୁ କହିଲି ରେ ଆନନ୍ଦ, ଠିକେ ଠିକେ ବୁଝାଇ କହିଲି । —ଭାରୀ ଭଲ ଝିଅଟିଏ । କାହାର ଝିଅ, କୁଆଡ଼ର ଝିଅ, କେଉଁ ପରିସ୍ଥିତିରେ ପଡ଼ି

ଏ ବଡ଼ ସହରକୁ ଆସିଲା, ଓଃ ଗଦାଏ ବର୍ଷ ହେଲାଣି, ସେ କଥା କେହି ଜାଣନ୍ତି ନାହିଁ । ସ୍ୱାମୀ, ସନ୍ତାନ-ସନ୍ତତି ଧରି ସୁଖ-ଆନନ୍ଦର କୁଟୁମ୍ବଟିଏ ଗଢ଼ି ଏ ଦୁନିଆରେ ତିଷ୍ଠି ରହିବାକୁ ବାରମ୍ବାର ଚେଷ୍ଟା କରିଛି । ନିଜେ ମୁଣ୍ଡଝାଳ ତୁଣ୍ଡରେ ମାରି ତା' ଆଶା ଫଳାଇବାକୁ ଆକୁଳ ହୋଇ ପ୍ରାଣପଣ ଖଟିଛି । ଫଟାକପାଳୀକୁ ଦଇବ ବରାବର ବାମ ହୋଇଛି । ଯେଉଁ ଡାଳ ଧରିଛି ସେ ଡାଳ ଭାଙ୍ଗିଛି । କଚାଡ଼ି ହୋଇ ପଡ଼ିଛି ।

କହିଲି, ଶୁଣ ପୋଷ୍ଟବାବୁ, ବିଚାରୀ ପୁଣି ଝାଡ଼ିଝୁଡ଼ି ହୋଇ ଉଠିଛି । ଦମ୍ ନେଇଛି । ଦମ୍ଭ ହୋଇ ଠିଆ ହୋଇଛି । ଭାଗ୍ୟକୁ ନିନ୍ଦି ଭାଙ୍ଗିପଡ଼ି ନାହିଁ । ମରି ନାହିଁ । ହାତ ପାତି ଭିକ ମାଗିନାହିଁ । ଖଟିଛି, ଜୀବନ-ମୂର୍ଚ୍ଛା ଖଟିଛି । କୁକୁରମୟ ଏ ଦୁନିଆଁ । କାମୁଡ଼ା କୁକୁର, ପୁଣି ଲାଙ୍ଗୁଡ଼ହଲା ଗୋଡ଼ଚଟା ଉପାସିଆ ଡାଆଁଶା କୁକୁର । କ'ଣ ବୁଝିଲ ନା ?

ପୋଷ୍ଟବାବୁ ମୁଣ୍ଡହଲାଇ ହସିଲେ । କହିଲେ, ଆରେ ହରି, ତାଙ୍କ ଭିତରେ ବି ଜୁଡାପଣିଆ ଅଛି ଯେ, ଆଗ କାଉଁକାଉଁ, ମୁହଁ ଛିଞ୍ଚିଡ଼ା, ଦି'ପୁଳା କାମୁଡ଼ା, ସେଇଠୁ ନିରୁପାୟ ଢଙ୍ଗ ।

ମୁଁ କହିଲି, ଠେଙ୍ଗାଧରି ତଡ଼ିବାକୁ ମୁରବି ନଥିଲେ ବିଚାରୀ କ'ଣ କରନ୍ତା ? ନିଜକୁ ସତୀଲକ୍ଷ୍ମୀ ବୋଲି କେବେ ଫୁଲେଇ ହୋଇ ନିଲଜପଣରେ ପ୍ରଚାର କରେ ନାହିଁ । ତା' କାୟା ଅଶୁଦ୍ଧ ବୋଲି କହିବାକୁ ସେ ଡରେ ନାହିଁ । ଲାଜ କରେ ନାହିଁ । ତମେ ପଚାରୁନା ପୋଷ୍ଟବାବୁ, ସେ ରାଗିବ ନାହିଁ, ହସିବ ନାହିଁ, ସଫାସଫା ସେ ଶୁଣାଇଁ ଦେବ । କହିବ, ତମେ ଯାହା ବିଚାରୁଛ ସେଇଆ ବାବୁ ! ମୋ' ଆତ୍ମାଟି ଉଜଳ, ମୋ' ମନ ନିର୍ମଳ, ଖାଲି ମୋ' ଆଶାଟି ସୁଖରେ, ଶାନ୍ତିରେ, ଆନନ୍ଦରେ କୁଟୁମ୍ବ ଗଢ଼ି ବାକୀ ଜୀବନର ବେଳ କଟାଇବାକୁ ସବୁବେଳେ ତହକ ବିକଳ । ସେଇଥି ପାଇଁ ମୋ' ଚେଷ୍ଟା ।

ପୋଷ୍ଟବାବୁ କଥାର ମରମ ବୁଝିଲେ । ଦୁଲାଳୀକୁ ବାଃ ବାଃ କଲେ । କହିଲେ, ନିଶ୍ଚେ ସେ କେଉଁ ଭଲ ଘରର ଝିଅ । ପଢ଼ାଲେଖା ଜାଣେ । ବେଶ୍ ହୁସିଆର୍ । ଯଦି କେବେ ଅକସ୍ମାତ୍ ତା'ର ମରଣ ହୋଇଯିବ, ତା'ର ଜମାଟଙ୍କା କିଏ ପାଇବ ସେମାନଙ୍କର ନାମ ପୋଷ୍ଟ-ଅଫିସ୍‌ରେ ଲେଖାଇ ଦେଇ ଯାଇଛି ।

ପଚାରିଲି, ସେମାନେ କିଏ ? ତାଙ୍କ ଭିତରେ ଆନନ୍ଦ ମହାପାତ୍ରର ନାଁ ଅଛି କି ନାହିଁ ?

ବାବୁ କହିଲେ, ଅଛି ଯେ ଗାର୍ଜନ ହିସାବରେ । ଯେ ଦୁହିଁଙ୍କର ଝିଅ ଆଉ ପୁଅ ସେ ଟଙ୍କା ପାଇବେ । କିନ୍ତୁ, ସେମାନେ ନା-ବାଳକ । ସେଇଥି ପାଇଁ ତାଙ୍କ ବାପର ନାମ ବି ଲେଖା ହୋଇଛି ।

ତୁ ତାଙ୍କର ଗାର୍ଜନ କି'ନା !

ଆନନ୍ଦ ଦୀର୍ଘ ଶ୍ୱାସ ଗୁଡ଼ିଏ ଛାଡ଼ିଲା । କହିଲା, ଏ ସବୁ କଥା ମୁଁ ଜାଣିଛି । ଦୁଲାଳୀ ମତେ ତା' ପୋଷ୍ଟଅଫିସ୍ ପାସ୍-ବହି ଦେଖାଇଛି । ସେ ମୋତେ ବିଶ୍ୱାସ

କରେ । କେବେ ମତେ କପଟ କରେ ନାହିଁ । କିଛି ମୋ' ପାଖରୁ ଲୁଗ୍ରଇ ଛପାଇ ରଖେନାହିଁ ।

-ଜାଣିଛୁ, ତଥାପି କେମିତି ତୁ କୃତଘ୍ନ ହୋଇ ଏବଯାଏ ସେବତୀ ସେବତୀ ହେଉଛୁ ? ନଥିଲା ମଣିଷର ନାଁକୁ ମନରେ ଜପାମାଳି କରିଛୁ ? ସପନ ଦେଖୁଛୁ ? ପର ଘରର ଘରଣୀଙ୍କୁ ଦେଖି ତୁ ଚଣ୍ଡାଳ ତୋ' ଭରିଯା ମଣି ପାପ ଅରଜୁଛୁ ? ସେମାନେ ଆମର ମା' ।

ଆନନ୍ଦ ସେଦିନ ଛଟପଟ ହେବାକୁ ଲାଗିଲା । ମୁଣ୍ଡ ଏପାଖ ସେପାଖ କରି ବ୍ୟସ୍ତ ହେଲା । ଆଖି ମିଟିମିଟି କଲା । ଢେପ ଢୋକି କ'ଣ କହିବ କହିବ ହେଉଥିଲା । କହିବାକୁ ଭରସୁ ନଥିଲା ।

ହରିମିସ୍ତ୍ରୀ ତା'ର ମନର ଅବସ୍ଥା ଅନୁମାନ କଲେ । ତା'ର ପିଠି ଆପଡିଲେ । ସାନ୍ତ୍ୱନା ଦେଲେ, ଟାଣ କଥା କହିଲି ବୋଲି ମନ ଦୁଃଖ କଲୁ କି ? ଆରେ ଆ'ନ୍ଧିଆ, ଠାକୁରେ ତୋ'ର କେଉଁ ପୂର୍ବ ଜନ୍ମର ପାପ ପାଇଁ ଦଣ୍ଡ ଦେଲେ । ସେ ଦୟାଳୁ ତୋ'ର ଆଖି ଦିଓଟିକୁ ରକ୍ଷା କରିଛନ୍ତି । ସେଥିରେ ପାପ ପୂରୁ ନା । ସେ ଦୟାଳୁ ତତେ ଆଣି ଦୁଲାଳୀ ପରିକା ସାମରଥା ସେନେହୀ ପାଖରେ ଛାଡ଼ିଛନ୍ତି । ବାରବରଷ ହେଲା ସେ ତୋ'ର ସେବା କରିଛି । ହେପାଜତ୍ ନେଇଛି । ତତେ ସୁଖୀ କରିବାକୁ ପ୍ରାଣପଣ ଚେଷ୍ଟା କରିଛି । ଏବେ ବି ହେଳା କରୁନାହିଁ ।

ଆନନ୍ଦ ଅସ୍ଥିର ହୋଇ ଚିହିଙ୍କି ଉଠିଥିଲା । ଦୁଇ ହାତରେ ତା'ର ବିକୃତ ମୁହଁକୁ ଘୋଡ଼ାଇ ସେଇ ଦରବୁଢ଼ା ମଣିଷଟି ସକାଇ ସକାଇ କାନ୍ଦିଲା । କାହିଁକି ସେପରି ହେଲା ହରିମିସ୍ତ୍ରୀ ବୁଝିପାରିଲେ ନାହିଁ । ତାଙ୍କର ବୁଝାଣ ଆନନ୍ଦର ଛାତି ତଳେ କେଉଁ କହି-ନ-ହେଲା ଘାଆର ଖୋଳପା ଉଖାରି ହାକୁହାକୁ ଜଳାଇଲା କି ?

ସେ କ'ଣ ଦେହର ଭୋକ ? ମନର ଶୋଷ ? କଥାରେ ଅଛି, ଜଙ୍ଗଲକୁ ଯାଇ କାଠ ମିଳେ ନାହିଁ, ସମୁଦ୍ରକୁ ଯାଇ ଜଳ ମିଳେ ନାହିଁ, କୁବେର ଘରର କୁଣିଆ ପୁଣି ଉପାସ ରହେ ! ଦଇବ ଯାହାକୁ ବାମ ତା'ର କପାଳ ଏଇଆ । ନିଜକୁ ଆନନ୍ଦ ଫଟା-କପାଳିଆ ସେଇଆ ମଣିଛି ?

ହରିମିସ୍ତ୍ରୀ ପୁଣି ଗୁଣିହେଲେ, ସେଇଆ ହୋଇଥିବ । ପାଚିଲା କଦଳୀ କାନ୍ଧି ଓଉରୁ ଝୁଲୁଛି । ସୁନାବରନ, ମହମହ ବାସ, ଟକଳା ଆଖିକୁ ସବୁ ସୁନ୍ଦର । ନାସନା ନାକକୁ ସବୁ ବାସକ । ଭୋକିଲା ତୁଣ୍ଡକୁ ସବୁ ସୁଆଦ । ଛୋଟା ତେଇଁ ପାରୁନାହିଁ । ହାତକୁ ଅପହଞ୍ଚ ।

ମୁହଁ ମୁଲାଇଜା ପାଟିରେ ଦେଇଛି କୋଲପ । ଏପାଖେ ସୁଆଗୀ, ସେପାଖେ ଚନ୍ଦନ । ମଝିରେ ବାର ଯୋଜନ ! ସେଇଥି ପାଇଁ ସେ ଝୁରି ହେଉଛି । ମନ ପଛାଇ ଯାଉଛି, ବାର-ବରଷିଆ ନିଘଞ୍ଚ କଣ୍ଟାବାଡ଼ ଡେଇଁ ସେପାଖର ଛଅବର୍ଷର ସବୁଥିଲା ଉଷତ ବେଳକୁ । ସୁଖ ଓ ସୌଭାଗ୍ୟର ଆଶାୟୀ ଜୀବନକୁ—ସେବତୀ, ସୁହାଗୀ, ବାପା, ବୋଉ—

ଦେହ ଓ ମନ ଅବଶ । ହରି ମିସ୍ତ୍ରୀ ହାତ ମାରୁଥିଲେ । ଚିତ୍କରୁ ଥିଲେ, -ଆଉ ଆଲୋଚନା ଲୋଡ଼ା ହେବ ନାହିଁ । ଜଣକ ମନରେ କି ବିଷ୍ୱର ଅଛି ତା'ର ତୁଣ୍ଡର ବଚନ ଶୁଣି, ଢଙ୍ଗଢାଙ୍ଗ ଦେଖି, ଭାବ ଅନୁମାନି ଠଉର କରିବା କାଠିକର ପାଠ । ଅନ୍ଦାଜିବା ତ ଅନ୍ଧାରରେ ଆଖି ବୁଜି ବାଡ଼ି ବୁଲାଇବା ସଙ୍ଗେ ସମସରି । ମଣିଷ ପାଞ୍ଚ କଥା କହେ, ଆରକ ଶୁଣେ । ଘେନିବା ନ ଘେନିବା ତା'ର ମନ, ତା'ର ବିଷ୍ୱର ।

କହିଲେ, ଆରେ ଆନନ୍ଦ, ସବୁକଥା କହେଉଛୁ କାହିଁକି ? ତୋ' ଆତ୍ମାକୁ ଜାଣି ଜାଣି କଷ୍ଟ ଦେଏନା । ଘଟିଗଲା ଘଟଣା ବହିଗଲା ପାଣି ସଙ୍ଗେ ସମାନ । ଝୁରିଲେ ଘୁରି ହେଉଥିବୁ । ଫେରି ପାଇବୁ ନାହିଁ । ଛୁଟିଲା କାଣ୍ଡ ସେ, ଅଣ ବାହୁଡ଼ା ! ଠାକୁରେ ଦୟା କରି ତୋ' ପାଇଁ ଯେଉଁ ସଂସାରଟି ଗଢ଼ି ଦେଇଛନ୍ତି, ବିଗତକୁ ଭୁଲି ସେଇଆକୁ ତୁ ଆପଣାର କରି ନେ । ମୋ ସାନ କୁହା ମାନ । ହସଖୁସିରେ ତୋ' ବେଳ କାଳ ବିତିଯିବ ।

ମୁଁ ତ ଗଜ ମୂରୁଖ । ଶୁଣି ଶୁଣି, ଯେଉଁ ବଚନ ମୋ ମନରେ ଲେଖି ରହିଛି ସେତକ ମୋ' ଚଳଣକୁ ବଳ ଯୋଗାଉଛି । ଠାକୁରେ କୁଆଡ଼େ ମଣିଷକୁ କହିଛନ୍ତି— କରି କରାଉଥାଏ ମୁହିଁ, ମୋ' ବିନୁ ଅନ୍ୟ ଗତି ନାହିଁ । ମୋ'ର ଦୋଷ ନାହିଁ । ତୋ'ର ଦୋଷ ନାହିଁ । ତେବେ ମନରେ ଲଗାମ ଲଗାଇ ଅବାଟରେ ନ ଚାଲି ବାଟରେ ଚାଲିବା ଆମର କାମ ।

ହରି ମିସ୍ତ୍ରୀଙ୍କୁ ଅବାକ୍ କରି ଆନନ୍ଦ କାନ ମୋଡ଼ି ଦେଲା । ମୁଣ୍ଡ ନୁଆଁଇ ଓଳଗି ହେଲା । ଦୀର୍ଘଶ୍ୱାସ ଛାଡ଼ି କହିଲା, ତମେ ମୋ'ର ଗୁରୁ । ତମରି କଥା ମୁଁ ମାନିବି । ଦୁଲାଳୀକୁ ମନରୁ କ୍ଷଣକ ପାଇଁ ତଡ଼ି ଆଉ କାହାକୁ ସେଠି ଥାନ ଦେଇ ମୁଁ ଠାକୁରଙ୍କ ପାଖେ ଦ୍ରୋହ କରିଛି ।

-ଏବେ ତୁ ଠିକ୍ ବୁଝିଛୁ । ଦୁଲାଳୀ ନିଶ୍ଚେ ତତେ ଚାହିଁ ବସିଥିବ । ଡେରି ହେଲାଣି । ତୁ ଯା । ବେଶୀ ଡେରି କଲେ ପିଲା ଦୁଇଟାଙ୍କୁ ଛାଡ଼ି ସେ ତତେ ଖୋଜିବାକୁ ବାହାରି ଆସିବ ।

-ସତେ ହରି ଭାଇ ! ସେମିତି ସେ କରେ । ମତେ ବି ସେ ତା'ର ଗୋଟାଏ ବାଳୁତ ପିଲା ପରି ମଣିଛି । ଯେମିତି କେଉଁଠି ହଜିଯିବି । ରାଗିବାକୁ ମନକରେ, ହେଲେ ତା' ମୁହଁକୁ ଚାହିଁଲେ ରାଗିପାରେ ନାହିଁ ।

-ତା' ଆଖିରେ ମୋହିନୀ-ଶକତି ଅଛି ରେ । ତା' ବହଳ ଓଠରେ ହସିଲା ହସିଲା କିମିଆଁ ଅଛି । କେହି ତା' ଉପରେ ରାଗି ପାରନ୍ତିନି ।

ସବୁ ଦୁଃଖ, ସବୁ ଦୁଶ୍ଚିନ୍ତା ମନରୁ ଝାଡ଼ି, ନିର୍ମଳ କରି ଆନନ୍ଦ ଖୁସି ହୋଇ କହିଲା, ତମେ ସତ କହିଲ । ଦୁଲାଳୀର ସ୍ନେହ, ଶରଧା, ଉଦ୍‌ବେଗ, ବ୍ୟାକୁଳତାର ସୁଆଦ ମୁଁ ଚାଖିଛି । ଅସରନ୍ତି । କେବେ ଅରୁଚି ଆସେ ନାହିଁ । ଯାହା ତା ପାଖରୁ କେବେ ପାଇ ନାହିଁ, ଚାଖି ନାହିଁ, ଗେରସ୍ତ ବୋଲାଇ ମାଗିବାକୁ କେବେ ଭରସି ନାହିଁ,—କେମିତି ନିର୍ଲଜିଆ କଥା ତମ ଆଗରେ କହି ପାରିବି ? ତମେତ ମୋ ବାପ ସମାନ, ମୋ ଗୁରୁ ପରିକା—

-କହିବାକୁ ବାକି ରଖିନୁ ତ ! ମୁଁ ବୁଝୁଛି । ଆମେ ମଣିଷେ ଦି'ଗୋଡ଼ିଆ ପଶୁ ନୁହୁ ଆଉ କ'ଣ କି ? ଦେହ ଯେତେବେଳେ ଯାହା ଲୋଡ଼େ ପଶୁର ମନ ତା ଦେହକୁ ସିଆଡ଼କୁ ଟାଣେ । ତା' ମନର ଭଲମନ୍ଦ ହିତ-ଅହିତ ଆଗ-ପଛ ବିଚାରିବାର ବିବେକ ନଥାଏ । ସଂସାରରେ ସମାଜ ଗଢି, ଘର, ସଂପଦ, କୁଟୁମ୍ବ ସରଜି ମଣିଷର ସେ ବିବେକପଣିଆ ଥାଏ । ମନର ପଛେ ପଛେ ଚାଲିଥାଏ ସେ ଆନନ୍ଦ ! ପ୍ରତି ମୂହୂର୍ତ୍ତରେ ସାର ଅସାର ବତାଇ ଦେଉଥାଏ ।

-ସେଇଆ । ଦୁଲ୍ଲାଳୀର ଆଖିର ଶୀତଳ ମୋହିନୀ ଆଲୁଅ, ଓଠରେ—କେମିତି କହିବି ହସ ହରିଭାଇ, ସେ ତ ହସେ ନାହିଁ, କହିବି କି, ତା' ଓଠରେ ବିଶ୍ୱାସ ଆଉ ଉଷତର କଅଁଳ ଉନ୍‌ମେଷ, ମୋ' ମନ ମାଗିଲା ଚିଜ ମତେ ଦେଇଦିଏ । କ୍ଷଣେ ବି ଉଚ୍ଛୁର କରେନାହିଁ ।

-ହଇରେ କେମିତି ?

-ସେ ତୁଣ୍ଡ ଖୋଲେନାହିଁ । ମୋ ଉପରୁ ତା ଚାହାଣୀ ଧୀରେ ଧୀରେ ବୁଲିଯାଏ ଶେ ଇଲା ସୋହାଗୀର କଇଁଫୁଲ ପରି ସୁନ୍ଦରିଆ ମୁହଁ ଉପରକୁ । ସେଇ କଅଁଳ ନିରୀହ ଟିକି ପିଲାଟିର ମୁହଁକୁ ଦେହକୁ ସେ ତାର ସ୍ନେହ ଜରଜର ମହୁଆ ଚାହାଣ'ରେ ସତେକି ଆଉଁସି ଦିଏ । ମୋ ମନ ଭିତରେ ଗୋପନରେ ସେ ତୁନୀତୁନୀ କହିଦିଏ ହରିଭାଇ, ହଁ ସେ ବୁଝାଇ କହେ, ଏ ଦରବର ମମତାକୁ ଯିଏ ଚାଖିଛି, ଏ ଲହୁଣି-ପିତୁଳାକୁ ଯିଏ କୋଳରେ ଧରିଛି, ଛାତିରେ ଜାକିଛି, ମୁହଁରେ ସବୁ-ଦୁଃଖ-ପାସୋରା ଗେଲ କରିଛି, ମନରେ ଦେହରେ ଥକା-ଦକାହରା ଉଲୁସା ମାଖିଛି, ସେ କାହିଁକି ଆଉ କଅଣକୁ ମନ କରିବ ? ହରିଭାଇ ମ, ଶୋଇଲା ପିଲାର ଦେହଟିକୁ ଆହ୍ଲାଦରେ ଆଉଁସି ଦିଏ ତ, ତା' ମୁହଁରେ ସହସ୍ର ବୋକ ଦେବାକୁ ମନ ଉଛନ୍ନ ହୁଏ ଯେ, କିନ୍ତୁ ସେମାନଙ୍କର ମନା ମନେ ପଡ଼ିଯାଏ ।

-ସେବତୀର ? ଦୁଲ୍ଲାଳୀର ?

-ହଁ, ଶୋଇଲା ପିଲାକୁ ଗେଲ କରିବାକୁ ଏକା ସେ ଦିହେଁ କାହିଁକି, ସବୁ ମାଇପେ ମନା କରନ୍ତି । ଅଶୁଭ ।

-ଠିକ୍, ସେମାନେ ହଠାତ୍ ଚମକି ଉଠନ୍ତି । ବଡ଼ ପ୍ରମାଦ ରେ ଆନନ୍ଦ ! ମୁଁ ବି ତତେ ସେଇ ଉପଦେଶ ଦେଉଛି । ତତେ କହି ଦେଉଛି, ଜୀବନରେ ଯଦି ଶାନ୍ତି ପାଇବାକୁ ତୋର ଆଗ୍ରହ ବଳିଛି ଯେଉଁ ସଂସାର ତୋ ପାଇଁ ଠାକୁରେ ଗଢି ଦେଇଛନ୍ତି, ତାକୁ ତୁ ଆପଣାର କରି ନେ । ନିଜକୁ ସେ ସଂସାର ଭିତରେ ହଜାଇ ଦେ । ପଛକୁ ଅନା ନା, ହନ୍ତସନ୍ତ ହୋଇ ନିଜେ କଲବଲ ହ ନା । ସମସ୍ତେ ଦୁଃଖ ପାଇବେ ରେ । ତୋ' ମନରେ ତୋଫାନ ବହିଲେ ତୋ' ସଂସାର, କହିଲେ କେହ ଦୁଲ୍ଲାଳୀର ସଂସାର, ଟଳମଳ ହେବ । ଭୁଷୁଡ଼ି ପଡ଼ିବ । ଛିନିଛତ୍ର ହୋଇ କିଏ କେଉଁଠି ଉଡ଼ି ପଡ଼ିବ । ସମସ୍ତେ ନାଶଯିବ । କେହି ବର୍ତ୍ତିବ ନାହିଁ । ଏଇଆ କ'ଣ ତୁ ଚାହୁଁଛୁ ?

ଆନନ୍ଦ ଅସ୍ଥିର ହୋଇ ଉଠି ଠିଆ ହେଲା । କହିଲା, ତମର ଶରଣ ପଶୁଛି ହରିଭାଇ, ଆଉ କହନା । ପାଠ ଅଳ୍ପ ପଢି ବି ମୁଁ ମୂର୍ଖ । ଗଜମୂର୍ଖ । ପାଠର ପାଖ

ନ ପଶି ତମେ ଜ୍ଞାନୀ-ପୁରୁଷାତ୍ମାର କଥା କହ । ତମ ଉପଦେଶ ଲଙ୍ଘିଲେ ମୁଁ ଗୁରୁଦ୍ରୋହୀ ହେବି ।

ହରିମିସ୍ତ୍ରୀ ଆନନ୍ଦର କଥା ଶୁଣି ହସ ହସ ହେଲେ ।

ଆନନ୍ଦ କାମିକା କାଠ-ମିସ୍ତ୍ରୀ । ନିର୍ଭୁଲ କର୍ମୀ । ନିଜର ଦାୟିତ୍ୱ ଭଲ ବୁଝେ । ତା କାମ ଭଲ ତ ସେ ଭଲ । ଅନ୍ୟ ବିଷୟରେ ମୁଣ୍ଡ ଖେଳାଏ ନାହିଁ । ପର କଥାରେ ତୁଣ୍ଡ ଖୋଲେନାହିଁ । କାମ ସମ୍ବନ୍ଧରେ କେହି କିଛି ପଚାରିଲେ ସେ ଠିକେ ଠିକେ ଜବାବ ଦିଏ । ନିଜ ଘର କଥା, ପର ଘର କଥା ଚର୍ଚ୍ଚା କରିବାକୁ ସେ ଭଲ ପାଏ ନାହିଁ ।

ଆନନ୍ଦର ଏସବୁ ଭଲଗୁଣ ଲୋକଙ୍କ ମୁହଁରୁ ହରିମିସ୍ତ୍ରୀ ଶୁଣନ୍ତି । କେବେ ଆନନ୍ଦ ସଙ୍ଗେ ଦେଖା ହେଲେ, ତା' ମୁହଁ ଉପରେ ତାକୁ ସାବାସି ଦିଅନ୍ତି ।

ଆନନ୍ଦ ବିନୟ ଭାବ ଦେଖାଇ କହେ, ମୋ ସଂସାର କଥା ବିଚାରିବାକୁ, ଅଭାବ ଅସୁବିଧା ତୁଲାଇବାକୁ ମୋ'ର ତର ନ ଥାଏ ହରିଭାଇ । ଅନ୍ୟମାନଙ୍କ କଥା ଭାବିବାକୁ, ତୁଣ୍ଡ ଖୋଲି ଏଣୁ ତେଣୁ ଗପିବାକୁ କାହୁଁ ମୁଁ ବେଳ ପାଇବି ?

ତମେ ତିନି ଘଣ୍ଟାରେ ଯେଉଁ କାମ କର, ସେତକ କରିବାକୁ ମତେ ନିଶ୍ଚୟ ପାଞ୍ଚ ଘଣ୍ଟା ଲାଗେ । କାମ କରୁ କରୁ ଅଣ୍ଟା ହାଡ ଭିତରେ ଚିଣ୍‌କି ଉଠେ । କେବେ ବେଶିରେ ହାଡ ଭିତରେ ବିଜୁଳି ସକ୍ ଲାଗିଲା ପରି ହୁଏ । କ୍ଷଣକେ ତ୍ରିପୁର ଅନ୍ଧାର ଦିଶେ । ହାତ ଗୋଡ଼ରୁ ଜୀବନ ଛାଡ଼ିଲା ପରି ଲାଗେ । କାମ ଛାଡ଼ି ଘଣ୍ଟାଏ ତୁନୀ ହୋଇ ବସେ ।

-ହୁଁ । ହୋମିଓପାଥି ଔଷଧ ଖାଉନୁ ?

-କେତେ ଖାଇବି ? ଚିନ୍ତାମଣି ଡାକ୍ତରଙ୍କଠାରୁ ଔଷଧ ଆଣି କେତେଥର ଖାଇଛି । ମୋ ରୋଗର ସବୁ ଘଟଣା ତାଙ୍କୁ କହିଛି । ସେ ଆଶ୍ୱାସନା ଦିଅନ୍ତି ଯେ ଭଲ ହୋଇଯିବ । ଅସାଧ୍ୟ ରୋଗ । ସମୟ ଲାଗିବ । ପରିଶ୍ରମ ନ କରି ବିଶ୍ରାମ ନେବାକୁ ଉପଦେଶ ଦିଅନ୍ତି । ଏହା କି ସମ୍ଭବ ?

-ଦୁଲାଳୀ କ'ଣ କହେ ?

-କହେ, ଘରେ ବସି ବଟାଳି ଠୁକ୍ ଠୁକ୍ କରୁଥା । ଯେତିକି ପାରୁଛୁ ସେତିକି । ତୁ ଘର ସମ୍ଭାଳିଲେ, ପିଲାଙ୍କର ଯତ୍ନ ନେଲେ, ମୁଁ ବାହାର କାମ କରିବି । ଯିଏ ଡାକିଲେ ମୁଁ ଡାକ୍ତରଖାନା ଯିବି । ପୋଖତୀଙ୍କୁ ରାତିରେ ଜଗିବି । ତାଙ୍କର ହେପାଜତ୍ କରିବି । ମନ ଖୁସିରେ ସେମାନେ ଭଲ ଦିଅନ୍ତି ।

ଆଉ କ'ଣ ଦୁଲାଳୀ କହେ ଜାଣ ହରିଭାଇ ?

କ'ଣ ?

-କହେ, ସେଇ ଚିକିଚିକି ଛୁଆଙ୍କର କଅଁଳିଆ ମୁହଁଟିମାନ, ଭିକିଭିକି ତରଇଙ୍କ ପରି ଆଖି ଦୁଇଟି, ନାକ, ନାଲିଆ ଓଠ ଦେଖିଲେ ତା' ପ୍ରାଣ ପୂରି ଉଠେ । ମନେ ହୁଏ ଯେମିତି ସେଗୁଡ଼ିକ ତା' ପେଟରୁ ଜନମ ।

-ମୁଁ ଜାଣେ, ଦୁଲାଳୀ ପିଲା-ରଙ୍କୁଣୀ । ଶୁଣିଛି, ସଦ୍ୟ-ଜନମ କେଉଁ କେଉଁ ଅଲୋଡ଼ା ପିଲାଙ୍କର ତଣ୍ଟି ଚିପି ମାରିଦେଇ ନିର୍ମଳ ହୋଇ ବସିବାକୁ ଚାହୁଁଥିବା-ମାନଙ୍କ ପାଖରେ ସେ ହାତପାତି ପିଲାଙ୍କୁ ମାଗେ । ଶିଶୁର ଜୀବନ ସେ ଭିକ୍ଷା କରେ । କି ଏ ନ ଦେବ ଯେ ?

-ସତେ ହରିଭାଇ ? ଦୁଲାଳୀ ଭାରୀ କପଟୀ । ମତେ କେବେ କହିନାହିଁ । କ'ଣ କରେ ସେ ଶିଶୁଙ୍କୁ ? ଅବିଧିରେ ଜନମ । ସେଗୁଡିକୁ ନାଶ କରିବାକୁ ସେ ନିଏ ? ସେଥିପାଇଁ ପ୍ରଚୁର ଧନ ପାଏ, । ଛି ଛି, ? ଯିଏ ସେ ଧନ ଭୋଗ କରିବ, ତାର ନରକରେ ବାସ ।

-ହଇରେ ଓଲୁ, ଏସବୁ ଅତି ଗୋପ୍ୟ ଘଟଣା କିଏ କାହା ଆଗରେ ପ୍ରକାଶ କରେ ? ଗେରସ୍ତ ନ ହେଲା କାହିଁକି ? ତୁଣ୍ଡ ଖୋଲିଲେ ପ୍ରଘଟ ହେବାର ଭୟ । ପ୍ରଘଟ ହେଲେ, ଛି, ସେ କି ନିନ୍ଦା ! କେତେ ଜଟିଳ ସମସ୍ୟା ଚାରିଆଡେ ଫଣା ଟେକି ଚୋଟ ମାରିବାକୁ ଫଁ-ଫଁ ହୋଇ ଗୋଡ଼ାଇବେ ।

ପିଲାଗୁଡିକୁ ନେଇ ସେ କେଉଁମାନଙ୍କୁ ବିକି ଦେଉଥିବ । ଅନ୍ୟାୟ ଅନୀତି କାମ । ପାପ ଓ ବେ-ଆଇନ କାମ । କେବେ ଧରା ପଡିଲେ ଜେହେଲ ଯିବ । ତମଠାରୁ ଶୁଣି ମୋ ଛାତି ଥରି ଉଠୁଛି । ଘର ଛାଡ଼ି ଲୁଚି ପଳାଇ ଯିବାକୁ ମନ ହେଉଛି ।

-ସେମିତିକା ଅବିବେକି କାମ କରିବୁ ନାହିଁ । ଶୁଣାଶୁଣି କଥା କହିଲି । ନିଜେ ମୁଁ କିଛି ଜାଣେ ନାହିଁ । ତା'କୁ କେବେ ପଚାରି ନାହିଁ । ମୋର କି ଗରଜ ବଳାଇଛି ? ତୁ ବି କେବେ ଭୂଲରେ ତାକୁ ପଚାରିବୁ ନାହିଁ । ସେ ଯେମିତି ବୁଦ୍ଧିଆ ସେମିତି ବିବେକୀ । ଭଲ ମନ୍ଦ ଭାବି ବିଚାରି ସେ କାମ କରେ ।

ଆନନ୍ଦ ଆଉ କିଛି ନ ପଚାରି କ'ଣ ଭାବିବାକୁ ଲାଗିଲା । ତା'ର ମୁହଁରେ ଅକୁହା ବେଦନାର ରେଖା ଫୁଟି ଉଠିଲା । ହରି ଭାବିଲେ ସତେ କଣ ସେ ବିଚାରୁଛି, ଦୁଲାଳୀର ଯତନରେ ଗଢ଼ା ସୁଖର ସଂସାରକୁ ଛି କରି, ଯେଉଁ ପିଲା ଦୁଇଟିକୁ ମନ-ପ୍ରାଣର ଉଲ୍ଲାସରେ ପାଳି ବଢ଼ାଇଛି ସେମାନଙ୍କୁ ମୁରୁଛି, ଗୋଟାଏ ଉତ୍ତେଜନାର କବଳରେ ପଡ଼ି ଆନନ୍ଦ ଚାଲିଯିବ ? ସେଥିପାଇଁ ପରୋକ୍ଷରେ ଦାୟୀ ହେବେ ସେ ନିଜେ ?

ହରିମିସ୍ତ୍ରୀ ପୁଣି ବିଚାରିଲେ, ସୋହାଗୀ ଓ ଚନ୍ଦନ ସେମିତି କାହାର ଅଲୋଡ଼ା ପିଲା ? ଦୁଲାଳୀ ତାକୁ ଯମ ମୁହଁରୁ ଉଦ୍ଧାରି ଆଉ କେଉଁଠି ବଢ଼ାଇ ବାଟ ଦେଖି ପାଖକୁ ଆଣିଛି ?

ଦିନେ ହରି ତାକୁ ଗୁପ୍ତରେ ପଚାରିଥିଲେ ।

ଦୁଲାଳୀ ମନ ଦୁଃଖ କଲା ନାହିଁ । ହସିଲା । କହିଲା, ମୋ'ରି ଝୁଅ ମ ମଉସା ! ଗୋପପୁରରେ ଛାଡ଼ିଥିଲି । ବଢୁଥିଲେ । କ୍ଷୀର ଶାକର ଖାଉ ନଥିଲେ ମ, ମିଳିଲେ ପେଜ-ତୋରଣି, ନ ମିଳିଲେ ପବନ-ପାଣି ।

ପ୍ରାଣ ଧରି ରହିଥିଲେ । ମୁଁ ସର୍ବସହଣୀ ବସୁଧା । ବୁଝ, ମୁଁ ଦେବକୀ । ମୁଁ ଆତୁରୀ । ଛୋଟା କୁଜା ଦରମରା ହୋଇ ତୋଫାନିଆ ବରଷାଗଳା ରାତିରେ ଯିଏ ମୋ' ଘରକୁ ଆସିଲା, ମୋ' ଦୁଃଖକୁ ତା' ଦୁଃଖ କଲା, ସିଏ ମୋ'ର ବସୁଦେବ । ପିଲା ଦିଓଟିଙ୍କୁ ତାକୁ ସମର୍ପି ଦେଇଛି । ସେ ବି ଆତୁରିଆ । ବାପ ମା ଛଡ଼ା ସବୁ ପାଇଛି ସେ ।

-କେମନ୍ତ, ସବୁ ପାଇଛି ? ବିଗତକୁ ଝୁରି ହେଉନାହିଁ ?

-କିଏ ନ ଝୁରେ ? କିଏ ସବୁବେଳେ, କିଏ ବେଳେବେଳେ । ନିକମା ଅଳସୁଆ ଯିଏ, ଘାସକୁ ଛୋଟ ପାଳକୁ ଲମ୍ବ, ସେଇମାନେ ସବୁବେଳେ ଝୁରି ହେଉଥାନ୍ତି । ବୃଥାରେ ନିଜ ଭିତରେ ନିଜେ କଲବଲ ଛଟପଟ ହୁଅନ୍ତି । ଅଲକ୍ଷଣାଏ ବୁଝନ୍ତି ନାହିଁ ଯେ ଘଟିଲା-ଘଟଣା, ତୁଣ୍ଡଖସା ବଚନ ପରିକା ଅଣ-ଆୟତ୍ତ । ଅଣ-ବାହୁଡ଼ା । ଝୁର, ଝୁର, ବଞ୍ଚିଥାଉଣୁ ଶହେଥର ମର । କାହିଁକି ଏ ହରବର ?

-ଆନନ୍ଦକୁ ବୁଝାଇ ଦେଉନୁ ?

-କି ଲାଭ ? ଯେମିତି ସେ ବିଗତକୁ ଭୁଲିବ ତା'ର ପ୍ରତିକାର କରିବାକୁ ମୁଁ ମୋ' ପ୍ରାଣପଣ ଚେଷ୍ଟା କରିଛି । ସବୁବେଳେ କରୁଛି । ହେଲେ କି ଲାଭ ? ସେ ଝୁରୁଛି । ସେ ମଲାଯାଏ ଝୁରି ହେଉଥିବ ।

-ଜାଣିଛୁ ?

-କେମିତି ନ ଜାଣିବି ?

-ସେ କହେ ?

-ନ କହିଲେ ନାହିଁ । ମୁଁ ଜାଣିପାରେ । ନ ଜାଣିଲାର ଢଙ୍ଗ ଦେଖାଏ । କେବେ କିଛି ପଚାରେ ନାହିଁ । ଝିଅ ପୁଅଙ୍କର ମମତାର ଡୋରରେ ସେ ବାନ୍ଧି ହୋଇ ରହିଛି । ମୋ'ର ସ୍ନେହ, ମୋ'ର ସେବାରେ ତା' ମନକୁ ମୁଁ ଛାନ୍ଦି ଦେଇଛି । ଯେତେ ମନାକଲେ ସେ ତା' ପ୍ରାଣପଣ ଖଟୁଛି । ରୋଜଗାର କରୁଛି ।

-ଭଲ ରୋଜଗାର କରେ । ଚିକ୍କଣ କାମ । ଟିକିଏ ଧୀର । କିନ୍ତୁ, ସେ ସେତକ ଜାଣେ ବୋଲି ବେଶୀ ବେଳ ଖଟି କାମ ଭରଣା କରେ । ମାଲିକେ ଖୁସି ହୁଅନ୍ତି । ତାଗିଦ କରନ୍ତି ।

ତା' ଡେରି ପାଇଁ ମୋ' ମନ ଦକଦକ । କେଉଁଠି ତା' ଆନମନ ଅସାବଧାନ ଚଳନ ପାଇଁ କେଉଁ ବିଘଟନ ଘଟିଗଲା କି ? ତା'କୁ ଆଖିରେ ନ ଦେଖିବାଯାଏ ମୋ' ଛାତି ଛନଛନ ହେଉଥାଏ, ମଉସା ।

ଏମିତିକା ସଙ୍କୋଚ ପଣ ଯେ ତା' ମଜୁରୀରୁ ପଇସାଟିଏ ସେ ଖରଚ କରେନାହିଁ । ସବୁ ଆଣି ମୋତେ ଦେଇଦିଏ । ଚା' ପାଣି ପାଇଁ ତହିଁଆରଦିନ ପିଲାଛୁଆଙ୍କ ପରି ପଚିଶ, ତିରିଶ ପଇସା ମତେ ଲାଜେଇ ଲାଜେଇ ମାଗେ । ଦିନେ ଦିନେ ମଜୁରୀ ସଙ୍ଗେ ମିଶାଇ ସେତକ ବି ଫେରାଇ ଦିଏ । ଆଗତୁରା କହେ, ବାବୁଘର ଚା' ପିଆଇଲେ । ତମ ନାଁ ବି କହେ । ପାନ, ବିଡ଼ି, ଅବା ଆଉ କେଉଁ ଅମଳ ନାହିଁ ତ, ସେ ମତେ ସବୁମନ୍ତେ ଜିତିଛି ।

-କେମନ୍ତ ?

-ମିଛ କହିବି ନାହିଁ । ମଦ, ହାଣ୍ଡିଆ, ସଳପ-ରସ, ତାଳ-ଖଜୁରୀ ରସ ପିଲାଟି ଦିନରୁ ଚାଖିଥିଲି । ବାପ, ଦାଦି, ଭାଇ, ଆଉଆଉମାନେ ଗେଲରେ ଦେଉଥିଲେ । ଆମ ପୁଣ୍ୟ-ପର୍ବମାନଙ୍କରେ । ପିଲାର ଜନମ, ନାମଦିଆ, ବାହା-ନିମନ୍ତ, ଶ୍ରାଦ୍ଧ, ସବୁଥିରେ ପିତୃପୁରୁଷଙ୍କ ଆତ୍ମାକୁ, ଠାକୁର-ଠାକୁରାଣୀମାନଙ୍କୁ ପୂଜା କରିବାକୁ ଆଗ ମଦ ଲୋଡ଼ା । ଖାଉଥିଲୁ । ପାଠ ପଢ଼ିଲାବେଳେ ବି । ବଡ଼ ହେଲାରୁ, ମନ ସପନରେ ଧାଇଁଲାରୁ ଜଣେ ଏଣିକା ବାବୁ ବିଲାତୀ-ମଦୁଆ ସଙ୍ଗେ ମଦଭେଳିଆ ହେଲି । ସୁଖ-ଆଶାରେ ଉଡ଼ି ଆସିଥିଲି,— ।

ଛାଡ଼ । ସେଗୁଡ଼ା କହି ଲାଭ ନାହିଁ । ଶୁଣିଲେ ଗପ ମଣିବ । ମୁଁ ଆଜି ଯାହା, ମତେ ସେମିତି ଚିହ୍ନ ! ବଞ୍ଚି ରହିବାକୁ, ସଂସାରଟିଏ ଗଢ଼ି ସୁଖଦୁଃଖରେ ବେଳ ବିତାଇବାକୁ ମୁଁ ଆତୁରିଆ ମାଇପିଟିଏ ।

-ସମସ୍ତେ ଜାଣନ୍ତି ତୁ ମାଇପିଯାକରେ ହୀରା ।

-ସେମିତି କହନା ମଉସା, ମୁଁ ହୀରା ଫିରା କିଛି ନୁହେ । ମୋ' ଭିତରେ ପାପ-ପୁଣ୍ୟ ସବୁ ଘାଣ୍ଟି ଚକଟି ହୋଇଛି । କେବେ ମୁଁ ନରକ ଭୋଗିଛି ତ କେବେ ଆତୁରିଆ ଜୀବନର ସରଗ । ଏଇ ଦେହରେ, ଏଇ ମନରେ ।

ଆନନ୍ଦକୁ ପାଇଲା ଦିନରୁ ଜାଣ ମଉସା, ମୁଁ ସଂସାର ପାଇଛି । ମଦ-ପାଣି ଦୂରର କଥା, ପାନ ଖଣ୍ଡେ ପାଟିରେ ଦେଇନାହିଁ । ଯେଉଁମାନେ ମୋ'ତେ ଭିଣିଭିଣା କରି ଖାଇବାକୁ ଆସିଥିଲେ, ମୋ'ର ହୋଇଥିଲେ, ପୁଣି ମଲେ, ଗଲେ, ହଜିଲେ, ସେମାନେ ମନେ ପଡ଼ନ୍ତି । ସେମାନଙ୍କ ସଙ୍ଗେ ମୋ'ର ସୁଖ-ଦୁଃଖ, ଖୁସି ଆନନ୍ଦ, ଦୁଃଖ-କଦର୍ଥନର ଘଟଣାଗୁଡ଼ା ବି ମନେ ପଡ଼େ । ସେଗୁଡ଼ା ଦୂରରୁ ଦେଖିଲା ସିନିମାଛବି ପରି । ଆଖି ନୁହେ ତ, ମନ ଆଗରେ ଭାସିଯାଏ । ସତେ କି ଆଉ କାହା ଚରିତ, ଦୁଲାଳୀର ନୁହେ ।

-ଏଁ, ଦୁଲାଳୀର ନୁହେ ? ତୁ ବି ବିଗତକୁ ଝୁରି ହେଉଛୁ, ଏକଥା ମୁଁ ବୁଝୁଛି । ତୁ ଓ ଆନନ୍ଦ ଗୋଟିଏ ସଂସାର ଗଢ଼ିଛ ସତ, ନିଜ ନିଜର ସୁବିଧା ପାଇଁ ଗୃହିଣୀ-ଗେରସ୍ତର ଫାରସ୍ କରି ଦେଖାଇ ହେଉଛ । ହେଲେ, ତମେ ଦିହେଁ ବିତିଲା ସଂସାରମାନଙ୍କରେ ବୁଲୁଛ !

ଦୁଲାଳୀର ଆଖିରେ ଲୁହ ଟଳମଳ ହୋଇଥିଲା । ସେ ମୁଣ୍ଡ ହଲାଇଲା । ଟିକିଏ ଦମ୍ ନେଇ ଆପେ ପୁଣି ହସିଲା । କହିଲା, ଯେଉଁ ସଂସାର କେବେ

ଫେରିବ ନାହିଁ, ସେଥିରେ ମନ ଖେଳାଇଲେ କି' ଲାଭ ମିଳିବ ଯେ ଆମେ ଗେରସ୍ତ ଭରିଯାର ଫାରସ ଦେଖାଇବୁ ?

ଦୁଲାଳୀ ଆଖିରୁ ଲୁହ ପୋଛିଲା । ଦୀର୍ଘଶ୍ୱାସ ଛାଡ଼ି କହିଲା, ତମର ପାଦଛୁଇଁ ମୁଁ ଶପଥ କରି କହିବି ମଉସା, ଆମର ସଂସାରକୁ ମୁଁ ମହାର୍ଦ୍ଦ ପରି ପବିତ୍ର ମଣିଛି । ତା'ର ବିକୃତ ଚେହେରା, ଅଖଞ୍ଜିଆ ଅଙ୍ଗ, ମୋ' ଆଖିକୁ ଦିଶେ, ମୋ' ମନକୁ ଦିଶେ ନାହିଁ । ମୋ' ମନକୁ, ମୋ' ଆତ୍ମାକୁ ତା'ର ଦେହ ଭିତରର ନିର୍ମଳ, ସୁନ୍ଦର ରୂପଟି ଖାଲି ଦେଖାଯାଏ ।

-କେମନ୍ତ ?

-ସେଇ ରୂପର ମଣିଷଟି ସ୍ନେହ, ପ୍ରେମ, ଭକ୍ତିରେ ଜରଜର । ତା'ର ଝିଅ ସୋହାଗୀ, ତା'ର ସ୍ତ୍ରୀ ସେବତୀ, ସେବତୀ ପେଟରେ ଥିଲା ଯେଉଁ ପିଲାଟି ଯାହାର ନାଁ ସେ-ଦିହେଁ ଚନ୍ଦନ ଦେବେ ବୋଲି ଆଶା କରିଥିଲେ, ତା'ର ରୋଗଣା ବାପ-ମା ସମସ୍ତେ ତା' ମନରେ ବଞ୍ଚି ରହିଛନ୍ତି । ଅତଯାତ ହେଉଛନ୍ତି ।

-ତୋ' ମନରେ ଈର୍ଷା ହେଉଛି ଦୁଲାଳୀ ? ସେଇଥି ପାଇଁ ତା'କୁ ତୁ ତୋ'ର ନିକଟରେ ପାଇ ମଧ୍ୟ ଯୋଜନ ଦୂରକୁ ଠେଲି ଦେଇଛୁ ? ତା'କୁ ସବୁ ଦେଇ ନିଜକୁ ଦେଇନାହୁଁ ?

ଲାଜରେ ଦୁଲାଳୀ ମୁଣ୍ଡ ନୋଇଲା । କଣେଇଁ ଚାହିଁଲା ।

ହରିମିସ୍ତ୍ରୀ ବୁଝାଇ କହିଲେ, ସଂସାର ବେଭର ଚେତାଇ ଦେବା, ବୁଝାଇ ଦେବା ମୁଁ ଉଚିତ ମଣିଲି । ବୟସରେ ତୋ' ଠାରୁ ମୁଁ ବହୁତ ବଡ଼ । କିନ୍ତୁ, ମୋ' ଅପେକ୍ଷା ମଣିଷର ଅରଣା-ପ୍ରକୃତିର ଢଙ୍ଗ ସମଝିବାରେ ତୋ' ପାଖରେ ମୁଁ ପିଲା ।

ଦୁଲାଳୀର ମୁହଁରେ ବିନ୍ଦୁ ବିନ୍ଦୁ ଝାଳ ଫୁଟି ଉଠିଲା । ପଣତରେ ମୁହଁ ପୋଛିଲା । ମୁହଁ ଗମ୍ଭୀର କରି କ'ଣ ସେ ଭାବୁଥିଲା । ହରିମିସ୍ତ୍ରୀ ଚାହିଁ ରହିଥିଲେ ।

ତାଙ୍କୁ ଚମକାଇ ସେ ମୁଣ୍ଡ ହଲାଇ ମୁହଁ ଖୋଲି ଥକପ ଥଚିଲା ସ୍ୱରରେ କହିଲା, ମଉସା ଗୋ, ତା'ର ସେବତୀ ପରି ମୁଁ ପବିତ୍ର ନୁହେ । ନିର୍ମଳ ନୁହେ । ମୁଁ ତପସ୍ୟା କଲେ ବି ହୋଇ ପାରିବି ନାହିଁ । ତମକୁ କହିବାକୁ ମୋ'ର ଲାଜ-ସରମ ନାହିଁ । ମୋ' ଆଖିରେ ଆନନ୍ଦ ଦେବତା ପରିକା । କହନ୍ତଲା, କାହିଁକି ଶହ-ଅଇଁଠା ଅପବିତ୍ର ଦରବଟାକୁ ବିନା କାରଣରେ ତା' ପରିକା ଠାକୁର ଆଗରେ ଭୋଗ ବାଢ଼ିବି ?

-ସତ ଯେ, ମଣିଷ ଠାକୁର ନୁହେ ଲୋ !

ଦୁଲାଳୀ ତୁନୀ ରହିଲା ।

ହରିମିସ୍ତ୍ରୀ ଭାବିଲେ, ସେ କେଜାଣି ବିଗ୍ଭରୁଥିଲା କି ଗେରସ୍ତ ଭାରିଯାଙ୍କ ଚଳନର ଗହନ ମରମ କଥା ତାଙ୍କ ଗୋଚରକୁ ଆସିଲା କେମିତି ? କାହିଁକି ? ଆନନ୍ଦ ନିଷ୍ଟେ କ'ଣ ଗପିଛି ?

ହରି ଅନୁତାପ କରିଥିଲେ । ଆପଣାକୁ ଆପେ ଆକଟି ନିଜର ଉପରେପଡ଼ା ମୁଣ୍ଡବିପଣିଆକୁ ମନେ ମନେ ଝିଙ୍ଗାସିଲେ । ଛି, ଏସବୁ ବେଖିର ଚର୍ଚ୍ଚା କରିବାକୁ ସେ କିଏ ?

ସେ ନିରସ୍ତ ହେଲେ । ଆଲୋଚନାର ଗୁରୁତ୍ୱକୁ ହାଲୁକା କରି ଫୁଙ୍କି ଉଡ଼ାଇ ଦେବାକୁ ପିଲା ଦିଓଟିଙ୍କର ଖବର ପଗ୍ଭରି ବୁଝିଲେ । ପୁଣି କହିଲେ, ନୂଆ-କାମ ଖଣ୍ଡେ ଜୁଟୁଛି ଲୋ ! ମୋ' ପାଖକୁ ଖବର ଆସିଥିଲା । ହାତରେ ବରାଦି ପାଇଟି ଅଛି । ଗ୍ଭରି ଛଅ ଦିନରେ ସରିବ । ଯେଉଁ ଦ ବୁଙ୍କ ଘରେ ଆନନ୍ଦ ପାଇଁ କାମ ଯୋଗାଡ଼ କରି ଦେଇଥିଲି, ସେଠି ତା'ର ଆଉ କେତେ ଦିନ ଲାଗିବ ?

ଦୁଲାଳୀ କହିଲା, ମୋଟେ ଦୁଇ ଦିନର କାମ ଅଛି ।

-ସେଟା କାମ ସାରି ଘରେ ବେକାରିଆ ବସିବା ଉଚିତ ନୁହେଁ । ମୋ' ସଙ୍ଗେ ମିଶି କାମ କଲେ ହାତର ପାଇଟି ତିନି ଗ୍ଭରି ଦିନରେ ସରିଯିବ । ତା'ପରେ ଚିନ୍ତାମଣି ଡାକ୍ତରଙ୍କୁ ମୁଁ ଜବାବ ଦେବି । ସେ ମୋ' ପାଖକୁ ନରୁ ରାଜମିସ୍ତ୍ରୀ ହାତରେ ଖବର ପଠାଇ ଥିଲେ । ହଁ, ନା କହି ନାହିଁ ।

ଦୁଲାଳୀ ଡାକରା ପାଇ କେଉଁ ବାବୁଙ୍କ ଘରକୁ ଯାଇଥିଲା, ସେଇଠାରୁ ସେ ଫେରୁଥିଲା । ଏବେ ଆଲୋଚନା ପରେ ସେ ହରିଙ୍କୁ ତାହା ଜଣାଇଲା । କହିଲା, ବୁଢ଼ାବାବୁ ପେନ୍‌ସନ୍ ନେଲା ପରେ ମନୋହରୀ ଦୋକାନ ଖୋଲିଛନ୍ତି । ହରେକ୍ ମାଲ ରଖି ଅଳପ ଲାଭରେ ବିକି ଭଲ ରୋଜଗାର କରୁଛନ୍ତି । ଦି ପୁଅରେ ସୁନାନାକୀ ଝିଅ । ସଙ୍କୋଚପଣିଆ ରଖି, ବାଜେ ଖରଚ ବାତିଲ କରି, ସେ ଭଲରେ ଚଳୁଛନ୍ତି ।

-କିଏ ଲୋ ସେ ବାବୁ ? ତାଙ୍କ ନାଁ କ'ଣ ? କେଉଁଠି ସେ ଘର କରିଛନ୍ତି ? ନିଜ ଢୋଲ ନିଜେ ପିଟି ବଡ଼ପଣ ପ୍ରଗ୍ଭର କରୁଛନ୍ତି ?

-ସେଥିରୁ ମତେ କି' ମିଳିବ ? ତାଙ୍କ ନିଜର ଘର ନାହିଁ । ଭଡ଼ା ଘରେ ଅଛନ୍ତି । ବୁଢ଼ୀଙ୍କୁ ଦେଖିଲେ କିଏ କହିବ ସେ ଗ୍ଭଳିଶି ଟପିଥିବେ ? ଝିଅ ବାହାଘର କରି ସାରିଲେଣି । କହୁଥିଲେ, ତା'ର ଦୁଇଟି ପିଲା । ବଡ଼ଟିକୁ ଛ' ପୂରିଲାଣି । ସେ ଜୋଇଁ ପାଖରେ ଅଛି । କେଉଁ ଦୂର ବିଦେଶରେ । ତା' ଉପର ଭାଇ ପାଠ ସାରି କେତେ ବର୍ଷ ହେଲା ଗ୍ଭକିରି ଖୋଜୁଛି । ତା'କୁ ଗ୍ଭକିରି ମିଳୁ ନାହିଁ । ଏବେ ସେ ବୁଢ଼ାଙ୍କୁ ତାଙ୍କ ଦୋକାନ କାରବାରରେ ସାହାଯ୍ୟ କରୁଛି । ତା' ମନ ବେପାର ଆଡ଼କୁ ମୋହିଲାଣି ।

-କାହିଁକି ଡକାଇଥିଲେ କହିଲୁ ନାହିଁ ତ ?

-ଭୁଲିଗଲି । ତାଙ୍କ ବଡ଼ବୋହୂର ପିଲାପିଲି ହେବ । ବେଳ ହୋଇ ଆସିଲାଣି । ପହିଲି ପୋଖତୀ । ପୁଅ କେଉଁ କୋମ୍ପାନୀରେ କାମ କରେ । ଆଉ

କେଉଁଠି ରହେ । ବୋହୂକୁ ଅଣି ଛାଡ଼ିଦେଇ ଯାଇଛି । ସୁନ୍ଦରିଆ ଝିଅ । ମୋଟାଳିଆ ଗଣ୍ଡି । ପାଦ ଦିଓଟି ବେଙ୍ଗ ପରିକା ଫୁଲିଛି—

-ବୁଝିଲି । ଡାକ୍ତରଖାନାରେ ପୋଖତୀ ହେଲାପରେ ସେହି ବୋହୂକୁ ଜଗି ରାତିରେ ତା' ପାଖରେ ରହିବାକୁ କହିଥିବେ । ତୁ ତୋ' ଘର ଛାଡ଼ି ପରା ଏବେ ଆଉ ଯାଉନୁ ? ମନା କରି ଦେଲୁ ?

-କେମିତି ମନା କରନ୍ତି ? ବୋହୁଟିର ମୁହଁକୁ ଦେଖି ବିକଳ ଲାଗିଲା । ମୁଁ କ'ଣ କରି ପାରିବି ? ଛାର ଧାଇଟା । ରାତି ଅନିଦ୍ରା ହୋଇ ଖାଲି ଜଗିବା କଥା । ଜବାବ ଦେଇନାହିଁ । ଆନନ୍ଦକୁ ପଚାରିବି । ସେ ହଁ କଲେ ତା'ଙ୍କୁ ଖବର ଦେବି । ଦିନ ସାରା ଖଟଣି ପରେ ପିଲା ଦୁଇଟିଙ୍କୁ ଜଗି ରହିଲେ ତା ଦେହ ବିଗିଡ଼େ ।

-ରାତିରେ ଜଗି ରହିବ କାହିଁକି ? ତୋ' ପିଲାଏ ଟିକିଏ ବଡ଼ ହୋଇ ଗଲେଣି ।

-ସୋହାଗୀ ପାଇଁ ମୋ'ର ଚିନ୍ତା ନାହିଁ । ତେବେ, ସେ ବେଳେବେଳେ ବିଳିବିଳେଇ ଉଠେ । ନିଦ ବାଉଳାରେ କଇଁ କଇଁ କାନ୍ଦେ । କି' ସପନ ଦେଖେ କେଜାଣି ? ଆନନ୍ଦର ନିଦ ଭାଙ୍ଗେ ନାହିଁ । ହାଲିଆ ହୋଇ ଶୋଇ ପଡ଼ିଥାଏ । ଘୁଙ୍ଗୁଡ଼ି ମାରୁଥାଏ । ମୋ' ନିଦ ଭାଙ୍ଗେ । ଚନ୍ଦନକୁ ଛାଡି ମୁଁ ସୋହାଗୀ ପାଖକୁ ଯାଏ । ତା' ପିଠି ଆଉଁସିଦିଏ । ଡ଼ାକି ଉଠାଏ । ତଥାପି ଆନନ୍ଦର ନିଦ ଭାଙ୍ଗେ ନାହିଁ । ଚନ୍ଦନ କଥା କ'ଣ କହିବି ? ସେ ଖାଲି ଛଟପଟ ହେଉଥାଏ । ତାକୁ କୋଳକୁ ନ ଟାଣିଲେ ସେ ଖଟରୁ ତଳକୁ ଗଡି ପଡିବ । ମୋ'ର ଏଇ ଦକ ।

ହରିମିସ୍ତ୍ରୀ ମୁଣ୍ଡ ଟୁଙ୍ଗାରି କହିଲେ, ତୋ' ଅସୁବିଧା ମୁଁ ଏବେ ବୁଝି ପାରୁଛି । ମନା କରି ଦେଇ ଆସିଥାନ୍ତୁ । ତୋ' ସଂସାର ତତେ ବଳାଇଛି । ସେ ବାବୁ ତାଙ୍କର ଅନ୍ୟ ବ୍ୟବସ୍ଥା କରି ଥାଆନ୍ତେ । ଧନ ଦେବାକୁ କୁନ୍ତ୍ କୁନ୍ତ୍ ନ ହେଲେ ପୋଖତୀକୁ ଜଗି ଶୋଇବାକୁ, ତା'ର ସେବା କରିବାକୁ ଧାଇର ଅଭାବ ହେବେ ନାହି ।

ଦୁଲାଳୀ ମୁଣ୍ଡ ନୋଇଁ, ହାତ ଯୋଡ଼ି ନମସ୍କାର କରିଥିଲା । ଧୀରେ ଧୀରେ ସେ ଚାଲି ଯାଇଥିଲା ।

ହରିମିସ୍ତ୍ରୀ ନିରେଳାରେ ବସି ଭାବୁଥିଲେ—

କାହିଁକି ତା'ର ଯୋ'ଡିଲା ସଂସାର ଆଡକୁ ସେ ଟାଣିହୋଇ ଯାଉଛନ୍ତି ? ଦୟା ? ସହାନୁଭୂତି ? କୁତୁହଳ ? ନିଜେ ଦୁଲାଳୀ କି ? ତାଆରି ଆଡ଼କୁ ତାଙ୍କର ଦୁର୍ବଳ-ବେଳର ଅସନା-ଆଗ୍ରହ ବିବେକର ଅମାନିଆ ହୋଇ ଡରିଡରି ଟଳିଟଳି ଆଗେଇ·ଯାଉଛି ? ଲିଭିଲିଭି ଆସିଥିବା ଗୋଟିଏ ସୁମରଣର ମୁହଁମୁହିଁ ହୋଇ ଚମକି ଉଠୁଛନ୍ତି ?

ନିଜକୁ ସେ ଧିକ୍‌କାରି କହନ୍ତି—ପର ଘରର ବେପାର ପାଖରୁ ଦୂରେଇ ରହିଲେ ଅନର୍ଥକ ଉତ୍ତେଜନାରୁ ରକ୍ଷା ମିଳେ । ବୁଦ୍ଧି ବତାଇବାକୁ, ମସୁଧା ଦେବାକୁ ସେମାନଙ୍କୁ ଜାଣିଲା-ଶୁଣିଲା ବୁଦ୍ଧିଆ ଲୋକ ଅନେକ ମିଳିବେ । କାହିଁକି ଉପରେ ପଡ଼ି ସେ ସେଥିରେ ମୁଣ୍ଡ ଗଳାଇବେ ?

ଯେତିକି ହେଲା ସେତିକି ।

ସେ ଆପଣା ଛାଆଁକୁ କାନ ମୋଡ଼ି ଦେଲେ ।

ସେମିତି ସେ ନିଜକୁ ଶାସନ କରିଥାଆନ୍ତି । କଦବା କେବେ କିଏ ଦେଖିଲାକି, କ'ଣ ଭାବିବ, ସେ କଥା ସେ ଭାବନ୍ତି ନାହିଁ । କିଏ ଠୋ ଠୋ ହସି ପଚାରିଲେ, କିହୋ ହରି, କ'ଣ ହେଲାକି, ସେ ମୁଡ଼ୁକେଇ ହସି ମୁଣ୍ଡ ଟୁଙ୍ଗାରନ୍ତି । ଜବାବ ଦିଅନ୍ତି, ଭୁଲ ହୋଇଗଲା ।

-ତୁନୀ ହୋଇ ବସିଥିଲ, କି ଭୁଲ୍ କଲ ?

-ତମ ଆଖିକୁ ଦିଶିବ ନାହିଁ । ମୋ ଭୁଲଟା ମୋ' ଭିତରେ । ମୋ ବିନା ଅନ୍ୟକୁ ଅଦୃଶ୍ୟ ।

ତମ ପରିକା ପୋଖତ ଲୋକର ପୁଣି ଭୁଲ ?

-ଭୁଲ୍ ସଭିଙ୍କର ହୁଏ ରେ ବାଇଆ ! ଥରେ ନୁହେ ସହସ୍ର ଥର । ଏ ମନ କ'ଣ ଶାସନ ମାନେ ? ତାକୁ ଲଗାମ ଦେଇ ଚଳାଇଲେ ରକ୍ଷା । ହୁଗାଳିଲେ ଧାଇଁଲା । ଦଶଚକିଆ ରଥଟାକୁ ନେଇ କେଉଁ ଅପନ୍ତରାରେ, କେଉଁ ପଙ୍କରେ ପକାଇବ । ତମ ଫୁଲାପଣ, ତମ ବାହାଦୁରୀ ଦି'କଡ଼ା କରିବ ।

ଦୁଇଟି ହପ୍ତା ବିତିଗଲା ।

ଦିନେ ମାଇସଞ୍ଜ ବେଳେ ଦୁଲାଳୀ ହରିମିସ୍ତ୍ରୀଙ୍କର କାରଖାନାରେ ପହଞ୍ଚିଲା । ବରଦୀ କାମ ପାଇଁ ହରି ସେଇଠି କାମ କରୁଥିଲେ । ଆନନ୍ଦ ଓ ଅନ୍ୟ ଦୁଇଜଣ ତା'ଙ୍କୁ ସାହାଯ୍ୟ କରୁଥିଲେ । କାମ ସରିବା ଉପରେ ।

ହରିମିସ୍ତ୍ରୀ ଚା' ପିଉଥିଲେ । ହସଖୁସିରେ ତାଙ୍କର ନାତୁଣୀ ରଙ୍ଗଣୀ ସଙ୍ଗରେ ଗପ କରୁଥିଲେ । ବିଜୁଳି ଆଲୁଅ ଉଜ୍ଜଳ ଜଳୁଥିଲା ।

ଦୁଲାଳୀକୁ ଦେଖି ସେ କହିଲେ, ଆନନ୍ଦକୁ ଖୋଜିବାକୁ ଆଇଲୁ କି ? ସେ ସହଳ ସହଳ ଚାଲି ଯାଇଛି । ତୋ'ର ଆଜି ସଞ୍ଜରେ ସେଇ ବାବୁଙ୍କ ଘରକୁ ଯିବାର ଥିଲା ନା ?

ଦୁଲାଳୀ କହିଲା, ଯାଇଥିଲି ତ । ସେ ବୋହୂର ଦିବ୍ୟ-ସୁନ୍ଦର ପୁଅଟିଏ ହୋଇଛି । ଆଉ କଣେ ଧାଇ ଏନ୍ତୁଡ଼ିଶାଳରେ ପଶିଥିଲା । ବୁଢ଼ୀ କହୁଥିଲେ, ଡାକ୍ତରାଣୀ ଆଉ ନରସ୍ ପହଞ୍ଚିଲା ବେଳକୁ ଛୁଆ ପଦାରେ ପଡ଼ି କୁଆଁରଡ଼ି ଛାଡ଼ିଛି । ଦି' ତିନୋଟି ସୁହାଇଲା ଭଳି ଶବ୍ଦ । ଡାକ୍ତରାଣୀ ତାଙ୍କ ପାଉଣା ନେଇ ବିଦା ହେଲେ ।

-ପାଉଣା ନେଲେ ଡାକ୍ତରଖାନାରେ ?

-ଡାକ୍ତରଖାନାରେ ନୁହେ ମ, ପିଲା ହେଲା ବୁଢ଼ାବାବୁଙ୍କ ଘରେ । ଡାକ୍ତରାଣୀ ସେ ବୋହୁକୁ ଆଗରୁ ଦେଖୁଥିଲେ । ଆହୁରି ସାତ ଦିନ ପରେ ପିଲା ହେବ ବୋଲି କହିଥିଲେ । ଦୁଇଦିନ ପରେ ଘର ଖାଲି ହୋଇଥିଲେ ବୋହୁ ସେଠିକି ଯାଇଥାନ୍ତେ । ଆଗରୁ ଯାଇ ଓ୍ୱାର୍ଡର ବାରଣ୍ଡାରେ ପଡ଼ନ୍ତେ କାହିଁକି ?

ରଙ୍ଗଣୀ ଦୁଲାଳୀର ମୁହଁକୁ ବଲବଲ କରି ଅନାଇ ରହିଲା । ତା'ର କଥା ଶୁଣୁଥିଲା । ହରିମିସ୍ତ୍ରୀ ଲକ୍ଷ କଲେ । ହସ ହସ ହେଲେ । ପାକଲା କେଶରେ ହାତ ବୁଲାଇଲେ । କହିଲେ, ଜାଣିଛୁ ଦୁଲାଳୀ, ଆଉ ସନ ଏଇ ଦିନକୁ ଆମ ରଙ୍ଗଣୀର ମୋ' ସଙ୍ଗେ ବାହାଘର ହେବ । ମୁଣ୍ଡର ବାଳଗୁଡ଼ାକ ପାଚି ଯାଇଛି ବୋଲି ସେ ରାଜି ହେଉ ନାହିଁ । ତୁ ତାକୁ ରାଜି କରାଇ ପାରିବୁ ?

ଦୁଲାଳୀ ହସିଲା ।

ରଙ୍ଗଣୀ ଚିଡ଼ି ଉଠିଲା । କହିଲା । ମୁଁ ପଛେ ବାହା ନ ହେବି ବୁଢ଼ା-ଅଜାକୁ ଛି, ବାହା ନ ହୁଏ । ମୋର ତ୍ରି-ବାର ସତ୍ୟ !

ସେ ରାଗ ତମ ତମ ହୋଇ, ମୁହଁ ଫଣ ଫଣ କରି ସେଠାରୁ ପଳାଇଲା ।

ହରିମିସ୍ତ୍ରୀ କହିଲେ, ମୁଁ ତାକୁ ସେମିତି ଚିଡ଼ାଏ । ନ ହେଲେ ସେ ସେମିତି ଠିଆ ହୋଇ ତବତବ ରହିଥାନ୍ତା । ସବୁ ଶୁଣିଥାନ୍ତା । ଟୋକୀ ଭାରି ଜଣେ । ଏବକାଳକା ଛୁଆ ଓଳିଆରୁ ପଡ଼ି ଗଜା । ତା'କୁ ଡେର ରହିଲା । କହ କ'ଣ ହେଲା । ରାତିରେ ତୋ'ର ଆଉ ସେ ବୋହୁକୁ ଜଗିରହିବା ଦରକାର ହେବ ନାହିଁ, ସେଇଆ ଆ'ନକୁ କହିବାକୁ ଆସିଥିଲୁ ?

-ନାଇଁ ମ, ଆମ ଘରେ ପହଞ୍ଚିଥିଲେ ସେ ବଳେ ଜାଣନ୍ତା ନାହିଁ କି ? ସେଇ ବୁଢ଼ାବାବୁଙ୍କ ଘରେ ଚିନ୍ତାମଣି ଡାକ୍ତରଙ୍କ ସଙ୍ଗେ ଦେଖା ହେଲା । ବୋହୁଟିକୁ ସେ ଓଷଦ ଦେଉଥିଲେ । ବାବୁଙ୍କର ଡାକରା ପାଇ ସେ ଯାଇଥିଲେ । ମୋ' ହାତରେ ତମ ପାଖକୁ ସେ ପୁଣି ଖବର ପଠାଇଛନ୍ତି । ତାଙ୍କ ଘରର ଛାତ ପଡ଼ିଲାଣି । କବାଟ ଚଉକାଠ ପାଇଁ କେତେ କ'ଣ କାଠ ଲାଗିବ ତମେ ହିସାବ କରି କହିବ !

-ସେ କିଣି ଆଣିବେ ?

-କହିଲେ, ତମ ସଙ୍ଗରେ ସେ ବି କାଠ ଗୋଲାକୁ ଯିବେ । କେତେ କାଠ ଲାଗିବ, ସେତକ ତମେ ହିସାବ କରିବ । ଭଲ କାଠ ଚିହ୍ନିବାର ଦାୟିତ୍ୱ ତମର । ମୂଲରେ କରିବ, କି ଠିକାରେ କରିବ ସେ କଥା ଠିକ୍ କରିବ ।

-ତାଙ୍କର ଯାହା ଇଚ୍ଛା । ସେ କ'ଣ ଜାଣନ୍ତି ନାହିଁ, ଠିକାକାମ ଯେ ଠକ କାମ ? କିନ୍ତୁ, ମୋ' ହାତର କାମ ଆଉ ଆ'ନ ହାତର କାମ ସରସ । ସେଠି ଠକା-ଠକି ପଟିବ ନାହିଁ । ଆଉ ଦିନିକୁ ଆଉ ଦିନ ଅଛି । ଠକାମି, ବଦନାମି ଆମେ ସହୁଁ ନାହିଁ । ଦାଣ୍ଡ ଦରଠାରୁ ଆମ କାମର ଦର ନିଶ୍ଚେ ଅଧିକ ପଡ଼ିବ । କହିଦେଲୁ ନାହିଁ ?

-ମୁଁ କହିବାକୁ କିଏ ? ତମେ କହିବ । ଡାକ୍ତର ଭଲ ମଣିଷ । ମନରେ ଦୟାଭାବ ଥାଏ । ଅଳପ କହନ୍ତି ବହୁତ ଶୁଣନ୍ତି । ହେଲେ, ତାଙ୍କୁ ମତେ ଡର-ଲାଗେ ।

-ଗମ୍ଭୀର ଲୋକ ନା ?

-ହୋଇଥିବ ସେଇଥି ପାଇଁ । ତେବେ, ସେ ଉତ୍ତମ ଲୋକ । ଆନନ୍ଦ ମୋ' ଘରକୁ ଆସିଲା ପରେ ମୋ'ର ଅଭାବ ବଢ଼ିଲା । ଲୋକଟିକୁ ଘରେ ଆଶ୍ରା ଦେଇଥିଲି । ରୋଗଣାଟିଏ । ଦୁଃଖୀଟିଏ । ଅଧାବାଇଆ । ଘରୁ ଚାଲି ଯା ବୋଲି କହିବା ଯାହା, ତଣ୍ଟି ଚିପି ମାରିଦେବା ସେଇଆ । ମୂଲପାତି ମିଳିଲା ନାହିଁ । ଖୋଜି ଖୋଜି ନାୟାନ୍ତ ହେଲି । ସେତିକି ବେଳେ କାହା କାହା ଘରେ ପାଇଟି କରୁଥିଲି । ଡାକ୍ତରଙ୍କ ଘରେ ବି । ଆଗରୁ ଚିହ୍ନା ।

-ଆଚ୍ଛା !

-ତାଙ୍କର ଆଗ ଭାରିଯା ବେଙ୍କା ସ୍ତ୍ରୀରୀଙ୍କୁ ପାଖରେ ରଖିଥିଲେ । ଆଗ ଭାରିଯା ଚିର ରୋଗୀଣୀ ଥିଲେ । ଏତେବଡ଼ ଡାକ୍ତର ସେ ଚିନ୍ତାମଣିବାବୁ, କହନ୍ତି ଅମୃତ ହାତିଆ, ନିଜ ସ୍ତ୍ରୀକୁ ଭଲ କରି ପାରିଲେ ନାହିଁ । ଡାକ୍ତରଖାନାରେ ତା' ପେଟ କାଟିଲେ । ଅନ୍ତନାଡ଼ିରୁ ପୁଳାଏ କାଟି ଫୋପଡ଼ା ହେଲା । ପେଟ-ଉପର ଘା'ଶୁଖିଲା । ଭିତରେ ଘା ମାଡ଼ି ମାଡ଼ିଗଲା । ବସାକୁ ଫେରିଲା ।

ସେଇ ଝିଅଟା ତାଙ୍କର ବହୁତ ସେବା କରିଛି । ଡାକ୍ତରଙ୍କର କେଉଁ ଲେଖାରେ ଶାଳୀ ହେବ । ଗେରସ୍ତ ମାଙ୍କୁଆ ସମ୍ପତ୍ତି ବରବାଦ୍ କଲା । ବାବାଜୀ ହୋଇ ବୁଲିଲା । ସେ ଝିଅ ବି ପଡ଼ିଥିଲା ଡାକ୍ତରଖାନାରେ ।

-କେମନ୍ତ ?

-ହଁ ମଉସା, ତା' ପେଟକାଟି ମଲାଛୁଆଟେ କାଢ଼ିଥିଲେ । ମୁଁ ଡାକ୍ତରଙ୍କ ଘରଣୀଙ୍କୁ ଜଗୁଥିଲି । ସେ ବି ମାଷ୍ଟରଣୀ ଥିଲେ ।

-ଆଚ୍ଛା—

-ସେଇ ମାଷ୍ଟରଣୀ । କି କହିବି ସେ ମା-ଠାକୁରଣୀଙ୍କ ଗୁଣ ? ମାଇପିଯାକରେ ହୀରା, ତା'କୁ ଘରେ ଥାନ ଦେଲେ । ପାଠ ତ ପଢ଼ାଇଲେ । ଯେତେହେଲେ ଭଉଣୀ ଲେଖା । ତା' ଗେରସ୍ତକୁ ଦି'ଥର ଠାବ କରି ପାଖକୁ ଆଣିଲେ । ଦି'ଥରକୁ ଦି'ଟା ଛୁଆ । ଛତରା କ'ଣ ଘର ମଙ୍ଗିଲା ? ପୁଣି ଉଭାନ । ତା' ମଲା ଖବର ଆସିଲା ।

-ଆହା !

-ମୁଁ କହିବି ଠାକୁରଙ୍କ ଦୟା । ପିଲା ଦୁଇଟିଙ୍କୁ ଡାକ୍ତର ଫୁଲନାଡ଼ କରି ଟେକି ନେଇଥିଲେ । ଝିଅଟିଏ, ପୁଅଟିଏ । ଭାରିଯା ମଲାରୁ, ତାଙ୍କର ମା'ଙ୍କୁ, ଶାଳୀ ଲେଖା ହେବ ତ, ବାହାହେଲେ । ସେ ବି ମାଷ୍ଟରଣୀ, ମଉସା । ବେଶ୍ ସୁଖରେ ସଂସାର କରୁଛନ୍ତି । ଗତ ଜୀବନକୁ ନିଜେ ମନରୁ ପୋଛି ଦେଇଛନ୍ତି ।

ଡାକ୍ତର ତ ନିଜକୁ ସେଇ ମାଷ୍ଟରଣୀ ଘରଣୀ-ହାତରେ ସମର୍ପି ଦେଇଛନ୍ତି ଗୋ ମଉସା ! ସେ ଯାହା କହିବେ ସେଇଆ । ଯାହା ଅର୍ଜନ କରନ୍ତି, ମୁଁ ଦେଖିଛି, ଡାକ୍ତର ସବୁ ତାଙ୍କ ହାତକୁ ଟେକି ଦିଅନ୍ତି । କି ସୁନ୍ଦର ରୂପ; କେଡ଼େ କଅଁଳ କଥା, ମିଠା ବ୍ୟବହାର ! ପରର ଦୁଃଖରେ ମନତଟିଲା ଝିଅଟି !

-ଝିଅଟି ?

-ଡାକ୍ତରଙ୍କର ଝିଅ ବୟସର ପରି ଲାଗେ । ଯେଉଁ ଜମି ଉପରେ କୋଠା ତୋଳା ହେଉଛି, ସେ ଜମି ତାଙ୍କରି ନାମରେ କିଣା । ଘରକାମ ସେ ନିଜେ ଦେଖୁଥିଲେ । ରାଜମିସ୍ତ୍ରୀ, ମୂଲିଆ, ଅନ୍ୟ ଖରଚ ପାଇଁ ନିଜେ ସେ ଟଙ୍କା ଗଣି ଦେଉଥିଲେ । କଡ଼ା ବରକଡ଼ା ହିସାବ ଲେଖନ୍ତି ।

-ବୁଝିଲି । ଗେରସ୍ତ ଛଡ଼ା କି ତଡ଼ା, ବିଧବା ଥିଲା, ପାଠୋଇ ହେଲା, ଦିʼପିଲାର ମାʼ, କନିଆଁ ମାଇପ, ରୋଜଗାରିଆ—

-ହଁ, ମଉସା ଭାରୀ ଚାଲାଖ । ପାଞ୍ଚ ଦୋକାନରେ ଦାମ୍ ବୁଝିବେ । ପାଞ୍ଚ ଲୋକଙ୍କୁ ପଚାରିବେ । ଜିନିଷ ଭଲ କି ମନ୍ଦ ପରଖିବେ । ତେବେ ଯାଇଁ କିଣିବେ । କେହି ତାଙ୍କୁ ଠକି ପାରିବେ ନାହିଁ ।

ହରିମିସ୍ତ୍ରୀ ମୁଣ୍ଡ ହଲାଇ ହସିବାକୁ ଲାଗିଲେ । କହିଲେ, ଭଲ, ଭଲ । ପାଠ ପଢି ମାଷ୍ଟରଣୀ ହୋଇଛନ୍ତି । ନିଶ୍ଚେ ଚାଲାଖ-ଚତୁର ହୋଇଥିବେ । ସରସିଆ ବୁଦ୍ଧି !

-ସେଇଆ । ଚଉଆଖିଆ ।

-ପତରେ ପତରେ ଯାଉଥିବେ । ଅଁଲେ ଦୁଲାଳୀ, ଶିରା ଚିହ୍ନି ନଥିବେ । କାଠକାମର କି ଅନ୍ତ ପାଇବେ ? ଶୁଣିଲା ଲୋକେ ଅନୁମାନ କରନ୍ତି । ଦେଖିଲା ଲୋକେ ଜାଣନ୍ତି । ନିଜେ କରିଥିଲା ଲୋକେ ବୁଝନ୍ତି ।

ଛାଡ଼ ସେ କଥା । ଆମର ହାତର ବଢ଼ଇକାମ ଦିନ କେଇଟାରେ ସରିଯିବ । ତାʼପରେ ମୁଁ ନିଜେ ଯାଇ ଡାକ୍ତରଙ୍କ ସଙ୍ଗେ ଦେଖା କରିବି । ତାଙ୍କ ସ୍ତ୍ରୀଙ୍କ ସଙ୍ଗେ କଥାହେବି । ନାହିଁ ଯଦି ତାଙ୍କର ତରତରିଆ ଥାଏ, ସେ ଅନ୍ୟ ଲୋକ ଠିକଣା କରନ୍ତୁ ।

-ସେଇଆ କହିଦେବି ?

-ହଁ, ତୁ ଯା ।

ଦୁଲାଳୀ ବିଦାୟ ନେଲା ।

ହରିମିସ୍ତ୍ରୀ ଥକ୍କା ହୋଇ ବସିରହିଲେ ।

ପରଘରର ବେପାରରେ ମୁଣ୍ଡ ଖେଳାଇବେ ନାହିଁ ବୋଲି ନିଜକୁ ସେ ସହସ୍ରଥର ଆକଟିଛନ୍ତି । କାନ ମୋଡ଼ି ହୋଇଛନ୍ତି । ନିଜ ଉପରେ ବିରକ୍ତ ହୋଇ ବ୍ରହ୍ମ-ଚ଼ପଡ଼ା ମାରି ହୋଇଛନ୍ତି ।

ପଞ୍ଚରଙ୍ଗିଆ ଅଲାଜୁକ ମନ ବାଗ ଉଣ୍ଡୁଥାଏ । ଛକାପଞ୍ଝା ଖେଳୁଥାଏ । ବାଗ ପାଇଲେ ତା' ପଞ୍ଚୁବନିରୁ କେତେବେଳେ କେଉଁ ରଙ୍ଗ ବୋଲିହୁଏ । ପଚିଶି ପ୍ରକୃତିରୁ କେଉଁମାନଙ୍କୁ ବଶକରି ଚିହ୍ନାଇ ଦିଏ । ଏ ମଣିଷ ବିବେକର ଆକଟ ହୁଡ଼େ । ଥେଇ ଥେଇ ନାଚେ । ହାଲିଆ ହେଲେ ହାଉଳି ଭଙ୍ଗେ । ସେ ବୁଢ଼େ, ବୃଥ ବାହା ବାହା ବେହିଆପଣ ମାଡ଼ ମୂଲାଏ । କାହ୍ନ ବଢ଼ାଏ ନାହିଁ ।

ହରିମିସ୍ତ୍ରୀ ଲମ୍ବା ନିଶ୍ୱାସ ଓଟାରି ତା'କୁ ଧୀରେ ଧୀରେ ପଦାକୁ ଛାଡ଼ିଲେ । ମନ ହାଲୁକା କରି ଉଠି ଠିଆହେଲେ । ଦରମଇଳା ଗେରୁଆ ଗାମୁଛାଟି ନୂଆ ତିଆରି ଗୋଟିଏ ବରଦୀ ର୍ୟାକ୍ ଉପରୁ ଉଠାଇ ମୁହଁ ପୋଛିଲେ । କାନ୍ଧରେ ଥାପିଲେ । ରଙ୍ଗଣୀକୁ ଡାକ ଛାଡ଼ିଲେ ।

ତେର ବରଷର ସ୍ୱାସ୍ଥ୍ୟବତୀ ଝିଅ ରଙ୍ଗଣୀ ପାଖକୁ ଆସିଲା । ଗୋଲିଆ ଶାନେ, ସୁନ୍ଦର ମୁହଁଟି ଫଣ ଫଣ କରିଥାଏ । ମୁଣ୍ଡର କହରିଆ କେଶ ଫୁର୍‌ଫୁର୍ ହୋଇଥାଏ । ଫୁଲପକା ଶସ୍ତା ରଙ୍ଗୀନ ଫ୍ରକ୍‌ଟି ଆଣ୍ଠୁ ଉପରଯାଏ ଲମ୍ବିଥାଏ । ଦୁଇ କାନରେ ପଥରବସା ଦିଓଟି ଫୁଲ । ବେକରେ ସରୁ ସୁନାଚେନ୍‌ରେ ଆମ୍ବକସିଆ ପଦକ । ହାତରେ ଦି'ଦି ପଟି ବ୍ରୋଞ୍ଜ୍-କାଚ-ସୁନାପାଡ଼ିଆ ଛାଉଣି ।

ଭାବିଲେ, ସତେ କି ସେହି ସୁନ୍ଦରିଆ ଝିଅଟିକୁ ସେ ନୂଆ ଦେଖୁଛନ୍ତି । ଏଡ଼େ ଟିକିଏ ପିଲା, କେଡ଼େ ସହଳ ସହଳ ବଢ଼ି ଉଠିଲାଣି । ଆଖି ପିଛୁଡ଼ା ପଡ଼ିଲା ପରି ପୁଣି କେତୋଟି ବର୍ଷ ଆଗେଇ ଯିବ । ଯାହାକୁ ସେ ଏତେ ସ୍ନେହ କରିଛନ୍ତି, ସେ ପରଘରକୁ ଚାଲିଯିବ । ସଂସାର କରିବ । ମା' ହେବ ।

ରଙ୍ଗଣୀ ପଚାରିଲା, କାହିଁକି ଡାକିଲ ଜେଜେ ? ପଢୁଥିଲି । ଚା' ଆଣିବି କି ?

-ନାଇଁ ଲୋ ମା ! ମୁଁ ଟିକିଏ କାଳି-ମନ୍ଦିର ଆଡ଼ୁ ବୁଲି ଆସେଁ । କିଏ ଆସି ଖୋଜିଲେ କହିବୁ ବଜାରକୁ ଗଲେ ।

-ମିଛ କହିବି ଜେଜେ ? ତମେ ମତେ ଦିନେ.........

-ମିଛ କହିଥିଲୁ ବୋଲି ଗାଳି ଦେଇଥିଲି, ନା ?

-ମନେ ପଡ଼ିଲାଟି ? ବହିରେ ଲେଖା ହୋଇଛି. ........

-ଆଚ୍ଛା, ତେବେ ମୁଁ ବଜାରକୁ ଯିବି । ସେଇଆ ତୁ କହିଦେବୁ । କାର୍‌ଖାନାର ଭିତରୁ ଶିକୁଳୀ ଦେବୁ । ଫେରିବାକୁ ଡେରି ହୋଇପାରେ ।

-କହିଥିଲି ପରା ମୋ' ପାଇଁ ଆଉ ଗୋଟାଏ ଝର-କଲମ କିଣି ଆଣିବ ? ମୋ' ପୁରୁଣା କଲମ ଦଉଡ଼ା ହେଲାଣି । ସ୍ୟାହି ଗଳୁଛି । ସେ ଡାକ୍ତରାଣୀ-ଦିଦି ମୋ' ହସ୍ତାକ୍ଷର ଦେଖି ବିଗୁଡୁଛନ୍ତି । କହିଲେ, ଅସନା ଝିଅଟା, ଖାତା ବିଲି ବିଲି କରିଛି ।

-କେମନ୍ତ !

-ହଁ, ଜେଜେ । ପୁଣି କହିଲେ, ତୋ' ମୁଣ୍ଡରେ ଗୋବର ଅଛି କି ଝିଅ, ଅଙ୍କ ଗୁଡ଼ାକ ସବୁ ଭୁଲ କଲୁ ?

-ସତେ !

ରଙ୍ଗଣୀର ଆଖିରୁ ଲୁହ ଗଡି ଆସିଲା । ହରିମିସ୍ତ୍ରୀ ବୁଝିଲେ ତା' ମନରେ ଆଘାତ ଲାଗିଛି । ଦୁଲାଳୀ ଯାହାଙ୍କର ଏତେ ପ୍ରଶଂସା ଗାଉଥିଲା, ତାଙ୍କରି ଭାଷାରେ ଓ ବ୍ୟବହାରରେ ଖଟା-ମିଠା ଦୋଷ-ଗୁଣ ଅଛି । ସେଇ କଥାକୁ ବାଗେଇ କହିଥିଲେ ହୋଇ ନ ଥାନ୍ତ ?

ରଙ୍ଗଣୀ କହିଲା, ମତେ ଆସିଲା ନାହିଁ । ମୁଁ କ'ଣ କରିବି ଜେଜେ ? କେମିତି ଠିକ୍ ହେବ ? ତାଙ୍କ ଝିଅ ସୁଆଗୀ ମୋ' ପାଖରେ ବସେ । ତା'କୁ ଦିଦି ନିଜେ ପଢାଉଥିବେ । ତା' ଅଙ୍କ ସବୁ ଠିକ୍ ହୋଇଥିଲା । ତା' ସଙ୍ଗାତ ମୋଟେ କରି ନ ଥିଲା । ଦିଦି ତାକୁ ପଚାରିଲେ । ସେ କହିଲା, ଘରକାମ କରୁଥିଲି, ବେଳ ମିଳିଲା ନାହିଁ । ଦିଦି ତାକୁ କହିଲେ, କାଲି କରି ଆଣିବୁ ! ତା'କୁ ଗାଳି ଦେଲେ ନାହିଁ ଜେଜେ !

-କିଏ ତା' ସଙ୍ଗାତ ?

-ଦୁଲାଳୀର ଝିଅ ସୁଆଗୀ ।

ହରିମିସ୍ତ୍ରୀ ରଙ୍ଗଣୀକୁ ସାନ୍ତ୍ୱନା ଦେବାକୁ କହିଲେ ସେ ଦିଦିଙ୍କ କଥାକୁ ଛଳ କଲେ ଚଳିବ ନାହିଁ ମା ! ଭୁଲ ହେଲା ତ ତାଙ୍କଠୁଁ ବୁଝିବୁ, କରିବୁ ।

ରଙ୍ଗଣୀ କହିଲା, ମୋ' ଅଙ୍କ ସବୁ ସେ ଠିକ କରି ଦେଇଛନ୍ତି । ବୁଝାଇ ଦେଇଛନ୍ତି । ସାଙ୍ଗ ପିଲାଏ ମତେ ଗୋବରମୁଣ୍ଡୀ ଡାକୁଛନ୍ତି । ମୁଁ ଆଉ ସ୍କୁଲ୍‌କୁ ଯିବି ନାହିଁ ।

ହରିମିସ୍ତ୍ରୀ ଚିନ୍ତିତ ହେଲେ । ଟିକିଏ ହସିଲେ । କହିଲେ, ତୁ ଚିନ୍ତା କରନା । ତମ ଦିଦିଙ୍କ ବର ଜଣେ ନାମଯାଦା ଡାକ୍ତର । ତାଙ୍କ ପାଖରୁ ଦି' ଚାରି ପାନ ଓଷଦ ଆଣି ତତେ ଦେବି । ସେତକ ଖାଇଦେଲେ ତୋ' ମୁଣ୍ଡ ଭିତରର ଗୋବର ପିଗିଳି ଯିବ । ନିରେଳା ଦହି ହେବ । ସେଇଠୁ ଦେଖିବୁ । ସବୁ ଅଙ୍କ ତୋ'ର ଠିକ୍ ହେବ ।

-ଯାଃ——

-ମିଛ ନୁହେ ଲୋ ! ତାଙ୍କ ଝିଅକୁ ସେ ସେଇ ଓଷଦ ଖୋଇଛନ୍ତି ।

ରଙ୍ଗଣୀ ରାଗ ତମ ତମ ହୋଇ କହିଲା, ତମେ ଆଗ ସେ ଓଷଦ ଖାଅ ଜେଜେ, ସେଇଠୁ ମତେ ଦେବ ।

-ଆଚ୍ଛା ହେଉ, ସେଇଆ କରିବି ।

ହରି ମିସ୍ତ୍ରୀ ପଦାକୁ ବାହାରି ଗଲେ । ମନେ ମନେ ଖୁସି ହେଲେ, ରଙ୍ଗଣୀର ମନରେ ଛଳ ପଶିଲାଣି । ସେ କଥା କହି ଶିଖିଲାଣି । ଏଣିକି ସେ ଜଲଦି ଜଲଦି ବଢ଼ି ଉଠିବ । ଲେଖିପଢ଼ି ଶିଖିଲାଣି । ହିସାବ କରି ଜାଣିଲାଣି । ଟଳି ଟଳିକା ଉପର ଶ୍ରେଣୀକୁ ଉଠୁଛି । ସମୟ ନଷ୍ଟ କରି ଆଉ କି ଲାଭ ? ଏଣିକି ଘରକରଣା ଶିଖିଲେ ଭଲ । ପର ଘରକୁ ଗଲେ ସଂସାର ସମ୍ଭାଳିବ । ପ୍ରଶଂସା ପାଇବ ।

ଦାଟ ଗୁଲୁଣ୍ଡ ପୁଣି ବିଚାରିଲେ, ତେର ବର୍ଷତ ଚାଲିଛି, ଆହୁରି ସାତ ଆଠ ବର୍ଷ ନ ବିତିବା ଯାଏ ପରଘରକୁ ପଠାଇ ପାରିବେ ନାହିଁ । ଆଇନି ସେହିଆ ହୋଇଛି । ପୁରୁଣା କଥା ରହିଛି—ଝିଅ ଘିଅ ରହିଲେ ଗନ୍ଧ । ବଢ଼ିଲା ଝିଅର ନିଶ୍ୱାସ ନାଗ ସାପର ନିଶ୍ୱାସ ସଙ୍ଗେ ସମାନ । କିନ୍ତୁ ପୁରୁଣା ଢଙ୍ଗ ଓଲଟି ଗଲାଣି । ଝିଅ ପୁଅ ଏବେ ସମାନ ।

ବାଟ ଗୁଲୁଣ୍ଡ ହରି ମୁଣ୍ଡ ଟୁଙ୍ଗାରିଲେ । ଠିକ୍ କଥା । ଝିଅଟାଏ ବୋଲି ରଙ୍ଗଣୀର ପାଠ ବନ୍ଦ କରି ଘରେ ସଜାଇବା ଠିକ୍ ହେବ ନାହିଁ । ଘରକାମ ସେ ବଳେ ଶିଖିଯିବ । ତାର ଅଙ୍କ କେମିତି ଠିକ୍ ହେବ, ସେ ଆଉଦିନେ ଦଶ-ପଚିଶ ସାଙ୍ଗ ଝିଅଙ୍କର ଟାହିଟାପରା ଗୋବରମୁଣ୍ଡୀ ଅପବାଦ ନ ଶୁଣିବ, ସେଥିପାଇଁ ମସୁଧା କରିବାକୁ ହେବ । ଡାକ୍ତରଙ୍କ ଘରଣୀ ରଙ୍ଗଣୀର ଦିଦିଙ୍କୁ ପଚାରିଲେ ସେ କହିଦେବେ ଉପାୟଟା କ'ଣ ।

ହରି ଭାବିଲେ, ତାଙ୍କ ନୂଆ ଘରେ କାମ ଲାଗିଯାଉ, ସେ ରଙ୍ଗଣୀକୁ ଦିନେ ସାଙ୍ଗରେ ନେଇ ଯିବେ । ଝିଅଟାର ଭଲ ପାଇଁ ସେ ଡାକ୍ତର କିମ୍ବା ତାଙ୍କ ଘରଣୀଙ୍କ ସଙ୍ଗେ ଦର କସାକସି କରିବେ ନାହିଁ । ଓ୍ୱାଜିବ୍ ମୂଲରୁ ପାଞ୍ଚ-ଦଶପଇସା କମିଲେ ଚିନ୍ତା ନାହିଁ । ଆନନ୍ଦକୁ ସେ ରାଜି କରାଇବେ । ଉଦାସିଆ ଆନନ୍ଦର ସେ ଯାହା କହିବେ ସେଥିରେ ଓଜର-ଆପତ୍ତି ନଥାଏ ।

ଗୋଟିଏ ବଡ଼ କିନ୍ତୁ ତାଙ୍କ ମନରେ ନାଟ କରିବାକୁ ଲାଗିଲା—ଆନନ୍ଦର ମୁଣ୍ଡରୁ ସେ କିପରି ତା' ସେବତୀର ଭୂତକୁ ତଡ଼ି ପାରିବେ ? ଯେତେ ଭାଗବତ ଶୁଣାଇଲେ କି ହେବ, ସେ ନିର୍ବୋଧ ବାଇଆର ଚିତ୍ତ ବୋଧ ହେଉନାହିଁ ।

କବାଟ, ଝରକା, କାନ୍ଥ-ଆଲମାରୀ ପାଇଁ କି ଜାତିର କାଠ କେତେ ଲୋଡ଼ା ହେବ ତା'ର ସଠିକ ହିସାବ କରିବାକୁ ହରିମିସ୍ତ୍ରୀ ମାପ ନେଉଥିଲେ । ଡାକ୍ତର ଚିନ୍ତାମଣି ତାଙ୍କ ସଙ୍ଗେ ଥିଲେ । ନରୁ ଗଉଡ ରାଜମିସ୍ତ୍ରୀ କୋଠାର ବାହାର ପଲସ୍ତରା କରୁଥିଲେ । ଡାକ୍ତରଙ୍କୁ ଦେଖି ସେ ପାଖକୁ ଆସିଲେ ।

ହରି ନରୁଙ୍କୁ ପିଲାଟି ଦିନରୁ ଚିହ୍ନନ୍ତି ।

କଳା ମିଚିମିଚି ଚାଳିଶ ପାଖେଇଲା ବଳୁଆ ଯୁଆନ୍ । ଗୋଲ ଗାଲିଆ ପୂରିଲା ମୁହଁ । ମୁଣ୍ଡରେ ଘଞ୍ଚ କେଶ । ଓଲଟ କୁଣ୍ଡାଇ ଥା'ନ୍ତି । ଉଜ୍ଜଳ ଚଞ୍ଚଳ ଆଖି ।

ଛୋଟିଆ ନାକ ତଳେ ପ୍ରଜାପତିଆ ନିଶ । ଚିକି ଚିକି ଧୋବଳା ଦାନ୍ତ । ପାନ, ବିଡି, କି ଅନ୍ୟ ଅମଳର ପାଖ ପଶନ୍ତି ନାହିଁ । ସାଧାରଣ ଉଚ୍ଚ । ହାତରେ ଛୋଟ ଘଣ୍ଟା ବାନ୍ଧିଥାନ୍ତି । ସବୁବେଳେ ଦେହରେ ଅଧା ହାତକଟା ଏକ ରଙ୍ଗିଆ କନାର କାମିଜ୍ । କଡ଼ ପକେଟ ମାନଙ୍କରେ ନୋଟ୍ ବହି, କେତେ କାଗଜ ଓ ଖଣ୍ଡେ ପେନ୍ସିଲ୍ । ଛାତି ପକେଟରେ ରୁମାଲ୍, ଆଉ ଝରକଲମ ।

ନରୁ ମିସ୍ତ୍ରୀ ସେ, ବିଚକ୍ଷଣ କର୍ମୀ । ଅଳପ କହନ୍ତି, ଅଧିକ କାମ କରନ୍ତି । ଘରର ପ୍ଲାନ ଖଣ୍ଡି ହାତକୁ ବଢ଼ାଇ ଦେଲେ, ମାଲିକ ନିଶ୍ଚିନ୍ତ । ତୃତୀୟ ଶ୍ରେଣୀ ଯାଏ ପଢ଼ାଲେଖା । ତାଙ୍କ କାମ ପାଇଁ ସେତିକି ଯଥେଷ୍ଟ । ହରି ତାଙ୍କୁ ବାଳୁତ କାଳରୁ ଚିହ୍ନନ୍ତି । ଶଗଡ଼ିଆ ଗୋକୁଳ ରାଉତର ସେ ଗୋଟିଏ ବୋଲି ପୁଅ ।

ନରୁକୁ ଯେତେବେଳେ ଆଠ ନଅ ବର୍ଷ, ମଦୁଆ, ଦୁଶ୍ଚରିତ୍ର, ପକେଟମାରୁ ଗୋକୁଳି ପିଟିପିଟି ନରୁର ମା'କୁ ଦରମଲା କଲା । ମାତ ଡରଚେ, ଗୋକୁଳିର ଧମକ ଡରରେ ମାଇପିଟି ପିଲାକୁ ନେଇ ସାହିର ଆଉ କାହା ଘରେ ଲୁଚିଲା ।

ଗୋକୁଳି ଘରେ ଖାନ୍‌ଗୀ ନାଟ । ମଦୁଆଙ୍କ କୁହାଟ ।

ଶେଷକୁ ସାହି-ଭାଇଏ ଏକଯୋଟ ହେଲେ । ଗୋକୁଳି ଆଉ ତା ମଦୁଆ ସାଙ୍ଗମାନଙ୍କ ଉପରେ ହେଲା ଚୋରୁଚରା ମାଡ଼ । ଖାନକିଏ ପ୍ରାଣ ବିକଳରେ ଯେ ଯୁଆଡ଼େ ଛୁ । ଗୋକୁଳିଆ ଘର ଛାଡି ରାଉରକେଲା ପଳାଇଲା କେଉଁ ସାଙ୍ଗ ସଙ୍ଗରେ । ରାସ୍ତା କଡ଼ରେ ଚା' ଜଳଖିଆ ଦୋକାନ କରି ରହିଲା ।

ଏବ ଯାଏ ସେ ବୁଢ଼ା ସେଇଠି ଅଛି । ଶୁଣାଶୁଣିରେ ନିଶଦାଢ଼ି ଛାଡି ସେ ବାବାଜୀ ହେଇଛି । ତା' ମୁଣ୍ଡରେ ଲମ୍ବା ସିନ୍ଦୂର କଲି । ନିଜ ଦୋକାନ ଚଳାଇଛି, ଆଉ ସବୁ ଅମଳକୁ ଆପଣାର କରି ଏବିଯାଏ ବେଳ କଟାଉଛି । ପୁଅ ମାଇପଙ୍କ ନାଁ ଧରେ ନାହିଁ । ଚିଠି ଦେଲେ ଦେଉରା ପଠାଏ ନାହିଁ । ଗଲା-ଅଇଲା ଲୋକଙ୍କ ପାଖରୁ ଯାହା ଶୁଣିବାର କଥା ।

ନରୁ କୋଠାଛାତରେ କୋବା ପିଟୁଥିଲା । ବୟସ ହୋଇ ଆସିଲାରୁ ମୂଲ ଲାଗିଲା । କରଣି ଧରିଲା । କାମ କରି କାମ ଶିଖି ଛୋଟ ରାଜ-ମିସ୍ତ୍ରୀ ହେଲା । ଭଲ ଅନ୍ଦାଜ । ବିଚକ୍ଷଣ ସ୍ମରଣ-ଶକ୍ତି । ଦେହରେ ଅଳସ ନାହିଁ । ଭୁଲଭଟକା ପାଇଁ ବଡ଼ ବଡ଼ ମିସ୍ତ୍ରୀମାନଙ୍କଠାରୁ ଯେତେ ଗାଳି ଶୁଣିଲେ ଛଳ କରେ ନାହିଁ । ଓଲଟି ଗୋଳେଇ ହୁଏ । ଦୋଷ ନଥିଲେ ବି ଦୋଷ ମାନିଲାର ଢଙ୍ଗ ଦେଖାଏ । ପାଖ ଛାଡେ ନାହିଁ । ଆଧୀନ୍ୟ ହୋଇ, ମନ ନେଇ, ପଚାରି ପଚାରି କାମଚ ଗୁମର ବୁଝେ ।

କେବଠାରୁ ସେ ବଡ ମିସ୍ତ୍ରୀ ହେଲାଣି । କେତେ ମିସ୍ତ୍ରୀଙ୍କର ସରଦାର୍ । ମୂଲିଆ-ମୂଲିଆଣିମାନେ କାମ ପାଇଁ ନିତି ସକାଳୁ ତା' ଘର ଆଗରେ ଭିଡ଼ ଲଗାନ୍ତି । ସହରର ଭିନେ ଭିନେ ଜାଗାରେ ସେ ପାଞ୍ଚ ସାତଟି କୋଠା ତୋଳାର ଦାୟିତ୍ୱ ନେଇଛି । ମିସ୍ତ୍ରୀ ମୂଲିଆ ଲଗାଇ କାମ କରାଏ । ନିଜେ ପରିଦର୍ଶନ କରେ । ହାତ ଲଗାଇ କାମର ବାଗ ବତାଏ । ମୂଲ ନିଏ ନାହିଁ । ଅକଳିଆ କଷ୍ଟିଆ କାମ ପଡିଲେ ଆପେ କାମରେ ମଜ୍ଜିଯାଏ । ସେଇଦିନ ନିଏ ମୂଲ ।

ତା' ରୋଜଗାର ତା' ମାମୁଲ୍ ପାଉଣାରେ । ପ୍ରତି ମୂଲିଆଙ୍କ ପାଖରୁ ଦିନକୁ ପଚିଶ ପଇସା, ମିସ୍ତ୍ରୀଙ୍କ ପାଖରୁ ପଚାଶ । ସହରର କେଉଁଠି କ'ଣ ଉପକରଣ ମିଳେ, କେଉଁଠି ଶସ୍ତା କେଉଁଠି ମହଙ୍ଗା, ସବୁ ଖବର ତା'କୁ ଜଣା । ଉପକରଣ ଖରିଦ ବେଳେ ବ୍ୟବସାୟୀଠାରୁ ମଧ୍ୟ ମାମୁଲ୍ ନିଏ । ଏସବୁ ଧରାବନ୍ଧା । ମାଲିକ ସଙ୍ଗରେ ଥା'ନ୍ତୁ, ସବୁ ଶୁଣନ୍ତୁ, ସବୁ ଦେଖନ୍ତୁ, କିନ୍ତୁ ତାଙ୍କର କାନରେ ଅକୁହା-କଥା ବାଜେନାହିଁ । ଦେଖୁ ଦେଖୁ ସେ ଜଳକା । ଧରାବନ୍ଧା ରୀତିରେ ବେପାରୀ ଆପେ ତା' ମାମୁଲ୍ ଦିଏ । ଆଜି ନହେଲେ ଆଉ ଦିନେ । ଏକା ମାଘକେ ଶୀତ ଛାଡ଼େ ନାହିଁ, ତା'କୁ ଜଣା ।

ନରୁର ରୋଜଗାର କାହିଁରୁ କେତେ । ନିଜେ ଖଣ୍ଡେ ଜମି କିଣିଥିଲା । ହାଉଲେ ହାଉଲେ କାମଗୁଡ଼ିକ ଉପରୁ ହରଣଚାଳ କରିଥିବା ଦରବରେ ସେ ଭଲ କୋଠା ଖଣ୍ଡେ ତୋଳିଛି । ଏକ ମହଲା । ପିଲା କୁଟୁମ୍ବ ଧରି ସେଇଥିରେ ସେ ରହେ । କେତେ ଫନ୍ଦି-ଫିକର କରି ସେ ପଇସା ରୋଜଗାର କରେ । ସେସବୁ ଗହନ କଥା । ଭଗରୀ ଚାଇଁ । ପଙ୍କରେ ଘାଣ୍ଟି ହୁଏ, କିନ୍ତୁ ଦେହରେ କାଦୁଅ ଲାଗେ ନାହିଁ ।

ଏବେ ଦିନେ ସେ ଗୁପ୍ତରେ କହୁଥିଲା - ଆମେ ମନ ପ୍ରାଣ ଦେଇ କାମ କରିବା । ପଇସା ନେବା । ପର ଘରର ଗୁମରରେ ଆମର କି ସମ୍ପର୍କ ? ଚିନ୍ତାମଣି ଡାକ୍ତରଙ୍କୁ ମୁଁ ଅନେକ ଦିନରୁ ଜାଣେ । ସେ ସରକାର ଘରେ ଚାକିରି କରୁଥିଲେ । ବଡ଼ ଡାକ୍ତରି ଚାକିରି । ହୋମିଓ-ପାଥି ଔଷଧ ବି ଦେଉଥିଲେ । ସେ ଚାକିରି ଛାଡ଼ିଲେ, କି ସରକାର ତାଙ୍କୁ କାହିଁକି ବିଦା କରିଦେଲେ ଜଣାନାହିଁ । ହେଲେ, ଔଷଧ ଦେବାରେ ସେ ହେଳା କଲେନାହିଁ । ଯାହା କହନ୍ତି ଅମୃତ-ହସ୍ତା ! ହଁ, ସେଇଆ ।

-କିଏ ନ ଜାଣେ ? ଗରିବ ଜାଣିଲେ ସେ ମାଗଣାରେ ଔଷଧ ଦିଅନ୍ତି ।

-ତଥାପି ରେ ହରିଭାଇ, ସେ ବହୁତ ରୋଜଗାର କରନ୍ତି । ଆଗେ ଯାହା ପାପକାମ ଥିଲା, ଏବେ ପୁଣ୍ୟ-କାମରେ ଗଣା ହେଲା । ଗୋଟାଏ ଗୋଟାଏ କେସ୍‌ରେ ଶହ ଶହ ଟଙ୍କା । ଚାରି ଛଅ ପାନ ଔଷଧର କେତେ ବା ଦାମ୍ ?

ହରିମିସ୍ତ୍ରୀ କଥାର ମରମ ଠଉର କରି ମଧ୍ୟ କିଛି ନ ବୁଝିଲା ଢଙ୍ଗରେ ଓଲୁଙ୍କ ପରି ନରୁର ମୁହଁକୁ ଚାହିଁଲେ । କହିଲେ କେମନ୍ତ, ପାପ ଥିଲା, ଏବେ ପୁଣ୍ୟ ହେଲା ?

-ହେବ ନାହିଁ କେମିତି ? ପେଟ ଭିତରର ଗଜା ଝଡ଼ାଇବା ସବୁଠାରୁ ବଡ଼ ପାପରେ ଗଣା ହେଉଥିଲା । ଯାହାର ଯେତେ ପିଲା ସେ ସେତିକି କପାଳିଆ ବୋଲି ଲୋକେ କହୁଥିଲେ । ସେତିକି ପୁଣ୍ୟବନ୍ତ ।

-ନୁହେଁ ଆଉ କ'ଣ ?

-ନୁହେଁ ଆଉ କ'ଣ, ଏଇ ଧାରଣା ମୋ'ର ବି ଥିଲା । ମୁଁ ତା' ଭବ ପାଇଥିଲି । ଦେଢ଼ ବରଷ, ଦି ବରଷ ଛାଡ଼ି ଛାଡ଼ିକା ପାଞ୍ଚଟିର ବାପ ହେଲା ପରେ ମୂଲିଆ-ମିସ୍ତ୍ରୀ ମୁଣ୍ଡ, ହଇହେ' କେମିତି ଚଳାନ୍ତି ? ବୋଉକୁ ମିଶାଇ ଆଠପ୍ରାଣୀ

କୁଟୁମ୍ବ ! ପୁଷ୍ଟୁଣା ଖଙ୍କଘରେ ପାଣି ଖାଇଲେ । ମୋ' ମଜୁରି ଏତେତେତେଲେ ପାଞ୍ଚଟଙ୍କା ।

ପାଣି ତୋରାଣୀ ପିଇ ଦିନ କଟାଇବାକୁ ହେଉଥିଲା । ଚମ୍ପାର କଣ୍ଠା ଦୋହଲିଲା । ତା' ଛାତିରେ ରସ ନାହିଁ । ପିଲାକୁ ଗାଈ-କ୍ଷୀର ଦେବାକୁ କାହୁଁ ନାହିଁ । ବୋଉ ଦରମଲା ହଡ଼ା ପାଲଟିଲା ହରିଭାଇ ! ତମେ ଦେଖିଛ । ଘରେ ଚବିଶି ଘଣ୍ଟା ଅଶାନ୍ତି । ଦେଖିଲ ମୋ'ର ପୁଣ୍ୟର ଫଳ ? ନରକ ଭୋଗ ହରିଭାଇ !

-ଆଗରୁ ସାବଧାନ ହେଲୁ ନାହିଁ ?

-କେଉଁଠି ନରକରେ ଡୁବ ମାରିଥାନ୍ତି ? ବଂଶ ନିପାତ କରିଥାନ୍ତି ? ବାବା-ବ୍ରହ୍ମଚାରୀ ସନ୍ୟାସୀ ହୋଇ ଗୋଟିଏ ଘରେ ଘରଣୀର ମସିଣାରେ ବସି ମାଳି ଗଡ଼ାଇଥାନ୍ତି ? ମୋ' ଦ୍ୱାରା ହେଲା ନାହିଁ । ସାନ ଝୁଆ ଛୁ କଲା । ଦେଖିଲ କି ଦୁଃଖ ? ମୋ ପାପର ଫଳ, କି ପୁଣ୍ୟର ଫଳ ବିଚାର କର ।

-ଆହା !

-ତା'ଙ୍କୁ ସବୁ ବଞ୍ଚାଇବା ପାପ, କି ଖାଇବାକୁ ନ ଦେଇ, ଓଷଦ ପାଣିର ଅଭାବ କରାଇ, ଦେହ ଘୋଡ଼ାଇବାକୁ ଚଦର ଖଣ୍ଡେ, ଶସ୍ତା ଜାମାଟିଏ ନ ଦେଇ ଛଟପଟ କରି ମାରିବା ପାପ ?

-ହଇରେ, ଜନମ ଦେଇ ବଞ୍ଚାଇ ନ ପାରିବାଠାରୁ ବଳି ବଡ଼ ପାପ କ'ଣ ଥାଇପାରେ ? ଜନମ ହେବାକୁ ନ ଦେବା, ମୁଁ କହିବି ପୁଣ୍ୟ । ଜନମ ଦେଇ, ସେ ପିଲା ଭୂଇଁରେ ପଡ଼ି କୁଆଁ ରଡ଼ି ଛାଡ଼ିଲା ବେଳେ ତା' ଜୁଳୁଜୁଳୁ ଆଖି ଦିଓଟିକୁ ଚାହିଁ, ତା ତଣ୍ଟି ଚିପି ମାରିବାରେ ଯେଉଁ ପାପ, ତା'ର କଳନା ନାହିଁ । ମୁଁ କହିବି, ଗଜା ଗମ୍ଭୀର ଭିତରେ ଫଉଲି ଉଠୁଣୁ ତା'କୁ ନିଷ୍କାସନ କରିବା ପୁଣ୍ୟ ନ ହେଲେ ନାହିଁ, ପାପ ବୋଲି ବିଚାରଣା କରିବା ଠିକ୍ ନୁହେଁ ।

ନରୁ ମୁଣ୍ଡ ହଲାଇ କହିଲା, ଏବେ ବୁଝିଲ । ଚିନ୍ତାମଣି ଡାକ୍ତର ସେଥିପାଇଁ ପେଟଫମ୍ପା, ପେଟମରା, ଏମିତି ସବୁ ପେଟର ରୋଗ ପାଇଁ ରୋଗୀର ଘରକୁ ଯାଇ ଓଷଦ ଦିଅନ୍ତି । ବଡ଼ ବଡ଼ିଆ ଏ ବେଶୀ ବେଶୀ ଫିଜ୍ ଦିଅନ୍ତି ମ ! ସନ୍ମାନ ପଦାରେ ପଡ଼ିବାର ଡର ଥିଲେ ତ ଡାକ୍ତରଙ୍କର କଢେଇବାର !

-କେମନ୍ତ !

-ବୁଝିଲ ନା, ଏ ଅମଳରେ ଝିଅ ପୁଅ ଏକାଠି କାରବାର । ପାଠ ପଢ଼ାରେ, ଚାକିରି-ବାକିରିରେ, ସିନେମା-ଥେଟରରେ, ଏମିତି ଅନେକ ଠେଇଁ । ସମସ୍ତେ ସ୍ୱାଧୀନ । ସାଙ୍ଗ ସୁଖ । ଆଳାପ ଆଲୋଚନା । ମିଳାମିଶା । ଆକଟ ନାହିଁ, ବାଧା ନାହିଁ । ଆକଟ କଲେ, ବାଧା ଦେଲେ ମାନୁଛି ବା କିଏ ?

ଏବେ ସବୁ ବୁଝିଲି । ଅକଳିଆ ହେଲେ, ଟୋକା ମନଲାଖୀ ନ ହେଲେ, ପାଖ ନ ପଶି କରଟଡ଼ା ଦେବାକ ହାଲୁକା ଶୁଝେ । କଥା ଶେଷ । ମାନମହତ ଭି' ରହିବା ହେବ । ଝିଅଟାର ବି ଭବିଷ୍ୟ ପୋଡ଼ିବ ।

ନରୁ ହସହସ ହେଲେ । କହିଲେ, ସେଇ ଟଙ୍କାରେ ଏବକା ଘଟଣୀଙ୍କ ନାମରେ ଏ ଘର ତୋଳା ହେଉଛି ।

ହରିମିସ୍ତ୍ରୀ ପଚାରିଲେ, ଏବକା ଘରଣୀ ? ମାଷ୍ଟରାଣୀ କ'ଣ ତାଙ୍କ ଦ୍ୱିତୀୟ ଭାରିଯା ? ଆଗ ଭାରିଯା ଗଲେ କୁଆଡ଼େ ?

-ପରଘରର ଗୁମର ଜାଣି ଆମର କି ଫାଇଦା ? ଦେଢ଼ବର୍ଷ ହେଲା ଏଇ ଘରତୋଳା କାମ ଧୀରେ ସୁସ୍ଥେ ଚାଲିଛି । କାମ ଜାଣ କରାଉଛନ୍ତି ସେହି ମାଷ୍ଟରାଣୀ । ଟଙ୍କା ପଇସାର ହିସାବ ସିନା କରନ୍ତି ଡାକ୍ତର, ଦିଅନ୍ତି ସେହି ମା । ହସହସ ଧୀର କଥା । କାହା ଉପରେ କେବେ ବିରକ୍ତ ହୁଅନ୍ତି ନାହିଁ । କାମ-କାର୍ଯ୍ୟରେ କେହି ମୂଲିଆ ହେଳା କରୁଥିବାର ଦେଖିଲେ ସେ ପାଖକୁ ଆସି କହନ୍ତି, ତୁ ଠାପୁଆ କିରେ ? ତୁ ଏତିକି କାମ କରି ଥକି ପଡ଼ିଲୁ ? ଦେହ ଭଲ ନାହିଁକି ?

ସେତିକିରେ ମୂଲିଆ ଚେଙ୍ଗା ହୋଇ ଉଠେ । ସତେ ହରିଭାଇ, ତାଙ୍କର ମୁହଁର କଅଁଳ କଥା, ଓଠର ମଧୁର ହସ, ଆଖିର ଟାପରା ଚାହାଣୀ ସତେକି ବିଧା ଗୋଇଠା କୋରେ ।

-ହଁ ।

-ଭରି ଜଣେ ସେ । ତା'ଙ୍କ ସମ୍ବନ୍ଧରେ ଲୋକେ ନାନା କଥା କହନ୍ତି । ଶୁଣା ଶୁଣିରେ ସେ ଡାକ୍ତରଙ୍କର.କେଉଁ ଲେଖାରେ ଶାଳୀ ।

-ଶାଳୀ ? ଗରିବ ମାଇପ ସଭିଙ୍କ ଶାଳୀ ଢଙ୍ଗରେ ?

-କିଏ ଜାଣେ ? ତେବେ, ଜଣାଜଣିରେ ସେ ଡାକ୍ତରଙ୍କର ଭାରିଯାଙ୍କୁ ଅପା ଡାକୁଥିଲେ । ସେ ତ ଥିଲେ ଚିର ରୋଗିଣୀ, ଏ ମା ତାଙ୍କର ସେବା କରୁଥିଲେ । ତାଙ୍କ ପିଲାଙ୍କର ଯତ୍ନ ନେଉଥିଲେ । ଯେ କୁଆଡ଼େ ଗେରସ୍ତ ଛଡ଼ା ।

-କିଏ କାହାକୁ ଛାଡ଼ିଥିଲା ?

-ଠାକୁରେ ଜାଣନ୍ତି । ନ ଦେଖିଲା ଓଉ ଛ'ଫଡ଼ା । ଲୋକଙ୍କ ଅନୁମାନ ଜାଣ ନାହିଁ ? ସଜ ମାଛରେ ସେମାନେ ପୋକ ପକାନ୍ତି । ଗଛରୁ ତୋଳି ଖବର ରଟାନ୍ତି । ଯେ ମା ଅଭିଆଡ଼ୀ ଯୁବତୀ କନିଆଁ ନ ଥିଲେ । ସେତକ ଜାଣିବା କଷ୍ଟ ନ ଥିବ । ଶଙ୍ଖା ସିନ୍ଦୂର ନାଉଥିବେ ତ ।

-ସତ । ସେମିତି କ'ଣ ଗୁଣ କାଢ଼ିଥିବେ, ଯେଉଁଥିପାଇଁ ଗେରସ୍ତ ମନଇଚ୍ଛା କୋରି ଘରୁ ନିକାଲିଥିବ । ଆଶ୍ରା ଦେବାକୁ କେହି ନଥିବେ । ନା କ'ଣ ନରୁ ?

-କିଏ ଜାଣେ ? ଓଲଟା ବି ହୋଇପାରେ ।

-ଓଲଟା ? ବୁଝି ପାରୁନାହିଁ ରେ ନରୁ ।

-ମାନେ, ତା' ବର ପାଷଣ୍ଡ ହୋଇଥିବ । ମଦୁଆ, ଲମ୍ପଟ, ଜୁଆଡ଼ି, ଅତ୍ୟାଚାରୀ । କଥା କଥାକେ ଯେ ବିଚାରୀକୁ ନିସ୍ତୁକ ଛେଚୁଥିବ । ସମ୍ପତ୍ତିବାଡି ମାହାଜନ ନେଇଥିବ । ଯେମିତି ମଦୁଆ, ଲମ୍ପଟିଆ, ଜୁଆଡ଼ିଆଙ୍କର ହୁଏ ।

-ତୋ' ବାପାଙ୍କର ଯେମିତି ହୋଇଥିଲା ।

-ଲାଜ ଦିଅନା ।

-ନାଇଁ ରେ, ତତେ ମୁଁ ଛଳେଇ କହୁନାହିଁ । ସଂସାରର ଢଙ୍ଗ ମୁଁ କହୁଛି । ବୁଡ଼ିଲା ଲୋକର ଗୋଡ଼ ତଳକୁ ତଳକୁ । ସମସ୍ତଙ୍କର ସତ୍ ଉପଦେଶ, ମା', ମାଇପ, ପିଲାଙ୍କର କାନ୍ଦବୋବାଳି, ଆଖିର ଲୁହ, ଗୋଡ଼ହାତ ଧରି ଅନୁନୟ ବିନୟ ସେଇ ଲକ୍ଷ୍ମୀଛଡ଼ାଙ୍କର ଖୋଇ ବଦଳାଇ ପାରେନାହିଁ । ବିପରୀତ ଫଳ ବି ହୁଏ, ମାନେ ଜିଦି ବଢ଼େ ।

-ଯାହା କହିଲ.....

-ମରଣ ତାଙ୍କୁ ଓଟାରେ ରେ ନରୁ, ତାଙ୍କୁ ପାଗଳ କରେ । ଭଲ ବେଳରେ । ଠାକୁରଙ୍କ ନାଁରେ ସହସ୍ରଥର ଶପଥ କରନ୍ତି । ଶପଥ ଫସରଫାଟିଯାଏ । ପୁଣି ଯେଉଁ କଥାକୁ ସେଇ କଥା । ମାଡ଼କୁ ମହାଦେବ ଡରନ୍ତି, କିନ୍ତୁ ଏ ଭାଡ଼ିଆ ଦଇବଛଡ଼ାଗୁଡ଼ାକ ମଣନ୍ତି ଯେ ସେମାନେ ମହାଦେବଙ୍କର ବୋପା ।

କାହାର ଗରଜ ବଳେଇଛି ଯେ କିଏ ମାଡ଼ ଦେଇ ବାଟକୁ ଆଣିବ ? ଫାଇଦା ଉଠାଇବାର ବାଟ ଥିଲେ ଓଲଟା ଟେହି ଦେବେ । ଚୁଲ୍ଲୀ ଭିତରକୁ ଅଧଜଳା କାଠ ଆହୁରି ଠେଲି ଦେବେ । ମନ କହୁଥିବ, ଜଳି ଯା' ରେ ବାଇଧନ, ଢୋର୍‌ରେ ଢଳ, ପୋତି ପାଉଁଶ ହ ।

ନରୁ ଥକ୍‌କା ହୋଇ ଶୁଣିଲା । କହିଲା, ସେଇଆ । ଯେ ବିଚାରୀ ବୋଧହୁଏ ଅତ୍ୟାଚାର ସହି ସହି ଗଇଁଆ ହୋଇ ରହିଥିଲେ । ନିଃସାହା ପଣିଆଁ । ତାଙ୍କର ପିଲାଝିଲା ଥିଲେ କି ନାହିଁ କିଏ ଜାଣେ ? ପ୍ରାଣଠାରୁ ବଳି ବଡ଼ କେହି ନାହିଁ ତ ! ସେଇ ପ୍ରାଣଟିକୁ ବଞ୍ଚାଇବାକୁ ଲାଜସରମ ଛାଡ଼ି ଭଉଣୀ ଘରେ ଆଶ୍ରା ନେଇଥିବେ ।

-ସେଇଆ । ମଲାଯା ! ଆଶା ମଣିଷକୁ ଛାଡ଼େ ନାହିଁ । ଗେରସ୍ତ ତାଙ୍କୁ ଖୋଜା ଲୋଡ଼ା କଲା ନାହିଁ ?

-ଶୁଣାଶୁଣିରେ ସେଇଆ । ତେବେ, ଯେ ମାଆଙ୍କର ହାତ ପିଠିର ଦରଜ ଭଲ ହେଲାରୁ ପୁଣି କୁଆଡେ ଟେରସ୍ତ ସୁଆଗ ମନେପଡ଼ିଲା । ଜାଣ ଗୋ'ଡ଼, ହାତ, ପିଠି ଗଲୁକଲା । ହିଁ, ହିଁ, ହିଁ । କନ୍ଦାକଟା କଲେ । ଡାକ୍ତର ନିଜେ ତାଙ୍କ ଗାଁକୁ ଯାଇଥିଲେ । ଗେରସ୍ତ ଉଭାନ୍ !

-କେମନ୍ତ ? ଆଉମାନେ, ବୋଇଲେ, ପିଲାଛୁଆଏ ?

-କୁଆଡ଼େ ନିଖୋଜ । କେଜାଣି, ନ ଥାଇ ବି ପାରନ୍ତି ।

-ବୋଇଲେ, ଯେ ମା ବାଂଝ କି'ରେ ନରୁ ?

-ହେଲେ ହୋଇଥିବେ ସେପାଖରେ ।

-ଏ ପାଖରେ ?

-ହେ ହରିଭାଇ, ମାଷ୍ଟରାଣୀଙ୍କୁ ଆମେ ଡାକୁଁ ଦିଦି। ଯେଉଁ ପିଲା ଦିଓଟି ତାଙ୍କ ସଙ୍ଗରେ ଆସନ୍ତି, ଶଙ୍ଖ-କଣ୍ଢେଇ ପରି ରୂପ, କୁଲୁକୁଲିଆ, ସେମାନେ ଦିଦିଙ୍କୁ ମାମି ଡାକନ୍ତି। ସାନ ପିଲାକୁ ଚାରି ଛ'ମାସ ପୂରି ନ ଥିଲା କୁଆଡ଼େ ବିଛଣାରେ ପଡ଼ି ପଡ଼ି ଡାକ୍ତରଙ୍କ ଆଗ ଭରିଯା ଆଖି ବୁଜିଲା।

ହରି ମୁଣ୍ଡ କୁଣ୍ଡାଇବାକୁ ଲାଗିଲେ। ବାଁ ପାପୁଲିରେ ଧୀରେ ଧୀରେ କପାଳ ଘଷିଲେ। ମୁଣ୍ଡ ହଲାଇ କେତେ କ'ଣ ଭାବିବାକୁ ଲାଗିଲେ। ଆନନ୍ଦର ଛଟପଟ କଲବଲ ଅନୁମାନ ମନକୁ ଆସୁଣୁ ତା'କୁ ଘଉଡ଼ି ଦେବାକୁ ନିଜକୁ ନିଜେ ମନେ ମନେ ଆକଟିଲେ, ଆରେ ଧେତ୍, ସେଇଟା ଅଳପ ପାଠୁଆ, ନିପଟ ମୋଫ-ସଲିଆଣୀ। ୟେ ପାଠୋଇ ସହରିଆଣୀ, ବହୁତ ବୁଦ୍ଧିଆ ମାଷ୍ଟରାଣୀ। କାହିଁ ରାଣୀ କାହିଁ ଚନ୍ଦରକାଣୀ ?

ପୁଣି ଭାବିଲେ, ଦୁଲାଳୀ ଅଲଗା କଥା କହୁଥିଲା। ଛାଡ, ପରଘର କଥାରୁ ଆମକୁ କି' ମିଳିବ ? ଦୁନିଆଁର ଲୋକେ ନିଜ ନିଜ ବାଗରେ ସଂସାର କରନ୍ତୁ। ସୁଖରେ ରହନ୍ତୁ।

ନରୁଟା ମଣ୍ଡନ ମୁହଁା। ଚୁପ୍ ସଇତାନ୍। ମିଛ ହେଉ, ବା ସତ ହେଉ, କାହିଁକି ସେ ଡାକ୍ତରଙ୍କ ଘରର ଗହନ ବେପାର ଜାଣିବାକୁ ଆଗ୍ରହୀ ହୋଇଥିଲା ?

ସେ ଦିନ ସେ ନିରୋଳା ବେଳରେ ନିଜକୁ ବି ଜିଜ୍ଞାସି ଥିଲେ—ଆରେ ବାଇଆ ମନ, ଯେତେ ଆକଟିଲେ ପୁଣି ତୁ ପଘା ଛୁଗାଳି କାହିଁକି ଧାଉଁଛୁ ? ପର ବାରିକୁ ମୁହଁ ଗଳାଉଛୁ ? ଡହଳ-ବିକଳ ହାଉଁହାଉଁ ପଣିଆଁ ? ପାଞ୍ଚଣ ପାହାର ଯୋଗ। ସାଧୁ ସାବଧାନ। ହେଇଟି, ଆଉ ଥରେ ଚେତାଇ ଦେଉଛି। ସହସ୍ର ବାର ତ ଗଲାଣି।

ସେ କାନ ମୋଡ଼ି ହୋଇଥିଲେ। ତରଙ୍ଗ ତରଙ୍ଗ ଗ୍ରହାଣୀ। କେହି ଦେଖି ପକାଇଲେ ହସି ଉଠିବ। ଅଜଣା କିଏ ପଚାରି ଦେବ, କିହୋ କାହିଁକି ? କି' ଚୁପ୍-ସଇତାନିଆ କାମ କରିଛ ? ହେ ବୁଢା, ନିଜକୁ ନିଜେ ଶାସନ କରୁଛ ?

କେହି ଦେଖି ନାହିଁ।

ଧାଇଁଲା ଗତିରେ ହରି ଆଗେଇ ଚାଲିଥିଲେ। ଧଇଁସଇଁ। ମନେ ହେଉଥିଲା, କିଏ ପଛରେ ଗୋଡ଼ାଉଛି। କିଏ ଡାକ ଛାଡିଛି। ଖଣ୍ଡେଦୂର ଯାଇ ଫେରି ଚାହିଁଲେ। ମଟି-ରାସ୍ତାରେ ବିବିଧ ଯାନ ଛୁଟିଛି। ଶବଦରେ କାନ ଭାଉଁ ଭାଉଁ। ଦୁଇ କଡ଼ର ଚଲା-ବାଟରେ ମଣିଷ ଚାଲିଛନ୍ତି। ନିଜ ନିଜର ଧନ୍ଦାରେ ବ୍ୟସ୍ତ-ଚଞ୍ଚଳ।

ହରି ଅପେକ୍ଷା କଲେ। ଦମ୍ ନେଲେ। ମୁରୁକେଇ ହସିଲେ। ମନକୁ ସାନ୍ତ୍ୱନା ଦେଲେ—ଏ ହରିଆ କାହାରି କିଛି ଧାରି ନାହିଁ। ଓ୍ୱେରି-ନାରୀ କରି ନାହିଁ। ଦୁନିଆଁର ହାଲଚାଲ ବୁଝିବାକୁ କାନ ଡେରିଥିଲା। ତୁଣ୍ଡ ଖୋଲିଥିଲା। କାହାରି ମନ୍ଦ ମନାସି ନ ଥିଲା। ସେ ଦୋଷ କରିନାହିଁ। ତଥାପି ଏଇ ହରିଆ

ପଛରେ ଖୁଜୁବୁଜିଆ ହରିଆଟାଏ ଗୋଡ଼ାଉଥିଲା । ରଡ଼ି ଛାଡ଼ିଥିଲା । ସେ ଏବେ ଏଇ ହରିଆଠେଇଁ ଲୀନ ହୋଇ ଗଲାଣି ।

ଆଗେ ଆଗେ ନରୁ କବାଟ, ଝରକା, କାଛ-ଆଲମାରୀଗୁଡ଼ିକ ଦେଖାଉଥିଲା । ହରିମିସ୍ତ୍ରୀ ମାପ କରୁଥିଲେ, ଡାକି କହୁଥିଲେ । ଡାକ୍ତର ଚିନ୍ତାମଣି ଖଣ୍ଡେ କାଗଜରେ ଲେଖୁଥିଲେ । ସାତ ବଖରା ଘର । ଦୁଇଟି ସେପ୍‌ଟିକ୍ ପାଇଖାନା ଓ ଗାଧୁଆ ଘର । ଆବୋର ଖଞ୍ଜାଟିର ପାଚିରିର ଦୁଇଟି ଦରଜା । ଶିଡ଼ି ଘରର କବାଟ ଝରକାର ମାପ ସରିଲା । କାଠର ହିସାବ କରାହେବ ।

ରବିବାର । ବେଳ ଦୁଇଟା । ଆଷାଢ଼ର ମେଘୁଆ ପାଗ ।

ରାସ୍ତା ଉପରେ ରିକ୍‌ସାଟିଏ ରହିଲା । କିଛି ସମୟ ପରେ ଘରଭିତରକୁ ପଶି ଆସିଲେ ନିଜେ ମାଲିକାଣୀ ହେବତୀ ଦିଦି । ତାଙ୍କ ପଛେ ପଛେ ତାଙ୍କର ଦଶ ଏଗାର ବର୍ଷର ଝିଅ । ପାଖେ ପାଖେ ଛ ସାତ ବର୍ଷର ପୁଅଟି ।

ମାଲିକାଣୀ ଛାପିଛାପିକା ପାଣିଚିଆ-ନେଳି ରଙ୍ଗର ଶାଢ଼ି ପିନ୍ଧିଥିଲେ । ବେଶ୍ ପାତଳିଆ । ଅଣ୍ଟା ତଳୁ ଆଣ୍ଠୁ ତଳ ଯାଏ ପିନ୍ଧା ଧୋବ ସାୟା । ବେକତଳୁ ପେଟ ଉପରଯାଏ ଫିକା-ହଳଦିଆ ବୁଟିପକା ବିଲାଉଜ । ଝିଲିମିଲି ଦିଶୁଥାଏ । ଭରପୁର ଦେହ । ପାନ-ପତରିଆ ମୁହଁ । ସୁଠାମ ନାକ ।

ବୟସ ଜାଣି ହେବ ନାହିଁ । ହୋଇ ପାରେ କୋଡ଼ିଏପାଞ୍ଚ । କେଜାଣି, ଦି' କୋଡ଼ି ବି ପୂରି ଯାଇଥିବ । କ୍ରିମ୍, ପାଉଡ଼ର୍, ଓଠ-ପୁଟ, ନଖ-ପୁଟର କିମିଆ-କରାମତି । ତା'କୁହବୁ ମନାଇଁ ନକଲି ଖୋଷା, ଆଉ କେଶର ଚଢ଼େଇ । ମାଲିକାଣୀ ଅଳପ ଗହଣା ପିନ୍ଧିଥିଲେ । କାନର ସୁନା ରିଂ ଦୁଇଟି ହଲହଲ ହୋଇ ଆଖି ଓଟାରୁଥିଲା ।

ଗୋଲ ଗାଲିଆ ସୁନ୍ଦର ଝିଅଟି । ତା' ମା' ରଙ୍ଗ ହେବ । ସେ ବି କାନରେ ଛୋଟ ଛୋଟ ରିଙ୍ଗ୍ ନାଇଥିଲା । ବେକରେ ଚେନ୍ ହାର । ହାତରେ ପଟେ ପଟେ ସୁନା-କାଚ । ମୁଣ୍ଡର କେଶ ଓଲଟା କୁଣ୍ଡା ହୋଇଛି । ବେକତଳକୁ ଚାରିଆଙ୍ଗୁଳ ପ୍ରମାଣେ ଲମ୍ବି ସିଧା କଟା ହୋଇଛି । ସେ ବି ଛାପିଚାପିକା ରଙ୍ଗକନାର ଫ୍ରକ୍ ପିନ୍ଧିଛି । ଧୀର-ସ୍ଥିର ଝିଅଟି । ତା' ମା'ଙ୍କର ପାଖ ଛାଡ଼ୁ ନାହିଁ ।

ଛୋଟ ପୁଅଟିର ସ୍ୱାସ୍ଥ୍ୟ ଭଲ । ବାପ ବରଣ ଦିଶୁଛି । ମୁହଁ, ଓ ଦେହର ରଙ୍ଗ ବି । ଟିକିଏ ଚଞ୍ଚଳ ପ୍ରକୃତିର ପରି ଜଣା ଯାଉଛି । ଖୁଜୁବୁଜିଆ ଖୋଇ । ଏଥିରେ ସେଥିରେ ହାତ ମାରୁଛି । ପିନ୍ଧିଛି ଲାଲ୍ କନାର ହାତକଟା କାମିଜ୍, କଳା କନାର ଅଧା-ପ୍ୟାଣ୍ଟ୍ ।

ନବୁ ରାଜମିସ୍ତ୍ରୀ ସଙ୍ଗେ ମାଲିକାଣୀ ବୁଲି ବୁଲି ସବୁ ତଦାରଖ୍ କଲେ । ତାଙ୍କ ସଙ୍ଗେ ସଙ୍ଗେ ଝିଅଟି ବି ଚାଲିଥାଏ । ମାଲିକାଣୀ କେତେ କ'ଣ ପଚାରି ବୁଝୁଥିଲେ । କେବେ ଦିଶି ଯାଉଥିଲେ, କେବେ କାନ୍ଥ ଉହାଡ଼ରେ ଛପି ଯାଉଥିଲେ ।

ହରିମିସ୍ତ୍ରୀ ଚାହିଦା କାଠର ପରିମାଣ ସ୍ଥିର କରି ଡାକ୍ତରଙ୍କୁ ବୁଝାଉଥିଲେ । କେତେ କାହିଁରୁ ଚଉକାଠ ଓ କବାଟଗୁଡ଼ିକ ପାଇଁ ଲାଗିବ, ତା'ର ଆନୁମାନିକ ମୂଲ୍ୟ, ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ, ଓ ମୂଲପାତିର ମୋଟାମୋଟି ଖର୍ଚ୍ଚ କେତେ ହେବ ସେ ବୁଝୁଥିଲେ ।

ଏସବୁ ସମ୍ବନ୍ଧରେ ଡାକ୍ତରଙ୍କର କୌଣସି ଧାରଣା ନ ଥିଲା । ସେ ଭାବିଥିଲେ, ଟଙ୍କା ଖରଚ କଲେ ବିନା ଆୟାସରେ ମନଚାହିଁ ସୁନ୍ଦର କୋଠା ଘରଟିଏ ରାତି ପାହି ସକାଳ ମୁହଁ ଦେଖାଇଲା ବେଳକୁ ଶୂନ୍ୟରୁ ଓହ୍ଲାଇ ଆସି ଆଗରେ ଠିଆ ହୋଇଯିବ । ଯେତେ ଯେଉଁଠି ଅତି ସୁନ୍ଦର ସୁନ୍ଦର ଏବକାଳିଆ ସୌଖୀନ କୋଠା ସେ ଦେଖିଛନ୍ତି, ଅଳ୍ପ ଖରଚରେ ସବୁଗୁଡ଼ିକର ନିର୍ଯ୍ୟାସ ଆସି ତାଙ୍କରି ଛୋଟ କୋଠାଟିରେ ପୂର୍ଣ୍ଣ ହୋଇଯିବ । ଅଳପ ଚୁନାକୁ ବହୁତ ପିଠା । କିସମ୍ କିସମ୍‌ର ।

ହୁସିଆର୍ ହରିମିସ୍ତ୍ରୀ ତାଙ୍କର ସ୍ୱାଭାବିକ ମର୍ଜିଲା-ରୀତିର ଲେଫେଡ଼ା-ହସ ଓ ମୁଣ୍ଡ ଟୁଙ୍ଗୁରାରେ ଡାକ୍ତରଙ୍କ ରୁଚିକୁ ପସନ୍ଦ କରିଥିଲେ । ତାଙ୍କର ମଗଜ୍‌ର ତାରିଫ୍ ଅକଲ୍‌କୁ ସମଝିଲା ଢଙ୍ଗରେ ଭ୍ରୂଲତା ଟେକି ମୁହଁ ଖୋଲିଥିଲେ—ବହୁତ ଭଲ ହେବ ଆଜ୍ଞା ! ଖରଚ ଟିକିଏ ଅଧିକ ହୋଇପାରେ । କିନ୍ତୁ ସାର୍, ସେଥିକି ଡରିଲେ ଚଳିବ ନାହିଁ । ଯାହା କରା ହେବ, ଏକା ଲାହସରେ କରି ହେବ । ରହିଲେ, ରହିଲା । ରାବଣ ପରିକା ରାଜା, ଆଖିରଯାକେ ସ୍ୱର୍ଗକୁ ନିଶୁଣିଟିଏ କରି ପାରିଲା ନାହିଁ । କ'ଣ ତା'ର ଅଭାବ ଥିଲା ? ଧନରେ, ଜନରେ, ନା ମନରେ ?

-କ'ଣ ଅଭାବ ଥିଲା ମିସ୍ତ୍ରୀ ?

ହାତଯୋଡ଼ି ହରିମିସ୍ତ୍ରୀ ନିଭନ ହୋଇ ଜଣାଇଲେ, ମୁଁ ଆଜ୍ଞା ମୂର୍ଖଟା, ଆପଣଙ୍କୁ କ'ଣ ମସୁଧା ଦେବି ?

-ଆରେ କହ ନା—

-'କାଲିଭାବ' ଆଜ୍ଞା ।

ସାମାନ୍ୟ ବିରକ୍ତ ଭଙ୍ଗୀରେ ଡାକ୍ତର ପଚାରିଲେ, 'କାଲିଭାବ', କ'ଣ ?

-କହୁଛି ଆଜ୍ଞା ! ହୁଦସ୍ତ କରିଯିବ ତ ହେବ । କାଲି କରିବି ଭାବିଲେ ସେ କାଲି ଆଉ ନ ଆସେ । ହାତ ପାଖରୁ ଦୂରେଇ ଦୂରେଇ ଯାଉଥାଏ । ରାବଣ କାଲି କରିବା ଭୁଲର ମାୟାରେ ପଡ଼ିଯାଇଥିଲା । ବୋଇଲା, ଆରେ ଯେ, ଯେତେବେଳେ ଯିଏ !

ଡାକ୍ତର ହରିମିସ୍ତ୍ରୀଙ୍କ ମୁହଁକୁ ଚାହିଁ ଭାବିବାକୁ ଲାଗିଲେ । ଦୀର୍ଘଶ୍ୱାସ ଛାଡ଼ି ସ୍ୱର ନରମାଇଁ କହିଲେ, ଠିକ୍ କଥା ମିସ୍ତ୍ରୀ । ହାଡ଼େ ହାଡ଼େ ସହସ୍ର ଥର ଚେଙ୍ଗା ଖାଇଲେ ବି ଅସଲ ମନ୍ତ୍ର ଯାହା ତମ ତୁଣ୍ଡରୁ ବାହାରିଲା ସେତକ ମଣିଷ ଭୁଲେ । ଯେବେ ମନେ ପଡ଼େ । ଗୋଡ଼ ଚଙ୍ଗେ ନାହିଁ ।

-କାହିଁକି ଆଜ୍ଞା ?

-ସମ୍ବଳ ନ ଥାଏ । ବଳ ପାଏ ନାହିଁ । ମନ ଖୋଜେ, ଧନ ମୁହଁ ମୋଡ଼ି ଦିଏ । ସେଇ ଅଙ୍କଟ ମନକୁ କାଲିର ଆଶା ସୁଖର ସପନ ଦେଖାଏ । ଆଶା ମରେ ନାହିଁ, ସପନ ତୁଟେ ନାହିଁ ।

ନରୁ ମିସ୍ତ୍ରୀଙ୍କ ସଙ୍ଗରେ ମାଲିକାଣୀ ବାରଣ୍ଡାରେ ପହଞ୍ଚିଲେ । ଡାକ୍ତରଙ୍କ ପଛେ ପଛେ ହରି ତାଙ୍କ ପାଖକୁ ଗଲେ । କାମର ଆଲୋଚନା ହେଲା । ଡାକ୍ତର କହିଲେ, ହରିମିସ୍ତ୍ରୀ ମଜୁରିରେ କାମ କରିବାକୁ ରାଜି ହେଲେ । ଦରକାର ମୁତାବିକ ଅନ୍ୟ ଜଣେ ବା ଦୁଇଜଣ ମିସ୍ତ୍ରୀ ସେ ଲଗାଇବେ । ଦାୟିତ୍ୱ ତାଙ୍କର । କାମ ଏଇଠି ହେବ । ରାତିରେ ଜଗି ଶୋଇବାକୁ ନରୁମିସ୍ତ୍ରୀ ଜଣେ ବିଶ୍ୱାସୀ ମୂଲିଆ ରଖିବେ ।

ନରୁ କହିଲେ; ସେଥିକୁ ଚିନ୍ତା ନାହିଁ । ହରିଭାଇ ଯେଉଁ କାମରେ ହାତ ଦେବେ, ସେଥିରେ ଖଇରୁ ରହିବ ନାହିଁ । ତାଙ୍କୁ ଠକି ଦେବ ଏ ସାହସ କେହି କରିବେ ନାହିଁ ।

ହରି ହାତ ଯୋଡ଼ି କହିଲେ, ନିହାତ ଜଗି କାମ ନ କଲେ ଦଇବଦଣ୍ଡ ମୁଣ୍ଡରେ ପଡ଼ିବ । ଦେଖି ଦେଖି ବୁଢ଼ା ହେଲି । ମୋ' ଆଖି ଆଗରେ ଯଦି କିଏ ହାତ ବନ୍ଦ କରି ବସିବ ଗପ କରିବ, ତା' କାନ ଧରି ତା'କୁ ନିକାଲି ଦେବି ।

ନରୁ କହିଲେ, ସେଇଆ ସେ କରନ୍ତି । ସେ ନିଜେ ଠକନ୍ତି ନାହିଁ, କି ଠକାମି ବରଦାସ୍ତ କରନ୍ତି ନାହିଁ ।

ମାଲିକାଣୀ ହସି ଉଠିଲେ । କହିଲେ, ହରିମିସ୍ତ୍ରୀଙ୍କର ପ୍ରଶଂସା ଆମେ ଶୁଣିଛୁ । ତାଙ୍କ ଉପରେ ଆମର ବିଶ୍ୱାସ ଅଛି । ବିଶ୍ୱାସରେ ବିଷ ନ ଦେଲେ ହେଲା ।

ହରି ହାତ ଯୋଡ଼ି କହିଲେ, ଜୀବନ ଗଲେ ଯିବ ପଛେ ମା, ନିହାତ ଯିବ ନାହିଁ । କାହିଁକି କାହାକୁ ଠକିବି ? ମୁଁ ଏକାକୁ ଏକା । ମୋ'ର ଗୋଟାଏ ପେଟ, କିନ୍ତୁ ମା, ଅନ୍ୟମାନଙ୍କୁ ଆପଣାର କରି ପ୍ରାଣପଣ ଖଟୁଛି । ଧନ ଅର୍ଜୁଛି । ଅଭାବ ନାହିଁ । ବଦ୍‌ଖୋଇ ନାହିଁ । ଗଲାବେଳେ କାନିରେ ବାନ୍ଧି ସେପୁରକୁ କିଛି ନେଇଯିବି ନାହିଁ ।

-ମନ ଦୁଃଖ କଲ କି ହରି ? ଡାକ୍ତର ଯେମିତି ଉଦାସିଆ ମଣିଷ ତମେ ଜାଣିଛ । ଆମର ଅଳପ ଧନ । ସେଇଥି ପାଇଁ କହିଲି । ତମ ନାତୁଣୀ ରଙ୍ଗଣୀ ମୋ ଝିଅ ସୋହାଗିନୀ ସଙ୍ଗରେ ପଢେ ।

-ହଁ, ମା ! ସେ ମୋ ପୁତୁରାର ଝିଅ । ହତଭାଗିନୀଟା ।

-ଏଁ !

-ତା' ବାପା ଉଦ୍ଧତ ପ୍ରକୃତିର ଲୋକ ଥିଲା । କଥା କଥାକରେ ହାତ ଉଠାଏ । ମୋତେ ବି କେତେଥର ଯାବୁଡ଼ା ଥୋଇଛି । ତା' ବାପ ମୋ' ଜେଠା ପୁଅ ଭାଇ । ଭିନେ ହୋଇଥିଲା ! ରଙ୍ଗଣୀ ପେଟରେ ଥିଲା । ମୋ'ର ସେ ପୁତୁରାର କାଳ ହୋଇଗଲା । ଝିଅଟିଏ ହେଲାତ, ସବୁ ରାଗ ଭୁଲିଗଲି । ଭିନେ ହେଲା ପୁତୁରାର ମା, ବିଧବା, ଟିକି ଝିଅକୁ ଆବୋରି ନେଲି । ମୋ' କୁଟୁମ୍ବ ଏତିକି !

-ଆଚ୍ଛା । ତମ ଅନ୍ତେ ?

-ମୋ' ଅନ୍ତେ କ'ଣ ସଂସାର ପ୍ରଳୟ ହୋଇଯିବ ? ନାହିଁ ମା, ସଂସାର ଯେମିତି ଚାଲିଛି ସେମିତି ଚାଲିଥିବ । ଦିନ ରାତି ସେମିତି ଆସୁଥିବ, ଯାଉଥିବ ।

-ତମ ସମ୍ପତ୍ତି ?

-ଭୂତ ଖାଇବେ ମା ! ଭାବିଛି, ମୋ'ର କେଉଁ ଭଣଜାର ଗୋଟିଏ ପୁଅକୁ ଆଣି ରଙ୍ଗଣୀ ବୋଉର କୋଳରେ ଦେବି । ସେ ତା'କୁ ପୁଅ କରିବ । ସେ ଏବ ଯାଏ ମର୍ଗିନାହିଁ । ତା'ର ମତଲବ, ରଙ୍ଗଣୀ ବାହା ହବ, ତା'ର ପୁଅ ହେବ, ସେ ପୁଅକୁ ମୁଁ ପୋଷ୍ୟ-ପୁଅ କରିବି । ମୁଁ ସେଇ ଆଗତ-ପୁଅ ନାଁରେ ମୋ' ସମ୍ପତ୍ତି ଏବଠୁଁ ଉଇଲ କରିଯିବି ମା ।

ହରିମିସ୍ତ୍ରୀ ନିଜେ ହସିବାକୁ ଲାଗିଲେ । ଅନ୍ୟମାନେ ହସିଲେ । କିନ୍ତୁ, ମାଲିକାଣୀ ଡାକ୍ତରଙ୍କ ମୁହଁକୁ କାଣେଇ ଚାହିଁ ଗମ୍ଭୀର ହେଲେ । ତାଙ୍କର ଝିଅ ସୋହାଗିନୀ ପାଖ ବଖରାରେ ତା' ଭାଇର ହାତଧରି ଅଟକାଇ ରଖିଥିଲା, ତା'କୁ ଆକଟ କରି କ'ଣ କହୁଥିଲା । ପିଲାଟା ଫିଟି ଯିବାକୁ ଭିଡ଼ିମୋଡି ହେଉଥିଲା । ତା'ଙ୍କ ଉପରେ ଆଖି ପକାଇ ମାଲିକାଣୀ କହିଲେ, ତେବେ ସେଇଆ ହେଲା ହରି !

-କ'ଣ ମା ?

-ତମେ, ନରୁ ଓ ଡାକ୍ତର ଦିନେ ଗୋଲାକୁ ଯାଇ ଦେଖି ପରଖି କାଠ କିଣି ଆଣ । ସେଇଠୁ କାମ ଆରମ୍ଭ କରିବ । ତମରି ନିର୍ଭରରେ ରହିଲି । ଡେରି କରନା ।

ଡାକ୍ତର କହିଲେ, ସେଇଆ ହେବ । ତେବେ, ମୋ'ର ସାତଦିନ ସମୟ ଦରକାର । ଗୋଟାଏ ଜରୁରୀ କେସ୍ ହାତରେ ଅଛି । ସେଇଠୁ ତ ଆସିଲି ।

ହରି କହିଲେ, ସେତିକି ସମୟ ମାଗିବାକୁ ମୁଁ ବି ଗୁହାରି କରିଥାନ୍ତି । ତିନି ଚାରିଦିନ ପରେ ମୁଁ ଆପଣଙ୍କ ସଙ୍ଗେ ଦେଖା କରିବି । ଆଉ ଯେଉଁ ମିସ୍ତ୍ରୀ ମୋ ସଙ୍ଗେ କାମ କରିବ ତା'ଠୁଁ ଟିକିଏ ବୁଝେଁ ।

ଡାକ୍ତର ମାଲିକାଣୀଙ୍କୁ କହିଲେ, ତମେ ପିଲାକୁ ନେଇ ବସାକୁ ଫେରିଯାଅ ସେବତୀ ! ମୁଁ ଏଣେ ଆମ ଦୋକାନକୁ ଯାଉଛି । କମ୍ପାଉଣ୍ଡର ଅପେକ୍ଷା କରିଥିବେ । କେତେ ରୋଗୀ ଚାହିଁ ରହିଥିବେ । ଶୀଘ୍ର ଫେରିବାକୁ ଚେଷ୍ଟା କରିବି ।

ଡାକ୍ତରଙ୍କ ମୁହଁରୁ ମାଲିକାଣୀଙ୍କର ନାମଟି ଶୁଣି ହରିମିସ୍ତ୍ରୀ ଟିକିଏ ଚିହ୍ନିକି ଉଠିଲେ । ସେଇ ନାମଟା ଆନନ୍ଦ କେଜାଣି କେତେଥର ତାଙ୍କ ଆଗରେ ଉଚ୍ଚାରିଛି । ସେଇ ନାମଟି ଯେଉଁ ଚଳନ୍ତି-ପ୍ରତିମାର ଥିଲା, ଯାହାର ସୁମରଣା ଏବଯାଏ ଆନନ୍ଦର ମନରେ ଆତଯାତ ହେଉଛି, ତା'ର ରୂପ, ଆଖି, ନାକ, କାନର ଯେଉଁ ଛବି ସେ କେତେଥର ତାଙ୍କ ଆଖି ଆଗରେ ନିଖୁଣ ଶିଳ୍ପୀ ପରି ଆଙ୍କିଛି, ସେ ସବୁର ଆଭାସ କ'ଣ ସେ ସେବତୀ ଦିଦିଙ୍କର ରୂପ, ଆଖି, ନାକ, କାନରେ ପାଇଲେ ?

ନରୁ ରାଜମିସ୍ତ୍ରୀଙ୍କ ପଛେ ପଛେ ଆଗେଇ ଯାଉଣୁ ହରି ମୁଣ୍ଡଟେକି ଖୋଲିଲା ଆଖିରେ ଦିଦିଙ୍କର ଚଲା-ଦୋହଲା ମୂରତିକୁ ଚାହିଁଲେ । ମୁଣ୍ଡରୁ ଓଢ଼ଣା କାନ୍ଧ ଉପରକୁ ଓହ୍ଲାଇ ଆସିଛି । ସେ ଡାକ୍ତରଙ୍କ କଡ଼େ କଡ଼େ ଚାଲିଛନ୍ତି । ସେ କଅଁଳେଇ ଡାକିଲେ, ସୋହାଗୀ—

ଝିଅଟି ମୁହଁ ଫେରାଇ ଜବାବ ଦେଲା, ମାମି—

-ତୁ ଚନ୍ଦନକୁ ନେଇ ରିକ୍ସାରେ ବସାକୁ ଯାଇ ପାରିବୁ ? ମୁଁ ତୋ' ବାପାଙ୍କ ସଙ୍ଗେ ଦୋକାନକୁ ଯିବି । ସଙ୍ଗେ ସଙ୍ଗେ ଫେରି ଆସିବି ।

ସୋହାଗୀ ଜବାବ ଦେବା ଆଗରୁ ଚନ୍ଦନ ଧାଇଁ ଆସି ସେବତୀଙ୍କର ହାତ ଧରିଲା । ପ୍ରତିବାଦ କଲା, ମୁଁ ତା' ସଙ୍ଗରେ ଯିବି ନାହିଁ ମାମି । ସେ ମୋତେ ମାରିବ ।

-ନାଇଁ ରେ, ତୁ ଦୁଷ୍ଟ ହେବୁ ନାହିଁ, କି ସେ ତତେ ମାରିବ ନାହିଁ ।

ପାଖରେ ହେଲାରୁ ସୋହାଗୀ କହିଲା, ଚନ୍ଦନ ମୋ' କଥା ମାନିବ ନାହିଁ । ଡିଆରିଲେ ସେ ଓଲଟି ମତେ ମାରିବ । ନିଜେ ଗାଡ଼ି ଧଟିବ । ତୁ ତା'କୁ ସଙ୍ଗରେ ନେଇ ଯା । ମୁଁ ମୋ'ର ଏକା ଯିବି ।

ହରି ମଣିଲେ, ସୋହାଗୀ ଅଭିମାନ କରିଥିଲା ।

ନରୁ ବାହାର କାଛର ପ୍ଲାଷ୍ଟର କାମ କରିବାକୁ ଚାଲି ଯାଇଥିଲେ । ମନରେ ବେତାଏ ଦୋହଲା ସଂଶୟ ସମାଦି ହରି ଆଗକୁ ଆସିଲେ । ହାତଯୋଡ଼ି, ଅଣ୍ଟା ଅଳପ ନୁଆଇଁ ଡାକ୍ତର ଓ ସେବତୀଦିଦିଙ୍କୁ ଜୁହାର କଲେ । ହଲକ-ଦୋହଲା ହାଲତରେ ହସହସ ଦିଦିଙ୍କ ମୁହଁକୁ ଚାହିଁ ସେ କହିଲେ, ବାକିଆ କାମ ଛିଣ୍ଡାଇ ମୋ' ସାଙ୍ଗ ମିସ୍ତ୍ରୀକୁ ସଙ୍ଗରେ ଧରି ମୁଁ ନିଜେ ଦେଖା କରିବି ମା' !

-କେବେ ?

-ଦି' ଚାରିଦିନ ପରେ ।

ଫେରନ୍ତା ବାଟରେ ବିବେକର ଶାସନ ନ ମାନି କୁତୁହଳୀ ମନ ସେବତୀ ଦିଦିଙ୍କ ପାଖକୁ ଧାଇଁ ଯାଉଥିଲା । ହରିମିସ୍ତ୍ରୀଙ୍କ ଆଖିକୁ ଦିଶି ଯାଉଥିଲା ସେହି

ରୂପଟି ଯାହାର ନିଖୁଣ ଛବି ବ୍ୟାକୁଳ ଭଙ୍ଗୀରେ ଟିକିନିଖି ଆନନ୍ଦ ଚିତ୍ର କରେ । ପ୍ରଭେଦ ଏତିକି ଯେ ଆନନ୍ଦର ସେବତୀ ଥିଲା ଛନଛନିଆଁ ନବ ଯୁବତୀ । ଗରିବ ଘରର ଛେଉଣ୍ଡ ଝିଅ । ମୋଫସଲିଆଣୀ । କର୍ତ୍ତବ୍ୟକର୍ମ ସାଧାସିଧା ଲାଜକୁଳୀ କୁଳ ବୋହୂଟିଏ । ଲୋଟଣି ପାରା । ଅଳପ ପାଠୁଆ । ମଣିଷଙ୍କ ଛାଇ ପଡ଼ିଲେ, ସ୍ୱର ଶୁଭିଲେ, ସରମରେ ଶଙ୍କା ତେଲୁଣୀପୋକ । ଗାଁ ବୋହୂ, ଗାଁ ଗରବ । କାନ କାଟିଲେ ମୁହଁରୁ ବଚନ ବାହାରେ ନାହିଁ ।

ଡାକ୍ତରଙ୍କ ଘରଣୀ ମାଷ୍ଟରାଣୀ ସେବତୀ ଦିଦି ବୟସର ଧାସରେ ମହଳ ଦିଶୁଛନ୍ତି । ଆନନ୍ଦ ଆଙ୍କିଲା ରୂପର ଝାପସା ଛାଇ । ସହରୀ ଚଳନରେ ଆଉ-ଜାତିକା ଦିଶୁଛି । ବୟସ ପଇଁତିରିଶ ପାଖେଇ ଯିବଣି । କେଜାଣି, ଡେଇଁ ଯାଇଥିବ । ହେଲେ, ସେଇ ବୟସକୁ ପଛକୁ ଓଟାରି ଜାବତା କରି ଅଟକାଇବାକୁ ଚେଷ୍ଟା ! ଝିଅଟିର ନାମ ସୋହାଗୀ, ପୁଅଟିର ନାମ ଚନ୍ଦନ ! କେମିତି ମିଶି ଯାଉଛି ?

ଆରେ ନା, ନାଃ ! ସେ ଜାଣିବା ଶୁଣିବା ମଣିଷ ହୋଇ ଏମିତି ବାଉଳି ହେଉଛନ୍ତି ? ଆନନ୍ଦର ନିଶାର ବାମ୍ଫ କାନବାଟେ ଭେଦି ତାଙ୍କ ମଗଜକୁ ଟିକିଏ ମହୁଆ ମୋହରେ ଘାରି ଦେଇଛି ? ତାଙ୍କ ବିବେକ-ବୁଦ୍ଧିକୁ ମେଘୁଆ କରିଛି ? ଛି ! ସେବତୀ ଦିଦି ବହୁତ ପାଠ ପଢ଼ିଛନ୍ତି । ହିସାବ ତାଙ୍କ ମୁହଁରେ । କାହାକୁ ଡରିବାର ସ୍ତ୍ରୀ ନୁହନ୍ତି । ସ୍ୱାଧୀନ ଚଳଣ । ପିଲା ଦୁଇଟିଙ୍କ ନାମ ମିଶିଗଲା ବୋଲି, ଏକା ନାଁ ହେଲା ବୋଲି, ମାଇପି ଦିଓଟି ଏକା ହେବେ ଏହା ପାଠରେ ଲେଖା ହୋଇ ନ ଥିବ । ପାଠରେ ତ ଏ ସୂତ୍ର କେଉଁଠି ସେ ଶୁଣି ନାହାନ୍ତି !

ବାଟ ଭୁଲୁଣୁ ବାଁ ହାତ ଟେକି କାନମୋଡି ହେଲେ । ନିଜକୁ ସତର୍କ କଲେ । ପରର ନିର୍ବୋଧତାରୁ କାଣିଚାଏ ଆପଣାର କରି ଭବିଷ୍ୟତରେ ବାଉଳି ନ ହେବାକୁ ସେ ପ୍ରତିଜ୍ଞା କଲେ । ବାଁ ହାତରେ ମୁଣ୍ଡର ଧୋବଲା କେଶକୁ ସାଉଁଳି ମନେ ମନେ ନିଜକୁ କହିଲେ, ଆରେ ଅଲାଜୁକ ହରିଆ, କେବେ ଆଉ ବୁଦ୍ଧି ଶିଖିବୁ ? ହାତ ଟେକି କେହି କେବେ ତୋ' ଦେହରେ ଟିପ ଛୋଇଁ ନାହିଁ । ନିଜେ କାହିଁକି ଆପଣା ଭିତରେ ପରର ଭୂତକୁ ପୂରାଇ ତା' ହାତରେ ଗୋଟାଛ ବାଡ଼ିଆ ଖାଉଛୁ ? ଯେତିକି ହେଲା ସେତିକି । ଦେହରେ ମନରେ ବଳ ଥିବା ଯାଏ କାମ କର ରେ ହରିଆ, ବଳ ହଟିଲେ ରାମ ନାମ ଧର ।

ହରିମିସ୍ତ୍ରୀଙ୍କ ଚଳନରେ ଟିକିଏ ପରିବର୍ତ୍ତନ ଆସିଲା । କାରଖାନାର କାମ ଜୋର୍ ସୋର୍‌ରେ ଲଗାଇ ଦେଲେ । ଅଧିକ ଲୋକ ଲଗାଇ ବରାଦି ପାଇଟି ଶେଷ କଲେ । ଯାହାର ଜିନିଷ ତାକୁ ବୁଝାଇ ଦେଇ ଆପଣା ପାଉଣା ଆଦାୟ କଲେ । ସାହାଯ୍ୟକାରୀ ମିସ୍ତ୍ରୀ ଓ ମୂଲିଆଙ୍କୁ ସେମାନଙ୍କର ବାକିଆ ଛିଣ୍ଡାଇ ଦେଇଥିଲେ । ଶେଷଆଡ଼କୁ ଆନନ୍ଦ ବି ଆସି ତାଙ୍କ ସଙ୍ଗେ ଯୋଗ ଦେଇଥିଲା । ଚିନ୍ତାମଣି ଡାକ୍ତରଙ୍କର କାମରେ ତାକୁ ସହାୟକ କରି ନେବାକୁ ସେ ତା' ପାଖରେ ପ୍ରସ୍ତାବ ବାଢ଼ିଥିଲେ । ଆନନ୍ଦ ରାଜି ହୋଇଥିଲା ।

ଏ ମଧ୍ୟରେ ହରିମିସ୍ତ୍ରୀଙ୍କ ସଙ୍ଗେ ନରୁମିସ୍ତ୍ରୀ ଦେଖା କରିଥିଲେ । କହିଲେ, ସେମାନେ ବ୍ୟସ୍ତ ହୋଇ ପଡ଼ିଲେଣି । ମାଲିକାଣୀ କହୁଥିଲେ, ଯଦି ତମର ବେଳ ନାହିଁ, ଅନ୍ୟ ମିସ୍ତ୍ରୀ ଠିକଣା କଲେ ଚଳିବ । ସେ ଡାକ୍ତରଙ୍କ ସଙ୍ଗେ କେତେ ଗୋଲା ଓ ମିଲ୍‌କୁ ଯାଇ କାଠର ଦର ବୁଝି ଆସିଲେଣି । ମୁଁ ବି ସଙ୍ଗରେ ଯାଇଥିଲି । ଦିଦି ଭଳି ଜଣେ ହରିଭାଇ ! ଅତି ସନ୍ଦେହୀ । ଜିଭରୁ ଶିର କାଢ଼ିବା ଲୋକ । ହେଲେ, ମୂଲ ମଜୁରି ଦେବାକୁ ହଇରାଣ କରନ୍ତି ନାହିଁ ।

ମୋଟ ଉପରେ ଭଲ ଲୋକ । ମୁଁ କାଲି ଯାଇ ଦେଖା କରିବି । କହିଦେବୁ, ସାହାଯ୍ୟ କରିବାକୁ ଆଉ ଜଣେ ଭଲ ମିସ୍ତ୍ରୀ ଖୋଜୁଥିଲି । ଆନନ୍ଦିଆ ରାଜି ହୋଇଛି । ତୁ ଜଣେ ମୂଲିଆ ଦେବୁ । ପିଲାଟିଏ ହେଲେ ଭଲ ।

ନରୁ ରାଜି ହୋଇଥିଲେ ।

କାଠ କିଣା ହେଲା । ଡାକ୍ତରଙ୍କ ସଙ୍ଗେ ହରି ଓ ନରୁ ଗୋଲାକୁ ଯାଇଥିଲେ । ନିଜ ହାତରେ ଡାକ୍ତର ଗୋଲାଦାର୍ ଓ ସାଇଜ୍ ମୁତାବିକ୍ କାଠ ଚିରିଥିବା ମିଲ୍ ମାଲିକଙ୍କୁ ସେମାନଙ୍କର ପାଉଣା ଦେଇ ରସିଦ୍ ହାସଲ୍ କଲେ । ହରିମିସ୍ତ୍ରୀ ଟ୍ରକ୍ ଯୋଗାଡ଼ କରି ପଲଖା ସହିତେ 'ସାଇଜ୍' କାଠ ମାଲିକାଣୀଙ୍କ ଘରକୁ ବୁହାଇ ଆଣିଲେ । ମାଲିକାଣୀ ସନ୍ତୁଷ୍ଟ ହେଲେ ଯେ ତାଙ୍କର ଧନ ବର୍‌ବାଦ୍ ହୋଇ ନାହିଁ । ଉଚିତ ଦରରେ ସବୁ କାମ ସୁରୁଖୁରୁରେ ହୋଇଛି ।

ନିହାତ ଜଗି କାମ କରୁଥିବା ହରି ଖୁସି ଯେ ଗୋଲାଦାର୍ ମିଲ୍ ମାଲିକ ଓ ଟ୍ରକ୍‌ବାଲାଠାରୁ ସେ ତାଙ୍କର ଉଚିତ 'ମାମୁଲି' ପାଇଛନ୍ତି । ଧରାବନ୍ଧା ଗତ । ଦୈନିକ ମଜୁରୀର ଦୁଇଗୁଣରୁ ଅଧିକ । ସେତକ ତାଙ୍କର ହକ୍ ପାଉଣା । ନରୁ ସଙ୍ଗେ ସେଇ ବୁଝାମଣା । ଅକୁହା, ଅଦେଖା ।

କାମ ଆରମ୍ଭ ହେଲା । ପ୍ରଥମ ଦିନ ସଜଡ଼ା ସଜଡ଼ି, ମାପଚୁପ, ସେଇଠୁ ସାଇଜ୍ କରା । କେବଳ କରତର କାରବାର । ଆଗ ଚଉକାଠ ଭିଡ଼ା ହେବ । ସେଥିପାଇଁ ସେଇ କାମ ଆଗ ହେବା ଦରକାର । ତା' ପରେ କବାଟ, ଝରକା, ଆଉ ଆଉ ନକ୍‌ସା କାମ । ଦୁଇ ଜଣ ମିସ୍ତ୍ରୀ କାମ କରୁଛନ୍ତି । ହରି ଓ ଆନନ୍ଦ ।

ଦିନକର, କାମ ଶେଷ କରି ଉଠିଲା ବେଳକୁ ମାଲିକାଣୀ ଆସି ପହଞ୍ଚି ଗଲେ । ତାଙ୍କ ପଛେ ପଛେ ନରୁ । ସେ ଏକା ଆସିଥିଲେ ।

ହରି ଉଠି ଠିଆ ହେଲେ । ତାଙ୍କୁ ଦେଖି ଆନନ୍ଦ ମଧ୍ୟ ଉଠିଲା । ସେ ହସ ହସ ହେଉଥିଲେ । ହରି ଆଗବଳିପଡ଼ି କହିଲେ, କାମ ଯୋର୍‌ସୋର୍‌ରେ ଚାଲିଛି ମା ! ଦିନ ଚାରିଟାରେ ରନ୍ଦାମାରା ଶେଷ ହେବ । ତା' ପରେ ଚଉକାଠ ଯୋଡ଼ା । ରଙ୍ଗ ତ ଦିଆଯିବ, ବେଶି ମାଠିବା କି ଦରକାର ? ଡେରି ହେବ ନାହିଁ । ଯେତେ ଅଧିକ ପାଲିସ୍ କରିବ, ସେତିକି ଅଧିକ ମୂଲ ଖର୍ଚ୍ଚ ।

ସେବତୀ ନରୁର ମୁହଁକୁ ଚାହିଁଲେ । ସେ ନରୁର ମତାମତ ଚାହୁଁଥିଲେ । ନରୁ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ । ଦିଦିଙ୍କ ଧାରଣା ନରୁ ରାଜମିସ୍ତ୍ରୀ ଯିଏ ପବନ ପରି ଭ୍ରମେ, ବିଜୁଳି ପରି କାମ କରେ ଓ କରାଏ ତା'କୁ ସବୁ ଜଣା । ପୁଣି, ନରୁର ଅସଲ ଗୁଣ ହେଲା ମାଲିକର ଅଣ୍ଟ-ନିଅଣ୍ଟକୁ ସେ ସମ୍ଭାଳି ନିଏ ।

କେଉଁଦିନ କେତେଜଣ ରାଜମିସ୍ତ୍ରୀ ଓ କେତେ ଜଣ ମୂଲିଆ କାମରେ ଲାଗିଲେ, ତା'ର ହିସାବ ସେ ନିଜେ ଲେଖେ ଓ ମାଲିକାଣୀଙ୍କୁ ଲେଖାଇ ଦିଏ । ଏକାଥରକେ ପାଁଶ, ହଜାରେ ଦାଦନ ନେଇ ଆସିଥାଏ । ସମସ୍ତଙ୍କର ମୂଲପାତି ନିଜେ ଛିଣ୍ଡାଇ ଦିଏ ନିତି । ଦିଦିଙ୍କୁ ବିରକ୍ତ କରେ ନାହିଁ । ଦାଦନ ଟଙ୍କା ସରିଲେ ନିଜ ହାତରୁ ବି ପାଁଶ ଖରଚ କରିଦିଏ । ସେଇଠୁ ଯାଏ ଅଧିକ ଦାଦନ ପାଇଁ ।

ସେବତୀଙ୍କର ମନକଥା ଠଉରାଇ ହରି ପଚାରିଲେ, ତୁ' କ'ଣ କହୁଛୁ ନରୁ ? ଦିଦି ଯେଉଁ କାଠ ବାଛିଛନ୍ତି ଭାରି ସରସ । ଶାଳ ତ ଲୁହା ପରିକା, ଆଉ ଏ ପିଆଶାଳ, କେଉଁଠି ଶୋଷା ନାହିଁ, ପଲଖା ନାହିଁ—

-ମୋ'ର ବାହାଦୁରୀ କରନା ମିସ୍ତ୍ରୀ । କାଠ ନରୁ ବାଛିଛନ୍ତି । ଡାକ୍ତର ଦେଖିଛନ୍ତି । ମୁଁ ରାଜି ହେବା ଆଗରୁ ତମେ ବି ପରଖିଛ । ତମେ କ'ଣ କହୁଛ ନରୁ ?

-ହରିଭାଇ ଠିକ୍ କହୁଛନ୍ତି ମା ।

-କାହିଁକି ପଚାରିଲି କି, ଆ'ନ୍ଦ ମିସ୍ତ୍ରୀ ଅତି ନିକୁଟା । ସେ କହୁଛି,—କହୁନୁ ରେ ଆ'ନ୍ଦ ?

ସମସ୍ତେ ଆନନ୍ଦକୁ ଚାହିଁଲେ । ସେ କାଛକୁ ଆଉଜି ଠିଆ ହୋଇଥିଲା । ବନ୍ଦାଳିଆ କପାଳ ଉପର ଦାଗରେ ବାଁ ହାତର ଆଙ୍ଗୁଠି ଥାପିଥିଲା । ଉପର ପାକୁଆ-ପାଟିର ଓଠ-ଉପର ନିଶ ନିଖୁଣ ଧାର ନାକ ତଳେ ଧଡ଼କୁ ଥିଲା । ଦୁଇ ଓଠପତା କମ୍ପୁଥିଲା । ଗୋଡ଼ ଥରୁଥିଲା । ଆଖି ଏଣେ ତେଣେ କରୁଥିଲା । କାହାରି ମୁହଁକୁ ସେ ଚାହିଁ ପାରୁ ନ ଥିଲା ।

ହରି ମିସ୍ତ୍ରୀ ଆନନ୍ଦର ମନର ଅବସ୍ଥା ତକ୍ଷଣେ ବୁଝିଲେ । ଜାଣିଲେ, ବିଗତର ପ୍ରେତ ତା' ଆତ୍ମାକୁ ଗ୍ରାସ କଲାଣି । ହେଇଟି, ତା' ଦେହରେ ଓ କପାଳରେ ଝାଳ ଜକେଇ ଆସିଲାଣି ।

ସେ ସେବତୀ ଦିଦିଙ୍କର ମୁହଁକୁ ଚାହିଁଲେ । ନିର୍ବିକାର ହୋଇ ଦିଦି ଆନନ୍ଦ ଆଡ଼କୁ ଚାହିଁ ରହିଥିଲେ । ହରିଙ୍କର ଦୃଷ୍ଟିରେ ତାଙ୍କର ଦୃଷ୍ଟି ମିଶିବାରୁ ସେ ସ୍ୱାଭାବିକ ସ୍ୱରରେ କହିଲେ, କାମ କରି କରି ସେ ବେଶୀ ଥକି ଯାଇଛନ୍ତି ।

ଦିଦି ଦେହ ବୁଲାଇ, ଧୀରେ ଧୀରେ ପାଦ ପକାଇ ଆଗେଇ ଗଲେ । ଆନନ୍ଦ ଆଡକୁ ମୁହଁ ବୁଲାଇ ହରି କହିଲେ, ଆଜିକା କାମ ଜୀବନ-ମୂର୍ଚ୍ଛା । ସକାଳ ଆଠଟାରୁ ଆସି ସଞ୍ଜ ଛଅଟା ହେଲା । ଦଶ ଘଣ୍ଟା । ଦି' ପହରରେ କିଛି ଖାଇଲୁ ନାହିଁ । ଚା'ବି ଛୁଇଁଲୁ ନାହିଁ । ଯାଚିଲି, ମୁଣ୍ଡ ହଲାଇ ଦେଲୁ । ଦେହ ଝୋଲା ମାରୁଥିବ । ମରିବୁ, ନା ବଞ୍ଚିବୁ ? କାହା ପାଇଁ ଅରଜୁଛୁ ? ହଇରେ, କାହିଁକି ସଞ୍ଚୁଛୁ ?

ଆନନ୍ଦ ଦୀର୍ଘଶ୍ୱାସ ଛାଡ଼ିଲା । ଜବାବ ଦେଲା ନାହିଁ । ଅଣ୍ଟାରେ ଦୁଇ ହାତ ଥାପି ସେ ବସି ପଡ଼ିଲା । ହରି ସେବତୀଙ୍କ ପାଖକୁ ଆଗେଇ ଗଲେ ।

ଘର ବାହୁଡ଼ା ।

ହରି କହିଲେ, ଅଢ଼ି ଦିନକ ରକ୍ତ ପାଣି ଫଟାଇ ଆମେ କାମ କରିଛୁ । ସେତିକି । ଏଣିକି ରହି ସମ୍ଭାଳି କାମ କରା ହେବ । ଆମୁକୁ କେହି ଅଧିକା ମୂଲ ଦେବ ନାହିଁ ରେ ଆନନ୍ଦ !

ଆନନ୍ଦ ଜବାବ ଦେଲା ନାହିଁ ।

ହରି ପୁଣି କହିଲେ, ସମସ୍ତେ କାମର ପିଆର । ସେମାନଙ୍କ ପାଖରେ ପଚ-ହାଣିଲା କୋଡ଼ି ପାଣି ପରି ବହିଯାଏ । ତୁଣ୍ଡରୁ ଆହା-ପଦ ବି ବାହାରେ ନାହିଁ । କ'ଣ ବୁଝିଲୁ ନା ଆନନ୍ଦ, ଯଦି ସେମାନେ ତୁଣ୍ଡ ହଲାନ୍ତି ତ ଶୁଣିବୁ ତାଙ୍କ ଅସନ୍ତୋଷ ଅଶାନ୍ତିର ସ୍ୱର—ଏତିକି ହେଲା ? ବାଗର ହେଲା ନାହିଁ ।

-ହୁଁ...... ..

-କାମ କମିକୁ ବଚନ ବହୁତ ଭଲ ଚଳାଏ । କଥା କହିବାର ବାଗ ଅଛି । କିସମ୍ କିସମ୍‌ର ଓଠ ନେପଡ଼ା, ମୁଣ୍ଡହଲା, ଆଧୀନ୍ୟଭାବ । କେତେ କହିବି ? ଏସବୁ କଥାର ଓଜନ ବଢ଼ାଏ, କିମତ୍ ବଢ଼ାଏ । କାମର ଗୁଣ, ପରିମାଣ ଓ ଦାମ୍ ଆପେ ବଢ଼ିଯାଏ ।

-ସମସ୍ତେ କ'ଣ ପାରିବେ ?

-ପାରିବେ ନାହିଁ କାହିଁକି ? ଅଭ୍ୟାସ କଲେ ହେବ । ଉପଯ୍ୟା ଯାହାକୁ କହନ୍ତି ସେଇଆ । ହଁ, କେତେଥର କହୁ କହୁ ଲଗାମ ହୁଗୁଳିଲେ, ବାହାପିଆ-ପଣରେ ଏଣୁ ତେଣୁ ଦି'ପଦ ନିଆଁଗିଲା କଥା ତୁଣ୍ଡରୁ ଖସିଲେ ଭଣ୍ଡିଆ ହେବା ସାର । ଧରା ପଡ଼ିଲେ ଭୁରୁଡ଼ ମାରିବା ଚଳିବ ନାହିଁ ତ । ଓଲଟ ପଚରା, ଅବା ଜିଜ୍ଞାସକୁ ହେରକ୍ଷାପଣରେ ଦାନ୍ତ ନିକୁଟି, ମୁଣ୍ଡ କୁଣ୍ଡାଇ ସହି ଯିବାକୁ ହେବ । ସେଥିରେ ସରମ ନାହିଁ ।

-ମୁଁ ପାରିବି ନାହିଁ ହରିଭାଇ ! ଯାହାର କାମ କରି ପଇସା ନେବି, ନିଜର ଓ ପିଲାଙ୍କର ପେଟ ଚଳାଇବି ସେ ମୋ'ର ଅନ୍ନଦାତା । ଦିନକ ପାଇଁ ପଛେ ହେଉ ସେ ମୋ' ଖାଉଁଦ । ବାପ-ମା ପରି । ଠାକୁର-ଠାକୁରାଣୀ ପରି । ମୁଁ ତାଙ୍କୁ ଠକି ପାରିବି ନାହିଁ । କାମ ଖଇରା କରି, ତୁଣ୍ଡର ଭାଷାରେ ପାଣିରେ ସର ପକାଇ ମୁଁ ପଇସା ନେଇ ଜାଣେ ନାହିଁ ।

ହରି ହାରିଗଲା ପରି ମଣିଲେ । ତୁନିତାନୀ ଆଗେଇ ଚାଲିଲେ । ଭାବିଲେ, ଅବୁଝା ମସ୍ତିଷ ଆଗରେ ସଂସାର-ଚଳନ ସାର-ବଚନ କାଳ ଆଗରେ ମୂଳାଖିଆ ସଙ୍ଖ ସରି ।

ଆନନ୍ଦ ପଛରେ ପଡ଼ିଥିଲା । ମନ୍ଥର ଚାଲି । ହାଲିଆ ହେବଣି । ଆଗରେ ଛକ । ଦିହେଁ ଦୁଇଆଡେ ଯିବେ । ହରି ଅପେକ୍ଷା କଲେ । ଆନନ୍ଦ ଆସି ମିଶିଗଲା । ସେ ଅଟକିଲା ।

ପଚାରିବେ କି ନାହିଁ ହରି ବିଚାର କରୁଣୁ ଆନନ୍ଦ ତାଆଁକୁ ପ୍ରସଙ୍ଗ ଖେଲିଲା । କହିଲା, ତାଙ୍କୁ ଆଗରେ ଦେଖୁଣୁ, ଅତି ପାଖରେ ମ ହରିଭାଇ, ମୋ ମୁଣ୍ଡ ଭ୍ରମିଗଲା, ଛାତି ଦାଉ ଦାଉଁ ପଡ଼ିଲା । ଦେହ ଥରୁଥିଲା । ମନେ ହେଲା ମୋ' ପ୍ରାଣ ଛାଡ଼ିଯିବ । ଆଖି ବୁଜି ହୋଇଗଲା ।

-କେମନ୍ତ !

-ତାର ବାପ କୁଳରେ କି ମାମୁଁ କୁଳରେ କେହି ଭଉଣୀ ନଥିଲେ । ପିଉସୀ ମାଉସୀ ବି ନଥିଲେ । ସେ ତ ପାଣିରେ ଉବୁଟୁବୁ ହୋଇ ନିଶ୍ଚେ ମରିଥିଲା । କାଲବଳି ମରଣ । ଗର୍ଭିଣୀ ମାଇପଟି । ମୁକ୍ତି ପାଇ ନ ଥିବ । ପ୍ରେତିନୀ ହୋଇ ବୁଲୁଥିବ । ତେବେ, ଯେ କିଏ ?

ହରି କାବୁ ହେଲେ । ନିଜ ଭିତରେ ଚିହ୍ନିଙ୍କି ଉଠିଲେ । ମୁହୂର୍ତ୍ତେ ଗୁମ୍ ହୋଇ ଗଲେ । ଖଙ୍କାରି ଓଲଟି ପଚାରିଲେ, ତୁ କ'ଣ ଭାବୁଛୁ ଯେ' ସେଇ ?

-ନା, ସେ ନୁହେଁ । ସେ ଅଣ୍ଟପାଠୁଆ ଥିଲା । ନିପଟ ମଫସଲିଆଣୀ । କାନ କାଟିଲେ ବଚନ ବାହାରେ ନାହିଁ । ଚାଲି ଯାଉଥିଲେ ମାଛି ମରିବ ନାହିଁ । ଦେହରୁ ମୁହଁରୁ ଲୁଗା ଖସିବ ନାହିଁ । ବିଶେ ତ କପାଳ ଉପର ଶାଢ଼ି ତଳୁ ମୁହଁଟି, ପାଦ ଦିଓଟି । କହୁଣୀ ଉପରୁ ଲମ୍ବିଥିବା ଫୁଙ୍ଗୁଳା ହାତ ଦୁଇଟି ।

-ବଡ଼ଘର ଘରଣୀମାନଙ୍କର ଏବକାଳିଆ ସହରିଆ ଫେସନ ଯେମିତି ଦେଖିଲୁ ସେଇଆ । ଏ ଯୁଗର ରୀତି ସେମାନଙ୍କୁ ବଦଳାଉଛି । ସେମାନେ ବି ଯୁଗର ରୀତିକୁ ବଦଳାଉଛନ୍ତି ରେ ଆନନ୍ଦ ।

-ହଁ, ସେଇଆ ।

ଆନନ୍ଦ ଦୀର୍ଘ ଶ୍ୱାସ ଛାଡ଼ିଲା । ଆଗେଇ ଚାଲିଲା । ହରି ତା' ପାଖେ ପାଖେ ଯାଉଣୁ କହିଲେ, ସେବତୀଦିଦି ମାଷ୍ଟରାଣୀଙ୍କଠେଇଁ ତୋ' ସେବକା ଘରଣୀ ସେବତୀର ଛଟା ତୋ' ଆଖିକୁ ଦିଶି ଯାଇଥିବ ରେ ପାଗଳା ! ଛାତିରେ ଚିହ୍ନିକା ଧକ୍କା ଲାଗିଥିବ । ମୁଣ୍ଡ ଝାଇଁ ଝାଇଁ, ଦେହ ଥର ଥର । ସେମିତି ହୁଏ ।

-ସେଇଆ ହେଲା । ଦେହରୁ ଝାଳ ବୋହିଲା । ଭାବିଲି, ପ୍ରାଣ ବାହାରି ଯିବ କି ? କେତେ ଉପାସ ଭୋକର ତାଉ ଏ ଦେହକୁ ଜରାଇଛି । ଦିନେ ଦିନେ ଖାଡ଼ା ଉପାସ । ମରଣ ହୋଇ ନାହିଁ । କାମକୁ ଆସିବା ଆଗରୁ ଦୁଲାଳୀ ମୋ ପାଖରେ ବସି ପେଟେ ଖୁଆଇଥିଲା ।

-ଆଚ୍ଛା ?

-ବଡ଼ ଚିଙ୍ଗୁଡ଼ିମାଛ ଭାଜିଥିଲା । ଚନ୍ଦନଟା ବିଲେଇ ପରି ମୋ' ପାଖରେ ହେଉଥାଏ । କାଳେ ତା'କୁ ଗୋଟାଏ ଦେଇଦେବି ସେଇଥିପାଇଁ ଦୁଲାଳୀ ଜଗିଥାଏ ।

-ତା'କୁ ଦେଲୁଟି ?

-ଦେଲା ବେଳକୁ ଦୁଲାଳୀ ମୋ' ହାତ ଧରିଲା । କହିଲା, ନା, ତୁ ଖା । ଭାଜିଲାବେଳେ ଚନ୍ଦନ ଖାଇଛି । ଭାତ ଖାଇଲାବେଳେ ପୁଣି ତା'କୁ ଦେବି । ଚନ୍ଦନ ତୁନୀ ହୋଇ ଚାଲିଗଲା । ମତେ ଭୋକ କରୁ ନ ଥିଲା ମ ହରିଭାଇ !

-ବିଗତର ହଜିଲା ଛାଇଟା ତୋ ଆଖି ଆଗରେ ହଠାତ୍ ରୂପ ଧରି ଠିଆ ହେଲା । ଏକା ନାଁ କିନା ! ମୋ'ର ବି କେତେଥର ସେମିତି ହୋଇଥିବ । କିନ୍ତୁ, ତୋ' ପରିକା ମୁଁ କେବେ ବାତୁଳ ହୋଇ ନାହିଁ । ରହିଛି । ଖୁସି ହୋଇଛି । ମୋ' ବାଟେ ବାଟେ ମୁଁ ଯାଇଛି । ପଛକୁ ମୁହଁ ବୁଲାଇ ଆଉ ଥରେ ଦେଖି ନାହିଁ । ସେ କିଏ ଏହା ଜାଣିବାକୁ ଆଗ୍ରହୀ ହୋଇ ନାହିଁ । ଆଉରି ଥରେ ସେ କଥା ମନରେ ଆଉଟି ନାହିଁ । ଯିଏ ଯାଇଛି, ସେ ଯାଇଛି, । ମାରେ ଗୁଲି ।

-କାହା ଯିବା କଥା କହୁଛ ?

-ଦିହେଁ; ମାନେ, ଯିଏ ଦିନେ ମୋ'ର ଘରଣୀ ଥିଲା, ପୁଣି, ଯାହାକୁ ଦେଖିଲି । ପରର ଘରଣୀ । ଆଉ ଥରେ ସେଗୁଡ଼ାଙ୍କ କଥା ଭାବିବା କୋଢ଼ିଆ ବେକାରିଆଙ୍କ କାମ । ତେବେ, ମନ କୁରୁଳି ଉଠେ ।

-ମନ କୁରୁଳି ଉଠେ ? କାହିଁକି ହରିଭାଇ ?

ହରି ହସି ଉଠିଲେ । କହିଲେ, ଆରେ, ତତେ କେମିତି ବୁଝାଇ ପାରିବି ? କହୁଛି ଶୁଣ—ମୋ' ସ୍ତ୍ରୀକୁ ସେମାନେ ପୋଡ଼ି ପାଉଁଶ କରିଥିଲେ । ଏଥିରେ ଭୁଲ୍ ନ ଥିଲା । ଯାହାକୁ ଦେଖି ମୋ' ଆଖି ଚିହିଁକି ଉଠେ, ଖୋଇଲା—ସୁମରଣା ଚିଆଁ ଲାଗିଲା ପରି ଚମକି ଚେଇଁ ଉଠେ, ସେ ପୁଣି କେମିତି ମୋ ନ ଥିଲା ସ୍ତ୍ରୀ'ର ରୂପର ଢଙ୍ଗର ଛିଟିକା ପାଇଲା ?

-କେମିତି ? ଲୋକେ କହନ୍ତି, ଦଇବ ଦିଓଟି ମଣିଷଙ୍କୁ ଏକା ପରି ଗଢ଼ି ନ ଥାଏ । କେଉଁଠି ହେଲେ ଭେଦ ରଖି ଦେଇଥାଏ ।

-ଠିକ୍ । ମଣିଷ ଗୋଟିକେ ପ୍ରକୃତି ଗୋଟିଏ । ଏହା ବି ସହି । ସେଠି ବି ଭେଦ । ସବୁ ଭେଦ ଏକାଠି କରି ମଣିଷ ରୂପ ଗଢ଼ିଲେ କି ହେବ, କାହାର କାହାର ସାଦୃଶ୍ୟ ରହିଯାଏ । କେଉଁଠି ଅଳପ, କେଉଁଠି ଟିକିଏ ଅଧିକ । ଝୁରିଲା ଛଟପଟିଆ ମନକୁ ସେଇ ସାଦୃଶ୍ୟ ଭୁଆଁ ବୁଲାଏ ।

-ହଁ, ସତ । ପର ଘରର ଘରଣୀଠେଇଁ ତମ ଘରଣୀର ଛିଟିକା ଦେଖିଲେ ତମ ମନ କୁରୁଳି ଉଠେ କାହିଁକି କହିଲ ନାହିଁତ ?

ହରି ମିସ୍ତ୍ରୀ ଖଣ୍ଡା କଡ଼ର ଚଲା ବାଟରେ ଅଟକି ଗଲେ । ହସିବାକୁ ଲାଗିଲେ । ଆନନ୍ଦ ତୁନୀ ହୋଇ ଠିଆ ହୋଇଥିଲା । ବିଚାରୁଥିଲା, ହରି ଏମିତି କିଏ କୁତୁକୁତୁ କଲା ପରି କେବେ ହସିବାର ସେ ଦେଖି ନ ଥିଲା ।

ହରି ତାଙ୍କର ସ୍ୱାଭାବିକ ଢଙ୍ଗକୁ ବହୁଡ଼ି ଆସିଲେ । କହିଲେ, ଆରେ, ଅଣାୟତ୍ତରେ ହସି ହୋଇଗଲା । ଷଠୀ ହସେଇଲା । ତା' କଳନାରେ ସବୁ ମଣିଷ ଉଡିଆଣି ପେଲା । ସେ ବାଗ ଖଣ୍ଡୁଥାଏ । କେବେ ହସାଏ, କେବେ କନ୍ଦାଏ । ତୁ ବି ସେଥିରୁ ତ୍ରାହି ପାଇନାହୁଁ । କେହି ପାଏ ନାହିଁ । ତୋ ମନ ଭିତରେ କେବେ ସେ କାଳିଆ ବଳଦ ଛାଡି ଦିଏ ତ ସେଇଟା ଆସି ହାଣ୍ଡି ଖୁଡୁଖୁଡୁ କରେ । କେବେ ପୁଣି ତୋ ମନ ଭିତରେ ଟଙ୍କା ହୋଇଥିବା ଘର-ସଂସାର ଜାଳିଦିଏ ଯେ ହାଉହାଉ ନିଆଁ ଶିଖା ଗଗନକୁ ଉଠେ ।

-ସତେ ହରିଭାଇ !

-ମୋ' ମନର ଗହନ କଥା କହୁଛି ଶୁଣ । ମୋ' ମନ ହିଁ ମୋ'ର ଗୁରୁ ହୋଇ ବତାଇ ଦେଲା । କହିଲା, ଆରେ ବାତୁଳ, ଯେଉଁ ସବୁ ଦରବ, ମାନେ ଉପକରଣ —ରଙ୍ଗ, ଫୁଟ, ଏମିତିକା ଜଣା ଅଜଣା ସହସ୍ର ଜିନିଷରେ ଦଇବ ଭଳିକି ଭଳି ପ୍ରତିମା ଗଢ଼ାଏ ସବୁ ଟମାନ । ମିଶ୍ରଣରେ, ଗଠଣରେ ହରେକ୍ କିସମ୍‌ର ଭାଗମାପ । ଆମର ତ ମନେ ରହୁନାହିଁ, ତୁ ବିଚାରଣା କର, କେଉଁ କାଳର ବୁଢ଼ା ମହାରଣା ବିଶ୍ୱକର୍ମା କେତେ ମନେ ରଖିବ ?

-ଷଠୀ ଗଢ଼େ ନା ?

ଗଢ଼େ । କାହାର ଆଜ୍ଞା ? କାହାର ଦରଦ ? କାହାର ନିଶାଣ ଫେଡାଣ ? ଟିକିନିଖି ବରାଦ ? ହରତା-କରତା ନବ-ରଙ୍ଗିଆ ଦଇବ-ବିଧାତାର ସବୁ କରାମତି । କ'ଣ କହୁଥିଲି କି, ପ୍ରତିମା ଗଢୁଣୁ କେଉଁଠି କେମିତି ଏକା ପରିକା ଛିଟିକା, ଚାଲିଚଳଣ, ଢଙ୍ଗରୀତି ରହି ଯାଇଥାଏ । କିଏ ଅଛି, କିଏ ନ ଅଛି ହେତୁ ରହିବା କ'ଣ ସମ୍ଭବ ? ତୋ'ର ରହୁଛି ନା ମୋ'ର ରହୁଛି ? କାହାର ରହୁଛି ?

-ବୁଝିଲି ।

-ହଁ, ବୁଝିଲୁ । ଅସଲ କଥାଟି ଶୁଣ । ତୋ ପଚାରର ଜବାବ । ମୋ' ମନ ମତେ ଦେଇଥିଲା । ଯେତେଥର ମୋ' ନ-ଥିଲା ଘଟଣାର ଗଠଣ, ରୂପ, ଢଙ୍ଗ ମୋ' ଆଖି ଆଗରେ ଦିଶି ପୁଣି ଛପି ଯାଇଛି, ଚିହ୍ନିକି ଚାହିଁ ଗୁମ୍ ମାରି ଥକା ହେଲା ପରି ରହି ପୁଣି କୁରୁଳି ଉଠିଛି । ନିର୍ଧାର୍ଯ୍ୟ ଜାଣିଛି, ତା'ର ଦେହ ପୋଡି ପାଉଁଶ ହେଲେ କି ହେବ, ସେଇ ଦେହ, ସେଇ ରୂପର ଛିଟିକା କେଜାଣି କେଉଁ ସହସ୍ର ଚଳନ୍ତା ଦେହରେ ଅଛି । ଭାବିଲି, ସେ ମୋ'ର କେଉଁ ପଣଅଜାର କେତେ କେତେ ପଣଅଜାଙ୍କ ଅମଳରେ ବି ସେଇ ଦେହରେ ଆତଯାତ ହେଉଥିଲା । ଏବେ ବି ଆତଯାତ ହେଉଛି । ହଇରେ, ତୁ କହ, ମୁଁ ଖୁସି ନ ହୁଅନ୍ତି କାହିଁକି ?

ଖୁସି ହେବା ଫାବୁଛି ।

-ବେଶ୍ । ପାଗଳା କୁକୁର ପରି ଅମନ୍ତଙ୍କ ପଛରେ ହାତ ଲମ୍ବାଇ ଧାଇଁଛି କି'ରେ ?

-ମାଡ଼ ମୂଲାଇବାକୁ ?

-ଯାହା କହିଲୁ ! ମନେ ମନେ ମୁଁ କଲ୍ୟାଣ କରେ । ଠାକୁରେ ତାଙ୍କୁ ସୁଖରେ ରଖନ୍ତୁ, ପୁଅ ପତି ଧରି ଖୁସିରେ ସେମାନେ ଘରସଂସାର କରନ୍ତୁ ।

ଆନନ୍ଦ ଗୁମ୍ ମାରି ରହିଲା । ପେଟ ଭିତରେ କାନ୍ଦ କାନ୍ଦର କୋହ ଆଉଟି ହେଲା । ସେ ହାତରେ ଓ୍ୱାନିଆ ବାଂଗ୍ଟି ତଳେ ରଖି, ଆଖି ବୁଜି ଅଣ୍ଟା ସଳଖିଲା । ଦୀର୍ଘଶ୍ୱାସ ଛାଡ଼ିଲା । ଆଖି ଖୋଲି କହିଲା, ଦେଖ ହରିଭାଇ, ହେଇଟି ମୁଁ କାନ ମୋଡ଼ି ହେଉଛି ।

ଆନନ୍ଦ କାନ ମୋଡ଼ି ହେଲା ।

ହରି ପଚାରିଲେ, କି'ରେ କାହିଁକି ?

ଆନନ୍ଦ କହିଲା, ତମକୁ କେଉଁ କଥା ଅଜଣା ଅଛି ଯେ କହିବି ? ତମେ ମତେ କେତେ ଇଲମ୍ ଦେଇଛ । ଆଜି ବ୍ରହ୍ମଜ୍ଞାନ ଦେଲ । ମୋ' ଆଖି ଖୋଲି ଦେଲ । ଆଉ ଏଇ ଆଖି ଦୁଇଟା କେବେ ପାତକୀ ହେବ ନାହିଁ । ମନ ବିକଳ କରାଇ ତା'କୁ ଏଣେ ତେଣେ ଉଡ଼ାଇ ନେବ ନାହିଁ । ଛଟପଟ କରିବ ନାହିଁ । ହେଇଟି ତମକୁ ଜୁହାର କରୁଛି ।

ଆନନ୍ଦ ହାତ ଯୋଡ଼ି କପାଳରେ ଲଗାଇଲା ।

ହରି ତା'ର ପିଠିରେ ହାତ ଆପଡ଼ି କହିଲେ, ବାଇଆ ହେଲୁ ? ମୁଁ କି' ଲୋକଟା ଯେ ! କି' ଉପଦେଶ ତତେ ଦେଇ ପାରିବି ? ନିଜ ଉପଦେଶ ନିଜେ କା'ଣ ମୁଁ ମାନି ଚଳେ ? ଆରେ ହେ ଆନନ୍ଦ, ମୋ' ଜାଣିବାରେ କେହି ମାନି ଚଳନ୍ତି ନାହିଁ । ଯିଏ ମାନି ଚଳୁଥିବ, କୋଟିକେ ଗୋଟିଏ, ସେ ଯୋଗୀ, ସେ ମହାତ୍ମା !

-ମୋ' ଆଖିରେ ତମେ ସେଇଆ ।

-ନାଇଁ ରେ ନାଇଁ । ମୁଁ ବୁଢା-ଠକ । ପାପୀଟାଏ । ତେବେ, ମୋ' ପରିକା ଅଧମଟାକୁ ଯଦି ତୁ ମାନୁଛୁ, ପଥରକୁ ଦେବତା ମଣୁଛୁ, ମୁଁ କହୁଛି, ଠାକୁରେ ତୋ' ପାଇଁ ଯେଉଁ ସଂସାର ଗଢ଼ି ଦେଇଛନ୍ତି ସେଇଆକୁ ତୁ ଆପଣାର କରି ନେ ।

-କରିଛି ତ !

-ମୁଁ ମନ ଡୁଡ଼ୁ ପଡ଼ୁ କାହିଁକି ? ଯା' ଦେଖିବୁ । ତୋ'ର ଆଜି ଫେରିବାକୁ ନହେଲେ [illegible] ହେଲାଣି । ସେଥିପାଇଁ ତୋ' ବୁଲାଳୀ କେମିତି ଛଟପଟ ହେଉଥିବ । ମାନି ଜଳେ ସେ ଛାଡିପୈଟି ହୋଇ ଆମ ଘରକୁ ଆସି ଖବର ବୁଝି ଯାଇଥିବ ।

-ତମେ ନ ଫେରିବା ଜାଣି ସେ ନିଶ୍ଚେ ବୁଝିଥିବ ଯେ କାମ ଉପରେ ଡେରି [illegible] ।

ହଉ, ତୁ ଯିବୁଟି ।

ହରିମିସ୍ତ୍ରୀ ଅପେକ୍ଷା ନ କରି ରାସ୍ତା ଧରିଲେ ।

ଆନନ୍ଦ ନିଜ ବାଟ ଧରି ଚାଲିଲା । ମଣିଲା, ସତେ ଯେମିତି ତା'ର ଛୋଟ ଘରଟି ଆଖିକୁ ଦିଶି ଯାଉଛି । ଘର ଆଗରେ ଦୁଲାଳୀ ଛୁଆ ଖାଇ ବିଲେଇ ପରି ଏପାଖ ସେ ପାଖ ହେଉଛି । ବେଳେବେଳେ ସୋହାଗୀକୁ ଡାକ ଛାଡୁଛି, ଆଲୋ ସୁନା ।

-କ'ଣ ମା ?

-ତୋ' ବାପା ତ ଏତେବେଳଯାଏ ଫେରିଲେ ନାହିଁ । ଘରେ ତୁ ଏକା ରହିବୁ ? ମୁଁ ଟିକିଏ ମଉସାଙ୍କ ଘରୁ ଦେଖି ଆସେଁ । ସେଠି ନ ପାଇଲେ ଡାକ୍ତରଙ୍କ ଘରକୁ ଯିବି । କ'ଣ ହେଲା କି –

-ତୁ ଯା ମା । ମତେ ଡର ମାଡିବ ନାହିଁ ।

ଆନନ୍ଦ ବାଟ ଚାଲିଛି । ଆଖିକୁ ଯେମିତି ଦିଶିଯାଉଛି, ଚନ୍ଦନ କଟାଳ କରୁଛି । ଦୁଲାଳୀର କାନୀ ଧରି ଅଟକାଉଛି । ଅଳି କରୁଛି, ମୁଁ ବି ଯିବି ମା ? ଅପା ମତେ ଭୂତ ଡରାଇବ ।

-ନା, ଡରାଇବି ନାହିଁ ।

-ତୁ ମତେ ମାରିବୁ ।

-ମାରିବି ନାହିଁ । ତୁ ଏକା ଦୁଷ୍ଟାମି କରିବୁ ନାହିଁ । ମୋ' ଖାତା ଟାଣିବୁ ନାହିଁ । ଦିଦି ବହୁତ ଅଙ୍କ ଦେଇଛନ୍ତି । ନ କଲେ ବିରକ୍ତ ହେବେ ।

ଆନନ୍ଦ ଧଅସି ଚାଲୁଛି । ଦିଦି ସୋହାଗୀ ଉପରେ ବିରକ୍ତ ହେବେ । ଦିଦି, ସେବତୀ ଦିଦି, ସେ ବି ଜଣେ ସୋହାଗିନୀର ଜନନୀ । ଜଣେ ଚନ୍ଦନର ବି । ପିଲା ଦିଓଟି ଯେମିତି ତା'ର କେହି ନୁହନ୍ତି, ସେବତୀ ଦିଦି ବି ସେମିତି ତା'ର କେହି ନୁହନ୍ତି । ଏକାପରି ଦିଶିଲେ ଦିଶନ୍ତୁ, ସେ ପରର ଘରଣୀ । ମାଷ୍ଟରାଣୀ । ନୂଆ ଘରଟିର ମାଲିକାଣୀ । ସେ କାମ ନେବେ, ମଜୁରୀ ଦେଇ ଗରିବ ଆନନ୍ଦ ଓ ତା'ର ସ୍ତ୍ରୀ-ପିଲାଙ୍କ ପେଟକୁ ଆହାର ଯୋଗାଇବେ । ସେ ମା । ହଁ, ସେ ମାଆ ।

ବାଟ ଚାଲୁଣୁ ମନ ଭିତରେ, ଜାଗିଲା-ସପନରେ, ସେ ଦେଖୁଥିଲା ଯେଉଁ ସର୍ଜିଲା ସଂସାର ଚିତ୍ର ତାହା ସତ୍ୟ ହୋଇ ଆଗରେ ଉଭା ହୋଇଛି । ହେଇଟି, ଦିଶୁଛି ତା'ର ଛୋଟ ଘରଟି ।

ଗଲା ବନ୍ଦୋବସ୍ତରେ ହେଇ ଘରବାରିକୁ ଦୁଲାଳୀ ତ' ନାଁରେ ରେକର୍ଡ଼ କରାଇ ଦେଇଛି । ଦେଢ଼ଗୁଣ୍ଠ ଜମି ।

ସେତକ ବି ଦୁଲଲୀର ଦାନ !

ପୁରୁଣା ଘରକୁ ଧୀରେ ଧୀରେ ଆନନ୍ଦ ଓ ଦୁଲଲୀ, ଜାଣ ବଗୁଲା-ବଗୁଲୀ, ନୂଆ ରୂପ ଦେଇ ସାରିଛନ୍ତି । ଦେହ ମେହନତ । ଅଳପ ଖରଚରେ ଗୁଜୁରଣ ମେଣ୍ଟାଇ ବହକା ସଞ୍ଚିଲା ଧନରେ ଇଟା-ସିମେଣ୍ଟ ଯୋଗାଡ଼ । ଦୁହିଁଙ୍କ ଚେଷ୍ଟା । ମିସ୍ତ୍ରୀମାନଙ୍କର ସହାନୁଭୂତି । ବଡ଼ ବଡ଼ କାମ ଉପରୁ ଛିଡ଼ିକା ବଳକା ଦରବରୁ ଟିକିଏ ଟିକିଏ । ଧାନ ହେଁସରୁ କାଉ-ଖୁମ୍ପା ଅଣ୍ଟରୁ ଝଡ଼ିଲା କଣିକା । ହରିମିସ୍ତ୍ରୀଙ୍କର ଅନୁରୋଧ ।

ତାଙ୍କୁ ନମସ୍ତେ । ତାଙ୍କରି ଉତ୍ସାହ । ତାଙ୍କରି ମତାଣ ।

ଛୋଟ ଖଞ୍ଜାଟିଏ । ବାଟ ଘରେ ତିନୋଟି ଯାଉଁଳି କବାଟ । ଦାଣ୍ଡ ପାଖକୁ ଦୁଇଫୁଟ ଉଚ୍ଚ ଦୁଇଫୁଟ ଚଉଡ଼ାର କାଠ ରେଲିଂଦିଆ ଝରକା । ଦାଣ୍ଡ ପିଣ୍ଡାକୁ କବାଟ । ଦଶଫୁଟ ଲମ୍ବ ଆଠଫୁଟ ପ୍ରସ୍ଥର ଘର । ଖଞ୍ଜା ଆଡ଼କୁ, ପୁଣି ମଝିଘରକୁ ବାଟ । ମଝିଘର ଓ କାଣଘର ମଝିରେ କବାଟ । ଘର ଦିଓଟି ଏକା ମାପର, ଦଶ ଫୁଟରେ ଦଶଫୁଟ ।

ଭିତର ବାରଣ୍ଡାକୁ କବାଟ ଲାଗିଛି । ଚାରିଫୁଟିଆ ବାରଣ୍ଡା । ଡାହାଣ କଡ଼ ଚୂଲିଘରଟି ରୋଷେଇ ଶାଳ । ତା'କୁ ଲାଗି ଛୋଟ ଘରଟିରେ ଆଳକୁଚି ଭରା ଏଣୁ ତେଣୁ ଚିଜ । ବାଟଘର ସିଧା ଖୋଲା ଚୂଲିରେ ଅଧାକାନ୍ଥ । ତା'ରି ଭିତରେ ଆନନ୍ଦର ଯନ୍ତ୍ରପାତି, ରେଜା କାଠ, ପଟା, ଅଧାଡିଆରି ଆସବାବ୍ ରହେ ।

ପଛପଟେ ଆଠଫୁଟ ଉଚ୍ଚା ଇଟା ପାଚେରୀ । ଅଗଣା ପାରି ବାରିଆଡ଼କୁ ଦରଜା । ଦରଜା ଖୋଲିଲେ ଦଶବାର ଫୁଟ ଅନ୍ତରରେ ମ୍ୟୁନିସିପାଲିଟି ନାଳ ! ଆଗେ କଚ୍ଚା ଥିଲା । ଏବେ ପକ୍କା ହୋଇଛି । ଅଗଣାଟି ଛୋଟ । ମାଟି । ଏଣୁ ତେଣୁ କେତେ ଜାତିର ଗଛ ଦୁଲଲୀ ଆଉ ସୋହାଗୀ ଲଗାଇଛନ୍ତି ।

ଗତବର୍ଷ ବିଜୁଳିଆଲୁଅ ଅଣା ହେଲା । ସବୁ ଘରେ ବଲ୍‌ବ ଲାଗିଛି । ଦରକାର ବେଳେ ଜଳାହୁଏ । ନୋହିଲେ ନାହିଁ । ଗୃହ ଘର । ଆପଦ ବିପଦ । ଛୁସିଆର ରହିବାକୁ ପଡ଼େ । ପାଣିକଳ ଘରେ ଲଗାଇବାକୁ ସୋହାଗୀ ଅଳି କରୁଛି । ବଡ଼ରାସ୍ତାକଡ଼ କଳ ପାଖରେ ଯେମିତି ନାଳ ପାରି ଗଳିରାସ୍ତାକଡ଼ କଳ ପାଖରେ ସେମିତି ଭାରି ଭିଡ଼ ।

ପାଣି ବୋହି ଆଣିବାକୁ ତା'ର ଡର ନାହିଁ ଯେ, ଡେରି ହୁଏ । ଅନର୍ଥକ କଜିଆ ଲାଗେ । ପାଟିତୁଣ୍ଡ । ଅଭଦ୍ର ଭାଷାରେ ଗାଳିଗୁଲଜ । କଳ ପାଖରେ ଗାଧୋଇବାକୁ ଏଣିକି ତାକୁ ଲାଜ ମାଡ଼ୁଛି ।

ଦୁଲଲୀ ତା' ମନ କଥା ବୁଝିଲାଣି । ଦିନେ ସେ ଆନନ୍ଦକୁ କହୁଥିଲା, ତୋ' ଝିଅ ଟିକିଏ ଆଖିଦୁରୁଶିଆ ହୋଇ ଆସିଲାଣି । ଏଇ ବୟସରୁ ସରମ ଘୋଟି ଆସେ । ପିଲାରୁ ବୁଢ଼ାଯାଏ ନିଲଜ ପଣରେ ଗାରଢ଼-ଆଖିରେ ଅନାନ୍ତି । ଏଣୁ ତେଣୁ ପଦେ ଅଧେ କହନ୍ତି । ଗରିବ ଘରର ଝୁଅ, ମଣିଷଙ୍କର ମୁକୁଳଇଜା ରହେ ନାହିଁ ।

-ଖଞ୍ଜା ଭିତରକୁ ଯାନ୍ତ୍ରିକଳ ଆଣିଲେ ଭଲ ହୁଅନ୍ତା ଯେ, ଗୁଡ଼ାଏ ଟଙ୍କା ଖରଚ ! କାହୁଁ ପାଇବା ?

ମତେ, କାହୁଁ ପାଇବା ? ରକ୍ତ ପାଣି ଫଟାଇ ଅତି କଷ୍ଟରେ ଭବିଷ୍ୟ ପାଇଁକି ଯାହା ଜୁଳେଇଥିଲି ସେତକ ସରିବା ଉପରେ । ଆଉ ଯାହା ଅଳପ ଅଛି ସେତକ ଛୁଟୁରୁ ବୁଟୁରୁ କରିଦେଲେ କ'ଣ ଚଳିବ ? ତୋ' ରୋଜଗାର ଘରିପ୍ରାଣୀ କୁଟୁମ୍ବର ପେଟକୁ ନଘଟ ହେବ । ରୋଗ ବଇରାଗ ଅଛି । ତୁ ଯେତେ ଲୁଚାଇଲେ କି' ହେବ, ତୋ' ଅଖଞ୍ଜ ଦେହ ବେଳେ ବେଳେ ବିଗୁଡ଼ୁଛି । ସେଇଥି ପାଇଁ ଉପାସିଆ ପେଟରେ ଏକା ନହସରେ ବେଶୀବେଳ ଖଟିବାକୁ ତତେ ମନା କରୁଛି ।

ଆନନ୍ଦ କହିଲା, ମୋ' ଅଲୋଡ଼ା ଜୀବନ ଥାଇ କେତେ, ନ ଥାଇ କେତେ ? ଝୁଟ୍ କରି ଯେବେ କେବେ ଉଡ଼ି ପଳାନ୍ତା, ବଞ୍ଚି ଥାଉଣୁ ଶହେଥର ମରଣ ଯନ୍ତ୍ରଣାରୁ ଉଧୁରି ଯାଆନ୍ତି ।

ଦୁଲାଳୀର ଆଖିରେ ଲୁହ ଟଳମଳ ହୋଇଥିଲା । ସେ କହିଲା, ସତ ଯେ, ସେଥିକି ତୋ'ର ଆତୁରପଣ କାହିଁକି ? ମରିବା ପାଇଁ ସମସ୍ତଙ୍କର ଜନମ । ଯେତେ ଦୁଃଖ ସହିଲେ, ଅପମାନ ଛିଃଛାକର ପାଇଲେ, ଯନ୍ତ୍ରଣା ଭୋଗିଲେ, କେଇଟା ମଣିଷ ନିଜ ମନକୁ ମରଣକୁ କୋଳ କରିବାକୁ ଧାଉଁଛନ୍ତି ତୁ କହ ।

-ତୁ କହ ଦୁଲାଳୀ, ମୋ' ଠାରୁ ତୁ ଅଧିକ ଜାଣିଛୁ । ବଞ୍ଚିବା ପାଇଁ, ତୋ ମନମାଫି, କେଜାଣି କେଉଁ ସୁଖ ପାଇଁ, ତୁ ଗୋଟାଏ ସଂସାର ଗଢ଼ିଛୁ । ପାପପୁଣ୍ୟ ବିଚାରି ନାହୁଁ ।

ଦୁଲାଳୀ ଆଖିର ଲୁହ ପୋଛି ହସିଥିଲା । କହିଲା, ମଣିଷ ପାଗଳ ନ ହେଲେ ମରଣ ପଛରେ ଗୋଡ଼ାଏ ନାହିଁ । ଦୁର୍ଲଭ ଏ ଜୀବନ । ନୁହେଁ କି ଆନନ୍ଦ ? ଥରେ ଛୁଟି ପଳାଇଲେ ଆଉ ଲେଉଟି ନ ଆସେ । ସମସ୍ତେ ଆସନ୍ତା-କାଲିର ସୁଖକୁ ସପନ ଦେଖନ୍ତି । ସପନ ସତ ଫଳିବ ଏହି ଆଶା । ସେଇ ଆଗ୍ରହ ! ସପନ ଆଗକୁ ଆଗକୁ ଦୂରେଇ ଉଡିଯାଉଥାଏ । ତା' ପଛେ ପଛେ ମଣିଷ ଗୋଡ଼ାଇଥାଏ । ତୁ, ମୁଁ, ଆଉ ଆମେ ସମସ୍ତେ । ସପନର ରଙ୍ଗ ବଦଳୁଥାଏ ରେ— ।

-ଏଁ ।

-ହଁ ରେ, ଯାହା କହିଲି ସେଇଆ । ସପନର ବହୁତ ବହୁତ ରଙ୍ଗ । ତା'ର ବି ରୂପ ଅଛି । ରଙ୍ଗ ରୂପ ସବୁ ବଦଳୁଥାଏ । ଏ ମଣିଷ ଗୋଟିଏ ଦେହରେ ବହୁରୂପୀ ହୁଏ । ମତେ ଏ କଥା କେହି ଶିଖାଇ ନାହିଁ । ଜୀବନକୁ କେତେ କେତେ ଢଙ୍ଗରେ ଦେଖିଛି । ନିଜେ ଅନୁଭବ କରିଛି । ଆପେ ଶିଖିଛି । କେହି ପର ନୁହେଁ । କେହି ଆପଣାର ନୁହେଁ । ନିଜେ ନିଜର ।

-ଆମର ଏ ଘର-ସଂସାର ?

-ଅଲଗା ରୀତି ନୁହେ । ତୁ ଜାଣୁ, ମୁଁ ଜାଣେ । ଠି କେମିତି କାହାର ନୁହେ । ପରକୁ ପର । ପୁଣି ସମସ୍ତେ ସମସ୍ତଙ୍କର । ସ୍ନେହ ପ୍ରେମରେ ସମସ୍ତେ ସମସ୍ତଙ୍କୁ ବାନ୍ଧି ରଖିଥାଆନ୍ତି ।

ତୋ' ମନର ବ୍ୟାକୁଳତା ମୋ' ମନର ବ୍ୟାକୁଳତା ଏକାଠି ହୋଇ ହୋଇଛନ୍ତି । ସେଇଥି ଲାଗି ତୁ ମୋ'ର ଗେରସ୍ତ ହୋଇଛୁ, ମୁଁ ହୋଇଛି ତୋ'ର ଭାରିଯା । ଆମ ବିକଳ ନିଆଶାପଣ ଥିଲା ଦିଓଟିକୁ ଆଣି ଆମ ମଝିରେ ଥୋଇଛି ।

କାହାର ମଞ୍ଜିରେ କାହା ପେଟରୁ ସେ ଦିହେଁ ଜନମିଥିଲେ ତତେ ଅଜଣା । ମତେ ବି ଅଜଣା । କିନ୍ତୁ, ଆମ ଦିହିଙ୍କର ଛନ୍ଦାଛନ୍ଦି ମନ ତାଙ୍କୁ ନଆ ଜନମ ଦେଇଛି । ତତେ, ଆଉ ମତେ ଦିନୁଦିନ ଅଧିକରୁ ଅଧିକ ନେଇ ତୁ ନେଇ ବାନ୍ଧି ପକାଉଛନ୍ତି ସେମାନେ ।

ଆନନ୍ଦ କହିଥିଲା, ଆମର ଧିକିଧିକ ଖେଳ । ମିଛିମିଛିକା ସଂସାର ସେମାନେ ସତ ଫଳାଇ ପାରିଛନ୍ତି ଲୋ ଦୁଲା ! । କିନ୍ତୁ, ସେ ସଂସାରର ମୂ ମୂଳଦୁଆ ନାହିଁ ।

ଦୁଲାଳୀ ହସିଥିଲା । କହିଥିଲା, ତୁ ଭୁଲ ବୁଝିଛୁ ତେ । ଭେଣ୍ଡିକାଟ ତୋ'ର ସତସତକା ମିଛମାୟା-ସଂସାରର ମଳଦୁଆ ଗୁଣ୍ଡି ପଡ଼ିଛି । ତା'ର ଚିହ୍ନବର୍ଣ୍ଣ ନାହିଁ । ହେମିତି ମୋ'ର ଦୁଇଟା କଲବଲିଆ ସଂସାର ।

ଭାବିଲି, ଗଲା ତ ଯାଉ । ଆଉ ଫେରିବ ନାହିଁ । କୁଟୁମ୍ବ, ସଂସାର ମୋ' ଜୀବନରେ ସମ୍ଭବିବ ନାହିଁ । ମୁଁ ଏକାକୁ ଏକା ; ଟଙ୍କେ ମୁଠି, ଟଙ୍କେ-ଦକ୍ଷିଣଙ୍କୁ ବାହୁନି ନିଜକୁ ଦୁଃଖ ଦେବିନାହିଁ । ଦେହରେ ବଳ ଅଛି । ବଦ୍ୟମ ଅଛି । ଦିନେ ଭେଇଛି । ମନ ମାତିଲା ସୁଖରେ ବେଳ ବିତାଇଛି । ନିପାଟିଲା କାଳ ପ୍ରାଣ ଦାମ୍ଭ ଚାଖିବି । ସେଇଆ କରୁଥିଲି ।

ଭଲ ବିଚାର ! କେତେଥର, ବାଇଆ-ବିଲୁଆ ପରି ଏଣେ ତେଣେ ଡେଇଁ, ଖୋଜିଲା ଆତ୍ମୀୟଙ୍କୁ ନ ପାଇ ମୋ' ମନ ବି ସେହି ନିଘୋଡ଼ାମାଡ଼ନ୍ତ ଧାଇଁ ଧାଉଥିଲା । ହେଲେ, ମୁଁ ଅପାରଗ ହୋଇ ପଡ଼ିଥିଲି ଲୋ ଦୁଲାଳୀ ! ମନ ରହିବାରେ ଲାଭ ? ଦେହ ସୁହାଇଲେ ବ । ଶେଷକୁ ମଡ଼ଶକୁ ଘୋଳ କରିବାକୁ ଆପେ ମୁଁ ଧାଇଁଥାନ୍ତି ।

ଦୁଲାଳୀ କହିଥିଲା, କାହିଁକି ଆମେ ପଛକୁ ଚାହିଁବା ? ପଛ ବିଚାର କରିବା ? ଆମେ ଆମର ସଂସାର ଗଢ଼ି ସାରିଛୁ । ଆମ ସଂସାର ମଣିଷ ଦେହର ରକ୍ତ-ମାଂସର ହାଡ଼ହାଡ଼ିଆ ଲୋକର ସଂସାର ନୁହେ । କେବଳ ଜଣେ ଖାଇବା ସୁଖ, କି ଦୁଃଖ ସଂସାର ନୁହେ । ଏକା ପରିକା ହୀନ କପାଳିଆ ଦୁଇଟି ଜୀବନ । ସେହି ଜୀବନର ଏକାପରିକା ଦୁଇଟି ଆଶା । ତାଆରି କୋଳାକୋଳି ମିଳନର ସଂସାର । ତହିଁରେ ଆମେ ଦୁଇଟି ଫୁଲ ଫୁଟାଇ ସାରିଛୁ । ଆମ ଆଶାର ଫୁଲ । ଆମ ସେନେହର ରସରେ ସେମାନେ ବଢ଼ୁଛନ୍ତି ।

ଦୁଲ୍ଲଲୀର ଆଖିରେ ଲୁହ ଛଳଛଳ ହୋଇଥିଲା । ତା'ର ଭରପୁର ମୁହଁର ବହଳ ଓଠରେ ହସର ଆଭାସ ହଲଚଲ ହେଉଥିଲା । ବସନ ନ ଥିଲା ମୁଣ୍ଡର କେଶରୁ କେତିଏ ଅଳପ ଉଚ୍ଛୁଳି କପାଳ ଉପରେ ଭ୍ରୂଲତା ଆଡ଼କୁ ଲମ୍ବି ଆସିଥିଲା ।

ଗୋଧୂଳି ବେଳର ଫିକା ଆଲୁଅରେ ସେ କେମିତି ଦିଶୁଥିଲା ? କଳା ମିଟିମିଟି ଚିକିଚିକି ଗୋଲଟୋଲିଆ ମୁହଁଟି । ଅଧା ଚିପିଦେଲା ପରି ଚଉଡ଼ା ନାକ । ବହଳିଆ ଉପର ଓଠକୁ ଖଞ୍ଜିଲା ପରିକା ଟିକିଏ ବଡ ଦାନ୍ତଧାଡ଼ିକ ସାମାନ୍ୟ ଟେକିଛି । ଯେଉଁଦିନ ଆନନ୍ଦ, କେଜାଣି ଚଉଦ କି ପନ୍ଦର ବର୍ଷ ବିତି ଯିବଣି ତ, ଦୁଲ୍ଲଲୀକୁ ପ୍ରଥମେ ଦେଖିଥିଲା, ସେଦିନ ସେ ଯେମିତି ଦିଶୁଥିଲା, ଆଜି ବି ସେ ସେମିତି ଦିଶୁଛି । ବୟସ ବଢ଼ି ନାହିଁ । ରୂପର ତେଜ ଅଧିକ ଫୁଟକୁଛି । ମନ ଘେନା, କେତେ ସୁନ୍ଦର ।

ଆନନ୍ଦର ମନେଅଛି, ତା'ର ନିସାହା ହତାଶିଆ ରୋଗଣା ତୁଣ୍ଡରୁ ଆଶ୍ରା କ୍ଷୋଭା ମା ପଦଟି ଆପେ ବାହାରି ଥିଲା । ଗୋଟିଏ ଯୁଗରୁ ଅଧିକ ବେଳ ପାଣି ପରି ବହି ଗଲାଣି । ମା'ର ମମତା ତା'ର ଉଣା ହୋଇନାହିଁ । ଉଉଣୀର ସେବା ସେ ଅକୁଣ୍ଠିତ ମନରେ କରିଛି । ଖୁଦିପାଟ ଉଦ୍‌ବିଗ୍ନତାରେ ଆନନ୍ଦ ପାଇଁ ଛଟପଟ ହୋଇଛି । ଡାଇଆଣୀ ପରି ତା'କୁ ଚୋର କରିବାକୁ ଧାଇଁଛି । ମନଖୋଲା ଭବିଷ୍ୟ ବିଗ୍ରହର ତା' ସଙ୍କେତ କରିଛି । ତା'ର ଦେହର ଭୋଗ ମେଣ୍ଟାଣ ପାଇଁ ସୋହାଗୀକୁ, ଆନନ୍ଦ ଚିହ୍ନନକୁ କୋଳରେ ବସାଇ ଦେଇଛି ।

ଆଖିରେ ମିଟ ତି ଭରି ଗେହ୍ଲେଇ କହିଛି, ନେ ରେ, ପଙ୍କରୁ ପଦ୍ମ ଉଠେ । ଏଇଟି ଆମର ଫୁଲ, ନୁଆ ବଗିଚାର ଗଛ । କେତେ ସୁନ୍ଦର । ଛାତିରେ ଧର । ତୋ' ମନକାମନା ମେଣ୍ଟିବ । ଦେବତା ଲାଗି ଫୁଲ ଫଳ, ଏଇ କହ । ତୁ ନିଜେ ପବିତ୍ର, ନିଜେ ନିର୍ମଳ । ପାପ ପଶିବୁ କହିଁକି ? ଛି କରିବା ଭଲ ରେ ବାଇଆ ।

ଦିନେ ସେ ପୁଣି ନିକାଞ୍ଚନରେ ଭଲି ଗଡ଼ିଘଡ଼ି ବେଳେ କହିଥିଲା, ବଞ୍ଚିବା ପାଇଁ, ଦେହରେ କେତେ ପାପ ମୁଁ ଲଦିଦାଇ ଥିଲି । ତାହା ଭଗୀ ହେବାକୁ ମନ ନାହିଁ । ସେବତୀ ପରି ମତୀ ସୁନାଖୀ ତୋ' ପାଦରେ ବାନ୍ଧି ରହିଛି । ମୋ ବାପନରେ ନ ଥିବେ କାହିଁ । ତୋ' ମାନରେ କ ଅଛି ?

ତୁ ମୋ ନ-ଥିଲା ପୋଷଟିକୁ ଛାଡ଼ିବା ନାହିଁ ?

-ନାଇଁ ରେ ନାଇଁ । ତା'କୁ ମୁଁ ତୋ'ରି ମନ ଭିତରେ ଦେଖି ଖୁସି ହୋଇଛି । ଦେବୀ ପ୍ରତିମାର ରୂପ ଓ ସ୍ନେହକୁ ଅନୁମାନ କରି ମୁଁ ଜହ୍ନାରିଛି ।

ମୋ ପରି କେଉଁଠି ବାନ୍ଧି ରହିଥିବ ?

-ଠାକୁରେ କରନ୍ତୁ, ତୋ' ତୁଚ୍ଛ ମନ-ଦୁଃଖ ହେବ । ମଣିଷ ଜୀବନ କେତେ ଦୁର୍ଲଭ । କେତେ ସେବଣ ଭଳି ମଣିଷ ଦେବତାଙ୍କୁ ଜଣା । ସବୁ ଅବସ୍ଥାରେ ମଣିଷ ସୁଖ ଭିତରେ ଦୁଃଖ, ଦୁଃଖ ଭିତରେ ସୁଖ ଭୋଗ କରେ । ଜଗନ୍ନାଥ ଜଣା । ବିଗ୍ରହୀ ତା' ନୂଆ-ଜୀବନରେ ସୁଖରେ ଥାଉ ।

-ଆଲୋ ଦୁଲାଳୀ, ତୁ ଅନୁମାନ କରି ପାରିବୁ କି ତା'ର ନୂଆ-ଜୀବନଟି କି' ରୂପ ଧରିଥିବ ?

-କିଏ ଅନୁମାନ କରିପାରିବ ? ବଢ଼ି-ପାଣିର ତୋଡ଼ରେ ସମସ୍ତେ ଯେମିତି ତଡ଼ି ହୋଇ ଅଣ୍ଡା ଆଉଡ଼ରେ ଭସି ଯାଆନ୍ତି, ଅଣନିଶ୍ୱାସୀ ହୋଇ କେଜାଣି କେଉଁଠି ଲାଖି ଯାଆନ୍ତି, ନୋହିଲେ ଉବୁଟୁବୁ ହୋଇ ବୁଡ଼ି ମରନ୍ତି, ତା'ର ସେମିତି କ'ଣ ହୋଇଥିବ । ବୟସ ଥିଲା ଝିଅଟି । ରୂପ, ସ୍ୱାସ୍ଥ୍ୟ ଭରପୂର ଥିଲା ।

-କାହା ଆଶ୍ରା ଧରି ରହି ଯାଇଥିବ ? ଆଉ କାହାର ପିଲାଛୁଆଙ୍କର ମା' ହୋଇଥିବ ? ନୂଆ ଘର, ନୂଆ ସଂସାର !

-କିଏ ମନା କରି ପାରିବ ରେ ? ସୁଖର ସଂସାର ହୋଇଥିବ । ନିଃସାହା ନିକର୍ଣ୍ଣଧା ହୋଇଲି ଝିଅଟି । କେଜାଣି କେମିତି ପଡ଼ିକା ଟେକେ ଡାଳ ଧରି ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିବ । ଡାଳ ଭାଙ୍ଗିଥିବ, ଅବା ଡିକି ହାତରୁ ଖସିଥିବ । କିଏ ଜାଣେ, କେଉଁଠି ନିର୍ଘାତ କଚଡ଼ା ଖାଇ ପଡ଼ିଲେ ଲୋଟିଥିବ । ଆରେ ଆନନ୍ଦ, ସେ ଯେଉଁଠି ଥାଉ, ସେ ଯାହା ହୋଇଥାଉ, ଯେମିତି ଜୀବନ ବିତାଉ ଥାଉ, ସେ ଆଉ ତୋ'ର ନୁହେ । ସେ ସାତ ପର । ଅଣ-ବାହୁଡ଼ା ।

-ମତେ ସେ ଭୁଲି ଯାଇଥିବ ଦୁଲାଳୀ ?

-ତୁ ତା'କୁ ଭୁଲି ପାରିନୁ, ସେ କେମିତି ତତେ ଭୁଲି ପାରିବ ? ଯେଉଁମାନଙ୍କୁ ଧରି ସୁଖ ଦୁଃଖରେ ମୁଁ ସଂସାର କରିଥିଲି, ତତେ ପାଇ ମଧ୍ୟ ମୁଁ ସେମାନଙ୍କୁ ବିସୋରି ପାରିନାହିଁ । ତୋ' ସେବତୀ, ତୋ' କୁଳର ଲକ୍ଷ୍ମୀ, ତୋ' କୋଳର ସୁନା-କଣ୍ଢେଇ ଯେମିତି ତୋ' ମନରେ ଆତଯାତ ହେଉଛି, ଠିକ୍ ସେମିତି ତା'ର ଆନନ୍ଦ, ତା'ର ଗତି, ମୁକ୍ତିର କାରଣ ଯେ ଥିଲା, ତା' ମନରେ ଅବଶ୍ୟ ନାଟ କରୁଥିବ । ହେଲେ ରେ ଆତୁର, ଏ ଜନ୍ମରେ କେହି କାହାର ମନର-ମଣିଷକୁ ଫେରି ପାଇବ ନାହିଁ । ସେମାନେ ଗୋଟିଏ ଯୁଗରୁ ଅଧିକ ଦୂରେଇ ଯାଇଛନ୍ତି ।

-ଯଦି କେବେ ଭେଟ ହୁଏ ?

-ଜଣା-ଜଣା ଦୁଇଟି ଦେହ ଭିତରେ ଅଜଣା-ଅଦେଖା ଦୁଇଟି ମଣିଷଙ୍କର ଦେଖା । ସେକାଳର ଅତି ଜଣା ଅତି ଆପଣାର ମଣିଷ ଦୁଇଟି ଚିହ୍ନିଙ୍କି ରହିଁ ମନ ତଳେ ମୁହଁ ଛପା ଦେବେ । ସେଇଆ ଭଲ । ସେଇଆ ଲୋଡ଼ା ରେ ପାଗଳା !

-ସେଇଆ ଭଲ, ସେଇଆ ଲୋଡ଼ା ?

-ହଁ ରେ, ହଁ । ଦୁହିଙ୍କ ଜୀବନ ଗୋଟିଏ ଗୋଟିଏ ନୂଆ ଅବସ୍ଥାକୁ ଆଦରି ନେଇଥିବ । କହିଲି ପରା, ସୁଖ ଭିତରେ ଦୁଃଖ, ଦୁଃଖ, ଭିତରେ ସୁଖର ଚଳଣ ଅବସ୍ଥା । ହାଇଁପାଇଁଆ ବାତୁଳ ପଣରେ ତାକୁ ଦୋହଲାଇଲେ ଦୁଇଟି ନୂଆ-ଗଢ଼ା ସଂସାରର ଦାଣ୍ଡିଘର ବୋଲ ଟଳ ଟଳ ହେବ । କିଏ ଜାଣେ, ବିହିଙ୍କ ଉପରେ ଅଜାଡ଼ି ହୋଇ ପଡ଼ିବ । ସବୁ ଛିନଭିନ ହେବ ।

ଦୁଲାଳୀର ଗମ୍ଭୀର ମୁହଁକୁ ଥକାଦକା ରୀତିରେ ଆନନ୍ଦ କେତେ ମୁହୂର୍ତ୍ତ ରହିଁ ରହିଥିଲା । ସେହି ଅଳପ ବେଳରେ ତା' ଭିତରର ଦୃଷ୍ଟି-ଆଗରେ ଉଭାହୋଇ

ଉଭାନ ହୋଇଗଲା ସେହି ମୂର୍ତ୍ତିଟି ଯାହାକୁ ସେ ଫୁଟ୍‌ପାଥ ଉପରେ ଥରେ ଗ୍ଭଲି ଯାଉଥିବାର ଦେଖିଥିଲା, ପୁଣି ଚିନ୍ତାମଣି ଡାକ୍ତରଙ୍କର ଦୋକାନରେ ଡାକ୍ତରଙ୍କ ପାଖରେ ବସିଥିବାର ମଧ୍ୟ ଦେଖିଥିଲା । ଯାହା ସମ୍ବନ୍ଧରେ ସେ ହରିମିସ୍ତ୍ରୀଙ୍କ ଆଗରେ ତା' ମନର ସନ୍ଦେହ, ହୃଦୟର ଦ୍ୱନ୍ଦ୍ୱ ପ୍ରକାଶ କରିଥିଲା, ତାହାର କାଣିଗ୍ଭଏ ମଧ୍ୟ ଦୁଲାଳୀ ଆଗରେ ବାଢ଼ିବାକୁ ସେ ସଂକୁଚିତ ହୋଇଥିଲା ।

କାହିଁକି ?

ଏ ପ୍ରଶ୍ନର ଉତ୍ତର ସେ ନିଜକୁ ଦେବାକୁ ଡରେ । ସେହି ଦୁଲାଳୀ ହେଇଟି ଆଗରେ ବସି ଏକା ଦୃଷ୍ଟିରେ ତା' ଆଡ଼କୁ ଅନାଇଛି । ତା' ମୁହଁରୁ ଫାଳେ ବିଜୁଳି ଆଲୁଅରେ ଡୋଗ ଦିଶୁଛି । ମଝିଘରର ଚଟାଣ ଉପରେ ଧପ ଦେଶା । ତା'ରି ଉପରେ ସେମାନେ ମୁହାଁ ମୁହିଁ ବସିଛନ୍ତି । ରାତି ଦଶଟା ହେବ । ପିଲା ଦୁଇଟି କଣ ଘରେ ଶୋଇପଡିଲେଣି । ବଡ ରାସ୍ତାରେ ଯାନବାହାନର ଚଳାଚଳ ଊଣା ପଡିଲାଣି । ଶବଦରୁ ପରଟେ ଦେଉଛି ।

ଦୁଲାଳୀ ମୁହଁ ଖୋଲିଲା, କ'ଣ ଏତେ ଭାବୁଛ ରେ ଆନନ୍ଦ ? କେବଳ ତୋ'ର ସେ-କାଳର ସେବତୀର ନବ ଯଉବନ ସୁନ୍ଦର ଦେହଟା ଛଡ଼ା ଆଉ କ'ଣ ଦେବାରେ ମୁଁ ହେଳା କରିଛି ? ସେଥିପାଏ ତୋ' ମନରୁ ସବୁ ଦୁଃଖ ତଡି ପାରି ନାହିଁ ?

ଆନନ୍ଦ ଚମକି ଉଠିଲା । ବିବ୍ରତ ହୋଇ ବିଳିବିଳାଇଲା ପରି କହିଲା, ତୁ ମତେ ସବୁ ଦେଇ ସାରିଛୁ । ଦେହର ଆନନ୍ଦ ଯୋଉଁଥିଲାଗି ଦଇବ ସର୍ଜିଛି ସେତକ ମୋ' କୋଳରେ ଥୋଇଛୁ । ତୋ'ର ନିର୍ମଳ ସ୍ନେହଜରଜର ସୁନାର ଆତ୍ମାକୁ ମୁଁ ସବୁବେଳେ ଦେଖୁଛି ।

ତୋ' ଭିତରେ ମୁଁ କେବେ ମୋ ବେଭକୁ, କେବେ ଜନନୀ ନ ପାଇ ଅପା କି ସାନ ଭଉଣୀକୁ ଅନୁଭବ କରୁଛି । କେବେ ସେବତୀର ବ୍ୟାକୁଳତାକୁ ତୋ' ଆତ୍ମାରେ ଅବତରିବାର ଦେଖୁଛି । କେବେ ପୁଣି ଯୋହଗୀର ।—

ଆନନ୍ଦ ସେହି ରାତିରେ, ନିଜ ବଚନିକାରେ ନିଜେ ଉତ୍ତେଜିତ ହୋଇ ପଡ଼ିଥିଲା ।

ଦୁଲାଳୀ ଆଡ଼କୁ ଅଳପ ଅପସରି ଦୁଇ ହାତ ବଢାଇ ତା'ର ମୁହଁକୁ ପାଖକୁ ଓହଳାଇ ଆଣିଲା । ତା'ର ପୁଟକା ଗାଲରେ ଚୋକ ଦେଲା । କ୍ଷଣକ ପରେ ହାତ ହୁଗାଳିଲା ।

ଦୁଲାଳୀ ମୁହଁ ଟେକିଲା । ତା' ମୁହଟି ଦମ ଦମ ହେଉଥିଲା । ଆଖି ଦିଓଟିରେ ନୂଆ ଆଭା ବିଭସି ଉଠିଥିଲା ।

ସେହି ଦୁଲାଳୀ ।

ହେଇଟି, ଘରଆଗ ରାସ୍ତା ପାଖରେ ତା'ରି ଅନିଷାରେ ସେ ଠିଆ ହୋଇଛି । ତା' କଡ଼ରେ ସୋହାଗୀ । ଚନ୍ଦନ ଏ ପାଖ ସେ ପାଖ ହେଉଛି । ରାସ୍ତାର ଉଜ୍ଜ୍ୱଳ ଆଲୁଅରେ ସେମାନେ ସ୍ପଷ୍ଟ ଦେଖା ଯାଉଛନ୍ତି । ପଛଆଡ଼େ ତାଙ୍କ ଦାଣ୍ଡ ଘରଟି ଉଜ୍ଜ୍ୱଳ ଦିଶୁଛି । ଭିତରେ ଆଲୁଅ ଜଳୁଥିବ ।

ଫୁଟ୍‌ପାଥ୍ ଉପରେ ବାଟୋଇମାନଙ୍କ ମଝିରେ ଆଗେଇ ଯାଉଣୁ ଆନନ୍ଦ ସେମାନଙ୍କୁ ଲକ୍ଷ୍ୟ କରୁଥିଲା । ବିଚାରୁଥିଲା, ଏଇ ତା'ର ସଂସାର । ଆଖିକୁ ଦିଶୁଛି । ସେ ଅନୁଭବ କରୁଛି, ଏଇ ସଂସାରଟି ତା'ର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକାଠି ବାନ୍ଧିଛି । ଏଠି ତା' ପାଇଁ ସମସ୍ତେ, ଆଉ ସେ ତ ସମସ୍ତଙ୍କ ପାଇଁ ।

ଆନନ୍ଦର ଜୀବନ କେମିତି ଅବୁଝା ଅବୁଝା ଲାଗୁଛି । ଠିକ୍ ସମୟରେ ସେ ଆସି କାମ ଉପରେ ପହଞ୍ଚି ଯାଉଛି । ଯନ୍ତ୍ରପାତି ଖୋଲି କାମରେ ଲାଗି ଯାଉଛି । ନିକୁଟା କାମ । ନହୁରୁଣୀ ମୁନରେ ଗାର । ଗଛ, ଲତା, ପତର, ଫୁଲ, କଢ଼— ପାନିଆଲିର ଚାରି ପାଖରେ ରହିବ । ମଝିରେ କେଉଁ ଠାକୁର, ଅବା ଠାକୁରାଣୀଙ୍କର ମୂର୍ତ୍ତି । ଆଠ ଯୋଡ଼ା କବାଟର ମଝି ପାନିଆଲି ଗୁଡ଼ିକରେ ଖୋଳା ହେବ । ଷୋଳଟି ନକ୍ସା ।

ଦଶଟି ସରିଲାଣି । ସେ ଗୁଡ଼ିକ କବାଟମାନଙ୍କରେ ଭିଡ଼ା ହେଲାଣି । ଆଉ ଦୁଇଟିରେ କାମ ଲାଗିଛି । ବାକି ଚାରିଟି ପଟାରେ ଆନନ୍ଦ ରେଖାର ନକ୍ସା ପେନ୍‌ସିଲରେ ଦାଗି ସାରିଛି । ତା'କୁ ଆଗ ହରିମିସ୍ତ୍ରୀ ପରୀକ୍ଷା କରିବେ । ମନକୁ ନ ପାଇଲେ ରେଖା ଓ ନକ୍ସାର କେଉଁଠି କେଉଁଠି ପରିବର୍ତ୍ତନ କରା ହେବ । ତା'କୁ ପୁଣି ମାଲିକାଣୀ ପସନ୍ଦ କରିବେ । ସେଇଠୁ ମିହି-ଯନ୍ତ୍ରରେ ଖୋଦେଇ ।

ଆନନ୍ଦର ତୀକ୍ଷ୍ଣ ଆଖି । ଚଷମା ଲୋଡ଼ା ହୁଏ ନାହିଁ । ତା'ର ହାତ ସ୍ଥିର । ହଲେ ନାହିଁ । ଅତି ସୂକ୍ଷ୍ମ କାମ ସେଇ କରେ । ବୟସ ଦୃଷ୍ଟିରୁ ହରିଙ୍କୁ ପ୍ରଚକ୍ଷୁ ବ୍ୟବହାର କରିବାକୁ ପଡ଼େ । ବେଳେ ବେଳେ ଲେନ୍‌ସ କାଚ । ତଥାପି, ସ୍ନାୟୁର ବଳ ଊଣା ହୋଇ ଆସିଥିବାରୁ ଆଙ୍ଗୁଠିର ଚାପ ଅଳପ ଥରି ଥରି ଉଠେ । ବାରିକ୍-ବଟାଳି ମିହି-ରେଖାର ଏପାଖ ସେପାଖ ହୋଇଯାଏ । ସେଇଥି ପାଇଁ ଆନନ୍ଦ ଉପରେ ସେ ନିର୍ଭର କରନ୍ତି ।

ଅଧିକ ମଜୁରି, ଅଳପ କାମ । ମାଲିକାଣୀଙ୍କର ଆଗ୍ରହ । ଖରଚକୁ ସେ ଡରନ୍ତି ନାହିଁ । ମୂଲ ବାକି ରଖନ୍ତି ନାହିଁ । ସଞ୍ଜ ବୁଡ଼େ କାମ ସାରି ତାଙ୍କ ବସାଘରେ ପହଞ୍ଚିଲେ ସେ ସଙ୍ଗେ ସଙ୍ଗେ ଛିଣ୍ଡାଇ ଦିଅନ୍ତି । ଚା' ଜଳଖିଆ ଦିଅନ୍ତି । ବାଟ କଥା ପଚାରନ୍ତି । ଅନୁନୟ କରି କହନ୍ତି, ଟିକିଏ ତୁର୍ତ୍ତି କାମ କର ମ ହରି । ମୋ' ଚନ୍ଦନା ତ ସରିଲା, ପିଠା ଗଢ଼ାପେନ୍ଦ କେମିତି ? ବହୁତ କାମ ବାକି ଅଛି । ଡାକ୍ତରବାବୁ ନାକବୁଡ଼ ହେଲେଣି । କାହୁଁ ଆଣିବେ କହ ।

ହରି ତାଙ୍କର ସ୍ୱାଭାବିକ ରୀତିରେ ମୁଣ୍ଡ ଢୁଣ୍ଡାଇ ହସ ହସ ହୁଅନ୍ତି । କହନ୍ତି, ଏମିତିକା ସୂକ୍ଷ୍ମ ନକ୍‌ସା କାମରେ ସମୟ ଲାଗେ ମା । ଖରଚ, ହଁ, ନିଶ୍ଚେ ଟିକିଏ ଅଧିକ ହେବ । ତେବେ ଜାନ୍‌ଦୁଗକୁ ଯିଏ ଦେଖୁଥିବ ତମର ପ୍ରଶଂସା କରୁଥିବ । କାରିଗର ତା' ମୂଳର ଅଧିକାରୀ । କିଏ ତା'ର ନାଁ ଜାଣିବ ନାହିଁ । ତା' ମେହେନତ ବୁଝିବ ନାହିଁ ।

ସତ ଯେ, ଖରଚ କଥା ଭାବିଲା ବେଳକୁ ତାଳୁକ ଶୁଖି ଯାଉଛି । କି ଦୁର୍ଯୋଗରେ ତମ ଡାକ୍ତରଙ୍କ ସଙ୍ଗେ ରାଜାରାମ୍ ବାବୁଙ୍କ ଘରକୁ ଯାଇଥିଲି । ସେଇଠି ଏମିତିଆ କାମ ଦେଖିଥିଲି । ମନ ସକାସକ ହେଲା । ତୁମକୁ କହି ଦେଲି ।

ଭଲ କଲ ମା । ଟଙ୍କା ଅଭାବ ହେବ ନାହିଁ । ତମ ପରିକା ଲକ୍ଷ୍ମୀ ଠାକୁରାଣୀ ମା ଯେଉଁ ଘରେ ବସେ ବାସ କରନ୍ତି, ସେଠି କାହୁଁ କାହୁଁ ଆସି ଧନ ପହଞ୍ଚିବ । ଡାକ୍ତର ତ ଧାଣି ଗରିବ ଦୁରୁବାଙ୍କର ବାପ । ବିନା ପଇସାରେ ଔଷଧ ଦିଅନ୍ତି । ତେବେ, ଶୁଣିଛି, ବଡ଼ବଡ଼ିଆଙ୍କ ଘରେ ସର୍ଜିକାଲ୍-କେସ୍ ହେଲେ ତା' ମନକୁ ଟଙ୍କା ଆସି ତାଙ୍କ ତଳେ ଜମା ହୋଇଯାଏ ।

କାନ୍ଥରେ ଯୋଡ଼ି ଦୁଇଟି ଦେବାକୁ ମାଲିକାଣୀ କହିଲେ, ହାତ ଟିକିଏ ଫୁଲ କଲେ ଦାମୀ ଦେଖାଯିବ ନା । ମୁଁ ସେଥିପାଇଁ କହୁଥିଲି । ତମର ସାଙ୍ଗ ଲୋକର ହାତ ଫୁଲି ନୁହେଁ ।

-ଆନନ୍ଦ ମିସ୍ତ୍ରୀର ? ସେ ବହୁତ ବାଜେ ଲୋକ । ଦଣ୍ଡେ ମୁହୂର୍ତ୍ତେ ଅଳସରେ ବସିବା ମଣିଷ ସେ ନୁହେଁ । ମୁଁ ବରାଦ ଦିଏ ହଁ, ସେ ସବୁ ନକ୍‌ସା ନିଜେ କରେ । ପିଲା ଦିନରୁ ବାପଠୁଁ ଶିଖିଛି ।

-ବାପଠୁଁ ?

-ସେ ନାମଜାଦା ମିସ୍ତ୍ରୀ ଥିଲେ । ଖଣ୍ଡେ ମଣ୍ଡଳରେ ନାମ ଡାକ ଥିଲା । ଆନନ୍ଦ କହେ, ସେ ନିହାତ ଜଗି କାମ କରେ । ଦେଖିଥିବ ମା, କାମ କଲା ବେଳେ ତା' ଆଖିକୁ । ତା' କାମ ଛଡ଼ା ତାକୁ ଆଉ କିଛି ଦିଶେ ନାହିଁ । ଏ କାମରେ ତରତର ହେଲେ ବିଗିଡି ଯିବ ।

ମାଲିକାଣୀ ଅଳପ ହସି ମୁହଁ ହଲାଇଲେ । ସ୍ୱୀକୃତି ଜଣାଇଲେ । ମଜୁରି ଟଙ୍କା ହରିମିସ୍ତ୍ରୀଙ୍କ ହାତକୁ ବଢ଼ାଇ ଦେଲେ । କହିଲେ, ଆଚ୍ଛା ହେଉ । ତମର ଦାୟିତ୍ୱ ତମେ ତୁଲାଇବ । ମୁଁ ଅଧିକ କ'ଣ କହିବି ?

ହରିମିସ୍ତ୍ରୀ ବିଦାୟ ନେଇଥିଲେ । ରେବତୀ ଦିଦିଙ୍କ ସଙ୍ଗରେ ତାଙ୍କର ଯେଉଁ ଆଳାପ ହୋଇଥିଲା ସେ ସମ୍ବନ୍ଧରେ ଆନନ୍ଦକୁ ସେ କିଛି ଜଣାଇ ନ ଥିଲେ । ତାଙ୍କ ମନରେ ଧାରଣା ଥିଲା, ସେମାନେ ଆନନ୍ଦ ତାଙ୍କର ବୁଢ଼ାଳିକୁ ଶେଷକୁ ଘେନିଲା । କଥା ମାନିଲା । ଅତୀତରୁ ଝଡ଼ିଲା ଜୀବନକୁ କୃପାରେ ଆବୁଲାଇ, ଆମ୍ଭାଙ୍କୁ କଲବଲ କରି ଦୁଃଖ ଦେଇବାକୁ ରହିଲା ନାହିଁ । ମନ, ବଚନ ଓ ଚଳନରେ ନିଜର ବଦଳିଲା ଜୀବନକୁ ଆଦରି ନେଲା । ଆପଣାର କଲା ।

ହରି ଖୁସି ହୋଇଥିଲେ । ସେ ବିଚାରିଲେ, ଆନନ୍ଦକୁ ତା' କପାଳ ଏବେ ଯେଉଁ ରୂପ ଢଙ୍ଗ ଦେଇଛି ସେଥିରେ ସେ ଅପ୍ରକଟ ରହିଲେ ସମସ୍ତଙ୍କର ମଙ୍ଗଳ । ବିଚାରୀ ଦୁଲ୍ଲୀ ପାଇଁ ତାଙ୍କ ସ୍ନେହଶୀଳ ମନ ମର୍ଛି ହୋଇଥିଲା । ଆହା ହତ-ଭଗିନୀ ! ସରଗ-ସୁଖ ଖୋଜି ଖୋଜିକା ଥରକୁ ଥର ନରକ କୁଣ୍ଡରେ ପଶିଛି । ଘାଣ୍ଟି ଚକଟି ହୋଇ ବାରମ୍ବାର ଉଠିଛି । ଅନୁତାପ କରିନାହିଁ । ପୁଣି ଅଣ୍ଟାଭିଡ଼ି ଠିଆ ହୋଇଛି । ସୁଖର ସନ୍ଧାନରେ ଧାଇଁଛି ।

ଦଇବ ଉପରେ ନିର୍ଭର କରି ନାହିଁ ସେ କର୍ମ-କୁଶଳୀଟି । ଅଭିଶାପ ଦେଇ ନାହିଁ । ନିଜର ସଂସାର ସେ ନିଜେ ଗଢ଼ିଛି । ଦେହର ଉତ୍ତେଜନାକୁ ଆୟତ୍ତ କରି ଅଖଞ୍ଜ, ଅସନାମୁହାଁ ଆନନ୍ଦକୁ ସେ ଆଶ୍ରା ଦେଇଛି । ତା'ର ଆଶ୍ରିତ ଘରଣୀ ହୋଇଛି । ତା' ପାଇଁ ସେ ଅରମାରୁ ତୋଳି ଆଣିଛି ଫୁଲ ଦିଓଟି । ଝିଅଟିଏ, ପୁଅଟିଏ । ନିଜେ ଦେହରୁ ଉତ୍ପନ୍ନ କରିନାହିଁ । ତା' ମନରୁ ଜନମ । ସ୍ନେହ-ସରାଗର ପାଶରେ, ନିଜକୁ ମିଶାଇ ସମସ୍ତଙ୍କୁ ସେ ବାନ୍ଧିଛି ।

ସେହି ବନ୍ଧନର ଗଣ୍ଠି ଆନନ୍ଦ । ସେଇଟି ଯଦି ଛୁଟୁଲେ, ଖୋଲିଯାଏ, ଦୁଲ୍ଲୀର ସଂସାର ଅଜାଡ଼ି ହୋଇ ପଡ଼ିବ । ଛିନ୍ନଛତର ହେବ । ଆନନ୍ଦର ବିସ୍ମୟ-ବିଭୋଳ ଭାବ ଭାଙ୍ଗିଛି । ଦୁଲ୍ଲୀର ସଂସାର ଆଉ ଚଳିବ ନାହିଁ । ସେ ନିଧଡ଼କ ତା' ଆଶାର ନାବଟିକୁ ଚଳାଇ ନେଇ ପାରିବ ।

ସେଇଆ ହରି ମନାସିଥିଲେ ।

ସେ ପୁଣି ବିଚାରିଥିଲେ, ମନ ଭିତରେ ନିଜକୁ ନିଜେ କହିଥିଲେ, ଆରେ ହରିଆ, ଆନ୍ଧଆକୁ ଗମାର ମଣି କେତେଥର ଭାଗବତ ଶୁଣାଇଲୁ । ତୁ କହ, ତୋ' ମନ ତୋଷ ହେଲାଟି ?

ହରିଙ୍କର ଧନ୍ଦକା ତାଙ୍କ ମୁଣ୍ଡକୁ ହଲାଇ ଦିଏ ।

ଏ ଦୁନିଆଁରେ କେତେ ଘଟଣା ଘଟିଯାଏ ଯାହା କେବେ ସମ୍ଭବ ହୋଇ-ଥିବ ବୋଲି ପରତେ ହୁଏ ନାହିଁ, ଆଖିରେ ଦେଖିଲେ, ସାକ୍ଷ୍ୟଲକ୍ଷ୍ୟ-ପ୍ରତ୍ୟକ୍ଷ ଅନୁଭବକୁ ଆସିଲେ ଆଚମ୍ବିତ ଲାଗେ । ପରେ ଜଣାଯାଏ ଅସମ୍ଭବ ସମ୍ଭବ ହୋଇଛି । ମଣିଷର ସବୁ କଳନାକୁ ଭୁଆଁ ବୁଲାଇ ପରିଣତି ଅନ୍ୟ ରୂପ ଧରିଛି । ଅନ୍ୟ ରଙ୍ଗ ବୋଳି ହୋଇଛି । ବଦଳା-ଢଙ୍ଗରେ ଉଭା ହୋଇଛି ।

ମାଲିକାଣୀ କେଡ଼େ ଭଲ । ବିଚକ୍ଷଣ ବୁଦ୍ଧି । ଧୀର ସ୍ଥିର । ରାଗରୋଷ ନାହିଁ । କଅଁଳ କଥା । ହେଲେ, ଭାରି ଓଜନିଆଁ । ସବୁ ସମଝନ୍ତି । ତାଙ୍କୁ ଭୁଲାଇବା ସହଜ ନୁହେଁ । ନରୁମିସ୍ତ୍ରୀର ବି ସେଇ ଧାରଣା । ମୁହେଁ ମୁହେଁ ହିସାବ । ଚାରି ପାଠ ଜାଣନ୍ତି—ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଇଂରାଜୀ । କହିବାର, ଯେଉଁଠି ଯେତେବେଳେ ଲୋଡ଼ା । ହରିମିସ୍ତ୍ରୀ ଶୁଣିଛନ୍ତି । ନରୁ ବି ସେଇଆ କହୁଥିଲା ।

**ଏ ସବୁ କ'ଣ ମଫସଲିଆଣୀ ଝିଅ-ବୋହୁଠେଇଁ ସମ୍ଭବ ?**

ଆଜିକାଲିକା ଟାଉନିଆ ବଡ଼ଘରର ପାଠୋଇ ସିନେମା-ଥେଟର-ଦେଖା ଝିଅ-ବୋହୂଙ୍କ ଫେସନରେ ସେ ବାହାରେ ଆତଯାତ ହୁଅନ୍ତି । ସେତକ କୁଆଡ଼େ ଏ କାଳରେ ଲୋଡ଼ା । ନୋହିଲେ, କେହି ଆଡ଼ ଆଖିରେ ଅନାଇବେ ନାହିଁ । ପଦେ ଅଧେ କଥାଭିକ୍ଷା ଦେବାକୁ ରହିବେ ନାହିଁ । କଥା ଶୁଣିବେ ନାହିଁ । କାମ ହାସଲ କରିବାକୁ ସେଇଟା କୁଆଡ଼େ ଦରକାର ।

ବେଳ ଅବେଳରେ କାମ ଉପଲକ୍ଷରେ ତାଙ୍କ ବସାରେ ପହଞ୍ଚିଲେ ହରି ମା'ଲିକାଣୀଙ୍କର ଅନ୍ୟ ଅବତାର ଦେଖିଛନ୍ତି । ରଙ୍ଗ କଷ୍ଟା ପିନ୍ଧି, ହାତରେ ବଢ଼ିଣା ଧରି ସେ ଅଗଣା ସଫା କରୁଛନ୍ତି । କଳରୁ ପାଣି ଆଣି ବାଲ୍‌ଟି ବାଲ୍‌ଟି ଢାଳି ଘର ବାରଣ୍ଡା ଧୋଉଛନ୍ତି ।

ହରିଙ୍କର ପାଟି ଶୁଣି ସେ ଦୁଆରକୁ ଆସନ୍ତି । କହନ୍ତି, ରହ ହରି, ଆଉ ଟିକିଏ କାମ ଅଛି ।

-ଚାକରଟି କୁଆଡ଼େ ଗଲା କି ମା ?

-ତା' ଦେହ ଭଲନାହିଁ । ଶୋଇଛି ।

-ନିଜେ ଏସବୁ ଅସନା କାମ କରୁଛ ?

-କେଉଁ କାମ ଅସନା ? ସବୁ କାମ ଏଇ ମଣିଷ କରିବ ! ବାସନ ମଜା, ଘରଦ୍ୱାର ଝାଡ଼ିବା, ଲୁଗାପଟା କଚା, ରୋଷାଇବାସ, ପିଲାଙ୍କ ଯତ୍ନ ଏସବୁ ଅସନା କାମ ନୁହେଁ । ହାତ ହଲାଇଲେ ପାଇଟି ଶେଷ । ଡାକ୍ତର ବାବୁ ପୁଣି ଦୋକାନକୁ ଯିବେ, ଆମେ ଯିବୁ ସ୍କୁଲକୁ ।

-ଘରେ ?

-ଭାବିବନା ରହିବ । ଓଷଦ ଖାଇଛି । ଜର ନାହିଁ । ଟିକିଏ ଡେରିରେ ଉଠିବ । ଭାରି ଭଲ ପିଲା । କାମିକା ଯେମିତି, ବିଶ୍ୱାସୀ ସେମିତି ।

-ପର ପିଲାକୁ କି ବିଶ୍ୱାସ ମା ?

-ତାକୁ ପର କରି ରଖିନାହିଁ ହରି ! ଆହା, ବାପ-ମା ଛେଉଣ୍ଡ ଅନାଥ ପିଲାଟି ! ଏ ଘରେ, ଆମ ପାଖରେ ପିଲାଦିନୁ ରହିଛି । ଅପା ରଖିଥିଲେ । ଏ ଘର ତା'ର ହୋଇ ସାରିଛି । ତା'କୁ ମୁଁ ପୁଅ ପରି ପାଳିଛି । ଘରେ ପଢ଼ାଉଛି ।

-ପଢ଼ୁଛି ?

-ହଁ ! ମତେ ବେଶୀ ଗପାଅ ନା ହରି ! କାମ ମାଗୁ ହେଉଛି । ସୋହାଗୀ ଓ ଚନ୍ଦନ ଉଠିଲେଣି । ତମେ ଭାରି ସକାଳ ପହଞ୍ଚିଗଲ । ଟିକିଏ ଅପେକ୍ଷା କରିବ, କି ଘଣ୍ଟାଏ ଛାଡ଼ି ଆସିବ ? ସବୁ ହିସାବ ଛିଡ଼ାଇ ଦେବି ।

-କାମ ସାରି ସଞ୍ଜକୁ ଆସିବି ମା !

ହରି କେବେ ସଞ୍ଜ ପହରରେ ଯାଇଛନ୍ତି । ଡାକିଲେ ଖେଦନା ଆସେ । କୋଡିଏ ଏକୋଇଶ ବର୍ଷର ଚଳୁଆ ଟୋକା । ଗ୍ରୀକର ପରି ଦିଶେ ନାହିଁ । ନ ଜାଣିଲା ଲୋକେ ମଣିବେ ଘରର ପୁଅ ।

କହେ, ମିସ୍ତ୍ରୀ, ଟିକିଏ ବାରଣ୍ଡାରେ ବସ । ବାବୁ ଫେରି ନାହାନ୍ତି । ମା' ପୂଜା ଘରେ ପଶିଲେଣି ।

ଚଉଡା ବାରଣ୍ଡା ଉପରେ ଖଣ୍ଡେ ଛୋଟ ଟିଣ ଟେବୁଲ ଓ ତିନିଖଣ୍ଡି ଟିଣ-ଚଉକି ପଡିଥାଏ । ଫୋଲ୍ଡିଂ । ରାତିରେ ଶୋଇବା ଆଗରୁ ସେଗୁଡିକ ଘର ଭିତରକୁ ଉଠିଯାଏ ।

ଖେଦନା ସୁଇଚ୍ ଟିପି ଆଲୁଅ ଜଳାଇ ଦିଏ । ପୁଣି କହେ, ବସ ମିସ୍ତ୍ରୀ । ମା' ପୂଜା ଘରେ ମୋଟେ ଅଧ-ଘଣ୍ଟାଏ ରହନ୍ତି ।

ହରି କହନ୍ତି, ମୁଁ ଟିକିଏ ତରତର ଅଛି । ବାବୁ ଦୋକାନରୁ ଫେରି ନାହାନ୍ତି କି ?

-ନ ଜାଣିଲା ପରି ପଚାରୁଛ ମିସ୍ତ୍ରୀ ? ବାବୁ ଦି'ଟା ବେଳେ ଘରକୁ ଫେରିଥିଲେ । ମୁଠିଏ ଖାଇ, ଟିକିଏ ବିଶ୍ରାମ ନେଇ ପାଞ୍ଚଟା ପରେ ପୁଣି ଗଲେ । କେତେବେଳେ ଫେରିବେ ତା'ର କେଉଁ ଠିକଣା ?

-କେମନ୍ତ !

-ହଁ, ମିସ୍ତ୍ରୀ । ତେବେ, ୯ଟାରୁ ୧୦ଟା ରାତିରେ ଫେରନ୍ତି । ପୁଣି କେଉଁଠୁ ଡାକରା ଆସିଲେ ରିକ୍ସାରେ, ନୋହିଲେ କାହା କାର୍‌ରେ ପଦାକୁ ବାହାରି ଯାଆନ୍ତି । ସୁସ୍ଥରେ ମୁଠିଏ ଖାଇ ପାରନ୍ତି ନାହିଁ ।

-ଫେରନ୍ତି କେତେବେଳେ ?

-ତା'ର କି ଠିକଣା ?

-ମୁଁ ତେବେ ଯାଉଛି ଖେଦନ । ମା'ଙ୍କୁ କହିଦେବୁ ମୁଁ ଆସିଥିଲି ।

-ଆଉ ଟିକିଏ ଅପେକ୍ଷା କର । ଠାକୁର ଘରେ ପଶିଲେ ମା' କବାଟ କିଳନ୍ତି । ତାଙ୍କୁ ଡାକିବାକୁ ମନା । ପିଲା ଦିହେଁ ବି ସାହସ କରନ୍ତି ନାହିଁ ।

-ଡାକ୍ତର ବାବୁ ?

-ମା'ଙ୍କ ପୂଜାବେଳେ କେହି ତାଙ୍କୁ ଡାକନ୍ତି ନାହିଁ । ତମେ ବସ । ମୁଁ ତମ ପାଇଁ ଚା କରିଆଣେ ।

ସେଦିନ ଖେଦନା ଖଞ୍ଜା ଭିତରକୁ ଚାଲିଗଲା । ଭିତରୁ ପିଲା ଦୁଇଟିଙ୍କର ପାଟି ଶୁଭୁଥିଲା । ପୁଅଟି ଟିକିଏ କାନ୍ଦୁଥିଲା । ଝିଅ ବୋଧହୁଏ ତାକୁ ଆକଟ କରୁଥିଲା । ପୁଅର କାନ୍ଦ ଶୁଭିଲା । ତଥାପି, ରେବତୀ ଦିଦିଙ୍କର ସ୍ୱର ଶୁଭିଲା ନାହିଁ ।

ହରି ମିସ୍ତ୍ରୀ ଅପେକ୍ଷା କରି ବସିଲେ ।

ଷ୍ଟ' ପିଇ କପ୍ ଓ ସସର୍ ଖେବନାକୁ ସେ ଫେରାଇ ଦେଲେ । ଭାବୁଥିଲେ, ଫେରି ଆସିବେ, ନିଜେ ମାଲିକାଣୀ ବାରଣ୍ଡାକୁ ଆସିଲେ । ଧୋବ ଶାଢୀ ଖଣ୍ଡେ ପିନ୍ଧି ଥାଆନ୍ତି । ହସ ହସ ହେଉ ଥାଆନ୍ତି । ଆଖି ଡୋଳା ଦିଓଟି ଝଲସି ଉଠୁଥାଏ । ହରି ଚଉକି ଛାଡ଼ି ଠିଆ ହେଲେ । ତାଙ୍କୁ ଦିଶୁଥିଲା ସତେକି ଆଖି ଆଗରେ କେଉଁ ଦେବୀମୂର୍ତ୍ତୀ ଉଭା ହୋଇଛନ୍ତି । ହରିଙ୍କର ମୁଣ୍ଡ ନଇଁ ଆସିଲା ।

କିଏ ଜାଣେ ସେ କିଏ ?

ଆନନ୍ଦର ବାହାର ରୂପ ବଦଳିଛି । ଆଖିର ଦୃଷ୍ଟିଶକ୍ତି ତ କମି ନାହିଁ । ବିଚାରବୁଦ୍ଧି ଊଣା ହୋଇନାହିଁ । ତା' ନଜରରେ ମହାପାତ୍ର ଘରର ବୋହୂ ଓ ସେବତୀ ଦିଦିଙ୍କର ଚେହେରା, ସ୍ୱର, ଚାଲିଚଳନରେ ମେଳ ଅଛି । ସେଥିରେ ଭ୍ରମ ଆଇପାରେ । କିନ୍ତୁ, ଏ କି ବିଚିତ୍ର କଥା ! ଦିଦି ନିଜ ପୁଅ ଝିଅଙ୍କର ନାମ ଏକାପରି ରଖିଲେ କିପରି ? ପୁଅଟି ତ ପେଟରେ ଥିଲା !

ସେହି ପ୍ରଳୟ ବଢ଼ିରେ ସମସ୍ତଙ୍କୁ ହରାଇ ପାଣିରେ ଉବୁଟୁବୁ ହେଉଣୁ, ମରଣ ଗୋଡ଼ ଟାଣୁଣୁ, କିଏ ତାଙ୍କୁ ଉଦ୍ଧାର କରି ପାରିଥିଲା ? ଅବା, କ'ଣ ଗୋଟାଏ ଧରି ପ୍ରାଣ ବଞ୍ଚାଇ କୂଳରେ ଲାଗିଥିଲେ ? ସେମିତି କ'ଣ ହୋଇଥିବ । ତା'ପରେ—?

ବୁଝି ହେଉନାହିଁ । ଅନୁମାନ ବି କଳନା କରି ପାରୁନାହିଁ । ଉଡ଼ା ଖବର, ବଢ଼ା ଖବର ମନଗଢ଼ା ହୋଇପାରେ । ମନ ଖୁସିଆ ଲୋକଙ୍କ କଥନି । କି ବିଶ୍ୱାସ ?

ଯାହା ହେଉଥାଉ, ସେ ଦରବୁଢ଼ା ଚିନ୍ତାମଣି ଡାକ୍ତରଙ୍କର ଏବକା ଘରଣୀ । ଦୁଇଟି ପିଲାର ମା । ହସ ଖୁସିରେ ସଂସାର କରୁଛନ୍ତି । ନିଜ ସଂସାରରେ ହିଁ ମଜି ରହିଛନ୍ତି । କଅଁଳ କଥା । ସ୍ନେହିଲା ବ୍ୟବହାର । ନିଷ୍କଳଙ୍କ ଚଳନ । କେହି କେବେ ତାଙ୍କର ନିନ୍ଦା ଗାଇନାହିଁ ।

ସେ ଯଦି ସେଇ ହୋଇଥିବେ ?

ନୂଆ ଜନମ ପାଇଛନ୍ତି । ନୂଆ ଜୀବନ ଧରିଛନ୍ତି । ବିଗତ ଜୀବନ, ସବୁ ଘଟିଲା ଘଟଣା ତାଙ୍କର ରାତି ସପନ ହୋଇଥିବ ।

ସେ ସପନ ବିସୋରି ଯାଉନ୍ତୁ । ସୁଖରେ ରହନ୍ତୁ । ପୁଅ, ଝିଅ, ଆଉ ପତିଙ୍କୁ ଧରି ଅହ୍ୟ-ସୁଲକ୍ଷଣୀ ସଂସାର କରନ୍ତୁ ।

ଆନନ୍ଦ ଅପରଚ ଅଜଣା ରହୁ ।

ସେବତୀ ଦିଦିଙ୍କର ଚେଇଁଲା-ମନରେ, ଶୋଇଲା-ସପନରେ ହଜିଲା-ଜୀବନର ସୁଖ ଦୁଃଖ ସୁମରଣାର ସହସ୍ର-ଫଣା—ନାଗର ଚୋଟ—ହଣାର ଫଁ ଫଁ ଆତଙ୍କ ନ ଆଣୁ । ତାଙ୍କର ପ୍ରଫୁଲ୍ଲ ମୁହଁରେ ସନ୍ଦେହର କୋକୁଆ ମହଳଛାଇ ନ ଢାଙ୍କୁ ।

ହରିମିସ୍ତ୍ରୀ ସଭିଙ୍କର ଶୁଭ ମନାସିଲେ ।

X X X

ଯେଉଁ ସଂସାରକୁ ସେ ନିଜର କରି ସାରିଛି ତାଆରି ମଙ୍ଗଳ ପାଇଁ ସେବତୀ କାମରେ ଲାଗିଥାଏ । ସ୍ୱାମୀ, ପୁଅ ଓ ଝିଅଙ୍କର ତତ୍ତ୍ୱ ନେବାରେ ସେ ମନପ୍ରାଣ ଢାଳି ଦିଏ । ଅତୀତ ଆଡ଼କୁ ଫେରି ଚାହିଁବାକୁ ମନ ମନା କରେ । କିନ୍ତୁ, ହଜିଲା ଅତୀତ ସତେକି ପଛେ ପଛେ ଲୁଚି ଲୁଚି ଧାଇଁ ଆସେ ।

ସେହି ଅତୀତର ବହୁ ରୂପର ଛାଇ କେଉଁ ଛଟକରେ କେବେ ଆଗକୁ ଆସେ, ସେହି ଛାଇ ଭିତରୁ ଶୁଭେ କେତେ ସ୍ୱର । ଚଳନ୍ତା ଜୀବନର ଝଲସା ଆଲୁଅରେ ସେ ଛାଇ ଛପିଯାଏ । ସ୍ୱର ହଜିଯାଏ । ନିଦ୍ରିତ ଅବସ୍ଥାରେ କେବେ ନିଷ୍କଳ ମନର ପରଦା ଉପରେ ପୁଣି ସେମାନେ ଜୀବନ୍ତ ହୋଇ ଅଭିନୟ ଆରମ୍ଭ କରନ୍ତି । ସ୍ୱର ବି ଶୁଭେ । ମନେ ହୁଏ ମଣିଷ ବଞ୍ଚିଥିବା ଯାଏ, ତା'ର ଚେତନା ଅବ୍ୟାହତ ଥିବାଯାଏ, ଘଟିଲା ଘଟଣାବଳୀର ଅନୁଭୂତି ଜୀବନର ସହଯାତ୍ରୀ ହୋଇ ଚାଲିଥାନ୍ତି ।

ବାପର ମୁହଁ ସେବତୀ ଦେଖି ନ ଥିଲା । ମା'ର କୋଳରେ ପାଞ୍ଚଟି ବର୍ଷ ବଢ଼ିଥିଲା ବୋଲି ଶୁଣିଛି । ମା କେମିତି ଥିଲା ତା'ର ଧାରଣା ନାହିଁ । ଦୂର-ସମ୍ପର୍କୀୟ ଦାଦୀ-ଖୁଡ଼ୀଙ୍କ ପାଖରେ ସେ ବଢ଼ିଥିଲା । ସେମାନଙ୍କର ବି ପୁଅ ଝିଅ ଥିଲେ ।

ଦାଦି ତା'କୁ ସ୍ନେହ କରୁଥିଲେ । ଖୁଡ଼ୀ ରାଗ ଉଣ୍ଡି ତା ଉପରେ ହାତ ଗୋଡ଼ର ସୁଖ ସାରୁଥିଲେ । ତା' ଉପରେ ଅତ୍ୟାଚାର ହେଲେ କେମିତି ଖବର ପାଇ ଗାଁ ମାଇପେ ଭିଡ଼ି ଆସୁଥିଲେ । ଖୁଡ଼ୀ ସଙ୍ଗେ ଝଟାପଟା କଜିଆ କରୁଥିଲେ । ତା' ପାଇଁ ଗ୍ରାମରେ କେତେଥର ପଞ୍ଚାଏତି ସଭା ହୋଇଥିଲା । ତାକୁ ଡକା ହୋଇଥିଲା । କିନ୍ତୁ, କେବେ ସେ ସଭାରେ ଠିଆ ହୋଇନାହିଁ । ଯିବାକୁ ମନା କରି ଦେଇଛି । ଗାଁ ମାଇପେ କେହି କେହି ନିରୋଳାରେ ତା'କୁ ତା'ର ବାପ, ମା, ଓ ସମ୍ପତ୍ତିବାଡ଼ି କଥା କହିଛନ୍ତି । ଦାଦି ଖୁଡ଼ୀଙ୍କର ନିନ୍ଦା ରଟାଇଛନ୍ତି । ଗୋଟାଛାଏଁ ଆପଣାର ହୋଇ ତା'କୁ ସେମାନଙ୍କ ଘରେ ସୁଖରେ ରହିବାକୁ ମତାଇଛନ୍ତି । ସେ ମଙ୍ଗିନାହିଁ । ଓଲଟି ଜବାବ ଦେଇଛି, ମୋ ଖୁଡ଼ୀକୁ ଛାଡ଼ି ମୁଁ ଆଉ କୁଆଡ଼େ ଯିବିନାହିଁ ।

ଟିକିଏ ବଡ଼ ହେଲାରୁ, ସେ ସବୁକଥା ବୁଝିପାରିଲା । ସେ ଜାଣିଲା ଯେ କେବଳ ଦାଦି ଖୁଡ଼ୀ ନୁହନ୍ତି, ଅନ୍ୟଯେଉଁମାନେ ଉପରେ ପଡ଼ି ତାର ଭଲମନ୍ଦ

ବୁଝିବାକୁ ଏତେ ବ୍ୟାକୁଳ, ସେମାନଙ୍କର ତା' ବାପର ଘରଡ଼ିହ, ବାରି, ଆଉ ଭୂମି କେତେମାଣ ଉପରେ ଆଖି । ସେ ମହରଗରୁ ଯାଇଁ କାନ୍ତାରରେ ପଡ଼ିବ ନାହିଁ । ଅନ୍ୟମାନଙ୍କର ଶିଖା-ମଣା, ଗୋପନ କଥା ସେ ତା'ର ଖୁଡ଼ୀକୁ କହିଦିଏ । ତା'ର ସ୍ନେହ ସହାନୁଭୂତି ପାଏ ।

ଦାଦିଙ୍କର ପୁଅ ଓ ଝିଅଙ୍କ ସଙ୍ଗରେ ସେ ବେଶୀ ବୟସରେ ବିଦ୍ୟାଳୟରେ ନାମ ଲେଖାଇଥିଲା । ସେ ଦୁହେଁ ତା'ଠାରୁ ଦୁଇ ତିନିବର୍ଷ ସାନ । ପୁଅଟା ବୁଦ୍ଧିଆ ହେଲେ ବି ଚଗଲା । ଝିଅଟି ଶାନ୍ତଶିଷ୍ଟ । ନିର୍ବୁଦ୍ଧିଆ । ପାଠରେ ଅନ୍ୟ ମନସ୍କ । ସେମାନେ ଛୋଟ କ୍ଳାସରୁ ପାଠ ଛାଡ଼ିଲେ । ସେ ଭଲ ପଢୁଥିଲା । ଶ୍ରେଣୀରେ ପ୍ରଥମ ଦ୍ୱିତୀୟ ହେଉଥିଲା ।

ଶିକ୍ଷକମାନେ, ଅପାମାନେ ତାକୁ ଭଲ ପାଉଥିଲେ । ଘରେ ପଢ଼ିବାକୁ ତା'କୁ ବେଳ ମିଳେନାହିଁ । ଖୁଡ଼ୀ ସବୁବେଳେ ଖଟାଏ । କାମରୁ ଫାଙ୍କରେ ବହି ଖୋଲି ବସିଲେ ସେ ଅସନା ଭାଷାରେ ଗାଳିଦିଏ ।

ତା'ର କଣ୍ଠୀ ମଞ୍ଜିର ଆପସା ଛାଇ ଏବଯାଏଁ ଯଉନରେ ଉଭାହୁଏ । ତା'ର କାକିକିଳା ରଡ଼ି ଅକଥ୍ୟ ଭାଷା କାନରେ ବାଜେ—ଆଲୋ ଛତରଖାଈ, ଚୁଲିପଶୀ, ନିଆଁଲାଗୀ; ତତେ ମରଣ ନାହିଁ ? ପାଲଟି ପକାଇ ଆଲଣା-ଗେଲବଜରୀ ବହି ଧରି ବସିଲୁ । ଜଜ-କିଲଟର ହେବୁ ?—

ତା' ହାତରେ ଛାଞ୍ଚୁଣି ମୁଠା । ବହି ଥୋଇ ଏବେ ଯଦି ନ ଉଠେ ଛାଞ୍ଚୁଣି ପାହାର ପିଠିରେ ବାଜିବ । ଘୋଡ଼ର ଆଘାତ ସହିବାକୁ ପଡ଼ିବ ମନ ବୋବାଇ ଉଠେ । ତୁଣ୍ଡକୁ ଉସ୍କାଏ ଜବାବ ଦେବାକୁ—କହିଦେ ଲୋ, ପାଣି ତୋରଣି ଯାହା ଖାଇ ପିଇ ପ୍ରାଣ ବଞ୍ଚାଉଛୁ, ସେତକ ତୋ' ବାପା ଅଜାଙ୍କ ସମ୍ପତ୍ତିରୁ କାଣିଚାଏ । ନିଜେ ଚାକରାଣୀ ପରି ଖଟୁଛୁ । ଯେଉଁ ଜାମା ଖଣ୍ଡ ଦେହରେ ଗଳାଇଛୁ, ଯେଉଁ ଲୁଗା ଖଣ୍ଡି ପିନ୍ଧିଛୁ ତାକୁ ସରକାର ଦେଇଛନ୍ତି । ବିଦ୍ୟାଳୟରେ ଦରମା ଦେବାକୁ ପଡ଼େ ନାହିଁ । ବହିପତ୍ର ସରକାରଙ୍କର ଦାନ । କେଉଁ ଚିଜରେ ଧାରିଛୁ ? କହି ଦେ ।

ଥରିଲା ଓଠରୁ ପ୍ରତିବାଦର ଭାଷା ବାହାରେ ନାହିଁ । ଆଖି ଦୁଇଟି କଥା କହେ, ଲୁହ ଦି' ଧାର ଗଡ଼ି ଆସେ । ତା'ର ବି ଜବାବ ଖୁଡ଼ୀ ଉପହାସିଆ ସ୍ୱରରେ ଦିଅନ୍ତି, ଆହା ଲୋ ରାଜଜେମା । ସୁନା ଲୁହ ତଳେ ପଡ଼ିବ । ସାଇତି ରଖିଥା । ଗାଁରେ ବୋପାମାନଙ୍କୁ ବାଣ୍ଟିବୁ । ମୋ ନାଁରେ ନୁହରି କରିବୁ । ହାଣ୍ଡିରେ ପୂରାଇ ରଇତଳାଏ ଫାଣ୍ଡିକି ନେବେ ।

-କା' ଆଗରେ ଗୁହାରିକଲି ଖୁଡ଼ୀ ?

-ହଇଲୋ, ମତେ ପଚାରୁଛୁ ? ତୋ' ମନକୁ ପଚାରୁନୁ ମଙ୍ଗୁଆଏ ନିତ । କରିବେ । ଆମେ ତତେ ଆଦରି ନ ଥିଲେ କେବେଠୁଁ ମାଟି ତଳକୁ ପାଉନ୍ତୁଣି ।

ସେ ହାତ ପାପୁଲିରେ ଆଖିରୁ ଲୁହ ପୋଛେ । ମନେ ମନେ ଖୁଡ଼ୀକୁ କହେ, ସେଇଆ ହେଲେ ଭଲ ହୁଅନ୍ତା । କାହିଁକି ଏତେ ଦୁଃଖ କଷ୍ଟ ସହନ୍ତି ? କାହିଁକି ତମେ ମତେ କେଣ୍ଟା କେଣ୍ଟା କରି ଖାଆନ୍ତ ? କିନ୍ତୁ, ମୁହଁ ଖୋଲେ ନାହିଁ ।

ଖୁଡ଼ୀ ତାକୁ ଜହର ଦେଇ କେଜାଣି ମାରି ପାରିଥାନ୍ତା । ସହଜ କାମ । କାହିଁକି ସେତକ ନ କଲା ? ତା ମନର କେଉଁ କୋଣରେ ମା-ପଣର ଆହ୍ଲାଦ ଛପି ରହିଥିଲା କି ? ହେତୁ ପାଇଲାରୁ, ଜ୍ଞାନ ହେଲାରୁ ତା' ମନରେ ଏ ପ୍ରଶ୍ନ ଜାଗିଥିଲା ।

ସେବତୀ ଆଖିଦୃଶିଆ ହେଲା । ବଡ଼ ହେଲା । କାହୁଁ କାହୁଁ ଆପଣା ଛାଆଁକୁ ଲାଜ ଘୋଟି ଆସିଲା । ଚଉଦ ପୂରିଲା । ଅଷ୍ଟମ ଶ୍ରେଣୀର ଅଧାରୁ ତା' ଦାଦି ତା'କୁ ସ୍କୁଲକୁ ଛାଡ଼ିଲା ନାହିଁ । ସେତକ ଖୁଡ଼ୀର ଶିକ୍ଷା । ଶିକ୍ଷକମାନେ, ଅପାମାନେ ଦାଦିକୁ ଯେତେ ବୁଝାଇଲେ ସେ ମନା କରିଦେଲା ।

କେତେ ଜଣ ଗାଁ ଲୋକ ତା'ର ଦାଦାକୁ ପ୍ରବର୍ତ୍ତାଇବାକୁ ଚେଷ୍ଟା କଲେ । କହିଲେ, ପିଲାଟା ଭଲ ପଢୁଥିଲା । ତା' ପିଛା ତୋ'ର ପଇସାଟିଏ ବି ଖରଚ ହେଉନାହିଁ ! ସରକାରୀ ସାହାଯ୍ୟରେ ପାଠ ପଢ଼ିବ । ତା' ଖାଇବା ପିନ୍ଧିବା ପାଇଁ ହକ ତା'ର ଭୂମିବାଡ଼ି ଅଛି । ତୁ ଭୋଗ କରୁଛୁ । କାହିଁକି ସେ ପାଠ ନ ପଢ଼ିବ ?

ସେମାନଙ୍କର ଆଲୋଚନା ସେବତୀ ବାଡ଼ ଉହାଡ଼ରୁ ଶୁଣୁଥାଏ ।

ତା' ଦାଦା ଉତ୍ତର ଦେଲା, ଘରଯୋଗ୍ୟା ଝିଅଟାକୁ ଇସ୍କୁଲକୁ ପଠାଇବାକୁ ତା ଖୁଡ଼ୀ ରାଜି ହେଉନାହିଁ । ପୁଅ ନୁହେ ତ !

-ଅନେକ ଝିଅ ପଢୁଛନ୍ତି । ସେ କାହିଁକି ନ ପଢ଼ିବ ? ଆଜି କାଲି ପୁଅ ଝିଅ ଭିତରେ ଭେଦଭାବ ରଖିବା ଉଚିତ ନୁହେ ।

-ଝିଅ ଗୁଡିକ ପୁଅ ହୋଇଯିବେ ନାହିଁତ ! ଭଲମନ୍ଦ ଘଟିଲେ ଗାଁ ଲୋକେ ମୋ'ର ଦୋଷ ଦେବେ । ସେଇ ଝିଅଟା ଆଉ ତା'ର ସମ୍ପତ୍ତି ଉପରେ ସମସ୍ତଙ୍କର ଲୋଭ । ସେଇଥିପାଇଁ ମୋ' ଉପରେ ମୁରବିଗିରି ଦେଖାଇବାକୁ ସମସ୍ତେ ହମ ହମ । ତା' ଖୁଡ଼ୀର ଆଖିରେ ତା'ର ଅସନା ବେଆଡ଼ା ଢଙ୍ଗ ପଡ଼ିଛି । ତା'କୁ ପଦାକୁ ଛାଡ଼ିବାକୁ ସେ ରାଜି ନୁହେ । ତା'କୁ ନେଇ ପର ଘରେ ଥୋଇଲେ ଆମେ ନିଶ୍ଚିନ୍ତ ।

ସେବତୀର ଦେହ ବରଡ଼ାପତ୍ର ପରି ଥରୁଥିଲା । ତା'ର କୋହ ଉଠୁଥିଲା । ସେ ଟିପେଇ ଟିପେଇ, ନଇଁ ନଇଁକା, ଗଛ ଲଟାର ଉହାଡ଼ରେ ଥରଥର ହୋଇ କୂଅ ମୂଳକୁ ଚାଲି ଆସିଥିଲା । ଛାତି ଦାଉଁ ଦାଉଁ ପଡୁଥାଏ । ମନରେ ଘୋରତେଇ ହେଉଥାଏ ଦାଦି ତୁଣ୍ଡରୁ ଶୁଣିଲା କଥା । ସେ ତାହା ମିଛ ଗ୍ରାମବାସୀଙ୍କ ଆଗରେ ଗପି ତା' ମୁହଁରେ କାଳି ବୋଳିଲେ ? ଅବା, ସତରେ ତା'ର ରହାବାଲୀ ବାଘୁଣୀ ଖୁଡ଼ୀ ମିଛରେ ତା' ନାମରେ ଦୁର୍ନାମ ରଟାଇବାକୁ ମନରୁ ଗାନ୍ଧି ଦାଦି ଆଗରେ କ'ଣ କହିଛି ?

ଅସନା ବେଆଡ଼ା-ଢଙ୍ଗର ଅର୍ଥ ସେବତୀକୁ ଅଜଣା ନ ଥିଲା । ଗ୍ରାମବାସୀଙ୍କ ମନରେ ଯେଉଁ କୁତ୍ସିତ ଅଶ୍ଳୀଳ ଧାରଣା ଜନ୍ମାଇବାକୁ ତା ଦାଦି ସେଇ ଶବ୍ଦ ନିର୍ଲଜ ମୁହଁରେ ଉଚ୍ଚାରଣ କରିଥିଲା ସେତକ ବୁଝିବାର ବୟସ ତା'ର ହୋଇଥିଲା ।

ଗାଁ ଝିଅ ସେ, ବୟସରେ ନିଜଠାରୁ ବଡ଼ ଓ ଛୋଟ କେତେବେତେ ପ୍ରକୃତିର ଓ ଆର୍ଥିକ ସ୍ଥିତିର ପୁଅ ଝିଅଙ୍କ ମେଳରେ ବଢ଼ି ଆସିଛି । ସେମାନଙ୍କର କଥା ଶୁଣିଛି । ଚଳଣ ଦେଖିଛି । ବ୍ୟବହାର ଜାଣିଛି ।

କୌତୁହଳ ଜାଗିଛି । ବୟସ ବୃଦ୍ଧି ଓ ନିଜ ଅଙ୍ଗର ଧୀର ସୌଷ୍ଠବ ସମ୍ବନ୍ଧରେ ସଚେତନ ହୋଇଛି । ମଧୁରିଆ ଶିହରଣ ଅନୁଭବିଛି । ଭଲ କ'ଣ, ମନ୍ଦ କ'ଣ ପଢ଼ିଛି, ଶୁଣିଛି, ଅନୁମାନିଛି । ପାପ ଓ ପୁଣ୍ୟର ଝାପସା ଚିତ୍ର ମନରେ ଆଙ୍କିଛି । ଭୟର କୁହୁଡ଼ି ଦୂରରୁ ଦେଖିଛି । ଥରିଛି । କରଛଡ଼ା ଦେଇ ନିଆଶ୍ରୀ ଝିଅଟି ଦୂରେଇ ଯାଇଛି ।

ଖୁଡ଼ୀ ତାର ନିର୍ମଳ ଚରିତ୍ରରେ କଳା ବୋଳିବାକୁ କୁଣ୍ଠିତ ହେଲାନାହିଁ ?

ବିରକ୍ତିଲା, କାହିଁକି ସେ ସହିବ ? ପଚାରିବ କି ? ଦୁଇଦିନ କାଳ ଛଟପଟ ହେଲା । ଦିନେ ମନରେ ସାହସ ଠୁଳାଇ ପଚାରି ଦେଲା, କି ଅସନା ବେଢଙ୍ଗ ପଣ ମୋ' ଠେଇଁ ତମେ କେବେ ଦେଖିଥିଲ ଖୁଡ଼ୀ, ଦାଦିକି କହିଲ ? ଗାଁ ଲୋକଙ୍କ ଆଗରେ ସେ ମୋ' ନିନ୍ଦା କରି କହୁଥିଲା । ମୁଁ ବାଡ଼ ଉହାଡ଼ରୁ ଶୁଣିଲି ।

ସାପ ଲାଙ୍ଗୁଡ଼ରେ ହାତ ମାରିଲେ ଯେମିତି ସେ ଫଁ-କରି ଉଠେ, ଚୋଟ ମାରିବାକୁ ଫଣା ଟେକେ, ସେମିତି ସେ ଚିହିଙ୍କି ଉଠିଲା । ପହଁରଟା ତଳୁ ଗୋଟାଇ ହାତରେ ଧରିଲା । ଏଢ଼େ-ଏଢ଼େ ଆଖିରେ ମୁହଁକୁ ଅନାଇଁ କହିଲା, ହଇଲୋ ସବାଖାଇ, କେଉଁ ଗୁଣଟା ତୋ'ର ଢଙ୍ଗର ? ତୁ ମୋ ଜବାବ ମାଗୁଛୁ ? କହିଲି ବେଶ୍ କଲି । ଆଖି ଦୁରୁଶିଆ ବଢ଼ିଲା ଝିଅଟା, ଦାଣ୍ଡକୁ ଯାଇ ଛତରା, ଟକଳା, ଟାଉକା ଟୋକାଙ୍କ ସଙ୍ଗେ ମିଶି ଭାବ-ନାବ କରୁଛୁ, ମହତ ସାରୁଛୁ । ମୁଁ ଜାଣେ ନାହିଁ ?

-ଖୁଡ଼ୀ ମାରିବ ତ ମନଇଚ୍ଛା ମାର । ମାରି ମାରି ମୋ ଦେହକୁ ଗଇଁଆ କରି ସାରିଛ । ବାଧିବ ନାହିଁ । ସହିବି । ମୋ ଆତ୍ମାକୁ ବାଧିଲା ପରି ଚିଆଁଡ଼ିଆ ତାହାମିଛ କଥା କହନାହିଁ । ଆଜି ମୁହଁ ଖୋଲି ମୋ ଅତ୍ମାର କୁହାଟ ତମକୁ ଶୁଣାଉଛି । ମୁଁ ଆଉ ସହିବି ନାହିଁ ।

-କେଉଁ ଘଇତାମାନଙ୍କର ମୁହଁ ପାଇଛୁ ? ଇସୁକୁଲୁକୁ ନ ଛାଡ଼ିବାରୁ ସେଇ ମାଉଁସଖିଆ ତହଳ-ବିକଳିଆମାନେ ତତେ ମତାଇ ଦେଇଛନ୍ତି, ନା ? ସେଇମାନେ ତତେ ପଦାକୁ ନବାକୁ ମସୁଧା କରି ଆସିଥିଲେ ।

ସେବତୀର ଆଖିରେ ନିଆଁ ଜଳିଲା । ସେ କଟମଟ କରି ତା' ଖୁଡ଼ୀର ପାତଳ ହାଡୁଆ ମୁହଁକୁ ଚାହିଁଲା । କାନ୍ଦିଲା ନାହିଁ । ମୁରୁକେଇ ହସିଲା । ଦୀର୍ଘ ଶ୍ୱାସ ଛାଡ଼ି କହିଲା, ଖୁଡ଼ୀ, ଦେଖ ମୁଁ ବଡ଼ ହେଲିଣି । ତମରି ଉଞ୍ଚ ହୋଇ ଆସିଲିଣି । ଭଲମନ୍ଦ ସବୁ ବୁଝି ପାରୁଛି । ତମେ ମୋ'ର ଯେଉଁ ଭଲ ମନାସୁଛ ସେତକ ମତେ ଜଣା । ମୋ'ର ଦୁର୍ନାମ ରଟାଇଲେ ମୁଁ କେଭେଁ ସହିବି ନାହିଁ ।

-କ'ଣ କରିବୁ ? ପୁଣି ଜବାବ ଦେଉଛୁ ?

-ମୋ' ଚରିତ୍ର-ସ୍ୱଭାବ ଉପରେ ଆଘାତ ଦେଇ ମୋ ଆତ୍ମାକୁ କଲବଲ କଲେ ମୁଁ ମୋ'ର ଯାହା ମନ ତା କରିବି । ପିଲାଟି ଦିନରୁ ମୁଁ ତମ ଏଠି ଖଟୁଛି । କୁକୁର ବିଲେଇକୁ ମୁଠିଏ ଖାଇବାକୁ ଦେଲାପରି ମତେ ଦେଉଛ । ତା' ଉପରେ ଗାଳି ମାଡ଼ । ଅଥଚ; ମୋ ସମ୍ପତ୍ତି ତମେ ଭୋଗ କରୁଛ ।

-କୋଉ ବୋପା ତତେ ଶିଖେଇ ଦେଇଛି ଲୋ ?

-ଗାଁ ଯାକର ସମସ୍ତେ ମୋ'ରି ବାପା । ସେଇଆ ହେଲା । କେହି ମତେ ଶିଖାଇ ନାହିଁ । ସମସ୍ତେ ସବୁ ଜାଣନ୍ତି । ମୁଁ ତମ ଘରୁ ଚାଲିଯିବି ।

କୋଉ ଚୁଲିରେ ପଶି ମରିବୁ ?

-ମୁଁ ଗ୍ରାମବାସୀଙ୍କ ପାଖରେ ଫେରାଦି କରିବି । ସେମାନେ ସବୁ ଶୁଣିବେ । ଜାଣିବେ । ଯାହା ଘରେ ଆଶ୍ରା ମିଳିବ ମୁଁ ସେଇଠି ରହିବି । ମୋ' ସମ୍ପତ୍ତି ମୁଁ ଭୋଗ କରିବି । ମାହାତ ଅଧୁଆ ହେବି ନାହିଁ । ଦେଖିବି ଯାହା ମୋ ଭାଗ୍ୟରେ ଥିବ ହେବ ।

ସେବତୀ ଆଉ କହି ପାରିଲା ନାହିଁ । କହୁଁ କହୁଁ ହୋଇ ସେ କାନ୍ଦି ଉଠିଲା । ଆଖିରୁ ଧାର ଧାର ଲୁହ ଝରି ଆସିଲା । ସେ ବସି ପଡ଼ିଲା । ତା'ଠି ଖୁଡୀ କ୍ରୋଧରେ ଡୋଟାଛାଏଁ ଥରୁଥାଏ । ଝାଞ୍ଜୁଣିମୁଠିକ ତା' ହାତରୁ ଖସିଲା । ସେବତୀର କାନ୍ଦୁରା ମୁହଁକୁ କିଛିକ୍ଷଣ ସେ ଚାହିଁ ରହିଲା ।

କି ବିଚାର ତା' ମନରେ ଖେଳିଲା କେଜାଣି, ସେ ନଇଁପଡ଼ି ସେବତୀର ହାତ ଧରି ଉଠାଇଲା । କହିଁ କୋଳେଇ କହିଲା, ହଉ ଉଠ । ତୋ'ରି ଭଲକୁ ମୁଁ କହୁଥିଲି । ପରଙ୍କ କୁଶିକ୍ଷାରେ ପଡ଼ି ତୁ ଏମିତି ବଦଳି ଗଲୁଣି ? ଏଡେଟିରୁ ପାଳି, ବଢ଼ାଇ ତତେ ବଡ଼ ଝିଅ କଲି । କେଉଁଠି ଭଲ ଜୋଇଁ ଦେଖି ଶାଶୁଘରେ ଥୋଇବା ଆଗରୁ ତୁ ଚାଲିକୁ ଯିବୁ ?

ଖୁଡୀ ତା'ର ଆଖି ପୋଛି ଦେଲା । ମୁହଁ ଆଉଁସିଲା ।

ସେ ପଢ଼ା ଛାଡ଼ିଲା । ମନକୁ ସାନ୍ତ୍ୱନା ଦେଲା । ସେ ଲେଖି ପଢ଼ି ଜାଣିଲାଣି । ହିସାବପତ୍ର କରି ଶିଖିଛି । ଅଧିକ ପାଠ ଲା'ଣ ବା ଲୋଡ଼ା ? ଅବସ୍ଥା ଦଙ୍ଗରେ ଲଢ଼ି ଲଢ଼ିକା ବେଶୀ ପାଠ ପଢ଼ି କ'ଣ ସେ କରିବ ? ଭାଗ୍ୟ ତା'କୁ କୁଆଡେ ଅଡ଼େଇ ନେଉଛି ତା'କୁ କି ଜଣା ? ପର ମଣିଷଙ୍କର ସେବା କରି ଜୀବନ-ମୂର୍ଚ୍ଛା ଖଟିବ । ମୁଠିଏ ଖାଇ, ଖଣ୍ଡିଏ ପିନ୍ଧି ସେ ବଞ୍ଚି ରହିବ । ଓଜର ଆପତ୍ତି କରିବ ନାହିଁ । କେଉଁ ଅଜଣା ଅନିଶ୍ଚିତ ଭବିଷ୍ୟ ଆଡ଼କୁ ସୁନ୍ଦର ଆଶାରେ ମନ ବଢ଼ାଇ ରଙ୍ଗିନ ସପନ ଦେଖିବ ନାହିଁ ।

ଅରଣ୍ୟେ ଅତଟର ପ୍ରାୟ ତା'ର ବେଳ କଟିଲା । ଦେହରେ ଅଳସ ନାହିଁ । ବୟସଲଗା ବିଳାସର ଆଶା ନାହିଁ । ଖୁଡ଼ୀର ବ ଛଣା ଆଉ ଗଞ୍ଜଣାକୁ ଛଳ ନାହିଁ ।

ସେ ମାଇପିଟି ତ ସେଇଆ । ତା' ମୁହଁରେ ଅସନା ଅଶ୍ଳୀଳ ଭଷା ବସା ବାନ୍ଧିଥାଏ ।

ସବୁବେଳେ ରଗ ତମତମ । ଉଡ଼ନ୍ତା ଚଢ଼େଇରୁ ବୁଡ଼ନ୍ତା ମୀନ ଯାଏ ସମସ୍ତଙ୍କୁ ସେ ଖୁଡ଼ୀ ବଇରୀ ମଣେ । ଗଛ ଲତା ବି ତା' ତୁଣ୍ଡର ଶତ୍ରୁ ତାଲିକାରୁ ଛାଡ଼ ପାଆନ୍ତି ନାହିଁ । ମଣିଷ, ପଶୁ, ବେଙ୍ଗ, ଝିଟିପିଟି, ମଶା, ମାଛି ଯେଉଁଟିମାନେ ତା ଖିଆଲୀ-ଚଳଣରେ ବାଧା ଉପୁଯାନ୍ତି, ସମସ୍ତେ ତା'ର ଗାଳି ଶୁଣନ୍ତି ।

ସେମିତି ସେବତୀ ରହିଥିଲା । ତା ଖୁଡ଼ୀ ସେହି ଦିନଠାରୁ ତା' ଦେହରେ ହାତଗୋଡ଼ର କଉମତି ଦେଖାଇ ନ ଥିଲା । କିନ୍ତୁ, ତୁଣ୍ଡରୁ ବିଷୁଆ ଭଷା ତା ଉପରକୁ ଫୋପାଡ଼ୁଥିଲା । ସେବତୀ କାନକୁ ପଥର କରି ଶୁଣୁଥିଲା । ମନକୁ ନେଉ ନ ଥିଲା ।

ସେବତୀର ବାହାଘଣ୍ଟା

ସେ ଜାଣିଥିଲା, ସେ ଏ ଘର, ଏ ଗାଆଁ ଛାଡ଼ି ଅନ୍ୟ ଗାଆଁକୁ ଅନ୍ୟ ଘରକୁ ଯାଉଛି । ଖୁସି-ବାସିଆ ରୁକ୍ଷ ଘର । ଅଳପ ପାଠୁଆ ହେଲେ ବି ସୁନ୍ଦର, ସ୍ୱାସ୍ଥ୍ୟବାନ, ବଳୁଆ, କାମିକା, ଯୁଆନ । ଅନ୍ୟମାନଙ୍କର ଆଲୋଚନା ଗାଁ ଝିଏ ତା' କାନରେ ପକାଉଥିଲେ । ସେ ଶୁଣୁଥିଲା । ଜୋଇଁ କୁଆଡ଼େ ଭାରି ଦୁଷ୍ଟା । ପକ୍କା ସଇତାନ୍ । ମଦ ଖାଏ । ଗଞ୍ଜେଇ ଟାଣେ । ରେଗଣା ବାପ ମାଆଙ୍କୁ ନଷ୍ଟକ ଛେଚେ ।

ଭଲ ମନ୍ଦ ଦୁଇ ପ୍ରକାର ଖବର ମନରେ ଭରି ସେ ବେଦିରେ ବସିଥିଲା । ଖୁସି ହୋଇ ନ ଥିଲା । ଦୁଃଖ ବି କରି ନ ଥିଲା । ମନେ ମନେ ଦଇବକୁ କହିଥିଲା, ମୋ' ଭଗାର ଦଉଡ଼ି ତୋ ହାତରେ । ନେ, ଯେଉଁଆଡ଼େ ଓଟାରି ନେଉଛୁ । ମୋ'ର କି ରୁଷ ? ବଞ୍ଚିଥିବା ଯାଏ ଖଟୁଥିବି । କପାଳ ଭୁଞ୍ଜୁଥିବି ।

ବିଦାବିଦି ବେଳର ଦୃଶ୍ୟଟି ମନରେ ଅଙ୍କି ହୋଇ ରହିଛି । ଗଗନ-ପବନ ଥରାଇ ତା' ଖୁଡ଼ୀ ସେବତୀର ଗୁଣ ବାହୁନି ରଡ଼ି ଛାଡ଼ିଥିଲା । ତା' ହାତଟିଏ କଟମଟ କରି ଧରି ତା'କୁ ଛାଡ଼ି ଦେଉ ନ ଥିଲା ।

ବାହୁନି ବାହୁନି ସେ କହୁଥିଲା—ମୋ' ସୁନା-କଣ୍ଢେଇ ଲୋ, ମୋ' ଲୋଟଣୀ-ପାରା, ମୋ' ବାଡେଇ ଘଣ୍ଟ ଲୋ, ମୋ' ଆଖି ପିତୁଳା । ବାର-ବରଷ ତୋ'ତେ ପାଳିଲି, ବଢ଼ାଇଲି । ତୋ' ଅଧିଲି କଲି । ହିଂସୁକାମାନଙ୍କୁ ଆଡ଼େଇ ଦେଲି । କାଲିଠୁ ତୁ ହେବୁ ସାତ ପରନ । ଏ ଘରୁ ଆଲୁଅ ଲିଭି ତ ଯିବ, ମୋ ଆଖି ଫୁଟିବ—

ଗାଁ ଝିଅ-ବୋହୂ ସୁଁ-ସୁଁ ହେଉଥିଲେ ।

ଖୁଡ଼ୀର କାନ୍ଦଣା ଶୁଣି ଥୋକେ ମୁହଁରେ ଲୁଗା ଦେଇ ହସୁଥିଲେ । ଝିଏ ଜଣେ ପଛକୁ ମୁହଁ ବୁଲାଇ କହିଥିଲା, ମଲାମର ଫୁଟେଇ, କେତେ ଅଳଣା ଶୋଷ ଦେଖେଇ ହେଉଛୁ ଲୋ ? ଛାଡ଼ ତା ହାତ ।

ଆଉ ଜଣେ ଚେଙ୍ଗାଇ କହିଲା, କେମିତି ଛାଡ଼ିବ ? ତା' ମନ ବୋବାଉଛି—
କାଲିଠୁ ଗୁହାଳ କିଏ ପୋଛିବ ଲୋ ମୋ' ଗୋଇଠାଖାଈ !

ପୁଣି ଆଉଜଣେ, ଛାଞ୍ଚୁଣି ବଢ଼ିଣା ଭେକେ ମରିବେ ଲୋ, ମୋ ଶଙ୍ଖୁଡ଼ିଖାଈ—

ଖୁଡ଼ୀର କାନ୍ଦଣା ବନ୍ଦ ହୋଇଗଲା । ତା' ହାତ ହୁଗୁଳିଲା । କେଉଁମାନେ ସେବତୀକୁ ଓଟାରି ନେଇଥିଲେ । ତା'ର ଗୋଡ଼ ଥରୁଥିଲା । ଆଖିରେ ଲୁହ ନ ଥିଲା । କାନରେ ତା ଖୁଡ଼ୀର କିଲିକିଲା ରଡ଼ି ପଡ଼ୁଥାଏ – ଆଲୋ ସବାଖାଈଏ, ଝରସରୀଏ, ମହତସରୀ, ନାଁ-ପକେଇଏ... ।

ସେବତୀକୁ ସେମାନେ ଶବାରି ଭିତରେ ବସାଇଦେଲେ । ଶବାରିର ଗୋଟିଏ ପାଖରେ ଝୁଲି ଝୁଲି ଗାଁ-ମୁଣ୍ଡପାଏ ଯାଇଥିଲା ତା'ର ଦାଦି । ଆର ପାଖରେ ଦାଦିପୁଅ ଭାଇ, ଯିଏ ତା' ଠାରୁ ସାନ । ଦିହିଙ୍କ ଆଖିରେ ଲୁହ ଛଳ ଛଳ ହେଉଥିଲା । ସେ ଦିହେଁ ବିଦାହୋଇ ଫେରିଗଲା ବେଳେ ସେବତୀ କଇଁ କଇଁ ହୋଇ କାନ୍ଦିଥିଲା । ବାପଘର ଗାଁ'ର ମାୟାର ଡୋର ଛିଣ୍ଡିଲା ବେଳେ, ସବୁ ସୁଖଦୁଃଖର ସ୍ମୃତି ଦୂରେଇ ଯାଉଥିବା ସମୟରେ, ଆପେ ଆପେ କାରୁଣ୍ୟ ହାବୁକାଇ ଉଠିଥିଲା ।

ନୂଆ ଜୀବନର ଡୋର ତା'କୁ ଟାଣି ନେଉଥିଲା ।

ନୂଆ ଜୀବନ । ନୂଆ ସଂସାର ।

ଘର କରଣାର ଛଅଟି ବରଷ ।

ଧଇଁ କାସ, ଶ୍ୱାସରୋଗରେ ପେଲିହେଉଥିବା ଶଶୁର ଦୁର୍ବଳିଆ ମଣିଷ । ନାମ୍‌ଯାଦା କାଠ-କାରିଗର । ଧୀର ସ୍ଥିର । ଆଖି ଦିଓଟି ଗାଡ଼ୁଆ । ମୁଣ୍ଡରେ ଧୋବ ଫରଫର କେରାଏ ବାଳ । ଗୋରା ଡକ ଡକ ଗୋଲିଆ ମୁହଁର ଲମ୍ବ ନାକ ତଳେ ହଳେ ଗୋଛାଳିଆ ଧୋବଲା ନିଶ । ଧଳା ଧଳା ଖଞ୍ଜିଲା ପରି ଦାନ୍ତ ଦି' ପାଟି ।

ସବୁବେଳେ କାମରେ ସେ ଲାଗିଥାନ୍ତି । ବେଳେ ବେଳେ ପୋଥି ଖୋଲି ଶିଳ୍ପଶାସ୍ତ୍ର ପଢ଼ନ୍ତି । ତଳେ ଖଡ଼ିରେ ଗାର ପକାଇ କେତେ ପ୍ରକାର ଚିତ୍ର ଟାଣନ୍ତି । ହିସାବ କରନ୍ତି, ପୁଣି ଲିଭାନ୍ତି । କାଠ ଉପରେ ପେନ୍‌ସିଲ୍‌ରେ ଗାର ଟାଣି ଧୀରେ ଧୀରେ ଖୋଦନ କରନ୍ତି ।

କେଡ଼େ ମନୋହର ନକ୍‌ସା-କାମ !

ଶଶୁର ନୁହନ୍ତି ସେ ବାପ ପରା । କେଆଁଳ ଡାକ—ଆଲୋ ମା, ଆଲୋ ଝିଅ, ଆଲୋ ଲକ୍ଷ୍ମୀ ! ସେବତୀ, କି ସେବୀ ବୋଲି କେବେ ଡାକନ୍ତି ନାହିଁ । ଆଲମାରୀ,

ପଲଙ୍କ, ସିନ୍ଦୁକ, ପଟା ଉପରେ ଗସ୍ତକଙ୍କ ବରଦ ପ୍ରକାରେ, ସେ ଯେଉଁ ନକ୍ସା ଖୋଳନ୍ତି ତା'ର ଚାରିକଡ଼ର ଧଡ଼ିରେ ଜାତିଜାତିକା ଲତାର ଡାଳ, କଢ଼, ଫୁଲର ଚିତ୍ର ଆଙ୍କନ୍ତି । ମଝିରେ ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା । ପୁଣି ସେମାନଙ୍କର ବାହନ-ମାନେ । ଯେଉଁଠି ଯାହା ଲୋଡ଼ା ।

ଶାଶୁଙ୍କୁ ଡାକି ଦେଖାନ୍ତି । କହନ୍ତି, ତମ ଲୋଟଣୀ ପାରକୁ ନେଇ ସବୁଠେଇଁ ଥୋଇ ଦେଇଛି । ସେ ମୋ' ବୋଉ । ସେ ତମ ବୋହୂ । ଆମ ଝିଅ । ହେଇଛି ଠିକ୍ ?

ଶାଶୁ ଦୟାର ଅବତାର । ତାଙ୍କ ମନ ସ୍ନେହ ଜର ଜର । ଘରେ ପାଦ ଦେଉଣୁ ସେ ତାଙ୍କ ଛାତିକୁ ଟାଣି ନେଇଥିଲେ । କହିଥିଲେ, କି ରୂପ ହୋଇଛୁ ଲୋ ମୋ' ସୁନା-କଣ୍ଢେଇ ! ସେ ବାଘୁଣୀଟା ତୋ ରକତ ଶୋଷିଶୋଷିକା ଏ ସରି କରିଛି ? ଶୁଣିଥିଲି ଲୋ ମା ! ହଉ, ହେଲା । ତୋ' ଜୀବନ ଶୋଷି ନେଇ ନାହିଁ । ତତେ ମୋ' କୋଳକୁ ଟେକି ଦେବାକୁ ଜୀଆଇଁ ରଖିଥିଲା । ଠାକୁରେ ତା'ର ମଙ୍ଗଳ କରନ୍ତୁ ।

ଏମିତି ସେ ମନକୁ ମନ କହି ହୁଅନ୍ତି ।

ତାଙ୍କର ମୋଟାଳିଆ ଆମ୍ବୁଆଳିଆ ଦେହ । ଦେହର ରଙ୍ଗ ଶାବନ । ଅଳପ ଲମ୍ବାଳିଆ ପୁରିଲା-ପୁରିଲା ମୁହଁ । ଚଉଡ଼ା ନାକ । ହେଲେ ଚେପଟିଆ ନୁହେଁ । ଛୋଟ ଛୋଟ ଦାନ୍ତ ଦି' ପାଟି ଧୋବ ଫର-ଫର । ମୁଣ୍ଡରେ ବଡ଼ ସିନ୍ଦୂର ଠୋପା ।

ବାତରୋଗୀ । ମୁଣ୍ଡ ଅଳପ ଥରେ । ହାତ ଗୋଡ଼ ବି । କହିଲାକଥାର ସ୍ୱର ବି ଥରେ । ଧୀର ଚାଲି । ଦଶବର୍ଷ ତଳେ ତାଙ୍କୁ ସେ ରୋଗ ଧରିଥିଲା । ଓଷଦ-ମଉଷଧି କାମ ଦେଲା ନାହିଁ । ଏବେଯାଏ କବିରାଜଙ୍କ ବଟିକା ସକାଳ-ସଞ୍ଜରେ ଖାଆନ୍ତି ।

ଧୀରେ ଧୀରେ ପାଦ ଚାଲନ୍ତି । ସେଇଥିରେ ସେ ସକାଳୁ ରାତି ଚାରିଘଡ଼ି ଯାଏ କାମରେ ଲାଗିଥାନ୍ତି । ଗୋବର ପାରି ଘଷି ପକାନ୍ତି । ଜାଳ ଭାଙ୍ଗନ୍ତି । ବଢ଼ଣି ଧରି ଘର, ଅଗଣା ସଫାସୁତରା କରନ୍ତି । ଲୋଟା ଲୋଟା ପାଣି କୂଅରୁ ଓଟାରି କୁଣ୍ଡରେ ଭରନ୍ତି । ରୋଷେଇ କରିବା, ବାସନ ମାଜିବା, ଏମିତି ଆହୁରି କେତେ କାମ ।

ନ କଲେ ଆଉ କିଏ ଥିଲା ଯେ କରନ୍ତା ?

ଚଉଠୀ ସରୁଣୁ ସେବତୀ ନିଜ ଛାଆଁକୁ ଘରର ସବୁ କାମ ଆଦରି ନେଲା । ମନା ମାନିଲା ନାହିଁ । ସେତିକି ନୁହେ । ନାହିଁ ନାହିଁ କଲେ, ବାରଣ ନ ମାନି, ଶାଶୁଙ୍କର ପାଦସେବା କଲା । ଶଶୁରଙ୍କ ଛାତିରେ, ପିଠିରେ କବିରାଜି ତେଲ ମାଲିସି କଲା । ମୁଣ୍ଡରେ ଗଣ୍ଡଖଣ୍ଡେ ଦେଇ ବାତଚକ୍ର ପରି ଖଞ୍ଜା ଭିତରେ ଆତଯାତ ହେଲା । ଦେଖଣାହାରୀ ମାଇପେ ଗୁଣରେ ଖୁଣ କାଢ଼ିବାକୁ ବାଗ ପାଇଲେ ନାହିଁ । ଓଲଟି ତା'ର ପ୍ରଶଂସା ଗାଇଲେ— ଆଗୋ, ଖତକୁଢ଼ରେ ପଦ୍ମ !

କାହା ନିନ୍ଦା, କାହା ପ୍ରଶଂସାରୁ ତା'କୁ କ'ଣ ମିଳିବ ? ସେ ଭାବେ, ତା' ସଂସାର ସୁଖରେ କଟିଲେ, ସମସ୍ତଙ୍କର ସେବା କରି ପାରିଲେ ତା' ଜୀବନ ଧନ୍ୟ ହେବ । ସେ ଜାଣିଥିଲା, ଅଳସୁଆଙ୍କୁ ବେଳ ଅଣ୍ଟେ ନାହିଁ । ଯିଏ କାମିକା ତା'ର ବେଳ ବଳେ ।

ସେଘରେ ସମସ୍ତେ କାମିକା । ଯାହାର ଯେତେ ଶକ୍ୟ । ସ୍ୱାମୀ ଅଳପ ପାଠୁଆ ହେଉନ୍ତୁ ପଛେ ସବୁ ପ୍ରକାର ପାଇଟିରେ ଧୁରନ୍ଧର । ରୂପ ସୁନ୍ଦର । ସ୍ୱାସ୍ଥ୍ୟ ସୁନ୍ଦର । ଟାଣ କଥା ପଦେ ମୁହଁରୁ ବାହାରେ ନାହିଁ । ବାପ ମାଆଙ୍କର ଆଖିର ପିତୁଳା । ସ୍ନେହର ଧନ । ସେମାନଙ୍କ କଥା ଆଗ ନ ବୁଝିଲେ ସେ ତୁଣ୍ଡରେ ପାଣି ଦିଅନ୍ତି ନାହିଁ । ସକାଳୁ ଉଠି ଦିଂଘଡ଼ି ଯାଏ କାମରେ ଲାଗିଥାନ୍ତି । ବିଲକାମ, ଘର-ବାରି କାମ, ପୁଣି ବାପାଙ୍କୁ ସାହାଯ୍ୟ କରିବାକୁ କାଠକାମ ।

ଶାଶୁ କହନ୍ତି, ମୋ ଲକ୍ଷ୍ମୀ ବୋହୂଟି ଘରେ ପାଦ ଦେଲାରୁ ଆନନ୍ଦର ଡହଳ ଖୋଇ ଉଭେଇ ଗଲା । ମନ ଘର ଧରିଲା । ନୋହିଲେ, ଗାଁଯାକ ବୁଲି ପରଙ୍କ ଟିହାଣରେ ଧର୍ମବେଠି କରୁଥିଲା । ସେ ବେଢ଼ାଟା ମୁହଁ ମୁଲାଇବା ଭଳି ପାରେ ନାହିଁ । ସମସ୍ତେ ତା'ର ଆପଣାର । କାହା କଥା ସେ ଟାଳିବ ?

ଅଭାବ ଲାଗି ରହିଥାଏ । ନିଅଣ୍ଟିଆ ସଂସାର । କରଜରେ ନାକବୁଡ଼ । ଜମି କେତେ ଦାସ ଘରେ ବନ୍ଧା ପଡ଼ିଛି । ସୁଧ ପାଇଁ ଘଡ଼ିକି ଘଡ଼ି ତାଗିଦା । ତା କଟାଳରୁ ବର୍ତ୍ତିବାକୁ ସ୍ୱାମୀ ଗଲେ କଲିକତା ।

ଅଢ଼େଇ ବର୍ଷର ଏକାଠି ରହଣି । ପେଟରେ ଛଅ ମାସର ପିଲା । ତରୁଣ ବୟସର ମୂର୍ଚ୍ଛାଳିଆ ମୋହ ଦୁଇଟି ଭୋଖିଲା ଦେହକୁ ମୋଟେ ଦିଓଟି ବର୍ଷ ଏକାଠି କରିଥିଲା । ସବୁ ଅଭାବ-ଅନଟନ ସତ୍ତ୍ୱେ ସରଗ ଆନନ୍ଦ ସେ ଉପଭୋଗ କରିଥିଲା । ସଂସାର-ସୁଖର ସୁଆଦ ସେ ପାଇଥିଲା, ଯେଉଁ ସୁଖ ଯେଉଁ ଆନନ୍ଦ ବିଧାତା ସବୁ ପ୍ରାଣୀଙ୍କୁ ସମାନ ଭାବରେ ବାଣ୍ଟି ଦେଇଛନ୍ତି । ସେଠି ସେ କାହାରିକୁ ପାତର ଅନ୍ତର କରି ନାହାନ୍ତି ।

ବିଦେଶୀ ଦୋସର । ଝୁରିବା ସାର । ସପନ ଓ ସ୍ମୃତି । ସେଇ ଯେ ପ୍ରେମ ।

ସୋହାଗିନୀର ଜନ୍ମ । କି ସୁନ୍ଦର ପିଲାଟି । ସମସ୍ତଙ୍କ ଆଖିର ପିତୁଳା । ସେହି ହେବ ପରା, ଯିଏ ଦୁଇଟି ଦେହର ନିଜ-ଭୁଲା ମିଳନର କଅଁଳ ସୁନ୍ଦର ଫୁଲଟିଏ ଥିଲା, ତା' ବାପକୁ କଲିକତାରୁ ଟେକେଇ ବେଳେ ଓଟାରି ଆଣୁଥିଲା ।

ଛଅ ବର୍ଷର ଘର କରଣା । କିନ୍ତୁ ସୋହାଗୀର ବାପଙ୍କ ସଙ୍ଗେ ଭେଟ ହେବାର ଦିନ ଗଣିଲେ ମୋଟରେ ଅଢ଼େଇ ବରଷ ହେବ କି ନ ହେବ । ତେବେ, ଛଅଟି ବର୍ଷରୁ କିଛି ଅଧିକ କାଳ ସେ ଶୟନେ ସପନେ ମନରେ ଆତଯାତ ହେଉଥିଲେ । ଥରେ ଆଖିରେ ତାଙ୍କର ମୁହଁକୁ ଚାହିଁ ଦେଲେ ମନେ ହେଉଥିଲା, ଛଡ଼ାଛଡ଼ି ହୋଇ ଅଲଗା ରହିବା ବେଳଟାହିଁ ଖାଲି ସପନ ।

ପିଲାଟିଏ ପେଟରେ ରହିଲା । ଶାଶୁ ଶଶୁରେ ଆଶା କରିଥିଲେ, ଠାକୁରଙ୍କୁ ଡାକୁଥିଲେ, ପୁଅଟିଏ ହେଉ । ତା' ନାଁ ଦେଇଥାନ୍ତେ ଚନ୍ଦନ । ଏପରି ନାମଟିରେ

କାହିଁକି ଶରଧା ଏକଥା ସ୍ୱାମୀଙ୍କୁ ପଚ୍ଚରିବାରୁ ସେ କହିଲେ, ଭଲ ନାମଟିଏ । ସେ ହେବ କୁଳର ଚନ୍ଦନ । ମହାପାତ୍ର ବଂଶ ତାଆରି ପାଇଁ ମହକି ଉଠିବ । ଦି' ପୁରୁଷ ପେଟ ଉପାସିଆ ମୂଳିଆ ରହିଲେ । ତା' ପୁରୁଷରେ ଏ ଘର ନାମଡ଼ାକ ହେବ । ଏମିତି ଚକ ଏ ଦୁନିଆଁରେ ବୁଲେ ।

କେତେ ଆଶା, କେତେ ଭବିଷ୍ୟ ବିଚ୍ଚର ।

ସେବତୀର ନୂଆ ଜୀବନର ବିସ୍ମୃତି ଭିତରେ ସେ-କାଳର ବାସ୍ତବ ଓ ଭବିଷ୍ୟ ଅସ୍ପଷ୍ଟ ଛାଇ ପରି ଛପି ଯାଇଛି । ବେଳେ ବେଳେ ସୁମରଣାର ଧୁଆଁଳିଆ ପାତଳା କୁହେଳି ପରି ମାନସ ପଟରେ ଝଲକି ଭିଆଇ ନିମେଷକରେ ମିଳାଇ ଯାଇଛି । କିନ୍ତୁ, ନୂଆ-ଜୀବନର ଜନମ-ବେଦନାର ସ୍ମୃତି ଏବଯାଏ ଦେହରେ ସ୍ନାଉଥର ଶିହରଣ ଜଗାଉଛି ।

ଧାର-ଶ୍ରାବଣର କଳା କିଟିକିଟି ଉଆଁସୀ ଅନ୍ଧାର । ଦଶଦିଗ ଘୋଟି ରହିଥାଏ । ଅସରକୁ ଅସର ବରଷା କୁଟୁଥାଏ । ରହି ରହିକା ବୟାର ଘୁ-ଘୁ ମାଡ଼ି ଆସୁଥାଏ । ଉପର ଚ୍ଛଳକୁ ନଚ୍ଚଉଥାଏ । ପାଣି ପବନର ଗରଜନ ମନ ଉଚ୍ଚାଟ ଉଚ୍ଛନ୍ନ କରୁଥାଏ ।

କେବେ ଏ ଥମିବ ? କେବେ ଦୁଶ୍ଚିନ୍ତା ଦୂର ହେବ ?

ଦାଣ୍ଡପଟ ଗୁହାଳ ଘରେ ଦୁହାଁଳୀ ଗାଈ ଓ ବାଛୁରୀ, ଆଉ କସର ଛଡ଼ା ବୋବାଳି ଛାଡ଼ୁଥାନ୍ତି । ଝାଟିମାଟି କାନ୍ଥର ଅବସ୍ଥା କ'ଣ ? ପୁରୁଣା ଚ୍ଛଳର ଛପର ଉଠୁଥିଲା ପଡୁଥିଲା । ଓଲଟି ପଡ଼ିଲାକି ? ତା' ପାଖ ଘରେ କାଠ-କାରଖାନା । ପଟା, ବୁରୁଦ, କଟା-କାଠ, ଅଧା ତିଆରି କାମ ଜମା ହୋଇଛି । ସେ ଘରେ ସଙ୍ଗ ଅଛି । ଜିନିଷ ପତ୍ର ତା' ଉପରେ ଜାଣି ଖୁନ୍ଦା ହୋଇଛି । ଛପର ଉଡ଼ିଗଲେ, ଅବା ଚ୍ଛଳ ଓଲଟି ପଡ଼ିଲେ ଜିନିଷ-ପତ୍ରର ଅବସ୍ଥା ହେବ କ'ଣ ?

ସେବତୀକୁ ଏହି ସବୁ ଚିନ୍ତା ବ୍ୟସ୍ତ କରୁଥିଲା ।

ଅସଜ ମାଇପିଟି । ପେଟ ଭିତରେ ଆଠ ମାସର ପିଲା କେଜାଣି ବିରକ୍ତ ହୋଇ ପର ରହି ରହିକା ଗୋଇଠା କି ମୁଣ୍ଡିଆ ମାରୁଛି । ଭାରି ଉତ୍‌ପାତିଆ ହେବ । ନିଶ୍ଚେ ପୁଅଟାଏ ହୋଇଥିବ । ନ ହେଲେ ଏମିତି ଦୁଷ୍ଟାମି କରନ୍ତା କାହିଁକି ? ସହି ହେଉ ନାହିଁ । ଅଶକ୍ତିଆ ଲାଗୁଛି । ଆଖି ମାଡ଼ି ମାଡ଼ି ପଡୁଛି । ଶୋଇବାକୁ ମନ ହେଉଛି । ଶଶୁରଙ୍କୁ ଏକା ଛାଡ଼ି ଯାଇ ହେଉନାହିଁ ।

ସେ ଅସୁସ୍ଥ । ତିନିଦିନ ହେଲା ଜରରେ ପଡ଼ିଛନ୍ତି । ଜର କମିଛି । କାଶ ଘୁନ୍ଧି ଦେଉଛି । ଖଁ ଖଁ ହୋଇ ଧନୁ ପରି ବଙ୍କେଇ ଯାଉଛନ୍ତି । ସେ ବିଛଣା ପାରି ତଳେ ଶୋଇଛନ୍ତି । ପାଦ ପାଖରେ ସେବତୀ ବସି ପାଦ ଆଉଁସୁଛି । ଲଣ୍ଠନ ଜଳୁଛି । ମନେ ମନେ ସେ ଶାଶୁଙ୍କୁ ଖୋଜୁଛି ।

କେତେବେଳୁଁ ସେ ସୋହାଗୀକୁ ଶୁଆଇବାକୁ କଡ ଘରକୁ ଗଲେ । ଏ ଘର ଆଉ ସେ-ଘର ମଝିରେ ବଡ଼ଦା ବାରଣ୍ଡା । ବାରଣ୍ଡାକୁ ଲାଗି ରୋଷଘର । ତାକୁ ଲାଗି ସେବତୀର କୋଠରୀ । ବଡ଼ ତକ୍ତପୋଷ ଘରର ଅଧେ ମାଡ଼ି ବସିଛି । ବାକି ଅଧକରେ ଆଲମାରୀ, ସିନ୍ଦୁକ, ଦିଓଟି ଟ୍ରଙ୍କ ଓ ଏଣ୍ଡ୍ର ଡେଣ୍ଟ ଅଳକୁଚି ଖୁନ୍ଦି ହୋଇଛି । ବାରିପଟକୁ ଦିଓଟି ଛୋଟ ଝରକା । ଝରକା ବନ୍ଦ କଲେ, କବାଟ କିଳିଦେଲ ଅଣନିଶ୍ୱାସୀ ଲାଗେ ।

ବରଷା ବୟାର ପାଇଁ ଝରକା ବନ୍ଦ କରା ହୋଇଛି । ତକ୍ତପୋଷ ଉପରେ ଝିଅକୁ ଶୁଆଉଣୁ ଶାଶୁ ବୁଢ଼ୀ ନିଜେ ଶୋଇ ପଡ଼ିଲେ କି ? ସେଇଆ ହୋଇଥିବ । ସେ ଥରଥରିଆ ରୋଗଣୀ ଲୋକ । ଶଶୁରଙ୍କ ପାଖରେ ଦିନସାରା ଜଗି ବସିଥିଲା । ତାଙ୍କର ସେବା କରି ହାଲିଆ ହୋଇଥିଲେ । ସେବତୀ ରୋଗଣା ଶଶୁରଙ୍କୁ ଛାଡ଼ି ଉଠି ଯାଇ ପାରୁନାହିଁ । ତାଙ୍କୁ ତୁହାକୁ ତୁହା କାଶ ଅସ୍ଥିର କରୁଛି । ନିଦ ହେଉନାହିଁ ।

ହେବନ୍ତୀର ପେଟ ଭିତରେ ପିଲା ଅସ୍ଥିର ହୋଇ ବୁଲୁଛି । ହତାଶିଆ ଲାଗୁଛି । ଶୋଇବା କୋଠରୀକୁ ଯାଇ ପାରୁନାହିଁ, ଅବା ଶଶୁରଙ୍କ ପାଖେ ରହି ପାରୁନାହିଁ । କି' ବୁଦ୍ଧି କରିବ ?

ଗୋରୁଙ୍କର ବିକଳ ରଡ଼ି କାନରେ ବାଜୁଛି । ବର୍ଷା ତୋଫାନର ଶବଦ । ତରତର ମାଡୁଛି ।

ତଥାପି, ଶଶୁର ଟିକିଏ ଶାନ୍ତ ହେବାରୁ ସେବତୀ ଉଠିଲା । କବାଟ ଖୋଲିଲା । ପିଣ୍ଡାକୁ ଆସିଲା । ହୁ-ହୁ ପବନ ସଙ୍ଗେ ବରଷାର ଛିଟା ଦେହରେ ଲାଗିଲା । ଘର ଭିତରକୁ ପଶିଲା । ସେବତୀ କବାଟ ଦି'ଫାଳି ଆଉଜାଇ ପଦାରୁ ଶିକୁଳୀ ଲଗାଇଲା । ନଳଟଣ ଆଲୁଅର ଆଭା ଆବୋର ହେଲାରୁ ଅନ୍ଧାର ଆହୁରି ନିଘଞ୍ଚ ଲାଗିଲା ।

ତା ରହିବା କୋଠରୀର କବାଟ ଫାଙ୍କରୁ ଆଲୁଅର କ୍ଷୀଣ ଆଭାସ ମିଳୁଥାଏ । ସେ ବୁଝିଲା, ତା'ର ଶାଶୁ ଭିତରୁ କବାଟ କିଳିଛନ୍ତି । ପିଲାଟି ସଙ୍ଗରେ ନିଜେ ବି ଶୋଇ ପଡ଼ିଛନ୍ତି । ତାଙ୍କୁ ଉଠାଇବାକୁ ପଡ଼ିବ ।

ହାତ ଅଣ୍ଡାଳି, କାନ୍ଥ ଭରା ଦେଇ ଆଗେଇ ଯାଉଣୁ ସେ ଅଟକିଗଲା । କାନରେ ବାଜିଲା ଭୟଙ୍କର ଘୁ-ଘୁ ଶବଦ । କ'ଣ ଯେପରି ମାଡ଼ି ଆସୁଛି । ସେହି ଶବଦରେ କ୍ଷୀଣ ହୋଇ ମିଶି ଯାଉଛି କେଉଁମାନଙ୍କର ବିକଳିଆ କାନ୍ଦଣା ସ୍ୱର । ପାଟି ତୁଣ୍ଡ । ମାଡ଼ି ଆସୁଛି, ପାଖେଇ ଆସୁଛି ସେ ଶବଦ ।

ଭୟଙ୍କର । ଆହୁରି ଭୟଙ୍କର—

ମତିହରା ହୋଇ, କ'ଣ କରିବ ବିଚାରି ନ ପାରି ସେ ନିଜ କୋଠରୀକୁ ଆସୁଣୁ ବିଜୁଳି ଝଟକରେ ଦେଖିଲା, କୁଆଡ଼ୁ ଆସି ପାଣି ଅଗଣା ବୁଡ଼ାଇ ପିଣ୍ଡା ଉପରକୁ ମାଡ଼ି ଆସୁଛି । ବିଚଳିତ ହୋଇ ଆଗେଇ ଯାଉଣୁ ଶୁଣିଲା, ଅତି ପାଖରେ କେଉଁ ଘରର କାନ୍ଥ ଭୁଷୁଡ଼ି ଦୁଲୁକି ପଡ଼ୁଛି । ଶଶୁରଙ୍କର କରୁଣ ଚିତ୍କାର ।

ଆକୁଳ ହୋଇ ପଚ୍ଛେଇ ଆସିଲା । ପିଣ୍ଡା ଉପରେ ଆଣ୍ଠୁଏ ପାଣି । ସେ ପାଣି ବେଟିବେଗି ବଢ଼ୁଛି । ଶିକୁଳୀ ଖୋଲିବାକୁ ହାତ ଉଠାଇ ବିଚାର କଲା, ବାହାର ପାଣି ଭିତରେ ପଶିବ ?

କାନରେ ବାଜିଲା, କାନ୍ଥ ପଡ଼ାର ଦୁଲ୍‌ଦାଲ୍ ଶବଦ । ତା' ଶୋଇବା ଘରର କବାଟ ଖୋଲିଲା । ହାଉଳି ଖାଇ ଥର ଥର ସ୍ୱରରେ ଶାଶୁ ପାଟି କରି କ'ଣ କହୁଛନ୍ତି । ବାହୁନି ଉଠୁଛନ୍ତି ।

ସେଇ ଆଡ଼କୁ ଜଙ୍ଘେ ପାଣିରେ ସେବତୀ ଅଧୀର ହୋଇ ସୋହାଗୀର ନାଁ ଧରି ଡାକି ଆଗେଇ ଯାଉଣୁ ପିଣ୍ଡା ତଳକୁ ଗୋଡ଼ ଖସିଲା ।

ଅଗଣାରେ ନାକବୁଡ଼ ପାଣି । ହାଉଳି ଖାଇ ଅଣ୍ଟାଳି ହୋଇ ପିଣ୍ଡା ଆଡ଼କୁ ହାତ ବଢ଼ାଇ ଆଗେଇବାକୁ ଜୀବନମୂର୍ଚ୍ଛା ଉଦ୍ୟମ କଲା । ଶୋଇବା ଘର ଧାଉଡ଼ିର କାନ୍ଥ ଗୁଡ଼ିକ ପଡିଲା କି ? ଗୁଡ଼ାଏ ଶବ୍ଦ ମିଶାମିଶି ହୋଇ କାନରେ ବାଜିଲା ।

ଚିନ୍ତା ଶକ୍ତି ତାର ହଜିଲା । ପର୍ବତ ପ୍ରମାଣେ ପାଣିର ତୋଡରେ ସେ ଉବୁଟୁବୁ ହେଲା । ଉପରକୁ ଉଠି ପ୍ରାଣ ବିକଳରେ ଭସି ଯାଉଥିବା ଚାଳକୁ ଧରି ସେ ଘୋଷାରି ହୋଇ ଉଠିଲା । ବୁଝି ପାରିଲା ନାହିଁ କ'ଣ ସବୁ ଘଟି ଯାଉଛି । ବୁଝି ପରିଲା ନାହିଁ କୁଆଡ଼ୁ ଏ ଅକାତକାତ ପାଣି ଘୋର ଗର୍ଜନ କରି ଅତି ବେଗରେ ମାଡ଼ି ଆସୁଛି । କୁଆଡ଼କୁ ତାକୁ ଓ ତା'ର ଆଶ୍ରିଲା ଚାଳକୁ ସେହି ପ୍ରଳୟ ଜଳ ହଲାଇ ଦୋହଲାଇ, ବୁଡ଼ାଇ ଉଠାଇ, ଚେକାଚେକା ଭଉଁରି ବୁଲାଇ ଭସାଇ ନେଉଛି ।

ବିଜୁଳି ଝଲକରେ ନିହିମାକରେ ତା' ଆଖି ଆଗରେ ପ୍ରକଟ ହେଲା ଦରିଆର ବିସ୍ତାର । ସେ ଦରିଆ ନାଚିନାଚିକା ଧାଇଁଛି । କୁଆଡ଼େ, ତା'ର କଳନା ନାହିଁ । ଆଶ୍ରିଲା ଚାଳ ପାଣି ଉପରେ ଉଠୁଛି, ପଡ଼ୁଛି । ବୁଲୁଛି, ଟଳୁଛି । କେତେବେଳେ ଏକାଥରେ ବୁଡ଼ିବ । ଅନ୍ୟମାନଙ୍କ ପରି ସେ ବି ପାଣି ଭିତରେ ଜୀବନ ହାରିବ ।

ବରଷା ଏବେ ବି କୁଟୁଛି । ପବନ ଛୁଟିଛି । ବଞ୍ଚିବାର ଆଶା ନାହିଁ । ଏକା ଜଣକ ଛଡ଼ା ଆଉ କେହି ଉଦ୍ଧରି ପାରିବେ ନାହିଁ । କ୍ଷୀଣ ଆଶା । ମଣିଷକୁ ନିପାତ କରିବାକୁ ସେହି ଜଣକ ପ୍ରଳୟକୁ ପଠାଇ ଦେଇଛନ୍ତି । କେଉଁ ପାପରୁ କେଜାଣି ? ସେ କାହିଁକି ରକ୍ଷା କରିବାକୁ ପୁଣି ହାତ ବଢ଼ାଇବେ ? ମରଣକୁ କେହି ବାରଣ କରି ପାରିବେ ନାହିଁ ।

କାକୁସ୍ଥ ହୋଇ ହତାଶା ଭିତରେ ଆତୁର ମନ ବଳିଆରଭୁଜ କାଳିଆ ପାଖରେ ଅଳି କରିଥିଲା,—ଆରେ ଚକାଡୋଳା, ସେମାନେ ରୋଗଣା-ରୋଗଣୀ । ସେ ଉଡିଆଣୀ ଝିଅଟି ତୋ' ଠାରେ କେବେ ଦ୍ରୋହ କରି ନାହାନ୍ତି । ତାଙ୍କୁ ବଞ୍ଚାଇ ରଖିଥା ପ୍ରଭୁ ! କି'ବା ଦ୍ରୋହ କରିଛି ମୋ' ପେଟର ଛୁଆଟି—

ଭଉଁରିରେ ଚାଳଟା ଚକ ପରି ବୁଲିବାକୁ ଲାଗିଲା । ଗୋଟିଏ ପାଖ ପାଣି ଭିତରକୁ ମାଡ଼ି ହୋଇଗଲା । ଚାଳର ଫୁଙ୍ଗୁଳା ରୁଅ ଦୁଇଟି ଆଣ୍ଟେ ଭିଡ଼ି ଧରି ସେବତୀ ନିଜକୁ ସମ୍ଭାଳିବାକୁ ଚେଷ୍ଟା କରୁଣୁ ଚାଳ ସହ ଶିଙ୍ଗିବୁଡ଼ା ଖାଇଲା । ଉଥାନ୍ଧି ହୋଇ ଉପରକୁ ଉଠିଲା । ତଥାପି ନିଲଠା ଜୀବନ ଛାଡ଼ି ନ ଥିଲା ।

## କାହିଁକି ସେ ବଞ୍ଚି ରହିଲା ?

ଠାକୁର ଘରେ ନିରୋଳାରେ ବସି ସତ୍ୟ-ଶିବ-ସୁନ୍ଦରର ପ୍ରତୀକ, ତ୍ରିବିଧ କର୍ମର ଭିଆଣକର୍ତ୍ତା କାଳିଆ-ବଳିଆ-ସୁଭଦ୍ରାଙ୍କର ଛବିକୁ ଚାହିଁ ସେବତୀ ସେହି ପ୍ରଶ୍ନଟି ମନେ ମନେ ଗୁଣି ହୁଏ । ଦେହ ଶିହରି ଉଠେ, ଆଖିକୁ ଲୁହ ଆସେ ନାହିଁ । ସେବକାର ଦୁଃଖ ମନକୁ ଅଛାଡ଼ି ରହେ ନାହିଁ । ପାତଳିଆ ଭସା ବଉଦ ପରି ସେକାଳର ସ୍ମୃତି କେବଳ ମାନସପଟରେ ଭସି ଭସି ଚାଲିଯାଏ । ନୂଆ ଜୀବନର ଗହଳ ପଟଳ ଉହାଡ଼ରେ ଛପିଯାଏ ।

ସେମାନେ ହଜିଗଲେ । ସଲିଳ ସମାଧି ନେଲେ । ହଜିଗଲେ ପୁଣି ଆର-ଜୀବନର ସ୍ୱାମୀ-ଦେବତା ।

ସବୁ ଅନ୍ୱେଷଣ ବିଅର୍ଥ ହେଲା । ଯେଉଁ ଦୟାମୟୀ ଡାକ୍ତରଖାନାରେ ତା'ର କରୁଣ କାହାଣୀ ଶୁଣି ତା'କୁ ଘରେ ଆଶ୍ରା ଦେଇଥିଲେ ସେ ଆଜି ସ୍ୱର୍ଗପୁରରେ । ସେ କେବଳ ଦୟାମୟୀ ନ ଥିଲେ, ସେ ଥିଲେ କ୍ଷମାମୟୀ । ସଂସାରରେ ଘରର ଘରଣୀ ପାଖରେ ଯାହା କେବେ ସହଣୀୟ ହୋଇପାରେ ନାହିଁ, ସେ ତାହା ବିକାରଶୂନ୍ୟ ହୋଇ ଭିଆଣ କଲେ । ଗ୍ରହଣ କରିଲେ । ସବୁ ତା' ହାତରେ ସମର୍ପି ସେ ସେପୁରକୁ ଗଲେ ।

ସେବତୀକୁ ସେ ନିଜର ସାନ ଭଉଣୀ ବୋଲି ସମସ୍ତଙ୍କ ଆଗରେ ପରଚ ଦେଉଥିଲେ ।

ସେ ଚିରଦିନ ପାଇଁ ଆଖି ବୁଜିଲା ବେଳେ ଚନ୍ଦନକୁ ମୋଟେ ପାଞ୍ଚମାସ ହୋଇଥିଲା । ସୋହାଗିନୀକୁ ଛଅ ପୂରି ସାତବର୍ଷ ଚାଲିଥିଲା । ପିଲା ଦିଓଟିଙ୍କୁ ସେ ଆଶୀର୍ବାଦ କରି ଯାଇଥିଲେ । ଡାକ୍ତରଙ୍କ ମୁହଁକୁ ଅନାଇ ସେ ହସ ହସ ହୋଇଥିଲେ । ସେମିତି ହସିଲା ମୁହଁରେ ସେ ବିରସବଦନୀ ଅଶ୍ରୁମୁଖୀ ସେବତୀକୁ ଚାହୁଁ ଚାହୁଁ ଆଖି ବୁଜିଥିଲେ । ସେଇ ତାଙ୍କର ଶେଷ ହସ, ଶେଷ ଚାହାଣୀ ।

ସେ ହସ, ସେ ଚାହାଣୀରେ କ'ଣ ସନ୍ତୋଷ ଥିଲା ? ଈର୍ଷା ? ନି-କର୍ତ୍ତବ୍ୟା ଅପାରଗର ଅଭିଯୋଗ ? ସ୍ୱାମୀଙ୍କର ଆନୁଗତ୍ୟ, ଆଉ ସାନ ଭଉଣୀର ଆସନରେ ବସାଇ ଯେଉଁ ନିଃସାହା ସେବତୀର ସେବାରେ ସେ ବଞ୍ଚି ରହିଥିଲେ ସେମାନଙ୍କ ପ୍ରତି କୃତଜ୍ଞତା ?

ବିଫଳମାତୃତ୍ୱକୁ ସଫଳତାର ସମ୍ମାନ ଯୋଗାଇବାକୁ ସେବତୀ ତାଙ୍କର କୋଳକୁ ଦିଓଟି ସନ୍ତାନ ଟେକି ଦେଇଥିଲା । ମିଛିମିଛିକା ମା'ପଣିଆଁ ପାଇଁ ନିଜକୁ ଉପହାସ ? ଅକୃତଜ୍ଞ ସ୍ୱାମୀ, ଅକୃତଜ୍ଞ ସେବତୀଙ୍କୁ ତାଙ୍କର ଶେଷ-ମୁହୂର୍ତ୍ତର ତାଚ୍ଛଲ୍ୟ ? ଅବା, ନିଜର ଭାଗ୍ୟକୁ ? ମଣିଷ ଜାତିର ଅସତ୍‌ପଣିଆକୁ ? ଅଧା-

**ଜାଇଆଣୀର ଖିଆଲୀ ଝୁଙ୍କର ପରିଣାମକୁ ଶେଷ ବେଳରେ ସେ ଗ୍ରହଣ କରି ପାରୁ ନ ଥିଲେ ?**

ଅବୋଧ୍ୟ ରହିଗଲା ।

ସେହି ଠାକୁର ଘରେ ହାତ ପାହାଣିରେ ଟଙ୍ଗାହୋଇଛି ସୁମତୀ ଦେବୀଙ୍କର ବଡ଼କରା ଫଟୋ । ଫଟୋ ଉପରେ ଫୁଲଟିଏ ଥୋଉଣୁ ତାଙ୍କର ଗୋଲଗାଲିଆ ସୁନ୍ଦର ହସ ହସ ମୁହଁକୁ ଚାହିଁଲେ ଖୁସି ଲାଗେ । ବାହାଘରର ବର୍ଷକ ଭିତରେ ଏ ଫଟୋଟି ଉଠା ଯାଇଥିଲା ।

ସେ ଜଣେ ଶିକ୍ଷୟିତ୍ରୀ ଥିଲେ । ସ୍ନେହରେ ପଡ଼ି ଡାକ୍ତରଙ୍କୁ ବିବାହ କରିଥିଲେ । ସେ ବିବାହ କେଉଁ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ଜାତିଆଣର ଭିନ୍ନତା ପାଇଁ ସେମାନେ ଏହି ପନ୍ଥା ଅବଲମ୍ବନ କରିଥିଲେ ।

ମରଣର ଦେଢ଼ମାସ ଆଗରୁ ଯେଉଁ ଫଟୋଟି ତାଙ୍କର ଉଠା ଯାଇଥିଲା ସେଇଟି ମଧ୍ୟ ସେପାଖ କାନ୍ଥରେ ଡାକ୍ତରଙ୍କ ଫଟୋ ପାଖରେ ଝୁଲା ହୋଇଛି । ତାଙ୍କ କୋଳରେ ଥିଲା ପାଞ୍ଚ ମାସର ପୁଅ ଚନ୍ଦନ । କୋଳକୁ ଆଉଜି ଠିଆ ହୋଇ ଜୁଳୁଜୁଳୁ ଚାହିଁଥିଲା ଛଅ ବର୍ଷର ଝିଅଟି ସୋହାଗୀ । ଗୋଟିଏ ଦୁର୍ବଳ ହାତରେ ସେ ଝିଅଟିକୁ ବେଢ଼ାଇ ଧରିଥିଲେ । କେତେ ଭଲ ଯେ ତାକୁ ପାଉଥିଲେ ସତେ ! ଦଣ୍ଡେ ନ ଦେଖିଲେ ବଣା ହେଉଥିଲେ ।

କ୍ଷୀଣ ସ୍ୱରରେ ସେ ଡାକ ଛାଡ଼ୁଥିଲେ ।

-ସେବତୀ ?

-ଅପା !

ସେବତୀ ପାଖକୁ ଆସେ ।

ସେ କହନ୍ତି, ଝିଅ ଉପରେ ନଜର ରଖିଥା । ସୁନାହାର, ସୁନାକାଚ ନାଇଛି । ରାସ୍ତାକୁ ପଳାଇବ । ଶୁଣିଲି, କୁଆଡ଼ର ବାବାଜିଗୁଡ଼ାଏ ପିଲାଙ୍କୁ ଭୁଲାଇ ନେଉଛନ୍ତି । ପୁଅ ସିନା କୋଳରେ ।

-ହଁ, ଅପା ! କେଇଜଣ ଧରା ପଡ଼ିଛନ୍ତି । ସୁନା ଗହଣା ଓହ୍ଲାଇ ଦେବି କି ? ପିଲାଟା ଖାଲି ରାସ୍ତାକୁ ପଳାଉଛି ।

-ନା । ନଜର ରଖିଥା । ଦାଣ୍ଡ କବାଟ କିଳି ଦେ । ଚାକର ଉପରେ କି ବିଶ୍ୱାସ ? ଅଗଣାରେ ଖେଳୁ ।

ସ୍ନେହର ଅବତାର ସେ ଥିଲେ । ଦିନୁଦିନ ସେ ଅଧିକରୁ ଅଧିକ ଦୁର୍ବଳ ହେଉଥିଲେ । ଏକେ ତ ସେ ବହୁମୂତ୍ର ରୋଗୀ । ପୁଣି, ବେଁ ଶିରା ହାଡ଼ ଭିତରେ ଧୀରେ ଧୀରେ କ୍ଷୟ ରୋଗ ଚରି ଚରି ଯାଉଛି । ଔଷଧ ବା ଇଞ୍ଜେକସନ ବେଦନା ଉପଶମ କରୁଛି ସିନା, ରୋଗ ଭଲ କରି ପାରୁ ନାହିଁ । ଦିନୁଦିନ ସେ କ୍ଷୀଣ ହେଉଛନ୍ତି ।

**ସେହି ସମୟର ଫଟୋଟି ସିଏ । ଆଖି ଦିଓଟି ପଶି ପଶି ଯାଇଛି । ମୁହଁଟି** ପାଣ୍ଡୁର ଦିଶୁଛି । ହନୁହାଡ଼ ଠିଆ ହୋଇଛି । ମୁହଁରେ ଜ୍ୟୋତି ନାହିଁ । ମରଣକୁ ସତେ କି ସେ ଆଖି ଆଗରେ ଜଳଜଳ କରି ଦେଖି ପାରୁଥିଲେ । କିନ୍ତୁ, ସେ ମରଣକୁ ଡରୁ ନ ଥିଲେ । ଡରୁଥିଲେ ଯନ୍ତ୍ରଣାକୁ । ସେଇଆ ସେ କହୁଥିଲେ ।

ଶେଷ ନିଶ୍ୱାସ ଛାଡ଼ିବାର କେତେମାସ ଆଗରୁ ସେ ତାଙ୍କ ଜୀବନର ଗହନ କଥା କହିଲେ । ଏତେବର୍ଷ ତାଙ୍କର ପାଖରେ ରହି ସେବତୀ ସେହି ଜୀବନ ସମ୍ବନ୍ଧରେ କିଛି ଅବଗତ ହୋଇ ନ ଥିଲା ।

କହିଲେ, ପିଲା ବୟସରେ ଜଣକୁ ମୁଁ ଭଲ ପାଇଥିଲି । ମଣିଥିଲି, ସେ ମୋତେ ବିବାହ କରିବେ । ଆମ ଦୁହିଁଙ୍କର ଜୀବନ ଗୋଟିଏ ଅଛିଣ୍ଡା ଡୋରରେ ବାନ୍ଧିବା ଠାକୁରଙ୍କର ଇଚ୍ଛା ଥିଲା । ମୋ'ର ଏହି ଦୃଢ଼ ବିଶ୍ୱାସ ଥିଲା । ସେ ମତେ ଶେଷକୁ ଠକି ଦେଲେ । ମୋ'ର ଅଜାଣତରେ ସେ ଅନ୍ୟ ଜଣଙ୍କୁ ବିବାହ କଲେ ।

-ଆଲୋ, ତାଙ୍କ ପାଇଁ କେତେ ନିନ୍ଦା କେତେ ଅପମାନ ଏକା ମୁଁ ନୁହେଁ, ଆମ କୁଟୁମ୍ବର ସମସ୍ତେ ସହିଥିଲୁ । ମୋ'ର କୁମାରୀପଣିଆଁ ତାଙ୍କୁ ମୁଁ ଦାନ କରି ଦେଇଥିଲି । କପାଳ ସଳଖ, ତାଙ୍କ ପିଲାର ମା ମୁଁ ହୋଇ ନ ଥିଲି ।

ଭାବିଥିଲି ଲୋ ସେବତୀ, ମୁଁ ଜୀବନ ହାରି ଦେବି । ହନ୍ତସନ୍ତିଆମାନେ ପାଞ୍ଚକୁ ପଚିଶି କରି ଦୁର୍ନାମ ରଟାଇଲେ । ଯେଉଁଠୁ ସମ୍ବନ୍ଧ ଆସିଲା, ବେନାମୀ ଚିଠି ପକାଇ ସମ୍ବନ୍ଧ ଭାଙ୍ଗିଲେ ।

ସେମାନେ ମତେ ହିଁ ଚାହୁଁଥିଲେ । ବାହା ହୋଇ ନ ଥାନ୍ତେ, ମୋତେ ଲୁଟି କରିଥାନ୍ତେ । ମୋ' ପ୍ରଶଂସା ପ୍ରଚାରି ମୋ' ବାହାଘର କେଉଁଠି କରାଇ ଦେଇଥାନ୍ତେ । ମୁଁ ଓ ମୋ' ଅଭିଭାବକେ ତାଙ୍କ ପାଖରେ ଆଜୀବନ ଋଣୀ ରହିଥାନ୍ତୁ !

ସେମାନଙ୍କ ସ୍ନେହ ଓ ସାହାଯ୍ୟର ଧରଣ ମୁଁ ବୁଝି ସାରିଥିଲି । ଥରେ ବାଡ଼ି ହଜାଇ ଚେତି ଥିଲି । କି ଆଶା ମୋ'ର ଥିଲା ? ଜୀବନ ହାରିବା ଛଡ଼ା ଅନ୍ୟ କି ବାଟ ମୋ'ର ଥିଲା ? କେତେ ସେମିତି କରୁଛନ୍ତି । ସେଇଆ ସ୍ଥିର କରି ମୁଁ ନିଶ୍ଚିନ୍ତ ହେଲି । ମୋ' ଅଭିଭାବକେ ଶାନ୍ତିରେ ରହିବେ । ଗୋଟାଏ ଜୀବନ ମୋ'ର ହଜିଲେ ହଜୁ ।

ମରିବାକୁ ଆୟୋଜନ କରୁଥିଲି, ମୋ' ମନରେ ବିଦ୍ରୋହ ଜାଗିଲା । କି ଅପରାଧ ମୁଁ କରିଛି ଯେ ମୋ'ର ଭୋଗିଲା ଆତ୍ମାକୁ ଛଟପଟ କରି ମୁଁ ମରିବି ? କି ପାପ ମୁଁ କରିଛି ? ସ୍ନେହକୁ ସ୍ନେହ ଦେଇଥିଲି । ଆନନ୍ଦ ଦେଇ ଆନନ୍ଦ ପାଇଥିଲି । ଘର କରିବାକୁ, ବାହା ହୋଇ ସଂସାର ପାତିବାକୁ ଆମେ ଆଶା କରିଥିଲୁଁ । ହେଲା ନାହିଁ । ନ ହେଲେ ନାହିଁ ।

ଭାବିଲି ଲୋ ସେବତୀ, ନ ହେଲା ତ ନାହିଁ, ଜୀବନଟାକୁ ଭଲ କରି ପରଖି ନ ନେଇ ଏମିତି ଫୁର୍ କରି କାହିଁକି ଉଡ଼ାଇ ଦେବି ? ସେ ତାର ବେଶ୍ ସୁଖରେ ଅଛି । ଅଲୋଡ଼ା ସପନ ପରି ମତେ ସେ ଭୁଲି ଯାଇଥିବ । ମୁଁ ତାକୁ ସେମିତି ଭୁଲିବି ।

ପାଖରେ ବସି ଅସଜ ମାଇପିଟି ସେବତୀ, ତାଙ୍କର ହାତ ଆଉଁସୁଥିଲା । ସୁମତି ତୁନି ରହିଲେ । ଆଖି ବୁଜିଲେ । ଉଜ୍ଜ୍ୱଳ ବିଜୁଳି ଆଲୁଅରେ ସେବତୀ ଦେଖିଲା, ତାଙ୍କର ହାଡୁଆ ପାତଳ ମୁହଁରେ କେଉଁ ଅବୋଧ୍ୟ ବେଦନାର ହଳହଳ ଛାଇ ।

କ'ଣ ସେ ଅବ୍ୟକ୍ତ ବେଦନା ? ଲାଗି ରହିଥିବା ଦୁରାରୋଗ୍ୟ, ଧୀରେ ଧୀରେ ମରଣ ଆଡ଼କୁ ଠେଲି ନେଉଥିବା କ୍ଷୟରୋଗର ଦଂଶନ ? ସୁଦୂର ଅତୀତର ସୁଖ-ସପନ ଦହନର ଚିହ୍ନିକା ସ୍ମରଣ, ଯାହାକୁ ଭୁଲିବାର ତୁହାଇ ସଂକଳ୍ପ ଜୀବନସାରା ବିଫଳ ହୋଇଛି ? ମନରେ କ୍ରୋଧର ଅନଳ ଜଳାଇ କେବଳ ଦାଉ ସାଧିବାର ସୁଯୋଗ ଉଣ୍ଟିଛି ?

ସୁଯୋଗ ମିଳିଲା ନାହିଁ । ଜୀବନ ଦୀପରୁ ତେଲ ସରି ଆସିଲା ।

ଦୂର ଅତୀତର ସୁମରଣା—ସୁମତୀଙ୍କର ସେବା କଲାବେଳେ ମନେ ପଡ଼ନ୍ତି ଆର ଜନମର ସ୍ନେହମୟୀ ରୋଗଣୀ ଶାଶୁ । ମନେ ପଡ଼ନ୍ତି ରୋଗଣା ଶଶୁର, ସୁଦକ୍ଷ କାରିଗର । କାଠ ଉପରେ ସେ ଜୀବନ୍ତ ରୂପ ଉଭା କରାଇ ପାରୁଥିଲେ । ସେମାନଙ୍କର ପାଦ ମଞ୍ଜାଳିଲା ବେଳେ ନିଜର ଯନ୍ତ୍ରଣା ଭୁଲି ସେମାନେ ତଡ଼ି ପକାନ୍ତି । କହନ୍ତି, ସୁଆଗୀ ଏକା ସେ ଘରେ ଚଣି ଉଛି । ଡରିବ । ତୁ ଯା— !

ସେବତୀ ବୁଝିପାରେ । ସେମାନେ ସୋହାଗିନୀ ନାତୁଣିଟି ପାଇଁ ଏତେ ବ୍ୟସ୍ତ ନ ଥିଲେ । ସେମାନେ ତାଙ୍କର ଆଶା ଓ ସପନ ନାତିଟି ପାଇଁ ଚିନ୍ତା କରୁଥିଲେ । ସିଏ ପେଟରେ ଖେଳୁଛି । ସେମାନଙ୍କର ଆନନ୍ଦ ପଛରେ ଭୟ ଛାଇ ପରି ଲାଗି ରହିଥାଏ । ମନରେ ଦ୍ୱନ୍ଦ୍ୱ—ସତେ କ'ଣ ତାଙ୍କ କୁଳର ନନ୍ଦନଟି ସୁରୁଖୁରୁରେ ଆଲୋକ ଦେଖିବ ? ତା'ର ମୁହଁ ଦେଖି, କୁଆଁ ରଡ଼ି ଶୁଣି ସେମାନେ ସବୁ ଦୁଃଖ ଭୁଲିବେ ?

ଶାଶୁ ଅତିଲା ସ୍ୱରରେ କହନ୍ତି, ଦିନ ସାରା ତ ଖଟିଛୁ ଲୋ ମା, ପେଟରେ ପିଲା କଲବଲ ହେଉଥିବ । ରାତି ପହରେ ହେଲାଣି, କାଳେ କ'ଣ ଅଶୁଭ ହେବ । ବସି ବସି, ଉହୁଙ୍କି ଉହୁଙ୍କି ଗୋଡ଼ ଘଷୁଛୁ ? ଭଲ ନୁହେଁ । ଝିବୁଟି, ଯା ଶୋଇପଡ଼ –

ସେମିତି କହନ୍ତି ସୁମତୀ ଅପା, ତୁ ଝିବୁଟି । ଶୋଇପଡ଼ ମା । ଏତେ ଶୀଘ୍ର ମୁଁ ମରିବି ନାହିଁ ମ । ଏମିତି ଯନ୍ତ୍ରଣା ଭୋଗୁଥିବି । ଯା', ମୋ' ସୁନା ଝିଅଟି । ଠାକୁରେ ତତେ ସହଜରେ ଖଲାସ କରିବେ । ମୋ' ପୁଅର ମୁହଁ ଦେଖିବି । କୁଆଁ ଶୁଣିବି । ହସିହସିକା ତା' ଟିକି ମୁହଁକୁ ଚାହିଁ ଆଖି ବୁଜିବି ।—

ମଠ ମଠ କଲେ ସେ ପୁଣି କହନ୍ତି, ଡାକ୍ତରଙ୍କ ଆସିବାର ବେଳ ହେଲାଣି । ସେ ମୋ' ପାଖେ ରହିବେ । ତୁ ଯା । ଭୋବନିକୁ କହିଦେ, ସେ ଶୋଇବ ନାହିଁ । ବାରଣ୍ଡାରେ ଥିବ । କଲିଂବେଲ୍ ଶୁଣିଲେ ମୋ' ପାଖକୁ ଆସିବ ।

ସୁମତୀ ତାଙ୍କର ମରମ କଥା ଅଧା ରଖିଦେଲେ । ସବୁ ଶୁଣିବାକୁ ସେବତୀର ମନ ବଳିଥିଲା । କେଡ଼େ ପ୍ରହେଳିକା ! ତା'କୁ ଜଣା ନାହିଁ । ଜାଣିବାକୁ ମନ ହୁଏ । କାହାକୁ ପଚାରିବ ? କିଏ କହିବ ? ସୁମତୀ ସ୍ନେହର ଅବତାର । କିନ୍ତୁ ତାଙ୍କୁ ଜାଣିବା ସେବତୀ ପକ୍ଷରେ ଅସମ୍ଭବ ହୋଇଛି । ସେ ହୋଇଛି ତାଙ୍କର ଖେଳକଣ୍ଢେଇ । ଡାକ୍ତର ବି ? ତାଙ୍କୁ ବି ସେ କେବେ ଭରସି କରି କିଛି ପଚାରି ନ ଥିଲା । ଅଙ୍ଗେ ନିଭାଇବା ଘଟଣା କେବଳ ତା'ର ସମ୍ବଳ ।

ସେହି ପ୍ରଳୟ-ବନ୍ୟାରୁ ତା'କୁ ଯେଉଁମାନେ ଉଦ୍ଧାର କରିଥିଲେ, ସେମାନେ ତା'କୁ ଗୋଟିଏ ଆଶ୍ରୟପ୍ରାର୍ଥୀ ଶିବିରରେ ଛାଡ଼ି ଦେଇଥିଲେ । ଶିବିରଗୁଡ଼ିକ ନଦୀର ଅପର ପାର୍ଶ୍ୱରେ ସୁ-ରକ୍ଷିତ ଅଞ୍ଚଳରେ ସ୍ଥାପନା କରାଯାଇଥିଲା । ସ୍ୱେଚ୍ଛାସେବକ ଓ ସରକାରୀ କର୍ମଚାରୀମାନେ ଉଦ୍ଧାର-କାର୍ଯ୍ୟରେ ଲାଗି ପଡ଼ିଥିଲେ, ସେମାନଙ୍କର ଦାୟିତ୍ୱରେ ଶିବିରଗୁଡ଼ିକ ଥିଲା । ସେଠାରୁ ବଡ଼ ସହରଯାଏ ପକ୍କା ରାସ୍ତା । ଯାନବାହାନର ଚଳାଚଳ ।

ତା'ର ଜ୍ଞାନ ଫେରିଲା । କେଉଁମାନେ ତାଙ୍କୁ ପରୀକ୍ଷା କରି ଜାଣି ପାରିଥିଲେ ଯେ ପେଟଭିତରର ପିଲାଟି ମରି ଯାଇଛି । ସେମାନେ—ଡାକ୍ତର ଓ ନର୍ସ । ପିଲାକୁ ପଦାକୁ କାଢ଼ିବାର କୌଣସି ସୁବିଧା ସେହି ସୁଦୂର ମୋଫସଲର ଶିବିର-ହସ୍ପିଟାଲ୍‌ରେ ନ ଥିଲା । ସଙ୍ଗେ ସଙ୍ଗେ ସେମାନେ ଆମ୍ବୁଲେନ୍‌ସରେ ତାକୁ ସହରର ବଡ଼ ଡାକ୍ତରଖାନାକୁ ପଠାଇ ଦେଇଥିଲେ ।

ସେଇଠି ତା'ର ପେଟ ଚିରି ମଲାପିଲାକୁ ପଦାକୁ କାଢ଼ିଲେ ।

ମରଣ ମୁହଁରୁ ସେ ବଞ୍ଚିଲା ସତ, ସମ୍ପୂର୍ଣ୍ଣ ଆରୋଗ୍ୟ ହେବାକୁ ତା'କୁ ଅନେକ ଦିନ ଲାଗିଲା । ସେ ଓ୍ୱାର୍ଡ଼ରେ ପଡ଼ି ରହିଥିଲା । ସବୁ ଖବର ତା'ଠାରୁ ସଂଗ୍ରହ କରି ତା'ର ଅଭିଭାବକଙ୍କୁ ଜଣାଇବାର ଚେଷ୍ଟା ବିଫଳ ହୋଇଥିଲା । ସେଇଠି ଥାଇ ସେବତୀ ଜାଣିଲା ଯେ ବିଜିପଦାକୁ ମିଶାଇ ଆହୁରି କେତେଖଣ୍ଡି ଗ୍ରାମ ଧ୍ୱଂସ ହୋଇଛି । ଘାଇ ମୁହଁ ତୋଡ଼ର ମୁହାଁମୁହିଁ ବିଜିପଦା ସମ୍ପୂର୍ଣ୍ଣ ଲୋପ ହୋଇଛି । କେହି ବଞ୍ଚି ନାହାନ୍ତି ।

ସେ ଖବର ପାଇଲା କଲିକତାରୁ—ଆନନ୍ଦ ବନ୍ୟା ବିଷୟ ଅବଗତ ହୋଇ ଗ୍ରାମକୁ ଚାଲି ଆସିଛି । ସେବତୀର ମନରେ ଆଶା ହେଲା । ସେ ନିଶ୍ଚୟ ଖୋଜି ଖୋଜି କେଉଁ ଆଶ୍ରୟପ୍ରାର୍ଥୀ ଶିବିରରୁ ତା' ଖବର ପାଇବ । ଦିନେ ଆସି ଡାକ୍ତରଖାନାରେ ପହଞ୍ଚିବ । କିନ୍ତୁ, ତା'ର ସେ ଆଶା ଦିନୁଦିନ କ୍ଷୀଣରୁ କ୍ଷୀଣତର ହେବାକୁ ଲାଗିଲା ।

ଆନନ୍ଦ ଆସିଲା ନାହିଁ ।

ସେ ଦୁଶ୍ଚିନ୍ତାରେ ପଡ଼ିଲା । ତା' ଆଖିରୁ ଅନବରତ ଅଶ୍ରୁଧାର ଝରିଲା । ତା'ର ଦୁଃଖ ଉପରେ ନିଃସାହାପଣ ଜୀବନକୁ ଛଟପଟ କରିବାକୁ ଲାଗିଲା । ଡାକ୍ତରଖାନାର ସିଷ୍ଟରମାନେ ନିଜ ଭିତରେ ଆଲୋଚନା କରୁଥିବାର ତା'ର କାନରେ ପଡ଼ିଲା । ସେ ଜାଣିଲା ଯେ ସେ ଆରୋଗ୍ୟ ହୋଇଛି । ତିନି ଚାରିଦିନ ମଧ୍ୟରେ ତା'କୁ ବିଦା କରିଦେବେ । ତା'ର ବେଡ୍ ପାଖରେ ଆଉ ବେଡ୍‌ରେ

ଯେଉଁ ସୁମତୀ ଦେବୀ ଅଛନ୍ତି, ସେ ବି ସୁସ୍ଥ ହୋଇଗଲେଣି । ତାଙ୍କୁ ମଧ୍ୟ ବିଦାୟ କରିଦେବେ ।

ସୁମତୀ ଅପାଙ୍କ ସଙ୍ଗରେ ସେଇଠି, ସେହି ଯମ ଦୁଆରେ ଭେଟ । ଡାକ୍ତରଖାନାର ବେଡ୍‌ରେ ଅନେକ ଦିନ ରହିଲା ପରେ, ଯେତେବେଳେ ବଞ୍ଚିବାର ଆଶା ତା' ମନରେ ବଳବତୀ ହୋଇ ଉଠିଥିଲା, ସୁମତୀ ହତଜ୍ଞାନ ହୋଇ ପାଖ ବେଡ୍‌କୁ ଆସିଲେ । ଆଗରୁ ସେଠାରେ ଯେଉଁ ଅଳ୍ପ-ବୟସର ଆସନ୍ନପ୍ରସବା ଝିଅଟି ରହୁଥିଲା, ସେ ଆଉ ଫେରିଲା ନାହିଁ । ଝିଅଟି, କି' ଘରର ବୋହୁ କେଜାଣି, ହୁଏତ ଅତ୍ୟଧିକ ମୋଟୀ, ଅବା କେଉଁ ରୋଗ ପାଇଁ ଫୁଲି ଯାଇଥିଲା ! ଶୁଣାଶୁଣିରେ, ବହୁ ଚେଷ୍ଟା ସତ୍ତ୍ୱେ ସେମାନେ ତା'କୁ ଓ ତା'ର ପେଟର ଛୁଆକୁ ବଞ୍ଚାଇ ପାରିଲେ ନାହିଁ ।

ମାଇପି ଜନମ ଏମିତି ହୀନିମାନିଆ । ତା' ହୀନସ୍ତାର ଅନ୍ତ ନାହିଁ ।

ସେ ଝିଅଟି ଯେଉଁଠି ଥିଲା, ସେଇଠି ରହିଲେ ସୁମତୀ ଦେବୀ । ଧନୀଘରର ଘରଣୀ । ଜଣାଶୁଣା କେଉଁ ବିଖ୍ୟାତ ଡାକ୍ତରଙ୍କର ସ୍ତ୍ରୀ । ତାଙ୍କ ବେଡ୍‌ର ଦୁଇ ପାଖରେ କନା ପରଦାର ବାଡ଼ ଆବୋର । ସେଇଠି ସମସ୍ତଙ୍କର ଭିଡ଼ ।

ସେ ସୁସ୍ଥ ହୋଇ ଆସିଲେ । ଭିଡ଼ କମିଲା । କନା-ବାଡ଼ର ଉହାଡ଼ର ବେଶୀ କଟକଣା ରହିଲା ନାହିଁ । ତିରିଶ ବତିଶ ବୟସର ସ୍ତ୍ରୀ ଲୋକ । ତାଙ୍କର ସେବା କରିବାକୁ, ଯତ୍ନ ନେବାକୁ, ତାଙ୍କ ବେଡ୍ ପାଖରେ ରାତିସାରା ଜଗି ରହିବାକୁ ଧାଇଟିଏ ଥାଏ ।

ତା' ନା ଦୁଲାଳୀ ।

ସେ ବି ଭଲ ମଣିଷ । ମିଳାପୀ । 'ବେଳ ପାଇଲେ, ଅନ୍ୟ କେଉଁ ନିଃସାହାର ପାଟିତୁଣ୍ଡ ଶୁଣି, ରାତି ଅଧରେ ତା' ପାଖକୁ ଯାଇ ଟିକିଏ ସେବା କରିବାକୁ ସେ ପଛାଏ ନାହିଁ । ପାଇବାର ଆଶା ଓ ଲୋଭ ତା'ର ନ ଥାଏ । କାହାର ଯନ୍ତ୍ରଣା-ଚିତ୍‌କାର କାନରେ ପଡ଼ିଲେ ନିଜେ ସୁମତୀ ତା'କୁ ନେହୁରା କରନ୍ତି, କେହି ତା' ପାଖରେ ନାହାନ୍ତି କି ଦୁଲାଳୀ, ଟିକିଏ ଦେଖି ଆଇଲୁ—

ତାଙ୍କର ମନଟି କେଡ଼େ କୋମଳ ! ପରର ଦୁଃଖକୁ ସେ ଆପଣାର କରନ୍ତି । ନିଜର ଦୁଃଖକୁ ଅଦୃଷ୍ଟର ଭିଆଣ କେ କରିବ ଆନ ବୋଲି ଗ୍ରହଣ କରନ୍ତି । କେଉଁ-ମାନଙ୍କ ପାଖରୁ ସେ ସେବତୀର ଦୁଃଖ-ଦୁର୍ଦ୍ଦଶାର ସୂଚନା ପାଇଥିଲେ । ତା'ର ଚଲାବୁଲାର ନିଷେଧ-ନିର୍ଦ୍ଦେଶ ସମୟ କଟିଯାଇଥିଲା ।

ସୁମତୀ ତା'କୁ ପାଖକୁ ଡାକିଲେ ।

ତା'ର କାହାଣୀ ଶୁଣୁଶୁଣୁ ନିଜେ ଲୁହ ଝରାଇଥିଲେ । ଆପଣାର ଦୁଃଖ ଭୁଲି ସେହି ଡାକ୍ତରଖାନାରେ ତା'ର ହାତ ପାପୁଲି ଆପଡ଼ି ସେହି କରୁଣାମୟୀ ତା'କୁ ସାନ୍ତ୍ୱନା ଦେଇଥିଲେ—ଆଲୋ ପାଗଳି, ଅଦୃଷ୍ଟ ଉପରେ କାହାର ବଳ ଅଛି ? ଯାହା ଘଟି ଯାଇଛି ଆଉ ବାହୁଡ଼ିବ ନାହିଁ । ସେଥିକି ଶୋଚନା କଲେ କି ଲାଭ

ମିଳିବ ? ଭୁଲି ଯା । ବଞ୍ଚିବାକୁ ତ ହେବ, ଜୀବନଟି କେମିତି ବିତିବ ସେତିକି ହେଲା ବଡ଼ କଥା ।

ଆଖିରେ ଲୁହ ଭରି ସେବତୀ କହିଲା, ମରିଥିଲେ ମୁଁ ତରି ଯାଇଥାନ୍ତି ଅପା ! ଜନ୍ମ କି ! ପେଟର ପିଲାକୁ ହରାଇ ଏବେ ସୁସ୍ଥ ହେଲି, ଡାକ୍ତରଖାନାରୁ ବାହାରି ମୁଁ ଯିବି କୁଆଡ଼େ ? ବଡ ସହରରେ ସମସ୍ତେ ମୋ'ର ଅପରିଚିତ । ଗାଁ ନାହିଁ, ଘର ନାହିଁ । ଆପଣାର ହୋଇ ଯେଉଁ ଜଣକ ମୋ'ର ଅଛନ୍ତି, ମୁଁ ବଞ୍ଚିଛି କି ମରିଛି ସେ ଜାଣିଲେ ନାହିଁ ।

-ହଁ, ବରଂ ସେ ଅନୁମାନ କରିଥିବ ଯେ କୁଟୁମ୍ବର ସମସ୍ତେ ଭାସି ଯାଇଥିବେ, ବୁଡି ମରିଥିବେ ।

-ସେଇଥି ପାଇଁ ସେ ମୋତେ ଖୋଜ କରିବାକୁ ଚେଷ୍ଟା କରି ନ ଥିବେ । କେମିତି ଜାଣିବେ ଯେ ମୁଁ ହତଭାଗିନୀ ଏଇଠି ସଢୁଛି ?

-ସତ, ସେ କିପରି ଜାଣିବ ? ହେଲେ, ତୁ ହତାଶ ହୁଅନା । ମତେ ଅପା ବୋଲି ଡାକୁଛୁ । ତୋ ଡାକର ସମ୍ମାନ ମୁଁ ରଖିବି । ରାସ୍ତାରେ ବୁଲିବାକୁ ତତେ ଛାଡି ଦେବି ନାହିଁ ।

-ଅପା !

-ହଁ, ସେଇଆ । ତୁ ମୋ' ସଙ୍ଗରେ ଆମ ଘରକୁ ଯିବୁ । ଦେଖିବୁ ତୋ' ଭିଣେଇ କେ [illegible] ବୁଝୁଁ ? ସେ ଯେମିତି କର୍ମଷ୍ଠ, ସେମିତି ଦୟାଳୁ । ଆଗେ ସେ ଏଲୋପାଥି କରୁଥିଲେ । କୌଣସି କାରଣରୁ ସେ ଚାକିରି ଛାଡ଼ି ହୋମିଓପାଥି ଚିକିତ୍ସାରେ ମନ ଦେଲେ । ସେ ଭାବିଲେ, ସେଇଥିରେ ସେ ଗରିବ-ଜନତାର ପ୍ରକୃତ ସେବା କରି ପାରିବେ । ତାଙ୍କର ଗୋଟିଏ ପେଟ ତ ।

-ଗୋଟିଏ ପେଟ ?

-ତା ଚାକିରି ଛାଡିଲା ବେଳେ ସେ ଥିଲେ ଏକା । ମୁଁ ତାଙ୍କ ପାଖକୁ ଆସିଲା ପରେ ଆମେ ହେଲୁ ଦୁଇ । ଆଜି ଯାଏ ଦୁଇରୁ ତିନି ହୋଇ ପାରିନାହିଁ । ହେବ ବି ନାହିଁ ଲୋ !

-ସେମିତି କହନା ଅପା ?

ସେ ହସି ଦେଇଥିଲେ । ସେ ହସ ଦୁଃଖର । ସେ ହସ ହତାଶାର । ତାଙ୍କ ଆଖି ଛଳଛଳ ହୋଇ ଉଠିଲା । ସେବକାର ସେହି ମୁହଁ, ନୀରବ ଶୂନ୍ୟ ଦୃଷ୍ଟି ଏବଯାଏ ସେବତୀର ମନେଅଛି ।

ସେ ହଠାତ୍ ଚିହିଁକି ଉଠିଲେ । କହିଲେ, ଛାଡ଼ ସେ କଥା । ହଜିଥିଲେ ତୋ'ର ଖୋଜାଇ ଆଣିବି । ଭାଙ୍ଗିଥିଲେ ତୋ'ର ଗଢ଼ାଇ ଦେବି । ତୋ' ଦାୟିତ୍ୱ ମୋ' ଉପରେ । ତୁ ମୋ' ପାଖରେ ରହିବୁ । ଦାଣ୍ଡକୁ ଗୋଡ଼ ବଢ଼ାଇବା ଲୋଡ଼ା ହେବ ନାହିଁ ।

-ଅପା ।

-ଯାହା କହିଲି ସେଇଆ । ତୁ ସୁନା-ହରିଣୀ । ଏ ସହରରେ ପଣପଣ ବ୍ୟାଧ । ତାଙ୍କ ହାବୁଡ଼ରୁ ତତେ ରକ୍ଷା କରିବି । ନିଧଡ଼କ ରହ । ହେଇଟି, ଡାକ୍ତରଙ୍କର ପାଟି ଶୁଭୁଛି । ତୋ' ଭିଣୋଇ ମ ! କାହାକୁ କ'ଣ କହୁଛନ୍ତି । ସେ ଉତ୍ତମ ଲୋକ । ଗରିବଙ୍କୁ ସାହା । ପରର ଦୁଃଖ ସହି ପାରନ୍ତି ନାହିଁ ।

ସୁମତୀଙ୍କ ପାଖରୁ ଉଠି ସେବତୀ ଅଳପ ଦୂରେଇ ଠିଆହେଲା । ମୁଣ୍ଡ ଉପରକୁ ଓଢ଼ଣା ଟେକିଲା ।

ସମୟ ଦିନ ଦୁଇଟା ହେବ । ମେଘୁଆ ଆକାଶ । ଦି'ତାଲା ଉପର ସେହି ବଡ଼ କୋଠରୀରେ ବେଡ଼୍ ଗୁଡ଼ିକରେ କେତେ ଜାତିର, ଭିନ୍ନ ଭିନ୍ନ ବୟସର ପ୍ରସୂତୀ ଓ ଆସନ୍ନ ପ୍ରସବା, ଅବା ଅନ୍ୟ କେଉଁ ରୋଗ ପାଇଁ ଆସିଥିବା ସ୍ତ୍ରୀ-ଲୋକମାନେ ରହିଛନ୍ତି । କେତେ ନବଜାତ ଶିଶୁଙ୍କର କାନ୍ଦଣା କାନରେ ବାଜୁଛି ।

ସେବତୀ ତା'ର ଦୁର୍ଭାଗ୍ୟର କଥା ଭାବୁଥିଲା । ତା' ମନରେ ସୁମତୀଙ୍କର ହତାଶିଆ କଥା ବି ବିଚାରୁଥିଲା—ସେ ଆଉ ମା' ହୋଇ ପାରିବେ ନାହିଁ ! କାହିଁକି, କ'ଣ ତାଙ୍କର ହୋଇଛି ?

ଅଳ୍ପ ସମୟ ପରେ ଡାକ୍ତର ଆସି ପହଞ୍ଚିଲେ । ଡେଙ୍ଗାଳିଆ ସ୍ୱାସ୍ଥ୍ୟବାନ୍ ପୁରୁଷ । ଧୋତି ପଞ୍ଜାବି ପିନ୍ଧିଥାନ୍ତି । ଅଳପ ଲମ୍ବାଳିଆ ମୁହଁ । ଚଉଡ଼ା କପାଳ । ନାକଟି ଶୁଆ-ଥଣ୍ଟିଆ । ମୁଣ୍ଡରେ ଘଞ୍ଚ କେଶ ଅଳପ । ଗୌର ମୁହଁ ଗମ୍ଭୀର ଦିଶୁଥାଏ । ହାତରେ ଚମଡ଼ାର ପେଟୁଆ ବ୍ୟାଗ୍ । ପାଦରେ ହାଓ୍ୱାଇନ୍ ଚପଲ୍ । ବୟସ ପଞ୍ଚତ୍ରିଂଶ ହେବ ।

ସେବତୀ ହାତଯୋଡ଼ି ନମସ୍କାର କଲା ।

ସେ କଟେଇଁ ଚାହିଁଲେ । ସେବତୀ ମଣିଲା, ତାଙ୍କର ସେହି ଗମ୍ଭୀର ମୁହଁଟି ସାମାନ୍ୟ ହସୁଆ ଦିଶିଲା । ସେ କିଛି ପଚାରିଲେ ନାହିଁ । କନାର ପରଦା ଚାଡ଼କୁ ସାମାନ୍ୟ ଟାଣି ସୁମତୀଙ୍କୁ ଉହାଡ଼ କଲେ । ନିଜେ ସେହି ପରଦା ପଛରେ ଛପିଗଲେ ।

ଆନନ୍ଦ ତା'ର ମନେ ପଡ଼ିଥିଲା । ନିଜ ଭିତରେ ବିକଳ ହୋଇ ଆନନ୍ଦକୁ ଅଭିମାନରେ ଅନୁନୟ କଲା—ମୋ' ଆଗରେ ମୋ ଅଜାଡେବେ ସେମାନେ ହଜିଗଲେ । ଯାହାକୁ ତମେ ଆଖିରେ ନ ଦେଖି ସପନରେ ଦେଖୁଥିଲ, ସେ ବି କୁଆଡ଼େ ଛପିଗଲା । ଦଇବର କୋପ । ମୋ'ର କି ଖିରା ? କାହିଁକି କେଉଁଠି ବାଇଆ-ବାତୁଳ ହୋଇ ଖୋଜୁଛ ? ତମେ ଆସ—

ପେଟ ଭିତରୁ କାନ୍ଦଣାର କୋହ ତୁହାଇ ତୁହାଇ ଉଠୁଥିଲା । ଗୋଡ଼ ଥରୁଥିଲା । ସେ ନିଜର ବେଡ଼୍ ଉପରକୁ ଉଠିଲା । କପାଳରେ ହାତ ରଖି ବିଚାରୁଥିଲା ସୁମତୀଙ୍କ କଥା । ସେ ଅପରିଚିତା । କିଏ ଜାଣେ ତାଙ୍କର ମନରେ କ'ଣ ଅଛି ? କାହିଁକି ଉପରେ ପଡ଼ି ହେଯ ତା'କୁ ଏତେ ଆଶ୍ରା ଦେବାକୁ ଆଶା ଦେଲେ ? ତରଇ କହିଲେ, ଅବା ଚେତାଇ କହିଲେ, ଏ ସହରରେ ପଣପଣ ବ୍ୟାଧ ।

ନିରୂପାୟ ସେବତୀ ସୁମତୀଙ୍କ ସଙ୍ଗେ ତାଙ୍କର ବସାଘରେ ଆଶ୍ରା ନେଇଥିଲା ।

କେତେ ସେ ତାଙ୍କର ଆଦର ସ୍ନେହ ଊଣା କରି ନ ଥିଲେ । ତା'କୁ ନୂଆ ଜୀବନ ଦେଇଥିଲେ । ତା'କୁ ନୂଆ ମଣିଷ କରି ଗଢିଥିଲେ । କିନ୍ତୁ, କି ଜାତିର ମଣିଷ ?

ଗୋଟାଏ ବିଡ଼ମ୍ବନା ! ସୁମତୀଙ୍କର ଖେଳନା । ତାଙ୍କର ବିଫଳ ମାତୃତ୍ୱର ଝୁରିଲା କାମନାର ରୂପଦାୟିନୀ । ତାଙ୍କର ସପନ-ସନ୍ତାନର ଗର୍ଭଧାରିଣୀ । କନ୍ୟାର ଜନନୀ, ଯେଉଁ କନ୍ୟାଟିକୁ ସେ କୋଳକୁ ଟେକି ନେଇଥିଲେ । ମନ ଉଲ୍ଲାସରେ କହି ଉଠିଥିଲେ, ମୁଁ ମୋ'ର ଝିଅଟିକୁ ଫେରି ପାଇଛି ଲୋ ! ମୁଁ ତା'ର ମା' । ତୁ ତା'ର ପାଳିକା ହେବୁ । ତୁ ହେବୁ ତା'ର ମାମି !

ସେ ଦିନ ତାଙ୍କର ଆନନ୍ଦ କହିଲେ ନ ସରେ । ଗୋଡ଼ ତଳେ ଲାଗୁ ନଥାଏ । ଯିଏ ଆସିଲେ ସେ ଆଗ ବଳି ପଡ଼ି କହନ୍ତି, ମୋ' ସାନ ଭଉଣୀର ଝିଅ ହୋଇଛି । ତା'କୁ ମୁଁ ଫୁଲନାଡ଼ କରି ଟେକି ନେଇଛି । ତା' ବାପ ଅଲକ୍ଷଣା ପେଟରେ ସମ୍ପାଦି କୁଆଡ଼େ ଗଲା ଯେ ଗଲା । ମଦୁଆ, ଛତରା ଘର ଜୁଆ କଲା । ବାଜେନାଭୂତ କୁଆଡ଼େ ବୁଲୁଛି ବୁଲୁଥାଉ । ଆସିଲେ ତା' ଗୋଡ଼ ଭାଙ୍ଗିବି ।

ଝିଅର ନାଁ ସେ ଦେଇଥିଲେ । ତୁନି ତୁନି କହିଥିଲେ, ଆଲୋ ସେବତୀ, ଯାହାକୁ ହଜାଇଥିଲୁ ସେଇ ସୁନା-କଣ୍ଢେଇ ଫେରି ପାଇଲୁ । ଏ ବକଟକ ମୋ ସୁନା । ସେଇ ତୋ'ର ସୁଆଗିଆ ଝିଅ ସୋହାଗିନୀ !

-ଅପା....!

-ତୋ' ମନକଥା ଜାଣୁଛି । ତା'କୁ ତୁ ଭୁଲିଯା । ପାଞ୍ଚଟି ବର୍ଷ ଖୋଜା ହେଲା । ଯେତେ ପ୍ରକାର ଚେଷ୍ଟା କରାହେଲା ସବୁ ବ୍ୟର୍ଥ ହେଲା । ଖବର କାଗଜରେ ଲେଖା ହେଲା । ତାକୁ ଖୋଜି ବାହାର କରିବାକୁ ଡାକ୍ତର କେତେ ଚେଷ୍ଟା କଲେ ତତେ ଅଜଣା ନାହିଁ । ମୁଁ ଜାଣିଲି, ସେ ଆଉ ଏ ପୁରରେ ନାହିଁ !

-ମୋ'ର ମରଣ ହୋଇଥିଲେ ଭଲ ହୋଇଥାନ୍ତା !

-ସତେ କିଲୋ ବାଇଆଣୀ ? ତୁ ଜାଣୁ, ଡାକ୍ତରଖାନାରେ ସେମାନେ ମୋ'ର ଜରାୟୁ ଦିଓଟିକୁ କାଟି ଫୋପାଡ଼ି ଦେଲେ । ଭାବିଥିଲି ସିନା ପେଟରେ ପିଲା ବଢୁଛି, କିନ୍ତୁ ସେଇଟା ଗୋଟାଏ ଟ୍ୟୁମର୍ କେମିତି ଜାଣନ୍ତି ? ଆଗରୁ ଗୋଟିକ ପରେ ଗୋଟିଏ ଏମିତି ପାଞ୍ଚ-ଛଅ ମାସିଆ ଦିଓଟି ପିଲା ମୋ'ର ନଷ୍ଟ ହୋଇଥିଲେ । ଟ୍ୟୁମର୍‌ଟାକୁ ମୁଁ ପିଲା ବୋଲି ମନେ କରିଥିଲି । ଭାବୁଥିଲି, ସେ ପେଟରେ ବୁଲୁଥିଲା ।

-ବୁଲୁଥିଲା ?

-ନାହିଁ ଲୋ ! ଯେ ମନା କରୁଥିଲେ । ହୋମିଓପାଥି ଔଷଧ କାମ କରିବ ନାହିଁ, ଅପରେସନ୍ କରିବାକୁ ପଡ଼ିବ ବୋଲି କହୁଥିଲେ । ହତାଶ ହେବାକୁ ମୋ ମନ ନାହିଁ କରୁଥିଲା । ଶେଷକୁ ଯାହା ହେଲା ତୁ ଜାଣୁ ।

ଆଉ ତ ପିଲା ପେଟରେ ଧରିବି ନାହିଁ । କାହିଁକି ମିଛଟାରେ ବାହା ହେଲି ? ନିଜେ ହନ୍ତସନ୍ତ ହୋଇ ଜୀବନ କାଟିବି, ଅନ୍ୟ ଜଣକୁ ସାରଜୀବନ ମନସ୍ତାପରେ ପକାଇବି ?—

ସେବତୀ ଯାହା ପଚାରିବାକୁ ମନ କରିଥିଲା ଭରସି ପଚାରି ପାରିଲା ନାହିଁ । ସୁମତୀ ତା' ପାଖରେ ଅବୋଧ୍ୟ ହୋଇ ରହି ଯାଇଥିଲେ ।

ଏ ଘରେ ଗୋଡ ଦେଲା ଦିନରୁ ସେ ତା'କୁ ସାନ ଭଉଣୀର ଆସନ ଦେଇଥିଲେ ।

ସେବତୀ ଭୁଲି ପାରି ନାହିଁ । ଭୁଲି ପାରିବ ନାହିଁ । ପାଖରେ ବସାଇ ଖୁଆନ୍ତି । ନିଜ ପାଇଁ ପଛେ ନିରସା ହେଉ ସେବତୀ ପାଇଁ ସରସ ସୁନ୍ଦର ଶାଢି ବ୍ଲାଉଜ କିଣାଇ ଆଣନ୍ତି । ସହରୀ ଫେସନ । ଗରିବ ମୋଫସଲିଆଣୀ ମୂଲିଆ-ଘରଣୀର ସାତ ସପନ । ସେମିତି ସହରୀ ଗହଣା । ଅଳପ ହେଲେ ବି ଦାମିକା । କାନ, ବେକ, ଓ ହାତ ମଣ୍ଡନ କରେ ।

ଆଗେ ଆଗେ ନିଜେ ପିନ୍ଧାଇ ଦେଉଥିଲେ । ନାଇ ଦେଉଥିଲେ । ଭଲି ଭଲିକା ପାଉଡର, କ୍ରିମ୍ ମୁହଁରେ ଦେହରେ ଲେପୁଥିଲେ । କହୁଥିଲେ, ଷଠୀ ମଣିଷକୁ ଯେଉଁ ରୂପ, ରଙ୍ଗ, ଢଙ୍ଗ ଦେଇ ଜନମ ଦେଇଛି, ତା'କୁ କେହି ବଦଳାଇ ପାରିବେ ନାହିଁ । ଦଶରା, ଲକ୍ଷ୍ମୀପୂଜାରେ ଦେଖିନୁ କି ସେ ସୁନ୍ଦର ମୂର୍ତ୍ତି ଗୁଡ଼ିକୁ ? ଶିଳ୍ପୀ ମାଟିରେ ଗଢ଼େ । ମାଟିର ମୂର୍ତ୍ତିଗୁଡ଼ିକୁ ମଣିଷ ଚାହିଁ ଦେଇ ଚାଲି ଯାଏ । ସେଗୁଡ଼ିକ ଦୃଷ୍ଟି ଓଟାରେ ନାହିଁ । ପାଦ ଅଟକାଏ ନାହିଁ ।

ସେହି ସବୁ ମୂର୍ତ୍ତିରେ ଶିଳ୍ପୀ ରଙ୍ଗ ବୋଳିଲେ ସେ ଗୁଡ଼ିକ ଗଲାଆଇଲାଙ୍କର ଆଖି ଓଟାରେ । ଚାଲି ମନ୍ଥର କରେ । ପାଦ ଅଟକି ଅଟକି ଯାଏ । କିନ୍ତୁ, ମନ-ଧ୍ୟାନ ଆକର୍ଷେ ନାହିଁ । ସତ କି ମିଛ ତୁ କହୁ ନୁ ? ଦେଖିଛୁ ତ ।

ଲାଜେଇ ଲାଜେଇ ସେବତୀ ଉତ୍ତର ଦିଏ, ହଁ, ଅପା !

ଚିବୁକ ଧରି ସେବତୀର ମୁହଁଟି ଉପରକୁ ଟେକି ସୁମତୀ ତା'ର ତୋରା ଭଲ ପଟରେ କୁଙ୍କୁମ ବିନ୍ଦୁ ଲଗାଇ ଦିଅନ୍ତି । କହନ୍ତି, ସେହି ଚିତ୍ରକର ପ୍ରତିମା ଗୁଡ଼ିକୁ ବିବିଧ ପ୍ରକାର ମୂଲ୍ୟବାନ୍ ବସ୍ତ୍ର, ଅଳଙ୍କାର, ଆୟୁଧମାନଙ୍କରେ ମଣ୍ଡିତ କରାଯାଏ । ସେ ସବୁ ମନ-ଧ୍ୟାନ ଆକର୍ଷଣ କରନ୍ତି । ଦେଖଣାହାରୀଙ୍କର ପାଦ ଅଟକେ । ମନ ପୁଲକି ଉଠେ । କିନ୍ତୁ ଲୋ ସେବତୀ, ସେମାନେ ବରଦା ହୋଇ ନ ଥାନ୍ତି । ଲୋକେ ଏହା ଜାଣନ୍ତି । ମୁଣ୍ଡ ନ ନୋଇଁ ମନ ନୁଆନ୍ତି । ମାନସିକ ଗୁଡ଼ା ମନ ଭିତରେ ସଲବଲ ହେଉଥାନ୍ତି । ସ୍ଫୁରିତ ହୁଅନ୍ତି ନାହିଁ ।

-ସତ । ସେମାନଙ୍କୁ ମନ୍ତ୍ରବଳରେ ଜୀବନ୍ୟାସ ଦିଆ ହୋଇ ନ ଥାଏ ।

-ଜାଣୁଚି ? ସେମିତି ଏ ମଣିଷ । ତଫାତ୍ ଏତିକି ଯେ ମଣିଷକୁ ମନ୍ତ୍ର ବଳରେ ଜୀବନ୍ୟାସ ଦିଆଯାଏ ନାହିଁ । ଜନମରୁ ମରିବାଯାଏ ସେ ପ୍ରତ୍ୟକ୍ଷ । ନିଜର ଯତ୍ନ ନେବା, ନିଜକୁ ସଜାଇ ମଣ୍ଡାଇ ଯୁଗର ଉପଯୋଗୀ କରିବା ପାପ ନୁହେଁ ।

-କିନ୍ତୁ, ଅପା—

-କିନ୍ତୁର ସେଠି ସ୍ଥାନ କାହିଁ ? ଅନ୍ୟର ଆଖିରେ ରୁଚିକର ଦିଶିବା, ଅନ୍ୟର ସ୍ନେହପ୍ରବଣତାକୁ ଟିକିଏ କୋମଳ ଉଲୁସା-ପରଶ ହେବାରେ ଗୌରବ ଅଛି ଲୋ ! ନିଜକୁ ଦେଖିଲେ ନିଜେ ତୁ ଖୁସି ହେଉ କି ନାହିଁ କହିଲୁ ?

ସେବତୀ ନିଜର ପ୍ରତିଫଳନକୁ ଦର୍ପଣରେ ଦେଖି ଖୁସି ହୋଇଛି ।

ମୋଫସଲିଆଣୀଟା, ଅତି ଦୁଃଖିନୀ; ପରଘରେ କେତେ ଖଟଣୀ । ରୋଗଣୀ ଶାଶୁ, ରାଗଣା ଶଶୁର, ମୂଲିଆ ଗେରସ୍ତ, ଆଉ ଅଜଟିଆ ଝିଅଚ ସେବା କରୁଣୁ ହାଲିଆ । ଦଇବ ଦେଲା ରୂପକୁ ସେ ଦେଖିଛି । କିନ୍ତୁ ତା'କୁ ନିରେଖି ତନଖି ଆତ୍ମ-ସନ୍ତୋଷ ଲଭିବାକୁ ତା'ର ତର ନ ଥିଲା । ମନ ନ ଥିଲା । ଗାଁ ମାଇପେ ତା'କୁ ଦେଖି ତ' ରୂପକୁ ପ୍ରଶଂସା କରୁଥିଲେ । କିଏ କହେ ଉଦିଆ-ଚନ୍ଦ । କିଏ କହେ ଚହଟ-ଚମ୍ପା, କିଏ କହେ ସେବତୀ ଫୁଲ ତ ଠିକ୍ ।

ଶାଶୁ ଖୁସି ହୁଅନ୍ତି ପର । ଫୁଲେଇ ହୋଇ କହନ୍ତି, ଯେତେ ଦୁଃଖ-କଷ୍ଟ ପିଲାଟି ଦିନରୁ ତା' ଆଦିଆ ଲେଖାରେ ବାଲିଆ ଖୁଡ଼ୀ ବାଘୁଣୀଟା ଦେଇଥିଲା ଗୋ ! ରୂପରୁ କି ମିଳିବ ? ଠାକୁରେ କଟନ୍ତୁ, ମୋ ଲୋଟଣୀ ପାଉର କାଚ ବଜର ହେଉ । ସୁଖରେ ସଂସାର କରନ୍ତୁ ମୋ'ର ବଗୁଲା-ବଗୁଲୀ । ସେହି କଲ୍ୟାଣ କର ଗୋ । ସାତ ପିଲାର ମା ହେଉ ।

ଲାଜରେ ସେ ସଢ଼ି ଯାଉଥିଲା । ବାଆଁରେଇ ହୋଇ କେଉଁ କାମର ଆଢ଼ରେ ଧୀରେ ଧୀରେ ସେମାନଙ୍କ ଆଗରୁ ଖସି ପଳାଉଥିଲା ।

ନିରୋଳା ବେଳାରେ ଏସବୁ କଥା ମନେ ପଡ଼ିଲେ ମନକୁ ମନ ସେ ହସି ଦେଉଥିଲା । ପୁରାଣ ମାନଙ୍କରୁ ସେ ସେବକାଳର ସୁନ୍ଦରୀମାନଙ୍କ ଚରିତ ପଢ଼ିଛି, ସୁଆଙ୍ଗ ଦେଖିଛି । ଇତିହାସରେ, ଗଳ୍ପ ପୁସ୍ତକ ମାନଙ୍କରେ କେତେ ଗୀତ, କେତେ ମନଗଢ଼ା ବୃତ୍ତାନ୍ତ, ଆଉ କାହାଣୀମାନ ବି ପଢ଼ିଛି । ରଜାଘର ଝିଅ-ବୋହୂ ହେଇଥନ୍ତୁ, ଅବା ଆଉ କେଉଁ ଘରର ହେଉନ୍ତୁ, ସେଥିରେ ଲେଖା ସୁନ୍ଦରୀମାନଙ୍କ ପାଇଁ କେତେ ହଟ୍ଟଗୋଳ ହୋଇଥିଲା । କେତେ ଯୁଦ୍ଧ । ମଣିଷ ମରଣ । ରାଜ୍ୟ ଧ୍ୱଂସ ।

ହସ ମାଡ଼େ ।

ତା' ପାଇଁ ସେମିତି କିଛି କେବେ ହେବ ନାହିଁ । ତା' ଗେରସ୍ତ ତା'ର ରୂପ ଦେଖିଛନ୍ତି କି ନାହିଁ ସେ କେବେ ଚିନ୍ତା କରି ନାହିଁ । ଆଲୁଅ ଲିଭିଲେ କେହି କାହାର ରୂପ ଦେଖନ୍ତି ନ ହିଁ । ଶାଢ଼ି, ଗହଣା, ସଜବାଜ ସବୁ ଅନ୍ଧାରରେ ଲୁଚେ । ଦୁଇଟି ଦେହ ଦୁଇଟି ଦେହକୁ ନିବିଡ଼ ଭାବରେ ଅନୁଭବ କରେ । ସେଇ

ଅନୁଭୂତି ଯେଉଁ ନିଜଭୁଲା ଆନନ୍ଦ ସଂସ୍ପର୍ଶରେ ସେତିକି ପାଇବାକୁ ରୂପ, ଆଭରଣ, ପହରଣ, ସବୁ ଶିଙ୍ଗାରର ପ୍ରୟୋଜନ ପଡ଼ ? ବିବାହିତ ଜୀବନରେ ଏ ସବୁର ଆବଶ୍ୟକତା ସେ କେବେ ଅନୁଭବ କରି ନ ଥିଲା ।

ସେ ସେହି ମୂଳିଆ ଆନନ୍ଦକୁ ଭଲ ପାଉଥିଲା । ପାଖରେ ନ ଥିଲେ ମଧ୍ୟ ନିଜ ଭିତରେ ଝୁରିଲା ଆତ୍ମା ତା'କୁ ଅନୁଭବ କରୁଥିଲା । କାହିଁଗଲା ସେ ? କୁଆଡ଼େ ରହିଲା ? ଡାକ୍ତର ତା'ର ପତ୍ତା ପାଇବାକୁ ବହୁ ଚେଷ୍ଟା କଲେ । କଲିକତାରୁ ସେମାନେ ଚିଠି ଦେଲେ—ବନ୍ୟା ଖବର ଜାଣି ଆନନ୍ଦ ତା' ଗ୍ରାମକୁ ଯାଇଥିଲା । ଫେରିଲା ନାହିଁ । ଚିଠି ପତ୍ର କେବେ ଦେଇ ନାହିଁ ।—

ଡାକ୍ତର ହବୁଦିନେ କାର୍ଯ୍ୟବ୍ୟସ୍ତ । ତଥାପି, ସୁମତୀଙ୍କ ଅନୁରୋଧରେ ସେ ନିଜେ ବିଜିପଦା ଯାଇଥିଲେ । ଦୁଇଦିନ ସେହି ଅଞ୍ଚଳରେ ବୁଲି ହତାଶ ହୋଇ ଫେରି ଆସିଲେ ।

ବିଜିକୁଦର ଚିହ୍ନବର୍ଣ୍ଣ ନାହିଁ । ପୁରୁଣା ସେହି ଗ୍ରାମ ଉପରେ ଘାଇ । ବାଲିଚର ତା'ର ଦୁଇ କଡ଼ରେ । ଆଖ ପାଖ ଗ୍ରାମର କୌଣସି ଲୋକ ଆନନ୍ଦକୁ ଚିହ୍ନନ୍ତି ନାହିଁ । ବିନନ୍ଦ ମହାପାତ୍ର କାଠ ମିସ୍ତ୍ରୀଙ୍କର ନାମ କେହି କେହି ଶୁଣିଛନ୍ତି । ତାଙ୍କ କୁଟୁମ୍ବର ଖବର କେହି ଦେଇ ପାରିଲେ ନାହିଁ । ଶୁଣା ଶୁଣିରେ, କେତେ ଶହ ଲୋକ ପ୍ରାଣ ହରାଇ ଥିଲେ ।

ଆନନ୍ଦ ମହାପାତ୍ରର କ'ଣ ହେଲା ? ସେ ଗଲା କୁଆଡ଼େ ? କଲିକତାରୁ ଉଚ୍ଛନ୍ନ ହୋଇ ଧାଇଁ ଆସି ବର୍ଷା, ବଢ଼ି, ବନ୍ୟାର ବିଭୀଷିକାକୁ ଦେଖାଡିର କରି କୁଟୁମ୍ବକୁ ଉଦ୍ଧାର କରିବାକୁ ସେ ମରଣ ମୁହଁକୁ ଡେଇଁପଡ଼ିଥିଲା ? ହତାଶ ହୋଇ, ମତିହରା ହୋଇ ସେ ବି ବନ୍ୟାର କବଳରେ ପଡି ପ୍ରାଣ ହରାଇଲା ? ଅବା, ସମସ୍ତଙ୍କୁ ହରାଇ; ନିଃସ୍ୱ-ଅଚକ୍ଷିତ ବାଇଆ-ବାତୁଳ ହୋଇ କୁଆଡ଼େ କୁଆଡ଼େ ବାତଚକ୍ର ପରି ବୁଲୁଛି । ସବୁ ପାସୋରିଛି ? ବାବାଜି ହୋଇ ଜୀବନକୁ ଛି କରି କେଉଁ ବନ-ଅରଣ୍ୟ ପର୍ବତରେ ବୁଲି ବୁଲି ବେଳ କଟାଉଛି ? ଦଇବ ବିଧାତା ଉପରେ ଅଭିମାନ କରି ଜଣାଣ କରୁଛି—ଯାହା ଦେଇଥିଲୁ ହବୁତ ନେଲୁ ରେ ହଟଚମଟିଆ, ମତେ ବି ନେଇ ଯା । ମୋ'ର ସେତିକି ମାଗୁଣି—

କେତେ ମାସ ଯାଏ ଡାକ୍ତରଙ୍କ ଘରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଏହିପରି ଆଲୋଚନା ହୁଏ । ସେବତୀ ସୁମତୀଙ୍କ ପାଖେ ବାଖେ ଥାଇ ଲୁହ ଗଡ଼ାଏ । ସୁମତୀ ସାନ୍ତ୍ୱନା ଦିଅନ୍ତି । ସେବତୀକୁ କହନ୍ତି, କେତେ କେତେ ସମ୍ଭାବନା ମନକୁ ଆସେ ଲୋ ଭଉଣୀ । କିଏ କହିବ କେଉଁଟି ସତ ? ତୁ ଧୈର୍ଯ୍ୟ ଧର । ଡାକ୍ତର ଆହୁରି-ଆହୁରି ଚେଷ୍ଟା କରିବେ ।

ସେବତୀ ମିନତିଭରା ନେତ୍ରରେ ଡାକ୍ତରଙ୍କ ମୁହଁକୁ ଚାହେଁ । ସ୍ୱଭାବତଃ ସେ ଗମ୍ଭୀର ଲୋକ । ଅଳପ କଥା କହନ୍ତି । ବିବିଧ ପ୍ରକାରେ ମୁଣ୍ଡ ହଲାଇ ଓଠର ଓ ଭ୍ରୂଲତାର ଆକୁଞ୍ଚନ ପ୍ରସାରଣ ଦ୍ୱାରା ଅଧିକ ଭାବ ପ୍ରକାଶ କରନ୍ତି ।

କହନ୍ତି, ଚେଷ୍ଟା ଅବ୍ୟାହତ ରଖିଛି । ମୁଁ ଭାବୁଛି, ସେ ଜୀବିତ ଅଛନ୍ତି । କେବେ ତାଙ୍କର ସନ୍ଧାନ ମିଳିଯିବ । ତମେ ଦୁଃଖ କରନା । ଧୈର୍ଯ୍ୟ ଧର ।

ସେ ସହାନୁଭୂତିଭରା ଦୃଷ୍ଟିରେ ଅନାନ୍ତି ।

ସୁମତୀ କହନ୍ତି, ସେଇଆ । ଭଗବାନ ଯେଉଁ ଦୁଃଖ ଦେଇଛନ୍ତି ତା'କୁ ଧୈର୍ଯ୍ୟ ଧରି ସହିବା ବ୍ୟତୀତ ଅନ୍ୟ ଗତି ନାହିଁ । ଦୁଃଖ-ଦୁର୍ଶ୍ଚିନ୍ତାରେ ନିଜକୁ ନ ସନ୍ତୁଳି କାମ ଭିତରେ ନିଜକୁ ବୁଡ଼ାଇ ରଖିଲେ ଶାନ୍ତି ମିଳିବ ।

ସେତେଦିନ ଯାଏ ସମସ୍ତେ ମନରେ ଆଶା ବାନ୍ଧିଥିଲେ ଯେ ଆନନ୍ଦର ସନ୍ଧାନ ମିଳିବ । କେଜାଣି ନିଜେ ସେ ସେବତୀକୁ ଠାବ କରି ଅଚାନକ ଦିନେ ଆସି ପହଞ୍ଚି ଯିବ । ନଜର ଘରଣୀକୁ ନିଜେ ସେ ନେଇ ଯିବ । ମୂଲିଆ ମୁରୁଖ ଯାହା ହେଉ, ତା' ଘରଣୀ ତା'ର । କିଏ ଅଟକାଇ ପାରିବ ?

ସେଇଥି ପାଇଁ ହେବ ପରା, ମୋଫସଲିଆଣୀ ସେବତୀକୁ ସୁମତୀ ସହରିଆଣୀ କରିବାକୁ ବିଶେଷ ଆଗ୍ରହୀ ହୋଇ ନ ଥିଲେ । ତା'କୁ ଭଲରେ ରଖିବାକୁ ପରିଷ୍କାର ପରିଚ୍ଛନ୍ନ ରହି ସହର-ଚଳଣିରେ ଅଭ୍ୟସ୍ତ ହେବାକୁ ସେ ନଜର ଦେଉଥିଲେ ।

ସୁମତୀ ସୁସ୍ଥ ହେଲା ପରେ ପୁଣି ତାଙ୍କର ଶିକ୍ଷୟିତ୍ରୀ କାମରେ କେଉଁ ବିଦ୍ୟାଳୟରେ ଯୋଗ ଦେଇଥିଲେ । ତାଙ୍କର ଓ ଡାକ୍ତରଙ୍କ ଅନୁପସ୍ଥିତିରେ ସେବତୀ ଘରେ ରହୁଥିଲା । ତା' ପାଖରେ ଚାକର ପିଲାଟି ମଧ୍ୟ ରହୁଥିଲା ।

ସେବତୀ ଘରର ସବୁ କାମ ନିଜେ କରୁଥିଲା । ସୁମତୀଙ୍କ ପାଖେ ପାଖେ ଥାଇ ରୋଷେଇରେ ସାହାଯ୍ୟ କରୁଥିଲା । ନିଜେ ଶିଖିବାକୁ ଚେଷ୍ଟା କରୁଥିଲା । ବିସ୍ମିତ ହେଉଥିଲା । ମୋଫସଲରେ ବାସ । ଗରିବ ଘରର ରାନ୍ଧଣା ଆଉ ସହର-ଜୀବନରେ ତା' ବିଚାରରେ ଧନୀ ଘରର ରାନ୍ଧଣା ଭିତରେ କେତେ ପ୍ରଭେଦ । ଏଠି ପାଖେ ପାଖେ ପାଣି, ଆଲୁଅ, ପବନ । ନିଆଁ ଜଳା ପାଇଁ ପତର, ଘଷି, କାଠ ଲୋଡ଼ା ହୁଏ ନାହିଁ । ବିଜୁଳି, ଗ୍ୟାସ୍, ବେଳେବେଳେ ଷ୍ଟୋଭ୍ ଜାଳିବାକୁ କିରେସିନ୍ ତେଲର ବ୍ୟବହାର ।

ରାନ୍ଧଣାର ରୀତି ଅଲଗା । ଖାଇବା ଜିନିଷର ପ୍ରକାର ଭିନ୍ନ । ଟେବୁଲ ଉପରେ ଖାନା । ସେ ନିଜେ କିନ୍ତୁ ତଳେ ବସି ଖାଏ । କେହି ଦୃଷ୍ଟି ଦେଲେ ହାତ ଚଳେ ନାହିଁ । ଖାଇବା ଜିନିଷର କେତେ ଜାତିର ନୂଆ ନୂଆ ନାଁ । ସବୁ ପେଟକୁ ଯାଏ, ଅବିକଳ ମୋଫସଲର ମୋଫସଲୀ ଖାଦ୍ୟ ପରି ! ସେ ରାନ୍ଧଣା ପାଟିକୁ ରୁଚିକର ହେଉଥିଲା । ଅଭ୍ୟାସ ହେଲାରୁ ଏ ରାନ୍ଧଣା ବି ସେପରି ହେଲା ।

ସୁମତୀ ଜାଣିଲେ, ସେବତୀ ବାପଘର ଗାଁ'ରେ ପାଠ ପଢ଼ିଥିଲା । ବୃତ୍ତି ପାଇଥିଲା । ଗଣିତରେ ଶହେରୁ ଶହେ ନମ୍ବର ରଖୁଥିଲା । ଓଡ଼ିଆରେ ଅଶୀ ଉପରେ । ଇଂରେଜି ଓ ହିନ୍ଦୀରେ ବି । ଘରଯୋଗ୍ୟା ହେଲାରୁ ତା' ପାଠ ଶେଷ ହେଲା ।

ସୁମତୀ ବି. ଏ ପାସ୍ କରିଥିଲେ । ଟ୍ରେନିଂ ବି । କେତେ ଆଡ଼େ ଶିକ୍ଷୟିତ୍ରୀ କାମ କରି ଶେଷକୁ ଏଇ ସହରକୁ ବଦଳି ହୋଇ ଆସିଥିଲେ ।

ଦିନେ ସେ ସେବତୀ ଆଗରେ ନିଜ ଜୀବନର ଇତିହାସରୁ ଅଳପ ଉନ୍ମୋଚି ଥିଲେ—ଯିଏ ମତେ ସ୍ନେହ ଦେଇଥିଲେ, ସେହି ତରୁଣୀ ଜୀବନରେ ମୋ' ମନରେ ଆଶା ଦେଇଥିଲେ ଯେ ମୋତେ ବିବାହ କରିବେ, ମୁଁ ବାଇଆଣୀ ପରି ତାଙ୍କୁ ମୋ'ର ମନ ଓ ଯଉବନ ଦାନ କରିଥିଲି । ମୋ' ଜାଣିବାରେ ସବୁ ଗୋପନୀୟ, କିନ୍ତୁ ଆମର ସମ୍ପର୍କ ପ୍ରଘଟ ହୋଇଥିଲା ।

ସେ ମତେ ଠକିଲେ ଲୋ ଭଉଣୀ ! ଅନ୍ୟଠାରେ କେଉଁ ଧନୀ ଘରର ଝିଅକୁ ବିବାହ କଲେ । ମୋ'ର ଦୁର୍ନାମ ରଟିଲା । ଯୁଆଡ଼୍ ଯେତେ ସମ୍ବନ୍ଧ ଆସିଲା, ସ୍ୱାର୍ଥପର ଲୋକେ ମୋ'ର ଅପବାଦ ଦେଇ ସବୁ ଭଙ୍ଗାଇଲେ । ମୁଁ ଟାଣ ହେଲି । ସେମାନଙ୍କ ମତରେ ନିର୍ଲଜୀ ହେଲି । ସମସ୍ତଙ୍କୁ ଶୁଣାଇ ଦେଲି ଯେ ମୁଁ ବାହା ହେବି ନାହିଁ, ପାଠ ପଢ଼ିବି ।

ବହୁ ପ୍ରତିବାଦ, ସଙ୍ଘର୍ଷ, ଅସହଯୋଗ, ପ୍ରଲୋଭନ, ପ୍ରେମର ନିମନ୍ତ୍ରଣ ଓ ସୁଖର ସୁନ୍ଦର ସଂସାର ସ୍ଥାପନର ସପନକୁ ଦମନ କରି ମୁଁ ଆଗେଇ ଆସିଲି । କୁଟୁମ୍ବ, ଗ୍ରାମ ଓ ସମାଜକୁ ନମସ୍କାର କରି ମୁଁ ସ୍ୱାଧୀନ ହେଲି ।

ନିଯୁକ୍ତି ମିଳି ସାରିଥିଲା ଲୋ ସେବତୀ ! କାହିଁକି କାହା ଉପରେ ମୁଁ ନିର୍ଭର କରନ୍ତି ? ଭାବିଥିଲି, ମୁଁ ମୋ'ର ସ୍ୱାଧୀନ ହୋଇ ଚଳିବି । ଗୋଟିଏ ପେଟ ପୋଷିବାକୁ, ଭଦ୍ର ଭାବରେ ଗୋଟିଏ ଦେହକୁ ଘୋଡ଼ାଇବାକୁ, ଟିକିଏ ରୁଚିକର ହେବା ପାଇଁ ସାମାନ୍ୟ ଦି'ଖଣ୍ଡି ଗହଣା ମଣ୍ଡି ହେବାକୁ ମୋ' ରୋଜଗାର ମୋ' ପାଇଁ ଯଥେଷ୍ଟ ଥିଲା ।

ମୁଁ ସଂକଳ୍ପ କରିଥିଲି, କାହାକୁ ବିବାହ କରିବି ନାହିଁ । ମାଇପି ଜନମ, ବଂଶ ରକ୍ଷାର ପ୍ରଶ୍ନ ଉଠେ ନାହିଁ । ଏ ଦୁନିଆରେ ପୁରୁଷର ବଂଶ ଗଢ଼ି ଆସିଛି । ସ୍ତ୍ରୀର ନୁହେ । ପୁରୁଷଟିଏ ମତେ ପ୍ରତାରିତ କରିଥିଲା । ଅନ୍ୟ ପୁରୁଷମାନେ ମୋ'ର ଅପବାଦ ନାଗରା ବଜାଇ ଭବିଷ୍ୟତ ସଂସାର କରିବାର ବାଟରେ କଣ୍ଟା ଛାଟିଥିଲେ । ଅନ୍ୟାୟ ପୁରୁଷମାନେ ମତେ କଳଙ୍କିନୀ ମଣି, ଦେଲା ନାରୀ ହେଲା ପାରି ରୀତିରେ ଅପାତ୍ରରେ ଅର୍ପଣ କରି କଳଙ୍କମୁକ୍ତ ଓ ନିଶ୍ଚିନ୍ତ ହେବାକୁ ମସୁଧା କରୁଥିଲେ ।

ସେ ଟିକିଏ ନୀରବ ରହିଲେ । ସେବତୀର ମୁହଁରେ ବିସ୍ମୟର ଆଭାସ ପାଇ ସେ ମୁରୁକି ହସିଲେ । କହିଲେ, ଜାଣୁ କି ସେବତୀ, ମନେ ମନେ ମୁଁ ପ୍ରତିଜ୍ଞା କରିଥିଲି, ଦେବତାଙ୍କୁ ସାକ୍ଷୀ ରଖି ଶପଥ କରିଥିଲି ଯେ ମୁଁ ଚିର-କୁମାରୀ ରହିବି ।

ସେବତୀ ଥଙ୍ଗ ଅଙ୍ଗ ହୋଇ ପଚାରିଥିଲା, ଅପା, ତମେ ତମର ପ୍ରତିଜ୍ଞା ରଖି ପାରିଲ ନାହିଁ । ଦେବତାଙ୍କ ନାମରେ ଯେଉଁ ଶପଥ ନେଇଥିଲ ତା'କୁ ଭାଙ୍ଗିଲ ।

-ହଁ ଲୋ, ହଁ । ଦେବତାମାନେ ମୋ' ଭିତରେ ଚକ୍ରାନ୍ତ କଲେ । ମନକୁ ଆୟତ୍ତ କଲେ । ପ୍ରତିଜ୍ଞା ଭଙ୍ଗାଇଲେ । ଯିଏ ଦୀନଦରିଦ୍ରଙ୍କ ସେବା କରିବାକୁ ଆଜୀବନ କୁମାର ରହିବେ ବୋଲି ପଣ କରିଥିଲେ, ତାଙ୍କରି ଜୀବନରେ ଦିନେ ମୋ' ଜୀବନକୁ ଛନ୍ଦି ଦେଲେ ।

-ଡାକ୍ତରବାବୁ !

-ନୋହିଲେ ଆଉ କିଏ ? ସେଥିପାଇଁ ଆମେ କେବେ ଅନୁତାପ କରିନାହୁଁ । ଦୁଃଖ କରିନାହୁଁ । ପରସ୍ପରକୁ ପାଇ ଆମେ ଦିହେଁ ନିଜ ନିଜକୁ କପାଳିଆ ମନେ କରିଛୁ ।

ସତେ ଗୋ ଅପା !

-ହଁ, ସତେ । କିନ୍ତୁ, କାହିଁକି ଆମେ ପରସ୍ପର ଭିତରେ ହଜାଇ ଦେଇଥିଲୁ ? ଆଶା କ'ଣ ଫଳବତୀ ହେଲା ? ଦେବତାମାନେ ପୁଣି କୂଟ କଲେ । ଆଶା ଫଳବତୀ ହେଲା ନାହିଁ । ହେବ ନାହିଁ—

ସୁମତୀଙ୍କ ଆଖିରେ ଲୁହ ଛଳଛଳ ହୋଇଥିଲା । ସେ କ୍ଷଣକାଳ ପୁଣି ନୀରବ ହେଲେ । ଦୀର୍ଘଶ୍ୱାସ ଛାଡ଼ିଲେ । ସେବତୀର ମୁହଁକୁ ନିବିଷ୍ଟ ନେତ୍ରରେ କେତେ ମୁହୂର୍ତ୍ତ ଚାହିଁ ସାମାନ୍ୟ ହସିଲେ । ଆହ୍ଲାଦରେ ତା'ର ପିଠିରେ ହାତ ମାଞ୍ଜାଳି କହିଲେ, ତୁ କାହିଁକି ମୁହଁ ଶୁଖାଉଛୁ ?

-ମୋ' ଜୀବନଟା ବି ସେମିତି ବିଅର୍ଥ ହେବ ଗୋ ! ଦୟା ପାଇ ତମେ ଆଶ୍ରା ଦେଇଛ । ସବୁ ହରାଇଛି । ଯାହାଙ୍କୁ ଅପେକ୍ଷା କରି ବସିଛି, ସେ ଯଦି,— ସେ ଯଦି—

ସୁମତୀ ଉତ୍ତର ଦେଲେ, ଆମେ ଦିହେଁ ସେହି କଥା କେତେଥର ବିଚାରିଛୁ । ମୋ' ମନର ଦୁଃଖ ଲାଘବ କରିବାକୁ ଠାକୁରେ ତୋ' ପରି ସାଥୀଟିଏ, ସାନ ଭଉଣୀଟିଏ ମୋତେ ଦେଇଛନ୍ତି । ଏ ଘରକୁ ତୁ ଆପଣାର ମଣି ନେ । ଆନନ୍ଦକୁ ଅପେକ୍ଷା କରି ରହିବାକୁ ତ ପଡ଼ିବ । କିଏ ଜାଣେ, ଦିନେ ତା'ର ସନ୍ଧାନ ମିଳିବ । ହେଲେ, କେବେ, କିଏ କହିପାରିବ ?

-ମୁଁ କି ବୁଦ୍ଧି କରିବି ଅପା ? ମୋ'ର ଅଲୋଡ଼ା ଜୀବନକୁ ବହି କାହିଁକି ସନ୍ତୁଳି ହେଉଥିବି ?

ସେବତୀର ଆଖିଲୁହ ଅଞ୍ଚଳରେ ପୋଛି ସୁମତୀ କହିଲେ, ଆଲୋ ବାଇଆଣୀ, ମଣିଷ ଜୀବନ ଅଲୋଡ଼ା ନୁହେଁ । ଅଳସ ଜୀବନ, ଉଦ୍ଦେଶ୍ୟ ନ ଥିଲା ଜୀବନକୁ ମଣିଷର ଅପାରଗତା ଅଲୋଡ଼ା ମନେ । ସମୟ ତା'ର ଛଟପଟ ଜୀବନର ବୋଝ ହୋଇ ତା'କୁ କଲବଲ କରେ ।

-ସେଇଆ ।

-ତୋ' ପାଇଁ ମୁଁ ଗୋଟିଏ ବାଟ ଖୋଜୁଥିଲି ।

-ବାଟ ।

-ତତେ କାମରେ ଲଗାଇବାର ଉପାୟ । ତୋ'ର ଅନର୍ଥକ ଚିନ୍ତା ଦୂର ହେବ । ଭବିଷ୍ୟତରେ ତୁ କାହାରି ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ଠିଆ ହୋଇ ପାରିବୁ । ନିଜ ଅର୍ଜନରେ ଭଦ୍ର-ସମାଜରେ ସ୍ୱାଧୀନ ହୋଇ ସୁଖରେ ସ୍ୱଚ୍ଛନ୍ଦରେ ଚଳି ପାରିବୁ । ଯେତେଦିନ ଇଚ୍ଛା, ସେତେଦିନ ଯାଏ ତୋ'ର ଆନନ୍ଦକୁ ଅପେକ୍ଷା କରି ରହି ପାରିବୁ ।

-କି କାମ ଅପା ? ଉପାୟଟି ପୁଣି କ'ଣ ? ସେ କାମ ମୁଁ କରିପାରିବି ତ ?

-ପାରିବୁ । ତେବେ, ଅଧ୍ୟବସାୟ ଲୋଡ଼ା । ଦିନକୁ ଅନ୍ତତଃ ବାରଘଣ୍ଟା ପରିଶ୍ରମ । ସେତକ ତୁ ମତେ ଦେବୁ । ବାକି ବାରଘଣ୍ଟା ତୋ' ପାଇଁ ରହିବ ।

ବାରଘଣ୍ଟା ! ଏତେ ସମୟ ମୋ'ର କ'ଣ ହେବ ? କେତେ ଦୁଶ୍ଚିନ୍ତା, କେତେ ସପନ ମୋ' ମୁଣ୍ଡରେ ପଶି ମତେ ଛଟପଟ ଆକୁଳ-ବିକଳ କରୁଥିବ ।

-ସେ ସବୁ ତୋ' ପାଖ ପରିବେ ନାହିଁ । ଯଦି ସେମାନେ ଧସେଇ ପଶିବେ ତୋ' ସମୟରୁ ମୋ'ର ଆନନ୍ଦ ପାଇଁ ମୁଁ ମାଗି ନେଉଥିବି । ହେଲା ?

-ମୁଁ ମେଥିକି ରାଜି । କି' କାମ କରିବାକୁ ହେବ ମତେ କହୁନ କାହିଁକି ?

-ତୋ'ର ବୟସ କେତେ ଆଗ କହିଲୁ ? ମୋର ଅନୁମାନ, ତୋ'ତେ କୋଡ଼ିଏ ଏକୋଇଶ ହୋଇଥିବ ।

ସେବତୀ ହସିଲା । କହିଲା, ଏଇ ଛଅ ସାତମାସ ମଧ୍ୟରେ ତମେ ମୋତେ ମୋ' ନ ଦେଖିଲୁ ଦରବ ଅଜଗର ପରି ଗିଳେଇଛ । ମୋ' ବୟସ ଉଣା କରି ଦେଇଛ । ନୋହିଲେ ମୋତେ ତେଇଶି ପୂରିବ ।

ସୁମତୀ କହିଲେ, ହେଉ । ତୋ' ବୟସରୁ ମୋତେ ଆଠୋଟି ବର୍ଷ ତୁ ମତେ ଦେଇ ଦେ । ତୋ'ର ରହିଲା ବାକି ଷୋହଳ ଗୁଲିଲା ବର୍ଷ ! ତୁ ବାପଘର ଗାଆଁର ଅଭିଆଡ଼ି ଝିଅ । ପାଠ ଛାଡ଼ି ଘରେ ରହିଛୁ । ପାଠ ପଢ଼ିବାକୁ ଆତୁର ହେଉଛୁ ।

-ଏବଯାଏ ଆତୁର ହେଉଛି ତ, କିନ୍ତୁ ଜୀବନରେ ଆଉ କ'ଣ ସମ୍ଭବ ହେବ ? ଏ ଜନମରେ ନୁହେ । ଅପା ଗୋ; ଯେଉଁ ଆଠୋଟି ବର୍ଷ ତମେ ମତେ ମାଗୁଛ, ସେତକ ମୋ' ଦେହରେ ମିଶି ଯାଇଛି । ରକ୍ତରେ ଜରିଛି । ମନରେ ଲହଡ଼ି ଭାଙ୍ଗୁଛି । କେମିତି ତା'କୁ ମୁଁ ଅଲଗା କରିପାରିବି ?

ସୁମତୀ ଗମ୍ଭୀର ହେଲେ । ବୋଧହୁଏ ନିଜର ଅତୀତ ମନକୁ ଆସିଲା । କହିଲେ, ସତ । ମୁଁ ମାନୁଛି । ତୋ'ର ସେ ଅତୀତକୁ ଦୂରେଇ ରଖିବାର ଉପାୟ ମୁଁ ପାଇଛି । ତୁ ପୁଣି ପଢ଼ିବୁ । ଘରେ ପଢ଼ିବୁ । ମୁଁ ପଢ଼ାଇବି ।

-ଯାହା ପଢ଼ିଥିଲି ସବୁ ଭୁଲି ଗଲିଣି ।

-ତୁ ଭୁଲି ଯିବୁଣି, ମୁଁ ଜାଣେ । ତେବେ, ବହିଗୁଡ଼ିକୁ ଥରେ ଓଲଟାଇ ଗଲେ ସବୁ ତୋ'ର ମନେ ପଡ଼ିଯିବ । ବୁଝାଇ ଦେବାକୁ, ବତାଇ ଦେବାକୁ ମୁଁ ତୋ' ପାଖେ ପାଖେ ଅଛି । ଆଲୋ ସେବତୀ, ପାଠ ପଢ଼ିବାରେ ଲାଜ ସରମ କ'ଣ ? ମଣିଷର ସଂକଳ୍ପ ଆଉ ଆଗ୍ରହ ଆଗରେ ବୟସ କେବେ ପ୍ରତିବନ୍ଧକ ହୋଇ ଠିଆ ହୋଇ ପାରିବ ନାହିଁ ।

ସୁମତୀ ସେବତୀ ପାଇଁ ବହିପତ୍ର ଆଣିଦେଲେ । 'ଫେଳେଇ ଆଇଲେ ମୂଳରୁ ଟାଆ' ରୀତିରେ ସେ ଲେଖାପଢ଼ା ଆରମ୍ଭ କଲା । ପ୍ରଥମେ ଲୁଚେଇ ଲୁଚେଇ, ଲାଜେଇ ଲାଜେଇ ।

ଡାକ୍ତରଙ୍କୁ ତା'ର ସଂକୋଚ । ତାଙ୍କ ଘରଣୀଙ୍କର ଦୁଃଖରେପଡ଼ି ଆଶ୍ରା ନେଇଥିବା କେଉଁ ଲେଖାରେ ସାନଭଉଣୀ ବୋଲି ସେ ଭୁଲ୍‌ରେ କେବେ ପଦେ ଥଟ୍ଟାଳିଆ କଥା କହି ନାହାନ୍ତି । ଝିଅ ବୟସର ନ ହେଲେ ବି ସେବତୀ ସାତ ସାନ ।

ଲେଖାପଢ଼ାରେ ସୁମତୀ ତା'କୁ ସାହାଯ୍ୟ କରନ୍ତି । ଉତ୍ସାହିତ କରନ୍ତି । ସବୁ ଅଭ୍ୟାସ ପାଲଟା ହେଲା । ଗୃହକର ଟୋକାର ସାହାଯ୍ୟରେ ଛୋଟ କୁଟୁମ୍ବଟିର ଘରକାମ ସେ ହାତକୁ ନେଲା ।

ରାତି ନ ପାହୁଣୁ ସେ ବିଛଣା ଛାଡ଼େ । ଗୃହକରକୁ ଉଠାଏ । ରାତି ପାହିଲେ ଡାକ୍ତର ଉଠନ୍ତି । ଟିକଏ ଡେରିରେ ଉଠନ୍ତି ସୁମତୀ । ସେମାନେ ଦେଖନ୍ତି, ଘରର ବାସିକାମ ସରିଛି । ସବୁ ପରିଷ୍କାର ପରିଚ୍ଛନ୍ନ ହୋଇଛି । ଘର ହସି ଉଠୁଛି । ହସହସ ସେବତୀ ତା'ର ପଢ଼ାଘରୁ ବାହାରି ଆସୁଛି । ଆଖିରେ ତନ୍ଦ୍ରା ଲାଖି ରହିଛି । ତଥାପି, ସେ ପ୍ରଫୁଲ୍ଲ ଦିଶୁଛି ।

ଗୃ' ପିଉଣୁ ସୁମତୀ ପଚାରନ୍ତି, ରାତିରେ ବେଶୀ ବେଳଯାଏ ପାଠ ପଢ଼ି ଅନିଦ୍ରା ରହିଥିଲୁ କି ସେବତୀ ? ତୋ' ଆଖିକୁ ନିଦର ଛାଇ ଢାଂକିଛି ଯେ—

ସେବତୀ କହେ, ଅଙ୍କ କଷୁଥିଲି । ଆଖି ମାଡ଼ି ମାଡ଼ି ପଡ଼ିଲାରୁ ଶୋଇଲି । କଲିଂବେଲ୍ ବାଜିଲାରୁ ନିଦ ଭାଙ୍ଗିଲା । ପଦାକୁ ଆସିଲି । ଖେବନି ଶୋଇ ଶୋଇ ଘୁଙ୍ଗୁଡ଼ି ମାରୁଥିଲା । ଭାବିଲି, ଡାକ୍ତରବାବୁ ଫେରିଥିବେ —

ଡାକ୍ତର କହନ୍ତି, ଖେବନି ତ ଦାଣ୍ଡ କବାଟ ଖୋଲିଲା ।

-କାଳେ ଆଉ କିଏ ହୋଇଥିବ ବୋଲି ମୁଁ ଖେବନିକୁ ଉଠାଇ ଦେଲି । ଗୋଟାଏ କାର୍‌ର ଶବଦ ଶୁଭିଲା ।

-ରାତି ନଅଟାରେ ଆମ ଦୋକାନ ବନ୍ଦ କରି ବସାକୁ ଫେରିଲା ବେଳେ ବଳଭଦ୍ରବାବୁ ନିଜେ କାର୍ ନେଇ ଆସିଲେ ! ତାଙ୍କ ବୁଢ଼ୀମା' ତେଣେ ହତଜ୍ଞାନ ହୋଇ ପଡ଼ିଥିଲେ । ନାହିଁ କରି ପାରନ୍ତି ନାହିଁ । ଚାଲି, ରାତି ବାରଟାରେ ସେଠାରୁ ଫେରିଲି । ବୁଢ଼ୀଙ୍କର ଜ୍ଞାନ ଫେରିଲାରୁ—

-ଡାକ୍ତରବାବୁ ଉପାସ ରହିଲେ ଅପା !

-ବଳଭଦ୍ରବାବୁଙ୍କ ଘରେ ଜଳଖିଆ ଖାଇଥିଲି । ପେଟରେ ଜାଗା ନ ଥିଲା । ନିଦ ଘାଣ୍ଟୁଥିଲା । ଚୁପ୍‌ଚାପ୍ ଶୋଇ ପଡ଼ିଲି । ତମ ପଲଙ୍କରେ ମଶାରି ଭିତରେ ତମେ ସପନ ଦେଖୁଥିଲ, ପ୍ରଚୁର ହସୁଥିଲ ।

ସୁମତୀ ପଚାରିଲେ, ଉଠାଇଲ ନାହିଁ ?

ଡାକ୍ତର କହିଲେ, କାହିଁକି ତମର କେଉଁ ସୁଖର ସପନଟି ଭାଙ୍ଗି ଦେଇଥାନ୍ତି ? ମୋ' ପଲଙ୍କରେ ମୁଁ ନିଶ୍ଚିନ୍ତରେ ଶୋଇଲି । ଜାତି ଜାତି ହସିଲି । ହସୁ ହସୁ ସଙ୍ଗେ ସଙ୍ଗେ ନିଦ ହୋଇଗଲି ।

କଥାକୁ ମୋଡ ବୁଲାଇ ସୁମତୀ କହିଲେ, ତମେ ଜାଣ କି, ଏଇ ଦିଓଟି ବର୍ଷ ଭିତରେ ସେବତୀ ତା'ର ପଢା ଲେଖାରେ କେତେଦୂର ଆଗେଇ ଗଲାଣି ?

-କେତେ ଦୂର ?

ସେ ପଢା କରୁଛି, ବୁଝିଲ ? ପୁରୁଣା ପାଠ କେବଠାରୁ ଶେଷକରି ସେ ଆଗକୁ ମାଡି ଚାଲିଛି । ଆଉ ଗୋଟିଏ ବର୍ଷରେ ସେ ପ୍ରବେଶିକା ପରୀକ୍ଷା ଦେବାକୁ ଉପଯୁକ୍ତ ହେବ ।

-କେଉଁଠି ବିଦ୍ୟାଳୟରେ ନ ପଢି ସେ ପରୀକ୍ଷା ଦେବାକୁ ବୋର୍ଡର ଅନୁମତି ପାଇବ କି ?

-ସେଇଥି ପାଇଁ ଏ ପ୍ରଶ୍ନ ମୁଁ ଉଠାଇଲି । କହିବାକୁ ହେବ ଯେ ସେ ଏକାଦଶ ଶ୍ରେଣୀରେ ପଢୁଥିଲା । ବନ୍ୟାର କବଳରେ ପଡି ଗ୍ରାମ ସଙ୍ଗେ ସଙ୍ଗେ ସ୍କୁଲ ଏବଂ ତା'ର ସବୁ କାଗଜପତ୍ର ଭାସି ଯାଇଥିଲା ।

-କିଏ ବିଶ୍ୱାସ କରିବ ?

-ବଡ଼ବଡ଼ିଆଙ୍କ ପାଖରୁ ତମକୁ ଗୁଡିଏ ସାର୍ଟିଫିକେଟ୍ ଆଣିବାକୁ ହେବ । ସେବତୀ ତମର ଶାଳ ଲେଖା । ତମର ସବୁ ଆନନ୍ଦ ମହାପାତ୍ରର ପଢ଼ା ନାହିଁ । ଏତକ ସେମା ନ ଜାଣନ୍ତୁ । ତମର ବହୁତ ବଡ଼ବଡ଼ିଆ ସାଙ୍ଗ ଅଛନ୍ତି । ସେମାନେ ତମ ପାଖରେ କୃତଜ୍ଞ । ଦୁଇ, ତିନିଖଣ୍ଡି ସାର୍ଟିଫିକେଟ୍ ମିଳିଲେ, ବାକି କାମ ମୁଁ କରେଇ ପାରିବି । ସେବତୀ ଘରୋଇ-ଛାତ୍ରୀ ହିସାବରେ କେଉଁ ବିଦ୍ୟାଳୟର ଟେଷ୍ଟ-ପରୀକ୍ଷାରେ ବସିବାକୁ ଅନୁମତି ପାଇବ ।

ଡାକ୍ତର କ'ଣ ଚିନ୍ତା କରିବାକୁ ଲାଗିଲେ । ହଁ-ନାହିଁ ଜବାବ ନ ଦେଇ ସେ ସେବତୀକୁ ଗ୍ରହଣ କହିଲେ, ଯେଉଁଦିନ ତମ ନିଜ ଉପରେ ନିଜର ବିଶ୍ୱାସ ଆସିବ ଯେ ପରୀକ୍ଷା ଦେଲେ ନିଶ୍ଚୟ ପାସ୍ କରିବ, ସେଇଦିନ ମତେ କହିଲେ ମୁଁ ସାର୍ଟିଫିକେଟ୍ ଯୋଗାଡ଼ କରିଦେଇ ପାରିବି । ଏବହୁଁ କି ଦର୍କାର ?

ସୁମତୀ ସମ୍ମତି ଜଣାଇଲେ ।

ସେବତୀ ଦ୍ୱିଗୁଣ ଉତ୍ସାହରେ ତା'ର ତପସ୍ୟା ଆରମ୍ଭ କରିଦେଲା । ସେ ଯେ ଏ ଘରର କେହି ନୁହେଁ, ଜଣେ କାହୁଁ ଅଇଲା ମଣିଷ, ଆଉ ତା'ର ଗୋଟାଏ ଅତୀତ ଥିଲା ଏସବୁ ନିଘଟ ସତ୍ୟର ସ୍ମରଣା ତ' ଟକଣି ପାଖରୁ ଦୂରେଇ ଦୂରେଇ ଗଲା । ଅସ୍ପଷ୍ଟ ହେଲା ।

ଆହୁରି ଦିଓଟି ବର୍ଷ ନ ପୂରୁଣୁ ସେବତୀ ଦୃଢ଼ ଆତ୍ମବିଶ୍ୱାସ ସହ ସୁମତୀଙ୍କର ବିଦ୍ୟାଳୟରୁ ଟେଷ୍ଟ-ପରୀକ୍ଷାରେ ଘରେଇ ଛାତ୍ରୀ ରୂପେ ଦକ୍ଷତାର ସହ ମନୋନୀତ ହେଲା । ଯଥା ସମୟରେ ବୋର୍ଡର ପ୍ରବେଶିକା ପରୀକ୍ଷାରେ ଯୋଗ ଦେଲା ।

ସୁମତୀଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ଆଗରୁ କହି ଦେଲେ ଯେ ସେବତୀ ପ୍ରଥମ ଶ୍ରେଣୀରେ ପରୀକ୍ଷା ପାସ୍ କରିବ ।

ଡାକ୍ତର ମୁଣ୍ଡ ହଲାଇ ଦେଲେ । କହିଲେ, ସେହିପରି ଆଶା ମୁଁ ଦିନେ କରିଥିଲି । ଚାରି ପାଞ୍ଚ ନମ୍ବର କମିଗଲା । ତମେ ଫେଲ୍ ହେବ ବୋଲି ଫଳ ବାହାରିବା ଆଗରୁ କାନ୍ଦୁଥିଲ ପରା ? ପ୍ରଥମ ଶ୍ରେଣୀ ପାଇଲ କିପରି ?

-ସାଧାରଣ-ବିଜ୍ଞାନରେ ନିଶ୍ଚୟ ଫେଲ ହେବି ଭାବିଥିଲି ।

ଡାକ୍ତର ସେବତୀକୁ ପଚାରିଲେ, ତମେ କ'ଣ ଆଶା କରିଛ କୁହ ?

ସେବତୀ ଉତ୍ତର ଦେଲା, ମୋ'ର ନିଜ ଉପରେ ଆସ୍ଥା ନାହିଁ । କି ଆଶା କରି ପାରିବି ? ଅପାଙ୍କ ଆଦେଶ ମାନି ପରିଶ୍ରମ କରି ପଢିଛି । ତାଙ୍କରି ନିର୍ଦ୍ଦେଶରେ ପରୀକ୍ଷା ଦେଇଛି । ସେତିକି ମୋ'ର ଆନନ୍ଦ । ତେବେ ମୋ'ର ବିଶ୍ୱାସ, ଅପାଙ୍କର ସମ୍ମାନ ମୋ' ପାଇଁ ହାନି ହେବ ନାହିଁ । ମୁଁ ନିଶ୍ଚୟ ପାସ୍ କରିଯିବି ।

ସେବତୀ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥିଲା ।

ସମସ୍ତେ ଖୁସି । ସେ ଘରେ ସେବତୀର ସମ୍ମାନ ବଢିଲା । ପରପଣିଆ ଉଭେଇଗଲା । ସ୍ୱାଧୀନତା ବଢିଲା । ଚଳଣିରେ ସଂକୋଚ ରହିଲା ନାହିଁ ।

ସୁମତୀଙ୍କର ସ୍ନେହରେ ଦିନୁଦିନ ସେ ଅଧିକରୁ ଅଧିକ ବାନ୍ଧି ହେଲା । ସାନ ଭଉଣୀର ଆସନରୁ ଆଣି ତା'କୁ ସେ ବାନ୍ଧବୀର ଆସନରେ ବସାଇଲେ । ଘର ଚଳାଇବାର ଦାୟିତ୍ୱ, ଟଙ୍କା କଉଡ଼ିର ହିସାବ, ଡାକ୍ତରଙ୍କର ତତ୍ତ୍ୱ ନେବା କାମ ସବୁଥିରେ ତା'ର ସାହାଯ୍ୟ ଲୋଡ଼ିଲେ ।

ସେବତୀର କାହିଁରେ କୁଣ୍ଠା ରହିଲା ନାହିଁ ।

ଆହୁରି ପଢିବାକୁ ତା'ର ଆଗ୍ରହ ଜନ୍ମିଥିଲା । କିନ୍ତୁ, କି ସାହସରେ ତା'ର ମନର କଥା ସେ ସୁମତୀଙ୍କ ଆଗରେ ପ୍ରକାଶ କରିବ ? ସେ ନିଜେ ସେ ପ୍ରଶ୍ନ ଉଠାଉ ନାହାନ୍ତି ।

ନିଜ ହାତରେ ସେ ତା'ର ମୁଣ୍ଡ ବାନ୍ଧି ଦିଅନ୍ତି । ଦିନେ ଗେହ୍ଲେଇ କହିଲେ, ସବୁ ଭଲ ଗୁଣରେ ତୁ ପରିପୂର୍ଣ୍ଣ । ତୋ'ର ନିରୋଗ ଦେହ, ସୁନ୍ଦର ରୂପ ଦେଖିଲେ ମୋ'ର ଭରି ଈର୍ଷା ହୁଏ । ମନହୁଏ, କେମିତି ମୁଁ ତୋ' ଭିତରେ ଆପଣାକୁ ହଜାଇ ଦିଅନ୍ତି କି ।

ସେବତୀ ଲାଜେଇ ଗଲା । କହିଲା, ତମର ପାଦ ତଳକୁ ମୁଁ ସରି ନୁହେ ଅପା ! ତମର ଦୟାର ଜୀବଟିଏ ମୁ , ଆଶ୍ରିତା । ସେବିକା । ମତେ ତମେ ଯେଉଁ ରୂପରେ ଦେଖିଲେ ତମର ଆନନ୍ଦ ହେବ ସେଇଆ କରି ସଜାଉଛ । ତମକୁ ସୁଖୀ ଦେଖିଲେ ମୁଁ ଖୁସି ହୁଏ ।

ସୁମତୀ ହସିଲା ଆଖିରେ ତା'କୁ ଚାହିଁ ରହନ୍ତି । ଧୀରେ ଧୀରେ ହସ ଉଭେଇ ଯାଏ । ଆଖି ଦିଓଟି କେବଳ ତାକୁ ଚାହିଁ ରହିଥାଏ । ସେବତୀ ବୁଝେ ଓ ବିସ୍ମିତ ହୁଏ । ତାଙ୍କ ଆଖିର ଦୃଷ୍ଟି ବାହାରର କିଛି ଦେଖୁ ନ ଥାଏ । ତାଙ୍କ ନିଜ ଭିତରେ, ଅବା ଅନ୍ୟ କେଉଁଠି ଭ୍ରମୁଥାଏ ।

ସେ ଡରିଯାଏ ହୁଏ । କେତେ ମୁହୂର୍ତ୍ତ ପରେ ସେ ତମର ଉଠିଲା ପରି ଲାଗନ୍ତି । ମଧୁରଭାଇ ହସନ୍ତି । କିନ୍ତୁ ସେହି କେତୋଟି ମୁହୂର୍ତ୍ତ ସେବତୀକୁ ଲାଗେ କେତେ ବୋହିଲା ସମୟ ପରି ଯାହା ଭିତରେ ତା'ର ସୁମତୀଅପା କେଉଁଠି ହଜି ଯାଇଥିଲେ । କ'ଣ ଖୋଜୁଥିବେ ? ଈର୍ଷାରେ କେଉଁ ଟିକେ ହେଉଥିଲେ ? ଅଭାଗିନୀ ନିଜମାଖି ଆଶ୍ରିତା ଉପରେ ଈର୍ଷା ? ନିଜେ ସବୁ ଗଲା କଳାମୁହାଁ-କାଙ୍ଗାଳୁଣୀ ଉପରେ ଈର୍ଷା କାହିଁକି ? ଯା' ନହିଲେ କ୍ଷଣକରେ ଦାଣ୍ଡରେ ଉଠି ନିଅନ୍ତେ ?

ତା'ର ସ୍ୱାସ୍ଥ୍ୟ ଭରପୂର ସୁନ୍ଦର ମୂର୍ତ୍ତିଟି ଉପରକୁ ଦୁଃଖ ଓ ନିରାଶାର ପତଳ ବାଦଲ ଘୋଟି ଆସିଲା । ବିଜୁଳି ଚମକ ପରି ମନକୁ ଆସି ମୁହୂର୍ତ୍ତକରେ ଉଭେଇ ଗଲା ଆନନ୍ଦ । ଚାରି ବର୍ଷ କାଳ ଖବର ମିଳିଲା ନାହିଁ । ସେ କ'ଣ ଏ ଦୁନିଆରେ ନାହିଁ ? ତା' ହେଲେ ସେ କ'ଣ ବିଧବା ହୋଇ ସାରିଛି ?

ହସ ହସ ସୁମତୀ ତା'ର ହାତଟିଏ ଧରିଲେ । ତାଙ୍କରି ପଲଙ୍କ ଉପରେ ଅଳପ ଦୂରରେ ସେବତୀ ବସିଥିଲା । ବିଜୁଳି ପଙ୍ଖା ଧୀରେ ଧୀରେ ବୁଲିଥିଲା । ବାହାରର ଖରାଧାସକୁ ବାଧା ଦେବାକୁ ଝରକା ଗୁଡ଼ିକର ଚୋଳମୀ ପରଦା-ସବୁ ଟଣା ହୋଇଥିଲା । ବଡ଼ କୋଠରୀର ଯାଉଁଳି କବାଟ ଖୋଲା ଥିଲେ ବି ପରଦା ଝୁଲା ହୋଇଥିଲା ।

ଜୁନ୍ ମାସର ଶେଷ ସପ୍ତାହ । ଗ୍ରୀଷ୍ମ ଛୁଟି ପାଇଁ ସ୍କୁଲ କଲେଜ ବନ୍ଦ । ସମୟ ଅପରାହ୍ନ ପାଞ୍ଚଟା । ଡାକ୍ତର ଘଣ୍ଟାଏ ତଳେ ତାଙ୍କର କ୍ଲିନିକ୍‌କୁ ଯାଇ ସାରିଥିଲେ । ଭେରବନି ଦଣ୍ଡ ଘରେ କୋଟିଏ ବେଞ୍ଚ ଉପରେ ଦେହ ଗଡ଼ ବହି ଖଣ୍ଡେ ପଢୁଥିଲା । ତା'ର କ୍ଷୀଣ ସ୍ୱର ଶୁଭୁଥିଲା । ସୁମତୀ ସେବତୀକୁ ପାଖରେ ବସାଇ ଗପ କରୁଥିଲେ । ସିନେମା ଗପ ।

ଭଲ ଛବିଟିଏ ଆସିଲେ କେବେ କେବେ ସୁମତୀ ତା'କୁ ସଙ୍ଗରେ ନେଇ ଯାଆନ୍ତି । ସିନେମା ଦେଖାର ସଉକ ଡାକ୍ତରଙ୍କର ନ ଥାଏ । ତାଙ୍କର ବେଳ ନ ଥାଏ । ତଥାପି, ସୁମତୀ ଅନୁରୋଧ କଲେ କେବେ କେମିତି ସେ ବାଧ୍ୟ ହୁଅନ୍ତି ।

ଗତ ସନ୍ଧ୍ୟାରେ ସେ ଯାଇଥିଲେ । ଭଲମନ୍ଦ ପଚାରିବାରୁ କହିଥିଲେ, ବେଙ୍ଗ୍ ଆମେ ଦଦାୟକ । ସବୁ ଏକା ପରି ଲାଗେ । ସେ ଝିଅଟି, ଯାହା ପାଇଁ ଏତେ ଲୋକଙ୍କର ମନରେ ଉତ୍ତେଜନା ଜାଗିଲା, ତା'କୁ କେଉଁଠି ଦେଖିଲା ପରି ମନେ ହେଉଛି । ଚିହ୍ନା ଚିହ୍ନା ଦିଶିଲା ।

ଡାକ୍ତର ହସ ହସ ମୁହଁରେ ସେବତୀକୁ ଚାହିଁଲେ । ତା' ଉପରୁ ମୁହଁ ଫେରାଇ ସୁମତୀଙ୍କୁ କହିଲେ, ତମର ନିଶ୍ଚୟ ସେହି ମତ ।

ସେ ତର ତର ହୋଇ କ୍ଲିନିକ୍‌କୁ ଗଲେ । ତାଙ୍କର ଡେରି ହୋଇଥିଲା । ସକାଳ ନଅଟା । କେତେ ରୋଗୀ ଅପେକ୍ଷା କରିଥିବେ ।

ସେଦିନ ଅପରାହ୍ନରେ ସୁମତୀ ସେହି ସିନେମା ତାରକା ଝିଅଟିର ଅଭିନୟ ବିଷୟରେ ଆଲୋଚନା କରୁଥିଲେ । ପ୍ରଶଂସା କରୁଥିଲେ । ସେବତୀ ଶୁଣୁଥିଲା । ଡାକ୍ତରଙ୍କର ମତାମତ ଓ ତା' ଆଡ଼କୁ ଚାହିଁଲା ହସକୁ ସେ ହେଜିଲା । ଭାବିଲା, ହୋଇଥିବ କିଏ । ଡାକ୍ତର ଅନେକଙ୍କୁ ଦେଖନ୍ତି । ଚିକିତ୍ସା କରି ଆରୋଗ୍ୟ କରନ୍ତି ।

ସୁମତୀ ତା'ର ହାତ ଧରି କହିଲେ, କାହିଁକି ମୁହଁ ଶୁଖାଇଲୁ ସେବତୀ ? ତୁ କେତେ ସୁନ୍ଦର ତୁ କ'ଣ ନିଜେ ବୁଝି ପାରୁଛୁ ? ଡାକ୍ତର ଯେଉଁ ଝିଅଟି କଥା କହୁଥିଲେ, ଚିହ୍ନା ଚିହ୍ନା ସିନେମା-ତା'ରକା, ତା'କୁ ମୁଁ ବି ଚିହ୍ନି ପାରିଲି । ତାକୁ ଜାଣିନୁ ?

-କିଏ ଅପା ?

-ମୋ' ପାଖକୁ ଘୁଞ୍ଚିଆ ।

ସେବତୀ କଥା ମାନିଲା ।

ସୁମତୀ ହସ ହସ ମୁହଁରେ ତା'ର ମୁଣ୍ଡଟିକୁ ଦୁଇ ହାତରେ ଧରିଲେ । କହିଲେ, ମୁଣ୍ଡ ନୋଇଁଲୁ, ତୋ' କାନରେ କହିବି ।

ସେବତୀର ଗାଲରେ ବୋକ ଦେଲେ । କହିଲେ, ତା ନାମ ସେବତୀ ।

ତା'କୁ ମୁକ୍ତି ଦେଇ ପୁଣି କହିଲେ, ମୁହଁଟି ଯେମିତି । ଯେଉଁ ସୁନ୍ଦର ଶାଢ଼ି ବ୍ଲାଉଜ ପିନ୍ଧିଥିଲୁ, ତୋ'ତେ ବେଶ୍ ମାନିଥିଲା । କାନର ନୂଆ ଫୁଲ ଦିଓଟି ବି ।

ସେବତୀର ମୁହଁ ଲାଜରେ ରଙ୍ଗିଲା ହେଲା ।

ପରୀକ୍ଷାର ଫଳ ବାହାରିଲା । ଖୁସିରେ ସୁମତୀ ଡାକ୍ତରଙ୍କୁ କହିଥିଲେ, ତା'ର ଭଲ ଶାଢ଼ି ନାହିଁ । ଦୁଇଶ ଟଙ୍କାରୁ ମୂଲ୍ୟ କମ୍ ହେବ ନାହିଁ । ତମେ ତା'କୁ ଉପହାର ଦେବ । ତମର ସେବା କରିବାରେ ସେ କେବେ ତ୍ରୁଟି କରି ନାହିଁ । ମୁଁ ତ ଅକ୍ଷମ ଡାଇବେଟିକ୍ ରୋଗୀଟା ।

ଡାକ୍ତର କହିଲେ, 'ତମର ରକ୍ତରେ ଶର୍କରାର ଭାଗ ଟିକିଏ ବଢ଼ିଛି । ଏଥିପାଇଁ ଡରି ଯାଇଛ ? ଚିନ୍ତା କର ନାହିଁ । ଖାଦ୍ୟରେ ସାବଧାନ ରହ । ଔଷଧ ରୀତିମତ ଖାଅ । ଶର୍କରା ଆୟତ୍ତାଧୀନ ରହିବ ।

ସେବତୀ କହିଲା, ସତେ, ଅପା ଡରି ଯାଇଛନ୍ତି । ତାଙ୍କୁ ସିନା ପିଲ ଖୋଇବି, ଖାଦ୍ୟ କେମିତି ଢୋକାଇ ପାରିବି ? ଅପା ଦୁର୍ବଳ ହୋଇ ପଡ଼ୁଛନ୍ତି ।

-ନାଇଁ ମ, ମୁଁ କାହିଁକି ଡରିବି ? ଦୁର୍ବଳ ବା ହେବି କାହିଁକି ? ବେଳେ ବେଳେ ଟିକିଏ ହାଲିଆ ଲାଗୁଛି । ତୁମେ କଥା ବାଆଁରେଇ ଦେଉଛ । ସେବତୀର ଶାଢ଼ି କିଣା କଥା କହୁଥିଲି ।

-ଭୁଲି ନାହିଁ । ବିଗ୍ଭରୁଥିଲି, ତାଙ୍କର ଦକ୍ଷତା ପାଇଁ ଉପହାର ଦେବି, କି ତାଙ୍କର ସେବା ପାଇଁ ମୂଲ୍ୟ ଦେବି ?

ସେବତୀ କହିଲା, ମୋ'ର ଉପହାର ଲୋଡ଼ା ନାହିଁ । ମୁଁ ଅପାଙ୍କର ଆଦେଶ ମାନିଛି । ମୋ' କର୍ତ୍ତବ୍ୟ କରିଛି । ମୂଲ୍ୟ ବା ମୂଲ ମୋ'ର ଲୋଡ଼ା ନାହିଁ ।

ଡାକ୍ତର ତା ମୁହଁକୁ ଗ୍ଭହିଁ ହସିଲେ । କହିଲେ, ଠିକ୍ କହୁଛ । କର୍ତ୍ତବ୍ୟ କରିବା ଉଚିତ । ତମ ଅପାଙ୍କ ଆଦେଶ ମୋ'ର କର୍ତ୍ତବ୍ୟ ।

-ନାଇଁ ମ, ମୋ'ର ଆଦେଶ ନୁହେ, ଗୋଟିଏ ଛୋଟ ପ୍ରସ୍ତାବ ।

-ମୁଁ ଗ୍ରହଣ କରୁଛି । ଶାଢ଼ି କିଣା ଦାୟିତ୍ୱଟି ତମର ।

ସୁମତୀ କେବଳ ଦାମିକା ଶାଢ଼ି କିଣି ଆଣି ନ ଥିଲେ, ତା' ସଙ୍ଗରେ ଧଳା ପଥର ବସା ହଳେ କାନଫୁଲ । ସେତକ ତାଙ୍କ ସ୍ନେହର ଉପହାର । ସାତ ସପନରେ ଜୀବନରେ ସେ କେବେ ଦେଖି ନ ଥାନ୍ତା । ସେହି ଶାଢ଼ି ଓ ଫୁଲ ପିନ୍ଧି ସେ ସିନେମା ଦେଖିବାକୁ ଯାଇଥିଲା ।

ସେଦିନ ଅପରାହ୍ଣରେ—

-ତୋ' ଉପରେ ମୋ'ର କାହିଁକି ଈର୍ଷା ହୁଏ ଜାଣୁ ? ତୋ' ରୂପ ଓ ସ୍ୱାସ୍ଥ୍ୟ ପାଇଁ ନୁହେ । ତୁ ଫଳନ୍ତି ଗଛ । ମନ କଲେ ଫଳବତୀ ହେବୁ । ମୁଁ, ଅଫଳନ୍ତିଟିଏ । ମୋ' ଜୀବନଟା ବ୍ୟର୍ଥ, ଅଭିଶପ୍ତ ।

ତାଙ୍କର ଆଖିରେ ଲୁହ ଢଳଢଳ ହେଲା ।

ସେବତୀ ନିଜେ କଲବଲ ହେଉଥିଲା । ପ୍ରତିବାଦ କରିବାକୁ ଭରସି ନ ଥିଲା । କହିବାକୁ ବହପ ନ ଥିଲା ଯେ ସେ ଫଳନ୍ତି ଗଛଟି ଅଫଳନ୍ତା ରହିବ । ମଳୟ ତା'କୁ ଛୁଇଁ ଛୁଇଁ ଉଲୁସାଉଥିବ । କୁତୁକୁତୁ କରି ଗ୍ଭଲି ଯାଉଥିବ । କଲବଲିଆ ସେ ଅନୁଭବ । ଢେଉପରି ମାଡ଼ି ଆସି ହତାଶରେ କଅଁଳି ହୁଏ । ଭିଡ଼ିମୋଡ଼ି ହୋଇ ପଛକୁ ଟାଣି ହୋଇଯାଏ ।

ସୁମତୀଙ୍କର ଆଖିରେ ଲୁହ । ପେଟ ଭିତରେ ଗୋପନ ଗୁହାରେ ଷଠ: ସନ୍ତାନ ଗଢ଼େ । ଡାକ୍ତରମାନେ ତା'କୁ କାଟି ଫିଙ୍ଗି ଦେଇଥିଲେ । ତାଙ୍କର ପ୍ରାଣ ବଞ୍ଚାଇଥିଲେ ।

ସେ ଝୁଆ-ରଙ୍କୁଣୀ । ପରପିଲାଙ୍କୁ ଦେଖିଲେ କୋଟିନିଧି ପାଇଲା ପରି ହୁଅନ୍ତି । ଦିନେ ସେ କହିଲେ, ଆଲୋ ସେବତୀ, ଯେଉଁ ଘରେ ପିଲା ନ ଥାନ୍ତି ସେ ଘର ମରୁଭୂମିରୁ ହୀନ । ସେଠି ସବୁ ଥାଇ କିଛି ନ ଥାଏ । ଆଶା ନାହିଁ, ଦାୟିତ୍ୱ ନାହିଁ, ଭବିଷ୍ୟତ୍ ନାହିଁ ।

ସେବତୀ ସାନ୍ତ୍ୱନା ଦେବା ଆଶାରେ କହିଲା, କେଉଁଠୁ ଦମ ମନଲାଖି ସୁନ୍ଦର ଝିଅଟିଏ ଆଉ ପୁଅଟିଏ ଆଣୁ ନ ଅପା । ଆମେ ତାଙ୍କୁ ଯତ୍ନରେ ପାଳିବା, ବଢ଼ାଇବା । ସେମାନଙ୍କର ହସ ଖୁସି, ପାଟିତୁଣ୍ଡରେ ଏ ଘର ପୂରି ଉଠିବ ।

-ତୋ' ମନ ବି ଖୋଜୁଛି, ମୁଁ ଜାଣେ ।

-ଅପା !

ସେ ଦିନ ସେବତୀର ମନ ମଥିତ ହୋଇଥିଲା ।

ସୁମତୀ କହିଲେ, କିଏ ମୋ' ମନଲାଖି ପିଲା ଦିଓଟି ମୁଁ ମାଗିଲେ ମୋ ହାତକୁ ଟେକି ଦେବ ଲୋ ବାଇଆଣୀ ? ଦାଣ୍ଡରୁ ହାଟରୁ ସାଉଁଟି ଆଣିବି ନାହିଁ ତ !

ସେବତୀ ଉତ୍ତର ଦେଇ ପାରି ନ ଥିଲା । ସେ ଶୁଣିଥିଲା, ପୁଣି କେଉଁ ପତ୍ରିକାମାନଙ୍କରୁ ପଢ଼ିଥିଲା ଯେ ଏବକାର ବିଖ୍ୟାତ ବୈଜ୍ଞାନିକ ଓ ଚିକିତ୍ସକମାନେ ମଣିଷ ଦେହର କେଉଁ କେଉଁ ଅଙ୍ଗ ନଷ୍ଟ ହୋଇଗଲେ ତା'କୁ କାଟି ଫୋପାଡ଼ି ନୂଆ ନୂଆ ଜୀବନ୍ତ-ଅଙ୍ଗ ସେଠାରେ ଯୋଡ଼ିଦେଉଛନ୍ତି । କାହାର ସୁସ୍ଥ ଜୀବନ୍ତ ଜରାୟୁ ଆଣି ଯଦି ସୁମତୀଙ୍କ ପେଟରେ ଥାପନା କରଯାଇ ପାରନ୍ତା, ତାଙ୍କର ଆଶା ପୂରଣ ହୁଅନ୍ତା ନାହିଁ ?

ସେ ମୁହଁ ଖୋଲି ନ ଥିଲା । କାଳେ ସେ ଉପହାସ ମଣିବେ ? କାଳେ ଆହୁରି ଅଧିକ ଦୁଃଖରେ ସେ ଭାଙ୍ଗି ପଡ଼ିବେ ? କିନ୍ତୁ, କେତେ ଦିନ ପରେ, ସେହି ନିରୋଳା ଅପରାହ୍ନରେ, ସୁମତୀଙ୍କର ସ୍ନେହର ଚୁମ୍ବନ ପାଇ, ଅମୃହର ହୋଇ, ତା'ର ମନର କଥାଟିକୁ ପ୍ରକାଶ କରିବାକୁ ସେ ସାହସ କଲା ।

ପଚାରିଲା, ଯେଉଁ ରୋଗଣା ଜରାୟୁ ସେମାନେ କାଟି ଦିଅନ୍ତି, ତା' ସ୍ଥାନରେ ସୁସ୍ଥ-ସବଳ ଜରାୟୁ ଯୋଡ଼ି ଦେଇ ପାରନ୍ତେ ନାହିଁ ? ଏ କାଳର ସୁଦକ୍ଷ ଡାକ୍ତରମାନେ ମଲା ମଣିଷକୁ ବଞ୍ଚାଇବା ଛଡ଼ା ଆଉ ସବୁ ପ୍ରକାର ଅସାଧ୍ୟ ସାଧନ କରି ପାରୁଛନ୍ତି ପରା !

-ହଁ ଲୋ ! ଖାଲି ପୁଅଙ୍କୁ ଝିଅ ଓ ଝିଅଙ୍କୁ ପୁଅ କରିବାକୁ ଅକ୍ଷମ । ଏ ସହରରେ ନ ହେଲେ କେଉଁ ବଡ଼ ସହରରେ, ଏ ଦେଶରେ ନ ହେଉଥିଲେ ପୃଥିବୀର ଆଉ କେଉଁ ଦେଶରେ ହେଲେ ହେଉଥିବ । ଡାକ୍ତରଙ୍କୁ ଜଣା ।

-ସେଇଆ କଲେ ହୁଅନ୍ତା ନାହିଁ ଅପା ? ବହୁତ୍ତ ଟଙ୍କା ଖରଚ ହେବ ?

-ସେଥିକୁ ଡର ନାହିଁ । ଡାକ୍ତର ନିଜର ପ୍ରିଷ୍ଟିଜ୍ ପାଇଁ ନିଶ୍ଚୟ ମନେ ମନେ ଝୁରି ହେଉଥିବେ । ଆଉ ଗୋଟିଏ ବାହା ହେବାକୁ ତାଙ୍କୁ ପ୍ରବର୍ତ୍ତାଇ ପାରିଲି ନାହିଁ । ସେ ମନ ଦୁଃଖ କଲେ ।

-କରନ୍ତେ ନାହିଁ ? ତମ ପରି ଗୁଣବତୀ ଲକ୍ଷ୍ମୀ-ସରସ୍ୱତୀ ସମ ଘରଣୀଙ୍କର ସେ ସଉତୁଣୀ କରାଇ ଦିଅନ୍ତେ ?

-ମୋ'ର ଆପତ୍ତି ନାହିଁ କହିଲି । ସେ ରାଜି ହେଲେ ନାହିଁ । ମୋ' କଥାକୁ ହସରେ ଉଡ଼ାଇ ଦେଲେ । ସେ ବାହା ହୋଇ ସଂସାର କରିବାକୁ ଚାହୁଁ ନ ଥିଲେ । କିନ୍ତୁ ପରସ୍ପର ପ୍ରତି ଆମର ପ୍ରଗାଢ଼ ଅନୁରାଗ ସଂସାର କରି କୁଟୁମ୍ବ ଗଢ଼ିବାକୁ ଆମକୁ ବିବାହ-ବନ୍ଧନରେ ବାନ୍ଧିଥିଲା । ହୀନ-କପାଳୀ ମୁଁ, ସେ ଆଶା ପୂରଣ କରି ପାରିଲି ନାହିଁ ।

ପୁଣି ସୁମତୀଙ୍କର ଆଖିରେ ଲୁହ ଢଳ ଢଳ ହୋଇଥିଲା । ସେବତୀ ବୁଝାଇ କହିଲା, ଦୁଃଖ କରନା ଅପା । ଯେତେ ଧନ ଖରଚ ହେବାର ହେଉ, ଡାକ୍ତର ବାବୁ ମନ କଲେ ନିଶ୍ଚୟ ଯୋଗାଡ଼ କରି ପାରିବେ । ତମେ ନୂଆ ଜରାୟୁ ପେଟ ଭିତରେ ଖଞ୍ଜାଅ ।

ସୁମତୀ ଗମ୍ଭୀର ହେଲେ । ଦୀର୍ଘଶ୍ୱାସ ଛାଡ଼ି କହିଲେ, ମୁଁ ଜାଣୁଛି; ତୁ ନିବୋଧପଣରୁ ଏପରି ଅସମ୍ଭବ ପ୍ରସ୍ତାବ କରୁଛୁ । ଅନ୍ୟ କେହି ଶୁଣିଲେ ମଣିବ ମୋ' ବିଫଳ ନାରୀତ୍ୱକୁ ତୁ ଉପହାସ କରୁଛୁ । ହଇଲେ, ସଂସାରରେ ଏମିତି କେଉଁ ଜଣକ ଅଛି ଯିଏ ଜୀବନରେ ପାଣି ଛଡ଼ାଇ ମୋ' ପାଇଁ ତା' ପେଟରୁ ତା'-ନାରୀ ଜନମର ସର୍ବଶ୍ରେଷ୍ଠ ସମ୍ବଳ, ଅମୂଲମୂଲ ଅଙ୍ଗକୁ କାଢ଼ି ଦେବାକୁ ସମ୍ମତ ହେବ ?

ସେବତୀ ଚମକି ଉଠିଲା । ସେ ଜାଣି ନ ଥିଲା ଯେ ସୁମତୀଙ୍କ ଦୁଃଖ ପାଇଁ ତା'ର ସହାନୁଭୂତି, ବିକଳପଣ, ତାଙ୍କ ମନରେ ଏପରି ଧାରଣା ଆଣିବ । ଆଉ, ପରଙ୍କ ଉପଲକ୍ଷ ଦେଇ ସେ ନିଜେ ତା'କୁ ଉପହାସ ମଣିବେ । କାନ୍ଦକାନ୍ଦର ତୁହା'ଇ କୋହକୁ ଆୟତ୍ତ କରିବାକୁ ସେ ଟିକିଏ ନୀରବ ରହିଲା ।

କୋହ ସମ୍ଭାଳି ନିଜନ ହୋଇ ସେ କହିଲା, ଅପା ଗୋ, ସଂସାରରେ ଆଜି ଯେଉଁ ଜଣେ ଏକା ମୋ'ର, ଯିଏ ମୋତେ ନୂଆ ଜୀବନ ଦେଇଛନ୍ତି, କେଉଁ ସାହସରେ ତାଙ୍କୁ ମୁଁ ଉପହାସ କରନ୍ତି ? ଦରକାର ହେଲେ କେହି ନ ମାଗୁଣୁ ମୁଁ କ'ଣ ମୋ' ଜୀବନଟା ତମ ହାତକୁ ଟେକି ଦିଅନ୍ତି ନାହିଁ ? ସତ କହୁଛି ଗୋ ଅପା, ମୋ'ର ଅଲୋଡ଼ା ଜରାୟୁ ମୋ' ଭିତରୁ କଢ଼ାଇ ତମ ଭିତରେ ରୋପଣ କର । ଯେଉଁଠି ଏହା କରାଯାଇ ପାରିବ, ସେଠାକୁ ମୋତେ ନେଇ ଯିବାକୁ ଡାକ୍ତର ବାବୁଙ୍କୁ କହ । ମୁଁ ଯିବି ।

ସୁମତୀ ହସି ଉଠିଲେ । ସେବତୀର ପିଠିରେ ହାତ ଥାପଡ଼ି କହିଲେ, ତୁ ଏହା ପାରିବୁ, ମୁଁ ଜାଣେ । ଦେଢ଼ ବର୍ଷ ତଳେ ସ୍କୁଲଫେରନ୍ତି ମୋ ରିକ୍ସାଟି ଯେଉଁଦିନ ମଟରଗାଡ଼ି ଧକ୍କାରେ ଓଲଟି ପଡ଼ିଥିଲା—

ତମର ଗୋଡ଼ ଧରୁଛି ଅପା, ସେ କଥା ମନେ ପକାଅ ନାହିଁ । ମୋ' ଅଲୋଡ଼ା ଦେହରେ ତମ ସଞ୍ଚିଲା ରକ୍ତ ତମ ଦେହରେ ଭରିବାକୁ ମନ ଖୁସିରେ ମୁଁ ଦେଇଥିଲି । ମୋ'ର କ'ଣ ବା ଊଣା ହେଲା ?

ବାଆଁ ଜଙ୍ଘର କଟା ଦାଗଟା ମୋ'ର ମନେ ପକାଇ ଦିଏ । ରକ୍ତକ୍ଷୟ ଯୋଗୁ ଜ୍ଞାନ ହରାଇଥିଲି । ମୋ' ଦେହର ଅଧେ ରକ୍ତ ଢାଳି ଦୋ'ରି । କିନ୍ତୁ ଲୋ ଭଉଣୀ, ରକ୍ତ ଦେବା ଆଉ ଜରାୟୁ ଦେବା ସମାନ ନୁହେଁ । କାଳକ୍ରମେ ଊଣା ହେଲା ରକ୍ତ ଭରଣା ହୁଏ । ଯେମିତି ଦାନକଲା ଆଖି ଆଉ ନୂଆ ହୋଇ ଗଜୁରେ ନାହିଁ, ସେମିତି—

ମୋ'ର ପେଟ ଭିତରର ସେହି ଅଙ୍ଗ ଆଉ ଗଜୁରିବ ନାହିଁ ? ସେଇଟା ମୋ'ର ଅନାବଶ୍ୟକ ।

ହଁ, ଅପା, ଅନାବଶ୍ୟକ । ସେ-ସେ ଏ ସଂସାରରେ ନାହିଁ । ଠାକୁରେ କରନ୍ତୁ, ସେ ବଞ୍ଚିଥାଉ । କେଜାଣି, ସେ ବାଉବୁଲା ଫକୀର ହୋଇଥିବ । କିଏ ଜାଣେ, ମୁଁ ମରିଛି ଭାବି ସେ ନୂଆ ସଂସାର କେଉଁଠି ପାତି ସାରିବଣି । ଷଠୀଙ୍କ ଦୟାରୁ ପୁଅ ଝିଅଙ୍କର ବାପ ବି ହୋଇ ସାରିବଣି । ସେ ମୋ'ର ଅଲୋଡ଼ା । ମୁଁ ତା'ର ଅଲୋଡ଼ା ।

ସେବତୀର ଛଳଛଳ ଆଖି ଦେଖି ସୁମତୀ ଚିନ୍ତିତ ହେଲେ । ସତେ, ଆନନ୍ଦକୁ ଠାବ କରିବାର ସବୁ ଚେଷ୍ଟା ବ୍ୟର୍ଥ ହୋଇଥିଲା । ସେବତୀର ଅନୁମାନ ଯଥାର୍ଥ ହୋଇ ପାରେ । ଆନନ୍ଦ ମିଳିବ ନାହିଁ ।

କହିଲେ, ତୋ'ର ଦୁଃଖ ମୁଁ ବୁଝି ପାରୁଛି । ଭାଗ୍ୟ ଉପରେ ଅଭିମାନ କରି ତୋ' ନାରୀ-ସମ୍ପଦକୁ ମୋତେ ଦାନ କରିବାକୁ ତୁ ଆଗେଇ ଆସୁଛୁ । କେତେ ଦୁଃଖରେ, ମୁଁ କ'ଣ ଅନୁମାନ କରି ପାରୁ ନାହିଁ । ତୋ' ମା-ପ୍ରେରଣାର ବିକଳ କାନ୍ଦଣା ମୋ' ଭିତରେ ମୁଁ ଶୁଣି ପାରୁଛି ।

-କାନ୍ଦଣା ନୁହେ ମ ଅପା, ଉତ୍‌କଣ୍ଠା ! ଦାନ କ'ଣ ଦେବି ମୋ'ର ଆଶ୍ରୟଦାୟିନୀ କରୁଣାର ଅବତାର ଅପାଙ୍କୁ ? ନାହିଁ, ନାହିଁ ! ମୋ'ର ଭେଟି । ମୋର ନୈବେଦ୍ୟ ।

-ଏଁ ?

ସେଇଠୁ, ତମରି ଭିତରେ ମୁଁ ନିଜକୁ ଅନୁଭବ କରୁଥିବି । ଗୃତକୀ ପରି ମୋ'ର ଆତ୍ମା ଗୃହିଁ ରହିଥିବ ।

-କାହାକୁ ?

-କେବେ ତମର ନଷ୍ଟ-ଆଶାର ଭ୍ରୂଣ ଦିଓଟି, ଆଉ ମୋ'ର ହଜିଲା ଝିଅ ଓ ପେଟରେ ନଷ୍ଟ ପୁଅଟି ଏକାକାର ହେବେ । ଗୋଟିକ ପରେ ଗୋଟିଏ ତମରି ଭିତରୁ ଓହ୍ଲାଇ ଆସିବେ ଏଇ ଅଗଣାକୁ ।

-ତୋ'ର ମମତାର, ଝୁରିଲା-ମନର ସପନ !

-ସପନ ସତ ଫଳିବ । ପୁଅ ଝିଅଙ୍କର ହସ ଖୁସି, ପାଟି ତୁଣ୍ଡରେ ଏ ଘର ମୁଖର ହେବ । ତମର ଆନନ୍ଦରେ.........

-ତୋ' ଅନନ୍ଦ ମିଶି ଏକାକାର ହେବ । ତୋ'ର ଭେଟି ମୁଁ ଆଗ୍ରହରେ ଗ୍ରହଣ କରୁଛି ।

-ଅପା, ମୁଁ ଭାରି ଖୁସି । ମୁଁ ନିଶ୍ଚିନ୍ତ ହେଲି । ଡାକ୍ତର ବାବୁଙ୍କୁ ତମେ କହ—

-କହିବି ଲୋ ପାଗଳୀ, ନିଶ୍ଚେ କହିବି । ତାଙ୍କୁ ମଙ୍ଗାଇବା ସହଜ ନୁହେଁ ମ । ଯାହା ତୁ ମତେ ଦେଇ ସାରିଛୁ ସେତକ ତୋ' ପାଖରେ ସେମିତି ଥାଉ । ତା'କୁ ଅବଶ୍ୟ ମୋ' କାମରେ ଲଗାଇବି । ସମୟ ଲୋଡ଼ା । ଅପେକ୍ଷା କର ।

ସୁମତୀ ହସ ହସ ପ୍ରଫୁଲ୍ଲ ମୁହଁରେ ସେବତୀର ଭରପୂର ମୂର୍ତ୍ତିକୁ ଚାହିଁଲେ । ମୁଗ୍ଧ ହେଲେ । ତା'ର ସୁନ୍ଦର ମୁହଁରେ ଶାନ୍ତି-ସନ୍ତୋଷର ଆଭା । ହେଇଁକି ପଡ଼ି ତାକୁ ସେ ଆଲିଙ୍ଗନ କଲେ । ତୁନି ତୁନି କହିଲେ, ସତେ ଲୋ, ତୋ' ଭିତରେ ମୁଁ ନିଜକୁ ହରାଇ ଦେଇଛି । ଆମେ ଦିହେଁ ଅଭିନ୍ନ ହୋଇ ସାରିଛୁ । ତତେ ମୁଁ ଈର୍ଷା କରିବି କାହିଁକି ?

ସେବତୀ ସୁମତୀଙ୍କର ଆଲିଙ୍ଗନରେ ଥରି ଉଠିଥିଲା । ଥରୁଥିଲେ ସୁମତୀ । ତୁଣ୍ଡର ଭାଷା ବୁଝିଥିଲେ ମଧ୍ୟ ସେହି ଭାଷାର ଉଦ୍ଦେଶ୍ୟ ସେବତୀ ବୁଝିବାକୁ ଅକ୍ଷମ ହୋଇଥିଲା ।

ନୂଆ ଉତ୍ସାହରେ ସେବତୀ କଲେଜରେ ନାମ ଲେଖାଇଲା । ପାଠ ଆରମ୍ଭ କରିଲା । ସହପାଠିନୀମାନେ ତା'ଠାରୁ ବୟସରେ ସାତ ସାନ । ସେମାନେ ତ କୁ ପରୁଚିଲା ପରୁଚିଲା ଆଖିରେ ଦେଖୁଥିଲେ । ଅଧ୍ୟାପିକାମାନେ ମଧ୍ୟ । ପ୍ରଥମେ ପ୍ରଥମେ ତା'କୁ ଲାଜ-ସଂକୋଚ ଘୋଟି ଆସୁଥିଲା । ଉତ୍ସାହ ତୁଟି ଯାଉଥିଲା । ତା'ର ଗାମ୍ଭୀର୍ଯ୍ୟ ହୋଇଥିଲା ତା'ର ରକ୍ଷା-କବଚ । ତା'ର ଜୀବନ ସମ୍ବନ୍ଧରେ ସେମାନେ ଆଗ୍ରହୀ ହୋଇଉଠିଥିଲେ । ସୁମତୀଙ୍କ ପାଖରୁ ତା' ସମ୍ବନ୍ଧରେ ଶୁଣିଥିବା କାହାଣୀକୁ ବିଶ୍ୱାସ କରିବାକୁ ସେମାନେ ବାଧ୍ୟ ହୋଇଥିଲେ ।

ସୁମତୀ ପ୍ରଚାର କରିଥିଲେ ମନଗଢ଼ା ଗଳ୍ପ—ସେ ମୋର ସମ୍ପର୍କୀୟା ସାନ ଭଉଣୀ । ବାପଘରେ ଆଶ୍ରା ଦେବାକୁ କେହି ନାହିଁ । ସ୍ୱାମୀର ଅତ୍ୟାଚାର ସହି ନ ପାରି ତାଙ୍କରି ପାଖରେ ଆଶ୍ରା ନେଇଛି । ଦରିଦ୍ର ସ୍ୱାମୀ ତ ଅପଦାର୍ଥ, ମଦ୍ୟପ, ଦୁଶ୍ଚରିତ୍ର । ମୁଣ୍ଡକୁ ପିତ୍ତ ଉଠିଲେ ସେବତୀକୁ ନିସ୍ତୁକ ଛେଚେ । ଘର ଛାଡ଼ି କାହିଁ ପଳାଏ । ବାବନାଭୂତ ପରି କେତେ ଆଡ଼ ବୁଲି ମାସ ମାସ କଟାଇ ଘରକୁ ଫେରେ । ପୁଣି ଆରମ୍ଭ ହୁଏ ଅତ୍ୟାଚାର ।

କେତେ ସହନ୍ତା ? ମୁଠିଏ ଖାଇ ଖଣ୍ଡେ ପିନ୍ଧିବାର ଉପାୟ କ'ଣ ? ଅସାମାଜିକ ଲୋକଙ୍କ ଶଠତା ସମସ୍ତଙ୍କୁ ଜଣା । ତା' ଦାରିଦ୍ର୍ୟ ଓ ନିଃସାହା-ପଣକୁ କବଳିତ କରିବାକୁ ଆଗ୍ରହୀ ହେବା ସ୍ୱାଭାବିକ । ସେହି ଭୟରେ ସେ ଚାଲିଆସିଛି । ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟା କରୁଛି । ସେ ସହାନୁଭୂତି ମାଗୁଛି ।—

ସେମାନେ ପୁଣି ଜାଣନ୍ତି ଯେ ସେବତୀ ଦିଁଓଟି ନ-ଥିଲା ସନ୍ତାନଙ୍କର ଜନନୀ !

ସେବତୀ ସ୍ନେହ, ସହାନୁଭୂତି ପାଇଥିଲା । ନିଜର ସଂକଳ୍ପ ପାଇଁ ସେମାନେ ତା'କୁ ପ୍ରଶଂସା କରୁଥିଲେ । ଅତ୍ୟାଚାରୀ ଅପଦାର୍ଥ ସ୍ୱାମୀ ବିରୁଦ୍ଧରେ ତା'ର ଯୁଦ୍ଧଯାତ୍ରାକୁ ସ୍ୱାଗତ ଜଣାଉଥିଲେ । ଆଦର୍ଶ ବୋଲି ପ୍ରଚାରୁଥିଲେ ।

ସତ ଓ ମିଛର ମିଶ୍ରଣରେ ଗଢ଼ା କାହାଣୀକୁ ସେ ଆପଣାର କରିଥିଲା । ସୁମତୀଙ୍କୁ କିଛି ପଚାରିବାକୁ କେବେ ସେ ମନ କରି ନ ଥିଲା । କେତେ ଅବତାର ସେ ଗୋଟିଏ ଦିନରେ ହେଉଥିଲା ।

ସମୟ ଓ ଆଳସ୍ୟକୁ ସେ ଜୟ କରି ପାରିଥିଲା । ଘରକାମ, ସୁମତୀଙ୍କର ଓ ଡାକ୍ତରବାବୁଙ୍କର ସେବାଯତ୍ନ ନେବାରେ ହେଳା କରୁ ନ ଥିଲା । ତଥାପି, ସେ ପଢୁଥିଲା । ବିଚକ୍ଷଣ ତା'ର ସ୍ମରଣ ଶକ୍ତି ।

ରୀତିମତ ଔଷଧ ଖାଇ, ଡାକ୍ତରଙ୍କ ପରାମର୍ଶ ମତେ ଖାଦ୍ୟର ପ୍ରକାର ଓ ପରିମାଣ ନିୟନ୍ତ୍ରଣ କରି ସୁମତୀ ତାଙ୍କ ରକ୍ତର ଶର୍କରା ଭାଗ ଆୟତ୍ତରେ ରଖିବାକୁ ଚେଷ୍ଟା କରୁଥିଲେ । ପ୍ରତି ମାସରେ ପରୀକ୍ଷା କରାଯାଉଥିଲା । ଯେତେ ସାବଧାନ ହେଲେ ମଧ୍ୟ ଆବଶ୍ୟକ ପରିମାଣରୁ ଶର୍କରା କେବେ ଅଧିକ ହେଉଥିଲା, କେବେ କମି ଯାଉଥିଲା । ଔଷଧ ଓ ଖାଦ୍ୟର ପରିମାଣ କମାଇବାକୁ, ଅବା ବଢ଼ାଇବାକୁ ଡାକ୍ତର ସେବତୀକୁ ପରାମର୍ଶ ଦେଉଥିଲେ ।

ସେବତୀ ହିଁ ସୁମତୀଙ୍କୁ ଯଥା ସମୟରେ ଔଷଧ ଓ ଆହାର ଖାଇବାକୁ ଦେଉଥିଲା । ସୁମତୀ ନିଜ ସମ୍ବନ୍ଧରେ ଏସବୁ ବିଷୟରେ ଅଯତ୍ନଶୀଳା ଥିଲେ । ନିଜେ ପଢ଼ିବାରେ, ସେବତୀକୁ କେବେ କେବେ ପଢ଼ାଇବାରେ, ଘର କାମରେ ସାହାଯ୍ୟ କରିବାରେ ସେ ସମୟ କଟାଉ ଥିଲେ । ବିଦ୍ୟାଳୟକୁ ଯିବା ଆସିବାରେ, ସେଠାରେ ପ୍ରାୟ ଆଠଘଣ୍ଟା ସେ ବିତାଉଥିଲେ । ଏକାକୀ, ଅବା ସଙ୍ଗରେ ସେବତୀକୁ ନେଇ ହାଟବଜାରକୁ ଯାଉଥିଲେ । ବାରଣ ମାନୁ ନ ଥିଲେ ।

ଦିନୁ ଦିନ ସେ ଦୁର୍ବଳ ହେଉଥିଲେ । କେବେ ମୁଣ୍ଡ ଭ୍ରମୁଥିଲା, କେବେ ଛାତି ଧଡ଼କୁ ଥିଲା, କଟି ଓ କାନ୍ଧରେ ବେଦନା ଅନୁଭବ କରୁଥିଲେ । ହେବୁ ସେ ବେଖାତିର କରୁଥିଲେ । ହସୁଥିଲେ ଓ କହୁଥିଲେ, ଡାକ୍ତରବାବୁ ମିଛରେ ମୋ' ପାଇଁ ବ୍ୟସ୍ତ ହେଉଛନ୍ତି । ଏ ରୋଗ ଭଲ ହୁଏ ନାହିଁ ।

-ଭଲ ହୁଏ ନାହିଁ ଅପା ?

-ତାଙ୍କୁ ପଚାରିବୁ । ରୋଗ ହୋଇଥିଲେ ସିନା ଭଲ ହେବ ? ଯେ ଗୋଟାଏ ଭୟଙ୍କର ଅଦେଖା ଜନ୍ତୁ । ମଣିଷ ଭିତରେ ଲୁଚିଥାଏ । ରୋଗମାନଙ୍କୁ ଡକାରି

ଆଣେ । ସେଇ ଜନ୍ତୁଟାକୁ ଆୟତ୍ତ କରିବାକୁ ଓଷଧ ଖିଆ, ଖାଦ୍ୟ କଟକଣା । ସବୁ ତ କରୁଛି । ତା'କୁ ଡରିବି କାହିଁକି ?

-ଡାକ୍ତରବାବୁ କହୁଥିଲେ, ତମର ବିଶ୍ରାମ ଲୋଡ଼ା ।

-ବଂଚିଥାଉଣୁ ମୁର୍ଦ୍ଦାର ପରି ଶୋଇ ରହିବି ତ ବଂଚିବା ଦରକାର କ'ଣ ? ଚାକିରି ଛାଡ଼ି ଦେବାକୁ ସେ ମତେ କେତେଥର କହିଲେଣି ।

-ସେଇଆ କରୁନ ? ତମର କି' ଅଭାବ ଅଛି ?

-ମୋ' ଅଭାବ ବଢ଼ିଯିବ ଲୋ ସେବତୀ । ମନର ଅଭାବ । ମୁଁ ନିଃସ୍ବ ହୋଇଯିବି । ଯେଉଁ ପିଲାଟିମାନଙ୍କ ମେଳରେ ନିତି କେତେଘଣ୍ଟା ସମୟ କାଟୁଛି ମୁଁ ମଣୁଛି ଯେ ମୁଁ ନିଷ୍ଫଳା ନୁହେ । ସେମାନେ ମୋ' ମନର ଅଭାବ କିଛିକାଳ ପାଇଁ ପୂରଣ କରନ୍ତି । ତୁ ଯଦି ପିଲାଟିଏ ହୋଇଥାନ୍ତୁ, ଅବା ପିଲାଟିଏ ଦେଇ ପାରନ୍ତୁ—

-ଅପା ।

-ତୋ' ଦାନ କଥା ବିଚାରୁଛୁ ?

-ଦାନ ନୁହେ ଅପା, ଭେଟି । ଡାକ୍ତରବାବୁ କ'ଣ କହିଲେ ? ଡେରି କରୁଛ କାହିଁକି ? ମୁଁ ତ ପ୍ରସ୍ତୁତ ।

-ସେ ବିଶ୍ବାସ କଲେନାହିଁ । ସେ ପରିହାସ ମଣିଲେ । ତୋ' ତୁଣ୍ଡରୁ ଶୁଣିଲେ ପରତେ ଯାଇ ପାରନ୍ତି । କହି ପାରିବୁ ?

ସେବତୀ ଲାଜେଇ ଗଲା । ମୁହଁ ତଳକୁ କରି ନିରୁତ୍ତର ରହିଲା ।

ସେଦିନ ରବିବାର । ସ୍କୁଲ କଲେଜ ବନ୍ଦ । କିନ୍ତୁ, ଡାକ୍ତରଙ୍କର କ୍ଲିନିକ୍ ବନ୍ଦ ହୁଏ ନାହିଁ । ସେ ସାମାନ୍ୟ ବିଳମ୍ବରେ ଯାଆନ୍ତି । ଫେରନ୍ତି ଡେରିରେ । ମଧ୍ୟାହ୍ନ-ଭୋଜନ ପାଇଁ ଆସନ୍ତି ନାହିଁ । ଆଗେ ସୁମତୀ ନିର୍ଦ୍ଦେଶ ଦେଉଥିଲେ କିନ୍ତୁ ଡାକ୍ତରଙ୍କ ଅଭ୍ୟାସ, କେଉଁ ସମୟରେ ସେ କି' ପ୍ରକାର ଖାଦ୍ୟ ଖାଆନ୍ତି ସେ-ବିଷୟ ଜାଣିଲା ପରେ ସେବତୀ ନିଜେ ଦାୟିତ୍ୱ ନେଇ ଭୋଜନ ହାତରେ କ୍ଲିନିକ୍‌କୁ ପଠାଇ ଦିଏ ।

ସେ ଅଳ୍ପାହାରୀ । ଖାଦ୍ୟରେ ନିରଭଙ୍ଗରୀ'ୀ ଦି' ଚାରିଖଣ୍ଡି ରୁଟି, କନ୍ଦୁଲିଆ ଡାଲି, ପରିବା ସିଝା, ଗୋଟିଏ ଡିମ୍ବରେ ପୋଚ ବା ଆମ୍‌ଲେଟ୍ ଟିକିଏ ଚଟଣି ହେଲେ ତାଙ୍କର ଯଥେଷ୍ଟ । ମସଲା ଗୁଣ୍ଡ, ଲୁଣ ଅଲଗା ପଠାଯାଏ । ଶାଗର ପ୍ରିୟ । ବାଛବିଚାର ନାହିଁ ; ଗୋଟିଏ ପାଚିଲା କଦଳୀ, ଅବା କମଳା ଲେମ୍ବୁ ହେଲେ ସେ ଖୁସି । ମାଛ ମାଂସ ପ୍ରତି ଆସକ୍ତି ନାହିଁ । ମନ ହେଲେ ସେ ନିଜେ କେବେ କିଣି ଆଣନ୍ତି ।

ତାଙ୍କର ଅଭ୍ୟାସ ସମସ୍ତଙ୍କ ଅଭ୍ୟାସରେ ପରିଣତ ହୋଇଥିଲା । ତେବେ, ରାତିରେ ଭାତ ମଧ୍ୟ ରନ୍ଧା ହେଉଥିଲା । ଭୋଜନି ଖାଏ । ବଳକା ଭାତ ତା' ପାଇଁ ସକାଳକୁ ରହେ । ମନହେଲେ ସେବତୀ ବି ଖାଏ । ପଦାର୍ଥ ନଷ୍ଟ ହୁଏ ନାହିଁ ।

ଯାହା ବଳେ, ଫ୍ରିଜ୍‌ରେ ସାଇତା ହୋଇ ରହେ । ଘରେ କାଠ ବା କୋଇଲା ଆବଶ୍ୟକ ହୁଏ ନାହିଁ । ଗ୍ୟାସ୍ ଚୁଲିରେ ରନ୍ଧା ହୁଏ । ବେଳ ଅବେଳ ପାଇଁ ଷ୍ଟୋଭ୍ ପାଖରେ ଥାଏ ।

ରନ୍ଧାରନ୍ଧିରେ ଅଧିକ ସମୟ ବ୍ୟୟ ହୁଏ ନାହିଁ । ଅନ୍ୟାନ୍ୟ କାମ କରିବାକୁ, ଘର ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଓ ପଢ଼ିବାକୁ ବେଳର ଅଭାବ ରହେ ନାହିଁ । ନୂଆ ପରିସ୍ଥିତି, ନୂଆ ଚଳନ ଧୀରେ ଧୀରେ ଅଭ୍ୟାସ-ପାଲଟା ଓ ପ୍ରକୃତିଗତ ହେଲା । ଚିହିଁକା-ଚମକ ଯେବେ ବିଜୁଳି ବେଗରେ ବିଗତ ପରିବେଶ ଓ ଚଳଣି ଆଡ଼କୁ ଅଙ୍ଗେଳିଖି ଅନୁଭୂତି ପାଇଁ ଭାବନାକୁ ଭିଡ଼ି ନିଏ ସେବତୀର ଛାତି ଧଡ଼କି ଉଠେ । ହାଉଳା ବାଉଳା ଭାବନା କଲବଲ ହୋଇ ଅତୀତରେ ଧକ୍କା ଖାଇ ଫେରି ଆସେ ।

କାକୁସ୍ଥ ହୁଏ । ବିଲିବିଲାଏ, କି ଜୀବନ ଲୋ ମା । ନାକଫଟା ଗନ୍ଧ ଭଣ ଭଣ । ଅସନା ଅନିଚ୍ଛୋଗ ।

ଯେ ଯଦି କେବେ ଫେରେ, ସେହି ମୂରୁଖ ମୂଲିଆ, ଯିଏ ତା'ର ହାତ ଧରିଥିଲା, ଝୁରି ଝୁରି ବାଇଆ ? ବାତୁଳ ଅଧା-ଜୀବନିଆଁ ଗେରସ୍ତଟି—ଯଦି ସେ ଦୁନିଆ ଦରଣ୍ଡି ଏଇଠି ଠାବ କରେ ? ଲୁହଭରା ଆଖିରେ କାକୁତି କରେ, ଆଲୋ ସେବତୀ, ଆଜିମ ଆମେ ଫେରିଯିବା । ବାଲି ପନ୍ତାର ଆଡ଼େଇ କୁଡ଼ିଆ ଟେକିବା । ମୂଲ ଲାଗି ପେଟ ପୋଷିବା । ହଜିଲା ପିଲାଙ୍କୁ ନୂଆକରି ଦର୍ଜନା ଗଢ଼ିବା । ସେପୁରରୁ ବାହୁଡ଼ାଇ ଆଣିବା—

ସେବତୀ ଛ ନିଆ ହୁଏ । ନାହିଁ-ନାହିଁ ମନ ଉତ୍ତର ବତାଏ । କହିଦେ, କିଏରେ ତୁ ବାହାପିଆ ସାହସିଆଟା ? କାହାକୁ କହୁଛୁ ? ତୁ ଅଚିହ୍ନା ଅଜଣା ମଣିଷ ।

ତୁନୀ ରହିଲୁ କାହିଁକି ସେବତୀ ? କ'ଣ ଭାବୁଛୁ ? ମନ ଦୁଡୁଗୁଡୁ ? ପଛାଉଛୁ ?

ସେବତୀର ଅନ୍ୟମନସ୍କତା ଭାଙ୍ଗିଲା । ସେ ଚମକି ଉଠିଲା । କହିଲା, ନାହିଁ ଅପା । ସକାଳେ ଖାଇବାକୁ ଦେଲାବେଳେ ଡାକ୍ତରବାବୁ କହିଲେ ସେ ଠିକ୍ ସମୟରେ ଘରକୁ ଫେରିବେ ନାହିଁ । ଡେରି ହେବ । ତାଙ୍କ ପାଇଁ ମଧ୍ୟାହ୍ନ ଭୋଜନ କ୍ଲିନିକ୍‌କୁ ପଠାଇବାକୁ ପଡ଼ିବ । ଭୋଜନି ଫଳ କିଣିବାକୁ ଯାଇଛି । ଏତେବେଳ ଯାଏ ଫେରି ନାହିଁ । ଗୋଟାଏ ବାଜିବ । ସେଇଆ ଭାବୁଥିଲି ।

ସୁମତୀ କହିଲେ, ମୋ' ଦେହ ଭଲ ରହୁ ନ ଥିବାରୁ ତାଙ୍କ ଖବର ବୁଝିବାର ଦାୟିତ୍ୱ ମୁଁ ତତେ ଦେଇଛି । ଜାଣି ସାରିବୁଣି ତ ସେ କେମିତି ଅଖଳ ମଣିଷ ? କାହିଁରେ ଓଜର ଆପତ୍ତି ନ ଥାଏ । ତାଙ୍କ ପାଟିକି ସବୁ ସୁଆଦ ଲାଗେ । କେଉଁ କଥାରେ ଅବିଗୁଣ ପାଆନ୍ତି ନାହିଁ ।

ହୁଁ ! ମୋ ଆଖିରେ ସେ ଦେବତା ।

-ନାଇଁ ଲୋ ଓଲଗି । ମଣିଷ ଦେହ ଧରି କେହି କେବେ ଦେବତା ହୁଏ ନାହିଁ । ଦେହ ଧରିଲେ, ଦେବତା ବି ମଣିଷ ହୁଏ । ସଂସାରର ମାୟା ଲାଗେ । ଦେହ ଓ ମନର ନିର୍ଦ୍ଦେଶ ତାଂକୁ ମାନିବାକୁ ପଡେ । ସେ ପୁଣି ଅମର ହୋଇ ଚିରକାଳ ବଞ୍ଚିବାକୁ ଚାହେ ଲୋ ବାଇଆଣୀ ।

-କେହି ବଞ୍ଚେ ନାହିଁ ଅପା ।

-ସମସ୍ତେ ଜାଣନ୍ତି । ତେଣୁ, ସେମାନେ ତାଙ୍କର ସନ୍ତାନମାନଙ୍କ ମଧ୍ୟରେ ଚିରକାଳ ବଞ୍ଚି ରହିବାର ସ୍ୱପ୍ନ ଦେଖନ୍ତି ।

-ସତ । ସେଇଥି ପାଇଁ ସଂସାର କରନ୍ତି । ଜୀବନ-ମୂର୍ଚ୍ଛା ତାଙ୍କରି ପାଇଁ ପରିଶ୍ରମ କରନ୍ତି ।

ସେହି ସ୍ୱପ୍ନ ମୁଁ ଦେଖିଥିଲି । ଆତୁରିଆ ହୋଇ ଦେଖୁଥିଲି । ସେ ଫୁଲ୍ଲ-ଫାଙ୍କଡିଆ ମଣିଷ ଥିଲେ । ଯାହା ରୋଜଗାର କରୁଥିଲେ ସବୁ ବେ-ପରବା ହୋଇ ଫୁର୍ତ୍ତି ଆନନ୍ଦରେ ଉଡାଉଥିଲେ । ତାଙ୍କର ସେହି ଉଚ୍ଛୃଙ୍ଖଳ ଜୀବନରେ ଗୋଟିଏ ନିନ୍ଦିତ ଘଟଣା ଘଟିଥିଲା । ସେଥିପାଇଁ ତାଙ୍କ ପରି ଜଣେ ସୁଦକ୍ଷ ପ୍ରଶଂସିତ ଡାକ୍ତର ନିଜେ ଅନୁତପ୍ତ ହୋଇ ଚାକିରି ଛାଡିଥିଲେ ।

-ନିନ୍ଦିତ ଘଟଣା ?

-ସେପରି କିଛି ନୁହେଁ, ତଥାପି ସେ ନିଜକୁ ଦୋଷୀ ମଣିଥିଲେ । ଚାକିରି ଛାଡିଲେ । ସେତେବେଳେ ସେ ମୋ'ର ବନ୍ଧୁ ଥିଲେ । ତାଙ୍କୁ ମୁଁ ସଂସାର ଗଢିବାର ସ୍ୱପ୍ନ ଦେଖାଇଥିଲି । ମୁଁ ସେହିଆ ଚାହୁଁଥିଲି । ଏକୁଟିଆ ଜୀବନ, ଦାୟିତ୍ୱହୀନ ଜୀବନ ମୋତେ ଅସହ୍ୟ ବୋଧ ହେଉଥିଲା । ନିଜେ ସେ ସେହିପରି ଅନୁଭବ କରୁଥିଲେ, ଅବା ମୋ' ପ୍ରତି କରୁଣା କରିଥିଲେ, ମୁଁ ଜାଣେ ନାହିଁ । ମୋତେ ସେ ବିବାହ କରିଥିଲେ ।

ସେବତୀ ତାଙ୍କରି ମୁହଁରୁ ଆଗରୁ ଏହା ଥରେ ଶୁଣିଥିଲା । ସେ ବୁଝିଲା, ଏତେ ବଡ଼ ଘଟଣା, ଯହିଁରେ କେତେ ଆଶା କେତେ ସ୍ୱପ୍ନ ଜଡିତ ହୋଇଥିଲା, ତାକୁ ସେ ଭୁଲିପାରି ନାହାନ୍ତି ।

ତାଂକୁ ନିରୁତ୍ତର ଦେଖି ସେ ପୁଣି କହିଲେ, ଆମର ଆଶା ବିଫଳ ହୋଇଥିଲା । ସ୍ୱପ୍ନ ଭାଙ୍ଗିଥିଲା । ମୋ' ମନରେ ତୁ ପୁଣି ଆଶା ଜଗାଉଛୁ । ମତେ ସ୍ୱପ୍ନ ଦେଖାଉଛୁ । ତୁ କ'ଣ ଆମକୁ ସୁଖୀ କରାଇ ପାରିବୁ ନାହିଁ ?

ସେବତୀର ଆଖିରେ ଲୁହ ଭରିଲା । କହିଲା, ମନରେ ସନ୍ଦେହ ଭରିଲା ଅପା, ଏପରି ପ୍ରଶ୍ନଟିଏ ପଚାରିଲ ? ମରିଥିଲେ ପାଣିରେ ବୁଡି ମରିଥାନ୍ତି । ନୋହିଲେ, ଡାକ୍ତରଖାନାରେ ମରିଥାନ୍ତି । ସେଥିରୁ ଉଦ୍ଧରିଲି । ତମେ ଆଶ୍ରା ନ ହୋଇଥିଲେ ବାଟରେ ଘାଟରେ ବୁଲି ଯେଉଁ ଜୀବନ ଧରି ମୁଁ ........

ତୁନୀ ହ । ସେଗୁଡା ମନେ ପକା ନା । ସବୁଚିତ୍ର ମୋ'ର ଆଖିରେ ପଡିଛି । ତୋ' ଆଖିରେ ବି ପଡ଼ିଥିବ । ଆହା, ହତଭାଗିନୀ ନିରିମାଖିଟିମାନେ । ରକ୍ଷାରକ୍ଷଣ

କେହି ନ ଥିଲେ । କାହାର ସନ୍ତାନକୁ ଫୁଙ୍ଗୁଳା ଛାତିରେ ଢାକି, ମୁଠିଏ ଭାତ ପାଇଁ—

-ତମ ଗୋଡ଼ ଧରୁଛି, ଆଉ କହନା । ସେମାନଙ୍କର ଦୁର୍ଦ୍ଦଶା ଦେଖିଛି । ନିଜେ ଯାଇ ସେମାନଙ୍କ ଭିତରେ ପଶିଲା ପରି ମଣିଛି । ସେହି ଅବସ୍ଥା ମୋ'ର ହୋଇଥାନ୍ତା ଅପା । ଯାହାର ଘରଣୀ ହୋଇ ସଂସାର କରୁଥିଲି ସେ କ'ଣ ହାତ ଧରି ଘରକୁ ନେଇଥାନ୍ତା ? କାହାର ପିଲାଙ୍କୁ ଆପଣାର କରି ଆଦରି ଥାଆନ୍ତା ?

-ସେ କଥା କାହିଁକି ମନକୁ ଆଣୁଛୁ ? ତୁ ସେ-ସେବତୀ ନହୁ । ତତେ ମୁଁ ନୂଆ କରି ଗଢ଼ିଛି । ଜାଣ୍ ତୋ'ଠେଇଁ ମୁଁ ଅବତରିଛି । ଆମେ ଦିହେଁ ଏକା । ଡାକ୍ତରଙ୍କୁ ଆମ ପ୍ରସ୍ତାବ ତୁ କହିଲେ ସେ ଅବଶ୍ୟ ମଙ୍ଗିବେ । ସେଇଠୁ ସେ ତା'ର ବ୍ୟବସ୍ଥା କରିବେ ।

-କହିବି । ତମର ଆଦେଶ ମୁଁ ତଳେ ପକାଇବି ନାହିଁ । ମୋ'ର ଅନୁରୋଧଟିଏ ଶୁଣିବ ?

-କହ ।

-ମୋ' ମନ ଦୃଢ଼ କରି ସଂକୋଚକୁ ଦୂରେଇବାକୁ ଟିକିଏ ସମୟ ମାଗୁଛି ।

-ହେଲା । ଡରତର କାହିଁକି ? ମୁଁ ତାଙ୍କୁ ପୁଣି କହି ଦେଇଛି ଯେ ତୋ' ଜରାୟୁ ଆଉ ତୋ'ର ନୁହେଁ, ସେଇଟା ମୋ'ର । ସେଥିରେ ଯେଉଁ ଫଳ ଫଳିବ ସେଇଟି ମୋ'ର ହେବ । ଖାଲି ତୋ' ପେଟରୁ ଆଣି ମୋ' ପେଟରେ ଖଞ୍ଜିବାର ଦାୟିତ୍ୱ ବିଶେଷଜ୍ଞ ମାନଙ୍କର ।

-କାହିଁକି ରାଜି ହେଉ ନାହାନ୍ତି ?

-କହିଲେ, ଦୁଇଟି ପେଟ କଟା ହେଲେ ଦୁହିଙ୍କର ଜୀବନ ସଙ୍କଟରେ ପଡ଼ିବ । ସମ୍ଭବ ଅସମ୍ଭବ କଥା ବିଚାରିବାକୁ ପଡ଼ିବ । ମୁଁ କହିଲି, ମୋ' ବିପଦର ଦାୟିତ୍ୱ ମୋ'ର । ନିଷ୍ଫଳ ଜୀବନରେ ମୋ'ର ପ୍ରୟୋଜନ ନାହିଁ । ସେ ପଚାରିଲେ, ସେବତୀର ?

-ତମେ କହିଦେଲ ନାହିଁ ଅପା, ତମର ଆଶା ପୂର୍ଣ୍ଣ କରିବାକୁ ମୁଁ ଜୀବନରେ ପାଣି ଛଡ଼ାଇ ଦେବାକୁ ସବୁବେଳେ ପ୍ରସ୍ତୁତ ।

-ସେତକ ତୁ କହିବୁ । ତାଙ୍କ ପାଖରେ ବିନା ସଂକୋଚରେ ଚଳପ୍ରଚଳ ହେଉଛୁ । ତତେ ସେ ସ୍ନେହ କରନ୍ତି । ଲାଜ କାହିଁକି ? ଲାଜୁଆ ବୟସ ତୋ'ର ବିତିଯାଇଛି ।

ସେବତୀ ମୁହଁ ଖୋଲି ଉତ୍ତର ଦେଇ ନ ଥିଲା । ମୁଣ୍ଡ ହଲାଇ ସମ୍ମତି ଜଣାଇଲା । ମନରେ ବାରଗୁଡ଼ଲିଆ କେତେ ଭାବନା ଆତଯାତ ହେବାକୁ ଲାଗିଲେ । ସେ ପଲଙ୍କ ଉପରୁ ଉଠିବାକୁ ଉଦ୍ୟତ ହେଉଣୁ ସୁମତୀ ତା'ର କଚଟି ଧରିଲେ । ସେ ଅଟକିଲା । କହି ଉଠିଲା, ତମର ହାତ ଉଷ୍ମ ଲାଗୁଛି ଅପା, ଦେହରେ ଜର ଅଛି ।

ସୁମତୀ କହିଲେ, ନା, ତୁ ବ୍ୟସ୍ତ ହ' ନା । ଅଣ୍ଟା ଦୋଷରୁ ଛାଡ଼ି ଯିବ । ଔଷଧ ଦରକାର ନାହିଁ । ଶୁଣ, ଭେଉନି ଫେରିଲେ ତା' ହାତରେ ଡାକ୍ତରଙ୍କ ପାଇଁ ଖାନା ପଠାଇବୁ । ମୋ' ପାଇଁ କପେ କଫି କରି ଦେବୁ । ଚିନି ଦେବୁ ।

-ଚିନି ଖାଇବ ?

-ଅଳ୍ପ ଟିକିଏ । କ୍ଷତି ହେବ ନାହିଁ । ଆଉ କିଛି ଖାଇବାକୁ ମୋ'ର ଇଚ୍ଛା ନାହିଁ । ଖାଇଲେ, କେଜାଣି ଜର ଘୋଟି ଆସିବ । ତୋ'ତେ ମୋ' ରାଣ, ନିଜେ ଉପାସ ରହିବୁ ନାହିଁ ।

-ରାଣ ପକାଉଛ କାହିଁକି ଅପା ! ମୁଁ ବଳେ ଖାଇବି ।

-ସେତକ ତ କରୁ ନାହିଁ । ଆଲୋ, ତୋ' ବେକରୁ ପୁରୁଣା କଣ୍ଠିମାଳ ଉତାରି ଏବକା ଫେସନର ଯେଉଁ ନୂଆ ହାରଟି ତତେ ପିନ୍ଧାଇ ଦେଇଥିଲି, ତାକୁ ବେକରେ ନାହିଁ ଯେ, କ'ଣ କଲୁ ? ଏ ସରୁ ହାରଟି ତୋ' ବେକକୁ ମାନୁ ନାହିଁ ।

-ଓଜନିଆ ହେଲା । ଡ୍ରୟରରେ ଥୋଇ ଦେଇଛି । ତମେ ତା'କୁ ରଖି ଦିଅ । ବେକରେ ପକାଇ କଲେଜକୁ ଯିବାକୁ ଲାଜ ଲାଗୁଛି ।

-ଲାଜ ଲାଗିବ କାହିଁକି ? ସେଇଟି ତୋ'ର ।

-ଡର ବି ମାଡୁଛି ଅପା, ଅଭ୍ୟାସ ନାହିଁ । କାଳେ କେଉଁଠି ମୋ' ଅସାବଧାନତା ପାଇଁ ଖସି ପଡ଼ିବ ।

-ଆଜି ତୁ କଲେଜ ଯା ଉନୁ । ପିନ୍ଧି ପକା । ତୁ କାଲି ଉତାରି ତୋ' ଟ୍ରଙ୍କ୍‌ରେ ରଖିବୁ । ଛୁଟି ଦିନେ ନିଶ୍ଚେ ପିନ୍ଧିବୁ ।

କଲିଂବେଲ୍‌ର ଶବଦ ହେଲା । ସେ ନିଜେ କହିଲେ, ଭେଉନି ଆସିଗଲା । ତୁ ଯା—

ସେବତୀ ଉଠିଲା । ମନରେ ଗୁଣି ହେଉଥିଲା, ତା'ର ଏଇ ସୁମତୀ ଅପା ସନ୍ତାନଟିଏ ପାଇଁ କେଡ଼େ ଆତୁର ହେଉଛନ୍ତି ସତେ । ସେଇଥି ପାଇଁ ସେ ଅଧା-ବାଇଆଣୀ ହେଲେଣି । ଅସାଧ୍ୟ ସାଧନ କରିବାକୁ ମନ ବଳାଉଛନ୍ତି । ତା'କୁ ନୂଆ ଜୀବନ ଦେଇ, ନୂଆ ମଣିଷ କରି, ଗଭୀର ପ୍ରତ୍ୟୟରେ ତା' ପାଖରେ ସବୁ ସମର୍ପି ଦେଇଛନ୍ତି ।

ନିଜ ପେଟର ସନ୍ତାନ ସେ ଆଶା କରୁଛନ୍ତି । ଦ୍ୱିଧାରେ ପଡ଼ିଛନ୍ତି । ଅସମ୍ଭବର ସଂଭାବନା ଆଂଶିକାରେ ? ତା' ଠାରେ ନିଜର ଏକତ୍ର ଆରୋପ, ତା' ଦେହରେ ନିଜେ ଅବତରିବା, ଏ' ସବୁ କଥାର ଉଦ୍ଦେଶ୍ୟ କ'ଣ ? ତାଙ୍କୁ ତା'କୁ ସ୍ନେହ କରନ୍ତି, ଏହା ନିର୍ବିକାର ହୋଇ ସେ ପ୍ରକାଶ କଲେ ।

କ'ଣ ତାଙ୍କର ମନରେ ଅଛି ?

ଦିନ ପରେ ଦିନ ବିତିବାକୁ ଲାଗିଲା ।

ସୁମତୀ ସୁସ୍ଥ ହୋଇ ଉଠିଲେ । ତାଙ୍କ ମନରୁ ଉତ୍ତେଜନା ଦୂର ହେଲା ପରି ଲାଗିଲା । ସେବତୀକୁ ଆଉ କେବେ ସେ କିଛି ପଚାରି ନ ଥିଲେ । ତାଙ୍କର ଚଳନ ଓ ବ୍ୟବହାରରେ ସେ କୌଣସି ଅସ୍ୱାଭାବିକତା ଲକ୍ଷ୍ୟ କରି ନ ଥିଲା । ମନରେ ଭୟ ଥାଏ, ଯଦି ପୁଣି କେବେ ସେ ପଚାରି ଦିଅନ୍ତି—କିଲୋ, ତ ଭାଇଙ୍କୁ କହିଲୁ—ସେ କି ଉତ୍ତର ଦେବ ?

ଡାକ୍ତରଙ୍କୁ କହିବାକୁ ନିରୋଳା ସୁଯୋଗ ମିଳେ । କିନ୍ତୁ, ସେବତୀ ଭରସା କରି ପାରେ ନାହିଁ । ଦିନ ବେଳା ସମସ୍ତେ ତରତର, ନିଜ ନିଜର କର୍ତ୍ତବ୍ୟ କର୍ମ ପାଇଁ ବ୍ୟସ୍ତ ଚଞ୍ଚଳ । ଘରେ ଏକା ଭୋବନି ଥାଏ । ସ୍କୁଲ କଲେଜ ଯିବା ଆଗରୁ ସୁମତୀ ଓ ସେବତୀ ଡାକ୍ତରଙ୍କର ମଧ୍ୟାହ୍ନ-ଭୋଜନର ସବୁ ଆୟୋଜନ କରି ସଜାଡ଼ି ରଖି ଯାଆନ୍ତି । ଡାକ୍ତର ଘରକୁ ଫେରିଲେ ଭୋବନି ବାଢ଼ି ଦିଏ, ଅବା ନିଜେ ସେ ବାଢ଼ି ଖାଆନ୍ତି । ସ୍କୁଲରୁ ସୁମତୀ ଓ କଲେଜରୁ ସେବତୀ ଫେରିବା ଯାଏ ସେ ଘରେ ଅପେକ୍ଷା କରି ରହନ୍ତି । ତା' ପରେ, ଗ୍ଲାସେ ଚା କପିଏ ପିଇ ସେ ଘରୁ ବାହାରି ଯାଆନ୍ତି । କେଉଁଦିନ କେତେବେଳେ ଫେରନ୍ତି ତା'ର ଠିକଣା ନ ଥାଏ ।

ସନ୍ଧ୍ୟା ଫେରିଲେ ସୁମତୀ ତାଙ୍କର ଚର୍ଚ୍ଚା କରନ୍ତି । ସେବତୀ କେବଳ ଦେଖା କରି, ନିଜ କୋଠରୀକୁ ଫେରି ଆସେ । ପଢ଼ାରେ ମନ ଦିଏ । ଡାକ ପଡ଼ିଲେ ପାଖକୁ ଯାଏ, ନୋହିଲେ ନାହିଁ ।

ବେଶୀ ବେଳ ସୁମତୀଙ୍କୁ ଜାଗି ରହିବାକୁ ମନା । ରକ୍ତରେ ଶର୍କରା ବୃଦ୍ଧି ସଙ୍ଗେ ରକ୍ତଚାପ ମଧ୍ୟ ସାମାନ୍ୟ ଅଧିକ ହେଉଛି । ସବୁଦିନେ ନୁହେଁ, କେବେ କେବେ । ଡାକ୍ତର ରକ୍ତଚାପ ପରୀକ୍ଷା କରନ୍ତି । ଦୁଇ ତିନି ଦିନରେ ଥରେ । କେବେ ସାତ ଆଠ ଦିନରେ ଥରେ । ଔଷଧ ଦିଅନ୍ତି ନାହିଁ ।

ରକ୍ତ ଚାପ କେବେ ସାମାନ୍ୟ ଅଧିକ ଦେଖିଲେ ଉପଦେଶ ଦିଅନ୍ତି—ବେଶୀ ପରିଶ୍ରମ କରିବ ନାହିଁ । ଏକ ଲୟରେ ବେଶୀ ବେଳ ପଢ଼ିବ ନାହିଁ । ଉତ୍ତେଜିତ ହେବ ନାହିଁ । ଗୁଡ଼ାଏ ଗପିବ ନାହିଁ । ଏଣୁ ତେଣୁ ଭାବି ନିଦରେ ବ୍ୟାଘାତ ଘଟାଇବ ନାହିଁ । ସନ୍ଧ୍ୟା ସନ୍ଧ୍ୟା ଶୋଇ ପଡ଼ିବା ଭଲ ।

ସୁମତୀ କହନ୍ତି, ସେବତୀ ମତେ ଅକର୍ମା କରି ଦେଲାଣି । ଶାଢ଼ି ଖଣ୍ଡିକ ଧୋଇବାକୁ ଗଲେ ହାତରୁ ଛଡ଼ାଇ ନେଉଛି ।

-ଅପା କେତେ ଦୁର୍ବଳ ହେଲେଣି ଦେଖୁଛନ୍ତି ଡାକ୍ତରବାବୁ ? ଶାଢ଼ି କାଚିଲେ ତାଙ୍କର ଛାତି ଧଡ଼କେ । ସେମିତି ସବୁ କାମ । ସେ କ'ଣ ମାନନ୍ତି ?

ଡାକ୍ତର କହନ୍ତି, ଖାଦ୍ୟ ନିୟନ୍ତ୍ରଣ ପାଇଁ ଦୁର୍ବଳତା ବଢ଼ୁଛି । ପରିମାଣ ବଢ଼ାଅ । ଛେନାର ପରିମାଣ ବି ।

ଦିନେ ସୁମତୀ କହିଲେ, ସ୍କୁଲରେ ପିଲାଙ୍କୁ ପଢ଼ାଇଲେ ଗପିବାକୁ ପଡ଼ିବ । ଦୁଷ୍ଟ ଅସାବଧାନ ପିଲାଙ୍କ ଉପରେ ନ ରାଗିଲେ ସେମାନେ ବାଟକୁ ଆସିବେ ନାହିଁ ।

-ସେଇଥି ପାଇଁ କହୁଛି ଚାକିରି ଛାଡ଼ ।

-ଘରେ ବସି କ'ଣ କରିବି ? ଖାଲି ଛଟପଟ । ବାରଗୁଡ଼ଳିଆ ଭାବନା । ପିଲାଗୁଡ଼ିଙ୍କର ମୁହଁ ନ ଦେଖି, କଥା ନ ଶୁଣି, ହସ ଖୁସି, ଚଗଲାମିରେ ନିଜକୁ ହଜାଇ ନ ପାରିଲେ ଜୀବନ ଦୁର୍ବହ ଲାଗିବ ।

ସେ ଦୀର୍ଘଶ୍ୱାସ ଛାଡ଼ିଲେ । ଶୂନ୍ୟ-ଦୃଷ୍ଟିରେ ପଦାକୁ ଚାହିଁଲେ । ମଳିନ ମୁହଁଟି ବିଷଣ୍ଣ ଦିଶିଲା । କିନ୍ତୁ, ସ୍ୱଭାବସୁଲଭ ସ୍ମିତ ଓଠରେ ଲାଖି ରହିଥିଲା । ଦୃଷ୍ଟି ଫେରାଇଲେ ସେବତୀର ଗମ୍ଭୀର ମୁହଁକୁ ।

ଡାକ୍ତର ପଚାରିଲେ, ଭାଗ୍ୟ ଉପରେ ତମର ବିଶ୍ୱାସ ଅଛି ସୁମତୀ ?

-ଅଛି । ଯାହା ଘଟେ, ମଣିଷର ବଦଳାଇବାର ଶକ୍ତି ଯେଉଁଠି ହଟେ, ସେଇଠି ଭାଗ୍ୟର କସରତି ମୁଁ ମାନିନିଏ । ଭାଗ୍ୟ ଉପରେ ନିଶ୍ଚେଷ୍ଟ ହୋଇ ନିର୍ଭର କରିବାକୁ ଯଦି ମାନି ନିଆଯାଇଥାନ୍ତା, ମଣିଷ-ସମାଜ ଏବଯାଏ ସେହି ପଥର-ଯୁଗରେ ରହିଥାନ୍ତା ।

ଡାକ୍ତର ହସିଲେ । ସେବତୀକୁ ଚାହିଁ କହିଲେ, ତମର ବୋଧହୁଏ ସେହି ମତ ।

ସେବତୀ କହିଲା, ଆପଣଙ୍କର ଯଦି ସେହି ମତ ନ ହୋଇଥାନ୍ତା, କେବଠାରୁ ଡାକ୍ତରୀ ଛାଡ଼ି ଦିଅନ୍ତେଣି । ଆପଣମାନେ ମଣିଷର ଭାଗ୍ୟକର୍ତ୍ତା ।

ସୁମତୀ ଖୁସି ହୋଇ କହିଲେ, ଶୁଣିଲ ତ ? ତା'ର ମତ ଅଲଗା ନୁହେ । ତମେ ଭାଗ୍ୟ ଉପରେ ବିଶ୍ୱାସ କର ନାହିଁ । ଭୁଲ୍ କହିଲି ?

-ଭୁଲ୍ କହିଲ ? କ'ଣ କହିଥିଲେ ଠିକ୍ ହୋଇଥାନ୍ତା ?

-ତମେ ଭାଗ୍ୟ ଉପରେ ନିର୍ଭର କର ନାହିଁ । ଔଷଧ ଦିଅ । ରୋଗୀକୁ ଭଲ କରିବାକୁ ଚେଷ୍ଟା କର । ତା'ର ଦୁଃଖ ଦୂର କର । ବଞ୍ଚାଅ । ଦେଖ, ମୁଁ ବଞ୍ଚିଛି । ସେବତୀ ବଞ୍ଚିଛି । ତମ ସୁଦକ୍ଷ ଡାକ୍ତରମାନେ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ବଞ୍ଚିଲୁଁ । ଚେଷ୍ଟା ନ କରିଥିଲେ ?

ସେବତୀ କହିଲା, ଆମେ ଆଜି ନ ଥାନ୍ତୁ ଅପା । କିନ୍ତୁ, ସବୁ ସେବା-ଯତ୍ନ ସତ୍ତ୍ୱେ କେତେ ତ ଆଖି ବୁଜିଲେ ? ତା'କୁ କ'ଣ ଭାଗ୍ୟ ବୋଲି କହି ହେବ ନାହିଁ ?

ସୁମତୀ କହିଲେ; କେଉଁଠି ସାବଧାନତାର ଅଭାବ ବି ହୋଇ ପାରେ। ଅଚ୍ଛା, ସେମାନଙ୍କର ଆସିବା ବେଳର ଲେଡ଼ିଗୁଡ଼ କହୁଣୀକୁ ବୋହିସାରିଥିବା ଅବସ୍ଥା। ସେଇଥିକୁ ଭାଗ୍ୟ କହିବୁ ତ କହ।

ଡାକ୍ତର ଗମ୍ଭୀର ହୋଇ ଶୁଣୁଥିଲେ। କହିଲେ, ଆଉ ବେଶୀ ଗପ ନାହିଁ। ତମର ମନର କଥା ମୁଁ ଜାଣୁଛି।

-କ'ଣ ବୁଝିଲ ?

-ବିଶେଷଜ୍ଞମାନଙ୍କୁ ପଚାରିଛି। ସେମାନେ ନିଜ ଭିତରେ ଆଲୋଚନା କରୁଛନ୍ତି। ଆଗରୁ କେବେ ଏପରି ଅପରେସନ୍ ଓ ଗ୍ରାଫ୍‌ଟିଂ ଏଠାରେ କଣ ହୋଇ ନାହିଁ।

-ହୋଇ ପାରିବ ନାହିଁ ?

-ନ ହେବ କାହିଁକି ? ଏଠି ନ ହେଲେ ଅନ୍ୟ କେଉଁଠି ହୋଇ ପାରେ। କଷ୍ଟ ସାଧ୍ୟ। ଗଭୀର ସୂକ୍ଷ୍ମ ଜ୍ଞାନ, ଅଭିଜ୍ଞତା, ସାହସ ଲୋଡ଼ା। ସ୍ୱତନ୍ତ୍ର କିଛିମାନ ଯନ୍ତ୍ରପାତି ଦରକାର। ସମୟ ସାପେକ୍ଷ।

-ସୁମତୀ କହିଲେ, ଆମେ ଦିହେଁ ପ୍ରସ୍ତୁତ। ପଚାରୁ ନ ସେବତୀକୁ ?

ସେବତୀ ଆପେ କହିଲା, ହଁ ଡାକ୍ତର ବାବୁ।

କେବଳ ଡାକ୍ତର ନୁହନ୍ତି, ସୁମତୀ ମଧ୍ୟ ସେବତୀର ମୁହଁକୁ ଚାହିଁଲେ। ଜଣକ ଆଖିରେ ବିସ୍ମୟ, ଆଉ ଜଣକ ଆଖିରେ ସ୍ନେହଭିଜା-ଆଭା। ସେବତୀର ଛାତି ତଳେ କୋହ। ସେ ଦୃଷ୍ଟି ନୁଆଁଇଲା।

ଡାକ୍ତର ନିରବ ରହିଲେ। ହାତରେ ବନ୍ଧା ଘଡ଼ିକୁ ଚାହିଁଲେ। କହିଲେ; ନଅଟା-ତିରିଶ। ସମରବାବୁଙ୍କ ଗାଡ଼ି ଶୀଘ୍ର ପହଞ୍ଚିବ। ମତେ ଯିବାକୁ ହେବ ସୁମତୀ। ଘଣ୍ଟାକ ଭିତରେ ଫେରି ଆସିବି।

ସୁମତୀ ପଚାରିଲେ, ଦାସ୍‌ବାବୁ ? କଣ୍ଟ୍ରାକ୍‌ଟର ଗତ ବର୍ଷ ଏଇ ଦିନେ ତାଙ୍କ ବଡ଼ଝିଅ କୁମାରୀର ବାହାଘର ହୋଇଥିଲା। କହୁଥିଲେ, ଲକ୍ଷେ ଟଙ୍କା ସେ ଖରଚ କରିଥିଲେ। ଝିଅ ଜ୍ୱାଇଁ ଦିଲ୍ଲୀରେ ଅଛନ୍ତି। ତାଙ୍କ ମଝିଆଁ ଝିଅ କାକଳୀ ଦିନେ କହୁଥିଲା, ତା' ଅପାର ପୁଅଟିଏ ହେଲାଣି।

-ସେଇ ଦାସ୍‌ବାବୁ।

ସେବତୀ କହିଲା, କାକଳୀକୁ ମୁଁ ଚିହ୍ନେ। ସୁନ୍ଦର ସ୍ୱାସ୍ଥ୍ୟବତୀ ଝିଅଟିଏ। ଭଲିଭଲିକା ଦେହଚିପା ଜାମା ପିନ୍ଧେ। ଭାରି ଚୁପ୍‌ଚାପ୍।

ଡାକ୍ତର କହିଲେ, ତମେ ବି ଚିହ୍ନିଛ ?

-ଚିହ୍ନିବି କାହିଁ ? ତା' ସାଙ୍ଗ ଝିଅମାନେ ତା' ରୂପ, ପୋଷାକ, ଆଉ ଧନକୁ ବୋଧହୁଏ ଈର୍ଷା କରନ୍ତି। ସେଇଥି ପାଇଁ ତା' ଚରିତ୍ର ସ୍ୱଭାବ ସମ୍ବନ୍ଧରେ ଚର୍ଚ୍ଚା

କରନ୍ତି । କେବେ କେବେ ମୋ' କାନରେ ପଡ଼େ । ସେ କେଉଁ ବଡ଼ ଅଫିସରଙ୍କୁ ବାହା ହେଉଛି ପରା ?

ସୁମତୀ ପଚାରିଲେ, ସତେ ? ସେ ବି ଲକ୍ଷେ ଟଙ୍କା ପାଇବ । ବାପର କଳାଧନର ଅଭାବ ନାହିଁ ।

ଡାକ୍ତର ତିଆରି କହିଲେ, ସେସବୁ ବିଷୟରେ ଚର୍ଚ୍ଚା କରିବା ଅନାବଶ୍ୟକ । ସେଇ ଝିଅଟିର ଟିକିଏ ଅସୁବିଧା ହୋଇଥିଲା । ମାନେ, ଦେହ ଖରାପ ଥିଲା । ଅବ୍ୟର୍ଥ ଔଷଧ ପାଣିପାନ ଦେଇଥିଲି । ଆଉ କ'ଣ ପରାମର୍ଶ କରିବେ ।

ତାଣ୍ଡରେ ମଟର ହର୍ଣ୍ଣ ଶୁଭିଲା । ଖେବନି ଅଗଣାକୁ ଧାଇଁ ଆସିଲା । ଡାକ୍ତର କହିଲେ, ଡ୍ରାଇଭରକୁ କହ, ମୁଁ ଯାଉଛି । ଔଷଧ ବ୍ୟାଗ୍‌ଟି ଧରି ତୁ କାର୍ ପାଖରେ ଠିଆ ହୋଇଥା । ଯା ।

ଖେବନି ଚାଲିଗଲା । ଡାକ୍ତର ଉଠିଲେ । ସୁମତୀଙ୍କୁ କହିଲେ, ଆଜି ଢେର ଗପ କରି, ଗପ ଶୁଣି ଅଧିକ କ୍ଲାନ୍ତ ହୋଇଛ । ଔଷଧ ଖାଇବ । ଭିଟାମିନ୍ କ୍ୟାପ୍‌ସୁଲ୍ ଗିଳିବ ।

-ମୋ' ମୁଣ୍ଡ ଟିକିଏ ବୁଲାଇଲା ପରି ଲାଗୁଛି ।

-ମୁଁ ଜାଣେ । ମନରେ ଉତ୍ତେଜନା ଭରି ରହିଛି । ଆଉ ଉତ୍ତେଜନା କାହିଁକି ? ସେବତୀଙ୍କର ସମ୍ମତି ପାଇ ସାରିଛି । ସେ ବିପଦକୁ ଗ୍ରହଣ କରିବାକୁ ରାଜି । ତାଙ୍କର ଜରାୟୁ ସେ ଦେବେ ।

ସେବତୀ ଖୁସି ହୋଇ କହିଲା, ସେତକ ମୋ'ର ଅନାବଶ୍ୟକ ଡାକ୍ତର-ବାବୁ । ତା'କୁ ଅପାଙ୍କୁ ଭେଟି ଦେଇ ସାରିଛି । ଆପଣ ତା'କୁ ନେଇ.........

ସେବତୀ କଥା ଅଧା ରଖିଲା ।

ଡାକ୍ତର ବାହାରୁ ଶୁଭୁଥିବା ହର୍ଣ୍ଣ ଶବ୍ଦରେ ଚଞ୍ଚଳ ହୋଇ ଉଠିଲେ । ବ୍ୟସ୍ତତାର ବିରକ୍ତି ତାଙ୍କର ମୁହଁରେ ପ୍ରକଟିତ ହେଲା । ଚଉକି ଘୁଞ୍ଚାଇ ଖେବନିକୁ ଅନୁସରଣ କରୁଣୁ ଟିକିଏ ଅଟକି ଗଲେ । ମୁହଁ ବୁଲାଇ ସୁମତୀଙ୍କୁ କହିଲେ, ମୋତେ ଅପେକ୍ଷା କରି ଚେଇଁ ରହିବ ନାହିଁ । ଖାଇ ଶୋଇ ପଡ଼ିବ ।

ଡାକ୍ତର ତରତର ହୋଇ ଦାଣ୍ଡ ଘରେ ପଶିଲେ ।

ଅଳ୍ପ ସମୟ ପରେ ଗାଡ଼ି ଛାଡ଼ିବାର ଶବ୍ଦ ହେଲା । ଖେବନି କବାଟ ବନ୍ଦ କରିବାର ଆବାଜ୍ କାନରେ ପଡ଼ିଲା ।

ଡାକ୍ତର ହଠାତ୍ ଏପରି ତର ତର ଓ ଉଦ୍‌ବିଗ୍ନ କାହିଁକି ହେଲେ ସେବତୀ ସେଇଆ ଚିନ୍ତୁ ଥିଲା । ତା' ମନ କଥା ବୁଝିଲା ପରି ସୁମତୀ କହିଲେ, ତାଙ୍କର ଉଦ୍‌ଭ୍ରାନ୍ତ ହୋଇ ଚାଲିଯିବା ଢଙ୍ଗରୁ ତୁ ପ୍ରମାଦ ଗଣୁଛୁ ? ତୋ' ମୁହଁ ଦେଖି—

-ହଁ, ଅପା, କାକଳୀ ଭଲ ଝିଅଟିଏ ।

-ଚିନ୍ତା ନାହିଁ ଲୋ ସେବତୀ । କାକଳୀର ସବୁ ଠିକ୍ ହୋଇଯିବ । ଡାକ୍ତର ସେଇ ରୋଗ ଭଲକରିବାରେ ସିଦ୍ଧହସ୍ତ । କାକଳୀର ଘର ଲୋକଙ୍କର ଡର ପାଇଁ ସେ ବ୍ୟସ୍ତ । ସେ ବିରକ୍ତ ଓ ଚଞ୍ଚଳ ହୋଇ ଉଠିଲେ ।

-ଆହା ବିଚାରୀ । କେଉଁ ବଡ଼ ଅଫିସରଙ୍କୁ ତା'ର ବାହା ହେବାର କଥା ଥିଲା ।

-ଠିକ୍ ଲଗ୍ନରେ ତା'ର ବାହାଘର ହେବ । ତୋ' ସହପାଠିନୀଟି ସୁଖରେ ତା'ର ସଂସାର କରିବ । ସୁନ୍ଦର ସୁନ୍ଦର ପୁଅ ଝିଅଙ୍କର ମା ହେବ । ସ୍ୱାମୀ-ସୋହାଗିନୀ ହୋଇ ଛାଡ଼ି ଫୁଲାଇ ସମାଜରେ, ସଂସାରରେ ଚଳପ୍ରଚଳ ହେବ । ମାନ-ସମ୍ମାନ ପାଇବ ।

କେତେ କେତେ ପ୍ରଶ୍ନ ସେବତୀର ମନରେ ମୁଣ୍ଡଟେକୁଥିଲା । ପଚାରିବାକୁ ଆଗ୍ରହ ବଳୁଥିଲା । କିନ୍ତୁ, ସେ ନିଜ ତୁଣ୍ଡକୁ ଶାସନ କଲା । ସେ ଜାଣେ, ତା'ର ସବୁ ପ୍ରଶ୍ନର ଉତ୍ତର ଦେଇ ସୁମତୀ ମନର ସନ୍ଦେହ ଦୂର କରିବେ । ବିରକ୍ତ ହେବେ ନାହିଁ । କେବେ ହୋଇ ନାହାନ୍ତି । ଭାଙ୍ଗି ପଡ଼ୁଥିବା ସ୍ୱାସ୍ଥ୍ୟ, ଆରୋଗ୍ୟ ନ ହେବା ରୋଗ, ହତାଶା ଆକୁଳ ହାଇଁପାଇଁଆ ମନ, ଘରର ଦାୟିତ୍ୱ ସତ୍ତ୍ୱେ ତା'ର ସ୍ନେହମୟୀ ଅପା କେବେ ତା' ପ୍ରତି ଅନାସ୍ଥା ଭାବ ଦେଖାଇ ନାହାନ୍ତି ।

ସେବତୀ ଚଉକି ଘୁଞ୍ଚାଇ ଉଠିଲା । ଆଲୋଚନାରେ ପୂର୍ଣ୍ଣଚ୍ଛେଦ ଦେବାକୁ ସେ କହିଲା, ତମକୁ ଆଉ ମୁଁ ଗପାଇବି ନାହିଁ । ଆସ, ଔଷଧ ଖାଇବ, ଶୋଇ ପଡ଼ିବ ।

-ହଁ ଲୋ, ମୋ' ମୁଣ୍ଡ ଟିକିଏ ଭ୍ରମିଲା ପରି ଲାଗୁଛି । ନିଦ ବଟିକା ବି ଖାଇବି । ମୁଁ ଖୁସି ଯେ ତୁ ତାଙ୍କୁ ତୋ' ସମ୍ମତି ଜଣାଇ ଦେଇଛୁ । ଏଣିକି ସେ ସବୁ ବୁଝା ସୁଝା କରିବେ ।

-ହଁ ଅପା, ତମେ ଆସ ।

ସେବତୀ ସୁମତୀଙ୍କୁ ଔଷଧ ଦେଲା । ତାଙ୍କ ପଲଙ୍କର ମଶାରି ପକାଇ କହିଲା, ତମେ ଆଜି ଅଳପ ଖାଇଲ ଅପା । ଏତେ ଡରିଲେ ଅଧିକ ଦୁର୍ବଳ ହୋଇଯିବ ।

ନାହିଁ ଲୋ, ଦୁର୍ବଳ ହେବି କାହିଁକି ? ଆଜି ମୋ'ର ଇଚ୍ଛା ହେଲା ନାହିଁ । ଏବେ ତ ନିଦ ଘୋଟି ଆସିବ । ତୁ ତାଙ୍କୁ ଅପେକ୍ଷା କରି ଉପାସ ରହନା । ଖାଇନେ । ଭୋବନିକୁ ଦେ । ଯେତେବେଳେ ସେ ଫେରନ୍ତୁ, ଖାଲି ପେଟରେ ଫେରିବେ ନାହିଁ ।

-ହଉ ।

-ଆଉ ପଲଙ୍କରେ ମଶାରି ଟାଙ୍ଗି ଦେଇ ଯା । ନିଦ ମଳ ମଳ ଆଖିରେ ସେ ଫେରିଥିବେ । ମୋ' ନିଦ ଭାଙ୍ଗିବ ନାହିଁ । କବାଟ ଆଉଜାଇ ଦେବୁ ।

-ସେଇଆ କରିବି । ଡାକ୍ତର, ଆସିବା ଯାଏ ମୁଁ ଚେଇଁ ରହିଥିବି । ଏ ଘର ଖୋଲା ରଖି ମୁଁ ଶୋଇବି ନାହିଁ । କାହାକୁ ବିଶ୍ୱାସ ?

-ଖେଳବନି ଉପରେ ତୋ'ର ବିଶ୍ୱାସ ନାହିଁ ?

-ପିଲା ଲୋକ । ତା' ନିଜ ଉପରେ ମୋ'ର ବିଶ୍ୱାସ ନାହିଁ । ତମେ ବ୍ୟସ୍ତ ହୁଅନା, ଗପ ନା, ତୁନୀ ହୋଇ ଶୋଇ ପଡ଼ । ମୁଁ କାମ ସାରି ପଢ଼ି ବସିବି ।

-ହଉ, ସେଇଆ କର ।

ସବୁ କାମ ସାରି ସେବତୀ ଅଳ୍ପ-ଶକ୍ତିର ନୀଳ ବଲ୍ବ ଜଳାଇ ବାର୍-ଲାଇଟ୍ ଲିଭାଇଲା । ଧୀରେ ଧୀରେ କବାଟ ଆଉଜାଇ ବାରଣ୍ଡାକୁ ଆସିଲା । ଦେଖିଲା, ଖେଳବନି ଚଉକି ଗୁଡ଼ିକ ଅଗଣାରୁ ଟେକି ବାରଣ୍ଡା ଉପରେ ଧାଡ଼ି କରି ସଜାଇ ରଖିଛି । ପିଲାଟା କାମିକା । ଖରି ଚୁପ୍ ଚାପ୍ । ଅଗଣାରେ ସେ ଠିଆ ହୋଇଛି । ଆଉ କ'ଣ କାମ ବରାଦ କରା ହେବ ସେହି ଆଦେଶକୁ ସେ ଅପେକ୍ଷା କରି ରହିଛି ।

ସେବତୀ ପଚାରିଲା, ଖେଳ କଲୁଣି କିରେ ?

ସେ ମୁଣ୍ଡ ନୁଆଁଇ ଦୁଇ ହାତ ମଳିବାକୁ ଲାଗିଲା । ସେଇ ତା'ର ସମ୍ମତି । ଖାଇବା ବିଷୟରେ ସେ ତୁଣ୍ଡ ଖୋଲି ହଁ-ନା କହେ ନାହିଁ । ତା'କୁ କାହିଁକି ଲାଜ ମାଡ଼େ ।

ସେବତୀ ହସିଲା । କହିଲା, ଖାଇଲେ ଘୁମେଇବୁ । ସେଇଠୁ ଶୋଇବୁ । କିଏ ଉଠାଇ ପାରିବ ? ଘଣ୍ଟାଏ ଅପେକ୍ଷା କର । ଦାଣ୍ଡ ଘରେ ବସି ତୋ ସୁଆଙ୍ଗ ଗୀତ ପଢ଼ୁଥା । ବଡ଼ ପାଟି କରିବୁ ନାହିଁ ।

-ହଁ, ମାଉସୀ । ମୁଁ ଟିକିଏ ନାଟ ଦେଖିବାକୁ ଯାଇଥାନ୍ତି । ଆର ପାଖ ରାସ୍ତା-ଛକରେ ସୁଆଙ୍ଗ ହେଉଛି ।

-ହଇରେ ପାଗଳା, ମୁଁ ଘରେ ଏକା ରହିବି ? ଅପା ଶୋଇଲେଣି । ଡାକ୍ତରବାବୁ ଡେରିରେ ଫେରିବେ । କେଜାଣି, ଜଲ୍ଦି ବି ଫେରି ପାରନ୍ତି । କେବେ ତ ତୁ ଯାଉନା, ଆଜି କାହିଁକି ଯିବାକୁ କହୁଛୁ ?

ଖେଳବନି କହିଲା, ଯୋଉ ସୁଆଙ୍ଗ ପଢ଼ୁଛି, ସେଇ ସମ୍ବାଦ ହେବ ଯେ—।

-ଆଚ୍ଛା । ଅପା ତ ଶୋଇଲେଣି, ବାବୁ ଫେରିଲେ ତାଙ୍କୁ କହି ଯିବୁ । ବୁଝିଲୁ ?

ଭେବନି କାନ ମୋଡ଼ି ହେଲା । କହିଲା, ମୁଁ ଯିବି ନାହିଁ । ସେପାଖ ଘର ରୁକର ମୋତେ କହିଥିଲା ଯେ ସେଇଥି ପାଇଁ ପଗ୍ଭରିଲି । ମୁଁ କେବେ ଯିବି ନାହିଁ ।

ସେବତୀ ଆକଟି କହିଲା, ପର ଶିକ୍ଷାରେ ପଡ଼ି ତୁ ଛତର ହେବୁ ? ଛି, ଛି—

ଭେବନି ଉତ୍ତର ନ ଦେଇ ମୁଣ୍ଡ ନୂଆଇଁ ଧୀରେ ଧୀରେ ଦାଣ୍ଡ ଘରକୁ ଗ୍ଭଲିଗଲା । ସେବତୀ ନିଜ କୋଠରୀକୁ ଆସି ଆଲୁଅ ଜାଳିଲା । ପଙ୍ଖା ଚଳାଇଲା । ତକ୍ତପୋଷ ଉପରେ ପଗ୍ଭ ହୋଇଥିଲା ଶେଯକୁ ସଜାଡ଼ି, ଚଦର ଝାଡ଼ି ପାରିଲା । ବିଗ୍ଭରିଲା, ଟିକିଏ ବସିବ । ଦେହର କ୍ଳାନ୍ତି ଦୂର ହେଲେ, ମନର ଉତ୍ତେଜନା ଲାଘବ ହେଲେ ସେ ପାଠ ପଢ଼ିବ । ନିରୋଳା, ନିରବ ପରିବେଶ ମନର ସ୍ଥିରତା ଫେରାଇ ଆଣିବ ।

ବସି ବସି କ'ଣ ସେ ପଢ଼ିବ ଚିନ୍ତା କରୁଣୁ ଅଜାଣତରେ ତା'ର ଆଖି ବୁଜି ହୋଇ ଆସିଲା । କେଉଁ ଛଟକରେ ଲଗାମ ହୁଗୁଳା ଘୋଡ଼ା ଏଣେ ତେଣେ ଧାଇଁଲା । ସେ ଗୋଡ଼ ଲମ୍ବାଇଲା । ମୁଣ୍ଡଟି ତକିଆ ଉପରେ ଥାପି ଶ୍ରାନ୍ତି ହରଣ କଲା । ତା'ର ଅଣାୟତ୍ତ ଅବସ୍ଥାରେ ନିଦ ଘୋଟି ଆସିଲା । ସେ ଶୋଇ ପଡ଼ିଲା ।

ଗହନ ନିଦରେ ସେ ସପନ ଦେଖୁଥିଲା—ଦୁଇଟି ସଂସାରର ଛାୟା-ଛବି । ଚଳନ୍ତି-ଜୀବନର ବିଗତ ଓ ଆଗତ । ସୁଖ-ଦୁଃଖ ଆଲୁଅ-ଛାଇର ଗମନାଗମନ । ହର୍ଷ-ବିଷାଦର ମିଶାମିଶି । ଓଲଟ-ପାଲଟ ।

ଗହନ ନିଦ । ମୁକୁଳା ବାହୁରେ ଆଉଁସା ପରଶ । ଜାଣି ହେଉ ନାହିଁ । ସପନ ତୁଟୁଛି । ନିଦ ତୁଟୁ ନାହିଁ । କେତେ ପରିବେଶ ଉଭେଇ ଯାଉଛି । କେତେ କେତେ ରୂପ ଛପି ଯାଉଛନ୍ତି । ସେମାନଙ୍କର ସ୍ୱର ଶବଦ କାନରେ ବାଜୁ ନାହିଁ ।

ମଥାର କେଶ ଉପରେ ସ୍ନେହିଲା ହାତର ଧୀର ଗ୍ଭଳନା ।

ନିଦ ଭାଙ୍ଗିଲା । ଗୁଡ଼ିଏ ଦୀର୍ଘଶ୍ୱାସ । ଆଖି ଖୋଲୁ ନାହିଁ । ସୁମତୀ ଅପା କି ? ପଢ଼ୁ ପଢ଼ୁ କେବେ ଘୁମେଇଁ ପଡ଼ିଲେ ସେ ଏମିତି ମୁଣ୍ଡ ଆଉଁସି ଉଠାନ୍ତି । ଆଖି ଖୋଲିଲେ ହସନ୍ତି । ଗେହ୍ଲେଇ କହନ୍ତି, ସେତିକି ପଢ଼ିଥା । ଯା' ଶୋଇପଡ଼ । କବାଟ ମୁକୁଳା । ଆଲୁଅ ଜଳୁଛି । ରାତି ଅଧ ହେଲାଣି

-ସେବନ୍ତୀ !

ପଦେ ଡାକରେ ସେବତୀର ନିଦ ଭାଙ୍ଗିଲା । ସେ ଆଖି ଖୋଲିଲା । ସୁମତୀ ନୁହନ୍ତି । ସପନ ରାଇଜର ଚଳନ୍ତା ଛବିରୁ ଗୋଟିଏ । ନା, ସେ ବାସ୍ତବ । ହସ-ହସ । ଦି' ପାଦ ପଛେଇ ଯାଇ ତା'ର ପଢ଼ା ଟେବୁଲ ପାଖ ଚଉକି ଉପରେ ବସିଲେ ।

କହିଲେ, ପଢ଼ୁ ପଢ଼ୁ ଶୋଇ ପଡ଼ିଲ ସେବତୀ ?

ବେତ୍ରାହତ ପରି ଚମକି, ଉଠିବସିଲା ସେ । ଲାଜରେ ଜର୍ଜର ହୋଇ, ବସନ ସଜାଡ଼ି ତଳକୁ ଓହ୍ଲାଇଲା । ଅଳପ ଦୂରେଇ ଠିଆ ହେଲା । ଛାତି ଥରଥର । ମୁହଁରେ ସରମିଲା ସ୍ମିତ । ଦୁଇ ପାପୁଲିରେ ଆଖି ପୋଛିଲା ।

କହିଲା, ପଢ଼ୁ ନ ଥିଲି । ଅପାଙ୍କୁ ଔଷଧ ଦେଇ, ଶୁଆଇ, ଆପଣଙ୍କୁ ଅପେକ୍ଷା କରି ବସିଥିଲି ।

ଡାକ୍ତର କହିଲେ, ବସି ନ ଥିଲ ।

ନିଦ ଝାଙ୍କିଲା । କେତେବେଳେ ଫେରିଲେ ? କାକଳୀର ଅବସ୍ଥା ଭଲ ତ ? କ'ଣ ଖାଇ ଆସିଛନ୍ତି ? ମୋତେ ଦଶ ପନ୍ଦର ମିନିଟ୍ ସମୟ ଦେଲେ ମୁଁ ସବୁ ଗରମ କରିଦେବି । ଆପଣ ଲୁଗାଜାମା ପାଲଟି ଧୁଆଧୋଇ ହୁଅନ୍ତୁ । ରୋଗଣୀ ପାଖରେ ଥିଲେ ।

ଡାକ୍ତର କହିଲେ, ସେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି । ଦୁଇଟି ଦିନ ଘରେ ବିଶ୍ରାମ ନେଲା ପରେ ପୁଣି ପୂର୍ବପରି ସେ ସ୍ଫୂର୍ତ୍ତି-ଆନନ୍ଦରେ ଦିନ କଟାଇ ପାରିବେ । ଦୁର୍ବଳତା ପାଇଁ ନିସ୍ତେଜ ହୋଇ ପଡ଼ିଥିଲେ । ତେଣୁ, ତାଙ୍କର ମା' ଅସ୍ଥିର ହୋଇ ପଡ଼ିଲେ ।

କାକଳୀର ରୋଗଟି କ'ଣ ସେବତୀ ବୁଝି ସାରିଥିଲା ।

ଦିନେ ତା'କୁ ସୁମତୀ ବୁଝାଇ କହିଥିଲେ—ପୁଅ ଝିଅ କାହାରିକୁ ସଂପୂର୍ଣ୍ଣ ଦୋଷ ଦିଆଯାଇ ପାରିବ ନାହିଁ । କିନ୍ତୁ, ଅସାବଧାନ ଝିଅଙ୍କର ବିପଦ ତାଙ୍କ ଭବିଷ୍ୟ-ଜୀବନର ପରିପନ୍ଥୀ । ଶିକ୍ଷାର ପ୍ରସାର ପୁଅ ଓ ଝିଅଙ୍କୁ ଏକାଠି ହେବାର ସୁଯୋଗ ଓ ସୁବିଧା ଦେଇଛି । ପରସ୍ପର ସଙ୍ଗେ ମିଳାମିଶାର ସୁଯୋଗ ଦେଇଛି । ଘରେ ଓ ବିଦ୍ୟାଳୟମାନଙ୍କରେ ପିଲାଟି ଦିନରୁ ନୀତି ଶିକ୍ଷା ଦେଇ ଉଭୟଙ୍କ ମନରେ ଭାଇ-ଭଉଣୀ ସମ୍ପର୍କର ଗଭୀର ମମତା ଜନ୍ମାଇବାର ଚେଷ୍ଟାକଲେ ଉଚ୍ଛୃଙ୍ଖଳତା ଯଥେଷ୍ଟ ଊଣା ହୁଅନ୍ତା ।

ଲୋପ ପାଇବ କିପରି, ହଇଲୋ ସେବତୀ ? ବୟସ ବଢ଼ିବା ସଙ୍ଗେ ପରସ୍ପରକୁ ଜାଣିବାର ଆଗ୍ରହ ବଢ଼େ । ବହୁ ପ୍ରଶ୍ନ ମନରେ ଜାଗେ । ସେହିସବୁ ପ୍ରଶ୍ନର ଉତ୍ତର ଜାଣିବାକୁ ସେମାନେ କୁତୂହଳୀ ହୁଅନ୍ତି । ସ୍ୱାଭାବିକ । କିଏ ବାରଣ କରିବ ? ମନ କ'ଣ ବାରଣ ମାନିବ ? କାରଣ ଖୋଜିବାକୁ ଛଟପଟ ହେବ । ଦେହରେ ଜାଗି ଆସୁଥିବା ଉତ୍ତେଜନା ଉତ୍ତର ଖୋଜିବ । ସଂଯମ-ଶିକ୍ଷା, ସଦୁପଦେଶ ଉତ୍ତେଜନାକୁ ଆକଟ କରିବ ସିନା ।

ଆଲୋ, କିଏ ଦେବ ସେ ଶିକ୍ଷା ? ଅସନା ବହି, ନା-ଅସନା ଚଳଚିତ୍ର ? ମିଳନର ଇଙ୍ଗିତ ଦେଉଥିବା ପୁରୁଣା ଯୁଗର ଛାନ୍ଦ, ଚୌପଦୀ, ଚମ୍ପୂ ଓ ସଙ୍ଗୀତ ? ନୂଆ ଯୁଗର କବି ଡିଣ୍ଡିମେ ? ଗଳ୍ପ, ଉପନ୍ୟାସ, ନାଟକର ମିଳନ ଅବା, ମିଳନ-ସୂଚକ ସଙ୍କେତ ? ପତ୍ର-ପତ୍ରିକାରେ ବିଜ୍ଞାପନ ଇତ୍ୟାଦିର ଫଙ୍ଗୁଲା ନ କରି ଲଙ୍ଗଳା ଛବି ? ତୁ ଦେଖିଛୁ କି ନାହିଁ କେଜାଣି, ମୁଁ ଦେଖିଛି । କେତେ ବିଖ୍ୟାତ ମନ୍ଦିର ଦେହରେ ପଥରରେ ଖୋଳା ଜୀବନ୍ତ ବହୁ ଭଙ୍ଗୀର ମିଳନ-ମୂର୍ତ୍ତି ?

ବୁଝିଲୁ ନା ? ସେତେବେଳେ ଆମର ଏ ଦେଶର ବହୁତ ସମାଜରେ ଝିଅ ପୁଅଙ୍କୁ ଅଲଗା ରଖା ହେଉଥିଲା । କୁଳ-କାମିନୀମାନେ ମୁହଁ ଲୁଚାଇ ଘରେ ଆବଦ୍ଧ ରହୁଥିଲେ । ସେ ବେଳ ଅଲଗା । ଏବେ କଟକଣା ସତ୍ତ୍ୱେ କେଉଁଠି କେବେ ଅସୁବିଧାରେ କିଏ ପଡ଼ୁଥିଲେ । ଭ୍ରୁଣ ସହିତ ସେମାନେ ସେ ପୁରକୁ ଯିବାକୁ ବାଧ୍ୟ ହେଉଥିଲେ । କେଡ଼େ ଜଘନ୍ୟ ନିଷ୍ଠୁର ସମାଜ ।

ଏ ଯୁଗର ରୀତି ନିଆରା । ଖାଲି ଏ ଦେଶରେ ନୁହେ ଲୋ ସେବତୀ, ପୃଥିବୀର ସବୁ ଦେଶରେ । ସ୍ତ୍ରୀ ଓ ପୁରୁଷ ଦିହେଁ ସ୍ୱାଧୀନ । ସଂସାରର ସୁଖ ଦୁଃଖର ଦିହେଁ ସମାନ ଭାଗୀଦାର । ବିବାହ ପଦ୍ଧତି ଯାହା ହେଉ, ପରସ୍ପର ପ୍ରତି ସ୍ନେହ, ମମତା, ସମ୍ମାନ ସେମାନଙ୍କୁ ବାନ୍ଧି ରଖିବାର କଥା । ମନ ନ ମିଳିଲେ, ଏକାଠି ସଂସାର କରିବାର ସମ୍ଭାବନା ନ ରହିଲେ, ବିବାହ ବନ୍ଧନ ଛିନ୍ନ କରାଯାଇ ପାରେ । ନୂଆ ସଂସାର ପାତିବାର ପୂର୍ଣ୍ଣ ସୁଯୋଗ ।

କିନ୍ତୁ ଲୋ ସେବତୀ, ସେଇଟା ଆଦର୍ଶ ନୁହେ ପରା । ପୋଡ଼ିଗଲା ତିଅଣ ପରିକା ତା'ର ସୁଆଦ ବୋଲି ମୋ'ର ମନେହୁଏ । ତଥାପି, ସଂସାରଟିଏ ତ । ମନକୁ ବୁଝାଇ ପାରିଲେ, ସେହି ସଂସାର ବି ସୁଖର ହୋଇପାରେ । ସ୍ନେହ, ମମତା, ସମ୍ମାନ ପୋଡ଼ା ତିଅଣକୁ ସୁଆଦ କରେ, ତା'ର ନୂଆ ମହକ ।

କହୁଥିଲି ପୁଅ ଝିଅଙ୍କ ମିଳାମିଶା କଥା । ଆଉଆଡ଼କୁ ମୋହି ଗଲି । ଝିଅଟିମାନେ ଯଦି ନାଁକୁ ପୋଷାକ ପିନ୍ଧି ଅଧ-ଲଙ୍ଗୁଳା, ପୁଣି ପ୍ରାୟ ଲଙ୍ଗୁଳା ବେଶରେ ପୁଅମାନଙ୍କର ନିକଟରେ କାରବାର ହେବେ ପୁଅଙ୍କ ମନରେ ଉତ୍ତେଜନା ସୃଷ୍ଟି କରିବା ଅସ୍ୱାଭାବିକ ହେବ କି ? ପୁଣି, ଯଦି ସେମାନେ ସେହି ରୂପ ଭେକରେ ସ୍ୱାଧୀନ ଭାବରେ ଚଳପ୍ରଚଳ ହେବେ, ସିନେମା ଦେଖିବେ, ବଣଭୋଜି କରିବେ, ମନ୍ଦିର ଦେହର ଉତ୍ତେଜକ ଯୁଗଳମୂର୍ତ୍ତି ଦେଖିବେ, ପରିଣାମ କ'ଣ ହେବ କିଏ ଜାଣେ ?

ବୁଝିଲୁ, ଏଇଥି ପାଇଁ, ଟିକିଏ ଅସାବଧାନତା ଯୋଗରୁ କେଉଁଠି କେମିତି ଅସୁବିଧା ହେଉଛି । ସେଥିକୁ ଅଧିକ ଦାୟୀ ମାଆମାନେ । ସେମାନଙ୍କର ଅଣ-ଆକଟ ଚିନ୍ତାହୀନ ସ୍ନେହ । ବାପମାନଙ୍କର ବି । ପୁଣି ତାଙ୍କର ବିପୁଳ ଧନ । ଆହୁରି ଆହୁରି ଧନ ଆହରଣ ପାଇଁ ଯୋଜନା । କୁଟୁମ୍ବର ଚଳଣି ପ୍ରତି ଉପର-ଠାଉରିଆ ନଜର ।

ଅଣାୟତ୍ତ ଭୁଲ୍ । ସେଥିପାଇଁ ସେ ଝିଅଟିକୁ ସମ୍ପୂର୍ଣ୍ଣ ଦାୟୀ କରାଯାଇ ପାରିବ ନାହିଁ । ତା'କୁ କ'ଣ ଜହର ଦେଇ ମରାଯିବ ? ତୁ ଚମକି ପଡ଼ୁଛୁ ? ନିଜର ଭୁଲପ୍ରବଣତା ହୁଏତ ତୋ'ର ମନେ ପଡ଼ୁଥିବ । ମତେ ଜଣାନାହିଁ । ମୁଁ ମନେ ପକାଉଛି ମୋ' ଜୀବନର ଘଟଣା । ତାକ୍ତରଙ୍କୁ ଅଜଣା ନାହିଁ । ମୋ' ପାଖରୁ ସବୁ ଶୁଣିଛନ୍ତି । ସ୍ୱାଭାବିକତାକୁ ସେ ହସି ଉଡ଼ାଇ ଦେଇଛନ୍ତି । ମୁଁ ଆଧୁନିକତାର ସୁଯୋଗ ନେଇଥିଲି । ଆଗରୁ ସାବଧାନ ହୋଇଥିଲି ।

ନା ଲୋ, ଜହରର ପ୍ରଶ୍ନ ଉଠୁ ନାହିଁ । ମଣିଷର ଜୀବନର ମୂଲ୍ୟ କଳନା କରି ହେବ ନାହିଁ । ସବୁ ଭୁଲ୍ ସୁଧାରିବାକୁ ଚେଷ୍ଟା କରାଯିବ । ସେ ଝିଅଟିର ବି ।

ସେ ସାବଧାନ ହେବ । ସତର୍କ ରହିବ । ଦିନେ ଘରସଂସାର କରିବ । ସେ ହେବ ସତୀ ସୁଲକ୍ଷଣୀ । ଗର୍ବିତା ଘରଣୀ ।

ଡାକ୍ତର ଭୁଲ୍ ସୁଧାରିବାରେ ସିଦ୍ଧ ହସ୍ତ । ଗୁପ୍ତ କଥାଟିଏ କହିବି ? ଅତି ଗହନ । ତତେ ମୁଁ ନିଜଠୁ ଅଧିକ ବିଶ୍ୱାସ କରେ । କାହିଁକି ଜାଣୁ ? ତୋ' ଭିତରେ ମୋ ମା'ପଣିଆର ଆଶା ଆତୁର ହୋଇ ବୁଲୁଛି ଲୋ ଭଉଣୀ । କେବେ ଉଷତ ହୋଇ ଖୋଜୁଛି, ଗୋଟିଏ ପାଖରେ ଦିବ୍ୟ ସୁନ୍ଦର ଫଳଟିଏ, ଆର ପାଖରେ ଆହୁରି ସୁନ୍ଦର ପାରିଜାତ ଫୁଲ । ଗୋଟିଏ ବୃନ୍ତର ଦୁଇଟି ତେମ୍ପରେ..........

-ଅପା !

-ତୋ' ଆଶା ମୋ' ଆଶା ମିଶି ଏକାକାର ହୋଇଛି । ହଁ ଲୋ ! ସେହି ସୁଖର ସପନ ମୁଁ ଜାଗି ଜାଗି ଦେଖେ, ନିଦରେ ବି ଦେଖେ । ଆମେ ଦିହେଁ ଏକ । ତୋ'ଠାରେ ମୋର' ସଉତୁଣୀ ବାଦ ନାହିଁ ।

ଛାତି-ଚିହ୍ନିଙ୍କା ଶବଦ । କାହିଁକି ସେ କହିଲେ ? ମନରେ ତାଙ୍କର କି ଭାବନା ଖେଳୁଛି ? କେଉଁ ଅଯଥା ସନ୍ଦେହରେ ସେ କ'ଣ ଛଟପଟ ହେଉଛନ୍ତି ? ବିସ୍ତରୁଛନ୍ତି, କ୍ଷୀର ପେଇ ସେ ତାଙ୍କ ପାଖରେ ଦାନ୍ତଥିବା ନାଗୁଣୀଟିଏ ପୋଷି ଥିଲେ ? ଦାନ୍ତ କଅଁଳିଛି ,ବିଷ ବଢ଼କିଛି, ଚୋଟ ମାରିବ ?

ସୁମତୀ ତା' ମୁହଁକୁ ଚାହିଁ ହସ ହସ ହୋଇଥିଲେ । ଚିବୁକରେ ହାତ ରଖି କହିଥିଲେ, ମୁହଁ ମଉଳାଇଲୁ କାହିଁକି ? ଭୟଙ୍କର ଶବଦଟା ଶୁଣି ଡରିଟଲୁ ? ଡାକ୍ତରଙ୍କୁ ମୁଁ ଚିହ୍ନେ । ସେ କେବେ କ'ଣ ଥିଲେ । ଆମେ ଦିହେଁ ଏକାଠି ବାନ୍ଧି ହେଲା ପରେ ସେ ସୁନା ମଣିଷ ହୋଇଛନ୍ତି । ତୋତେ ଚିହ୍ନିବାକୁ ମୋ'ର ବାକି ନାହିଁ । ମୁଁ ଭାବୁଥିଲି.....

-କ'ଣ ଅପା ?

-ତୁ ତୋ'ର ମା-ସର୍ବସ୍ୱତ ମତେ ଅରପି ଦେଇଛୁ, ସେ ସଜିହେଲେ । ତା'କୁ ତୋ' ଭିତରୁ ଆଣି କେଉଁ ବଡ଼ ହସ୍‌ପିଟାଲରେ ଅପରେସନ୍ କରି ମୋ' ଭିତରେ ଥାପିବା ଅବସ୍ଥାରେ ଯଦି ମୋ'ର ମରଣ ହୁଏ—

-ବରଂ, ମୋ'ର ମରଣ ହେଉ ଅପା । ମୋ' ଜୀବନର ଅନ୍ତ ହେଲେ କ୍ଷତି ନାହିଁ । ଗତି-ମୁକ୍ତି ପାଇଯିବି ।

-ଯଦି ମୋ'ର ମରଣ ହୁଏ ? ମୋ' ପେଟରୁ ସନ୍ତାନ ଜନମିବେ ନାହିଁ ଦଇବତ ଯଦି ସେହି ସିଦ୍ଧାନ୍ତ ଥାଏ ? ମୋ' ମନରେ ଅନ୍ୟ ଗୋଟିଏ ବିସ୍ମରଣା ଥିଲା ।

-କି ବିସ୍ମରଣା ?

-ତୋ' ଅରପିଲା ମୋ' ଫୁଲ ଦିଓଟି ତୋ' ଭିତରେ ସଜାଗ ସତେଜ ରହିଛି । ସେଇଠି ଯଦି ତା' ଉପରେ ରେଣୁ ପଡ଼ନ୍ତା କଳି ନ ହୁଅନ୍ତା କାହିଁକି ?

ମରଣର ମୁହଁ ଆଡ଼କୁ ଆମେ ଜାଣି ଜାଣି ଆଗେଇ ଯିବାର ପ୍ରୟୋଜନ ରହନ୍ତା ନାହିଁ ।

-ଡାକ୍ତରବାବୁଙ୍କୁ ପଚାରିଥିଲ କି ଅପା ?

-ଆପଦ ବିପଦ କଥା ? ହଁ, ସେ ବିଶେଷଜ୍ଞମାନଙ୍କର ପରାମର୍ଶ ନେବେ ବୋଲି କହିଥିଲେ । ସେ ଭୁଲିବାର ଲୋକ ନୁହନ୍ତି । ପୁଣି ତାଙ୍କର ମନେ ପକାଇ ଦେବି । ତରତର କାହିଁକି ? ତୋ'ର ସମ୍ମତି ଆଗ ସେ ଲୋଡ଼ି ପାରନ୍ତି ।

-ମୁଁ ରାଜି ହେବି ଅପା ! ମରିବାକୁ ମୋ'ର ଡରନାହିଁ ।

ସୁମତୀଙ୍କ ଡର ଥିଲା ! ସେବତୀ ସେଦିନ ଭାବିଥିଲା, କାହିଁକି ସେ ମରିବାକୁ ତେ ଡରୁଥିଲେ ? ହୁଏତ ନିଜ ପାଇଁ ନୁହେ । ଫଳବତୀ ହେବାର ଦୃଢ଼ ଆଶା ଧରି ସେ ଚିରଦିନ ଲାଗି ଆଖି ବୁଜିଲେ ତାଙ୍କର ନିଷ୍ଫଳ ଜୀବନ, ଉହ୍ଳଳ ବିକଳ ହସ୍ତୟନ୍ତ ଆତ୍ମା ଡାକ୍ତରଙ୍କ ପାଖେ ପାଖେ ଥାଇ ଅନୁଶୋଚନାରେ ଛଟପଟ ହେଉଥିବ ।

ସନ୍ତାନ-କାମନା ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥିଲା । ସେହି କାମନା ସୁମତୀ ଡାକ୍ତରଙ୍କ ମୁକୁଳା ବେ-ପରବା ମନରେ ଜଗାଇଥିଲେ । ତାଙ୍କର ଦାୟିତ୍ୱ-ହୀନ ଅଟଣା ଚଳଣକୁ ଆୟତ୍ତ କରିଥିଲେ । ନିଜର ବି । କୁଶ-ଲବ ସ୍ୱପ୍ନ ଦେହର ଦାହକୁ ତୁଚ୍ଛ କରିଥିଲା । ଦୁହିଁଙ୍କ ମନରେ ପ୍ରଗାଢ଼ ପ୍ରେମପ୍ରବଣତା ଜଗାଇଥିଲା । କୁଶ-ଲବ-ଲାଭ ଦୁରାଶାରେ ପରିଣତ ହୋଇଛି । ଭାଗ୍ୟ ଦୋଷରୁ ନିଜେ ସେ ହତାଶ ହୋଇଛନ୍ତି । ଡାକ୍ତରଙ୍କୁ ବି ହତାଶ କରିଛନ୍ତି ।

ସୁମତୀ କହନ୍ତି, ଆଲୋ ସେବତୀ, କେଜାଣି ମୋ'ର ଗତ ଉଚ୍ଛୃଙ୍ଖଳ ଜୀବନ ମୋ'ର ଦୁର୍ଦ୍ଦଶା ପାଇଁ ଦାୟୀ ! ଡାକ୍ତର ହସି ଉଡ଼ାଇ ଦିଅନ୍ତି । ମୋ'ର ମନ ମାନେ ନାହିଁ । କିନ୍ତୁ ସେ ? ଜାଣେ, ସେ ପିତା ହେବାକୁ ସମର୍ଥ । ମୁଁ ମାତା ହେବି ନାହିଁ ...

-ଅପା, ମୁଁ ତ ମୋ'ର.........

-ଜାଣେ, ସେଥିରେ ତାଙ୍କର ରେଣୁପାତ ହେଲେ, ଦଇବ ସାହା ହେଲେ, ମୋ' ମନକାମନା ପୂର୍ଣ୍ଣ ହେବ । ସେ ସମ୍ମତ ହେଲେ ତ ?

-ତମେ ତାଙ୍କୁ କହ । ମରିବାକୁ ମୋ'ର ଡର ନାହିଁ, ଦୁଃଖ ବି ନାହିଁ । ଅଲୋଡ଼ା ଜୀବନ ତମର ଆଶା ପୂରଣ କରିବ । ସେତିକି ଆନନ୍ଦ ନେଇ. ...

-ତୁନୀ ହ । ତାଙ୍କୁ ମୁଁ ପ୍ରବର୍ତ୍ତାଇବି ।

କେତେଥର ସୁମତୀଙ୍କର କଥା ତା'ର ମନରେ ଆନ୍ଦୋଳନ ସୃଷ୍ଟି କରିଥିଲା । ଯେଉଁ ବିସ୍ମରଣା କଥା ତାଙ୍କ ତୁଣ୍ଡରୁ ବାହାରି ଥିଲା ତା'ର ଉଦ୍ଦେଶ୍ୟ କ'ଣ ?

ତା' ଠାରେ ସୁମତୀ ନିଜର ଏକତ୍ୱ ଉପଲବ୍ଧି କରନ୍ତି, ସପତ୍ନୀବାଦ ନାହିଁ । ଏସବୁର ଅର୍ଥ ? ଜୀବନକୁ ସେ ଭଲ ପାଆନ୍ତି ? କିଏ ଭଲ ନ ପାଏ ? ତା'ର ଭେଟିଦିଆ ଜରାୟୁ-ଫୁଲରେ ରେଣୁପାତ ହେବ । କେବେ ? କେଉଁଠି ?

ଡାକ୍ତରଙ୍କୁ କ'ଣ ସେ ପ୍ରବର୍ତ୍ତାଇବେ ? ଜରାୟୁ ତା' ଭିତରୁ କାଢ଼ି ସୁମତୀଙ୍କ ଭିତରେ ସ୍ଥାପନ, ଅବା—

ଯେଉଁ ପ୍ରସ୍ତାବନା ତା'ର ମନକୁ ଆସେ ସେ ବିଚଳିତ ହୁଏ । ପଚାରିବାକୁ ସାହସ ଠୁଳାଇ ପାରେ ନାହିଁ । ମୁହଁ ଖୋଲି ସୁମତୀ ସିଧାସଳଖ କହନ୍ତି ନାହିଁ କାହିଁକି ? ସେ ପୋଷା ଜନ୍ତୁଟିଏ । ବିଲେଇ, କୁକୁର, ଛେଳି ବା ଗାଈ । ସ୍ନେହ ଓ ଯତ୍ନରେ ପାଳିବା । କୁଳୁକୁଳିଆ ଛୁଆ ପକାଇବେ । ଆହ୍ଲାଦର ପିଲା । ଘରର ଶୋଭା ବଢ଼ାଇବେ । ପାଳକ-ପାଳିକାଙ୍କର ସ୍ନେହ-ସରାଗକୁ ଜୀବନ୍ତ କରିବେ ।

ଯେବେ, ସେ ପଶୁ ନୁହେ, ମଣିଷଟିଏ । ସୁମତୀ ଯଦି କେବେ ପଚାରନ୍ତି, ସେ କ'ଣ ମନା କରିପାରିବ ? କହିପାରିବ, ବାଟ କଢ଼ାର ସେହି ଛୁଆ-କାଖେଇ ନଙ୍ଗୁଳୀଟିମାନେ ଆଉ ସେ, ସେମାନଙ୍କ ଭିତରେ ପ୍ରଭେଦ କେଉଁଠି ରହିବ ଅପା ? ମତେ ବିଦାୟ ଦିଅ । ମୁଁ ସେଇଠିକି ଓହ୍ଲାଇ ଯିବି । ଲାଜ ଭୟ ଛାଡ଼ି, ପ୍ରଚୁର ହସିବି । ହସୁଥିବି.....

ସେବତୀର ଭାବନା ଭିତରେ ସୁମତୀ ବୁଝାଇ କହନ୍ତି, ଆଲୋ ବାଇଆଣୀ, ପ୍ରଭେଦଟା ଦେଖି ମଧ୍ୟ ତୁ ଦେଖି ନାହୁଁ । ବୁଝି ମଧ୍ୟ ବୁଝି ନାହୁଁ । ସେମାନେ ନିଆଶ୍ରା । ଚୁଲି ଚାଳ ନାହିଁ ଅଘରବାସ । ବାରଦୁଆରିଏ । ଉବଡ଼ବଚହାଁ ଦେଖଣାହାରୀଏ ଫୁଙ୍ଗୁଳା ଯୌବନକୁ ଆଖିରେ ମନରେ ଆବୋରି ଧରନ୍ତି । ଦେଲେ ଦିଅନ୍ତି ପଇସା କେତୋଟି । ତାଙ୍କ ସପନର ମୂଲ । ଛି ସେ ଜୀବନ ! ଛି ସେ କରମ । ତାଙ୍କୁ ମରଣ ହେଉ ।

ତୁ ଲୋ ସେବତୀ, ରୂପରେ ଝଟକୁଛୁ । ତତେ ମୁଁ ସବୁ ଦେଇଛି । ତୋ' ପାଇଁ କାହାଣୀ ଗଢ଼ିଛି । ସେହି କାହାଣୀକୁ ସମସ୍ତେ ପରତେ ଯାଇଛନ୍ତି । ଦୁନିଆଁ ଜାଣେ ତୁ ମୋ ଭଉଣୀ । ମୁଁ ଜାଣେ, ତୁ ବି ଜାଣୁ, ତୁ ମୋ'ର ଅନ୍ୟ ଗୋଟିଏ ରୂପ । ତୋ' ବାଇଆ-ମଦୁଆ ବର ଆସିବାକୁ କିଏ ବାରଣ କରିବ ? ଭେଟାଭେଟି ହେବା ନୂଆ କଥା ନୁହେ ।

ତୋ' ପିଲାକୁ ମୁଁ କୋଳକୁ ଟେକି ନେବି । କାହାଣୀକୁ ସତ ଫଳାଇବି । ସେ ପିଲା ଜାରଜ ହେବ ନାହିଁ । ସଉତୁଣୀ-ବାଦର ପ୍ରଶ୍ନ ରହିବ ନାହିଁ । ସେ ହେବ ଡାକ୍ତରଙ୍କ କାମନାର ଧନ । ଆମର ସ୍ନେହ-ଶରଧାର ଅମୂଲ୍ୟ ମଣି ।

ସେବତୀର ଉଦ୍ଭଟ ଭାବନା ତୁଟେ । ସେ ଚମକି ଚାହେଁ ଚଉପାଶକୁ । ତା'ର ବାରସ୍ତଉଳିଆ ଚିନ୍ତା ଜୀବନ୍ତ ରୂପ ଧରିଛି କି ? କେହି ନାହିଁ । ବିଜୁଳି ଆଲୁଅରେ ତା'ର କୋଠରୀ ହସି ଉଠୁଛି । ବିଜୁଳିପଙ୍ଖାର ଚଳନରେ ଇତିହାସ ବହିର ପୃଷ୍ଠା ଗୁଡ଼ିକ ହଲି ହଲି ଓଲଟ ପାଲଟ ହେଉଛନ୍ତି ।

.....କଳିଙ୍ଗର ଯୁବରାଜ ପଲ୍ଲୁପୁର ଯୁଦ୍ଧରେ ନିହତ ହୋଇଥିଲେ । ଶିଶୁପୁତ୍ର ତୀବରର ମରଣ-ସମ୍ବାଦ ଶୁଣି ଯୁଦ୍ଧ-କ୍ଷେତ୍ରରେ ଯୁବରାଣୀ କାରୁବାକୀ ଅସ୍ତ୍ର ତ୍ୟାଗ କରିଥିଲେ । ଚଣ୍ଡାଶୋକଙ୍କର ସେନାପତି ତାଙ୍କୁ ବନ୍ଦିନୀ କରିଥିଲେ ।

କେତେ ପୃଷ୍ଠା ଓଲଟି ଯାଇଛି ।

ସେବତୀ ବହି ଉପରେ ହାତ ଥାପି, ମନର ଅବାନ୍ତର ଚିନ୍ତା ଆଡ଼େଇ ପକେଇଲା, ମହାରାଜ ଧର୍ମାଶୋକ ତାଙ୍କ ରାଜତ୍ୱର ସତାଇଶ ବର୍ଷରେ କୌଶାମ୍ବି ଅନୁଶାସନରେ ସମସ୍ତଙ୍କୁ ଜଣାଇ ଦେଇଥିଲେ ଯେ 'ବୌଦ୍ଧବିହାର, ଜୈନପୀଠ, ହିନ୍ଦୁମନ୍ଦିର, ଶିକ୍ଷାନୁଷ୍ଠାନ ଇତ୍ୟାଦି ପାଇଁ ଯେଉଁ ସମସ୍ତ ଦାନ କରା ହୋଇଛି, ସେ ସବୁ ତାଙ୍କର ଦ୍ୱିତୀୟା-ରାଣୀ ତୀବର-ଜନନୀ କାରୁବାକୀଙ୍କର ଦାନ ।'

ସେବତୀ ଘୂରନ୍ତା ପଙ୍ଖାକୁ ଚାହିଁ ବିଚାରୁଥିଲା, କଳିଙ୍ଗର ଯୁବରାଣୀ କାରୁବାକୀ କ'ଣ ଅଶୋକଙ୍କର ଦ୍ୱିତୀୟା ରାଣୀ କାରୁବାକୀ ?

ଭାବନାର କ୍ଲାନ୍ତିରେ ଆଖିପତା ମୁଦି ହୋଇ ଆସିଲା । ସେ ଚିହିଙ୍କି ଉଠି । ନା, ଆଉ ପଢ଼ି ହେବନାହିଁ । ସେ ଶୋଇ ପଡ଼ିଲା ।

ଗହନ ନିଦ । ସପନ ।

ସୁମତୀଙ୍କର ବିଚକ୍ଷଣା ସପନରେ ସତ ହେଲା । ସେବତୀର ସ୍ନାୟୁରେ ସୃଜନୀ ପ୍ରେରଣା ତୁହାଇ ତୁହାଇ ଆମୋଦୀ ଶିହର ଆଣିଲା । ଜାଗ୍ରତ ଅବସ୍ଥାରେ ଯାହାଙ୍କ ମୁହଁକୁ ସେ ନିଃସଙ୍କୋଚରେ ହସହସ ହୋଇ ଚାହେଁ, ନିଦ୍ରାର ସପନ-ଶିହରଣରେ ତାଙ୍କୁ ସେ ଅନାଇଁ ପାରେ ନାହିଁ । ସରମିଲା ଆଖିପତା ମୁଦି ହୋଇଯାଏ ।

ଚଉକି ଉପରେ ସେହି ବସିଛନ୍ତି, ଡାକ୍ତର ବାବୁ । ତା'ରି ମୁହଁକୁ ଚାହିଁ ରହିଛନ୍ତି । ହସ ହସ ହେଉଛନ୍ତି ।

କହିଲେ, କେତେବେଳୁ ଆସିଲିଣି । ଖେବନି କବାଟ ଖୋଲିଲା । ଭାବିଲି, ତମେ ପଢ଼ୁଛ । ସୁମତୀ ଶୋଇ ପଡ଼ିଲେଣି । ଟିକିଟିକଉ ଥିଲେ । ଦେହରେ ହାତ ଦେଲି । ଡାକିଲି । ବିଳିବିଳା ବନ୍ଦ ହେଲା । ନିଦ ଭାଙ୍ଗିଲା ନାହିଁ । କେତୋଟି ନିଦ ବଟିକା ଦେଇଛ ?

ଡରି ଡରି ସେବତୀ କହିଲା, ଗୋଟିଏ ତ । ଆପଣ ସେତିକି ଦେବାକୁ କହିଥିଲେ । କ'ଣ ବେଶୀ ଦେଇଥାନ୍ତି ?

ନାହିଁ । ଭାବୁଥିଲି କାଳେ ସେ ନିଜେ ଖାଇଥିବେ । ଠିକ୍ ଅଛି । ରାତି ଏଗାରଟା ହେଲାଣି । ମୁଁ କିଛି ଖାଇ ଆସିଛି । ମୋତେ କହି ଖେବନି ଯାତ ଦେଖିବାକୁ ଚାଲିଗଲା ।

ମୋତେ ପଚାରୁ ଥିଲା । ମନା କରିଥିଲି । ସେଲଟା ଭାରି ଅବାଧ୍ୟ ହେଲାଣି । କିଛି ଖାଇ ନାହିଁ ।

-ନାଟ ଦେଖାର ନିଶା ତାକୁ ଘାରିଛି । ତମେ ତାକୁ ଅପେକ୍ଷା କର ନାହିଁ । ଯାଅ ଖାଇ ନିଅ । ଶୋଇ ଶୋଇ ବହୁତ ପାଠ ପଢୁଥିଲ । କ'ଣ ସବୁ କହୁଥିଲ । ଶକେଇ ଶକେଇ ସୁଁ ସୁଁ ହେଉଥିଲ । ରହି ରହିକା ହସୁଥିଲ ବି ।

ସେବତୀ ଲାଜ ଲାଜ ହୋଇ ମୁଣ୍ଡ ନୋଇଁଲା । ଉତ୍ତର ଦେଲା ନାହିଁ ।

ଡାକ୍ତର ହସିଲେ । କହିଲେ, କି' ସପନ ଦେଖୁଥିଲ । ଦୁଃଖର, ପୁଣି ସୁଖର ? ମୁଁ ତମର ସୁନ୍ଦର ମୁହଁଟିକୁ ଚାହିଁ ଚାହିଁ ମନେ ମନେ ଆଲୋଚନା କରୁଥିଲି ।

ସେବତୀର ଛାତିରେ ଚମକ ଲାଗିଲା । ଡାକ୍ତରବାବୁ ଏମିତି କେବେ ତା' ରୂପକୁ ପ୍ରଶଂସା କରନ୍ତି ନାହିଁ । କ'ଣ ତାଙ୍କର ମନରେ ଅଛି ? ନିରେଳା ରାତି । ସୁମତୀ ଅଚେତା ହୋଇ ଶୋଇ ପଡ଼ିଛନ୍ତି । ଉଠିବେନି ନାହିଁ । ସେ କ'ଣ ଚାହୁଁଛନ୍ତି ?

ତାଙ୍କ ଆଗରୁ ଧାଇଁ ପଳାଇବାକୁ ତା'ର ମନ ହେଲା । କୁଆଡ଼େ ଯିବ ? କେଉଁ ଚାଲିରେ ପଶିବ ? ସୁମତୀ କ'ଣ ତାଙ୍କର ବିଚାରଣାକୁ କେବେ ଡାକ୍ତର ବାବୁଙ୍କ ଆଗରେ ପ୍ରକାଶ କରିଛନ୍ତି ?

ସେବତୀକୁ ନିରବ ଦେଖି ଡାକ୍ତର ପୁଣି ହସିଲେ । କହିଲେ, ତମର ସପନର କାରଣ ଅନୁମାନ କରିବାକୁ ଚେଷ୍ଟା କରୁଥିଲି ।

ସେବତୀ କହିଲା, ମୋ' ସପନ ଆପଣ ଭାଙ୍ଗି ଦେଲେ । ଭୁଲି ଗଲିଣି ।

ଡାକ୍ତର କହିଲେ, ତମେ ଠିଆ ହୋଇ ରହିଲ କାହିଁକି ? ବସ । ମୁଁ ମନେ ପକାଇ ଦେବି !

ତାଙ୍କର ଆଗ୍ରହ-ଭରା ଭରା ହସ ମୁହଁକୁ ଚାହିଁ ସେବତୀ ମୁହୂର୍ତ୍ତେ ଥଙ୍ଗ ଥଙ୍ଗ ହେଲା । ସେ ଚାହିଁ ରହିଥିଲେ । କିପରି ନିର୍ଦ୍ଦେଶ ଲଙ୍ଘନ କରନ୍ତା ? ଧୀରେ ଧୀରେ ପାଦ ଚାଲି ସେ ପାଖକୁ ଗଲା । ତକ୍ତପୋଷ ଉପରେ ବସିଲା । ଗୋଡ଼ ଦିଓଟି ତଳକୁ ଲମ୍ବାଇ ସେ ଭୂମି ଉପରେ ପାଦ ଥାପିଥାଏ । ଥରୁଥାଏ । ଲାଜେଇ ହେଉଥାଏ । ଦୃଷ୍ଟି କେଉଁଠି ସ୍ଥିର ହେଉ ନ ଥାଏ ।

ଡାକ୍ତର କହିଲେ, ପରିଣାମର ଆଶଂକାରେ ତମେ ଦୁଃଖ କରୁଥିଲ । ଲୁଚେଇ ଲୁଚେଇ କାନ୍ଦୁଥିଲ । କିନ୍ତୁ, ମନଲୋଭୀ ଦିବ୍ୟସୁନ୍ଦର କଅଁଳିଆ ଶିଶୁଟିକୁ ଦେଖି ମନ ଖୁସିରେ ହସୁଥିଲ ।

-ହଁ, ଅପାଙ୍କ କୋଳରେ । ପୁଅ କି ଝିଅ ମନେ ପଡ଼ୁ ନାହିଁ । ପୁଅଟିଏ ହୋଇଥିବ ।

-ସୁମତୀଙ୍କ କୋଳରେ, ତମର ଶିଶୁ । ତମର ସନ୍ତାନ । ଝିଅଟିଏ ବି ହୋଇଥିବ । ତମରି ସ୍ୱରୂପ । ତମେ କ'ଣ ଖୋଜୁଥିଲ ?

ଅପା ଖୋଜୁଛନ୍ତି ପୁଅଟିଏ । ସେ ଆପଣଙ୍କର ବଂଶ ରକ୍ଷା କରିବ ।

ଡାକ୍ତର ତୁନୀ ରହିଲେ । କ'ଣ ବିଗ୍ଭରୁଥିଲେ । ଅନ୍ୟମନସ୍କ ରହିଲେ । ଦୀର୍ଘ ଶ୍ୱାସ ଛାଡ଼ି ଚଉକିରୁ ଉଠି ଠିଆ ହେଲେ । ଦ୍ୱାର ଆଡ଼କୁ ଆଗେଇ ଯିବାକୁ ପାଦ ପକାଇଲେ । ସେବତୀ ତଟସ୍ଥ ହେଲା । ହତାଶାର ଉଦ୍‌ବେଗରେ ସେ ମଧ୍ୟ ଉଠିଲା । ସାମାନ୍ୟ ଥରିଲା ସ୍ୱରରେ ଡାକିଲା, ଡାକ୍ତରବାବୁ !

ଡାକ୍ତର ଅଟକିଲେ । ମୁହଁ ବୁଲାଇ ତାକୁ ପ୍ରଶ୍ନଭରା ଆଖିରେ ଗ୍ଭହନ୍ତେ ସେ କହିଲା, ମୋ' ସପନ ମୁଁ ଭୁଲି ଯାଇଥିଲି ଡାକ୍ତରବାବୁ, ମୋ' ମନରେ ଆପଣ ଜୀଅନ୍ତା ସପନ ଜଗାଇଛନ୍ତି ।

ଡାକ୍ତର ବୁଲି ପଡ଼ି ତା'ର ମୁହାଁମୁହିଁ ହେଲେ । ତାର ହାତଟିଏ ଧରି କହିଲେ, ସତେ ?

ସେବତୀର ହାତ ଥରୁଥିଲା । ସେ ତାହା ଅଲଗାଇ ପାରିଲା ନାହିଁ । ସୃଜନୀ-ପ୍ରେରଣାରେ ସେ ବିଚଳିତ ହେଉଥିଲା । ସେ ଉତ୍ତର ଦେଇ ପାରିଲା ନାହିଁ । ଡାକ୍ତରଙ୍କର ଛାତି ଉପରେ ସେ ନିଜକୁ ଅଜାଡ଼ି ଦେଇ ପାରିଲା ନାହିଁ । ଜଣକର ସଜଳ-ଗ୍ଭହାଣୀ ତା'ର ଆବେଗକୁ ପଛରୁ ଓଟାରି ଧରିଥିଲା । ସେ ଜଣକ ତା'ର ଆଶ୍ରୟ-ଦାୟିନୀ, ସ୍ନେହମୟୀ, ସନ୍ତାନ-ଲାଳସିନୀ ଅପା ସୁମତୀ । ପ୍ରବଳ ପ୍ରତ୍ୟୟରେ ସେ ନିଶ୍ଚିନ୍ତରେ ଶୋଇଛନ୍ତି । କେଜାଣି, ସେ ବି ସପନ ଦେଖୁଥିବେ—ତା'ରି ଜରାୟୁରେ ଗଢ଼ା ହୋଇ ତାଙ୍କରି ପେଟରୁ ଜନମିଥିବା ସୁନ୍ଦର ଶିଶୁଟିଏ କୋଳରେ ଧରିଥିବେ ।

ସେ ତଳକୁ ଗ୍ଭହିଁଲା । ଦେହ ସ୍ୱେଦ ଜରଜର ହୋଇ ଆସୁଥିଲା । ପ୍ରତି ମୁହୂର୍ତ୍ତରେ ସେ ଆଶା କରୁଥିଲା, ଅତି ନିକଟରେ ଯିଏ ଆଗରେ ଉଭା ହୋଇ ତା'ର ଆଗ୍ରହୀ ହାତଟି ଧରିଛନ୍ତି, ଦୁଇଟି ଦେହର ବ୍ୟବଧାନକୁ ସେହି ସପନ ପୁରୁଷ ଦୂର କରିବେ । ସେ ବାଧା ଦେବ ନାହିଁ । ଦେଇ ପାରିବ ନାହିଁ । ଆଶ୍ରିତାଟିଏ ତ—

ତା'କୁ ବିସ୍ମିତା କରି ଡାକ୍ତର ତା'ର ହାତ ଛାଡ଼ିଦେଲେ । ଅଳପ ନଇଁଲା ମୁଣ୍ଡଟିକୁ ଦୁଇ ହାତର ପାପୁଲିରେ ଧରି ସଳଖି ଦେଲେ । ମୃଦୁ ହସି କହିଲେ, ବସ । ଜାଣେ, ତମେ ଶୋକରେ ଆତୁର ହୋଇଛ । ଛାତିର ଦୁର୍ବଳତା ତମକୁ ଥରଉଛି ।

ବିଳିବିଳେଇଲା ପରି ସେବତୀ କହିଲା, ନାଇଁ,—

ସେ ନିଜେ ପୁଣି ଚଉକିରେ ବସିଲେ । ସେବତୀ ଖଟକୁ ଆଉଜି ଠିଆ ହେଲା । ଡାକ୍ତର କହିଲେ, ଶୁଣ । ଯେଉଁ ଉପାୟରେ ତମେ ଓ ସୁମତୀ ତମର ସନ୍ତାନ କାମନା ପୂରଣ କରିବାକୁ ମନ ବଳାଇଛ, ତାହା ସମ୍ଭବ ନୁହେ । ଦୁହିଙ୍କର ସ୍ୱପ୍ନ ...କେବେ ସଫଳ ହେବ ନାହିଁ ।

-ଡାକ୍ତର ବାବୁ !.....

-ଯାହା କହିଲି ନିଘଟ ସତ । ଆଜିଯାଏ ପୃଥିବୀରେ କେଉଁଠି ଜଣକର ଗର୍ଭାଶୟକୁ ନେଇ ଅନ୍ୟ ଜଣକର ଗର୍ଭରେ ରୋପଣ କରାଯାଇ ନାହିଁ । ସନ୍ତାନଟିଏ

ପାଇଁ ଆମର ବିବାହ ହୋଇଥିଲା । ସୁମତୀ ଦିଓଟି ଶିଶୁ ପେଟରେ ଧରି ଦୁଇଥର ହତାଶ ହୋଇଥିଲେ । ତା' ପରେ ଯାହା ହୋଇଥିଲା ତମେ ଜାଣିଛ । ସେ ସନ୍ତାନର ମା ହୋଇ ପାରିବେ ନାହିଁ । ଏହା ଜାଣିଲା ପରେ ସେ ହତାଶ ହୋଇ ଗୋଟାଏ ଖିଆଲ ମୁଣ୍ଡରେ ପୂରାଇଛନ୍ତି । ହୁଏତ କିଏ ପରିହାସରେ ହେଉ, ଅବା ଅନ୍ୟ କେଉଁ ଉଦ୍ଦେଶ୍ୟରେ ଅସମ୍ଭବ ଖିଆଲଟିଏ ତାଙ୍କ ମୁଣ୍ଡରେ ଭରି ଦେଇଛି । ସେ ଖିଆଲୀପାଗଳ ହୋଇଛନ୍ତି ।

-ଖିଆଲୀ-ପାଗଳ ?

-କଳ୍ପନା-ବିଳାସୀ ପାଗଳ । ତାଙ୍କର ଧାରଣା ଯେ ଭୁଲ୍ ଏହା ତାଙ୍କୁ ଜଣାଇଁ ଦେଲେ ସେ ହତାଶ ହେବେ । ରୋଗଣୀ ହେଲେଣି । ଛାତି ଦୁର୍ବଳ । ପରିଣାମ ଖରାପ ହୋଇ ପାରେ ।

-କ'ଣ କରାଯାଇ ପାରିବ ? ତାଙ୍କୁ ସତ କଥା କିପରି ଜଣାଇ ଦିଆଯିବ ? ତାଙ୍କର ଆଶା ପୂରଣ କରିବାକୁ ମୁଁ ମୋ'ର ଅଲୋଡ଼ା ଜୀବନ ଦେବାକୁ ପ୍ରସ୍ତୁତ ଅଛି ।

-ଜାଣେ । ତମର ଜୀବନର ବିନିମୟରେ ସେ ସନ୍ତାନଟିଏ ପାଇ ପାରିବେ ନାହିଁ । ତମେ ତମର ଗର୍ଭାଶୟ ତାଙ୍କୁ ଦାନ କରି ସାରିଛ । ଅସମ୍ଭବକୁ ସମ୍ଭବ କରାଗଲେ ଦୁଇଟି ପେଟ କାଟିବାର ଯେଉଁ ବେଦନା, ପ୍ରାଣହାନୀର ଭୟ ବି ରହିଛି, ତା' ଠାରୁ ଅତି ଅଳ୍ପ ବେଦନାରେ ଦୁହିଁଙ୍କର ମନକାମନା ପୂର୍ଣ୍ଣ ହେବାର ସମ୍ଭାବନା ଅଧିକ ।

-କ'ଣ ସେ ବେଦନା ? ମୁଁ ସହିବାକୁ ପ୍ରସ୍ତୁତ । ଅପା କ'ଣ ସହି ପାରିବେ ?

ଡାକ୍ତର ହସିବାକୁ ଲାଗିଲେ । ସେବତୀ ନିର୍ବୋଧଙ୍କ ପରି ତାଙ୍କ ମୁହଁକୁ ଚାହିଁ ରହିଲା । ହସ ବନ୍ଦ କରି ଡାକ୍ତର ଗମ୍ଭୀର ହୋଇ କହିଲେ, ତାଙ୍କର ସହିବାର ପ୍ରଶ୍ନ ଉଠୁ ନାହିଁ । ତମେ ସହିବାକୁ ପ୍ରସ୍ତୁତ ହେଲେ ଯଥେଷ୍ଟ ।

-ମୁଁ ପ୍ରସ୍ତୁତ, ଡାକ୍ତର ବାବୁ ।

-ସୁମତୀଙ୍କର ଶିଶୁକୁ ତମେ ଗର୍ଭରେ ଧରିବ । ତା'କୁ ଆଲୋକ ଦେଖାଇବାର କଷ୍ଟ ସହିବ । ସେ ତା'କୁ କୋଳକୁ ଟେକି ନେବେ । ମୋ' କୋଳରେ ଥାପିବେ । ଯେଉଁ ଉଦ୍ଦେଶ୍ୟରେ, କହ ଅଲେଖା-ସର୍ତ୍ତରେ ମୁଁ ତାଙ୍କୁ ବିବାହ କରିଥିଲି ସେହି ସର୍ତ୍ତ ପାଳନ କରି ଜୀବନରେ ସେ ଶାନ୍ତି ପାଇବେ । ମୁଁ ସୁଖୀ ହେବି । ତମେ—?

ସେବତୀର ପାଦ ଥରୁଥିଲା । ଛାତି ଧଡ଼କୁ ଥିଲା । କି ଉତ୍ତର ଦେବ ସ୍ଥିର କରି ନ ପାରି ସେ ତକ୍ତପୋଷ ଉପରେ ବସି ହାତ ଭରା ଦେଲା । ଡାକ୍ତରଙ୍କ ବୁଲାଣିଆ କଥାର ଅର୍ଥ ସେ ସହଜରେ ବୁଝି ପାରିଥିଲା । ଭାବିଲା, ନିକାଞ୍ଚନ ପରିବେଶର ସୁଯୋଗ ନେଇ ଡାକ୍ତର ଯଦି ତାଙ୍କର ମନକାମନା ପୂରଣ କରିଥାନ୍ତେ ସେ କ'ଣ ବାଧା ଦେବାକୁ ସାହସ କରି ପାରିଥାନ୍ତା ? ତାଙ୍କର ଆହ୍ଲାଦ ଇଙ୍ଗିତକୁ ସେ ବିନା ଦ୍ୱିଧା, ବିନା ପ୍ରତିବାଦରେ ସ୍ୱାଗତ କରିଥିଲା ।

ତା'ର ନିଃସାହାପଣିଆଁ ପାଇଁ ନୁହେ, ସୃଜନୀ-ପ୍ରେରଣାର ସ୍ୱତଃ ଜାଗରଣ ପାଇଁ । ପରିଣାମର ଭୀତି ମନକୁ ଆସି ନ ଥିଲା । ଡାକ୍ତର ଆ୦ବେଗରେ ବିଗ୍ଳରହ୍ୱାନ ଲୋକ ନୁହନ୍ତି । କି ଉତ୍ତର ସେ ଦେବ ?

ଡାକ୍ତର କହିଲେ, ବୁଝିଲି । ତମେ ସୁଖୀ ହେବ ନାହିଁ । ହେଲା । ଦୁଃଖ କରନାହିଁ । ଭୟ କରନାହିଁ ଯେ ତମେ ଆଶ୍ରୟହୀନା । ନା, ସେବତୀ । ତମେ ଏ ଘରର ଅଚ୍ଛିନ୍ନା ଅଂଶ ହୋଇ ସାରିଛ ! ଆନନ୍ଦରେ, ସ୍ୱାଧୀନ ନିଃସଙ୍କୋଚରେ ଯେମିତି ରହିଛ ସେମିତି ରହିବ । ସୁମତୀଙ୍କର ବାଇଆ ପ୍ରସ୍ତାବ ଯେ ସମ୍ଭବ ନୁହେ ମୁଁ ନିଜେ ତାଙ୍କୁ ବୁଝାଇ ଦେବି ।

ଡାକ୍ତରବାବୁ ଚଉକିରୁ ଉଠିବାକୁ ଉଦ୍ୟତ ହେଉଣୁ ସେବତୀ ଅସ୍ଥିର ହୋଇ କହି ଉଠିଲା, ଶୁଣନ୍ତୁ ଡାକ୍ତରବାବୁ । ଆପଣ ଯାହା ଠିକ୍ ମନେ କରୁଛନ୍ତି କରନ୍ତୁ ପଛେ, ମୋ' ଅପାଙ୍କୁ ହତାଶ ବାଣୀ ଶୁଣାନ୍ତୁ ନାହିଁ । ସେ ସତକୁ ସତ ବାଇଆଣୀ ହୋଇଯିବେ । ଦୁନିଆଁ ତାଙ୍କ ଆଖିରେ ଶୂନ୍ୟ ଦିଶିବ । ଭଗବାନ୍ ନ କରନ୍ତୁ, ହୁଏତ ସେ ବଞ୍ଚି ପାରିବେ ନାହିଁ ।

-ସତ । କିନ୍ତୁ, କେତେଦିନ ଯାଏ ମୁଁ ସତ୍ୟ-ଘଟଣା ଲୁଚାଇ ପାରିବି ? ତାଙ୍କର ବାଇଆ ପ୍ରସ୍ତାବ ଯେ ସମ୍ଭବ ହୋଇ ନ ପାରେ, ପୁଣି ତମ ଦୁହିଁଙ୍କର ପ୍ରାଣହାନୀ ହେବାର ସମ୍ଭାବନା ଯେ ତାଙ୍କ ପ୍ରସ୍ତାବ ପାଳନରେ ଅଛି, ଏହା ସେ ଅନୁମାନ କରନ୍ତି । ଦିନେ ସେ ମୋତେ ପଚାରୁ ଥିଲେ ।

-ଆପଣ କ'ଣ କହିଲେ ?

-ନିଷିଦ୍ଧ ବୋଲି ସ୍ୱୀକାର ନ କରି ସଙ୍କଟପୂର୍ଣ୍ଣ ବୋଲି କହିଥିଲି । ସେ ଆଉ ଗୋଟିଏ ହାସ୍ୟାସ୍ପଦ ପ୍ରସ୍ତାବ କରୁଥିଲେ । ମୁଁ ତାଙ୍କୁ ବୁଝାଇ ଦେଲି ଯେ ଗାଈ ମଇଁଷିଙ୍କ ପକ୍ଷରେ ଯାହା ସମ୍ଭବ ହେଉଛି ନାରୀ ପକ୍ଷରେ ତାହା ସମ୍ଭବ ହୋଇ ପାରିବ ନାହିଁ ।

ସେବତୀ ସରମରେ ଦୃଷ୍ଟି ଆଡ଼େଇଲା । କୃତ୍ରିମ ପ୍ରଜନନ କଥା ସେ ଜାଣିଛି । କେଉଁଠିକାର କେଉଁ ଅଜଣା ବୃଷମାନଙ୍କର ବଳିଷ୍ଠ ସୁନ୍ଦର କେତେ ବାଛୁରୀଙ୍କୁ ଏଇ ସହରରେ ଆଖିପୂରାଇ ସେ ଦେଖିଛି, ଖୁସି ହୋଇଛି । ମଣିଷ ପକ୍ଷରେ ତାହା ସମ୍ଭବ କି ଅସମ୍ଭବ, ଏପରି ପ୍ରଶ୍ନ କେବେ ମନକୁ ଛୁଇଁ ନଥିଲା । ସମ୍ଭବ ହେଉଥିଲେ, ଦେବଶିଶୁ ପରି ହେଉ ପଛେ ଶିଶୁଟି, ସେ ତା'ର ଜନ୍ମଦାତ୍ରୀର ସତ, କିନ୍ତୁ ପାଳନକର୍ତ୍ତା ପିତାର ରକ୍ତଧାରାର ଭବିଷ୍ୟ-ପ୍ରବର୍ତ୍ତକ ହେବ ନାହିଁ । ସ୍ନେହ ଓ ସହାନୁଭୂତିର ପୂର୍ଣ୍ଣ-ଅଧିକାରୀ ହୋଇପାରେ । କିନ୍ତୁ, ସେ ପାଳିତ-ପୁତ୍ର ଅପେକ୍ଷା ଆହୁରି ଦୂର । ଜଣକର ବୃକ୍ଷ ପରିଚିତ, ଜଣା ଓ ଘନିଷ୍ଠ । ଆରଟିର, ହୋଇପାରେ ଗୋଟିଏ ସୁନ୍ଦର ଛାୟାଚିତ୍ର ।

ସେବତୀ ଲଜ୍ଜା ଓ ସଙ୍କୋଚ ଦୂର କରି ସ୍ୱାଭାବିକ ରୀତିରେ କହିଲା, ଅପାଙ୍କୁ ସୁଖୀ କରିବାକୁ ମୁଁ ତାଙ୍କୁ ମୋ'ର ନାରୀ-ସର୍ବସ୍ୱ ଦେଇ ସାରିଛି । ସେ ଚାହିଁଲେ ତାଙ୍କର ମନକାମନା ପୂର୍ଣ୍ଣ କରିବାକୁ ମୁଁ ମୋ'ର ଦେହଟା, ଏଇ ଚଳନ୍ତି ଯନ୍ତ୍ରଟାକୁ ଆପଣଙ୍କୁ ଦେଇଦେବି ଡାକ୍ତରବାବୁ ।

ଡାକ୍ତର ମୁଗ୍ଧ-ବିସ୍ମିତ ହୋଇ ନତମୁଖୀ ସେବତୀକୁ ଚାହିଁ ରହିଲେ । ପ୍ରକୋଷ୍ଠରେ ନୀରବତାର ରାଜତ୍ୱ । ବିଜୁଳି-ପଙ୍ଖାର କ୍ରମିକ ଶବଦ ନୀରବତାକୁ ଆହୁରି ନିବିଡ଼ କରୁଥିଲା । କେତୋଟି ମୁହୂର୍ତ୍ତ ତାଙ୍କୁ କେତେ ଘଣ୍ଟା ପରି ମନେ ହେଲା । ସେ ତାଙ୍କର ହାତ-ବନ୍ଧା ଓ୍ୱାଚ୍‌କୁ ଅନାଇଁ ଚମକି ଉଠିଲେ । ଅର୍ଦ୍ଧରାତ୍ରୀ ଅତିକ୍ରମିଛି ।

ସେ ଉଠିଲେ । କହିଲେ, ସୁମତୀଙ୍କର ମନ ସେଇଆ ଚାହେଁ ସେବତୀ । ତମର ମନରେ ଦୁଃଖ ନ ଦେବାକୁ ସେ ଗର୍ଭାଶୟ ସ୍ଥାପନାର ଅସମ୍ଭବ କାମକୁ ସମ୍ଭବ କରିବାର ପାଗଳା-ପ୍ରସ୍ତାବ କରୁଥିଲେ । ମୁହଁ ଖୋଲି ତମକୁ ସେ କହି ପାରୁ ନାହାନ୍ତି । କିନ୍ତୁ.........

କଥା ଅଧା ରଖି ସେ ଧୀରେ ଧୀରେ ପ୍ରକୋଷ୍ଠରୁ ପଦାକୁ ବାହାରି ଆସିଲେ । ସେବତୀ ତାଙ୍କର ଅନୁଗମନ କଲା । ଅଗଣାରେ ପ୍ରକୋଷ୍ଠର ଆଲୁଅ ପଡ଼ି ଗୋଟିଏ ପାଖ ଆଲୋକିତ କରୁଥିଲା । ବାରଣ୍ଡାରେ ଝାପ୍‌ସା ଝଲକ ।

ବାରଣ୍ଡା ଉପରେ ସେବତୀ ଡାକିଲା, ଡାକ୍ତରବାବୁ ! ....

ଡାକ୍ତର ଅଟକିଲେ । ବୁଲି ଠିଆହେଲେ । ଆଗରେ ସେବତୀ । ପଚାରିଲେ, କ'ଣ ?

ସେବତୀ ତୁଣ୍ଡ ଖୋଲି ପାରିଲା ନାହିଁ । ଟିକିଏ ଅପେକ୍ଷା କରି ସେ ଆପେ କହିଲେ, ତମେ ଯାହା ଜାଣିବାକୁ ଚାହୁଁଛ ମୁଁ ବୁଝିପାରୁଛି । ସେ ତାଙ୍କର ଇଙ୍ଗିତ ଦ୍ୱାରା ତମକୁ ତାଙ୍କର ମନର କଥା ବାରମ୍ବାର ଜଣାଇଁ ଦେଇଛନ୍ତି । ତମଠାରେ ତାଙ୍କର ସପତ୍ନୀବାଦ ନାହିଁ । ତମେ ଓ ସେ ଅଭିନ୍ନ ବୋଲି ସେ ପ୍ରକାଶ କରନ୍ତି । ଏସବୁ କଥାର ଉଦ୍ଦେଶ୍ୟ ଗୋଟିଏ ।

-କାହାଠାରୁ ଶୁଣିଲେ ?

-ତାଙ୍କ ବିକଳ-ଆତ୍ମାର କୁହାଟ । ମତେ କହୁଥିଲେ । ତମର ସମ୍ମତି ମିଳିବ ନାହିଁ, ଯେହି ଡରରେ ସେ ଅସମ୍ଭବ ପ୍ରସ୍ତାବକୁ ସମ୍ଭବ କରିବାର ପାଗଳ ଆଶା ମନରେ ପୋଷିଛନ୍ତି ।

-କେମିତି ମୁଁ ଅକୃତଜ୍ଞ ହେବି ଡାକ୍ତରବାବୁ ? ବରଂ, ମୋ'ର ମରଣ ହେଉ ।

-ତା' ହେଲେ ତାଙ୍କର ବି ମରଣ ହେବ । ଯେଉଁ ଆଶା ହୁଏତ ମନରେ ପୋଷି ସେ ତମକୁ ରାସ୍ତାଉପରକୁ ଛାଡ଼ି ନ ଦେଇ ପାଖକୁ ଆଣିଥିଲେ ସେ ଆଶା ଭାଙ୍ଗିଲେ ସେ ବଞ୍ଚି ପାରିବେ ନାହିଁ ।

ସେବତୀର ତୁଣ୍ଡରୁ କଥା ବାହାରିଲା ନାହିଁ । ମନର ଅନ୍ତରାଳରେ ଧାରଣାଟିଏ ହଲଚଲ ହେଉଥିଲା—ସୁମତୀ ତା'କୁ ଗୋସାଇଁ ନ ଥିବା ଗାଈଟିଏ ପରି ମଣିଥିଲେ ପରା । ସେଇଥି ପାଇଁ ଦାଣ୍ଡକୁ ଯିବା ଆଗରୁ ନିଜ ଗୁହାଳକୁ ଆଣିଥିଲେ । ସ୍ନେହ ସରାଗରେ, ଅତି ଯତ୍ନରେ ପାଳିଛନ୍ତି । ନିଜର ମମତା ବିନିମୟରେ ସନ୍ତାନଟିଏ ପାଇବାର ଆଶା ପୋଷିଛନ୍ତି ।

ଡାକ୍ତର ଟିକିଏ ଅପେକ୍ଷା କରି କହିଲେ, ତାଙ୍କର ଆଶା ପୂରଣ କଲେ ତମେ ଅକୃତଜ୍ଞ ରହିବ ନାହିଁ । ଯେଉଁଦିନ ସେ ଜାଣିବେ ଯେ ତୁମେ ତାଙ୍କର ସ୍ୱପ୍ନକୁ, ତାଙ୍କର ଆଶାକୁ ତମ ଭିତରେ ରୂପ ଦେଇ ଗଢ଼ୁଛ, ସେ କୃତଜ୍ଞ ହେବେ । ମନର ଉଲ୍ଲାସରେ ହୁଏତ ସେ ସୁସ୍ଥ-ସବଳ ହେବେ ।

ସେବତୀ କହିଉଠିଲା, ସତେ ଡାକ୍ତରବାବୁ ? ତାଙ୍କର ଆଶା ପୂରଣ କରିବାକୁ ମୁଁ ...ମୁଁ .....ନିଜକୁ ଆପଣଙ୍କ ପାଖେ...

ସେ ତା'ର ବାକ୍ୟ ଶେଷ କରିପାରିଲା ନାହିଁ । ଦୁଇ ହାତରେ ମୁହଁ ଘୋଡ଼ାଇଲା ।

ଡାକ୍ତର ତା'ର ଉତ୍ତର ପାଇଲେ । ଗୋଟିଏ ହାତରେ ତା'ର ଶରୀରକୁ ନିଜର ଛାତି ଉପରକୁ ଆଉଜାଇଲେ । ଆର ହାତରେ ତା'ର ପିଠି ସାଉଁଳିଲେ ।

ସେବତୀ ଅଚଳ ରହିଲା ।

ଡାକ୍ତର ଧୀରେ ଧୀରେ ତା'ର ଦେହକୁ ଅଲଗା କଲେ । ବସନଖସା ମୁଣ୍ଡଟିକୁ ଦୁଇ ହାତରେ ଟେକି ନିଜେ ମୁହଁ ନୋଇଁ ତା'ର ଗଣ୍ଡ ଚୁମ୍ବନ କଲେ । ମୁହଁ ଉଠାଇ ସେନେହି କହିଲେ, ରାତି ଅଧିକ ହେଲାଣି । ତମେ ଉପାସ ରହିଛ । ଯାଅ, ଅଳ୍ପ କିଛି ଖାଇନିଅ । ଶୋଇପଡ଼ ।

-ଆପଣ ?

-ମୋ'ର ଖାଦ୍ୟ ଲୋଡ଼ା ନାହିଁ । ନିଦ ଲୋଡ଼ା ।

-ଭୈରବନିକୁ ଅପେକ୍ଷା କରିବି ।

-ତା'କୁ ମୁଁ କିଛି ପଇସା ଦେଇଛି । କେଉଁଠି କ'ଣ କିଣି ଖାଇବ । ବାରଣ୍ଡା ବେଞ୍ଚରେ ଶୋଇବ । ତମେ ଯାଅ ସେବତୀ, ଆଉ ଡେରି କରନାହିଁ ।

କହୁ କହୁ ଡାକ୍ତର ସେବତୀର ହାତ ଧରି ପାଖକୁ ଆଣିଲେ । ତା' ସ୍ନାୟୁରେ ଅନଳ ଜଳାଇ ତା'କୁ ଗଭୀର ଆଶ୍ଳେଷରେ ଆବଦ୍ଧ କଲେ । ତା'ର ମୁଖ ଚୁମ୍ବନ କରି ତା'କୁ ମୁକ୍ତି ଦେଲେ । ଦେହ ବୁଲାଇ ଧୀରେ ଧୀରେ ସେ ତାଙ୍କର ଶୟନକକ୍ଷରେ ପ୍ରବେଶ କଲେ ।

କବାଟ କିଲିଲେ ।

ସେବତୀ ଥକା ହୋଇ ବାରଣ୍ଡାର ଖମ୍ବକୁ ଆଉଜି ଠିଆହୋଇ ରହିଲା । କ'ଣ ସବୁ ଘଟିଗଲା ସେ ଚିନ୍ତା କରିପାରିଲା ନାହିଁ । ଶୂନ୍ୟ ଅଗଣା ପରି ତା'ର ମନ ମଧ୍ୟ ଶୂନ୍ୟ ହେଲା । ଦୁଇ ଆଖିରୁ ଆପେ ଆପେ ଲୁହଧାର ଗଡ଼ି ଆସିଲା ।

ତା'ର ଚେତନା ଫେରି ଆସିଲା । ମନ କହିଲା ଚଇତନକୁ—ବିନନ୍ଦ ମହାପାତ୍ରଙ୍କ ଘରର ବୋହୂର ସତକୁ ସତ ଆଜି ମରଣ ହେଲା । ସତେ ଯଦି ଆନନ୍ଦ ବଂଚିଥାଏ, କେବେ ବାଇଆ-ବାତୁଳ ହୋଇ ଫେରିଆସେ, କେଜାଣି କେମିତି କେଉଁଠ ଦେଖାହୁଏ, ସେ ସିନା ଚିହ୍ନିବ, ଏ ସେବତୀ ଆଉ ଚିହ୍ନିବ ନାହିଁ । ସେହି ନାମଟାର ଖୋଳ ଭିତରେ, ଏକା ରୂପରେ, ସୁମତୀଙ୍କର ଖେଳଣା ତାଙ୍କର ସପନର ରଙ୍ଗ ବୋଲି ହୋଇ, ବାଇଆ ବାସନାର ବାହନ ହୋଇ ଆତଯାତ ହେଉଥିବ ।

ସେବତୀ ନିଜ କୋଠରୀକୁ ଫେରି ଆସିଲା । କବାଟ କିଳିଲା । ଆଲୁଅ ଲିଭାଇ ଅନ୍ଧାରରେ ତକ୍ତପୋଷ ଉପରକୁ ଆସିଲା । ଛାତି ଭିତରୁ କୋହ ଉଠୁଥାଏ । ବିଛଣାରେ ଶୋଇଲା । ଭାବିଲା, ନିଜର ନାରୀ-ସର୍ବସ୍ୱକୁ ସେ ସୁମତୀଙ୍କୁ ଭେଟି ଦେଇଥିଲା । ଆଜି ଏଇ ନିରେଳା ଘଡିରେ ସେ ନିଜର ଅଲୋଡ଼ା ଦେହକୁ ଡାକ୍ତରଙ୍କ ପାଖରେ ସମର୍ପି ଦେଇଛି । ଫେରାଇ ନେବାର ଉପାୟ ନାହିଁ । ନା, ନାହିଁ ।

ଅନ୍ଧାର ଭିତରେ, ମୁଦ୍ରିତ ଆଖି-ଆଗରେ ସେକାଳର ତରୁଣ ଆନନ୍ଦ ହସ ହସ ହୋଇ ଘରକୁ ପଶି ଆସୁଛି । ଲଣ୍ଠଣ ଆଲୁଅରେ ଦିଶିଯାଉଛି ତା'ର ଉଷଡ-ମୁହଁ । କବାଟ କିଳୁଛି । ରହୁଛି । ଆଖିରେ ବିଭୋର ନିଶା । ମିଳନ-ଆଶା । ସେ ପାଖେଇ ଆସୁଛି । ହାତ ବଢ଼ାଉଛି । ସେବତୀ କହି ଉଠୁଛି, ଛୁଅଁ ନା, ଛୁଅଁ ନା । ତମର ସେବତୀ ଅଥଳ ଜଳରେ ବୁଡ଼ି ମରିଛି । ମୁଁ ତା'ର ଜୀଅନ୍ତା ପ୍ରେତିନୀ । ଚାଲିଯାଅ—ଚାଲିଯାଅ—

ସସ୍ମିତା ସୁମତୀ ଆଗରେ ଉଭା । ଆଲୁଅ ଉଜ୍ଜ୍ୱଳ ଜଳୁଛି । ନିଅନ୍ ଆଲୁଅ । ପଙ୍ଖାର ପବନ ଦେହ ଶୀତଳାଉଛି । ଦୁଇ ହାତରେ ସେ ମୁହଁ ଟେକି ଧରୁଛନ୍ତି । କହୁଛନ୍ତି, ତୁ ପ୍ରେତିନୀ ନୁହଁ ଲୋ । ସେଇଟା ପ୍ରେତ-ପୁରୁଷ । ତା'ଠାରେ ଆମର କାମ ଅଛି । ନାଆଁରେ ଆସିବ । ପୁଣି ଚାଲି ଯାଉଥିବ—ମଦୁଆ, ଉଦାସୀଆ, ଉଡ଼ପାଡ଼ିଆଟା । ଆମର ଯେତେବେଳେ ଲୋଡ଼ା ସେ ଆସିବ ସେତିକି ବେଳେ । ସେହି ପ୍ରେତାତ୍ମା ଆପେ ଚାଲିଯିବ ।

-ଆପା !

-ମୁହଁ ଶୁଖାଉଛୁ କାହିଁକି ? ତୁ ହସିଲେ ମୁଁ ହସିବି । ଆମ ହସ ଦେଖି ସେ ହସିବେ । ଏ ଘର ହସ-ଖୁସିରେ ଭରପୂର ହେବ ଲୋ, ସେବତୀ ! ତୋ' ଠାରେ ମୁଁ ଅବତରିଛି । ବୁଝିଲୁ ?

ସେ ଦୁଇ ଗାଲରେ ଚୋକ ଦେଲେ ।

ସେବତୀ ଆଖି ଖୋଲିଲା । ଅନ୍ଧାର । ବିଜୁଳିପଙ୍ଖାର କ୍ଷୀଣ ଶବଦ କାନରେ ବାଜୁଛି । କେତେ ଦୂରରୁ ସୁଆଙ୍ଗର ବଚନିକା ଆସି କାନରେ ପଶୁଛି । ଉତ୍ତେଜିତ ଶବଦର ସୁଅ । ବୁଝି ହେଉ ନାହିଁ । ମଣିଲା, ସେ ସେଇ ସୁଆଙ୍ଗର ରାଜ-କନ୍ୟାଟିଏ, ନା, ରାଜରାଣୀଙ୍କର ମୁଦୁସୁଲୀ ।

ସେବତୀ ଭାବେ, ସେ ଦିହେଁ କ'ଣ ଶିଖାଶିଖି ହୋଇଥିଲେ ? କେହି କାହା ଆଗରେ ମୁହଁ ଖୋଲି କିଛି ପ୍ରକାଶ କରୁ ନ ଥିଲେ । ସମସ୍ତେ ଜାଣୁଥିଲେ । ବାହାର ଚଳଣରେ ପରିବର୍ତ୍ତନ ଅବଶ୍ୟ ଘଟିଥିଲା । ସେ ପରିବର୍ତ୍ତନକୁ ସ୍ୱାଭାବିକ ରୂପ ଦେବାକୁ ତିନିହେଁ ଚେଷ୍ଟା କରୁଥିଲେ ।

ଜଗନ୍ନୁ-ସ୍ଟେସନର ପାଗଳାମିକୁ ସୁମତୀ ମନରୁ ତଡ଼ି ଦେଇଥିଲେ । ସେବତୀ ଅନୁଭବ କରୁଥିଲା, ଦିନୁ ଦିନ ତା'କୁ ସେ ଅଧିକରୁ ଅଧିକ ସ୍ନେହ କରୁଥିଲେ । ବିଶ୍ୱାସ କରୁଥିଲେ ।

ଆଗ ଆଗ ସେବତୀ ଲାଜ ଲାଜ ହୋଇ ତାଙ୍କ ପାଖକୁ ଯାଉଥିଲା । ମନରେ ସଂଶୟ ଓ ଆଶଂକା ଭରି ରହୁଥିଲା । ସ୍ୱାମୀ ଯଦି ଅନ୍ୟ କେଉଁ ନାରୀ ଆଡକୁ ଆସକ୍ତିଭରା ଆଖିରେ ଅନାଏଁ ସ୍ତ୍ରୀର ଛାତିରେ ଯେ ହଲକ-ଦୋହଲା ଚମକ ଲାଗେ ତାକୁ ଏହା ଅଜଣା ନ ଥିଲା । ଅନ୍ୟ ନାରୀର ବଶ ହେବା ଘଟଣାରେ ତା'ର ପ୍ରାଣ ଛଟପଟ ହେବା ସ୍ୱାଭାବିକ । ସପତ୍ନୀବାଦର ଜଞ୍ଜାଳ, ଯେଉଁପାଇଁ ଦୁଇଟି ପତ୍ନୀଙ୍କର ପରସ୍ପର ପ୍ରତି ଆକ୍ରୋଶ, ଓ ଅବିଶ୍ୱାସ କଥା କିଏ ନ ଜାଣେ ? ଏହିସବୁ ବଦ୍ଧମୂଳ ଧାରଣାରେ ସେ ଆତଙ୍କିତ ହେଉଥିଲା ।

ସୁମତୀ ତା'ର ମନର ସଂଶୀତି ତା' ମୁହଁରୁ ଓ ଢଙ୍ଗରୁ ଅନୁମାନ କରୁଥିଲେ । ତା' ମନର ଗୋପନ ଧାରଣାକୁ ଦୂର କରିବାକୁ ସେ ତା'ର ମୁହଁଟିକୁ ଦୁଇ ହାତରେ ଟେକି ଧରୁଥିଲେ । ନିଜେ ହସି ତା'କୁ ହସାଇବାକୁ କହୁଥିଲେ, ଆଲୋ ବାଇଆଣୀ, ତୋ' ଭିତରେ ମୋ' ଆତ୍ମା ସଞ୍ଚରୁଛି । ତୁଇ ଆମର ସପନ ସଫଳ କରିବୁ । ଠାକୁରମାନଙ୍କ ପାଖରେ ମୋ'ର ସେତିକି ମିନତି ।

ସୋହାଗିନୀ ପେଟରେ ରହିଲା । ସୁମତୀ ଆପେ ଜାଣିଲେ । ପଚାରି ବୁଝିଲେ । ସେବତୀ ମୁହଁ ନ ଖୋଲି ଲାଜ ଲାଜ ହୋଇ ସ୍ୱୀକୃତି ଜଣାଇଲା । ତାଙ୍କର ଆନନ୍ଦ କହିଲେ ନ ସରେ ।

ଘଟଣାଟି ପ୍ରଘଟ ନ କରି ସେ ସେବତୀଙ୍କୁ ସଙ୍ଗରେ ନେଇ ଜଗନ୍ନାଥଧାମକୁ ଗଲେ । ଡାକ୍ତରଙ୍କର ପରିଚିତ କେଉଁ ବନ୍ଧୁଙ୍କର ଘରେ ସେ ଦିହେଁ ପନ୍ଦରଦିନ କଟାଇ ଫେରିଲେ । ଟେଷ୍ଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଶ୍ୱ-ବିଦ୍ୟାଳୟର ଆଇ. ଏ. ପରୀକ୍ଷା ପାଇଁ ସେ ପ୍ରସ୍ତୁତ ହେଉଥିଲା । ସୁମତୀ ତାଙ୍କର ଭଗ୍ନସ୍ୱାସ୍ଥ୍ୟ ସତ୍ତ୍ୱେ ତା'ର ପଢ଼ାପଢ଼ିରେ ସାହାଯ୍ୟ କରୁଥିଲେ ।

ସୁମତୀ ସେବତୀ'କୁ ପ୍ରତ୍ୟୟରେ କିଣି ନେଇଥିଲା । ଗଲା-ଆଇଲା ପରିଚିତ ବାନ୍ଧବୀମାନଙ୍କୁ ତାଆରି ଆଗରେ କହୁଥିଲେ—ମୋ'ର ଏଇ ଭଉଣୀଟା, ଦେଖ ଗୋ, କେମିତି ଦୁଃଖ କରି ମନ ମାରି ବସୁଛି । ମୁଁ ତା'କୁ ଯେବେ ବୁଝାଇଲେ ସେ ତୁଣ୍ଡ ଖୋଲୁ ନାହିଁ । ମୋ' ଉପରେ ଗୁମାନ କରୁଛି ।

-କାହିଁକି ମ ?

-ଶୁଣ, ତମେ ବିଚାର କର । କହିଲିତ, ତା'ର ଗୁଣବନ୍ତ ଗେରସ୍ତ ସେହି ଆନନ୍ଦର କଥା । ତା' ସମସ୍ତ ତେଣେ ଉଜୁଡୁଛି । ଏଣେ ବାବୁ ଆମର ସବୁ ନିଶା ଧରି ବାବନାଭୂତ ପରି ବାରଆଡ଼େ ବୁଲୁଛନ୍ତି । ପେଟପାଟଣା ପାଇଁ ଅଲକ୍ଷଣାଟା ଗେରୁଆ ପିନ୍ଧିଛି ଗୋ ! ବଡ଼ବଡ଼ କଥାମାନ କହୁଛି । ହରି ଭଜନ କରୁଛି, ହେଲେ, ଚିଲମ ଛାଡ଼ିନାହିଁ ।

ସୁମତୀ ତାହା ମିଛ ଗପୁଛନ୍ତି । ଶୁଣି ମଧ୍ୟ ସେବତୀ ମୁଣ୍ଡ ଟେକି ଚାହେଁ ନାହିଁ । ଛାତିର କେଉଁ କୋଣରେ ଭିରୁଡ଼ି ପଲ ତା'କୁ ବିନ୍ଧନ୍ତି । ମନ ତା'ର ନାହିଁ-ନାହିଁ ବୋବାଳି ଛାଡ଼େ—ତା' ଗେରସ୍ତ ଆନନ୍ଦ ସେପରି ଅଲକ୍ଷଣା ମଣିଷ ନଥିଲା । ଠାକୁରେ ତା'କୁ ବଞ୍ଚାଇ ରଖି ଥାଆନ୍ତୁ । ସମସ୍ତଙ୍କୁ ହଜାଇ, ହରାଇ ସେ ଯେଉଁ ଦୁଃଖ ସହିଥିବ ସେବତୀ ବେଶ୍ ଅନୁମାନ କରି ପାରୁଛି ।

ପ୍ରତିବାଦ କରିବାକୁ ବହପ ନଥାଏ । ମୁହଁ ବା କାହିଁ ? ସେ ତୁନି ହୋଇ ସେମିତି ମୁହଁ ପୋତି ରହେ । ଶୁଣେ, ସୁମତୀ କହୁଛନ୍ତି—ତା' ସଙ୍ଗେ ମନ୍ଦିର ଭିତରେ ଦେଖା । ହାତ ଯୋଡ଼ି ଦିଅଁ ଦର୍ଶନ କରୁଥିଲା । ଭଜନ ବୋଲୁଥିଲା । ଭଲ ଗାଏ ଯେ । ମୁଁ କାହୁଁ ଚିହ୍ନନ୍ତି ? ସେବତୀ ଏକା ଲୟରେ ତାକୁ ଚାହିଁ ରହିଥିଲା । ଆଖିରୁ ଲୁହଧାର ଛୁଟିଥିଲା । ଆନନ୍ଦର ବି ।

-ଆହା, ସତେ !

-ଶୁଣ । ମୁଁ ସିନା ଭାବିଲି, ତାଙ୍କର ଭକ୍ତି ଗଦଗଦ ତନ୍ମୟଭାବ; କିନ୍ତୁ ଦେଖିଲି, ଠାକୁରଙ୍କୁ ନୁହେ ସେବତୀକୁ ସେ ଗେରୁଆପିନ୍ଧା ପୁଆନ ଚାହିଁ ରହିଥାଏ । ପାଖଟା ତ, ବିଜୁଳି ଆଲୁଅରେ ମନ୍ଦିର ଭିତର ଦିନପରି ଉଜ୍ଜ୍ୱଳ ଦିଶୁଥାଏ । ଯେତେ ଯାହା ଅପ୍ରିୟତା ଘଟିଥାଉ, ଗେରସ୍ତ-ଭାରିଯା, ଭେକ ବଦଳାଇଲେ ବି ହେବ, ଯିଏ ଯାହାର ସେ ତା'କୁ ଚିହ୍ନନ୍ତା ନାହିଁକି ?

-ହଁ, କେଉଁ ଅଙ୍ଗ, କେଉଁ ଢଙ୍ଗ ଗୁପତ ?

-ସେଇଆ । ସେବତୀ ମତେ ଠାରି ଦେଲା । ଧୀରେ କହି ଚିହ୍ନାଇ ଦେଲା । ମନ୍ଦିର ବାହାରେ ତା' ହାତ ଧରିଲି । କହିଲି, ଆସ ଆନନ୍ଦ-ବାବାଜି । ତମଠେଇଁ ମୋ'ର କାମ ଅଛି । ତମେ ନ ଚିହ୍ନିଲେ ନାହିଁ, ମୁଁ ଚିହ୍ନା ଦେଉଛି । ସେବତୀର ମୁଁ ମାଉସୀ-ଝିଅ ବଡ଼ ଭଉଣୀ । ଆମ ବସାକୁ ଆସ । ଚାରିପଦ କଥାଭାଷା ହେବା । ସେଇଠୁ ତମର ମନ ହେଲେ ମୋ' କଥା ଶୁଣିବ । ନ ହେଲେ ଗୋଡ଼େ ଗୋଡ଼େ ଫେରି ଆସି ତମ ପନ୍ଥା ତମେ ଧରିବ ।

-ଆସିଲେ ସେ ସାଧୁ ମହାତମା ?

-ଖାଲି ସେତିକି ? ମୋ' କଥା ମାନିଲା । ଭାବିଲି, ତା'ର ବୁଦ୍ଧି ଫେରିଲା । ଛଅ-ସାତ ଦିନ ସେ ଆମ ପାଖରେ ରହିଲା । ଗେରୁଆ ବସନ ଛାଡ଼ିଲା । କୁହାର ବୋଲର ହେଲା । ସେବତୀ ସଙ୍ଗରେ ନିଜ ଘରକୁ ଫେରି ଯିବାକୁ, ଭଙ୍ଗା ସଂସାର ନୂଆକରି ଗଢ଼ିବାକୁ ରାଜି ହେଲା । ଧନ ଯେତେ ଲୋଡ଼ା ହେବ ମୁଁ ଦେବାକୁ

ମଙ୍ଗିଲି । ସେ ଖୁବି ଖୁସି ହେଲା । ଖାଲି ଗୋଟିଏ ସର୍ତ୍ତ ତା'ର ଥିଲା । ସେଥିରେ ଆମେ ରାଜି ହୋଇଥିଲୁ ।

-କି ସର୍ତ୍ତ ଗୋ ସୁମତୀ ?

-ଟଙ୍କା ଦୁଇଶହ ସେ ମାଗିଥିଲା । କ'ଣ କି, ତା ଗୁରୁଦେବ କାଶୀ-ତୀର୍ଥରେ ରହନ୍ତି । ସେଠାକୁ ଯାଇ ଗୃହସ୍ଥାଶ୍ରମ କରିବା ପାଇଁ ଅନୁମତି, ଆଉ ଆଶୀର୍ବାଦ ନେଇ ଫେରିବ । ଆମେ ନାହିଁ କରି ପାରିଲୁ ନାହିଁ । ବିଦାବିଦି ହୋଇ ଗଲା ଯେ ଗଲା । ଚିଠି ଖଣ୍ଡେ ଦେବ ବୋଲି ନିୟମ କରି ଯାଇଥିଲା । ତିନିମାସ ପୁରିବ । ନିଜେ ତ ଫେରିଲା ନାହିଁ, ଏବଯାଏ ଚିଠି ଖଣ୍ଡେ ବି ଦେଲା ନାହିଁ ।

-ସେ ଠକି ଦେଇ ଖସିଗଲା ଗୋ ସୁମତୀ । ବାରବୁଲା କୁକୁର । କୁକୁର ଲାଙ୍ଗୁଡ଼ କ'ଣ କେବେ ସଳଖ ହେବ ? ମତେ ଯେତେ ମାଠିବୁ ମାଠ, ମୁଁ ତ ସେହି ଦରପୋଡ଼ା କାଠ ।

-ସୁମତୀ କହନ୍ତି, ବଞ୍ଚିଥିଲେ ଆଶା ଥାଏ । ମୋ'ର ବିଶ୍ୱାସ, ସେ ଯେବେ ହେଲେ ଫେରିବ । ତା' ଗୁରୁଦେବ ଯଦି କୁଆଡ଼େ ତୀର୍ଥବ୍ରତ କରିବାକୁ ଯାଇଥିବେ ଭେଟ ମିଳି ନ ଥିବ ।

-ହୋଇପାରେ । କିନ୍ତୁ, ଚିଠି ଖଣ୍ଡେ ତ ଦିଅନ୍ତା ।

-ସେଇଆ ଲୋ ଭଉଣୀ । ଆମର ଆଶା ଓ ବିଶ୍ୱାସ ସେଥିପାଇଁ ଟଳମଳ ହେଉଛି । ସେବତୀ ମନ-ଦୁଃଖ କରୁଛି । କାନ୍ଦ କାନ୍ଦ ହେଉଛି । ତା'କୁ ଛି କରି ପାରିଲା ନାହିଁ । ମୋ' ଡରରେ ତା' ପାଖରୁ ସେଠି ସେ ଆଡ଼େଇ ରହି ପାରିଲା ନାହିଁ । ତା'ର ମାସ ଗଡ଼ିଛି । ସେଥିପାଇଁ ସେ ଭାବି ହେଉଛି ।

-ନିଜ ମଣିଷକୁ ଏତେ ବର୍ଷ ପରେ ପାଖରେ ପାଇ କେମିତି କିଏ ଆଡ଼େଇ ରହି ପାରନ୍ତା ?

-ସେଇଆ ତାକୁ ବୁଝାଅ । ଠାକୁରେ କଲେ ପିଲାଟିଏ ତାର ହେବ । ଆଜିଆ ଯଦି ନ ଫେରେ କିଏ ତା'ର ଦାୟିତ୍ୱ ମୁଣ୍ଡେଇବ ? ପିଲାଟି ତା' ବାପ ମୁହଁ କେବେ ଦେଖିବ ନାହିଁ । ଏଇ ଚିନ୍ତାରେ ସେ କାନ୍ଦୁଛି ।

ସତକୁ ସତ ସେବତୀ ସକେଇ କାନ୍ଦଣ୍ଡୁ କୋହ ରୋକିବାକୁ ଚେଷ୍ଟା କଲା । ତା'ର ଆତ୍ମସମ୍ମାନ ଅତୁଟ ରଖିବା ପାଇଁ ସୁମତୀ ଯେଉଁ ଗଳ୍ପ ଗଢ଼ିଥିଲେ ସେଇଟା ପ୍ରକୃତ ଘଟଣା ବୋଲି କେଜାଣି କିପରି ପ୍ରତୀତ ହେଲା ।

ସୁମତୀ ତା'ର ପିଠି ଥାପଡ଼ି କହିଥିଲେ, କାନ୍ଦ କାହିଁକି ଲୋ ଓଲମୀ ? ତା'କୁ ମୁଁ ଫୁଲ-ନାଡ଼ ସହ ଚେକି ନେବି । ମୋ' ପାଇଁ ଖାଲି ତୁ ତା'କୁ ପେଟରେ ବୋହିବୁ, ଅଲୁଅକୁ ଆଣିବୁ । ଏବହୁଁ କହୁଛି, ସେଇଟି ମୋ'ର । ତାଙ୍କରଙ୍କ ଖୁସିର ସୀମା ନାହିଁ ।

-ଆଗୋ ସୁମତୀ, ତା' ବର ଯଦି ଫେରି ଆସେ ?

-ଆସୁ ସେ ଅଲକ୍ଷଣା ! ତା'କୁ ମୋ' ଦରଜକୁ ଛୁଆଁଇ ଦେବି ନାହିଁ । ସେବତୀ ଫଳନ୍ତି ଗଛ । ସେ ମନଇଚ୍ଛା ଫଳାଉଥାଉ ।

ସେବତୀ ଧୀରେ ଧୀରେ ଉଠି ସେମାନଙ୍କ ପାଖରୁ ଚାଲିଯାଇଥିଲା । ନିଜର କୋଠରୀ ଭିତରେ ପଶି କବାଟ କିଳିଲା । ମନଇଚ୍ଛା କାନ୍ଦିଲା । ଲୁଛ-ବେଦନାକୁ ତରଳାଇ ଆଖିରୁ ଅଜସ୍ର ଲୋତକଧାର ଗଡ଼ାଇଲା । ଛାତି ଥରଥର । ଭାବିଲା, ଆନନ୍ଦ ସତେ ଯଦି କାହ୍ନୁଁ ଫେରି ଆସେ, ସୁମତୀଙ୍କର ମନଗଢ଼ା ଗଳ୍ପର ପରିଣତି କ'ଣ ହେବ ?

ସେବତୀ ମନକୁ ସାନ୍ତ୍ୱନା ଦିଏ—କ'ଣ ଆଉ ହେବ ? ସୁଦକ୍ଷ କାଠ-କାରିଗର, ବିଚକ୍ଷଣ ଶିଳ୍ପୀ ଆନନ୍ଦ ମହାପାତ୍ରଙ୍କର ସେବତୀ କେବଠାରୁ ମରିଛି । ତା'ର ଅମୋକ୍ଷ ଆତ୍ମାଟା ପୂର୍ବ-ଜନ୍ମର ହଜିଲା ଆଶା-ଆକାଂକ୍ଷା ଗୁଡ଼ିକୁ ନୂଆ ରୂପ ଦେବାକୁ ପୁଣି ସେବତୀର ଦେହ ଧରି ଏ ଘରେ ଚଳପ୍ରଚଳ ହେଉଛି । ସେ ପଢ଼ିଥିଲା, ପ୍ରେତମାନେ ପ୍ରେତିନୀମାନେ କେବେ କେବେ ମଣିଷ ଦେହ ଧରି ଘର-ସଂସାର କରନ୍ତି । ସନ୍ତାନଙ୍କର ବାପ ମା ହୁଅନ୍ତି । ଅପୂର୍ଣ୍ଣ ଆଶା ତୋଷଣ ପରେ ଅନ୍ତର୍ଦ୍ଧାନ ହୁଅନ୍ତି ।

ସେ ବିଶ୍ୱାସ କରି ନଥିଲା । ଅନ୍ଧ-ବିଶ୍ୱାସ ବୋଲି ଠେଲିଥିଲା । କେତେଲୋକ ଅସମ୍ଭବକୁ ସମ୍ଭବ ବୋଲି ପ୍ରଚାର କରିବା ମାନସରେ ସପନକୁ ସତ୍ୟର ରୂପ ଦିଅନ୍ତି । ଅବିଶ୍ୱାସ୍ୟକୁ ଅତି ନିଷ୍ଠାରେ ବିଶ୍ୱାସ୍ୟର ଚମକପ୍ରଦ ଗଳ୍ପ ଗଢ଼ନ୍ତି । ନିଜର କଳ୍ପନା-ସମ୍ଭୂତ ନିପଟ ସତ୍ୟ ।

ସତ୍ୟକୁ ସେ କଳ୍ପନା ମଣିବ । କଳ୍ପନାକୁ ସତ ଫଳାଇ ନୂଆ-ଜୀବନକୁ ଆପଣାର କରିବ । କାଠମିସ୍ତ୍ରୀ, ଅକ୍ଷର-ପାଠୁଆ ଆନନ୍ଦ ମହାପାତ୍ରଙ୍କ ସଙ୍ଗେ ଏ ଅବତାରରେ ତା'ର ସମ୍ପର୍କର ସମ୍ଭାବନା ନାହିଁ । ସେ ଅଲଗା ମଣିଷ ହୋଇ ସାରିଛି ।

ସମ୍ପର୍କ ଡାକ୍ତର ଚିନ୍ତାମଣି ସାହୁଙ୍କ ସଙ୍ଗରେ । ତାଙ୍କର ଅହ୍ଲାଦ ତା'କୁ ସପନ-ସୁଖ ଦେଇଥିଲା । ଦେହ ଓ ମନର ଛଟପଟ କାମନାକୁ ଶାନ୍ତ-ଶୀତଳ କରିଥିଲା ।

କି ଜାତିର ମଣିଷଟିଏ ସେ ? ତାଙ୍କର ସ୍ନେହ, ଆଦର, ଭଦ୍ରତାର ଅଭାବ କେବେ ସେ ଅନୁଭବ କରି ନ ଥିଲା । କିନ୍ତୁ, ସେବତୀର ମନ ଯାହା ଖୋଜୁଥିଲା, ସେତକ ସେ ପାଇ ପାରୁ ନ ଥିଲା । ଏକାନ୍ତରେ ପାଖକୁ ଆସି ସେ ଦୂରେଇ ବସୁଥିଲେ । ପେଟ ଭିତରେ ପିଲାଟି ତା'ର ହଲ୍‌ଚଲ ହେଉଥିଲା । ଦେହର ଖବର ବୁଝୁଥିଲେ । କେବେକେବେ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରୁଥିଲେ । ଔଷଧ ଦେଉଥିଲେ । ହସ ହସ ହୋଇ ଚାଲି ଯାଉଥିଲେ ।

ପିଲାଟି ପେଟରେ ରହିବାର ନିଶ୍ଚିତ ଖବର ପାଇ ସେ ସୁଖୀ ହୋଇଥିଲେ ।

-ଦିନେ ସେ ସେବତୀକୁ କହିଲେ, ସୁମତୀଙ୍କ ପ୍ରତି ମୋ'ର ଗୋଟିଏ ବଡ଼ କର୍ତ୍ତବ୍ୟ ମୁଁ ପାଳନ କରିଛି । ଏଣିକି ତମର କର୍ତ୍ତବ୍ୟ ତମେ ପାଳନ କରିବ ।

ସେବତୀ ମନରେ ସାହସ ଠୁଳାଇ ପଚାରିଲା, ମୋ ପ୍ରତି କ'ଣ ଆପଣଙ୍କର କିଛି କର୍ତ୍ତବ୍ୟ ନାହିଁ ?

-କିଏ କହିଲା, ନାହିଁ ? ତମର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ମୋ'ର ପ୍ରଥମ କର୍ତ୍ତବ୍ୟ । ଯେଉଁ ପରାମର୍ଶ ଦେବି ତମକୁ ମାନି ଚଳିବାକୁ ହେବ । ତା'ହେଲେ ତମ ଭିତରେ ଅଙ୍କୁରିଥିବା ଶିଶୁଟିକୁ ନିର୍ବିଘ୍ନରେ ଆଲୋକ ଦେଖାଇ ପାରିବ । ଯାହାଙ୍କ ପାଇଁ ସେ ଶିଶୁଟିକୁ ଗଢୁଛ, ତାଙ୍କ କୋଳକୁ ଟେକି ଦେଇ ପାରିବ ।

ସେବତୀର ଥରିଲା ଆତ୍ମା ମନ ଭିତରେ ପ୍ରଶ୍ନ ପଚାରିଲା, ମୋ'ର ନୁହେଁ ?

ତା'ର ଓଠ ଥରି ଉଠିଥିଲା । ବାକ୍ୟ ସ୍ଫୁରିଲା ନାହିଁ । ଡାକ୍ତର ସେବତୀର କାକୁସ୍ଥ ମୁହଁକୁ ଚାହିଁଲେ । ମନର ଭାଷା ବୁଝିଲେ । କହିଲେ, ଯାହାକୁ ତମେ ପେଟରେ ଧରିଛ ସେ ତମରି ରକ୍ତ ମାଂସରେ ଗଢ଼ା ଏହା କିଏ ଅସ୍ୱୀକାର କରି ପାରିବ ? ସେ ତମରି ଶିଶୁ, ଏହା ସମସ୍ତେ ଜାଣିବେ । କହିବେ । ସେବତୀ, ତମକୁ ମୋ'ର ଗୋଟିଏ ଅନୁରୋଧ—

ହାତ ଯୋଡ଼ି ସେବତୀ କହିଲା, ମୋ' ପରିକା ଛାର ଲୋକଟାକୁ ଆପଣ ଅନୁରୋଧ କରିବେ କାହିଁକି ? ଆଦେଶ କରିବେ । କୁହନ୍ତୁ—

ଡାକ୍ତର କହିଲେ, ଆଦେଶ, ନିର୍ଦ୍ଦେଶ, ପରାମର୍ଶ, ଅନୁରୋଧ ଏମିତି ଆଉ ଯେତେ ଶବ୍ଦଥିବ ସବୁଗୁଡ଼ିକ ଏକାଠି କରି ମୁଁ ଯାହା କହୁଛି ଶୁଣ । ତାକୁ ପାଳନ କଲେ ରୋଗିଣୀ ସୁମତୀଙ୍କର ମାନସିକ ଅବସ୍ଥାର ଅବନତି ଘଟିବ ନାହିଁ । ତମେ ନିଶ୍ଚୟ ବୁଝି ସାରିବଣି ଯେ ତାଙ୍କର ଟିକିଏ ପାଗଳାମି ଅଛି ।

-ପାଗଳାମି ?

-ଅଡ଼ବାଇଆମି । ହୁଏତ ନ ଥିଲା । କିନ୍ତୁ ତାଙ୍କର ପ୍ରଥମ ଗର୍ଭ ନଷ୍ଟ ହେଲା ପରେ ହତାଶପଣିଆ ମାନସିକ ସମତାକୁ ଆଘାତ ଦେଲା । ଦ୍ୱିତୀୟ ସନ୍ତାନଟି ପେଟରୁ ନଷ୍ଟ ହେଲା ପରେ ମାନସିକ-ସମତା ଦୋହଲିଗଲା । ତା'ପରେ ଟ୍ୟୁମର୍, ଯାହାକୁ ସେ ପେଟର ସନ୍ତାନ ବୋଲି ମନେ କରୁଥିଲେ । ତା'ପରର ସବୁ ଘଟଣା ତମେ ଭଲ କରି ଜାଣ । ଗର୍ଭଧାରିଣୀ ମା' ହେବାର ସବୁ ଆଶା ତାଙ୍କର ତୁଟିଲା ।

-ଜାଣିଛି । ତାଙ୍କ ମନର ଦୁଃଖ ମୁଁ ଅନୁଭବ କରିଛି । ସେଇଥି ପାଇଁ—

-ଜାଣେ । ଶୁଣ । ଦ୍ୱିତୀୟ ଗର୍ଭ ନଷ୍ଟ ହେଲା ପରେ ସେ ଅନୁତାପ କରୁଥିଲେ ।

-ଅନୁତାପ ?

-କହିପାର, ଦୁଃଖ କରୁଥିଲେ । ଅଭିମାନରେ ହେଉ, ଅବା ଆଉ କ'ଣ ହୋଇପାରେ, ମତେ କହୁଥିଲେ ସନ୍ତାନ କାମନାରେ ଆମ ଦୁହିଁଙ୍କର ବିବାହ ବନ୍ଧନରେ ବାନ୍ଧିହେବା ଉଚିତ ନ ଥିଲା । ଏକୁଟିଆ ସ୍ୱାଧୀନ ଜୀବନ ବାଞ୍ଛନୀୟ ଥିଲା । ସେଥିରେ ସାମୟିକ ଉତ୍ତେଜନା ପାଇଁ କେବଳ ଉଚ୍ଛୃଙ୍ଖଳତା ଥିଲା । ଭବିଷ୍ୟର ଆଶା ଓ ସ୍ୱପ୍ନ ନ ଥିଲା । ତେଣୁ, ବିଫଳ ଆଶା ଓ ବିଅର୍ଥ ସ୍ୱପ୍ନର ପ୍ରଶ୍ନ ଉଠୁ ନଥିଲା ।

-ତୁହେଁ ଦୁହିଁଙ୍କୁ ପାଇବାର ଆନନ୍ଦ ମିଳନ୍ତା କାହୁଁ ? ଦିଓଟି ଅରଣା ଜୀବନକୁ ଏକାଠି ଯୋଡ଼ି ଗୋଟିଏ ଶୃଙ୍ଖଳିତ ଜୀବନର ସମ୍ମାନ ମିଳନ୍ତା କିପରି ?

ଡାକ୍ତର ମୁଣ୍ଡ ହଲାଇଲେ । କହିଲେ, ସେତକ ସେ ଭଲକରି ବୁଝନ୍ତି । ତଥାପି, ତାଙ୍କର ବ୍ୟର୍ଥ ମାତୃ-ଆଶା ପାଇଁ ସେ ମୋ'ର ଦୋଷ ଦିଅନ୍ତି ।

-ଆପଣଙ୍କର ଦୋଷ ଦିଅନ୍ତି ? ଭାଗ୍ୟର ନୁହେ ?

-କହନ୍ତି, ଅନ୍ୟମାନଙ୍କର ମଙ୍ଗଳ ପାଇଁ, କେଉଁମାନଙ୍କର ମାନ-ସମ୍ମାନ ରକ୍ଷା କରିବାକୁ ତମେ ପେଟ ଭିତରେ ଅଙ୍କୁର ନଷ୍ଟ କରୁଛ । ଭଗବାନ୍ ସେଇଥିପାଇଁ, ତମକୁ ଚେତାଇ ଦେବାକୁ—

ତାଙ୍କ ତୁଣ୍ଡର ବାକ୍ୟଟି ଶେଷ ନ ହେଉଣୁ ସେବତୀ ଭୀତ ହୋଇ କହି ଉଠିଲା, ମୋର ପେଟ ଭିତର ଅଙ୍କୁରର ଅବସ୍ଥା କଅଣ ହେବ ଡାକ୍ତରବାବୁ ?

ଡାକ୍ତର ସେବତୀର ମୁହଁରେ ତା'ର ଆଶଙ୍କାର ପ୍ରତିଫଳନ ଲକ୍ଷ୍ୟ କଲେ । ସହଜ କଣ୍ଠରେ କହିଲେ, ଅନ୍ଧବିଶ୍ୱାସକୁ ମନରେ ସ୍ଥାନ ଦିଅନା ସେବତୀ ! ସୁମତୀଙ୍କର ରୁଗ୍ଣ-ଜରାୟୁ ତାଙ୍କର ଦୁର୍ଦ୍ଦଶା ପାଇଁ ଦାୟୀ । ତାର ପରିଣାମ ଶେଷକୁ କ'ଣ ହେଲା ତମେ ଜାଣ । ତମର ଭୟର କୌଣସି କାରଣ ନାହିଁ ।

ସେବତୀର ମନ ବୁଝିଲା ନାହିଁ । ସେ କିଛିକ୍ଷଣ ନୀରବ ରହି ସ୍ୱଗତୋକ୍ତି କଲା ପରି ତଳକୁ ଚାହିଁ କହିଲା, ଭ୍ରୂଣ ହତ୍ୟା ମହାପାପରେ ଗଣା । ଭଗବାନ କ'ଣ କ୍ଷମା ଦେଇ ପାରିବେ ?

ତା'ର ଦୁଡ଼ୁଗୁଡ଼ିଆ ମନରେ ଦମ୍ଭ ସ୍ଥାପଣ କରିବାକୁ ଡାକ୍ତର ହସି ଉଠିଲେ । କହିଲେ, ତମ ପରିକା ବୁଦ୍ଧିଆ ଘରଣୀର ମନରେ ଭୁଲ୍ ଧାରଣା ରହିବା ଉଚିତ ନୁହେ । କେବେ ତୁମେ ଅନ୍ଧବିଶ୍ୱାସଘେରା କେଉଁ ଗ୍ରାମର ଝିଅ ଥିଲା । ସେହିପରି ଗୋଟିଏ ଗ୍ରାମର ମୂର୍ଖ-କୁଟୁମ୍ବର ବୋହୁ ହୋଇଥିଲ । ତମର ମନର ଅନ୍ଧାର ଏବେ ଅପସରି ଯିବଣି । ତମେ ଦ୍ୱିତୀୟ ଶ୍ରେଣୀରେ ଆଇ. ଏ. ପାସ୍ କରି ସାରିଛ ।

ଅପାଙ୍କ ଦୟାରୁ । ଭାବିଥିଲି, ଫେଲ୍ ହେବି ।

ମୋ'ର ସେହି ବିଶ୍ୱାସ ଥିଲା । ବହୁ ବାଧାବିଘ୍ନ ସତ୍ତ୍ୱେ ପରୀକ୍ଷାରେ ଭଲ କରିଥିଲ । ସେତକ ତମର ବୁଦ୍ଧି ଓ ସ୍ମରଣଶକ୍ତି ପାଇଁ ସମ୍ଭବ ହୋଇ ପାରିଲା । ସହଜ କଥାଟିଏ ବୁଝି ପାରୁନ ? ଯେଉଁମାନଙ୍କର ପେଟର ଅଙ୍କୁର କେବଳ ଔଷଧ

ଖୁଆଇ ମୁଁ ସହଜରେ ନଷ୍ଟ କରିଦିଏ, ସେମାନଙ୍କର ଜୀବନ ଓ ସମ୍ମାନ ମୁଁ ରକ୍ଷା କରେ । ମୋ' ଉପରେ ଭଗବାନ ବରଂ ସନ୍ତୁଷ୍ଟ ହେଉଥିବେ ।

ସେବତୀ ତୁନି ରହିଲା ।

ଡାକ୍ତର ଚିନ୍ତିତ ହେଲା ପରି ଲାଗିଲେ । ପୁଣି କହିଲେ, ଏବଯାଏ ତୁମେ ଆନନ୍ଦ ମହାପାତ୍ରଙ୍କର ସ୍ତ୍ରୀ ହୋଇ ରହିଛ । ତମର ପେଟର ସନ୍ତାନର ଅଧିକାରୀ ସେହି ଆନନ୍ଦ । ମୁଁ ନୁହେ । ତମେ ସୁମତୀଙ୍କୁ ଯାହା ଦାନ କରିଛ ସେଥିରେ ଗଢ଼ା ହେଉଥିବା ଶିଶୁଟି ଆନନ୍ଦର ହେଲେ ବି ସୁମତୀଙ୍କର ପ୍ରାପ୍ୟ । ସୁମତୀଙ୍କର ଇଚ୍ଛା ଓ ତମର ଉଦାରତାକୁ ରୂପ ଦେବାକୁ ମୁଁ ସାହାଯ୍ୟ କରିଛି । ମୋ' ପାପ-ପୁଣ୍ୟ ସଙ୍ଗେ ଶିଶୁଟିର କୌଣସି ସମ୍ବନ୍ଧ ନାହିଁ । ସେ ନିଶ୍ଚୟ ନିର୍ବିଘ୍ନରେ ଆଲୋକ ଦେଖିବ । ତମ ମନରୁ ସବୁ ଦୁଶ୍ଚିନ୍ତା ଦୂର କର ।

ସେ ଉଠି ଚାଲି ଯାଇଥିଲେ ।

ସେବତୀ ତାଙ୍କର ଏତେ ମନଖୋଲା କଥାର ମରମ ବୁଝିବାକୁ ଅକ୍ଷମ ହୋଇଥିଲା । ସେ ଅନ୍ତଃସତ୍ତ୍ୱା, ଏହି ଘଟଣା ଉଭୟେ ସୁମତୀ ଓ ଡାକ୍ତର ଜାଣିଲା ପରେ ଡାକ୍ତରଙ୍କ ବ୍ୟବହାରରେ ସେ ପରିବର୍ତ୍ତନ ଲକ୍ଷ୍ୟ କରିଥିଲା । ନିଶେଳା ବେଳରେ, କେବେ କେବେ ଅଧରାତିରେ ସେ ଫେରିଲେ ସେବତୀ ତାଙ୍କୁ ପାଛୋଟି ଆଣୁଥିଲା । ସେ ଆଗପରି ହସ ହସ ସ୍ନେହଶୀଳ ରୀତିରେ ସୁମତୀଙ୍କର ଖବର ବୁଝୁଥିଲେ । ତା'ର ପରିଚର୍ଯ୍ୟା ଘେନୁଥିଲେ । ତା'ର ପ୍ରଶ୍ନଗୁଡ଼ିକର ଉତ୍ତର ଠିକେ ଠିକେ ଦେଉଥିଲେ । ଡେରି ହେଲାଣି, କାମ ଶେଷକରି ତମେ ଶୋଇପଡ଼, ଏହିପରି କିଛି କହି ସେ ଧୀରେ ଧୀରେ ତାଙ୍କର ଶୟନ କକ୍ଷକୁ ଚାଲି ଯାଉଥିଲେ ।

ସେବତୀ ବିଚିତ୍ର ମଣୁଥିଲା । ବିଚାରୁଥିଲା, ୟେ କ'ଣ ଜଣେ ଅଲଗା ମଣିଷ ? ୟେ କ'ଣ ସେହି ପ୍ରେମ-ପାଗଳ ନୁହନ୍ତି, ଯିଏ ମୁଗ୍ଧ-ଆଖିରେ ସେବତୀର ଲାଜ ଲାଜ ମୁହଁକୁ ଚାହିଁ ତା'ର ଉପାସୀ-ଅଙ୍ଗରେ ଧିକି ନାଶୀ ପ୍ରବଳ କ୍ଷୁଧା ଜଗାନ୍ତି ? ପାଖକୁ ଆସି, ହାତଟିଏ ଧରି ବଳିଷ୍ଠ ବାହୁ-ବନ୍ଧନରେ ବକ୍ଷରେ ବାନ୍ଧନ୍ତି ? ମୁହଁରେ ମୁହଁ ଲଗାଇ ତା'କୁ ମତି-ହରା କରନ୍ତି ? ତାଙ୍କର ଉତ୍ତେଜନାର ଜୀଅନ୍ତା-କଣ୍ଢେଇ କରି ସେ ଖେଳନ୍ତି, ଖେଳାନ୍ତି ?

ଅଲଗା ମଣିଷ । ଏ ଘରେ ଆଶ୍ରା ନେଲା ପରେ ତାଙ୍କୁ ଯେମିତି ଦେଖିଥିଲା ସେମିତିକା ମଣିଷଟିଏ । ପାଖରେ ଥାଇ ମଧ୍ୟ ଦୂରରେ ଥିଲାପରି ଲାଗନ୍ତି । ବେଶଭୂଷା, ଆଧୁନିକାର ଫୁଙ୍ଗୁଳା-ରୀତି, ସାନ୍ନିଧ୍ୟ, ଆଶା-ମଖା ଚାହାଣୀ ଓ ଭାବଭରା ସ୍ମିତ ତା'ଙ୍କୁ ବିମୁଗ୍ଧ କରିପାରେ ନାହିଁ । ସବୁ ଜାଣି, ସବୁ ବୁଝି ମଧ୍ୟ ସେ ଯେପରି କିଛି ଜାଣନ୍ତି ନାହିଁ, କିଛି ବୁଝନ୍ତି ନାହିଁ ସେପରି ଢଙ୍ଗ ବାନ୍ଧନ୍ତି ।

ସେବତୀର ହତାଶା ଓ ଆତୁରତା ତାଙ୍କର କଠୋର ବିତଷ୍ଣତାକୁ ଆପଣାର କରିନେଲା । ଯେଉଁ ଝିଅଟି ସେ ସଂସାରକୁ ଆଣିଲା ସୁମତୀ ତା'କୁ କୋଳକୁ ଟେକି ନେଲେ । ସରଗର ଚାନ୍ଦ ପାଇଲା ପରି ସେ ମଣିଲେ । ଯେଉଁ ମାନେ ଭଲେଇ ହେବାକୁ କହିଲେ, ଦଇବ ଏ ହତଭାଗିନୀକୁ ପୁଅଟିଏ ଦେଇଥିଲେ ତା'ର ଦୁଃଖ ଯାଇଥାନ୍ତା, ସେମାନଙ୍କୁ ସେ ଉତ୍ତର ଦେଇଥିଲେ, ମୋ'ର ଝିଅ

ଲୋ ତା ଥିଲା । ଷଠୀ ମୋ' ମନକଥା ବୁଝିଲା । ମୋ' ଭଉଣୀ ସେବତୀର କି ଦୁଃଖ ? ମୋ' ମନରେ ପାତର-ଅନ୍ତର ଭାବ ନାହିଁ ଗୋ । ଏ ଘର ତ ତା'ର ।

-ତା' ଗେରସ୍ତ ବାଲୁଙ୍ଗା ଫେରିବ ନାହିଁ ?

-ସମଣି ଢୁର ହେଲା । ବାବାଜିଆ ଢଙ୍ଗ ଛାଡ଼ିବ ଯଦି ଫେରିବ । ବାଲି ଖାଇ ସେବତୀ ବଞ୍ଚିବ ନାହିଁ । ମୂର୍ଖଟା । ମୋ' ପାଖରେ ରହିଲେ ରହିବ । ସେବତୀକୁ ସେ ଛାଡ଼ିଛି । ତା' ସଙ୍ଗରେ ମୋ' ଗେହ୍ଲା-ଭଉଣୀକୁ କ'ଣ ମାତାଜୀ କରି ଛାଡ଼ିବି ?

-ଛାଡ଼ିବ ନାହିଁ ?

-କାହିଁକି ବା ? କେଉଁ ଅପନ୍ତରାରେ ପକାଇ ତା'କୁ ହଇରଣ କରିବାକୁ ? ନାହିଁ ଗୋ । ସେବତୀକୁ ମୁଁ ଆହୁରି ପଢ଼ାଇବି । ଦେଖିବ ରହ, ସେ କେତେ ପଢ଼ିବ, କ'ଣ ହେବ । ବୟସ କଥା ବିଚାର କରନା । ବିଦ୍ୟା ସବୁ ବୟସରେ ସମ୍ଭବ ।

ପୁଣି ଗୋଟିଏ ବଦଳିଲା ଚଳନ । ନୂଆ ଜୀବନ କହିହେବ ନାହିଁ । ଆରେଇଲା ଜୀବନରେ ନୂଆ ରଙ୍ଗ । ମନରୁ ନିରାଶାପଣିଆ, କାହୁଁ-ଅଇଲା-ଧାରଣା ଆପେ ଦୂର ହେଲା । ତା'ର ଥିତିର ଚେର ଲାଗିଲା । କୁଲୁକୁଲିଆ ଟିକି ଝିଅଟିକୁ ସୁମତୀ ଆଦରି ନେଲେ । କିନ୍ତୁ ତା'କୁ କ୍ଷୀର ଦେଇ ବଢ଼ାଇବାର ଦାୟିତ୍ୱ ସେବତୀର । ସେତିକି । ମୋ'ର ବୋଲି ତା'କୁ ମଣିବାକୁ ସେ ମନ କରେ ନାହିଁ । ତା'ର ଯତ୍ନ ନେଇ ସୁମତୀଙ୍କ ପାଖରେ ଛାଡ଼ି ଦେଇ ଆସେ ।

ଦିନୁଦିନ କ୍ଷୀଣ ହେଉଥିବା ଦେହରେ ତାଙ୍କର ସତେକି ନୂଆ ଜୀବନ ଖେଳିଯାଏ । ତା'କୁ ହସାଇ ନିଜେ ହସି ହସି ସେ ସବୁ ଦୁଃଖ ଭୁଲନ୍ତି । ନିଜ ହାତରେ ନୂଆ ନୂଆ ବେଶରେ କଣ୍ଢେଇଟି ପରି ସଜାଇ ଦିଅନ୍ତି । କୋଳରେ ନଚାନ୍ତି । ଛାତିରେ ଲଗାନ୍ତି । ସେ ଛୁଆଟି ମୁହଁ ଗୁଞ୍ଜି ନିରସ-ମାତୃତ୍ୱ ଶୋଷିବାକୁ ମନକଲେ ଡାକ ଛାଡ଼ନ୍ତି, ସେବତୀ ଲୋ, ଟିକିଏ ଆଇଲୁ ଭଉଣୀ ।

ଡେରି ସହନ୍ତି ନାହିଁ । ଡାକ ପରେ ଡାକ । ପାଖକୁ ଗଲେ ଗେହ୍ଲେଇ କହନ୍ତି, ଦେଖିଲୁ, ଛୁଆଟା କ'ଣ ଖୋଜୁଛି ? ସବୁ ମଡ଼େ ଦେଇ ଜୀବନ ସାରୁ ଧାରୁଆ କରି ରଖିଲୁ । ଏତକ ତ ଦେଇ ପାରିଲୁ ନାହିଁ ? ସେପରି ସାଧ୍ୟ କାହାରି ନାହିଁ । କଲେ ମୋ' ଝିଅକୁ ଦେ ।

ସେବତୀ ଦେଖେ । ତାଙ୍କ ମନର ଆକୁଳତା ବୁଝେ । ଭାବେ, ସତେ ଯଦି ସମ୍ଭବ ହୋଇ ପାରୁଥାନ୍ତା ସେ ତା'ର ମା-ଗରବ ନିଷ୍ଫଳା-ସୁମତୀଙ୍କ ସଙ୍ଗେ ବଦଳ କରିବାକୁ କୁଣ୍ଠିତ ହୁଅନ୍ତା ନାହିଁ । କହେ, ଅମୂଲ୍-କ୍ଷୀର କରିବି ?

-ଏବେ ଖୋଇଛି । ମା-କ୍ଷୀର ପରି ଅମୃତର ସ୍ୱାଦ, ସବୁ ପ୍ରକାର ଜୀବନୀ-ଶକ୍ତି ଭରା ରସ ମୋ' ଝିଅ ପାଇବ କେଉଁଠୁ ? ଟିକିଏ ଦେ । ସେ ଖୋଜୁଛି । ଧୀରେ ଧୀରେ କ୍ଷୀରପିଆ ଅଭ୍ୟାସ ହୋଇଯିବ ଯେ ।

ସେବତୀ କଥା ମାନେ ।

ସେ ପଚାରନ୍ତି, କି' ସୁନ୍ଦର ମୁହଁଟି, ତୋ' ମୁହଁ ସଙ୍ଗେ ମିଳାଇ ଦେଖିଛି, ପିଲାଦିନେ ତୁ ଏମିତି ଚନ୍ଦ୍ର-ଉଦିଆ ମୁହଁ ପାଇଥିଲୁ ? ସେ ଝିଅଟି କ'ଣ ଏମିତି ସୁନ୍ଦର ଥିଲା ?

-ହଁ, ଗୋ' ଅପା ।

ମନେ ପଡ଼ିଗଲା । ଆହୁରି ସୁନ୍ଦର । ଭଲ ସ୍ୱାସ୍ଥ୍ୟ । ସେବତୀର ଆଖି କୋଣରେ ଦି'ବିନ୍ଦୁ ଲୁହ ଟଳମଳ ହେଲା ।

ସୁମତୀ ମୁହଁ ଶୁଖାଇ କହିଲେ, ମୁଁ ଚଣ୍ଡାଳୁଣୀ ତୋ' ମନେ ପକାଇ ଦୁଃଖ ଦେଲି ଆହା । ଦୁଃଖ କର ନା । ପଛଘଟଣା ଭୁଲିଯା । ତୋ'ର ସେହି ସୋହାଗୀ ଝିଅଟି ମୋ'ରି ପାଇଁ ତୋ' ଭିତରକୁ ଫେରି ଆସିଛି । ନୂଆ ଜୀବନ, ନୂଆ ଦେହଟିଏ ଧରିଛି । ଯିଏ ଆସି ସାରିଛି ତା'କୁ ମନେ ପକାଇବାର ଯଥାର୍ଥତା ନାହିଁ ।

-ଅପା, ତମେ ସେମିତି ଭାବ ନା । ମୁଁ କାହାକୁ ମନେ ପକାଏ ନାହିଁ । ପଚାରିଲାରୁ ମନେ ପଡ଼ିଗଲା ।

-ଏ ଜନମରେ ବି ତା' ନାମ ମୁଁ ସେଇଆ ରଖିଛି । ଭଲ ନାମଟିଏ । ସେ ମୋ' ସୋହାଗ-ପିତୁଳି ।

ସୋହାଗୀ କ୍ଷୀର ଶୋଷୁଥାଏ । ପ୍ରାଣ-ପୁଲକା ଶିହରଣ ସେବତୀର ସାରା ଶରୀରରେ ସଞ୍ଚାରୁଥାଏ । ମନରେ ଅମାପ ଆନନ୍ଦ । ସେ ଟିକି ପିଲାଟିର ମୁହଁକୁ ତନ୍ମୟ ହୋଇ ଚାହିଁ ରହିଥାଏ ।

ତାଙ୍କରି ପଲଙ୍କ ଉପରେ, ତାଙ୍କର କଅଁଳିଆ ସ୍ୱରରେ ସେବତୀ ମୁହଁ ଟେକି ଚାହିଁଲା । କହିଲେ, ତୋ' ମନରେ କି' ଭାବନା ଆଉଟାଉଛୁ ଯେ ମୁହଁଟିରୁ ସରାଗ ହଜିଗଲା ପରି ଦିଶୁଛି ?

-ନାହିଁ ଅପା ।

-ଲୁଚାଉଛୁ ? ପଢ଼ାପଢ଼ିରେ ତୋ'ର ବ୍ୟାଘାତ ଘଟୁଛି । ମୁଁ ଏହା ଜାଣୁଛି । ଘରର ସବୁ କାମ, ପିଲାର ସବୁ ପାଇଟି ତତେ କରିବାକୁ ପଡ଼ୁଛି । ଖୋକନି ବାଆକୁ ବଡ଼ା । ତରତରିଆ । ଏବେ ଚଗଲା ଢଙ୍ଗ ଧରିଲାଣି । ଘରର ସବୁ ବୋଝ ମୁଣ୍ଡକୁ ନେଇ ତୁ ହଇରାଣ ହେଉଛୁ । ପଢ଼ିବାକୁ ବେଳ ପାଉନୁ । ମୁଁ ତତେ ସାହାଯ୍ୟ କରିପାରୁ ନାହିଁ ।

ତମେ ମତେ ଭୁଲ୍ ବୁଝନା ଅପା । ଘରର କାମ କେତେ ଯେ ମତେ ବଳାଇ ପଡ଼ିବ ? ତମେ କାମରେ ହାତ ଦେଲେ ମତେ ମାଡ଼ ମାରିଲା ପରି ଲାଗେ । ତମର ଛାତି ଦୁର୍ବଳ । ଚାଲିଲା ବେଳେ ଟଳଟଳ ହେଉଛ ।

-ହଁ, ଲୋ । ଗଣ୍ଡି ବେଶୀ ଝଡ଼ି ନାହିଁ ସତ, କାମରେ ହାତ ଦେଲେ ହାଲିଆ ଲାଗୁଛି । ସ୍କୁଲକୁ ଯାଉଛି ଆଉଛି ଅଭ୍ୟାସବଶରୁ । ଅଧେ ଦିନ ଗଲେ ଅଧେ ଦିନ ଛୁଟିରେ ରହୁଛି । ପିଲାଟିକୁ ଜଗି ରହିବା ପାଇଁ ତୁ ବି ବାଧ୍ୟ ହୋଇ ଘରେ ରହୁଛୁ । ଖେଳବନି ଜିମା ଘର ଓ ପିଲା ଛାଡ଼ି ଯିବାକୁ ମନ ହେଉନାହିଁ ।

-ଖେଳବନି ତାର ତତ୍ତ୍ୱ ନେଇ ପାରୁଛି ଅପା । ଶିଖିଗଲାଣି । ଡାକ୍ତର ବାବୁ ସହଳ ସହଳ ଫେରୁଛନ୍ତି । କମ୍ପାଉଣ୍ଡର ରୋଗୀମାନଙ୍କୁ ଏଇଠିକି ପଠାଇ ଦେଉଛନ୍ତି । ଆମ ଦୁହିଁଙ୍କ ଭିତରୁ ଜଣେ କେହି ନ ଫେରିବା ଯାଏ ସେ ଦ୍ୱିପର-ବେଳା ଘର ଛାଡୁ ନାହାନ୍ତି । ଖେଳବନି କହେ, ପିଲାର ଯତ୍ନ ସେ ନିଅନ୍ତି । ତା'କୁ ହସାନ୍ତି, ଖେଳାନ୍ତି, ଛାତିରେ ଜାକି ଏପାଖ ସେପାଖ ଟହଲନ୍ତି ।

-ହଁ, ଲୋ ସେବତୀ ! ତାଙ୍କୁ ପିଲାର ମୋହ ଲାଗିଛି । କିନ୍ତୁ, ମୁଁ ବୁଝୁଛି, ତାଙ୍କର କାମରେ ହେଳା ହେଉଛି । ସେ ବୋଧହୁଏ ସେଇଥିପାଇଁ ମତେ ଚାକିରି ଛାଡ଼ି ଘରେ ରହିବାକୁ ବାରମ୍ବାର କହୁଛନ୍ତି । ସ୍କୁଲରୁ ଯେତେ ଦିନ ମୁଁ ଅନୁପସ୍ଥିତ ରହିଲିଣି, କର୍ତ୍ତୃପକ୍ଷ ମତେ ବିଦାକରି ଦିଅନ୍ତେଣି । ତାଙ୍କରି ଖାତିର ପାଇଁ—

-ଅପା, ତମେ ଚାକିରି ଛାଡ଼ିଦିଅ, ନୋହିଲେ, ତମେ ଅନୁମତି ଦେଲେ ମୁଁ ପଢ଼ା ଛାଡ଼ି ଦେବି ।

-ପଢ଼ା ଛାଡ଼ି ଦେବୁ ? ଆମେ ବରଂ ପିଲାର ଯତ୍ନ ନେବାକୁ ବିଶ୍ୱାସୀ ଚାକରାଣୀଟିଏ ରଖିବା, ତୁ ପଢ଼ା ଛାଡ଼ିବୁ ନାହିଁ । ମୁଁ ଚାକିରି ଛାଡ଼ିବି ନାହିଁ । ଅଭ୍ୟାସ ପାଲଟା ନିଯୁକ୍ତିକୁ ଛାଡ଼ିଦେଲେ ମୁଁ ଆହୁରି ଅଚଳ, ରୋଗଣୀ ହୋଇଯିବି । ମୋ'ର ଆତ୍ମ-ବିଶ୍ୱାସ ଭାଙ୍ଗି ପଡ଼ିବ । ମରଣ ହେବ ।

-ସେ କଥା ତୁଣ୍ଡକୁ ଆଣନା ଅପା । ବରଂ, ମୋ'ର ଅଲୋଡ଼ା ଜୀବନ ଚାଲିଯାଉ ।

କାହା ଉପରେ ଅଭିମାନ କରିଛୁ ମୁଁ କ'ଣ ବୁଝି ପାରୁ ନାହିଁ ? ସେ ସେମିତିକା ଅବୁଝା ଆଣ୍ଡୁଆ ମଣିଷ ।

-କାହାରି ଉପରେ ମୋ'ର ମାନ ଅଭିମାନ ନାହିଁ ଅପା । ମୁଁ ତମର କାମଟିଏ କରି ଦେଇ ପାରିଛି । ତମ ମନର ଓରମାନ ମେଣ୍ଟାଇଛି । ସେତିକି ମୋ'ତେ ଆନନ୍ଦ ଦେଉଛି । ନିଜକୁ ଭାଗ୍ୟବତୀ ମଣୁଛି । ତମର ସନ୍ତାନକୁ ତମେ ପାଳି ବଢ଼ାଇ ପାରିବ । ଭଗବାନ ନିଶ୍ଚୟ ତମକୁ ଆରୋଗ୍ୟ କରିବେ । ମୋ' ଉପହାସିଆ ଅଲୋଡ଼ା ଜୀବନରେ ଆଉ କି' ପ୍ରୟୋଜନ ?

-ସେବତୀ ।

-ହଁ, ଅପା ! ମତେ ବିଶ୍ୱାସ କର । ମୁଁ ସତରେ ଅଭିମାନ କରୁ ନାହିଁ । ଯଦି ସମ୍ଭବ ହୋଇ ପାରନ୍ତା ତମ ଜୀବନର ବଦଳରେ ମୁଁ ମୋ' ଜୀବନକୁ ଦେଲା-ନେଲା ଦଇବର ହାତକୁ ମନ ଖୁସିରେ ଟେକି ଦିଅନ୍ତି ।

ସୁମତୀ ହସିଲେ, ହସୁ ହସୁ ଆଖି ଛଳଛଳ କଲେ । କହିଲେ, ମୁଁ ଜାଣେ, ତୁ ସେତକ କରି ପାରିବୁ । କିନ୍ତୁ, ଜୀବନ ତ କାହାରି ମରେ ନାହିଁ ଲୋ ପାଗଳୀ । ରୋଗଣା, ଅଖଣ୍ଡ, ଅକର୍ମଣ୍ୟ ହୋଇ ଆସୁଥିବା ଦେହ ଭିତରେ ଛଟପଟ କଲବଲ ହୁଏ । ଯନ୍ତ୍ରଣା ଲାଗେ । ସହି ନ ପାରିଲେ, ଦେହ ଅଚଳ ହେଲେ, ସେ ମୁକ୍ତ ହୋଇଯାଏ । ମୋ' ଭଙ୍ଗା ରୋଗଣା ଦେହ, ଓ ତୋ'ର ନିରୋଗ, ସୁନ୍ଦର, ତରୁଣୀ-ଦେହରେ ଖେଳନ୍ତା-ଜୀବନ ଅଲଗା ନୁହେ ।

-ଅଲଗା ନୁହେ ?

-ମୋ'ର ସେହି ବିଶ୍ୱାସ । ଅନନ୍ତ ବିଶ୍ୱରେ ସର୍ବତ୍ର ପରିବ୍ୟାପ୍ତ ଅଚିନ୍ତ୍ୟ ବିଶ୍ୱ-ଆତ୍ମା ଭଗବାନଙ୍କର ବିବିଧ ଦେହୀର ଦେହରେ ଲୀଳା-ଖେଳାହିଁ ଜୀବନ । ଦେହୀମାନଙ୍କର ଦେହ ଓ ମସ୍ତିଷ୍କର ଜୀବନୀ-କ୍ରିୟା କୋଟି କୋଟି ଜନ୍ମର କ୍ରମ ବିବର୍ତ୍ତନର ଫଳ । ସବୁ ଏକ ସ୍ତରର ବା ପ୍ରକାରର ନୁହେ । ତେଣୁ ସମସ୍ତଙ୍କର ମନର ସବୁ ପ୍ରବୃତ୍ତି ସବୁବେଳେ ଏକ ପ୍ରକାର ହୋଇ ପାରେନାହିଁ ।

ପ୍ରବୃତ୍ତିର ଆବେଗ ହିଁ ଆଶା । ବଞ୍ଚିଥିବାଯାଏ ସେହି ଆଶାମାନେ ମଧ୍ୟ ଜୀବିତ ଥାଆନ୍ତି ଲୋ ସେବତୀ । ସେମାନେ ନିଷ୍ଫଳ ହେଲେ, ଫଳବତୀ ହେବାର ସମ୍ଭାବନା ଦୂରେଇ ଦୂରେଇ ଯାଉଥିଲେ, ନିରାଶାର ଅନ୍ଧାରରେ ଛପି ଛପି ଯାଉଥିଲେ, ମଣିଷ ଅଦେଖା ଭାଗ୍ୟ ଉପରେ ଅଭିମାନ କରେ । ମରଣକୁ ଶ୍ରେୟ ମଣେ ।—

କ୍ଷୀର ଶୋଷୁଣୁ ସୋହାଗୀ ଶୋଇ ପଡ଼ିଲା । ସୁମତୀ ତାକୁ ଚାହିଁଲେ । ଆଖି ପୋଛିଲେ । ପୁଣି ଚାହିଁଲେ । ସାତ ମାସର ବଳିଷ୍ଠ ଛୁଆ । ସେବତୀର ଅର୍ଦ୍ଧମୁକ୍ତ ଉନ୍ନତ ଭରପୁର ବକ୍ଷରେ ମୁହଁ ଲଗାଇଛି । ବେଳେ ବେଳେ ଶୋଷୁଛି । ସେ ନିଜ ପାଖରେ ପଲଙ୍କ ଉପରେ ଶିଶୁ ପାଇଁ ପର ହୋଇଥିବା ବିଛଣା ସଜାଡ଼ି ଦେଲେ । କହିଲେ, ଶୁଆଇ ଦେ ।

ସେବତୀ ସେଇଆ କଲା । ତଳକୁ ଓହ୍ଲାଇ ଲୁଗା ସଜାଡ଼ିଲା । କାନ୍ଥ ଘଡ଼ିକୁ ଚାହିଁ କହିଲା, ଦେଖିଲ, ପାଞ୍ଚଟା ବାଜି ଗଲାଣି । ତମ ପାଇଁ କମଳା ରସ ନେଇ ଆସେଁ ।

-ଆଣିବୁ ତ, ଆଉ ଟିକିଏ ମୋ' ପାଖରେ ବସ । ପିଲା ଶୋଇଲାଣି । କାହା ସଙ୍ଗରେ ଖେଳିବି ? ବାରଗୁଡ଼ଲିଆ ଭାବନା ମୁଣ୍ଡରେ ପଶିବ । ତୋ' ମନରେ ଗୋପନ ଦୁଃଖ ଭରି ରହିଛି, ମୁଁ ଏହା ବୁଝିଲିଣି । ତୋ' ସଙ୍ଗେ ମୁଁ ଗପ କରିବି । ବା' । କହିବୁ ନାହିଁ ତୁ ନିଜ ଜୀବନକୁ କାହିଁକି ଉପହାସିଆ, ଅଲୋଡ଼ା ମଣୁଛୁ ? କହ, ମନ ଖୋଲି କହ । ମୋ' ଉପରେ ତୋ'ର କ'ଣ ବିଶ୍ୱାସ ନାହିଁ ?

ଆତଯାତ ହେଉଛି । ହସ ଖୁସିରେ ବେଳ କାଟୁଛି । ମନର ଶକ୍ତିକୁ ଅତୁଟ ରଖିବାକୁ ପିଲାଙ୍କୁ ପଢ଼ାଇବାକୁ ଯେତେ ନୁହେ, ତାଙ୍କ ତୁଣ୍ଡର ଭାଷା ଶୁଣିବାକୁ,

ତାଙ୍କର ଦୁଷ୍ଟାମିରେ ମନେ ମନେ ନିଜେ ମଜ୍ଜିବାକୁ ମୁଁ ସ୍କୁଲକୁ ଯାଉଛି । ତା' ବୋଲି କ'ଣ ଭାବିଚୁ, ମୁଁ ଆଶା କରିଛି ବେଶୀ ଦିନ ବଞ୍ଚିବି ? ନାଇଁଲୋ—

ସେବତୀ ତଟସ୍ଥ ହେଲା । ପୁଣି ପଲଙ୍କରେ ବସିଲା । ଆଖିରୁ ଲୁହ ଢାଳି କହିଲା, ସେପରି ଅଶୁଭ ନିରାଶିଆ କଥା ମନକୁ ଆଣନା । କଲେଜରେ ସହାଧ୍ୟାୟୀମାନେ, ଯେଉଁମାନେ ମୋ'ଠାରୁ ସାତ ସାନ, ପୁଣି କେହି କେହି ଅଧ୍ୟାପିକା, ମୋତେ ଶୁଣାଇଁ ନିଜ ନିଜ ମଧ୍ୟରେ ମୋ' ଚରିତ୍ର ସମ୍ବନ୍ଧରେ କଟୁ ଆଲୋଚନା କରୁଛନ୍ତି ।

-ସତେ ?

-ମୋ' ଦେହରେ ଛୁରି ମାରିଲା ପରି ଲାଗୁଛି । କାହିଁ କୁଆଡ଼େ ଧାଇଁ ପଳାଇବାକୁ ମନ ହେଉଛି । ପାଠ ପଢ଼ିବି କ'ଣ ? ମୁହଁ ପୋତି ବସିବାକୁ ତର ସହୁ ନାହିଁ । ଯେଉଁ ମନଗଢ଼ା ଗଳ୍ପଟିଏ ଗଢ଼ା ହୋଇଥିଲା ତା'କୁ ମିଛ ବୋଲି ସମସ୍ତେ ହସରେ ଉଡ଼ାଇ ଦେଉଛନ୍ତି । ସତ ଘଟଣାଟିକୁ ଅନୁମାନ କରି ସବୁ ଜାଣିଲା ପରି କୁହାକୁହି ହେଉଛନ୍ତି ଅପା ।

-କ'ଣ କୁହାକୁହି ହେଉଛନ୍ତି ?

-ତମେ କ୍ଷୀର ଦେଇ ଘରେ ନାଗୁଣୀ ପୋଷିଛ । ମୁଁ ଡାକ୍ତରବାବୁଙ୍କୁ କଟମଟ କରି ବାନ୍ଧି ରଖିଛି । କୁଆଡ଼େ ତମକୁ ନିତି ଦଂଶୁଛି । ମୋ'ରି ବିଷ ଜ୍ୱାଳାରେ ତମେ ଦିନୁ ଦିନ କ୍ଷୀଣ ହେଉଛ । ନିଜର ଓ ସ୍ୱାମୀଙ୍କର ଆତ୍ମ-ସମ୍ମାନରେ ଆଞ୍ଚ ନ ଆଣିବାକୁ ମନଗଢ଼ା ଗଳ୍ପ ପ୍ରସ୍ତୁତିଛ । ଜାରଜ ସନ୍ତାନଟାକୁ ଖାଲି ଲୋକ ଦେଖାଣକୁ ଫୁଲନାଡ଼ ସହ ଟେକି ନେଇଛ । ଯେତେ ହେଲେ ସେଇଟା ତମ ସ୍ୱାମୀଙ୍କର ଔରସର ସନ୍ତାନ, ଭଉଣୀର ରକ୍ତ-ମାଂସରେ ଗଢ଼ା ତ ।

ସୁମତୀ ନିର୍ବାକ୍ ହୋଇ ରହିଲେ । ସୋହାଗୀକୁ ଚାହିଁ ଗୁଡ଼ିଏ ଦୀର୍ଘ୍ୟ-ଶ୍ୱାସ ଛାଡ଼ିଲେ । କ'ଣ ସେ ଭାବୁଥିଲେ କେଜାଣି, ଦେଖୁ ଦେଖୁ ତାଙ୍କର ମୁହଁର ରଙ୍ଗ ଶେଥାଳିଆ ଦିଶିଲା । ଓଠ ଥରି ଥରି ଉଠିଲା ।

ସେବତୀ ତ୍ରସ୍ତ ହେଲା । ସୁମତୀଙ୍କୁ ସେ ରକ୍ତ-ଚାପ-ନିରୋଧ ବଟିକା ଆଡାଲଫିନ୍ ଠିକ୍ ସମୟରେ ଖୁଆଇଥିଲା । ବହୁମୂତ୍ର ନିବାରକ ବଟିକା ବି ଦେଇଥିଲା । ରକ୍ତଚାପ ହଠାତ୍ ବଢ଼ିଲା କି ? ଅପ୍ରତ୍ୟାଶିତ କ'ଣ ଘଟିଯିବ ?

ସେ ବିବ୍ରତ ହୋଇ ସୁମତୀଙ୍କ ପାଖକୁ ଘୁଞ୍ଚିଗଲା । ତାଙ୍କର ପାଦ ଧରି ମୁଣ୍ଡ ନୋଇଁ ବାଷ୍ପାକୁଳ କଣ୍ଠରେ କହିଲା, ମତେ କ୍ଷମାକର ଅପା । ତମ ମନରେ ମୁଁ ଦୁଃଖ ଦେଇଛି । ସେମାନେ ଯାହା ଆଲୋଚନା କରିବାର କରୁଥାଉନ୍ତୁ । କାନରେ ପୂରାଇବି ନାହିଁ । ଆପେ ଯଦି କାନରେ ପଶେ, ମୁଁ ହସି ଦେବି । ତାଙ୍କୁ ପ୍ରହାରିଲା ପରି ହସ । ସେଇ ହେବ ମୋ'ର ଉତ୍ତର । ମୁଁ ପଢ଼ିବି, ମନ ଦେଇ ପଢ଼ିବି । ତମର ତୁଣ୍ଡରୁ ଯାହା ବାହାରିଛି, ଅନ୍ୟମାନେ ଯାହା ମଣନ୍ତୁ, ଯାହା ଗପନ୍ତୁ, ସେତକ ମୁଁ ନିରଟ ସତ ବୋଲି ଗ୍ରହଣ କରିବି । ତମେ ଦୁଃଖ କରନା ।

ସୁମତୀ ତା'ର ମୁଣ୍ଡ ଟେକି ଉଠାଇଲେ । ନିଜର ଅଂଚଳରେ ତା'ର ଆଖି ପୋଛି ଦେଲେ । କହିଲେ, ମୋ' ମନର ଭାବନା ତୁ ନିଜର କରିଛୁ । ମୋ' ଦୁଃଖର ଭାଷା ତୁ ପ୍ରକାଶ କରିଛୁ । କାହାକୁ ଆମର ଡର ? ସଂସାରରେ ଚଳିବାକୁ ହେଲେ ଛାତି ପଥର କରିବାକୁ ପଡ଼ିବ । ବେଳେବେଳେ ନିଲଠାପଣ ବି ଲୋଡ଼ା ।

-ହଁ, ଅପାମ୍ମା କମଳାରସ ଆଣେ ।

ସେବତୀ ସୁମତୀଙ୍କୁ କମଳାରସ ଦେଲା । ସେ ପିଇଲେ । ତାଙ୍କର ସ୍ୱାଭାବିକ ଅବସ୍ଥା ଫେରି ଆସିଲା । କହିଲେ, ଆଉ ଟିକିଏ ମୋ' ପାଖରେ ବସିବୁ ନାହିଁ ? ମୋ'ର ପୁଣି କିଛି ତୋତେ ବୁଝାଇବାକୁ ମନ ହେଉଛି ।

ସେବତୀ କହିଲା, ତମକୁ ଅଧିକ ଗପାଇବି ନାହିଁ । ଗୋଡ଼ ଲମ୍ବାଇ ଝିଅକୁ ତମର କୋଳରେ ପୁରାଇ ଟିକିଏ ବିଶ୍ରାମ କର ଅପା । ମୁଁ ଘର କାମ ବୁଝେ । ଭେବନି ପଛରେ ନ ଲାଗିଲେ, ସେ ମନକୁ କିଛି କରିବ ନାହିଁ । ଶୁଣୁନା, ଦାଣ୍ଡଘରେ ବସି 'ଆହେ ନୀଳ ଶଇଳ' ଗୀତ ବୋଲୁଛି ?

ସୁମତୀ କହିଲେ, ତା'ର ସ୍ୱର ମଧୁର ନୁହେ କି ?

ସେବତୀ ଅଗଣାକୁ ଆସିଲା । ତା' ମନରୁ ବିଷାଦ ଦୂର ହୋଇଥିଲା । ଭେବନିକୁ ଡାକିବାକୁ ଯାଉଁଣୁ ବାରଣ୍ଡାରେ ପାଦ ଅଟକି ଗଲା । କାନରେ ସୁମତୀଙ୍କର ସେହି କଥା କେଇପଦ ସତେକି ଡୁହାଇ ବାଜିଲା—'ସେ ସେମିତିକା ଅବୁଝା ଆଣ୍ଡୁଆ ମଣିଷ' । ଡାକ୍ତରଙ୍କ ଉପଲକ୍ଷରେ ସେ ଏହା କହିଥିଲେ । ସେବତୀ ଏହା ଜାଣି ପାରିଲା ।

ଡାକ୍ତରଙ୍କର ସେବତୀ ପ୍ରତି ବଦଳା-ଢଙ୍ଗ ସେ ଲକ୍ଷ୍ୟ କରି ପାରିଛନ୍ତି । ସେପରି ବ୍ୟବହାରକୁ ସେ ଅନୁମୋଦନ କରିପାରୁ ନାହାନ୍ତି । ସେତକ ସେ ପ୍ରକାଶ କରିଦେଲେ । କିନ୍ତୁ, ଏହା କ'ଣ ତାଙ୍କର ଅନ୍ତରର କଥା ? ଏହା କ'ଣ କେବେ ସମ୍ଭବ ହୋଇପାରେ ?

ଛି, କ'ଣ ଗୁଡ଼ାଏ ସେ ଭାବୁଛି ? ଆପେ ପୁଣି ଆଉ ଗୋଟିଏ ଧାରଣା ମନକୁ ଆସିଲା—ନିଜର ଆନନ୍ଦ ପାଇଁ, ମନ ଓ ଦେହର କ୍ଷୁଧା ମେଣ୍ଟଣ ପାଇଁ ସେ ଡହକ-ବିକଳ ହେଉଛି । ରୋଗିଣୀ ସୁମତୀଙ୍କର ଅପାରଗତା ଓ କାମନାର ବୀତସ୍ପୃହତା ଅଜାଣତରେ ତା' ମନରେ ପ୍ରେମ ପ୍ରବଣତା ଜଗାଇଛି । ସେ ଡାକ୍ତରବାବୁଙ୍କର ସ୍ନେହକୁ ଝୁରି ହେଉଛି ।

ସ୍ନେହ ନୁହେ, ସୁମତୀଙ୍କ ପ୍ରତି ତାଙ୍କର ଗଭୀର ପ୍ରେମ । ସେ ଯେଉଁ ଅଭିନୟ କରିଛନ୍ତି ସେତକ ସୁମତୀଙ୍କର ଉଦ୍ଦେଶ୍ୟ-ମୂଳକ ନିର୍ଦ୍ଦେଶ । ଉଦ୍ଦେଶ୍ୟ ସଫଳ ହୋଇଛି । ଆଉ ଅଭିନୟ ଲୋଡ଼ା ନାହିଁ । ସେ ବା କାହିଁକି ଲୋଡ଼ିବ ? ଝୁରି ହେବ ? ଅଯଥା ଉତ୍ତେଜନାର ଦୁଃଖ ସହିବ ? ସେ ହେବ ଆଶ୍ରୟଦାୟିନୀ ସୁମତୀଙ୍କର ଖେଳଣା ।

ସେଇଆ ସେ ହୋଇଥିଲା ।

ଡାକ୍ତରଙ୍କ ସଙ୍ଗେ କେବେ ତା'ର ମିଳନ ଘଟିଥିଲା ଓ ସେହି ମିଳନର ପ୍ରସୂନ ସୋହାଗୀ, ସ୍ୱପ୍ନ ପରି ତାହା ସେ ଭୁଲିଗଲା । ସେ ପୁଣି ଭୁଲିଲା ଯେ ସେ ଜଣେ କାହୁଁ-ଆଇଲା ବ୍ୟକ୍ତି ।

ଦିନୁଦିନ ସୁମତୀଙ୍କର ସ୍ୱାସ୍ଥ୍ୟର ଅବନତି ଘଟିବାକୁ ଲାଗିଲା । ସେ ଚାକିରୀ ଛାଡ଼ି ଘରେ ରହିଲେ । ଶଯ୍ୟାଶାୟିନୀ ହେଲେ ।

ଘରର ଦାୟିତ୍ୱ ପଡ଼ିଲା ସେବତୀ ଉପରେ । ପିଲାଟିର ତତ୍ତ୍ୱ ଓ ରୋଗିଣୀର ସେବା । ପଢ଼ାପଢ଼ିରେ ମନଦେବାକୁ ସମୟ ପାଇ ନ ଥିଲା । ପରୀକ୍ଷାରେ ବିଶେଷ ଭଲ କରି ନ ଥିଲା । ତଥାପି, ସେ ପାଶ୍ କଲା । ସେତିକି ତା'ର ଯଥେଷ୍ଟ । ସେ ବି.ଏ. ପାସ୍ କରିଛି । ଅଧିକ ପାଠ କ'ଣ ହେବ ? ଏତିକି ପାଠ ଦିନେ ତା'ର ସାତ-ସପନ ଥିଲା । ସେ ପୋଥିରେ ଡୋର ବାନ୍ଧିଲା ।

ଦିନୁଦିନ ସୁମତୀ କ୍ଷୀଣ ହେବାକୁ ଲାଗିଲେ । ଡାକ୍ତର ବିଶେଷଜ୍ଞମାନଙ୍କର ପରାମର୍ଶ ନେଲେ । ସୁମତୀଙ୍କୁ ଦେଖାଇଲେ । ସେମାନେ କ'ଣ କହିଲେ ସୁମତୀ ଓ ସେବତୀ ଜାଣିଲେ ନାହିଁ । କିନ୍ତୁ, ଔଷଧ ବାରମ୍ବାର ବଦଳାଇବାକୁ ପଡ଼ୁଥିଲା । ଅବିରାମ । କେତେ ଇଞ୍ଜେକ୍‌ସନ୍ ଫୋଡ଼ା ହେଉଥିଲା । ଅସହ୍ୟ ଯନ୍ତ୍ରଣା । ଦଶ ପନ୍ଦର ଦିନ ସାମାନ୍ୟ ସୁସ୍ଥ ରହିଲେ ପୁଣି ଅସୁସ୍ଥତା ଜୁଆରପରି ମାଡ଼ି ଆସେ । ତାହାଙ୍କ ଗୋଡ଼ର ନଳୀହାଡ଼ ଭିତରେ ଭୀଷଣ ଯନ୍ତ୍ରଣା ଅନୁଭବ କରନ୍ତି । ଯେତେ ଘଷା ଆଉଁସା କଲେ ଉପଶମ ହୁଏ ନାହିଁ । ବିକଳ ହୁଅନ୍ତି ।

କହନ୍ତି, ମରଣ ଭଲ ଲୋ ସେବତୀ । ସହି ହେଉ ନାହିଁ । କେଉଁ ଜନ୍ମରେ କି ପାପ କରିଥିଲି କେଜାଣି, ଏତେ ଦୁଃଖ ସହିବାକୁ ପଡ଼ୁଛି । ମୋ' ଧାରଣାରେ ଏ ଜନ୍ମରେ ମୁଁ ପାପ କରି ନାହିଁ ।

ସେବତୀ ସାନ୍ତ୍ୱନା ଦେବାକୁ ଚେଷ୍ଟା କରେ, ତମେ ଦୟାମୟୀ, ପୁଣ୍ୟବତୀ । ଭଗବାନ୍ ତମକୁ ଶୀଘ୍ର ଆରୋଗ୍ୟ କରିବେ । ପୁଣି ତମର ସୁନ୍ଦର ସ୍ୱାସ୍ଥ୍ୟ ଫେରି ଆସିବ ଅପା । ଡାକ୍ତରବାବୁ ସେଇଆ କହୁଥିଲେ । ମଣିଷ ଦେହରେ କେବେ କେଉଁ ରୋଗ କେଉଁଠୁ ଆସି ପଶେ, ଜାଣିବା ସହଜ ନୁହେ । ଚିକିତ୍ସା କରଯାଏ । ରୋଗ ଭଲ ହୁଏ ।

-ମତେ ବି ସେଇଆ କହୁଥିଲେ । ମଣିଲି, ମୋ' ମନରେ ଦୃଢ଼ତା ଆଣିବାକୁ ସେ ସାନ୍ତ୍ୱନାବାଣୀ ଶୁଣାଉଁ ଥିଲେ । ମୁଁ ଜାଣେ, ସେ ନିଶ୍ଚୟ ଜାଣନ୍ତି, ସହଳ ହେଉ, ଅଳ୍ପ ବିଳମ୍ବରେ ହେଉ, ମୋ'ର ମରଣ ସୁ-ନିଶ୍ଚିତ । ସେଥକୁ ମୋ'ର ଚିନ୍ତା ନାହିଁ । ଡର ନାହିଁ । ଯେଉଁ ଯନ୍ତ୍ରଣା ଭୋଗୁଛି, ଭାବୁଛି ମରଣ ତା' ଅପେକ୍ଷା ବହୁତ ଭଲ । ନିଷ୍କୃତି ମିଳନ୍ତା ।

ସେବତୀ ଆଖିରେ ଲୁହ ଭରେ । କହେ, ତା' ଆଗରୁ ମୋ'ର ମରଣ ହେଉ ଅପା ! ମୋ'ର ଏଇ ହୀନମାନିଆଁ ଜୀବନର ପ୍ରୟୋଜନ ନାହିଁ । ମୋ'ର ପୋଡ଼ାମୁହଁ କାହା ସାହସରେ, କାହା ଦମ୍ଭରେ ମୁଁ ଦୁନିଆଁକୁ ଦେଖାଇବି ?

ସୁମତୀ କ'ଣ ବିଚ୍ରୁଥିଲେ । କହିଲେ, ସେମିତି ବିଚ୍ରର ମନକୁ ଆଣ ନା । ତୋ'ର ଜୀବନକୁ ମୁଁ କେବେ ହୀନମାନିଆଁ କରାଇ ଦେବି ନାହିଁ । ତୋ' ଜୀବନକୁ ମୁଁ ମୋ'ର କରି ସାରିଛି । ମଲେ ବି ମୁଁ ତୋ'ରି ଭିତରେ ବଞ୍ଚି ରହିବି । ତୋ' ଚଳନ୍ତି-ପ୍ରତିମାରେ ମୁଁ ଆତଯାତ ହେଉଥିବି । ତୁ ଦୁଃଖ କର ନା ।

-ମୁଁ ଦୁଃଖ କରୁ ନାହିଁ । ଡାକ୍ତରବାବୁ ଭିତରେ ଭିତରେ ଦୁଃଖ କରୁଛନ୍ତି । ଯେତେ ଯତ୍ନରେ ରାନ୍ଧି ଖୁଆଇବାକୁ ମୁଁ ଚେଷ୍ଟା କରୁଛି, ସେ ଅଳପ ଖାଇ ତରତର ହୋଇ ଉଠୁଛନ୍ତି । ସବୁବେଳେ କହୁଛନ୍ତି, ସେ କେଉଁଠି ଖାଇ ଆସିଛନ୍ତି । ନେହୁରା କଲେ ହସିଦେଇ ଉଠି ଯାଉଛନ୍ତି । ତାଙ୍କର ମୁଁ କି ଯତ୍ନ ନେଇ ପାରିବି ?

-ମୁଁ ବୁଝି ପାରୁଛି ଲୋ ସେବତୀ, ସେ ନିଜକୁ ବେଶୀ ଅବହେଳା କରୁଛନ୍ତି । ରାତିରେ ବାରମ୍ବାର ଉଠି ମୋ' ମଶାରି ଟେକି ଦେଖୁଛନ୍ତି । ସୋହାଗୀର ଟିକି ପଲଙ୍କର ମଶାରି ଟେକି ଓଡ଼ାକନା ବଦଳାଉଛନ୍ତି, ତିନିବର୍ଷର ଝିଅଟି ଏଣିକି ବେଶୀ ବାପ-ସୁଆଗୀ ହେଉଛି । ମୋ' କୋଳରୁ ଅଲଗା ହେଲା ପରେ ତାଙ୍କୁ ସେ ଆଦରିଛି । ମୋ' ପାଇଁ ସେ ଅଧିକ ଭାବୁଛନ୍ତି ଲୋ । ବାହାରେ ପରିଶ୍ରମ, ଅଧାଖିଆ, ରାତିଅନିଦ୍ରା । ଦେଖୁନୁ, ସେ କେଡ଼େ ଶୁଖି ଗଲେଣି ?

-ପିଲାଟି ହଇରାଣ କରୁଥିବ ।

ଆଉ ଯାହା କହିବାକୁ ମନ କରିଥିଲା କହି ପାରିଲା ନାହିଁ । ମନ କଥା ବୁଝିଲାପରି ସୁମତୀ କହିଲେ, ସେଇଥି ପାଇଁ କହିଲେ, ସୋହାଗୀକୁ ତୋ' ପାଖରେ ରାତିରେ ଛାଡ଼ିଲେ ଭଲ । ମୁଁ ମନା କଲି ।

-କାହିଁକି ଅପା ?

-ରାତିରେ କେତେ ଥର ମୋ' ନିଦ ଭାଙ୍ଗୁଛି । ମଶାରି ଆଡ଼େଇ ମୁଁ ତା'ର ଟିକି ପଲଙ୍କକୁ ଚାହୁଁଛି । ସେ ତୋ' ପାଖକୁ ଗଲେ ମୋ' ମନ ଶୂନ୍ୟ-ଶୂନ୍ୟ ଲାଗିବ । ମୋ ଯନ୍ତ୍ରଣା ବଢ଼ିବ । ସେ ପଛେ ଟିକିଏ ଅସୁବିଧା ଭୋଗନ୍ତୁ, ବାପର କର୍ତ୍ତବ୍ୟ କରନ୍ତୁ ।

ଆହୁରି କେତେ ମାସ କଟିଗଲା । ସୁମତୀଙ୍କର ସ୍ୱାସ୍ଥ୍ୟର ଉନ୍ନତି ହେବା ପରିବର୍ତ୍ତେ ଅବନତି ହିଁ ଘଟିଲା । ଯେତେବେଳେ ଯନ୍ତ୍ରଣାର ଉପଶମ ହୁଏ ସେ ପ୍ରଫୁଲ୍ଲ ହେବାକୁ ଚେଷ୍ଟା କରନ୍ତି ।

ଦିନେ ସେ କହିଲେ, ଆଲୋ ସେବତୀ, କେତେଥର ମୁଁ ଗୋଟିଏ ସପନ ବରାବର ଦେଖୁଛି । ତତେ କହିବାକୁ ଭୁଲି ଯାଉଛି । ତାଙ୍କୁ କହିଛି । ସେ ଶୁଣନ୍ତି । କହନ୍ତି, ମନ ଦୁର୍ବଳ ହୋଇ ଆସିଲେ ମଣିଷ ଏମିତି କେତେ ସ୍ୱପ୍ନ ଦେଖେ ।

ତମକୁ ଆଜି ନିଦଔଷଧ ଖାଇବାକୁ ପଡ଼ିବ । ନିଶ୍ଚିନ୍ତରେ ଶୋଇ ପଡ଼ିବ । କୌଣସି ସ୍ୱପ୍ନ ମୁଣ୍ଡରେ ପଶିବ ନାହିଁ ।

-କି ସ୍ୱପ୍ନ ଦେଖ ଅପା ?

-ମୋ'ର ସେ ସ୍ୱପ୍ନ ସଫଳ କରିବାକୁ ସଂସାରରେ ଜଣେ ମାତ୍ର ପାରନ୍ତମ ଲୋ ।

-ଡାକ୍ତରବାବୁ ? ତୁମକୁ ଅଦେୟ ତାଙ୍କର କ'ଣ ଥାଇପାରେ ? ତମର ଆନନ୍ଦ ପାଇଁ ସେ ସବୁ କରି ପାରିବେ । କହିବ ଯଦି ମୁଁ ତାଙ୍କର ପାଦ ଧରି ଅନୁନୟ କରିବି ।

ସୁମତୀ ହସିଲେ । ପଚାରିଲେ, ପାରିବୁ ?

-ତମ ମନର କେଉଁ ଆଶା ସପନ ହୋଇ ନିର୍ଦ୍ଧିତ ଅବସ୍ଥାରେ ସତ ଫଳାଉଛି ? ସେ ଆଶା ପୂରଣ କରିବାକୁ ସେ ମନା କରିବେ ନାହିଁ । ମୁଁ କିବା ମଣିଷଟାଏ ଯେ ତାଙ୍କର ପାଦ ଧରି ଅନୁନୟ କରିବାକୁ ପଛଘୁଞ୍ଚା ଦେବି ?

-ତୁ ପାରିବୁ ମୁଁ ଜାଣେ । କିନ୍ତୁ, ସେ ପଥର ।

-କ'ଣ ତମର ସପନ ?

-କୁଲୁକୁଲିଆ ସୁନ୍ଦର ଗୋଟିଏ ଟିକି ମୁହଁ । ଅବିକଳ ମୋ' ସୋହାଗୀ ପରିକା । ଝିଅ ନୁହେ ଲୋ, ପୁଅଟିଏ । ସୋହାଗୀ ତୋ'ର ହଜିଲା ଝିଅ । ସେ ମୋ'ର ପ୍ରଥମ ଗର୍ଭର ବାହୁଡ଼ା-ସନ୍ତାନ । ତୋ'ର ଆଶା, ତୋ'ର ଚନ୍ଦନକୁ ତୁ ମୋ' ପାଇଁ ଫେରାଇ ଆଣି ପାରିବୁ ? ସେଇ ହେବ ମୋ'ର ଦ୍ୱିତୀୟ ଗର୍ଭର ପାଲଟା ସନ୍ତାନ ।

-ଅପା ।

-ସେହି କୁଲୁକୁଲିଆ ପିଲାକୁ ଥରେ କୋଳରେ ଧରିବି । ତା' ଜୁଳୁଜୁଳୁ ଆଖି ଦୁଇଟିକୁ ଚାହିଁବି । ସେ ମନକୁ ମନ ହସୁଥିବ । ପୁଣି, ଓଠ ଫଟାଇ କୋହ ଉଠାଇ ଶୋଇ ଶୋଇ କାନ୍ଦୁଥିବ । ଦେଖିବି । ତା'ଠି ସେଇ ହସ ଓ କାନ୍ଦରୁ ବୁଝିବି ମଣିଷ ଜନମ ହସ-କାନ୍ଦର ପଟ ବଦଳ । ତା'ରି ମୁହଁକୁ ଚାହୁଁ ଚାହୁଁ, ମୋ' ସୋହାଗୀର ଦେହର ପରଶ ନିଜ ଦେହରେ ଭେଦାଉଣୁ ମୁଁ ସବୁ ଯନ୍ତ୍ରଣା ଭୁଲିବି । ଆଖି ବୁଜିବି । ମରିବି ନାହିଁ ଲୋ; ତୋ'ରି ଦେହରେ ଲୀନ ହୋଇଯିବି । ଦେଖିବି ଏ ଅକର୍ମଣ୍ୟ ରୋଗଣା କାଠ ଦେହଟାକୁ ଜଳାଇ ପାଉଁଶ କରିବେ । ସେଇଆ ଲୋଡ଼ା ।

ସେବତୀ ତାଙ୍କର ଗୋଡ଼ ଚିପୁଥିଲା । ଧୀରେ ଧୀରେ । ସେହି ବାଁ ଗୋଡ଼ର ହାଡ଼ ଭିତରେ ସେ ଯନ୍ତ୍ରଣା ଭୋଗୁଥିଲେ । ଔଷଧ ଖାଇ, ଇଞ୍ଜେକ୍ସନ୍ ନେଇ ବେଦନା ଜଣା କମ୍ ହେଉଥିଲା । କିନ୍ତୁ, କି ରୋଗ ହୋଇଛି କେଜାଣି, ଭଲ ହେଉ ନ ଥିଲା । ଡାକ୍ତରଙ୍କୁ ପଚାରିଲେ ସେ କହୁଥିଲେ, ହାଉଲେ ଭଲ ହେବ ।

ଆଉଥରେ ଏକ୍‌ସ-ରେ ଫଟୋ ଉଠା ହେଲେ ଜଣାପଡ଼ିବ । ଦରକାର ହେଲେ ନୂଆ ଔଷଧ ଦିଆହେବ । ଭୟର କାରଣ ନାହିଁ ।

ସୁମତୀଙ୍କର ହତାଶିଆ କଥାରେ ସେବତୀ ଭରି ଯାଇଥିଲା । ଦୁଃଖରେ ତା'ର ଆଖିରୁ ଲୋତକ ଝରିଲା ।

ସୁମତୀଙ୍କର ଦୃଷ୍ଟି ପଡ଼ିଲା । କହିଲେ, ତୁ କାନ୍ଦୁଛୁ କାହିଁକି ? ଏତେ ଶୀଘ୍ର ମୋ'ର ମରଣ ହେବ ନାହିଁ । ତୋରି ଭିତରେ ମୋ'ର ଜୀଅନ୍ତା-ଆଶା ଆନନ୍ଦ ଖୋଜୁଛି । ଆନନ୍ଦ ହିଁ ମୋ ସପନକୁ ସତ ଫଳାଇବ । କେଜାଣି, ମୋ'ର ଆନନ୍ଦ ମୋତେ ରୋଗ ମୁକ୍ତ କରିବ । ନ ହେଲେ ନାହିଁ, ମୁଁ ମୋ'ର ସ୍ୱପ୍ନର ସଫଳ-ମୂର୍ତ୍ତିର କୁଲୁକୁଲିଆ ଟିକି ମୁହଁଟିକୁ ଚାହିଁ ମନ ଖୁସିରେ ଆଖି ବୁଜିଦେବି ।

-ତମକୁ ମୋ' ରାଣ ଅପା । ତମେ ଏତେ ଗପ ନାହିଁ । ଡାକ୍ତରବାବୁଙ୍କର ଆସିବାର ବେଳ ଗଡ଼ିଲାଣି ସତ୍ୱର ଫେରିବେ କହି ଯାଇଥିଲେ । ଦିନ ଗୋଟାଏ ହେଲାଣି, ତମେ ବିଶ୍ରାମ କର ।

ସେ ତୁନୀ ହୋଇଥିଲେ ।

ନିଜ ମନକୁ ଡାକ୍ତରବାବୁ ଦିନେ ଘଡି ଅଧରେ କହିଲେ—ଆଶା ହରାଇବା ଉଚିତ ନୁହେ । ତମେ ଭାବୁଛ ସେ ଶାନ୍ତିରେ ଶୋଇଛନ୍ତି । ସତ ଯେ, ସେ ରୋଗ-ମୁକ୍ତ ହୋଇଛନ୍ତି ଏ ବିଚାର କରନା । ଔଷଧ ଖୋଇ, ଇଞ୍ଜେକ୍‌ସନ ଦେଇ ତା'ଙ୍କୁ ଶୁଆଇ ଦିଆ ହୋଇଛି । କୌଣସି ଉପାୟରେ ତାଙ୍କୁ ବଞ୍ଚାଇ ରଖା ହୋଇଛି ।

-ବଞ୍ଚିବେ ନାହିଁ ?

-କେତେ ଦିନ, କିଏ କହି ପାରିବ ? ହାଡ଼ରେ କ୍ୟାନ୍‌ସର । ସବୁ ଚେଷ୍ଟା ସତ୍ତ୍ୱେ ମାଡ଼ିମାଡ଼ି ଯାଉଛି । ହୁଏତ ତମର ସନ୍ତାନର ମୁହଁ ଦେଖିବା ଆଗରୁ ସେ ଚାଲି ଯାଇଥିବେ ।

ସେବତୀର ଆଖି ଛଳଛଳ ହେଲା । ସେ କହିଲା, ମୋର ସନ୍ତାନ ନୁହେ, ତାଙ୍କର ସନ୍ତାନ । ପୁଅଟିଏ ସେ ଖୋଜୁଥିଲେ । ବାରମ୍ବାର ସପନ ଦେଖୁଥିଲେ । ମତେ କହୁଥିଲେ । ଅନୁନୟ କରି ମାଗୁଥିଲେ । ଖିଆଲୀ ମଣିଷ—

-ଖିଆଲୀ ସତ । ମତେ ବି ତାଙ୍କର ସପନ କଥା ଅବା ଖିଆଲିଆ ଭାବନା ଜଣାଉଥିଲେ । ତମକୁ ଆଡ଼େଇ ଦୁଃଖ ନ ଦେବାକୁ ଅନୁରୋଧ କରୁଥିଲେ । ପାଗଳ ପଣିଆ । କିନ୍ତୁ, ତମ ପାଖରୁ ମୁଁ ଦୂରେଇ ରହି ନ ଥିଲେ ସେ ଅଧିକ ମାନସିକ ଯନ୍ତ୍ରଣା ଭୋଗ କରିଥାନ୍ତେ । ହୁଏତ ମୁହଁଖୋଲି କିଛି କହି ପାରି ନ ଥାନ୍ତେ ।

-ତାହିଁକି ମାନସିକ ଯନ୍ତ୍ରଣା ଭୋଗନ୍ତେ ? ଆପଣ ତାଙ୍କରି ଉଦ୍ଦେଶ୍ୟ ସଫଳ କରିବାକୁ—

ଭୁଲି ଯାଉଛ ସେବତୀ, ମୁଁ ତାଙ୍କର ସ୍ୱାମୀ । ସେ ରୋଗ-ଯନ୍ତ୍ରଣାରେ କଷ୍ଟ ପାଉଥିଲା ବେଳେ ମୁଁ ମୋ'ର ଦେହର କ୍ଷୁଧା ମେଣ୍ଟାଇବାକୁ ଅନ୍ୟ କାହାକୁ ଆପଣାର କରିଛି ଏହା ସେ କେବେ ସହି ପାରନ୍ତେ ନାହିଁ । କାହାକୁ କହିବେ ? ଖିଆଲ ସବୁବେଳେ ସମାନ ରହେ ନାହିଁ । ନିଜ ଭିତରର ନିଆଁରେ ଜଳିପୋଡ଼ି ସେ ଛଟ ପଟ ହେଉଥାନ୍ତେ ।

-ଅନୁତାପ କରନ୍ତେ ?

-କିଏ ଜାଣେ ?

-ନା । ତାଙ୍କରି ଇଚ୍ଛା ପୂରଣ କରିବାକୁ ସେ ଯେଉଁ ନିର୍ଦ୍ଦେଶ ଦେଉଥିଲେ ସେଥିପାଇଁ ଅନୁତାପ କରନ୍ତେ ନାହିଁ ।

-ହୁଏତ ସେଇଆ ଠିକ୍ । ଈର୍ଷା । ତମ ଉପରେ ଈର୍ଷା । ତମର ରୂପ ଲାବଣ୍ୟ, ଭରପୂର ଯୌବନ, ସଫଳ ମାତୃତ୍ୱ ପାଇଁ ଈର୍ଷା । ନିଜ ସଙ୍ଗେ ତୁଳନା କରି.....

-ନା ଡାକ୍ତର ବାବୁ । ଆପଣ ଭୁଲ୍ ବୁଝିଛନ୍ତି । ମୋ'ର ଯାହା କିଛି ଅଛି ସବୁ ମୁଁ ତାଙ୍କରି ପାଦତଳେ ଅଜାଡ଼ି ଦେଇଛି । ମୁଁ ନିରିମାଖୀ । ଦି' ଗୋଡ଼ିଆ ଶାଢ଼ି-ଗହଣା-ପିନ୍ଧା ପଶୁଟିଏ । ଭବନ୍ତୁ, ଗୋଠଛଡ଼ା, ହଜିଲା, ଅଣ-ପୋଷାଇଁଆ ଗାଈଟିଏ । ସେ ଦୟାପାଇ ଏଇ ଗୁହାଳରେ ବାନ୍ଧିଛନ୍ତି । ତାଙ୍କର ବଛାଗୁଡ଼ିଙ୍କୁ ରଖି, ମୋ' ବେକର ପଘା ଖୋଲି, ପଦାକୁ ଛାଡ଼ିଦେଲେ, ଦାଣ୍ଡରେ ବୁଲିବା ଜୀବ । ମୋ' ଉପରେ ସେ ଈର୍ଷା କରିବେ ନାହିଁ ।

ସେବତୀର ଛଳଛଳ ଆଖିରୁ ଦୁଇଧାର ଅଶ୍ରୁ ଚିବୁକ ଉପରକୁ ଗଡ଼ିଆସିଲା । ତା' ରହିବା କୋଠରୀର ପଲଙ୍କ ଉପରେ ଡାକ୍ତର ବସିଥିଲେ । ଦୂରେଇ ବସିଥିଲା ସେବତୀ ।

ଡାକ୍ତର ତା'ର ଅଭିମାନିଆ କଥା ଓ ଆଖି ଲୁହର କାରଣ ବୁଝିଲେ । ତାଙ୍କର ଦ୍ୱିତୀୟ ସନ୍ତାନର ଜନନୀ ହେବାକୁ ସେ ଯାଉଛି । କିନ୍ତୁ, ସେ ପତ୍ନୀତ୍ୱର ଅଧିକାର ଓ ସମ୍ମାନ ପାଇନାହିଁ । ସନ୍ତାନବତୀ ହେବାକୁ ଯେଉଁ ଆଦର-ସୋହାଗ ସେତକ ସେ ଆପଣାର କରି ପାରିନାହିଁ । ନିଜକୁ ସେ ମଣିଛି ଗୋଟିଏ ଜୀଅନ୍ତା ଯନ୍ତ୍ର ପରି ।

ସାନ୍ତ୍ୱନା ଦେବାକୁ କହିଲେ ମୁଁ ଭୁଲ୍ ବୁଝିଥିଲି । ତୁମଠାରେ ତାଙ୍କର ଈର୍ଷା ହେବାର କାରଣ ନାହିଁ । ତମ ଭିତରେ ସେ ନିଜକୁ ହଜାଇ ଦେଇଛନ୍ତି । ନିଜକୁ ସେ ତମରି ରୂପରେ ଦେଖୁଛନ୍ତି । ତମେ ଆପଣାକୁ ପୋଷା-ପଶୁ ସଙ୍ଗେ ତୁଳନା କରନା ।

-ମୁଁ, ତେବେ କ'ଣ ?

-କହିବି, ତମର କାନରେ କହିବି ।

ଡାକ୍ତର ଚିନ୍ତାମଣି ସେବତୀର ହାତଟିଏ ଧରି ପାଖକୁ ଘୁଞ୍ଚାଇ ଆଣିଲେ । ତା'ରି ଅଞ୍ଚଳରେ ତା' ଆଖି ଓ ଗଣ୍ଡରୁ ଲୋତକ ପୋଛିଲେ । ଦୁଇ ହାତରେ ତା'ର ମୁକୁଳା ମୁଖକୁ ଅଳପ ଟେକି କାନରେ କହିଲେ, ତମେ ସୁମତୀଙ୍କର କାମନାର ରୂପ । ତମେ ଓ ସୁମତୀ ଅଭିନ୍ନ ।

ଡାକ୍ତର ସେହି ମୁହଁଟିକୁ ସାମାନ୍ୟ ଦୂରେଇ ଧରିଲେ । ମୁଗ୍ଧ ନେତ୍ରରେ ନିରେଖି ନୁଆଇଁ ଆଣିଲେ । ତା'ର ଗଣ୍ଡ ଚୁମ୍ବନ କରି ପୁଣି କହିଲେ, ବୁଝିଲ ଏଥର ?

ତା'ର ଉତ୍ତରକୁ ଅପେକ୍ଷା କଲେ ନାହିଁ । ତା'କୁ ମୁକ୍ତି ଦେଇ ସେ ପଲଙ୍କରୁ ଉଠି ତଳେ ଠିଆ ହେଲେ । କହିଲେ, ରାତି ଅଧିକ ହେଲାଣି । ଦିନସାରା ପରିଶ୍ରମ କରି କ୍ଳାନ୍ତ ହୋଇଛ । ନିଶ୍ଚିନ୍ତରେ ଶୋଇପଡ଼ । ତମ ଅପାଙ୍କର ଆଉ ସୋହାଗୀର ଖବର ମୁଁ ବୁଝିବି । ସେମାନେ ତ ଶୋଇଛନ୍ତି । ଯଦି ନିଦ ଭାଙ୍ଗେ ମୁଁ ତାଙ୍କର ତତ୍ତ୍ୱ ନେବି ।

-ଆପଣ ବି ଏତେବେଳଯାଏ ଅନିଦ୍ରା ରହିଲେଣି । ପୁଣି, ରାତିରେ ନ ଶୋଇଲେ ଦେହ ଖରାପ ହୋଇ ପାରେ ।

ସେବତୀ ପଲଙ୍କରୁ ଓହ୍ଲାଇ ଡାକ୍ତରଙ୍କର ହାତ ଧରିଲା । କହିଲା, ଦିହେଁ ପାଳି କରି ଜଗିବା ।

ଡାକ୍ତର କହିଲେ, ଜଗିବା ଆବଶ୍ୟକ ପଡ଼ିବ ନାହିଁ । ସୁମତୀ ନିଦଔଷଧ ଖାଇଛନ୍ତି । ତୁମେ ତ ଦେଇଛ । ଗୋଟିଏ ପିଲାର ଦାୟିତ୍ୱ ମୁଁ ନେବି । ଆଉଟି ଯିଏ ତମରି ଭିତରେ ଅଛି, ତା'ର ଦାୟିତ୍ୱ ତମର । ତା'ର ବିଶ୍ରାମ ଲୋଡ଼ା । ଯାଅ, ନିଶ୍ଚିନ୍ତରେ ଶୋଇପଡ଼ । ନୋହିଲେ କିଏ ଜାଣେ—

ସେ କଥା ଅଧା ରଖିଦେଲେ ।

ପେଟ ଭିତରେ ପାଞ୍ଚ ମାସର ଶିଶୁ ସତକୁ ସତ ଉଜନ୍ମ ହେବାକୁ ଲାଗିଲା । ସେବତୀ ଅନୁଭବ କଲା । ଶଙ୍କିତ ହୋଇ ସେ ଡାକ୍ତରଙ୍କର ହାତ ମୁକାଳି ପଲଙ୍କ ଉପରେ ବସିଲା । ଦେଖିଲା, ଡାକ୍ତର କୋଠରୀ ଭିତରୁ ବାହାରି ଯାଉଛନ୍ତି, କବାଟ ଦି'ଫାଳି ଆଉଜାଇ ନେଉଛନ୍ତି ।

ନିଶ୍ଚଳ ମୂର୍ତ୍ତିଟିଏ ପରି ସେହି ନିଶୀଥରେ, ନିରୋଳା କୋଠିରୀରେ, ପଲଙ୍କ ଉପରେ ବସି ଶୂନ୍ୟ ଦୃଷ୍ଟିରେ ଆଲୋକ ଆଡ଼କୁ ଚାହିଁ ରହିଥିଲା । ଡାକ୍ତରଙ୍କ କଥା ମନେ ପକାଇଲା । ସେ କୁଆଡ଼େ ସୁମତୀଙ୍କର କାମନାର ରୂପ । ସେ ଓ ସୁମତୀ ପୁଣି ଅଭିନ୍ନ । ସେ ମନକୁ ମନ ହସି ଉଠିଲା । କାମନାର ଗୋଟାଏ ରକ୍ତମାଂସର ରୂପ କେମିତି ହେବ ? ଅଲଗା ଅଲଗା ଦିଓଟି ଦେହ ଅଭିନ୍ନ ହେବ ବା କିପରି ?

ଭାବିଲା, ବ୍ୟର୍ଥ ମାତୃତ୍ୱର ଗ୍ଳାନିର ପ୍ରତିକ୍ରିୟା ସୁମତୀଙ୍କୁ ଆଡ଼-ବାଇଆଣୀ କରିଛି । କିନ୍ତୁ, ବୁଦ୍ଧିମାନ ଡାକ୍ତର ଆଡ଼ ବାଇଆ ନୁହନ୍ତି । ତା'ର ନିଜର ନିଃସାହା-ପଣ ତା'କୁ ସୁମତୀଙ୍କର ଖେଳଣା କରିଛି । ଆଉ ଡାକ୍ତର ? ବିବାହିତା ପତ୍ନୀଙ୍କ

ପାଇଁ ପ୍ରେମ ଓ କର୍ତ୍ତବ୍ୟଜ୍ଞାନ ତାଙ୍କୁ ଛାୟା-ଛବିର ନାୟକ କରିଛି ? ଯାହା ସେ ହେଉନ୍ତୁ, ତାଙ୍କର ସତ୍ତାକୁ ସେ ନିଜ ଭିତରେ ଖେଳାଉଛି । ଏହା ହିଁ ସତ୍ୟ ।

କିଏ ତା'ଙ୍କୁ ଏ ସଂସାରରୁ ଦୂରେଇ ଦେଇ ପାରିବ ?

ସେବତୀ ପଲଙ୍କ ଉପରେ ଚିତ୍ ହୋଇ ଶୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲା । ଗୋଡ଼ ଦିଓଟିକୁ ଜଙ୍ଘ ପାଖରୁ ଡାକ୍ତରଣୀ ବାନ୍ଧି ଦେଇଥିଲେ । ପାଖରେ ବସି ଦୁଲାଳୀ ପାଦ ଚିପୁଥିଲା ।

ସେବତୀ ମୁଣ୍ଡ ବଙ୍କାଇ ନବାଗତ ଶିଶୁକୁ କଣେଇ ଚାହିଁଲା । ପୁଅଟିଏ । ଆନନ୍ଦ ମହାପାତ୍ରର ସ୍ୱପ୍ନ । ବିନନ୍ଦ ମହାପାତ୍ରଙ୍କର ଆଶା । କୁଳ-ଉଦ୍ଧାରକ ଭବିଷ୍ୟ, ଚନ୍ଦନ ।

ଓଠରେ ସ୍ମିତ । ଆସିଲା, ମିଳାଇଗଲା । ବିଷାଦ, ଅବସାଦ । ଆଖି ବୁଜି ହୋଇଗଲା । ନିମୀଳିତ ଆଖିକୋଣରୁ ଲୁହଧାର ଗଡ଼ି ଆସିଲା । ସେମାନେ ନାହାନ୍ତି । ସାତ ସପନ । ତା'ର ଚନ୍ଦନ ଦାସୀପୁତ୍ର । ଅପବାଦରୁ ଜନ୍ମ । ଅପମାନର ଅଦୃଶ୍ୟ ମୁକୁଟ ପିନ୍ଧି ଜନମ ।

ଛାତିରେ କୋହ । ଦୀର୍ଘ-ଶ୍ୱାସ ।

ସୁମତୀଙ୍କର ବିକଳିଆ କ୍ଷୀଣ ସ୍ୱର କାନରେ ବାଜିଲା, ତମେ ସବୁ ଯାଅ ଗୋ ଭଉଣୀମାନେ । ସେ ଟିକିଏ ବିଶ୍ରାମ ନେଉ । ଏକା ଦୁଲାଳୀ ତା' ପାଖରେ ଥାଉ । ଦେଖୁନା, ତାକୁ କେଡ଼େ କଷ୍ଟ ହେଉଛି ?

ସେବତୀ ଆଖି ଖୋଲୁ ନାହିଁ ।

ପୁଅଟିକୁ ମଧ୍ୟ ସେ ଫୁଲନାଡ଼ କରି ଟେକି ନେଇଥିଲେ । ସାହି-ପଡ଼ୋଶୀର ଘରଣୀମାନଙ୍କୁ ସ୍ୱଗତୋକ୍ତି କରି ସେ ଜଣାଇ ଦେଇଥିଲେ ମନରୁ ଫାନ୍ଦିଲା ଘଟଣା—

ବାବନାଭୂତ ଛତର ବାରବୁଲାଟାକୁ ଘରମଙ୍ଗାଇ ବାନ୍ଧି ରଖିବାକୁ ଭଉଣୀକୁ ତା' ପାଖରେ ଏଇଠି ଛାଡ଼ିଲାରୁ ଏ ଦିବ୍ୟସୁନ୍ଦର ଫଳଟି ସିନା ମିଳିଲା । ଛତର ଛୁ । ଆନନ୍ଦର କପାଳ ପୋଡ଼ା । କିଏ କ'ଣ କରିବ ? ଘୁଷୁରିକୁ ପାଚଲା କଦଳୀ ଅରୁଚ । ଯାଉ ସେ ବାଇଆ, ଆଉ ନ ଆସୁ । ଆସିଲେ ଏ ଘର ମନା । ମୋ' ପାଇଁ ପୁଅ । ସେ ପୁଅକୁ ମୁଁ ଟେକି ନେଇଛି । ମୋ' ଭଉଣୀ ମୋ'ର ।

ସେମାନେ ହସି ହସି ଚାଲି ଯାଇଥିଲେ ।

ଘଟଣା ଅଛପା ରହିଲା ନାହିଁ । ଲୋକେ ନିର୍ବୋଧ ନୁହନ୍ତି । ସେବତୀ ଛାତି ପଥର କଲା । କାହା ହସ, ପରୋକ୍ଷ ସମାଲୋଚନାରୁ ତା'କୁ ମିଳିବ କ'ଣ ? କେହି

ତା'ର ଜୀବନର ଗତିକୁ ବଦଳାଇ ପାରି ନ ଥାନ୍ତେ । ପାରିବେ ନାହିଁ । ଯାହା ଘଟି ଯାଇଛି, ତା'କୁ ତା' ଜୀବନର ସ୍ୱାଭାବିକ ଗତି ବୋଲି ଗ୍ରହଣ କରିବାକୁ ହେବ । ସେ ମରିବାକୁ ରୁହି ନ ଥିଲା । ବାଟର ଭିଖାରିଣୀ ହୋଇ, ସହସ୍ର ଦୁଃଖ ଓ ଲାଞ୍ଛନା ଭୋଗି ପଶୁଠାରୁ ହୀନ ଜୀବନ ଯାପନ କରିବାକୁ ମନ କଲା ନାହିଁ । ତା'ଠାରୁ ବରଂ ମରଣ ଶ୍ରେୟ ବୋଲି ମଣିଥିଲା ।

ଯିଏ ତା'କୁ ଈର୍ଷା କରନ୍ତେ ତାଙ୍କରି ଇଚ୍ଛାର ଖେଳଣା ହୋଇ ସେ ତା'ର ମାତୃତ୍ୱ-ବାସନା ସଫଳ କରିଛି । ହଜିଲା ସନ୍ତାନ ଫେରି ପାଇଛି । ଦିନୁଦିନ ଯେପରି ସେ କ୍ଷୀଣ ହେବାକୁ ଲାଗିଲେ, ଘରର ସବୁ ଦାୟିତ୍ୱ ତା' ହାତରେ ସମର୍ପି ଦେଲେ ।

ପୁଅର ନାମ ସେ ଦେଇଥିଲେ ଚନ୍ଦନ । ଦିନେ ସେ କହିଲେ, ସେବତୀ, ତୁ ମୋ ମନକାମନା ପୂରଣ କଲୁ । ତୋ' ସପନ ମୁଁ ସତ ଫଳାଇଛି । ବେଶୀ ଦିନ ଆଉ ବଞ୍ଚିବି ନାହିଁ ଲୋ ।

-ସେମିତି କହନା ।

-ଯାହା ସତ ସେଇଆ କହୁଛି । ଡାକ୍ତରଙ୍କର ଆଶା ଦେବାର କଥା । ସେ ସେଇଆ କରୁଛନ୍ତି । ସେ ନିର୍ଲିପ୍ତ ଧୈର୍ଯ୍ୟବାନ ଲୋକ । ଉଦାର, ଉଦାସ । ସଂସାରର ବନ୍ଧନରୁ ଦୂରେଇ ରହି ସେ ଜୀବନ ବିତାଇବାକୁ ବସିଥିଲେ । ମୁଁ ତାଙ୍କୁ ବାନ୍ଧି ରଖି ପାରିଥିଲି ।

-ଅପା ।

-ଶୁଣ୍ ଯାହା କହୁଛି । ବାରମ୍ବାର ମୋ'ର ସନ୍ତାନ ନଷ୍ଟ ହେଲା । ଶେଷକୁ ଯାହା ହେଲା ତୁ ଜାଣୁ । ମୋ'ର ମରଣ ପରେ ସେ କ'ଣ ହୋଇଥାନ୍ତେ ? ମତେ ସେହି ଚିନ୍ତା ଘାରୁଥିଲା । ଭଉଣୀ ଲୋ, ତୋ'ର ଦୁଃଖରେ ମୋ'ର ପ୍ରାଣ ଛଟପଟ ହେଉଥିଲା । ଜାଣିଲି, ଆନନ୍ଦ ଫେରିବ ନାହିଁ । ଥିଲେ ତ ଫେରନ୍ତା ? ସେ ଏ ସଂସାରରେ ନାହିଁ ।

ସେବତୀର ଛାତି ଥରି ଉଠିଲା । ମନ କହିଲା, ବଞ୍ଚ ଥାଉ ସେ, ସୁଖରେ କେଉଁଠି ସଂସାର ପାତିଥାଉ । ତା' ଲେଖାରେ ସେବତୀ ମରିଛି । ସେଇଆ ସତ । ଏ ସେବତୀ ଆଉ ଜଣେ । ପାଠୋଇ, ଦୋଷ୍ଟରୁଣୀ, ଅନ୍ୟଜଣଙ୍କର ରକ୍ଷିତା । ଅତି କଷ୍ଟରେ ସେ ସମୟ କଟାଉଛି । ସବୁଥାଇ ତା'ର କିଛି ନାହିଁ ।

ସୁମତୀ ତୁନୀ ହୋଇ ତା'ର ମୁହଁକୁ ରୁହିଁରହିଥିଲେ । କହିଲେ, ତୋ' ପେଟରୁ ଜନମ ମୋ'ର ଏ ପିଲା ଦିଓଟିଙ୍କୁ ମୁଁ ତୋ' ହାତରେ ସମର୍ପି ଦେଉଛି । ତୋ'ରି ରକ୍ତ-ମାଂସରେ ଗଢ଼ିଛୁ ମୋ'ର ଆଶାଚ, ମୋ' ଜୀବନର ପିପାସାର କଣ୍ଢେଇ । ଡାକ୍ତରଙ୍କ ଆତ୍ମାର କଣିକା । ତାଙ୍କୁ ପାଳି, ବଢ଼ାଇ ତୁ ମଣିଷ କରିବୁ ।

ତୁନୀ ହୁଅ ଅପା, ତମକୁ ମୋ'ରଣ । ତମେ ନିଶ୍ଚୟ ଭଲ ହୋଇଯିବ । ତମ ପିଲାଙ୍କୁ ତମେ ମଣିଷ କରିବ । ମୁଁ ଛାର କିଏ ? ମୋର ସ୍ଥିତି କ'ଣ ଯେ—

ସୁମତୀଙ୍କର ମଳିନ ଓଠରେ ଅଳପ ହସ ।

ସେ ତାଙ୍କର ଦୁର୍ବଳ ହାତଟିଏ ଲମ୍ବାଇ ସେବତୀର ହାତ ଧରିଲେ । କହିଲେ, ମୋ'ର ଆହୁରି ପାଖକୁ ଘୁଞ୍ଚିଆ । ତୋ' ପ୍ରଶ୍ନ, ତୋ' ଆଖିରେ ଟଳଟଳ ହେଉଛି ଯେଉଁ ଲୁହ, ତା'ର ଅର୍ଥ ମୁଁ ବୁଝି ପାରିଛି । ତୋ' ଖୁସି-ଆନନ୍ଦର ଚଳଣ ଓ ହସ ହସ ଢଙ୍ଗ ପଛରେ ଯେଉଁ ଅକହା ଦୁଃଖ ଛପି ରହିଥାଏ ତା'ର ଛାଇ ମୋ' ଆଖିରେ ପଡ଼ିଛି ।

ସେବତୀ ତାଙ୍କର ସେହି ଦୁର୍ବଳ ହାତଟିକୁ ମୁଠାଇ ଧରି ପାଖକୁ ଘୁଞ୍ଚିଗଲା । କହିଲା, ତମେ ବହୁତ ଗପିଲଣି । ମୋ'ର କୌଣସି ଦୁଃଖ ନାହିଁ । ଠାକୁରଙ୍କ ପାଖରେ ଏତିକି ଗୁହାରି ସେ ତମକୁ ଆରୋଗ୍ୟ କରି ଦିଅନ୍ତୁ ।

-ଶୁଣ ବାଇଆଣି । ମୁଁ ମରିବି ନାହିଁ । ତୋ'ରିଠେଇଁ ମୁଁ ବଞ୍ଚି ରହିବି । ତୋ'ରିଠେଇଁ ମୁଁ ଲୀନ ହୋଇଯିବି । ମୁଁ ଏହା ଜାଣେ । ଡାକ୍ତରଙ୍କୁ ମୁଁ ଏହା କହି ଦେଇଛି । ତୋ' ଠାରେ ସେ ମତେ ଅନୁଭବ କରିବେ । ମୋ' ସ୍ମୃତି ତୋ' ସ୍ମୃତି ମିଶି ଏକ ହୋଇଯିବ ।

ସେବତୀ ଭାବିଲା, ତାଙ୍କର ଦୁର୍ବଳ ମନର ଭାବପ୍ରବଣତା । ବ୍ୟର୍ଥ ସାନ୍ତ୍ୱନା । ଦୁନିଆଁର ଚକ୍ଷୁରେ ସେ ଏ ଘରେ ଡାକ୍ତରଙ୍କର କ'ଣ ହୋଇ ରହିବ ? ନିନ୍ଦା, ସମାଲୋଚନା, ଛି-ଛିକରିଆ ପ୍ରାଣୀଟିଏ । ରକ୍ଷିତା । ନିର୍ଲଜପଣକୁ ଆପଣାର କରି ସେ ଆତଯାତ ହେବ ।

ସେଇଆ ହେଉ ।

ସୁମତୀ ନିଜେ କ'ଣ ଭାବୁଥିଲେ । କହିଲେ, ମୁଁ ତାଙ୍କୁ ମୋ'ର ଶେଷ ମାଗୁଣି ମାଗିଯିବି । ମୁଁ ଜାଣେ ସେ ମନା କରିବେ ନାହିଁ ।

-ତମର କଥା ସେ କେବେ ତଳେ ପକାନ୍ତି ନାହିଁ ।

-ମାଗିବି, ମୋ'ର ମରଣ ପରେ ସେ ତୋତେ ବିବାହ କରିବେ ।

-ଅପା । ଯେ କ'ଣ କହୁଛ ? ମୋ'ର ମରଣ ହେଉ, ତମର ମରଣ କାହିଁକି ହେବ ?

-ଆମର ବିଭାଘର ମନ୍ଦିରରେ ହୋଇଥିଲା । କିନ୍ତୁ, ତମର ବିଭାଘର ହେବ ରେଜିଷ୍ଟ୍ରୀଖାନାରେ । ଆନନ୍ଦ ମହାପାତ୍ରଙ୍କର ବିଧବା-ପତ୍ନୀକୁ ସେ ବିବାହ କରିବେ । ମୋ'ର ପିଲା ଦିଓଟିଙ୍କର ଭବିଷ୍ୟତ ଦୃଷ୍ଟିରୁ ଏତକ ଆବଶ୍ୟକ ଲୋ ସେବତୀ । ପୁରୁଷ ଲୋକ । ତାଙ୍କର ଅତୀତ ଉଚ୍ଛୃଙ୍ଖଳ ଥିଲା । କି ବିଶ୍ୱାସ ? ମନର ପରିବର୍ତ୍ତନ ହୋଇ ପାରେ । ତୋ'ର, ଆଉ ପିଲା ଦିଓଟିଙ୍କର ଅବସ୍ଥା ହେବ କ'ଣ ? ମତେ ସେହି ଚିନ୍ତା ବେଶୀ ଘାରୁଛି ।

ସେବତୀ କାନ୍ଦିଉଠୁଣୁ ଓଠ ଚିପି ଶକେଇ ହେଲା ।

ସୁମତୀ ତୁନୀ ରହିଲେ । କାହିଁକି ସେବତୀର ଧୈର୍ଯ୍ୟ ତୁଟିଲା, ସେ କାନ୍ଦି ଉଠିଲା ଏ ପ୍ରଶ୍ନ ସେ ପଚାରି ନ ଥିଲେ ।

ସେବତୀ ଆପେ ତୁନୀ ହେଲା । ମନରେ ଓଲଟ ପାଲଟ ହେଲା ପ୍ରଶ୍ନଟିଏ । ବହୁ ବର୍ଷର ଦାମ୍ପତ୍ୟ ଜୀବନ, ମିଳିତ ସ୍ୱାର୍ଥ ଓ ପ୍ରଗାଢ଼ ପ୍ରେମ ସତ୍ତ୍ୱେ ସୁମତୀଙ୍କର ପ୍ରତ୍ୟୟ ଦୋହଲି ଉଠିଥିଲା କାହିଁକି ? ଡାକ୍ତରଙ୍କୁ କ'ଣ ସେ ବିଶ୍ୱାସ କରୁ ନ ଥିଲେ ?

ଏ ପ୍ରଶ୍ନର ଉତ୍ତର ସୁମତୀ କେବଳ ଦେଇ ପାରିଥାନ୍ତେ । କିନ୍ତୁ, ସେ ବେଶୀ ଦିନ ବଞ୍ଚି ନ ଥିଲେ । ମାସେ କାଳ ବହୁ କଷ୍ଟ ଭୋଗିଲେ । ବଡ଼ ସହରର ବଡ଼ ଡାକ୍ତରଖାନାରେ ଯେତେ ବିଶେଷଜ୍ଞ ଥିଲେ ସମସ୍ତଙ୍କର ଉଦ୍ୟମ ବ୍ୟର୍ଥ ହୋଇଥିଲା । ସେହି ଡାକ୍ତରଖାନାରେ ତାଙ୍କର ଶେଷ ନିଶ୍ୱାସ ଖସି ଯାଇଥିଲା । ସାତଦିନ ଆଗରୁ ସେ ହତଜ୍ଞାନ ହୋଇ ପଡ଼ିଥିଲେ ।

ମୃତ୍ୟୁ ସମୟରେ ଡାକ୍ତରବାବୁ ତାଙ୍କ ପାଖରେ ଥିଲେ । ଅଧିକାଂଶ ବେଳ ସେ ସୁମତୀଙ୍କ ପାଖରେ ହିଁ ଜଗି ରହୁଥିଲେ । ସେବତୀ ଯା-ଆସ କରୁଥିଲା । ଛ' ବର୍ଷର ଝିଅ, ଓ ଦଶମାସର ପୁଅକୁ ସଙ୍ଗରେ ନେଇ ବାରମ୍ବାର ହସ୍ପିଟାଲକୁ ଯିବାକୁ, ରାତିରେ ଜଗି ରହିବାକୁ ଡାକ୍ତରବାବୁ ତା'କୁ ବାରଣ କରିଥିଲେ ।

ରାତିସାରା ଉଜାଗର ରହି ସେବା କରିବାକୁ ନିଯୁକ୍ତ ହୋଇଥିଲା ଦୁଲାଳୀ । ମୂଲିଆଣୀଟିଏ । ଭଲ ମଣିଷ । ବିଶ୍ୱାସୀ । ମା' ଭଉଣୀ ପରି ଯତ୍ନ ନିଏ । ସମୟ ନଷ୍ଟ କରେ ନାହିଁ । ବାଜେ କଥା କହେ ନାହିଁ । ହାତ ବନ୍ଦ ରଖେ ନାହିଁ । କିଛି-ନା-କିଛି କାମ କରୁଥାଏ । ରୂପ ସୁନ୍ଦର ନୁହେ, ମନଟି ସୁନ୍ଦର, ନିର୍ମଳ । ଯାହା ଦେଲେ ଖୁସି । ଓଜର ଆପତ୍ତି ନ ଥାଏ ।

ସୁମତୀ ତା'କୁ ସ୍ନେହ କରୁଥିଲେ । ତା'ର ହୀନ-ମାନିଆଁ ଜୀବନ ସମ୍ବନ୍ଧରେ ସେ କହୁଥିଲେ.....

-ଶୁଣିଲୁ ତ ସେବତୀ ? ଏଇ ତା'ର ଜୀବନ-ଚରିତ । ଭଲ ମଣିଷଟିଏ । କେତେ ଆଶା, କେତେ ସ୍ୱପ୍ନ ବିସ୍ଥବାର ତୁଟିଛି । ତଥାପି ସେ ଭାଙ୍ଗି ପଡ଼ି ନାହିଁ । ଅଣ୍ଟା ଭିଡ଼ି ଉଠିଛି । ନିଜ ଶକ୍ତିମତେ ଅବସ୍ଥା ସଙ୍ଗେ ଲଢ଼ିଛି । ଜୀବନକୁ ଅଡ଼ାଇ ନେଇଛି । ନେଉଛି ତ ।

କହୁଥିଲେ, କାହାର ଆଲୋଚନା, ନିନ୍ଦା-ପ୍ରଶଂସାରୁ ତା'କୁ ମିଳିବ କ'ଣ ? ସେ ଖାତିର କରେ ନାହିଁ । ତା'ର ବିକଳ-ଆତ୍ମା ପୁଣି ତା'ର ନୂଆ ସଂସାର ଗଢ଼ାଇଛି । ଗେରସ୍ତ ଓ ଦିବ୍ୟସୁନ୍ଦର ଝିଅ । ସ୍ୱାସ୍ଥ୍ୟବାନ୍ ଟିକି ପୁଅଟିଏ । ସେମାନଙ୍କୁ ଘେନି ସୁଖରେ ଅଛି । ସମସ୍ତଙ୍କୁ ସେ ଦାଣ୍ଡରୁ ଗୋଟାଇ ଆଣିଛି ଲୋ । ଗେରସ୍ତ ଯେ ବିକୃତ ମୁହାଁ, ଅଖଞ୍ଜି ଆଟା—

ଜାଣେ ଅପା, ଦିନେ ସେ କହୁଥିଲା । ତମେ ତୁନୀ ହୋଇ ଶୋଇ ପଡ଼ । ନିଦଓଷଦ ଖାଇଛ ।

ସେବତୀ ଶୁଣିଥିଲା । ବିଚିତ୍ର ମଣିଥିଲା । ଗେରସ୍ତର ନାମ ଆନ୍ଦିଆ, ମାନେ ଆନନ୍ଦ । ଗୋଟାଇ ଆଣି ଆପଣାରକରିଲା ପିଲା ଦୁଇଟିଙ୍କର ନାମ ସେ ସୋହ୍ନାଗୀ ଓ ଚନ୍ଦନ ରଖିଥିଲା ।

କାହିଁକି ?

ନିଜର ମନ ତା' ପ୍ରଶ୍ନର ଉତ୍ତର ଦେଇଥିଲା—ବଡ଼ଘର, ନାମଯାଦା ଲୋକଙ୍କ ପରିବାରରେ ଜନ୍ମିତ ଲୋକଙ୍କର ନାମ ଅନୁକରଣ କରିବା ଅସମ୍ଭବ ନୁହେ । ସୁମତୀଙ୍କୁ ସେ ଭଲ ପାଉଥିଲା । ଡାକ୍ତରଙ୍କୁ ଭକ୍ତି କରୁଥିଲା । ତାଙ୍କରି ପିଲାଙ୍କ ନାମର ଅନୁକରଣ ?

ସେବତୀ ନିଜର ଉତ୍ତରକୁ ନିଜେ ଗ୍ରହଣ କରି ପାରିଲା ନାହିଁ । ସେ ଜାଣେ, ଗୋଟିଏ ନାମରେ କୋଟିଏ ମଣିଷ ଏ ଦୁନିଆଁରେ ଥିଲେ, ଅଛନ୍ତି, ଓ ରହିବେ । ଏଥକୁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏକାପରି ନାମଗୁଡ଼ିକର ସମାବେଶ ଅସ୍ୱାଭାବିକ ନୁହେ ।

ସୁମତୀଙ୍କର ତିରୋଧାନ ପରେ—

ତାଙ୍କର ଇଚ୍ଛା ପୂରଣ କରିବାକୁ ଡାକ୍ତରବାବୁ ନିଜେ ଆଗ୍ରହ ପ୍ରକାଶ କରିଥିଲେ । ମାସ ତିନୋଟି ଅବିବାହିତ ନ ହେଉଣୁ ସେ କହିଲେ, ଲୋକଙ୍କର ନିନ୍ଦା ଓ କୁତ୍ସା ରଟନା ବଢ଼ିବଢ଼ି ଚାଲେ । ନିର୍ଲଜପଣରେ ତାକୁ ହସି ଉଡ଼ାଇ ଦିଆ ଯାଇପାରେ । କିନ୍ତୁ, ଆମେ ଗୋଟାଏ ଲୁଚକାଳିଖେଳା ଅସ୍ୱାଭାବିକ ଜୀବନ କଟାଇବାରେ ଯଥାର୍ଥତା ନାହିଁ । ସେମାନେ ଭେଜିଖାଇ ସନ୍ତୁଷ୍ଟ ହୁଅନ୍ତୁ । ଯାହା କହିବାର ପଛରେ କୁହନ୍ତୁ ।

ଆନନ୍ଦ ମହାପାତ୍ରଙ୍କର ବିଧବା ପତ୍ନୀ ସେବତୀକୁ ସମାଜସେବୀ ବିଖ୍ୟାତ୍ ଡାକ୍ତର ଚିନ୍ତାମଣି ସାହୁ ଦିନେ ଆଇନ୍ ସମ୍ମତ ରେଜିଷ୍ଟ୍ରୀ-ବିବାହ କରିବା ଖବର ଲୋକେ ଜାଣିଲେ । ହସିଲେ ହସିଥିବେ । ମିଛ ସତ ବହୁ ଘଟଣା ଶୁଣିଥିବେ, ଶୁଣାଇଥିବେ ଅନ୍ୟମାନଙ୍କୁ ।

ସେବତୀ ସେ ବିଷୟରେ ଚିନ୍ତା କଲା ନାହିଁ । ଅତୀତକୁ ମନରୁ ପୋଛି ଦେଲା । ବିବାହିତା ପତ୍ନୀର ଆସନରେ ବସି ପରପଣିଆଁର ଦୋହଲା ଚିନ୍ତାକୁ ଚିରଦିନ ପାଇଁ ମନରୁ ନିର୍ବାସିତ କଲା । ସ୍ୱାମୀ, କନ୍ୟା ଓ ପୁତ୍ରକୁ ଧରି ନୂଆ ଜୀବନ ଆରମ୍ଭ କଲା ।

ଡାକ୍ତର ତା' ହାତରେ ସବୁ ସମର୍ପି ଦେଇଥିଲେ । କିନ୍ତୁ, ତା'ର କିପରି ଧାରଣା ଜନ୍ମିଥିଲା ଯେ ତାଙ୍କୁ ପାଇ ମଧ୍ୟ ସେ ସର୍ବୋତଭାବରେ ପାଇ ପାରୁ ନ ଥିଲା । ସେ ଅଧିକ ଉଦାସ ହୋଇଥିଲେ । ଗାମ୍ଭୀର୍ଯ୍ୟ ବଢ଼ି ଯାଇଥିଲା । ପୂର୍ବପରି ସେ ତାଙ୍କର ଦୈନିକ କର୍ତ୍ତବ୍ୟରେ ରତ ରହୁଥିଲେ ସତ, ସେବତୀର ମନେ ହେଉଥିଲା, ଯେପରି ସେ ମନେ ମନେ ସୁମତୀଙ୍କୁ ଝୁରୁଥିଲେ । ମୁହଁ ଖୋଲି ପଚାରିବାକୁ ସେ କେବେ ସାହସ କରି ନ ଥିଲା ।

ତା'ର ସ୍ୱାଧୀନ ଚଳନରେ ସେ କେବେ ବାଧା ଦେଉ ନ ଥିଲେ । ବରଂ ଉତ୍ସାହିତ କରୁଥିଲେ । ଘରର ସବୁ ଦାୟିତ୍ୱ ମୁଣ୍ଡରେ ବୋହି, ପିଲା ଦୁଇଟିଙ୍କର ଯତ୍ନ ନେଇ ମଧ୍ୟ ସେ ନିଜ ଭିତରେ ଛଟପଟ ହେଉଥିଲା । ଚନ୍ଦନ କ୍ଲେବନିକୁ ଆଦରି ଯାଇଥିଲା । ସୋହାଗୀକୁ ପଢ଼ାଇବାର ଦାୟିତ୍ୱ ସେ ନିଜେ ମୁଣ୍ଡାଇଥିଲା ।

ଯେଉଁ ପଡ଼ାରେ ଡାକ୍ତରଙ୍କର ବସାଘର ସେଇଠି ଅଳ୍ପଦୂର ଛାଡ଼ି ପୌରସଂସ୍ଥା ତରଫରୁ ନୂଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟିଏ ଖୋଲିଲା । ଏତେ ଦୁଃଖ, ନିନ୍ଦା, ଅପମାନ ସହି ଯେ ଯେଉଁ ପାଠ ପଢିଥିଲା, ତା'ର ବିନିଯୋଗ ପାଇଁ ସେବତୀର ମନ ଛଟପଟ ହେଉଥିଲା । ସମୟ ସୁଖରେ କଟନ୍ତା । ସୋହାଗିନୀ ଅନ୍ୟ ପିଲାଙ୍କ ସଙ୍ଗେ ମିଶିଲେ ତା'ର ମଉନମୁହଁାତଙ୍ଗ ଛାଡ଼ନ୍ତା । ନିଜେ ସେ ନିଜର ଦକ୍ଷତା ପରଖି ନିଅନ୍ତା । ଆତ୍ମ ନିର୍ଭରଶୀଳତାର ଆନନ୍ଦ ଲାଭ କରନ୍ତା । ଅଳସ ନିରେଳ ବେଳରେ ଯେଉଁସବୁ ଅଶାନ୍ତ ଭାବନା ମନରେ ପଶେ ସେ ସବୁ ଦୂରେଇ ରହନ୍ତେ । ଡାକ୍ତରବାବୁଙ୍କର ପ୍ରତିପତ୍ତି ଅଛି । ସେ ମୁହଁ ଖୋଲିଲେ ବିଦ୍ୟାଳୟରେ ସେ ନିଯୁକ୍ତି ପାଇ ପାରନ୍ତା ।

ତାଙ୍କ ଆଗରେ ସେ ପ୍ରସ୍ତାବ ବାଢ଼ିବ କିପରି ? ସେ କ'ଣ ବିଚାରିବେ ? ସେ ତା'ର କୌଣସି ଅଭାବ ରଖାଇ ନାହାନ୍ତି । ନିଜର କ୍ଲିନିକ୍‌କୁ ଗୋଟିଏ ଦାତବ୍ୟ ଚିକିତ୍ସାଳୟରେ ପରିଣତ କରିଛନ୍ତି କହିଲେ ଚଳେ । କେବଳ ଔଷଧର ମୂଲ୍ୟ ବାବଦ କିଛି ଧନ ନେଇ ସେ ଚିକିତ୍ସା କରନ୍ତି । ଅତି ଦରିଦ୍ର ଯେଉଁମାନେ ତାଙ୍କଠାରୁ କିଛି ଗ୍ରହଣ କରନ୍ତି ନାହିଁ । ନିଜ ହାତରୁ ଖରଚ କରି ସେମାନଙ୍କ ଘରକୁ ଯାଇ ରୋଗୀ ଦେଖନ୍ତି । କିନ୍ତୁ, ବଡ଼ବଡ଼ିଆ ଥିଲାବାଲାଙ୍କ ପାଖରୁ ଯଥେଷ୍ଟ ଅର୍ଥ ସେ ପାଆନ୍ତି ।

ସବୁ ଅର୍ଥ ସେ ସେବତୀ ପାଖରେ ଥୋଇ ଦିଅନ୍ତି । କେତେ ଅର୍ଥ ପାଇଲେ, କେତେ ଖର୍ଚ୍ଚ ହେଲା, କେତେ ରହିଲା, ସେହି ବିଷୟରେ ମୁଣ୍ଡ ଖେଳାନ୍ତି ନାହିଁ । ତାଙ୍କ ଆଗରେ ଦେଲା-ନହିଲାର ହିସାବ ବାଢ଼ିବାକୁ ଚେଷ୍ଟା କଲେ ସେ ହସି କହନ୍ତି; ମୋ'ର ଜାଣିବାର ଦରକାର ନାହିଁ ସେବତୀ । ତମର ସଂସାର କଥା ତମେ ବୁଝ । ଭଲମନ୍ଦ ତମେ ବିଚାର କର । ଭବିଷ୍ୟତ୍ ଯୋଜନା ତମର କାମ । ଯାହା ବଳିଲା ଦେଇଦେଲି ।

ତା'ରି ଅନୁରୋଧରେ ବଡ଼ ସହରରେ ବହୁ ଅର୍ଥ ବ୍ୟୟ କରି ତିନିଗୁଣ୍ଠ ଜମି କିଣା ହେଲା । ନିଜ ନାମରେ କିଣିବାକୁ ସେ ମନା କଲେ । କହିଲେ, ତମରି ନାମରେ କିଣା ହେଉ । ଘର କରିବାକୁ ତମେ ସଂଚୟ କଲେ କରି ପାରିବ । ସୁମତୀ ବି ମନ କରିଥିଲେ । କିନ୍ତୁ, ସେ କ୍ରମେ ସ୍ପୃହାହୀନ ହୋଇ ପଡ଼ିଲେ । ମନ ଦୁଃଖରେ କହୁଥିଲେ, କାହିଁକି ? କାହା ପାଇଁ ? ଭଡ଼ା ଘରେ ବେଶ୍ ଚଳି ଯାଉଛି । ତମର ବୀତସ୍ପୃହ ହେବାର କାରଣ ନାହିଁ ।

ଘର ତୋଳିବାକୁ ଯଥେଷ୍ଟ ଟଙ୍କା ଲୋଡ଼ା । ଡାକ୍ତରଙ୍କର ବଳିଲାଧନ ଠୁଳ କରି ଘର ପାଇଁ ସଞ୍ଚୟ କରିବାକୁ କେତେ ବର୍ଷ ଲାଗିବ କିଏ ଜାଣେ ? ପିଲା ଦୁଇଟିଙ୍କର ଭବିଷ୍ୟତ୍ ବିଚାର ବି ବଡ଼ କଥା । ଅଦ୍ଭୁରି ଅଧିକ ସନ୍ତାନ ଯେ

ସଂସାରକୁ ନ ଆସିବେ ସେକଥା କିଏ କହିବ ? ଏହି ଆଗ୍ରରେ ଡାକ୍ତରଙ୍କୁ ସେ କ'ଣ ମନାଇ ପାରିବ ?

ଡାକ୍ତର ତା'ର ମନ କଥା ବୁଝିଲେ । ହସିଲେ । କହିଲେ, ସେ ଦୁଇଟିଙ୍କୁ ସୁମତୀ ଟେକି ନେଇଥିଲେ । ସେମାନେ ତାଙ୍କର ସନ୍ତାନ । କିନ୍ତୁ, ତମେ ତାଙ୍କର ଗର୍ଭଧାରିଣୀ । ପାଳିକା ମାତା । ମାମି ବୋଲି ଡାକନ୍ତି । ସେମାନଙ୍କୁ ବଢ଼ାଇ ପଢ଼ାଇ ମଣିଷ କରିବା ତମର କର୍ତ୍ତବ୍ୟ । ଅଧିକ ସନ୍ତାନର ବୋଝ ମୁଣ୍ଡାଇବାକୁ ମନ କରୁଛ କାହିଁକି ?

ସେବତୀ ଲାଜରେ ସଢିଲା । ଦୃଷ୍ଟି ନୋଇଁଲା ।

ଡାକ୍ତର ସ୍ନେହରେ ତା'ର ମଥା ଟେକି ଧରିଲେ । ହସି ହସି କହିଲେ, ତମର ବୋଝ ବଢ଼ାଇବାକୁ ମୋ'ର ଆପତ୍ତି ନାହିଁ । ସ୍ୱର୍ଗବାସୀ ଆନନ୍ଦର ଆତ୍ମାକୁ ବାରବୁଲା ବାବାଜି ବେଶରେ ତମ ପାଖରେ ଛାଡ଼ିବାର ପ୍ରୟୋଜନ ବି ନାହିଁ । ଯେ ଆସିବ ସେ ମୋ'ର ସନ୍ତାନ ହୋଇ ଆସିବ ।

ସେବତୀ ପଚାରିଲା, ଏ ଦୁଇଟି କ'ଣ ଆପଣଙ୍କର ନୁହନ୍ତି ?

-ନିଶ୍ଚୟ ମୋ'ର । ସୁମତୀ ସେମାନଙ୍କୁ ଜନ୍ମରୁ ତମଠାରୁ ମାଗି ନେଇ ମୋତେ ଅର୍ପଣ କରିଛନ୍ତି । ସେମାନଙ୍କୁ ତମରିଜଠରେ ସଞ୍ଚୟ କରିଲା ବେଳେ ଆନନ୍ଦର ଆତ୍ମାକୁ ମନ୍ତ୍ରଶକ୍ତିରେ ନୁହେଁ, କଳ୍ପନା-ବଳରେ ଓଟାରି ଆଣି ମୋ ଭିତରେ ସୁମତୀ ସଂଗ୍ଧରି ଥିଲେ । ତା'ର ଆତ୍ମାକୁ ଆଉ ନିମନ୍ତ୍ରଣ କରିବା ଲୋଡ଼ା ହେବ ନାହିଁ । କିନ୍ତୁ, ଭୁଲି ଯାଉଛ କି, ତମର ବୋଝ ବୋହିବା ସାର ହେବ । ତମେ ଜନ୍ମଦାତ୍ରୀ ହୋଇ ପାର, ମା' ହୋଇ ପାରିବ ନାହିଁ ।

-ଆପଣଙ୍କ କଥା ବୁଝି ପାରୁ ନାହିଁ ।

-ଆଗ କହ, ଆଇନ୍ ବଳରେ ଆମେ ଦିହେଁ ଏକାଠି ବନ୍ଧା ହୋଇ ସାରିଛୁ । ଦୂରେଇ ଯିବାକୁ ଚେଷ୍ଟା କରୁଛ କାହିଁକି ?

-ଏମିତି ନିର୍ଦ୍ଦୟ କଥା କହନ୍ତୁ ନାହିଁ ।

-ଦୁଃଖ କଲ କି ସେବତୀ ? ମୋତେ ଆପଣ ଡାକିବାର ଅର୍ଥ ସେପରି ସୂଚାଉଛି । ମୋତେ 'ତୁମେ' ଡାକିଲେ ମୋ'ର ସମ୍ମାନ ହାନି ହେବ ନାହିଁ ।

ସେବତୀ ଦୁଇ ହାତ ଯୋଡ଼ି ମୁଣ୍ଡରେ ଲଗାଇଲା । ଆଖି ଛଳ ଛଳ କରି କହିଲା, କ୍ଷମା କର । ଅଭ୍ୟାସ ଦୋଷରୁ ମୁଁ ଭୁଲ କରି ଆସିଛି । ଆଉ ସେପରି ଭୁଲ ହେବ ନାହିଁ । ଏବେ ତମେ ମତେ ବୁଝାଇ ଦିଅ । ଜନ୍ମଦାତ୍ରୀ ମା ନ ହେବ କିପରି ?

ଡାକ୍ତର ହସିଲେ । କହିଲେ, ତମର ଗର୍ଭାଶୟ ସୁମତୀଙ୍କୁ ଦାନ କରିଥିଲ । ସେତକ ତମର ନୁହେ । ସେ ନାହାନ୍ତି, କିନ୍ତୁ—

ସେବତୀ କହି ଉଠିଲା, ଆଉ ବୁଝାଇବା ଦରକାର ନାହିଁ । ଯାହା ମୁଁ ଦେଇଛି, ତା'କୁ ମୋ'ର ବୋଲି କହି ପାରିବି ନାହିଁ । ସନ୍ତାନର ବୋଝ ବୋହିବା ନ ବୋହିବା ମୋ'ର ଇଚ୍ଛା ।

-ଠିକ୍ କହୁଛ ।

-ମୁଁ ଆଉ ଚାହେଁ ନାହିଁ ।

-ଉଚିତ ନୁହେଁ । ଆମେ ଦୁଇକୁ ଆମର ଦୁଇ । ସେ ଦୁଇଟିଙ୍କୁ ମଣିଷ କରିବା ଆମର କର୍ତ୍ତବ୍ୟ । ଗର୍ଭ ନିରୋଧର ବହୁ ଉପାୟ ମତେ ଜଣା । ଔଷଧ ବି । ତମକୁ ଭୟକ୍ରାନ୍ତ କରିବା—

-ଲୋଡ଼ା ନାହିଁ ଗୋ ।

ସେବତୀ କ୍ଷୁବ୍ଧ ହୋଇ ଡାକ୍ତରଙ୍କ ଆଗରୁ ଉଠି ପଳାଇଲା । ସେ ତାଙ୍କୁ ଯେଉଁ ଅନୁରୋଧ କରିବାକୁ ଚିନ୍ତାରିଥିଲା ସେତକ ପ୍ରକାଶ କରି ପାରିଲା ନାହିଁ । ଆଲୋଚନାର ଗତି ଅନ୍ୟ ରାହା ଧରିଲା । ସେ ଆଲୋଚନାର କ'ଣ ବା ଅର୍ଥ ?

ସନ୍ତାନ-ଲାଳସୀ, ଅଧା-ବାଇଆଣୀ, ରୋଗଣୀ ସୁମତୀଙ୍କର ଅସମ୍ଭବ ମାଗୁଣିର ଅର୍ଥ ସେ ବୁଝି ସାରିଥିଲା । ଡାକ୍ତରଙ୍କୁ ସେ ସୁଖୀ କରିବାକୁ ଚାହୁଁଥିଲେ । ତା'ରି ଭିତରେ ନିଜକୁ ଅନୁଭବି ସୁମତୀ କଳ୍ପନାରେ ନିଜେ ଆନନ୍ଦ ଅନୁଭବ କରୁଥିଲେ । ସେଇଥି ପାଇଁ ପରର ଘରଣୀ ଆଶ୍ରୟହୀନା ସେବତୀର ଚାରିପାଖରେ ଛଳନାର ଜାଲ ଘେରାଇଥିଲେ ।

ଛଳନା ସତ୍ୟ ହୋଇଛି । ସେ ଡାକ୍ତରଙ୍କର ପତ୍ନୀ ହୋଇ ସାରିଛି । ତାଙ୍କର ଦୁଇଟି ସନ୍ତାନଙ୍କର ଜନନୀ ସେ ସେବତୀ । ଭାବପ୍ରବଣତା ଓ ଗୁଡ଼ିଏ ଶବ୍ଦ ପ୍ରହେଳିକା ସୃଷ୍ଟି କରି ପାରେ, କିନ୍ତୁ ଘଟିଲା ଘଟଣା ସତ୍ୟ ହୋଇ ରହେ ।

ତା'ର ଅତୀତର ସ୍ୱାମୀ ଆନନ୍ଦ ମହାପାତ୍ର, ଭଗବାନ ତାଙ୍କୁ ବଞ୍ଚାଇ ରଖିଥାନ୍ତୁ, ସେ ଅନ୍ୟ ସଂସାର କରିଥାଉନ୍ତୁ, ଅବା ତାଙ୍କର ପିତାମାତା ଓ ସ୍ତ୍ରୀ-କନ୍ୟାଙ୍କୁ ଝୁରି ଗୃହ-ସଂସାର ତ୍ୟାଗ କରି ସନ୍ୟାସୀ ହୋଇ ବୁଲୁଥାନ୍ତୁ, ସେ ସପନ ହୋଇଛନ୍ତି । ସେ ସାତ ପର ।

ଡାକ୍ତରଙ୍କର ସଂସାର ତା'ର ବାସ୍ତବ ।

ମାଷ୍ଟରଣୀ ଚାକିରି କରିବାର ଆଗ୍ରହ ଦିନେ ସେ ପ୍ରକାଶ କଲା । କହିଲା, ଅଭାବ ପାଇଁ ନୁହେଁ ମ, ସୁମତୀ ଅପା ମୋତେ ପାଠ ପଢ଼ିବାର ସୁଯୋଗ ଦେଇଥିଲେ । କ'ଣ ତାଙ୍କର ଉଦ୍ଦେଶ୍ୟ ଥିଲା ?

-ତମକୁ ଆତ୍ମ-ନିର୍ଭରଶୀଳା କରିବାକୁ ସେ ଚାହୁଁଥିଲେ । ସେତେବେଳେ ତମେ ମୋ'ର ସ୍ତ୍ରୀ ହୋଇ ନ ଥିଲ । ତମର ସଂସାରର ଖବର ବୁଝିବ କିଏ ?

-ମୁଁ ନିଜେ । ସ୍କୁଲଟି ପାଖରେ । କିଛି ଅସୁବିଧା ହେବ ନାହିଁ । ହେଲେ, ମୁଁ ସେ ଚାକିରି ଛାଡ଼ି ଦେବି । ସୋହାଗୀ ଅନ୍ୟ ପିଲାଙ୍କ ସଙ୍ଗେ ମିଶିବାର ସୁଯୋଗ

ପାଇବ । ନୂଆ ନିଯୁକ୍ତିରେ ମୋ'ର କିଛି ବେଳ କେତେ ଜାତିର ପିଲାଙ୍କ ମେଳରେ କଟିବ ।

-ହଁ—

-ତମେ ରାଜି ନ ହେଲେ ମୁଁ ଦୁଃଖ କରିବି ନାହିଁ । ଆଗ୍ରହ ହେଲା, ତେଣୁ କହିଲି ।

ଡାକ୍ତର ଗମ୍ଭୀର ହୋଇ କ'ଣ ଚିନ୍ତା କରିବାକୁ ଲାଗିଲେ । ସେବତୀ ଭାବୁଥିଲା, ସେ ତା'କୁ ଭୁଲ୍ ବୁଝିଲେ କି ? କହିବାକୁ ବସିଥିଲା, ତମର ମନ ବିଡୁଥିଲି, ମୋ' ପ୍ରସ୍ତାବ ମୁଁ ଫେରାଇ ନେଉଛି, କିନ୍ତୁ ଡାକ୍ତର ଉତ୍ତର ଦେଲେ, ତମର ବିଦ୍ୟାବୁଦ୍ଧି ଓ ଦକ୍ଷତା ପରଖି ନେବାକୁ ଚାହୁଁଛ । ନିଜେ ଉପାର୍ଜନକ୍ଷମ ବୋଲି ମନରେ ଦୃଢ଼ତା ଆଣିବାକୁ ହେଉଛ । ମୁଁ ସେଥିପାଇଁ ଖୁସି ।

-ଖୁସି ?

-ନ ହେବି କାହିଁକି ? ଦୁହେଁ ଦୁହିଙ୍କର ସହାୟକ ହେବା । ଆମ ସଂସାର କେବଳ ମୋ'ର ନୁହେ, ବା ତମର ନୁହେ । ଆମ ଦୁହିଙ୍କର । ଅର୍ଜନ କରିବାର ଶକ୍ତି ସମାନ ନ ହୋଇ ପାରେ, କିନ୍ତୁ ଆମେ ଆମ ସଂସାରର ସମାନ ଭାଗୀଦାର । ଭାବୁଥିଲି, ଚାକିରି ମିଳିବା ଏତେ ସହଜ ନୁହେଁ । ବୁଝିବି ।

ଡାକ୍ତରଙ୍କ ପରାମର୍ଶ ଅନୁରୂପେ ସେ ଚାକିରି ପାଇଁ ଦରଖାସ୍ତ ପଠାଇଥିଲା । କେତେ ଦିନ ପରେ ଦେଖାପରଖା ଲାଗି ଡକରା ଆସିଲା । ଅଡୁଆ ଲାଗିଲା । କେମିତି ଯିବ ? ପର ମଣିଷଙ୍କ ଆଗରେ ବସି ସେ କ'ଣ ଉତ୍ତର ଦେବ ସେମାନଙ୍କର ପ୍ରଶ୍ନର ? ପାଶ୍ ସାର୍ଟିଫିକେଟ୍ ଗୁଡ଼ିକ ଓ ଡାକ୍ତର ଯୋଗାଡ଼ କରି ଦେଇଥିବା କେଇଖଣ୍ଡି ଅନ୍ୟାନ୍ୟ ସାର୍ଟିଫିକେଟ୍‌ର ନକଲ ସେମାନେ ଯଥେଷ୍ଟ ମଣିଲେ ନାହିଁ । ଭାବିଲା, ବରଂ ଚାକିରି ନ ମିଳୁ, ନିଜକୁ ସେ ଗୋଟାଏ ଅଡୁଆ-ପରିବେଶ ମଝିକୁ ଟାଣି ନେବ ନାହିଁ । ପରିହାସର ବସ୍ତୁ ହେବ ନାହିଁ । ଡାକ୍ତରଙ୍କୁ ସେ ସେଇଆ ଜଣାଇଁ ଦେବ ।

ଡାକ୍ତର ତା'ର ଭୟର କାରଣ ବୁଝିଲେ । କହିଲେ, ସେମାନେ ସମସ୍ତେ ତମକୁ ଚିହ୍ନନ୍ତି । ମୋ'ର ଘରଣୀ ହୋଇସାରିଛ ବୋଲି ଜାଣନ୍ତି । ଅନ୍ୟାନ୍ୟ ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନଙ୍କୁ ଡାକିଛନ୍ତି । ତମ ସମ୍ବନ୍ଧରେ ଓ ତମର ଘରସଂସାର ସମ୍ବନ୍ଧରେ କିଛି ପଚାରିବାର ଉଦ୍ଦେଶ୍ୟରେ ଡାକି ନାହାନ୍ତି । ସଙ୍କୁଚିତ ହେବାର କାରଣ ନାହିଁ । ଯିଏ ଯାହା ପଚାରିବାର ପଚାରିଲେ ବା କ୍ଷତି କ'ଣ ? ଉତ୍ତର ଦେବା, ଉତ୍ତର ନ ଦେବା ତମର ଇଚ୍ଛା । କେହି ତମକୁ ବାଧ୍ୟ କରି ପାରିବେ ନାହିଁ ।

ମୋ'ର ଅପରାଧ କ୍ଷମାକର । ଆଗ୍ରହ ଭାଙ୍ଗିଛି । ମୁଁ ଚାକିରି କରିବି ନାହିଁ ।

କିଏ ସେଥିପାଇଁ ବାଧ୍ୟ କରୁଛି ? ତମର ଆଗ୍ରହ ଜାଣି ସେମାନଙ୍କୁ ଅନୁରୋଧ କରିଥିଲି । ସେମାନେ ଜବାବ୍ ଦେଇଛନ୍ତି । ସେମାନଙ୍କର ପ୍ରତିଶ୍ରୁତି

ପରୀକ୍ଷା କରି ପାରିବି । ସ୍ତ୍ରିକିରି ମିଳୁ । ତା' ପରେ ଯୋଗ ଦେବା ନ ଦେବା ତମେ ବିଚାରିବ ।

-ସେମିତି କେତେ ଲୋକଙ୍କୁ ସେମାନେ ପ୍ରତିଶ୍ରୁତି ଦେଇଥିବେ । କାହାକୁ ମନା କରନ୍ତେ ?

-ସତ ସେବତୀ । ମୋ'ର ଓଜନ ମୁଁ କଳନା କରି ପାରିବି । ସେତକ ମୋ'ର ଲୋଡ଼ା । ସେମାନେ ବରଂ ତମକୁ ନିଯୁକ୍ତି ନ ଦିଅନ୍ତୁ, ମୋତେ ତମେ ଅପଦସ୍ଥ କରୁଅ ନାହିଁ । ତମେ କାହାରି ଆଶ୍ରିତା ନୁହ । ବିପଦରେ ପଡ଼ିନାହଁ । ଭୟ କରିବ, ପଛେଇ ଯିବ କାହିଁକି ? ତମେ ମୋ'ର ବିବାହିତା ସ୍ତ୍ରୀ । ଏମିତି ଅପସରି ରହିଲେ ସଂସାରରେ ମୁଣ୍ଡଟେକି ଚାଲିବ କିପରି ?

ସେବତୀ ମନ ଦୃଢ଼-କଲା । କହିଲା, ତମର ଟେକ ମୁଁ ତଳେ ପକାଇବି ନାହିଁ । ଯିବି । ତମେ ମୋ ମନରେ ସାହସ ଭରିଛ । ସମସ୍ତଙ୍କର ସବୁ ପ୍ରଶ୍ନର ମୁଁ ଠିକଣା ଉତ୍ତର ଦେଇ ପାରିବି ।

ଦେଖା ପରଖା ବେଳେ ସେମାନେ ମୂଳ-ସାର୍ଟିଫିକେଟ୍ ଗୁଡ଼ିକ ଦେଖିଥିଲେ । ମାମୁଲି-ଧରଣର କେତୋଟି ପ୍ରଶ୍ନ ପଚାରିଥିଲେ । ଉତ୍ତର ଦେବାରେ ଅସୁବିଧା ହୋଇ ନ ଥିଲା । ତଥାପି, ସେମାନଙ୍କ ଆଗରେ ଛାତି ଥରିଥିଲା । ବିଦାୟ ହୋଇ ଆସିଲା ବେଳେ ଗୋଡ଼ ଟଳମଳ ହୋଇଥିଲା । କୋଠରୀ ଭିତରୁ ପଦାକୁ ବାହାରି ନିଷ୍କୃତିର ଦୀର୍ଘଶ୍ୱାସ ଛାଡ଼ିଥିଲା । କେତେ ପ୍ରାର୍ଥୀଙ୍କର ଓ ପ୍ରାର୍ଥିନୀମାନଙ୍କର ହସ ହସ ଭ୍ରୂଲତାଟେକା ଚାହାଣୀର ସେ ଶରବ୍ୟ ହୋଇଥିଲା ।

ଆଜିଯାଏ ସେବେଳର ଅନୁଭୂତିର ଯନ୍ତ୍ରଣା ସେ ଭୁଲି ପାରିନାହିଁ । ମନେ ପଡ଼ିଲେ ଏବେ ତା'କୁ କୌତୁକ ଲାଗେ । ଘରକୁ ବାହୁଡ଼ି ସେ ପିଲା ଦୁଇଟିଙ୍କୁ ଆଡେଇ ଠାକୁର ଘରେ ପଶି କାନ୍ଦିଥିଲା । ସୁମତଙ୍କର ଫଟୋକୁ ଚାହିଁ ସେ ଅକାରଣ କ୍ରୁଦ୍ଧ ହୋଇଥିଲା । ମନେ ମନେ କହିଥିଲା—ତମେ ମୋ'ର ହଟହଟା ଦେଖି ବିଦ୍ରୂପ କରି ହସୁଛ ନା ? ମୋ'ର ନିଃସାହା ପଣର ସୁଯୋଗ ନେଇ ମତେ କ୍ରୀଡ଼ଦାସୀ କରିଥିଲ । ସ୍ୱାମୀଙ୍କର ପ୍ରକୃତି ଜାଣି ତାଙ୍କୁ ବିପଥରୁ ନିବୃତ୍ତ କରିବାକୁ ମାୟାର ଜାଲରେ ପକାଇ ମୋତେ ଭେଟି ଦେଇଥିଲ । ପାଠ ପଢ଼ାଇ ମିଛର କୁହେଳୀ ଘେରାଇ..........

ଆଉ ତ ଭାବିପାରି ନ ଥିଲା ? ଆଖିରୁ ଲୁହ ପୋଛି, ସେହି ହସିଲା ମୁହଁକୁ ଭଲକରି ଚାଲି ସେ ଚମକି ଉଠିଥିଲା । ହାତଯୋଡ଼ି ପୁଣି ମନେ ମନେ ପ୍ରାର୍ଥନା କଲା—ମତେ କ୍ଷମା' କର ଅପା । ତମର ଉଦ୍ଦେଶ୍ୟକୁ ନିନ୍ଦି ମୁଁ କୃତଘ୍ନ ହୋଇଛି । ତମେ ଦୟାମୟୀ । ମତେ କୂଳ-କିନାରା-ହଜା ଅତଳ ଜଳରୁ ଉଦ୍ଧାର କରିଥିଲ । ମୋ'ର ଜଳକା ଆଖିରେ ଜ୍ଞାନର ଆଲୋକ ଜାଳିଲ । ସ୍ୱାମୀ, କନ୍ୟା, ପୁତ୍ର ଧନ-ସମ୍ପଦ ଦାନ କରି ତମେ ପୁଣ୍ୟବତୀ ନିଜେ ଜଳି ଏ ସଂସାରକୁ ଆଲୋକିତ କରି ଲିଭିଗଲ । କ୍ଷମା କର ।

ସେଇ କୋଠରୀରେ ମନରେ ଅଭିମାନ ଆସିଥିଲା ଡାକ୍ତରଙ୍କ ଉପରେ— ତମେ ପ୍ରତିବାଦ ନ କଲ କାହିଁକି ? ମୋ'ର ଶଫରୀପଣକୁ ଦେଖାଇ ହଟହଟା

କରିବାକୁ, ମୋ'ର ଗର୍ବ ଖର୍ବ କରିବାକୁ ତମେ ସମ୍ମତ ହୋଇଥିଲ ? ମତେ କ'ଣ ହସିହସିକା ଯେସାକୁ-ତେସା ପ୍ରତିକାର ଜଣା ନାହିଁକି ? ତମ ମନର ଟକଲାମିକୁ ବନିଶୀ ଖେଳାଇ ତମକୁ ଛଟପଟ କରିପାରିବି ନାହିଁ ?

ସେତକ କରିବାକୁ ସେବତୀ ଆବଶ୍ୟକ ମଣି ନଥିଲା । ସେଦିନ ଡାକ୍ତର ସହଳ ସଡିରେ ଫେରିଲେ । ପାଖକୁ ଆସି ଅଭିନନ୍ଦନ ଜଣାଇଁଲେ । କହିଲେ, ତମର ଚାକିରି ହୋଇଗଲା । ପନ୍ଦର ଜଣ ନିର୍ବାଚିତଙ୍କ ମଧ୍ୟରୁ ତମେ ଜଣେ । ନବଗ୍ରହ ତଳେ ଦଶମ ସ୍ଥାନ ଲାଭ କରିଛ । ପାଖର ବିଦ୍ୟାଳୟକୁ ନ ପଠାଇ ଟିକିଏ ଦୂରକୁ ପଠାଉଛନ୍ତି ।

-କିଏ କହିଲା ?

-ନିଜେ ସମ୍ପାଦକ ଖବର ପଠାଇଥିଲେ ।

-ଦୂରକୁ ?

-ପୁରୁଣା ମାଇନର ସ୍କୁଲକୁ । ଖୁବ୍ ବେଶୀ ଦୂର ନୁହେ । ଭଲ ସ୍କୁଲ । ଅନେକ ଛାତ୍ରଛାତ୍ରୀ । ଏଇ ସହରରେ ତ, ଅସୁବିଧା ହେବ ନାହିଁ । ତମର ନିଯୁକ୍ତିପତ୍ର ସେମାନେ ଶୀଘ୍ର ପଠାଇବେ ।

ସେବତୀ ଥକ୍କା ହୋଇ ଶୁଣିଲା । ତା' ତୁଣ୍ଡରୁ ଉତ୍ତର ବାହାରିଲା ନାହିଁ । ସେ ବିଚାରୁ ଥିଲା, କହିଦେବ ଯେ ନିଯୁକ୍ତି-ପତ୍ର ଆସିଲେ ଆସୁ ସେ ଚାକିରି କରିବ ନାହିଁ ।

ସେ ମୁହଁ ଖୋଲି ନ ଥିଲା ।

ସେ କାର୍ଯ୍ୟରେ ଯୋଗଦେଲା ।

ନୂଆ ଜୀବନ କ୍ରମେ ଆରେଇ ଗଲା । ଅଭ୍ୟାସ ପାଲଟା ହେଲା । ଘର-ସଂସାରର ଚଳନ ଟିକିଏ ଦୋହଲି ଯାଇଥିଲା । କିନ୍ତୁ, କ୍ରମେ ସବୁ କଥା ଗତରେ ପଡ଼ିଗଲା ।

ନିଜର ଦକ୍ଷତା ବଢ଼ିବା ସଙ୍ଗେ ତା'ର ଆତ୍ମ-ବିଶ୍ୱାସ ବଢ଼ିଲା । ସମୟର ମୂଲ୍ୟ ସେ ଜାଣିଲା । କର୍ମ-ନିପୁଣତା ଆସିଲା । ଅଳପ ସମୟରେ ଅଧିକ କାର୍ଯ୍ୟ କରିବାର ସେ ଉପାୟ ପାଇଲା । ଅତୀତକୁ ପଛକୁ ଫୋପାଡ଼ି ଉଜ୍ଜଳ-ଭବିଷ୍ୟର ସ୍ୱପ୍ନ ଦେଖିଲା । ସେ ହେଲା ଘରର ସର୍ବେସର୍ବା । ଡାକ୍ତରଙ୍କୁ ନିଜର ଭଲପଣ ଓ ପ୍ରଗାଢ଼ ସ୍ନେହ ଏବଂ ଆନୁଗତ୍ୟରେ ଅତି ଆପଣାର କରି ପାରିଲା । ତାଙ୍କର କାର୍ଯ୍ୟ ଓ ସମୟକୁ ଯଥାସମ୍ଭବ ନିୟନ୍ତ୍ରଣ କଲା ।

ସ୍ୱାଧୀନ ଚଳନ ମନରେ ନିର୍ଭୀକତା ଆଣିଲା । ସେ ହେଲା ମିଷ୍ଟ-ଭାଷିଣୀ । ଉଦାର ଓ ସ୍ନେହଶୀଳା । ଛାତ୍ରଛାତ୍ରୀମାନଙ୍କର ଭକ୍ତି, ସହକର୍ମୀମାନଙ୍କର ସ୍ନେହ,

ଉପରିକମାନଙ୍କର ଶ୍ରଦ୍ଧା, ଅଭିଭାବକ ଓ ଅନ୍ୟମାନଙ୍କର ସମ୍ମାନ ଲାଭ କଲା । ସେବତୀ ହେଲା ସ୍ନେହମୟୀ ମାତା, କ୍ଷମାଶୀଳା । ସବୁ ଜାଣିବାର ବାସନା ତାକୁ ଅଧ୍ୟୟନରତା ବି କଲା ।

ଈର୍ଷାପରାୟଣା ବାନ୍ଧବୀ ମଧ୍ୟ କେହି କେହି ଥିଲେ । କଥା ଛଳରେ ମରମବିନ୍ଧା ପ୍ରଶ୍ନ ପଚାରୁଥିଲେ—ସତେ, ମରିବାର ଖବର ପାଇଛ ଭଉଣୀ, ତମର ଆଗର ସ୍ୱାମୀ ମ ?

ହସହସ ସେବତୀ ଉତ୍ତର ଦେଉଥିଲା, ଭଗବାନ ତାଙ୍କୁ ବଞ୍ଚାଇ ରଖିଥାଉନ୍ତୁ । ଖବର ବରଂ ମିଛ ହୋଇଥାଉ । ସୁଖ-ଆନନ୍ଦରେ ସେ କେଉଁଠି ସଂସାର କରୁଥା'ନ୍ତୁ । ତମେ କ'ଣ ଭଉଣୀ ସେଇଆ ଚାହୁଁନ ? ଠାକୁରଙ୍କୁ ମୋ' ସଙ୍ଗେ ମିଶି ସେହି ଜଣାଣ କର ।

-ଯଦି ସେ କେବେ ଫେରି ଆସନ୍ତି ତମ ପାଖକୁ, ଅନ୍ୟ ସଂସାର କରି ନ ଥାନ୍ତି ?

-ମୋ'ର ନୂଆ ସଂସାର, ସୁଖର ସଂସାର ଦେଖିବେ । ମୋ'ଠାରୁ ଓ ମୋ' ସ୍ୱାମୀ ଡାକ୍ତରବାବୁଙ୍କଠାରୁ ଯଥୋଚିତ ଆଦର ପାଇବେ । ଫେରିଯିବେ ।

-ତାଙ୍କର ପିଲା ଦିଓଟିଙ୍କୁ ମାଗିଲେ—

-ଦେଖିଲେ ଖୁସି ହେବେ । ସେମାନଙ୍କର ମଙ୍ଗଳ ସେ ଅବଶ୍ୟ ଚାହିଁବେ । ଯେଉଁମାନଙ୍କର ସେ ଦାୟିତ୍ୱ ଏବଯାଏ ମୁଣ୍ଡକୁ ନେଇ ନାହାନ୍ତି, ସେମାନଙ୍କୁ ସେ ମାଗିବାକୁ ସାହସ କରିବେ ନାହିଁ ।

-ଯଦି..........

-ହତାଶ ହୋଇ ଫେରିଯିବେ ଭଉଣି !

-କଟାଳ କଲେ ?

ସେବତୀ କହିଲା, ସେ ତାଙ୍କର ମଙ୍ଗଳ ଚାହାନ୍ତି । ମୋତେ ସୁଖୀ ଦେଖିବ କୁ ଚାହାନ୍ତି । ସେ କଟାଳ କରିବାର ଲୋକ ନୁହନ୍ତି ।

-ଫେରିଗଲେ ତମ ମନରେ ଦୁଃଖ ହେବ ?

-ଦୁଃଖ ହୋଇପାରେ, କିନ୍ତୁ ନିରୁପାୟ । ତାଙ୍କର ଘରଣୀ ସେବତୀ କ'ଣ ମୁଁ ? ନା ଗୋ, ସେ ସେବତୀ ମରିଛି । ଗୋଟିଏ ମଣିଷର ବାହାର-ଦେହ ଓ ରୂପ ବଦଳି ନ ଥାଇ ପାରେ କିନ୍ତୁ, ଘଟଣା ପ୍ରବାହ ତା'ର ଭିତର-ରୂପକୁ ବଦଳାଇ ଦିଏ । ମନ ଅଲଗା ହୋଇଯାଏ । ମୁଁ ଆଉ ଜଣେ ସେବତୀ । ନୂଆ ମଣିଷ । ମୋ'ର ନୂଆ ସଂସାର ।

ଜାଣ ଭଉଣୀ, ମୁଁ ଜଣେ ଜାତିସ୍ମର । ପୂର୍ବ-ଜନ୍ମର ସବୁ ଘଟଣା ମନେ ପଡ଼େ । ଦେଖିଲେ ଚିହ୍ନିପାରେ । ଗହନ କଥା କହିପାରେ । ହେଲେ, ଏ ଜନ୍ମର

ମାୟା-ବନ୍ଧନ ଛିଡ଼ାଇ ବିଗତ ଜନ୍ମର ସଂସାରକୁ, ସେହି ଜନ୍ମର ଆତ୍ମୀୟ-ସ୍ୱଜନଙ୍କ ଗହଣକୁ ଫେରି ହୁଏନାହିଁ ।

ଏହି ରୀତିରେ ଉତ୍ତର ଦେଇ ହୁଏ । ସେମାନଙ୍କ ବିଦାୟ ପରେ ନିଜର ଉତ୍ତରକୁ ବିଚାର କଲେ ଛାତି କିପରି ଥରିଉଠେ । ସେବତୀ କ୍ଷଣେ ବିଷଣ୍ଣ ହୁଏ । ଚିହିଙ୍କି ଉଠେ । ନିଜକୁ ସାନ୍ତ୍ୱନା ଦିଏ—ସେ ଆଉନ୍ତୁ, ଆସିଲେ ଆସନ୍ତୁ, ତାଙ୍କ ଲେଖାରେ ମହାପାତ୍ର ଘରର ବୋହୂ ସେବତୀ ମରିଛି ।

ଏ ସେବତୀ ସାହୁକୁଳର ବୋହୂ ।

ଅତୀତ ଜୀବନର ସ୍ମୃତିର କେତେ ଖିଅ ମନରେ ତଥାପି ଲାଖି ରହିଥାଏ । ଦିଓଟି ନାମ—ସୋହାଗୀ ଓ ଚନ୍ଦନ । କେବେ କେମିତି ସେହି ନାମ ଦିଓଟି ନିଦ୍ରିତାବସ୍ଥାରେ ସପନ ଦେଖାଏ, ଯାହା ଦିନେ ବାସ୍ତବ ଥିଲା, ପୁଣି ଯାହା କେବେ ବାସ୍ତବ ହୋଇପାରି ନାହିଁ । କିଂଭୂତକିମାକାର, ବିକଟ ।

ସେବତୀ ରାତିଅଧରେ ବିଲିବିଲେଇ ଉଠେ । ଯେତେ ଡେରିରେ ଶୋଉନ୍ତୁ ପଛକେ ଟିକିଏ ଶବ୍ଦରେ ସ୍ୱାମୀଙ୍କର ନିଦ ଭାଙ୍ଗେ । ଉଠନ୍ତି । ପାଖକୁ ଆସନ୍ତି । ମଶାରି ଟେକି ମୁହଁ ଗଳାନ୍ତି । ଦେହରେ ହାତ ଥାପି ଡାକନ୍ତି, ସେବତୀ—

ସେବତୀର ସପନ ଭାଙ୍ଗିଥାଏ । ନିଦ ବି । ସେ ଆଖି ଖୋଲେ । କଡ଼କୁ ଚାହେଁ । ଚନ୍ଦନ ନିଶ୍ଚିନ୍ତରେ ଶୋଇଛି । ଲମ୍ବ ନିଶ୍ୱାସ ଛାଡୁଛି । ସ୍ୱାମୀଙ୍କର ନିଦୁଆ ମୁହଁ ମଶାରି ଭିତରେ ତା' ମୁହଁ ପାଖକୁ ନଇଁଆସିଛି । ଅଳ୍ପ ଶକ୍ତିର ନେଳିଆ ଆଲୁଅରେ ସେ ମୁହଁ ଅସ୍ପଷ୍ଟ ଦିଶୁଛି ।

ସେବତୀକୁ ଜାଗ୍ରତ ଜାଣି ସେ ପଚାରନ୍ତି, ସ୍ୱପ୍ନ ଦେଖିଲ ?

ସେବତୀ ଉଠି ବସେ । କହେ, ଅପାଙ୍କୁ—

ସୁମତୀ ? ଡରିଲ କାହିଁକି ?

-ଡରି ନାହିଁ । ସେ ତାଙ୍କର ପିଲା ଦିଓଟିକୁ ଦେଖିବାକୁ ଆସିଥିଲେ । ଦେଖିଲେ, ଗେଲକଲେ, ଚାଲିଗଲେ । ମୋ' ଆଡ଼କୁ ଚାହିଁଲେ ବି ନାହିଁ । ଡାକିଲି, ଶୁଣିଲେ ନାହିଁ । ଅଦୃଶ୍ୟ ହୋଇଗଲେ । ମୋ' ଉପରେ ସେ ରାଗିଛନ୍ତି । ସେହି ଦୁଃଖରେ ମୁଁ—

-କାନ୍ଦୁଥିଲ ? କେତେଥର ବୁଝାଇ କହିଛି, ଯିଏ ମରିଯାଏ ସେ ଆଉ ଫେରେ ନାହିଁ । ତାଙ୍କର ସ୍ମୃତି ତମ ମନରେ ବଞ୍ଚି ରହିଛି । ସ୍ମୃତିଗୁଡ଼ିକର ଅତୀତ ରୂପ ପରି ଆଗତ ରୂପ ଓ ଚଳନ ଅଛି । ଗୁଡ଼ିଏ କିମ୍ଭୂତ । ଭୁଲିଯିବା ଭଲ ।

-ଭୁଲିବାକୁ ମନ କଲେ କି ଭୁଲି ହେଉନାହିଁ ।

ସେ ମୁହଁରେ ମୁହଁ ଲଗାନ୍ତି । କହନ୍ତି, ଶୁଣ, ଚନ୍ଦନ ପରି ସୋହାଗୀ ତା' ଟିକି ପଲଙ୍କରେ ନିଶ୍ଚିନ୍ତରେ ଶୋଇ କେମିତି ନିଶ୍ୱାସ ଛାଡ଼ିଛି । ସେ ଦିହେଁ ସୁମତୀଙ୍କୁ ଭୁଲି ଗଲେଣି ।

ତମେ ?

-ସେ ପଲଙ୍କକୁ ଚାଲ । ସେଇଠି ତୁମକୁ ମୁଁ ବୁଝାଇ କହିବି ।

ସେ ହାତ ଧରି ଟାଣନ୍ତି । ଆଉ ପଲଙ୍କ ଉପରେ କାନରେ କହନ୍ତି, ତମଠାରେ ସେ ଲୀନ ହୋଇଛନ୍ତି । ତମକୁ ପାଇ ମୁଁ ତାଙ୍କୁହିଁ ପାଇଛି । ସ୍ମୃତି ରକ୍ତ-ମାଂସର ଦେହ ଧରି ବାସ୍ତବ ହୁଏ ନାହିଁ । ଧାରଣାରେ ସେ ଅବତରେ ।

ତାଙ୍କର ଆଲିଙ୍ଗନରେ ଆବଦ୍ଧ ହୋଇ ସେବତୀ ମନରେ ବିଚାରେ, ଯାହାଙ୍କୁ ସେ ସପନ ଦେଖି ତଟସ୍ଥ ହୋଇଥିଲା, ତାଙ୍କରି ସ୍ମୃତି କ'ଣ ୟାଙ୍କଠାରେ ଅବତୀର୍ଣ୍ଣ ହୋଇନାହିଁକି ?

ସେବତୀର ଆଗ୍ରହୀ ବାହୁ ଆପେ ଆପେ ତା'ର ସେ-କାଳର ପ୍ରତୀକ, ଏ କାଳର ଜୀବନ-ଦୋସରଙ୍କୁ ବେଷ୍ଟନ କରେ । ଆଖିପତା ନିମୀଳିତ ହୁଏ ।

ସୁଖର ସଂସାର ।

ସ୍ୱାଧୀନ ଚଳନ । ନିର୍ଭୀକ ଆନନ୍ଦମୟ ଜୀବନ । ଆଲୋଚନାର ଅନ୍ତ ।

ଭବିଷ୍ୟର ଯୋଜନା । ଘର ତୋଳାର ଉତ୍ସାହ । ନିଜର ସମ୍ପତ୍ତି ମଣିବାର ତୁଷ୍ଟି । ପର ଘରେ ଆଶ୍ରା ନେବା ଗ୍ଳାନିରୁ ପରିତ୍ରାଣ ମିଳିବ । ଆତ୍ମବିଶ୍ୱାସ ମନରେ ଆସିବ ।

ଆଶ୍ୱସ୍ତି ।

ଅଚ୍ଛିର ସମ୍ମାନ ଗୌରବ ଆସିବ ।

x x x x

ଘର ତୋଳା କାମ ଶେଷ ହୋଇଛି । ଯିଏ ଦେଖୁଛି ପସନ୍ଦ କରୁଛି । ନରୁ ମିସ୍ତ୍ରୀଙ୍କର ନିପୁଣ ହାତର କରାମତିକୁ ଦେଖଣାହାରିଏ ପ୍ରଶଂସା କରୁଛନ୍ତି । ହରି ମିସ୍ତ୍ରୀଙ୍କର କାଠକାମ ଆହୁରି ପସନ୍ଦିଆ ହୋଇଛି । ପାଣିକଳ ଓ ବିଜୁଳିଆଲୁଅ ଯେଉଁଠି ଯାହା ଲାଗିବାର କଥା ନରୁ ଓ ହରିଙ୍କର ନିର୍ଦ୍ଦେଶ କ୍ରମେ ସବୁ ଲଗା ସରିଛି । ସେମାନେ ଡାକ୍ତର ଓ ତାଙ୍କର ଗୃହିଣୀ ସେବତୀ ଦେବୀଙ୍କର ପରାମର୍ଶ ନେଇଥିଲେ ।

ବିଜୁଳି-ଶକ୍ତିର ସଂଯୋଗ ହେଲେ ଗୃହ ପ୍ରବେଶର ଦିନବାର ସ୍ଥିର କରାହେବ । ପ୍ରତିଷ୍ଠା ର ଆୟୋଜନ କରାହେବ । ବିଜୁଳି-ଶକ୍ତି ସଂଯୋଗ ଶୀଘ୍ର କରାଇବାର ଦାୟିତ୍ୱ ନିଜେ ଡାକ୍ତର ମୁଣ୍ଡାଇ ଥିଲେ । ଡେରି ଡେରି ହେଉଛି ।

ନୂଆଘର ବୁଲି ଦେଖୁଁ ଦେଖୁଁ ଡାକ୍ତର କହିଲେ, ନିଜେ ମୁଁ ଯାଇ କେତେଥର ଅନୁରୋଧ କଲି, ଆଜି କାଲି କହି ଡେରି କରୁଛନ୍ତି । ପ୍ରତିଥର କିଛି କିଛି କାରଣ ଦର୍ଶାଇ ବିଳମ୍ବର ଆଉ ବୁଝାଉଛନ୍ତି ।

ସେବତୀ କହିଲା, ସେମିତି ସେମାନେ ବୁଝାଉଥିବେ । ତମ ଦ୍ୱାରା ହୋଇ ପାରିବ ନାହିଁ । ନରୁ-ମିସ୍ତ୍ରୀ ମନ କଲେ ଶୀଘ୍ର ହୋଇ ପାରିବ ।

ନରୁ ଉତ୍ତର ଦେଲା, ଅନ୍ୟ କାମରେ ବ୍ୟସ୍ତ ଥିଲି ମା । ବେଳ ପାଉ ନ ଥିଲି । ପୂଜା କଲେ ଦେବତାମାନେ ସନ୍ତୁଷ୍ଟ ହୁଅନ୍ତି । ମନ୍ତର ପଢ଼ିଲେ ବିଜେ ହୁଅନ୍ତି । ଭୋଗରାଗ କଲେ ବର ଦିଅନ୍ତି । କାମ ନ ହେବ କାହିଁକି ?

*ହରି କହିଲେ, ହଁ ମା, ଠେଇଆ । ଆଜ ଦେ, ଯେତେ ବଡ଼ା ... ଏ କାଳକୁ* ଦେବତାମାନେ, ଛୋଟରୁ ବଡ଼ଯାଏ ସମସ୍ତେ ହାତ ପାତି ରଖିଛନ୍ତି । ସମସ୍ତେ ଭୋଗ ଲାଳଚିଆ । ନରୁ ପଦ୍ମତୋଳା ଜାଣେ ।

ସେବତୀ ହରିଙ୍କୁ ଚାହିଁ ପଚାରିଲା, ସେମାନେ କ'ଣ ପାପ ମିସ୍ତ୍ରୀଏ ?

-ହଁ ମା, ଫାଉଁ ଫାଉଁଆ ନାଗ । ଗଦର ବାସନାନ୍ତର ବଶ । ସେତକର ବ୍ୟବସ୍ଥା କଲେ ବଳେ ମୁଣ୍ଡ ନୋଇଁବେ । ବୋଲ ମାନିବେ । ସେତକ କର ।

ନରୁ କହିଲା, ବେ-ଧଡ଼କ ରହ ମା । ମୁଁ ତା'ର ତତ୍ତ୍ୱ ନେବି । ସେମାନେ ମୋ'ର ଜଣା । ଅଳ୍ପ ଭୋଗରେ ସନ୍ତୁଷ୍ଟ ହେବେ । ଆଗ କାମଟା ହେଉ । ତା' ପରେ ମୁଁ କହିବି ।

ସେବତୀ କହିଲା, ହଉ । ଯେତେ ଶୀଘ୍ର ପାର ସେତକ କର । ଭଲ ଦିନ ଦେଖି ଗୃହ ପ୍ରତିଷ୍ଠା କରିବା । ହରି, ତମେ କେଉଁ ବ୍ରାହ୍ମଣଙ୍କୁ ଡକାଇ ଦିନ ସ୍ଥିର କର । ଡାକ୍ତରବାବୁଙ୍କର ଏଥିରେ ବିଶ୍ୱାସ ନାହିଁ । କହିଲେ, ଆମର ଯେଉଁଦିନ ସୁବିଧା ସେଇ ଦିନଟି ଭଲ ।

-ହଁ, ମା । ମନ ଦୃଢ଼ କଲେ ଗଡ଼ିଆ ଗଙ୍ଗା । ତେବେ ବି ଲୋକେ କରଜ କରି, ଦୁଃଖ ସହି ଗଙ୍ଗା ଗୟା ଯାଉଛନ୍ତି । ମନ ଦୃଢ଼ କରି ପାରୁ ନାହାନ୍ତି । ବାଆକୁ ବଡ଼ା ରହିଛି । ଯାହାର ଅଛି, ଖୁସିରେ ସେ ସାହାଣ ମେଲା କରୁଛି । ବନ୍ଧୁବାନ୍ଧବ, କର୍ମୀ, ଅଘର ଦୁଆରୀଙ୍କୁ କ୍ଷୀରିପୁରି ଖୋଇ ଖୁସି କରୁଛି । ଯାହାର ନାହିଁ, ସେ ପାଞ୍ଚ-ପଚିଶଙ୍କୁ ଡାକୁଛି ମା ।

ହରିମିସ୍ତ୍ରୀ ଡାକ୍ତରଙ୍କୁ ଚାହିଁଲେ । ସେ ଓ ସୋହାଗୀ ବାରଣ୍ଡା ଉପରେ ଥିଲେ । କବାଟର ପାନିଆଲି ଗୁଡ଼ିକରେ ଖୋଳାହୋଇଥିବା ଲତା, ପତ୍ର, ଫୁଲ ଓ ମୂର୍ତ୍ତିଟବୁ ନିବିଷ୍ଟ ହୋଇ ଦେଖୁଥିଲେ । ଚନ୍ଦନ ଏକଢ଼ ସେକଡ଼ ହେଉଥିଲା । ନରୁ ରାଜମିସ୍ତ୍ରୀ ତାଙ୍କ ପାଖକୁ ଚାଲି ଯାଇଥିଲା ।

ସେବତୀ ଆଗରେ ହରିମିସ୍ତ୍ରୀ ଅଗଣାରେ ଠିଆ ହୋଇ ଆଲୋଚନା କରୁଥିଲେ । ଚିତ୍ରଗୁଡ଼ିକ ଡାକ୍ତରବାବୁ ପସନ୍ଦ କରିଛନ୍ତି ଓ ସେଥିରେ ମଜ୍ଜି ଯାଇଛନ୍ତି ବୁଝି ହରିଙ୍କର ମନ କୁରୁଳି ଉଠୁଥିଲି । ଆନନ୍ଦର କଣମତି ! ହେଉ, କିନ୍ତୁ କଥାରେ ଅଛି, 'ମାରେ ସିପାହୀ, ନାମ୍ ସରଦାର' । ଯିଏ କହିବ, ହରିମିସ୍ତ୍ରୀର ମଗଜ୍ ।

ସୂର୍ଯ୍ୟ ପଶ୍ଚିମ ଆକାଶର ତଳଆଡ଼କୁ ନଇଁ ଯାଉଥାନ୍ତି । ଶୀତ ଛାଡ଼ି ଆସୁଥାଏ । ତେରଛା କିରଣ କେତୋଟି କବାଟ ଉପରେ ପଡ଼ିଥାଏ ।

ଡାକ୍ତରବାବୁ ହରିମିସ୍ତ୍ରୀଙ୍କ ଆଡ଼କୁ ମୁହଁ ବୁଲାଇଲେ । ମୁଣ୍ଡ ଟୁଙ୍ଗାରି ଡାକିଲେ, ମିସ୍ତ୍ରୀ, ଶୁଣ ।

ହରି ତାଙ୍କ ପାଖକୁ ଗଲାରୁ ସେ କହିଲେ, ତମର ଏ ସବୁ ନକସା କାମ ଚମତ୍କାର ହୋଇଛି । ବହୁତ ପରିଶ୍ରମ, ଆଉ ସମୟ ଲାଗେ । ଖର୍ଚ୍ଚ ବି ଅଧିକ ହୁଏ ।

ପର ଲୁଗା ପିନ୍ଧି ସାହାକୁ ଯିବାର ଅବସ୍ଥା ରୀତିରେ ହରି ମୁଣ୍ଡ କୁଣ୍ଡାଇ ହସ ହସ ହେଲେ । କହିଲେ, ଆଜ୍ଞା ହଁ । ତାହାନ୍-ଯୁଗକୁ ଶୋଭାପାଏ ।

ସେବତୀ ପାଖକୁ ଆସିଲା । କାଠ ଉପରେ ଅଙ୍କା ହୋଇଥିବା ଚିତ୍ରଗୁଡ଼ିକ ସେ ଦେଖିଥିଲା । ଅନୁମୋଦନ କରିଥିଲା । ଖୋଲା ହୋଇ କବାଟରେ ଭିଡ଼ା ହେଲା ପରେ ସେ କେତେଥର ଗୁହିଁଛି । ମନେ ନିବେଶନ କରିନାହିଁ । ଡାକ୍ତର ବି ଗୁହିଁ ଗୁହିଁ ଆଗେଇ ଯାଇଥିବେ । ଆଜି ତନ୍ମୟ ହୋଇ ଦେଖୁଛନ୍ତି । ପସନ୍ଦ କରୁଛନ୍ତି । ଖୁସି ହେଉଛନ୍ତି ।

ସେ ମଧ୍ୟ ଗୁହିଁ ରହିଲା । ମନେ ପଡ଼ିଲା, ଦିନକର ହରିମିସ୍ତ୍ରୀଙ୍କର କଥା । ସେ ବରଦ କରୁଥିଲେ, ଆନନ୍ଦମିସ୍ତ୍ରୀ ଆଙ୍କୁ ଥିଲେ । ସେ ନିର୍ଦ୍ଦେଶ ଦେଉଥିଲେ, ଆନନ୍ଦମିସ୍ତ୍ରୀ ଛୁଞ୍ଚିମୁନିଆଁ ବଟାଲିରେ ଖୋଲି ଦେଖାଉଥିଲେ । ମନ-ନିବେଶନ ଓ ଅଧ୍ୟବସାୟର ଦୃଷ୍ଟାନ୍ତ ।

କାଠକାମ ଶେଷ ହେଲା ପରଠାରୁ ସେ ମିସ୍ତ୍ରୀ କେତେ ଦିନ ହେଲା ଆସି ନାହାନ୍ତି । ହରିମିସ୍ତ୍ରୀଙ୍କର ହିସାବ ନିକାଶ ହୋଇ ନାହିଁ । ସେଥିପାଇଁ ସେ ବେଳେ ବେଳେ ଆସୁଛନ୍ତି । ଆନନ୍ଦ ଆଉ କେଉଁଠି କାମ କରୁଥିବେ । ପଗ୍ଭରିବାକୁ ସେବତୀର ଆଗ୍ରହ ହୁଏ । ସେହି ପରିଚିତ ଘନିଷ୍ଠ ନାମଟା ତୁଣ୍ଡରେ ଧରିବାକୁ କିଏ ଯେପରି ଜିଭକୁ ଭିତରୁ ଓଟାରି ଧରେ ।

କିଏ ?

ସେହି ହରିମିସ୍ତ୍ରୀଙ୍କର କଥା—

ଖୁଣରେ ଗୁଣ ମା । ତା'ର ବାପ ତା'ଙ୍କ ଖଣ୍ଡ ମଣ୍ଡଳରେ ବିଖ୍ୟାତ କାରିଗର ଥିଲେ । ପିଲା ଦିନରୁ ସେ ତାଙ୍କରି ପାଖରୁ କାମ ଶିଖିଥିଲା । କଦର୍ ଜାଣିଥିଲା । ବାପ ବିନନ୍ଦମିସ୍ତ୍ରୀ ଶିଳ୍ପ-ଶାସ୍ତ୍ର ବତାଇଥିଲା ।

ସେବତୀର ଛାତିରେ ଛନକା ।

ବିନନ୍ଦ ମିସ୍ତ୍ରୀ । ।

ମନ ଦେଇଥିଲା ସାନ୍ତ୍ୱନା—ଯାହାର ନାମ ଦଶରଥ ସେ ପୁଅର ନାମ ରାମ ଦେବାକୁ ଲୋଡ଼ଏ । ତା' ତଳଟିର ନାମ ଦିଏ ଲକ୍ଷ୍ମଣ । ବିନନ୍ଦର ପୁଅ ଆନନ୍ଦ, ତା' ପୁଅ ସାନନ୍ଦ, ଆଦିକନ୍ଦ.....।

ଚନ୍ଦନ । ଦୁଲାଳୀର ଝିଅ ସୋହାଗୀର ସାନଭାଇର ନାମ ସେଇଆ । ଆନନ୍ଦର ସନ୍ତାନ ।

ପୁଣି କିଏ ପ୍ରବୋଧନା ଦିଏ, ସମ୍ଭବ ନ ହେବ କାହିଁକି ? ଡାକିଲେ କ'ଣ ହେବ ନାହିଁକି ବି'ନ୍ଦ; ଆ'ନ୍ଦ, ଚା'ନ୍ଦ ? ସେଇଆ । ଧେତ୍, କାହିଁକି ଏ ଅବାନ୍ତର ହାଲକ-ହଲା ବିଚାର ? ତା' ଲେଖାରେ ଆନନ୍ଦ, ତା'ର ସେ-ଜନ୍ମର ସ୍ୱାମୀ, ମରିଛି । ବଞ୍ଚିଥିଲେ ବଞ୍ଚିଥାନ୍ତ, ତା' ଲେଖାରେ ସେକାଳର ସେବତୀ ବି ମରିଛି । ଦିହେଁ ଦୁହିଙ୍କର ସପନର ଜୀବ ।—

ଡାକ୍ତର କହିଲେ, ଦେଖ ସେବତୀ, ଏ ଠାକୁର ମୂର୍ତ୍ତିଗୁଡ଼ିକର ସବୁ ମୁହଁ କେମିତି ଏକା ପ୍ରକାର ଓ ଏକା ଢଙ୍ଗର ହୋଇଛି । ଠାକୁରାଣୀମାନଙ୍କର ବି ସେମିତି ଏକା ପ୍ରକାର ହୋଇଛି । ପ୍ରଭେଦ କେବଳ ସାଜସଜ୍ଜାରେ, ଆଉ ଢଙ୍ଗରେ ।

ସେବତୀ କହିଲା, ଜଣେ ଶିଳ୍ପୀର ହାତତିଆରି ସବୁ ମୂର୍ତ୍ତି, ସବୁ ଚିତ୍ର ପ୍ରାୟ ଏକାପରି ହୁଏ । ନୁହେ କି ?

ଡାକ୍ତର କହିଲେ, ମୋତେ ଜଣାନାହିଁ । ମୁଁ ଭାବୁଛି ହରି, ଅନ୍ତତଃ ମୁହଁ-ଗୁଡ଼ିକ ଅଲଗା-ଅଲଗା ଢଙ୍ଗର କରିଥିଲେ ଭଲ ହୋଇଥାନ୍ତା । ସେଥିପ୍ରତି ନଜର ଦେଇ ପାରିଲ ନାହିଁ ?

ହରି ଦୁଇହାତ ମଳି ହସ ହସ ହେଲେ । କହିଲେ, ଚେଷ୍ଟା କରିଥିଲେ ଅଲଗା ଅଲଗା ନିଶ୍ଚୟ ହୋଇଥାନ୍ତା ଆଜ୍ଞା । ହେଲେ, ନକ୍ସା ଆଙ୍କିଲା ବେଳେ ଅଭ୍ୟାସ ଗୁଣରୁ ହାତ ଆପେ ଆପେ ଗାର ଟାଣିଦିଏ । ଆନନ୍ଦମିସ୍ତ୍ରୀ ସବୁ ନକ୍ସା ମନଦେଇ ନିଜେ ଆଙ୍କିଥିଲା । ମୋ'ର ବରାଦ । ମା'ଙ୍କର ପସନ୍ଦ । ଖୋଳାଖୋଳି କାମ ଦିହେଁ କରିଥିଲୁ ।

ଡାକ୍ତର କହିଲେ, ମନ ଦୁଃଖ କଲ କି ହରି ? ତମମାନଙ୍କ କାମକୁ ମୁଁ ବାଛୁ ନାହିଁ । ବହୁତ ସୁନ୍ଦର ହୋଇଛି । ଅତି ଚମତ୍କାର । ଶିଳ୍ପୀର ମନରେ ଯେଉଁ ରୂପଗୁଡ଼ିକ ଆଙ୍କି ହୋଇ ରହିଥାଏ, ତା' ନକ୍ସା ସେମିତି ଢଙ୍ଗର ହୋଇଯାଏ । ଯାହାହେଉ, ମୁଁ ଭାରି ଖୁସି । ଏଥିପାଇଁ ମୁଁ ତମକୁ ପୁରସ୍କାର ଦେବି ।

ନରୁ ଖୁସି ହୋଇ କହିଲା, ଭଲ ହେବ ଆଜ୍ଞା । ଖଣ୍ଡେ ପ୍ରଶଂସାପତ୍ର ଆଉ ଗୋଟିଏ ସୁନାର ମେଡାଲ୍ । ଘର-ପ୍ରତିଷ୍ଠା ଦିନ, ସମସ୍ତଙ୍କ ଆଗରେ ।

ସୁନାର ମେଡାଲ୍ ? ବହୁତ ଦାମ୍ । ରୂପାର ବି ।

ହରି ମୁଣ୍ଡ ନୁଆଁଇ ହାତଯୋଡ଼ି କହିଲା, ଆଜ୍ଞା, ପୁରସ୍କାର ନେବାକୁ କିଏ ରାଜି ନ ହେବ ? ଯାହା ଦେବେ ସେତକ ଅନନ୍ଦମିସ୍ତ୍ରୀର ପାଇବା କଥା । ସେ ଗରିବଟା । ରୋଜଣା । ପ୍ରଶଂସା କାଗଜ, ଆଉ ରୂପା ମେଡେଲ୍ ତା'ର କ'ଣ ହେବ ? ସମସ୍ତଙ୍କ ଆଗରେ ସେଦିନ ତା'କୁ ପ୍ରଶଂସା କରି କିଛି ଟଙ୍କା ଇନାମ୍ ଦେଲେ ବିଚରା ଅନ୍ୟମାନଙ୍କ ଘରେ କାମ ପାଇବ । ତା' ଗୁଡ଼୍‌ଗୁଣ ମେଣ୍ଟିବ ।

ଡାକ୍ତର ବିଚାର କଲେ । ସେବତୀ ଆଡ଼କୁ ଚାହିଁ କହିଲେ, ହରି ଠିକ୍ କହିଛନ୍ତି । ଶିଳ୍ପୀର ସାର୍ଟିଫିକେଟ ଓ ମେଡାଲ୍ ଲୋଡ଼ା ହୁଏନାହିଁ । ତା'ର ଚିନ୍ତା, ତା'ର ନିପୁଣ କାମର ମୂଲ୍ୟ ଏସବୁଠାରୁ ଢେର୍ ବେଶୀ । ତମେ ଯାହା ଉଚିତ ମନେ କରୁଛ, ତା'କୁ ନିଜ ହାତରେ ଦେବ ସେବତୀ । ସମସ୍ତଙ୍କ ଆଗରେ ।

ନରୁ କହିଲେ, ବଢ଼ିଆ ହେବ ମା । ତା ସମ୍ମାନ ବଢ଼ିବ । ତମ ହାତ ଯଶ ରହିବ । ଲୋକେ ତମର ପ୍ରଶଂସା କରିବେ ।

ହରି କହିଲେ, ସାରକଥା କହିଲୁ ନରି, ଗରିବଟାର ଦୁଃଖ ଯିବ । ହୁଲକା ଗୋଟାଏ ଖବରକାଗଜ । ଏ ସହରର ସହସ୍ର ଘର ସଙ୍ଗେ ଚିହ୍ନା । ମୂଲିଆ ମିସ୍ତ୍ରୀରୁ ଅମିର୍ ବେପାରୀ ଯାଏ । ସମସ୍ତଙ୍କ ଆଗରେ ଆମ ଲକ୍ଷ୍ମୀ ମା'ଙ୍କର ସେ ପ୍ରଶଂସା ଗାଇ ବୁଲିବ ।

ଡାକ୍ତର ତାଙ୍କ ଗେଲବସର ଝିଅ ସୋହାଗିନୀକୁ ଚାହିଁଲେ । ଝିଅଟି ନଈପଡ଼ି ମୂର୍ତ୍ତିଗୁଡ଼ିକରେ ଆଙ୍ଗୁଠି ମାରୁଥିଲା । ଚଗଲା ଚନ୍ଦନ ତା' ପାଖେ ପାଖେ ଥାଇ ଯେଇଆ କରୁଥିଲା । ସୋହାଗୀ କହୁଥିଲା, ସେଇଟା ମୋ' ମାମି ପରିକା ।

ଚନ୍ଦନ ପ୍ରତିବାଦ କରୁଥିଲା, ନା ଅପା, ଏଇଟା ।

ସୋହାଗୀ ଅନ୍ୟ ଗୋଟିକରେ ଆଙ୍ଗୁଠି ମାରି ଦେଖାଉଥିଲା, ନା ରେ ଓଲୁ, ଏଇଟା । ଦେଖୁନୁ ମୋ' ମାମିକୁ ?

ତୋ' ମାମି ନୁହେ, ମୋ ମାମି ।

ସେବତୀର କାନରେ ବାଜିଲା । ତା'ର ଛାତି ଟିକିଏ ଥରି ଉଠିଲା । ବିନନ୍ଦ-ମିସ୍ତ୍ରୀର କହ । ତା' ମନର କାନରେ ସହସା ବାଜି ଉଠିଲା । ଶାଶୁଙ୍କୁ ସେ କହନ୍ତି, ତମ ଲକ୍ଷ୍ମୀବୋହୂକୁ ଲକ୍ଷ୍ମୀଙ୍କ ରୂପରେ ଏଇ ପଲଙ୍କ ପଟାରେ ଭଲା କରାଇଛି । ସେବତୀର କାନରେ ଥୁରୁଥୁରିଆ ଶାଶୁଙ୍କର ଭୟାଳିଆ ଉତ୍ତର ବି ବାଜି ଯାଉଥିଲା, ହଁ ଲୋ । କାହିଁକି ମୋ' ଲକ୍ଷ୍ମୀର ରୂପକୁ ପରଘରର ପଲଙ୍କରେ ସମାଦିଲ ? ଅନ୍ୟ ରୂପଟିଏ କଲ ନାହିଁ ?

ସେବତୀର ମୁହଁ ମଉଳିଲା । ତଥାପି, ସେ ହସହସ ହେଉଥିଲା ।

ଡାକ୍ତର କହିଲେ; ଦୁଲ୍ଲଳୀ ଭଲ ଧାଈଟିଏ । ମା' ଭଉଣୀ ପରି ରୋଗଣୀର ସେବା କରେ । ବିଶ୍ୱାସୀ ଲୋକ । ପିଲା-ରକ୍ଷଣୀ ।

ହରି ଉତ୍ତର କଲେ, ମା'ଙ୍କ ଲକ୍ଷ୍ମୀହାତରୁ ଇନାମ୍ ପାଇବାକୁ ମୁଁ ବି ହକ୍‌ଦାର୍ ଅଛି ।

ସେ କଥା ମା ବୁଝିବେ ।

ପିଲା ଦିହେଁ କଜିଆ କରିବାକୁ ବୋଲୁ ବୋଲି ହେଲେଣି । ଚନ୍ଦନକୁ ବିଶ୍ୱାସ ନାହିଁ । ସୋହାଗୀର ପିଠିରେ ଗୁମ୍‌ଗାମ୍ ବସାଇ ଚିଲପରି ଛୁଟି ପଳାଇବା ଅସମ୍ଭବ ନୁହେ ।

ସେବତୀ ପାଟିକରି ଉଠିଲା; ସୋହାଗୀ, ତୁ ମୋ' ପାଖକୁ ଚାଲିଆ । ଚନ୍ଦନ, ତୁ ତୋ' ବାପାଙ୍କ ପାଖକୁ ଯା । କଜିଆ କରନା । ହାତ ଘଷି କବାଟ ମଇଳା କରନା ।

ଡାକ୍ତର ଦୁଇ ପିଲାଙ୍କର ହାତ ଧରି କବାଟ ପାଖରୁ ନିଜ ପାଖକୁ ଘୁଞ୍ଚାଇ ଆଣିଲେ । କହିଲେ, କଜିଆ କରୁଛ କାହିଁକି ? ତୋ' କଥା ଠିକ୍ ଚନ୍ଦନ, ଆଉ ତୁ ବି ଠିକ୍ କହୁଛୁ ସୋହାଗୀ । ସବୁ ନକ୍‌ସା ତମ ମାମିଙ୍କ ପରି ହୋଇଛି । ହେଲା ? ଚାଲ ଯିବା ।

ହରି ସମ୍ମତି ଜଣାଇଁ କହିଲେ, ମା'-ଲକ୍ଷ୍ମୀ, ସବୁ ଠାକୁରାଣୀଙ୍କ ରୂପରେ ବିରାଜମାନ । ଏଇଟା ବାହାର ଦେଖାଣ । ଭଗତ ମନରେ ସେଇ ଗୋଟିଏ ରୂପ । ଭାବିଲେ ଚିନ୍ତିଲେ ଆଖି ଆଗରେ ସେଇ ଠିଆ ହୋଇଯାଆନ୍ତି । ଏ' ମା ଚଳନ୍ତି-ଲକ୍ଷ୍ମୀ । ଅଲଗା ରୂପ ହେବ କିପରି ?

ତାଙ୍କ ଚାଟୁକ୍ତିର ଉତ୍ତର ନ ଦେଇ ସେବତୀ ଗମ୍ଭୀର ହୋଇ ଅଗଣାକୁ ଓହ୍ଲାଇଲା । ତା' ପଛେ ପଛେ ଡାକ୍ତର । ପିଲା ଦିହେଁ ତାଙ୍କ ହାତରୁ ଖସି ସେମାନଙ୍କର ମାମି ଆଗକୁ ଧାଇଁଗଲେ ।

ଟିକିଏ ପରେ ନରୁ ଓ ହରି ପାଖାପାଖି ହୋଇ ସେମାନଙ୍କର ଅନୁଗମନ କଲେ । ଦିହେଁ ନୀରବ ।

ନରୁ ଭାବୁଥିଲା, ହରିମିସ୍ତ୍ରୀଙ୍କର ସେମିତି ପ୍ରକୃତି । ସମସ୍ତଙ୍କର ସେ ଶୁଭ ମନାସନ୍ତି ଯେ କୁହାଳିଆ ପଣକୁ ସରି । ଟେକାଟେକି କରି କହୁଣୁ ବଡ଼ପାଠୁଆ-ପଣ୍ଡିତ ପରି ଅଲୋଡ଼ା ଅବୁଝା ମତ ତୁଣ୍ଡରୁ କାଢନ୍ତି । ଶୁଣି ଶୁଣି ପଣ୍ଡିତ । ଶିଖି ଶିଖି ମନେରଖି କରଣ । ବିଦ୍ୟା ଶେଷ ଦସ୍ତଖତରେ ।

ଏକାକୁ ଏକା । ପରଙ୍କୁ ଆପଣାଇ ଚଳଣି । ତଥାପି, ଧନ ଲୋଭ ଘାରୁଛି । ସେଇଥି ପାଇଁ ଏ ବୟସରେ ଝାଳବୁହା ପରିଶ୍ରମ । କେତେ ଫନ୍ଦି-ଫିକର । ପାଣିରେ ସରପକା ଭଳିକି-ଭଳି ବଚନ । କାହାର ଗରଜ ବଳାଇଛି ଯେ ବାପ-ଉମଟିଆ, ମୁରବି-ଠାନିଆ, ଚଉଆଖିଆ, ସାତ-ଚକଟିଆ ପୋଲୁହ-ଘଣ୍ଟାଙ୍କୁ ଡିଆରି କହିବ ?

ହରି ଅସ୍ୱାଭାବିକ ଭାବରେ ଗମ୍ଭୀର ହୋଇଗଲେ । ମୂର୍ତ୍ତିଗୁଡ଼ିକ ପରଖିଣ ଡାକ୍ତରବାବୁ ଯେଉଁ ମତାମତ ଦେଲେ, ତା'ର ଜବାବ ସ୍ୱରୂପ ଉପରେ ପଡ଼ି ଛାଆଁକୁ ଯାହା କହିଲେ ସେଥିକୁ ସେ ନିଜ ଅଭ୍ୟାସକୁ ଦାୟୀ କଲେ । ପିଲାମାନଙ୍କର ଆଲୋଚନା ଶୁଣି ନିଜ ଭିତରେ ସେ ଚମକି ଉଠିଥିଲେ । ନକ୍ସା କାଠଉପରେ ଆଙ୍କିଲା ବେଳେ ଆନନ୍ଦ ଆଗରେ କୌଣସି ନମୁନା-ଚିତ୍ର ବା ମୂର୍ତ୍ତି ନ ଥାଏ । ସେ ତା' ମନକୁ ଆଙ୍କେ । ଆଙ୍କିଲା ବେଳେ ମନ-ଧ୍ୟାନ ଦେଇ ସେଥିରେ ମଜ୍ଜି ରହିଥାଏ ।

ସେବତୀ ଦିଦି ଆସନ୍ତି । ସମସ୍ତଙ୍କ ପରି ଆନନ୍ଦ ଉଠି ଠିଆହୁଏ । କ'ଣ ପଚାରିଲେ ପଦେ ଦି'ପଦ ଜବାବ ଦେଇ ପୁଣି ନିଜ କାମରେ ଲାଗିଯାଏ । ଆନନ୍ଦ କ'ଣ ମାଲିକାଣୀ ସେବତୀ ଦିଦିଙ୍କୁ ନମୁନା ମୂର୍ତ୍ତି ଚିନ୍ତିଥିଲା ? ଅବା, ତା' ମନରେ ଅଙ୍କାହୋଇ ରହିଥିବା ସେକାଳର ଘରଣୀ ସେବତୀର ଚିତ୍ର ପେନ୍‌ସିଲ୍-ମୁନରେ ଆପେ ଥରକୁଥର ଫୁଟି ଉଠୁଥିଲା ?

ଦୁଇଟି ଭିତରେ ତଫାତ୍ ନାହିଁ ।

ଆନନ୍ଦର ଧାରଣା ଭୁଲ୍ ନୁହେଁ । ଗାଁ ଝିଅ, ଗାଁ ବୋହୂ, ମୂଲିଆ ଘରର ସେରନ୍ଧା ଘରଣୀ, ଅଲ୍ପପାଠୋଇଟି କେମିତି ଆସି ଡାକ୍ତରବାବୁଙ୍କ ଦ୍ୱିତୀୟ-ପକ୍ଷର ଘରଣୀ ହୋଇଛି, ପାଠ ପଢ଼ି ମାଷ୍ଟରାଣୀ ହୋଇଛି, ଘରର ମାଲିକାଣୀ । ଆନନ୍ଦ ଜାଣି ମଧ୍ୟ ବୁଝିପାରୁ ନାହିଁ, ଜାଣିପାରୁ ନାହିଁ । ମାଲିକାଣୀ ଚିହ୍ନି ମଧ୍ୟ ଚିହ୍ନିପାରୁ ନାହିଁ ।

ଦୁହିଙ୍କ ମନରେ ଛକାପଞ୍ଝା ।

ଭଲ । ସେଇଆ ଭଲ । ଭାଗ୍ୟ-ଚକ୍ର ବୁଲୁଛି । ଦିଓଟି ଜୀବନ ଛଡ଼ାଛଡ଼ି ହୋଇ ଚକା-ଭଉଁରି ଖେଳୁଛନ୍ତି । କିଏ କେଉଁଠି ।

ଦୂରେଇ ଦୂରେଇ ଯାଇଛନ୍ତି ତ । ମଝିରେ ସମୟର କୁହୁଡ଼ି ମାଡ଼ି ମାଡ଼ି ଆସିଛି । ବହଳ ହେଉଛି । ବିଗତ ଧୀରେ ଧୀରେ ଅଧିକରୁ ଅଧିକ ପାତଳ, ଅଧିକ ଅସ୍ପଷ୍ଟ ହେଉଛି । ତଥାପି, ସେଇ ଦୂର ପରବତ ଧାଡ଼ିକି ଧାଡ଼ି ସୁମରଣାକୁ ଝାପ୍‌ସା ଝାପ୍‌ସା ଦିଶୁଛି । ଆହୁରି-ଆହୁରି ପାତଳ, ଆହୁରି ଫିକା-ନୀଳ ସେ । ହେତୁ ନ ହଜିଲେ ନାହିଁ, ହେଜ ହଜିବ ।

ବିଗତଟା ଉହାଡ଼ରେ ରହିବ ।

ରାସ୍ତା ଉପରେ ଡାକ୍ତର ଓ ଅନ୍ୟମାନେ ଅପେକ୍ଷା କରିଥିଲେ । ନରୁ ଓ ହରି ପାଖକୁ ଗଲେ । ମାଲିକାଣୀଙ୍କର ପୂର୍ବ ଜ୍ୟୋତି ଫେରି ଆସିଥିଲା । ଡାକ୍ତର ନରୁ ମିସ୍ତ୍ରୀଙ୍କୁ ପଚାରିଲେ, ଝରକା-କବାଟ ସବୁ ବନ୍ଦ କରିଛ ?

-ନାଇଁ ଆଜ୍ଞା, ମୂଲିଆକୁ ଅପେକ୍ଷା କରିଛି । ଲୋକ ନ ରହିଲେ ବଲ୍‌ବ, ଆଉ ଟ୍ୟାପଗୁଡ଼ିକ ଚୋରି ହୋଇଯିବ । କେତେଦିନ ଯାଏ ଏଣେ ମୂଲ ଗଣିବେ, ତେଣେ ଘରଭଡ଼ା ଦେଉଥିବେ ? ଶୀଘ୍ର ଗୃହପ୍ରବେଶ କରିବା ଭଲ ।

ହରିମିସ୍ତ୍ରୀ ବ୍ରାହ୍ମଣ ପଣ୍ଡିତଙ୍କୁ ପଚାରି ଦିନବାର ସ୍ଥିରକଲେ ତ ହେବ ?

ହରି କହିଲେ, ଭଲ ପଣ୍ଡିତଙ୍କୁ ଖୋଜି ଶୁଭଦିନ ପଚାରି ଆସିବି । ପାଞ୍ଚ ସାତଦିନ ଦରକାର । ମୋ' ହାତରେ ଜରୁରୀ କାମ ଅଛି ।

ସେବତୀ କହିଲା, ତମର ବେଳ ହେବ ନାହିଁ ହରି, ସେ ସବୁର ବ୍ୟବସ୍ଥା ମୁଁ ନିଜେ କରିବି । ଯେତେ ଶୀଘ୍ର ପାରେ ଗୃହ ପ୍ରବେଶ କରହେବ । ଅନର୍ଥକ ଡଣ୍ଡ ଦେବାକୁ ମୋ' ପାଖରେ ଧନ ନାହିଁ ।

-ହେଉ ମା' ।

-ଶୁଣ ହରି । କାଲି ସକାଳେ ଘଣ୍ଟାକ ପାଇଁ ଆମ ବସାକୁ ଆସିବ । ତମର ହିସାବ ମୁଁ ଛିଡ଼ାଇ ଦେବି ।

-ସଞ୍ଜରେ ଆସିଲେ ହେବ ନାହିଁ ମା ? ସକାଳ ବେଳା ଗୋଲାକୁ ଯାଇ କାଠ କିଣିବାର ଅଛି । ଜଣେ ବାବୁଙ୍କର ଘରକାମ ସରିଲାଣି ଯେ ସେ କାଲି ସକାଳେ..........

-ହେଲା । ଏଇଠିକି ଆସିବ । ରତି ଆଠଟା ପରେ । ନରୁମିସ୍ତ୍ରୀ ବି ଆସିବେ ।

-ହେଉ ମା । ଏକେଲା ଆସିବି ?

ସେବତୀ ମୁହୂର୍ତ୍ତେ ଥମକି ଗଲା । ଆଖି କୋଣରେ ଡାକ୍ତରଙ୍କୁ ଚାହିଁଲା । ସେ ଓ ପିଲା ଦିଓଟି ଅଳ୍ପଦୂର ଆଗେଇ ଯାଇଥିଲେ । ଡାକ୍ତର ଦି'ଖଣ୍ଡି ରିକ୍ସା ଅଟକାଇ ଦର ଛିଣ୍ଡାଉ ଥିଲେ । ସେବତୀ ହରିଙ୍କ ପ୍ରଶ୍ନର ଉଦ୍ଦେଶ୍ୟ ଅନୁମାନ କଲା । ନିଜକୁ ପ୍ରକୃତିସ୍ଥ କରି, ମଧୁର ହସି ଉତ୍ତର ଦେଲା, ଦୋକଲାଙ୍କୁ ସରଗରୁ ଆଣିପାରିବ ତ ? ଯାଅ.....

ସେବତୀ କ୍ଷିପ୍ର ପଦରେ ରିକ୍ସା ପାଖକୁ ଆଗେଇ ଗଲା ।

ଘର ବାହୁଡ଼ାଣି ବାଟରେ ହରିମିସ୍ତ୍ରୀ ଭାବୁଥିଲେ, ସେଇ ସେ ସେବତୀ ଯାହାକୁ ବିଚରା ଆନନ୍ଦ ଏବଯାଏ ମନରେ ସାଇତି ରଖିଛି । ପ୍ରଥମ ଦେଖାରୁ ଚିହ୍ନିଛି । ସେ ଯେତେଥର ଯେତେ ଢଙ୍ଗରେ ଭାଗବତ ଗାଇଲେ କି' ହେବ, ତା'ର ଚିତ୍ତ ତୋଷ ହୁଅନ୍ତା କିପରି ?

ବିଚରା ଦୁଇଟି ସଂସାରରେ ଆତଯାତ ହେଉଛି । ଦେହଟି ରହିଛି, ଚଳ ପ୍ରଚଳ ହେଉଛି ଦୁଲାଳୀ ପାଖରେ, ଯିଏ ତାକୁ ଜୀବନ ଦେଇଛି । ସେବା କରି ଯତ୍ନ ନେଇ ମାୟାର ଡୋରରେ ବାନ୍ଧି ରଖିଛି । ତା' ପାଇଁ ଗଢ଼ିଦେଇଛି କୁଟୁମ୍ବଟିଏ । ଝିଅ ଓ ପୁଅ ।

ଆନନ୍ଦର ମନ କିନ୍ତୁ ଆତଯାତ ସେବତୀ ପାଖରେ, ହଜିଲା-ସଂସାରର ମିଳିଲା-ପରିବେଶରେ । ପାଖରେ ଥାଇ ସେ ଯୋଜନ-ଯୋଜନ ଦୂରରେ । ସେଛି

ସେବତୀ ବି ଗଢି ଦେଇଛି ଆନନ୍ଦର ବିଗତ-ସଂସାରକୁ ନୂଆ ରୂପରେ । ପିଲା ଦୁହିଁଙ୍କର ନାମ ସେଇଆ ଦେଇଛି ।

ଆନନ୍ଦ ଠିକ୍ ଚିହ୍ନିଛି । ଆଉ କେବେ ତା'ଙ୍କ ଆଗରେ ସେ ସେବତୀ ବିଷୟରେ କିଛି କହି ନାହିଁ । ଦୁଃଖ କରିବାର, ଅବା ଖୁସି ହେବାର ସେ ତା'କୁ ଦେଖି ନାହାନ୍ତି । ଭଲ, ଭାରି ଭଲ । ସେମାନେ ଆନନ୍ଦରେ ଚଳନ୍ତୁ ।

ସେବତୀ ଦିଦି କ'ଣ ଆଜିଯାଏ ତା'କୁ ଚିହ୍ନ ପାରି ନାହାନ୍ତି ? ଶୁଣା ଶୁଣିରେ, ସେ ଡାକ୍ତରଙ୍କର ଶାଳୀ ଲେଖା । ଟେରଣ୍ଟ ବାରବୁଲା ଡହଣ । ବାବାଜି-ଭେକିଆ । ସେବତୀଙ୍କ ଉପରେ ଅତ୍ୟାଚାର କରୁଥିଲା । ମଦୁଆ ଗଞ୍ଜେଡ଼ । ସବୁ ବିକିଭାଙ୍ଗି ପେଟର ହୋଇଥିଲା । ଡାକ୍ତରଙ୍କ ଆଗ ଘରିଯା ତା'କୁ ବାନ୍ଧି ରଖିବାକୁ ଚେଷ୍ଟା କରିଥିଲେ । ପିଲା ଦିଓଟି ତା'ରି । ଆଗ-ଘରିଯା ଓ ଡାକ୍ତର ଫୁଲନାଡ଼ କରି ପିଲାଙ୍କୁ ଟେକି ନେଇଥିଲେ ।

ତା' ନାମ ବି ଆନନ୍ଦ ।

ହରିମିସ୍ତ୍ରୀଙ୍କର ପାଦ ଅଟକି ଗଲା । ତାଙ୍କ ଘର ପାଖେଇ ଆସିଲା । ସଞ୍ଜ ହେଲାଣି । ରାସ୍ତାର ଆଲୁଅ ଗୁଡ଼ିକ ଜଳି ଉଠିଲାଣି । ସଞ୍ଜବୁଡ଼ିଆ ଟ୍ରାଫିକ୍ ଭିଡ଼ । ଫୁଟ୍‌ପାଥ୍‌ରେ ଗହଳ-ଜନତାର ଚଳଣ । ହରି ଥକା ହୋଇ ଠିଆ ହେଲେ ।

କେମନ୍ତ ।

ସେଇ ଆନନ୍ଦ କୁଆଡ଼େ ପୁଣି ଗଲା ଯେ ଗଲା । ଖବର ଆସିଲା ଯେ ମରିଛି । ଚିରଦିନ ଲାଗି ଉଭାନ । ସେବତୀଙ୍କ ଅପା ମଲେ । ସେ ହେଲେ ଦ୍ୱିତୀୟ । ଶୁଣା ଶୁଣି ଖବର । କେତେ ସତ କେତେ ମିଛ କାହାକୁ ମାଲୁମ ?

ନର ମାୟା ରେ ହରିଆ, ନାରାୟଣଙ୍କୁ ଅଗୋଚର । ନିଜ ମାୟାକୁ ନିଜେ ତୁ ସମଝିଛୁ କି ନାହିଁ, ମୁଣ୍ଡରେ ହାତ ଦେଇ ଥରେ କହିଲୁ ?

ମୁଣ୍ଡରେ ଦୁଇ ହାତ ଥାପିଲେ । ଆପଣା ଛାଏଁ ନିଜ ଉପରେ କୋପ କଲେ । ପାଚିଲା କେଶକୁ ମୁଠାଇ ଟାଣିଲେ । ସଁ ସଁ ହୋଇ ନିଶ୍ୱାସ ଛାଡ଼ିଲେ । ମନକୁ ଶାସିଲେ, ଆବେ ହରିଆ ଅଲାଜୁକ, ନିଜ ଦୁଃଖକୁ ହାରିଗୁହାରି ନାହିଁ, ପର ଗୁଳକୁ ଥୋମଣି ବଢ଼ାଉଚୁ କାହିଁକି ରେ ଅମଣିଆ ବଳଦ ବାପୁଡ଼ା ? ପାଞ୍ଚଣ ପାହାର ମୂଲ କରୁଚୁ ? ମାଲିକାଣୀ ମା' ସମାନ । ତତେ ମୂଲ ଦେଇଛି । ଖୋଇଛି ପେଇଛି । ସ୍ନେହ-ସନମାନ କରିଛି । ଗୋଟାଇ ସାଉଟା କାଣ୍ଡ ପରି ଶୁଣି-ଶିଖିଲା ବିଷୁଆ ପଦରେ ତା' ଆତ୍ମାକୁ କେଞ୍ଚିଲୁ ରେ ପାତକୀ ?

କେମନ୍ତ ?

ହରିମିସ୍ତ୍ରୀ ମୁଣ୍ଡ ଉପରୁ କାନ ଉପରକୁ ହାତ ଓହ୍ଲାଇଲେ । ଚଗଡ଼ି ମୋଡ଼ିଲେ । ବ୍ରହ୍ମଚାପଡ଼ା ମାରିହେଲେ । କିଏ ଦେଖିଲା କି, କିଏ ଶୁଣିଲାକି, ତାଙ୍କୁ ବାଇଆ ଭାଳିଲା, ମଦୁଆ ଜାଣିଲା, ଏସବୁ ବିଚାର ମନରେ ପଶିଲା ନାହିଁ । ଧାଇଁସଲି ହୋଇ, ବିରୁଡ଼ି ଲାଗିଲା ପରି ଝଟତି ଚାଲିଲେ ।

ତାଙ୍କ ଛୋଟ କାରଖାନାରେ ଆଲୁଅ ଜଳୁଥିଲା । ଗୋଟିଏ ବେଞ୍ଚ ଉପରେ ଆନନ୍ଦ ବସିଥିଲା । ତା' ଆଗରେ ରଙ୍ଗଣୀ ଠିଆ ହୋଇ କ'ଣ କହୁଥିଲା । ଫାଟକ ପାଖରୁ ସେମାନଙ୍କୁ ଦେଖି ହରି ଡାକ ଛାଡ଼ିଲେ, ଆନନ୍ଦ କି'ରେ ?

ସ୍ୱର ବାରି ଆନନ୍ଦ ଉଠିଲା । କହିଲା, ହଁ, ହରି ଭାଇ, ଏବେ ତ ଆସୁଛି । କାମ ଥିଲା ।

ହରି ପାଖକୁ ଆସୁଣୁ କହିଲେ, କାମ ନ ଥିଲେ ଆସନ୍ତୁ କାହିଁକି ? କେତେ ଦିନ ହେଲା ଦେଖା ହୋଇ ନାହିଁ । ସବୁ ଭଲ ?

ତା'ର ଉତ୍ତରକୁ ଅପେକ୍ଷା ନ କରି ସେ ରଙ୍ଗଣୀକୁ ପଚାରିଲେ, ଆନନ୍ଦକୁ ଚା ଦେଇଛୁ ?

-ଏବେ ତ ଆସିଲେ ।

-ଥାଉ ହରିଭାଇ ।

-ମୋ'ର ବି ଲୋଡ଼ାରେ । ଯା ରଙ୍ଗଣୀ, ତୁ ନିଜେ ତିଆରି କରି ଦି' କପ୍ ଆଣିବୁ । ଯା, ସୁନା ଝିଅଟି ।

ହରି ଖଣ୍ଡେ ଚଉକି ଉପରେ ବସି ପଚାରିଲେ, କି' କାମ ଅଛି ରେ ଆ'ନ୍ଦ, ଏବେ କେଉଁଠି କାମ କରୁଛୁ ?

ଆନନ୍ଦ ବେଞ୍ଚ ଉପରେ ବସିଲା । ରଙ୍ଗଣୀ ଘର ଭିତରକୁ ଚାଲିଗଲା । ଆ'ନ୍ଦ କହିଲା, ଜଣେ ବେପାରୀ ଘରେ କାମ ହେଉଛି । ପଇସାବାଲା ଲୋକ । କିନ୍ତୁ, ପଇସା କାଢ଼ିବାକୁ ରାଜି । ଭାରି ଧିକ୍‌ଚିକିଆ । ଠିକାରେ କାମ ନ ଦେଇ ମଜୁରିରେ ଲଗାଇଛି । ଯେତେ କଲେ ତା' ପସନ୍ଦ ହେଉ ନାହିଁ । ଦି' ଦିନର ମଜୁରି ବାକି ।

-ତୋ' କାନକୁ ସେ ପକଡ଼ିଛି ନା ?

-ହଁ, ହରିଭାଇ, ସେଇଆ । ଭାରି ମଧୁର-ଭକ୍ତିଆ । ଆଜି ବି ଅଧା ମଜୁରି ଦେଲା । ଭାବୁଛି, ମଜୁରି ବୁଡ଼ିଲେ ବୁଡ଼ୁ, ମୁଁ ଆଉ ସେଠିକି ଯିବି ନାହିଁ । ଦୁଲାଳୀ ମତେ ତମ ପାଖକୁ ପଠାଇଛି ।

-କିଏ ରେ ସେ ବେପାରୀ ମହାଜନ ?

-ତାଙ୍କ ନାଁ ମାଧ ସାହୁ । ବୁଢ଼ା କଁଳ-କୁହା ଭାରି ଜଣେ । ବାପ ଲୋ, ଧନ ଲୋ କହି

ହରି ହସି ଉଠିଲେ । କହିଲେ, ବୁଝିଲି । ଜାଣେ । ଅସଲ ପାଉଆର ହାବୁଡ଼ରେ ପଡ଼ିଛୁ ରେ ଧନ । କେତେ ଘାଟରେ ପାଣି ପିଇ ତିନିପତିଆ ଜୁଆଡ଼ୀଟା ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଭୋଗୁଛି । ଯେତେ ପ୍ରକାର ବାବାମାନେ ଏ ସହରକୁ ଆସନ୍ତି, ଯେଉଁ ପନ୍ଥୀ ହେଉନ୍ତୁ, ସେ ସମସ୍ତଙ୍କର ଭଗତ ବନେ । ମିଛ କହି, ମିଛ କୁହାଇ ତାଙ୍କମାନଙ୍କ ମହିମା ପ୍ରଚାର କରେ । ବହି ଛପାଇ ବାଣ୍ଟେ । ଭଗତମାନଙ୍କୁ ଠକେ । ସେଇଠୁ ଚାଲେ ତା' କାରବାର ।

ଭୋଟ ବେଳେ ଏପାଖ ସେପାଖ ଦୁଇପାଖର ଦଲାଲ ସେ, ଭଲ ରୋଜ୍‌ଗାର କରେ । ଯିଏ ଜିତୁ, ସେ ତା'ର ଲୋକ । କେତେ ବାଗରେ ମନ୍ତ୍ରୀମାନଙ୍କର ଆପଣାର ଲୋକରେ ଗଣା ହୁଏ । ସେଇଠୁ ତା'ର କଚେଡବାର ।

-କ'ଣ କରିବି ? ଦୁଲାଲୀ ବାଧକା ପଡ଼ିଛି । ଜର ସେଇଥିରେ ଘୁଷୁରି ହୋଇ କାମ କରୁଛି । ପଇସା ଲୋଡ଼ା ।

-ସେ କଥା ବୁଝିବା । ଆଗ ମାଧବାବୁଙ୍କ ଖବର ଶୁଣ । ଥରେ ସେ ମୋ' କାନରୁ ଗୋଟାଏ ଧରିଥିଲା । ଭବିଚିନ୍ତି ଆର କାନଟା ବି ଧରାଇ ଦେଲି ରେ ଆ'ନ୍ଦ । ତା'ର ବିଶ୍ୱାସୀ ହେଲି । କଳା ବେପାର କାରବାରର ସାଥୀ । ବିଶ୍ୱାସ ଦେଖାଇ ସେଥିପାଇଁ ଯାହା ଆଗୁଆ ଆଣିଲି, ସେତକ ମୋ' ମଜ୍‌ଗୁରୀର ସ୍ୱରି ଡ଼ବଲ । ଚିଡ଼ା କାଟିଦେଲି ତ । ପୁଅ ଏବଯାଏ ଅଖା ଧୋଉଛି, ଗୁଣ୍ଡ ଗାଉଛି । ମଣିଷମାରୁଟା । ତା' ଛାତିରେ ବହପ ଅଛି ଯେ ମୋ' ପଛରେ ଗୋଡ଼ାଇବ ?

-ମଣିଷମାରୁ ?

-ଭେଜାଲ୍ କାରବାରୀ । ମଣିଷଙ୍କୁ ବିଷଖୋଇ ଧନ ଅର୍ଜିଛି । ପାପ ଖଣ୍ଡିବାକୁ ବାବାମାନଙ୍କ ଭଗତ ସାଜୁଛି । ସେଥିରୁ ବି ଫାଇଦା ଉଠାଉଛି । ମୁଁ ତା' ଗୁମର ଜାଣେ । ସେ ସିଆଡ଼େ; ମୁଁ ଇଆଡ଼େ । ଦେଖୁ ଦେଖୁ ଛ'-ସାତ ବର୍ଷ ବିତିଲାଣି । ଠକକୁ ଠକିଲେ ଦୋଷ ଲେଖେ ନାହିଁ । ତୁ ପାରିବୁ ନାହିଁ ।

-ମୁଁ କ'ଣ କରିବି ?

-କାନ ଧରି ସାତ ଥର ବସ୍ ଉଠ୍ ହେବୁ । ତୋ'ର ଯେଉଁ ଠାକୁର ଉପରେ ବିଶ୍ୱାସ ଅଛି ରେ ଧନ, ତା'କୁ ମନେମନେ ସୁମରଣା କରିବୁ । ଭୋଗ ଯାଚିବୁ । ବର ମାଗିବୁ ।

-ସାତ ଥର ?

-ଅତି କମ୍‌ରେ ସେତିକି । ଢୋଲ, କରତାଳି, ଆଉ ଆଉ ବାଇଦ, ତୁରୀ, ମହୁରୀ, ମନ୍ତ୍ର, ଗୀତ, ପାଟି ଘୋ-ଘା, ବୋମ୍ ଫୁଟା ତୁ, ମାଇକ୍, ଏମିତି କେତେ କହିବି ରେ ବାଇଆ, ଏ ହବୁ ଶବଦରେ ଠାକୁରମାନଙ୍କର କାନ ତାବଦା ଧରିଛି । ମନ ବିଚଳ । କାନ ବାଟେ ତାଙ୍କମାନଙ୍କ ମନ ଭିତରକୁ ତୋ' ବୋବାଳି-ଜଣାଣ ପଶିବ ନାହିଁ ରେ । ତୋ' ମନ-ମୁନକୁ ଯଦି ତାଙ୍କ ବିଚଳ ବିକଳ ମନରେ ଭେଦାଇ ପାରିବୁ ତ ସେ ହେଲେ ଚିହ୍ନିକି ଗ୍ରହିଁବେ । ଖୁସି ନ ହୁଅନ୍ତୁ, ବିଗିଡ଼ି କରି ହେଲେ ବରଟାଏ ଫୋପାଡ଼ି ଦେବେ, ତୋ' ଗ୍ରହିଲା ବର ।

-କି' ବର ମାଗିବି ହରିଭାଇ ?

-ସେତକ ବି ବତାଇବାକୁ ପଡ଼ିବ ? ଗହନ ବିଦ୍ୟା ରେ ଆ'ନ୍ଦ । ପୋଥି-ପୁରାଣରେ ଲେଖା ନ ଥାଏ । କେଜାଣି ? ଦଇବ ଦୟାରୁ ସେ ବିଦ୍ୟା ଆପେ ଆସି ମୁଣ୍ଡରେ ପଶେ ।

-କହୁ ନ ?

-ମାଗିବୁ, ହେ ଠାକୁରେ, ଠକା-ଠକି ବିଦ୍ୟାରେ ମତେ ପାରଙ୍ଗମ କର ।

-ଛି, ମହାପାପ ।

-କିଏ ମନା କରୁଛି ? ଶୁଣିଛି, ସବୁ ଶାସ୍ତ୍ର ପୁରାଣରେ ସେକଥା ଲେଖା ହୋଇଛି । ପରକୁ ଚିତାକାଟିବ ନାହିଁ ବୋଲି ସବୁ ଧର୍ମର ସବୁ ବାବାମାନେ, ଆଉ ଯେଉଁମାନଙ୍କୁ ଆମେ ଭୋଟ ଦେଇ ଆମକୁ ଅଡ଼େଇ ବାଟକୁ ଆଣିବାକୁ ପାଞ୍ଚଣ ଧରାଇଛୁ, ସେମାନେ ସଭା ସମିତିମାନଙ୍କରେ ଆମକୁ ବୁଝାଉଛନ୍ତି ।

-ଶୁଣିଛି ହରିଭାଇ । ଚିତାକଟା ଫାଉମରାଙ୍କ ଦାଉରେ ଲୋକେ ଯେମିତି ଦୁଃଖ ଭୋଗନ୍ତି ସେ କଥା ସେମାନେ ବୁଝାନ୍ତି । କାନ୍ଦି ପକାନ୍ତି ହରିଭାଇ ।

-ଠିକ୍ । ସେମାନେ ଲୋକଙ୍କୁ ବୁଝାନ୍ତି ରେ, ନିଜକୁ ବୁଝାନ୍ତି ନାହିଁ । କାହିଁକି ଜାଣୁ ?

-କାହିଁକି ?

-ସେମାନେ ନିଜ କଥାର ମରମ ବୁଝନ୍ତି । ଠକି ଠକି ଠିକିଛନ୍ତି କି'ନା ! ଛାଡ଼ । ଏବେ ହେଲାଠଉଁ ବି, ଏ ଦୁନିଆରେ ଠକା-ଠକି ବେପାର ବଢ଼ି ଚାଲିଛି । ଯିଏ ଅଧିକ ପାରଙ୍ଗମ ତାର ହେଉଛି ଜିତାପଟ । ଦେଶ ଦେଶ ଭିତରେ, କୁଟୁମ୍ବ କୁଟୁମ୍ବ ଭିତରେ, ଆରେ ହେ, ଗେରସ୍ତ ଘରିଯା, ଭାଇ ଭାଇ ତ ଜାଣି, ବାପ-ପୁଅ ଭିତରେ । ଧରାପରା, ତଣ୍ଟି ଚିପାଚିପି । ତୁ ସେଇ ବର ମାଗ । ମାଧ ସାହୁକୁ ସାଧ୍ୟ କରି ପାରିବୁ ।

-ମୋ'ର ସେମିତିକା ବର ଦରକାର ନାହିଁ । କାଲିଠାରୁ ଆଉ ତା' କାମକୁ ଯିବି ନାହିଁ । ଦି' ଦିନର ମୂଲ ବୁଡ଼ିଲେ ବୁଡ଼ିବ ।

-ଭଲ । ସେଇଆ କର । ଛେଳିଛୁଆ ପରି ମ୍ୟାଉଁ ମ୍ୟାଉଁ ହୋଇ କାନ୍ଦିଲେ କି ଲାଭ ? ତୁ ମୋ' କାରଖାନାରେ କାମ କରିବୁ । ନୋହିଲେ, ଆଉ କେଉଁଠି ବୁଝିବା । ସେବତୀ ଦିଦିଙ୍କ ଉପରେ ଆମର ତିନି ଦିନର ମଜୁରି ବାକି । ସେଇଠୁ ମୁଁ ଫେରୁଛି । କାଲି ସଞ୍ଜରେ ସେ ଦେବେ । ତାଙ୍କ ପାଖରେ ବୁଡ଼ିବ ନାହିଁ । ପହରିଦିନ ସକାଳେ ଆସି ତୁ ନେଇଯିବୁ । ତୋ' ନକ୍ସା-କାମରେ ଖୁସି ହୋଇ ତାଙ୍କର ତତେ ବକ୍‌ସିସ୍ ଦେବାକୁ କହିଛନ୍ତି ।

ଆନନ୍ଦ ଦୀର୍ଘ-ଶ୍ୱାସ ଛାଡ଼ିଲା ।

ରଙ୍ଗଣୀ ଦୁଇ କପ୍ ଚା ନେଇ ପହଞ୍ଚିଲା । ଦିହେଁ ସେତକ ଶେଷ କଲେ । କପ୍-ସସର ନେଇ ରଙ୍ଗଣୀ ଫେରି ଯାଉଥିଲା, ହରି ତା'କୁ ଅଟକାଇଲେ । ଆନନ୍ଦକୁ ପଚାରିଲେ, ଟଙ୍କା ପାଇଁ ଆସିଥିଲୁ ? ଦୁଲାଳୀ ପାଖରେ କ'ଣ ଟଙ୍କା ନାହିଁ ?

-ସରି ଯାଇଥିବ । ପୋଷ୍ଟ-ଅଫିସକୁ ଯାଇ ଆଣିବାକୁ ତା' ବଳ ପାଉ ନାହିଁ । ବିଚରା ଖୁବ୍ କଷ୍ଟ ପାଇଲା । କିଛି ତୁଣ୍ଡକୁ ନେଲା ନାହିଁ । ଟିକିଏ ଭଲ ଅଛି ଯେ ବଳ ପାଉ ନାହିଁ ।

-କେତେ ଟଙ୍କା ହେଲେ ଚଳିବ ?

-ଦଶ-ପନ୍ଦର ଟଙ୍କା ଦେଇଥା ।

ହରି ରଙ୍ଗଣୀକୁ କହିଲେ, ଆଲୋ ମା, ତୁ ତୋ' ମା'ଙ୍କ ପାଖରୁ ମାଗି ଟଙ୍କା ଦଶଟି ଆଣି ପାରିବୁ ? ମୋ' ନାଁ କହିବୁ ।

-ମୋ' ପାଖରୁ ନେବ ଜେଜେ ?

-କେତେ ସୁଧ ?

-ସୁଧ ନେବି ନାହିଁ । ବକ୍‌ସିସ୍ ନେବି ।

-ହଉ ଯା ।

ରଙ୍ଗଣୀ ଖୁସି ହୋଇ ଚାଲିଗଲା ।

ହରି କହିଲେ, ଝିଅଟା ଏବଠାରୁ ପଇସା ଚିହ୍ନିଲାଣି । ମୋ'ଠାରୁ ବକ୍‌ସିସ୍ ନେଇ ନେଇ ସେ ତା'ର ପାର୍ଶ୍ୱ ବଢ଼ାଉଛି । ମୁଁ ଖୁବ୍ ଖୁସି । ଆଚ୍ଛା, ଦୁଲାଳୀ ବେମାର ପଡ଼ିଗଲା । ପିଲା ଦି'ଟା ହଇରାଣ ହେଉଥିବେ ? ତୁ ବି ?

-ସେ' କଥା କାହିଁକି ପଚାରୁଛ ? ଦି' ଦିନ ତଳେ ରାତିରେ ସେ ଏତେ ବ୍ୟସ୍ତ ହେଲା ଯେ—। ଖାଲି କହିଲା, ସେ ମରିଯିବ । ମୁଁ ଛାନିଆଁ ହେଲି । ଭାଗ୍ୟକୁ ପିଲା ଦି'ଟା ଶୋଇ ପଡ଼ିଥିଲେ । କ'ଣ ସପନ ଦେଖି ଚିର୍‌ଚିରେଇ ଉଠିଲା । ମୁଁ ତା' ପାଖରେ ବସିଥିଲି ।

-ଔଷଧ ?

-କବିରାଜଙ୍କ ଠାରୁ ଆଣି ଦେଇଥିଲି । ସେ ଡାକ୍ତରୀ ଔଷଧ ଖାଇବାକୁ ମନା କଲା । କହିଲା, ସେଗୁଡ଼ା ବିଷ । ଯାହାର ଯହିଁରେ ବିଶ୍ୱାସ ହରିଭାଇ । ସପନ ଦେଖିଲା ଯେ ସେମାନେ ଆସି ତା'କୁ ଭିଡ଼ା ଓଟାରା କରି ନେଇଯିବାକୁ ବସିଛନ୍ତି । ସେ ଛାଟି ପିଟି ହୋଇ ମତେ ଡାକ ଛାଡ଼ିଛି ।

-କେଉଁମାନେ ରେ ?

-ବୁଝି ପାରୁନ ? ଯେଉଁମାନଙ୍କୁ ଧରି ସେ ଆଗେ ସଂସାର ପାତିଥିଲା । ପୁଣି ଯେଉଁମାନେ ତା' ଏକୁଟିଆ ଚଳଣ ନିସାହାପଣର ସୁବିଧା ନେଇଥିଲେ । କିଏ ମଲାଣି, କିଏ କୁଆଡ଼େ ଗଲାଣି । ତଥାପି, ସପନରେ ଆସୁଛନ୍ତି । ତା' ଆତ୍ମାକୁ ଓଟାରି ନେବାକୁ ବସିଛନ୍ତି ।

ହରି ହସିବାକୁ ଲାଗିଲେ ।

ଆନନ୍ଦ କହିଲା, ତମେ ହସନା ହରିଭାଇ । ସେ ଯାହା କହିଲା ମୁଁ ତମ ଆଗରେ ପ୍ରକାଶ କଲି । ସେ ଛାଟି ପିଟି ହେଉଥିଲା । ମତେ ପୁଣି କହିଲା, ସେ ବଞ୍ଚିବ ନାହିଁ । ତା' ଆତ୍ମାକୁ ସେମାନେ କେଣ୍ଟା କେଣ୍ଟା କରି ଭିଣି ଓଟାରୁଛନ୍ତି ।

-କେମନ୍ତ ।

-ଭାବିଲି, ସେ ନିଶ୍ଚେ ମରିବ । ପିଲା ଦି'ଟାଙ୍କ ବୋଝ ମୋ' ମୁଣ୍ଡରେ ଲଦି ଦେଇଯିବ । ସେମାନେ କ'ଣ ମୋ'ର, ନା ତା'ର ? ଖାଲି ନାମ ଦୁଇଟି ଯାହା ମୋ'ର । କାହାଠାରୁ ଆଣି ପୋଷିବା, ପାଳିବା, ମଣିଷ କରିବାର ଦାୟିତ୍ୱ ତା'ର ।

-ସେତିକି, ହଇରେ ? ସେ ମରିବ ନାହିଁ । ତା' ବୋଝ ସେ ମୁଣ୍ଡାଇ ବଞ୍ଚି ରହିବ । ତା'କୁ ଖାଲି କହିବୁ, ମୁଁ କହିଛି ବୋଲି କହିବୁ, ତୁ ଓଲ୍ଲୁ ବି ଜାଣିଥା, ଯେଉଁମାନେ ସପନ୍‌ଉଛନ୍ତି, ସେମାନେ କେଉଁଠି ନାହାନ୍ତି । ଯିଏ ଯେଉଁଠି ଯଦି ଥିବେ, ବଞ୍ଚିଥିବେ, ସେମାନେ ତା' ପାଖ ପଶିବେ ନାହିଁ, କି ତୋ' ପାଖ ପଶିବେ-ନାହିଁ । ତମ ମନରେ ସେମାନେ ବସାବାନ୍ଧି ରହିଛନ୍ତି । ବସାଗୁଡ଼ା ଓଟାରି ପକାଅ, କିଏ କୁଆଡ଼େ ମନରୁ ଉଡ଼ି ପଳାଇବେ । ଆଉ କେବେ ତମ ପାଖ ପଶିବେ ନାହିଁ ।

-କହିଦେବି ।

ତୁ ବି ସେତକ ଜାଣିଥା । ହଇରେ, ତୁ କହିଲୁ ଯେ ସେ ପିଲା ଦୁଇଟିଙ୍କର ନାମ ଖାଲି ତୋ'ର, ଏହା କ'ଣ ସତ ? ଯେଉଁ ଗୁଲ୍-ଗଛ ମଣିଷ କାହାଠାରୁ ମାଗିଆଣେ, କିଣି ଆଣେ, ଅବା ଅନାବନା କାହୁଁ ଓପାଡ଼ି ଆଣି ବଗିଚାରେ ପୋତି ଯତ୍ନରେ ପାଳି ବଢ଼ାଏ, ସେ ଗଛ କାହାର ହୁଏ ରେ ଟାଇଆ ?

ଆନନ୍ଦ ଲାଜ ଲାଜ ହେଲା । ମୁଣ୍ଡ ଆଉଁସିଲା ।

ହରି କହିଲେ, ଅସଲ ହେଲା ସ୍ନେହ । ତୋ' ପିଲାଙ୍କୁ ତୁ ଯେମିତି ପାଳିଛୁ, ତାଙ୍କ ପାଇଁ ଜୀବନମୂର୍ଚ୍ଛା ଖଟୁଛୁ, ନ ଜାଣିଲା ଲୋକେ ଭୁଲ୍‌ରେ କେବେ ମନେ କରିବେ ନାହିଁ ଯେ—

-ଲାଜ ଦିଅନା ହରିଭାଇ, ପାଟିରୁ ଯାହା ଖସିଗଲା ସେଇଟା ମୋ' ମନର କଥା ନୁହେଁ । ମୁଁ ଏହା ବୁଝୁଛି । ତାଙ୍କରି ପାଇଁ ଜାଣ ମୁଁ ବଞ୍ଚିଛି । ଦୁଲାଳୀ ବି ।

-ଠିକ୍ । ଅନ୍ୟ କେହି ନ ଜାଣୁ, ମୁଁ ଜାଣେ । ମୁଁ ସେଇ ପିଲାଙ୍କର ସ୍ନେହ ତମ ଦୁହିଁଙ୍କୁ ବାନ୍ଧି ରଖିଛି । ନାଆଁରେ କି ଥାଏ ? ସେମିତି ନାଁ ସହସ୍ର ବାପ-ମା ଦେଇଥିବେ । ଡାକ୍ତର ଚିନ୍ତାମଣି ବି ଦେଇଛନ୍ତି । ମୁଁ ଭାବୁଛି, ତୋ' ପିଲାଙ୍କ ନାମ ଆଉ କ'ଣ ଦେଇଥିଲେ ତୋ' ବାଇଆପଣିଆଁ କେବଠାରୁ ଉଡ଼ି ଯାଇଥାନ୍ତା ।

ଆନନ୍ଦ ବଲବଲ କରି ହରିଙ୍କ ମୁହଁକୁ ଚାହିଁ ରହିଲା । ଛାତି ତଳେ ତା'ର କ'ଣ ହାଲୁହାଲୁ ହେଲା । ମୁହଁ ଖୋଲି ପାରିଲା ନାହିଁ । ରଙ୍ଗଣୀ ଆସୁଥିଲା । ତା'ରି ଆଡ଼କୁ ଚାହିଁ ସେ ଆଶ୍ୱସ୍ତ ହେଲା ।

ରଙ୍ଗଣୀଠାରୁ ଦଶଟଙ୍କା ନେଇ ହରି ଆନନ୍ଦକୁ ଦେଲେ । ସେ ଗୋଟିଏ ପୁଡ଼ା ଆଣିଥିଲା । ଆନନ୍ଦ ହାତକୁ ବଢ଼ାଇ କହିଲା, ମା' ଦେଇଛି, ଦୁଲାଳୀକୁ ଦେବ । ତା' ଦେହ ଭଲ ନାହିଁ ଶୁଣି ସେ କିଛି ବଡ଼ି, ଆଚାର, ପୁଞ୍ଜିଏ କାକର-ପିଠା ଦେଇଛି ।

-କେମନ୍ତ । ବାଃ, ତୁ ତା'କୁ କହିଲୁ ପରା ।

-କହିଲି ତ ।

-ଜରୁଆ ମଣିଷଟା କାକରା ଖାଇବ ?

-ନାଇଁ ମ ଅଜା, ତା' ପାଇଁ ଦେଇ ନାହିଁ । ସୋହାଗୀ ପାଇଁ ଦେଇଛି । ତା'କୁ କହିଲି, ସୋହାଗୀ ସ୍କୁଲକୁ ଯାଉ ନାହିଁ । ତା' ବଦଳ ତା' କଥା ପଚାରୁ-ଥିଲା । ସେବତୀ ଦିଦି ବି ପଚାରୁଥିଲେ ।

-ଆଚ୍ଛା । ତୁ ଯା ରଙ୍ଗଣୀ ।

ରଙ୍ଗଣୀ ଚାଲିଗଲା ।

ଆନନ୍ଦ ଯିବାକୁ ବାହାରିଲା । ହରି କହିଲେ, ଟିକିଏ ରହ । ମୁଁ ତତେ ପଦେ କହିବି ।

ଆନନ୍ଦ ଉଠୁ ଉଠୁ ବସି ପଡ଼ିଲା ।

ହରି କହିଲେ, ତୋ' ବାକିଆ ମଜୁରି, ଆଉ ମୋ' ମଜୁରି ଦିଦି କାଲି ସଞ୍ଜରେ ଦେବେ । ଡାକ୍ତର ତେ ' କାମରେ ଖୁସିହୋଇ ଯେଉଁ ଇନାମ ଦେବାକୁ କହିଛନ୍ତି, ସେତକ ଘର ପ୍ରତିଷ୍ଠା ଦିନ ସମସ୍ତଙ୍କ ଆଗରେ ନିଜେ ସେବତୀ ଦିଦି ତୋ'ତେ ଦେବେ । ଗଣ୍ୟମାନ୍ୟ ଦଶ-ପଚାଶ ଲୋକ ଦେଖିବେ । ତୋ'ର ପ୍ରଶଂସା କରିବେ ।

ଆନନ୍ଦ କହିଲା, ତମର ବସ୍‌ଦରେ ମୁଁ କାମ କରିଛି, ଧୀରେ ସୁସ୍ଥେ ମନଦେଇ କାମ କଲାରୁ ଅଧିକ ଦିନ ଖଟିଛି । ମ ଧ ମହାଜନ ପରି କେହି ମତେ ତାଗିଦା କରିନ ହିଁ । ସୁରୁଖୁରୁରେ ମୋ' ମୂଲ ମୁଁ ପାଉଛି । ତିନିଦିନର ପାଉଣା ମତେ ତମେ ଦେବ । ତମେ କାମ କରାଇଛ । ତମର ଇନାମ୍ ପାଉଛି । ମୋ'ର ନୁହେ ।

-ମୋ' ଇନାମ୍ ମୁଁ କାମ ଆରମ୍ଭରୁ ଆଦାୟ କରି ନେଇଛି । ମତେ ଦେଲେ ଦେବେ, ନ ଦେଲେ ନାହିଁ । ସେଥିକି ମୋ'ର ଦୁଃଖ ନାହିଁ । ଓଲୁଙ୍କ ପରି ଦେଲା ମାଲ ତୁ କାହିଁକି ଛାଡ଼ିବୁ ?

-କାହିଁକି କାହାର ଧାରୁଆ ରହିବି ?

-ଧାରୁଆ ରହିବୁ କାହିଁକି ? ଠାକୁରାଣୀମାନଙ୍କ ନକ୍ସାଗୁଡ଼ିକ ତୁ ଅବିକଳ ସେବତୀ ଦିଦିଙ୍କ ନମୁନାରେ କରିଛୁ । ଆଗ ଡାକ୍ତର ଚିହ୍ନିଲେ । ଆଶ୍ଚର୍ଯ୍ୟର କଥା, ପିଲା ଦିଓଟି ବି ଚିହ୍ନିଲେ । ମୁଁ ଗଧ ଏବଯାଏ ଜାଣିପାରି ନ ଥିଲି । ସେମାନେ କହିଲାରୁ ନିରେଖି ଦେଖିଲି । ମୁହଁ ଖୋଲିଲି ନାହିଁ । ଭାବିଲି, ସତେ ତ ।

ଆନନ୍ଦ ଟିକିଏ ଥକା-ବଗା ହୋଇ ବସି ରହିଲା । ହରିଙ୍କର ତୀକ୍ଷ୍ଣ-ଦୃଷ୍ଟି ତା'ର ଭାବନାକୁ ଭେଦିବାକୁ ଚେଷ୍ଟା କରୁଥିଲା । ଦୀର୍ଘଶ୍ୱାସ ଛାଡ଼ି ସେ କହିଲା, ମାଲିକାଣୀ-ମା ଯେବେ ଆସନ୍ତି, ତାଙ୍କ ସ୍ୱର ମୋ' କାନରେ ବାଜେ । ମୁଁ ଆଉମାନଙ୍କ ପରି ଠିଆହୋଇ ଥରେ ଚାହିଁ ଜୁହାର କରେ । ସେଇଠୁ ଆଖି ନୁଆଇଁ ବସେ । ମୋ' କାମରେ ମନଦିଏ । ତାଙ୍କୁ ନମୁନା କରିବି କେମିତି ?

-ତୁ ନିଜେ ଜାଣି ପାରିନାହୁଁ ।

-କେବେ ମିଳାଇ ଦେଖିବା କଥା ମୋ' ମନକୁ ଆସିନାହିଁ । ସବୁ ନକ୍ସାର ଧାରଣା ମୋ' ମନରୁ ବାହାରିଛି । ସେବତୀ ସେଇଠି ଛପିଥିଲା । ଦିନେ ସେ ମୋ'ର ଘରଣୀ ଥିଲା । ସେ ଏବେ ମୋ'ର ଅନ୍ନଦାତ୍ରୀ ମା' ହୋଇ ସାରିଛି । ଡାକ୍ତରଙ୍କ ଘରଣୀ । ଦି' ପିଲାଙ୍କ ଜନନୀ । ସେ ମୋ' ଆଖିରେ ଦେବୀ ପରିକା ।

-କେମନ୍ତ । ଆଜିଯାଏ ମତେ କହିନୁ ?

-ଯେବେ ସନ୍ଦେହରେ ପଡ଼ିଥିଲି କହୁଥିଲି, ସନ୍ଦେହ ତୁଟିଲା । କାହିଁକି କାହାକୁ ପଚାରନ୍ତି ?

-ଆନନ୍ଦ ।

-ହଁ, ହରିଭାଇ । ସେଇ ସେ ଥିଲା । ମନର କୋହ ଆପେ ଆପେ ନକ୍ସାରେ ବାହାରି ଆସିଲା । ମନ ମୋ'ର ଶୂନ୍ୟ ହେଲା । ସେ ଭଲରେ ସଂସାର କରୁଛି । ସ୍ୱାମୀ, ପୁଅ, ଝିଅ ଧରି ବେଶ୍ ସୁଖରେ ଅଛି । ମୁଁ ଭାରି ଖୁସି । ତା'ଠାରୁ ମୋ'ର କିଛି ପାଉଣା ବାକି ନାହିଁ । ମୋ' ପାଖରୁ ତା'ର ଯାହା ବାକି ଥିଲା, କ'ଣ ବୁଝିଲ ନା, ମୋ'ର କୋହଗୁଡ଼ିକ, ସେତକ ମୁଁ ଶୁଝି ଦେଇଛି । ଇନାମ୍ ଫିନାମ୍ ନେଇ ତା'ର ଧାରୁଆ ହେବି ନାହିଁ ।

ଆନନ୍ଦ ଏକା ନହସରେ ଏତେ କଥା କହି, ହରିମିସ୍ତ୍ରୀଙ୍କୁ ଅବାକ୍ କରି ଉଠି ଠିଆହେଲା । ହରି ବି ଉଠିଲେ । ସେ ବଲବଲ କରି ତା' ମୁହଁକୁ ଚାହିଁ ରହିଲେ । ମୁଣ୍ଡରେ ଅନ୍ୟ ଭାବନା ପଶୁ ନ ଥାଏ । ତାଙ୍କୁ ନିର୍ବାକ ଦେଖି ଆନନ୍ଦ କହିଲା, ଠକାଠକି ଫାଉମର ବିଦ୍ୟା ମୋ'ର ଲୋଡ଼ା ନାହିଁ । ମାଧ ସାହୁ ମହାଜନଙ୍କୁ ମୁଁ ଏଇଠି ଜୁହାର କରୁଛି ।

ହରି ପଚାରିଲେ, କାହିଁକି ରେ ?

-ସେ ମତେ ବୁଦ୍ଧି ଶିଖେଇଛନ୍ତି । ଦି' ଦିନର ମଜୁରି ତାଙ୍କୁ ଗୁରୁ-ଦକ୍ଷିଣା ଦେଲି । ଟିକିଏ ମଣ ହେଲି । ସେ ସିଆଡ଼େ, ମୁଁ ଇଆଡ଼େ ।

-କେମନ୍ତ ।

-ହଁ, ହରିଭାଇ । ସେ ସୁନାର ମୁକୁଟ ପିନ୍ଧି ସ୍ୱର୍ଗକୁ ଯାଉନ୍ତୁ । ମୁଁ ଯାଉଛି ହରିଭାଇ, ଦୁଲାଳୀ ବ୍ୟସ୍ତ ହେଉଥିବ । ପିଲା ଦିଓଟି ମତେ ଚାହିଁ ରହିଥିବେ ।

ଆନନ୍ଦ ମେଲାଣି ନେଲା ।

ଫାଟକ କିଳି ତହିଁରେ ତାଲା ପକାଉଣୁ ହରିମିସ୍ତ୍ରୀଙ୍କର ମନତଳେ ପଦଟିଏ ଶୁଣିଲା-ବାଣୀ ବାଜି ଉଠୁଥିଲା—'କେ କେତେ ବାନ୍ଧିନେଲେ ଗଣ୍ଠ ରେ ଧନ ରେ ।' କାନ୍ଦିଲା ସ୍ୱର । ଛାତି ଥରି ଉଠୁଥିଲା । ହୁଂ-କାର ଛାଡ଼ି ସେ ଫାଟକକୁ ଯୋର୍‌ରେ ଦୋହଲାଇ ପରୀକ୍ଷା କଲେ । ମୁହଁ ବୁଲାଇ ଦୃଢ଼ ପାଦରେ ଘର ଆଡ଼କୁ ଫେରୁଣୁ ଚାରିପାଦ ଯାଇ ଅଟକି ଠିଆ ହେଲେ । ନିଜକୁ ନିଜେ କହିଲେ—

-ରହରେ ହରିଆ । କୋଉ ନୂଆ କଥାଟାଏ ଜାଣିଲୁ ? କେହି କିଛି ସେ ପୁରକୁ ନେଇ ଯାଆନ୍ତି ନାହିଁ । ଜଣେଇ ଜଣା । ଜୀବ ଥିବାଯାଏ ସମସ୍ତଙ୍କର ମାୟା ଭଉଁରି ଖେଳ । ଦେହରେ ମନରେ ତାକତ୍ ଥିବାଯାଏ ସେ ଖେଳ ଖେଳୁଥା ହରିଆ, ତାକତରକିଆ । ମାୟା ଭଉଁରି କାଟି ଚାଲିଥା ଆଗେଇ, ହଁ । ହେ ହରିଆ, ସେଇଠି ସୁଖ । ସେଇଠି ଶାନ୍ତି । ଥକିଲେ, ଅଙ୍ଗସବୁ ଅଚଳ ହେଲେ, ଥାକିବୁ । ଭଉଁରି ମଝିରେ ଡୁବନ । ସେଇଠୁ କି' ହେବ, ତୋ'ର ଲଗା, ନା ପଘା ?

ଆତ୍ମା-ପୁରୁଷ ? ସବୁବେଳେ ସବୁଠେଇଁ ସେ ଭରି ରହିଛି । ଟିକିଏ ଥାନ ସେ ଫାଙ୍କା ରଖିନାହିଁ । ଭଳିକି ଭଳି ରୂପ ଗଢ଼ି ଦେଇଛି । ସେଥିରେ ଇସ୍ପ୍ରିଙ୍ଗ ଖଞ୍ଜି ଦେଇଛି । ଜୀବନ ରେ ବାଇଆ । ଆଉ, ସେଥିରେ ଦେଇଛି ପାଓ୍ୱାର୍, ବୋଇଲେ ମନ ।

ସେଇ ଆପେ ନଚଉଛି ତୋ' ଘଟକୁ । ଘଟଣାଗୁଡ଼ାକ ଛିଣ୍ଡାଡ଼ି ହୋଇ ପଡ଼ୁଛନ୍ତି । ଘଟ ଭାଙ୍ଗିଲେ ସ୍ପ୍ରିଙ୍ଗ ଅଚଳ । ପାଓ୍ୱାର ଉଭାନ । ଘଟଣାଗୁଡ଼ା ଆପେ ମିଶି ଏକାକାର ଆଉଆଉ ଘଟଣାମାନଙ୍କରେ । ଆତ୍ମା-ପୁରୁଷ ଯେଉଁଠି ସେଇଠି । ତୋ'ର କି ଥାଏ ? ଆଗେଇ ଯା' ହରିଆ, ମାୟା-ଭଉଁରିରେ ହାତଗୋଡ଼ ପିଟି ଭାସି ଯାଉଥା । ତୁଣ୍ଡରେ ଖାଲି ମାୟା-ମୁଁକାର । ଯନ୍ତ୍ର-ଚଳାର ଶବଦ—

ହରି ଘରଆଡ଼କୁ ଆଗେଇ ଯାଉଁଣୁ ଡାକ ଛାଡ଼ୁଥିଲେ—ଆଲୋ ରଙ୍ଗଣୀ, ରଙ୍ଗଣୀ ଲୋ !—

ନାମଗୁଡ଼ିକର ସାମଞ୍ଜସ୍ୟ ମନରେ କୁତୁହଳ ଜଗାଇଥିଲା । କିନ୍ତୁ, କେବେ ସନ୍ଦେହ ଆଣି ନଥିଲା ଯେ ତା'ର ଗେହ୍ଲା ଝିଅର ସହ-ପାଠିନୀଟି ଯେଉଁ ଆନନ୍ଦ ମିସ୍ତ୍ରୀଙ୍କର କନ୍ୟା, ସେ ହେଉଛନ୍ତି ତା'ର ଅତୀତ କାଳର ସ୍ୱାମୀ ।

ସୁନା ଖଡିକା ପରି ଝିଅ । ସୁନ୍ଦର । ଧୀରସ୍ଥିର । ବୁଦ୍ଧିମତୀ । ଅସୁନ୍ଦରୀ, ବୟସ୍କା ମୂଲିଆଣୀ ଧାଈଟିଏ ସେ ଦୁଲାଳୀ । ତା'ରି ପେଟରୁ ଜନମ । ତାଙ୍କରି ଗେଲବସରିଆ ଝିଅଟି ସୋହାଗିନୀ । ଖତ କୁଣ୍ଡରେ ଫୁଟିଲା ପଦ୍ମ । ତା' ତଳେ ପୁଅଟିଏ । ଚନ୍ଦନ ।

ଦୁର୍ନାମର ଅପମାନରୁ ରକ୍ଷା-ପାଇବାକୁ ସେ ମିଥ୍ୟା ରଟନାକୁ ସତ୍ୟ ବୋଲି ଗ୍ରହଣ କରିଥିଲା । ନିଜକୁ ବିଧବା ମଣିଥିଲା । ସେ କ'ଣ ସେଇଆ ଗ୍ରହିଁ ନ ଥିଲା ?

ମନ ତଳେ ଦିଓଟି ବିରୋଧୀ କାମନାର ସଂଘର୍ଷ ସେ ଅନୁଭବ କରୁଥିଲା ।—

ବଞ୍ଚିଥାଉ ସେ, ତା'ର ସେକାଳର ଦୋସର । କେଉଁଠି ଦୁଃଖ-ସୁଖରେ ସଂସାର ପାତିଥାଉ । ଅନ୍ତସ୍ସତ୍ତ୍ୱା ସେବତୀକୁ, ଆଉ ତା'ର ପ୍ରାଣରୁ ଅଧିକ ଝିଅ ସୋହାଗୀକୁ ଅଥଳ ଜଳର ପ୍ରଖର ପ୍ରବାହରେ ଭସି, ଜଳ-ଆବର୍ତ୍ତରେ ଚକା-ଭଉଁରୀ ଖେଳି ମରଣ-ଗର୍ଭକୁ ଓଟାରି ହୋଇ ଯାଇଥିବା ସେ ଘେନିଥାଉ । ଖାଲି ଚିହ୍ନିକା-ସପନ ଅଗ୍ନନକ ଦେଖି କେବେ ଆଖି ଖୋଲୁଥାଉ । ନୂଆ-ସର୍ଜନାର ଗୃହିଣୀ, ପୁଣି ତା'ର କୁଶୀଲବଙ୍କୁ ପାଖରେ ନିଦ୍ରିତ ନିରେଖି ସପନକୁ, ତା' ସଙ୍ଗେ ଅତୀତକୁ ବିସୋରି ଥାଉ ।

ସେଇଆ ଭଲ ।

ଭଲ ଯେ, ତା' ପରିକା ସରଳ, ସ୍ନେହର ଅବତାର, ଯିଏକି ତା'ର ସେବତୀକୁ ନିଜର ଜୀବନରୁ ଅଧିକ ମଣିଥିଲା, ସେ କ'ଣ ନୂଆ ସଂସାର କରିଥିବ ? ଘରବାରି, ଜମିବାଡ଼ି ଉପରେ ନୂଆ ଧ ର ଖୋଲିଥିଲା । ସବୁ ବାଲି-ପନ୍ତାର । ଡାକ୍ତର ଦେଖି-ଆସିଥିଲେ, ବାଲିଗଦାମାନ ଗଛ ପ୍ରମାଣେ ଠିଆ । ଗାଆଁର ଅସ୍ତିତ୍ୱ ନାହିଁ ।

କେଉଁଠି ନୂଆ ସଂସାର ପାତିବ ? ସମ୍ଭବ ନୁହେ । କାଳେ ଥିବ ତା'ର ସେବତୀ, ତା'ର ଝିଅଟି, ଏପରି ଆଶା ମନରେ ପୋଷି ଯଦି ସେ ଖୋଜି ବୁଲୁଥିବ ? ଅକସ୍ମାତ୍ ଭେଟ ହୋଇଯିବ ? ମିଛ ପ୍ରଗ୍ନର ପାଇଁ କାହାକୁ ସେବତୀ ମୁହଁ ଦେଖାଇ ପାରିବ ? ବରଂ, ଯେଉଁ ପ୍ରଗ୍ନରଟି ତା' ଜୀବନ ସଙ୍ଗେ ଡାକ୍ତରଙ୍କ ଜୀବନକୁ ଛନ୍ଦି ଦେଇଛି, ସେଇଟା ସତ ହୋଇଥାଉ । ସେ ଏ ପୁରରେ ନ ଥାଉ ।

'ହଁ-ନା'ର ସଂଘର୍ଷରେ ଛାତି ଥରି ଉଠୁଥିଲା ।

କାଳକ୍ରମେ ଏ ଦ୍ୱନ୍ଦ୍ୱର ପ୍ରଭାବ କ୍ଷୀଣରୁ କ୍ଷୀଣତର ହୋଇ ଲୋପ ହେଲା । ସ୍ୱାଭାବିକ ଜୀବନ-ଯାତ୍ରାର ଉହାଡ଼ରେ, ବହୁ ଦୂରରେ, ଅତୀତରେ ଲୀନ ହୋଇଗଲା ।

ସେବତୀର ଆଖି ଆଗରେ ସତ୍ୟ ଆଜି ନିଜ ରୂପରେ ଠିଆ ହୋଇଛି । ଆନନ୍ଦ ମିସ୍ତ୍ରୀଙ୍କର କୁତ୍ସିତ ବାହାର ରୂପ ଦେଖି ସେ ଚିହ୍ନନ୍ତା କିପରି ? ମୁହଁ, ତୁଣ୍ଡର ଭାଷା, ଚାଲିଚଳନ ସବୁ ବଦଳିଛି ।

ଏବଯାଏ ତାଙ୍କର ଭିତର ରୂପ ସେମିତି ରହିଛି । ବହୁବର୍ଷ ବିତି ଯାଇଥିଲେ ମଧ୍ୟ ତାଙ୍କର ସେକାଳର ସେବତୀକୁ ସେ ଅନ୍ତର ଭିତରେ ଛପାଇ ରଖିଛନ୍ତି । ନିହାଣ ମୁନରେ ରୂପ ଦେଇ ତା'ରି ଘରର କବାଟ-ପଟାରେ କେତେ ଦେବୀଙ୍କର ମୂର୍ତ୍ତି ରୂପରେ ଉଣ୍ଡ କରାଇଛନ୍ତି ?

ସେମାନେ ଚିହ୍ନି ପାରିଛନ୍ତି । ବାରମ୍ବାର ଦେଖି ପରଖି ସେ ନିଜେ ଜାଣିପାରୁ ନ ଥିଲା । ସୁନ୍ଦର ମୂର୍ତ୍ତିଗୁଡ଼ିକ ଦେଖି ସେ ମୁଗ୍‌ଧ ହୋଇଥିଲା । ନିଜ ରୂପର ପ୍ରତିଛବି, ଏ ଧାରଣା ମନକୁ ଆସନ୍ତା କାହିଁକି ?

ରାତି ଅଧ ହେଲାଣି । ପିଲା ଦିଓଟି ନିଜ-ନିଜର ପଲଙ୍କରେ ଶୋଇଛନ୍ତି । ଡାକ୍ତର ଆଜି ସହଳ ଫେରିଥିଲେ । ସେ ମଧ୍ୟ ତା'ଙ୍କ ପଲଙ୍କରେ ନିଶ୍ଚିନ୍ତରେ ଶୋଇ ଖରଶ୍ୱାସ ଛାଡ଼ିଛନ୍ତି ।

ସେବତୀର ଆଖି କଷା ପଡୁନାହିଁ । ଛଟପଟ ହେଉଛି ନିଜ ପଲଙ୍କରେ । ଶୋଇବା ଆଗରୁ ସେହି ଛବି-ମୂର୍ତ୍ତିଗୁଡ଼ିକ ସମ୍ବନ୍ଧରେ ତା'ଙ୍କ ସଙ୍ଗେ ଆଲୋଚନା ହୋଇଥିଲା । ସେ ନିଜେ ପ୍ରସଙ୍ଗଟି ଉଠାଇଥିଲା ।

-କେତେ କ୍ୟାଲେଣ୍ଡର୍ ତମ ପାଖକୁ ଆସେ । କେତେଥର ତମେ ନାରୀ-ଛବିକୁ ମୋତେ ଦେଖାଇ କହ ନାହିଁକି, ସେବତୀ, କେଡ଼େ ସୁନ୍ଦର ହୋଇଛି, ଦେଖ, ଅବିକଳ ତମ ମୁହଁ ପରି ଦିଶୁଛି ?

-ଦିଶେ ବୋଲି ତ କହେ ।

-ତମ ଆଖିରେ ମୋତେ ପୂରାଇ ରଖିଥାଅ । ସେଇଥିପାଇଁ ସେମିତି ଦିଶେ ।

-ଖାଲି ଆଖିରେ ନୁହେ, ମନରେ ବି । ତମେ ଭାରି ସୁନ୍ଦର, ସମସ୍ତେ ଏହା ଜାଣନ୍ତି ।

-ମୋ' ଅପାଙ୍କଠାରୁ ଅଧିକ ନୁହେ । ଭୁଲିଗଲଣି ?

-ଭୁଲିବି କିପରି ? ସେ ତମରି ରୂପରେ ମିଶି ଯାଇଛନ୍ତି । ତମକୁ ଦେଖିଲେ ମତେ ତାଙ୍କୁ ଦେଖିଲା ପରି ଲାଗେ ।

ସେବତୀ ନିଜ ଭିତରେ ଚମକି ଉଠିଥିଲା । କ୍ଷଣକର ନୀରବତା ଭିତରେ ତା' ମନକୁ ଆସିଥିଲା ଅଚିନ୍ତା ଭାବନା—ଡାକ୍ତରଙ୍କ ରୂପରେ ନ ହେଲେ ନାହିଁ, ପ୍ରେମରେ, ତା' ଧାରଣାରେ ଲୁଚି ରହିଥିଲା ସେକାଳର ସ୍ୱାମୀ । କେଜାଣି, ସେଇଥି ପାଇଁ, ପ୍ରଥମ ସନ୍ତାନଟି ତା'ର ପେଟରେ ରହିବା ଜାଣି ସୁମତୀ ଯେଉଁ ମିଥ୍ୟା ପ୍ରଚାର କରିଥିଲେ, ଟିକିଏ ଭୟମିଶା ଆନନ୍ଦ ତା' ଅନ୍ତରରେ ଜାଗିଥିଲା ।

ତା' ପରେ ? ସଂଯମର ଶୃଙ୍ଖଳା ହୁଗୁଳିଲା ପରେ ? ଦେହର କ୍ଷୁଧା ଯେବେ ତା'କୁ ଛଟପଟ କରିଥିଲା— ?

ସେବତୀ ଭାବିଲା, ଏ ବିଷୟରେ ଡାକ୍ତରଙ୍କ ସଙ୍ଗେ ଅଧିକ ଆଲୋଚନା ନିଷ୍ପ୍ରୟୋଜନ । ଟିକିଏ ଚିନ୍ତାକରି ସେ କହିଲା, ଘର ତୋଳାରେ ଯେଉଁ ମିସ୍ତ୍ରୀ-ମୂଲିଆମାନେ କାମ କରିଥିଲେ ସେମାନେ ସମସ୍ତେ ତାଙ୍କର ମୂଲ ପାଇଛନ୍ତି । ଯାହାର ଯାହା ବାକିଅଛି କାଲି ସବୁ ତୁଟାଇ ଦେବି ।

-ସେଇଆ କର ।

-କାହିଁକି ଜଣକୁ ଇନାମ୍ ଦିଆଯିବ ? ସେ ଭଲ କାରିଗର ହୋଇ ପାରନ୍ତି କିନ୍ତୁ, ଭାରି ମଠୁଆ । ତାଙ୍କର ମଠୁଆଗିରି ପାଇଁ ଅନର୍ଥକ ଗୁଡ଼ାଏ ଅଧିକା ମୂଲ ମତେ ଦେବାକୁ ପଡ଼ିଛି । ସେତିକି ତାଙ୍କର ମୋଫତ୍ ଇନାମ୍ ।

ଡାକ୍ତର ସନ୍ଦେହମିଶା କୌତୁହଳରେ ସେବତୀର ମୁହଁକୁ ଚାହିଁଲେ ।

ଆନନ୍ଦ ମିସ୍ତ୍ରୀଙ୍କର ପ୍ରକୃତ ପରିଚୟ ସେ ଚନ୍ଦନର ଜନ୍ମ ସମୟରୁ ପାଇ ସାରିଥିଲେ । ଦୁଲାଳୀ ଯାହା ସୁମତୀଙ୍କ ଆଗରେ କହେ ସେତକ ସେ ଡାକ୍ତରଙ୍କୁ ନିରେଳାରେ କହନ୍ତି ।—ବିଜ୍ଜିକୁଦ ଗାଁ, ବିନନ୍ଦ, ଆନନ୍ଦ, ସେବତୀ, ବନ୍ୟା, ତୋଫାନ, ଆନନ୍ଦର ଦୁର୍ଦ୍ଦଶା, ଦୁଲାଳୀ ଘରେ ଆଶ୍ରା, ସେମାନଙ୍କର ନୂଆ ସଂସାର—। ସୁମତୀ ଜାଣିଥିଲେ ଯେ ସେହି ସେବତୀ ଆଉ ତାଙ୍କର ମନଗଢ଼ା ଭଉଣୀ ସେବତୀ ଅଭିନ୍ନ । ସବୁ ଗୋପନ ରଖି ସେ ଚିରଦିନ ପାଇଁ ଆଖି ବୁଜିଥିଲେ ।

ଡାକ୍ତର ଭାବନ୍ତି—ସେବତୀ ହୁଏତ ସବୁ ଜାଣେ । ନ ଜାଣିବାର ଛଳନା କରେ । ସତ୍ୟ ପ୍ରକଟିତ ହେଲେ ଅଧିକ ନିନ୍ଦା, ସମାଲୋଚନା, ଅପମାନ ଛଡ଼ା କି ଲାଭ ମିଳିବ ? ଘଟିଲା ଘଟଣା ବାହୁଡ଼ିବ ନାହିଁ । ଜୀବନ ଅଶାନ୍ତ ହେବ । ପ୍ରହେଳୀର କୁହେଳି ଭିତରେ ବିଗତକୁ ବିରଡ଼ି ଦେଇ ନିଶ୍ଚିନ୍ତରେ ଆଗେଇ ଯିବା ବିବେକୀର ବିବେଚନା ସାର । କେଜାଣି, ସେବତୀ ଅଜ୍ଞାତ ଥିବ । ଆନନ୍ଦର ବିକୃତ ମୁହଁ, ନୂଆ ଜୀବନ, ମୂଲିଆଣୀର ସଂସାର, ତା' ମନରେ ପ୍ରଥମ ସ୍ୱାମୀର ଛାୟାପାତ କରି ନ ଥିବ ।

ଭାବନ୍ତି ଡାକ୍ତର—ଆନନ୍ଦର ଆଖି, କାନ, ବୁଦ୍ଧି, ବିବେକ, ସ୍ମରଣ-ଶକ୍ତି ଅତୁଟ ରହିଛି । ଚିହ୍ନିବାରେ, ଜାଣିବାରେ ତା'ର ଅସୁବିଧା ହୋଇ ନ ଥିବ । ନୂଆ-ସଂସାରକୁ ଖାଲି ସେ ଆପଣାର କରି ନାହିଁ, ସେ ତା'ର ସଂସାରକୁ ନିଜର ଉଦାରତାରେ, ସ୍ନେହ-ମମତାରେ, ନିବିଡ଼ ଭାବରେ ବାନ୍ଧି ରଖିଛି । କେତେଥର ସେ କ୍ଲିନିକ୍‌କୁ ଆସେ । ବ୍ୟାକୁଳ ହୋଇ ରୋଗୀର ଅବସ୍ଥା ବର୍ଣ୍ଣନା କରେ । ଔଷଧ ନିଏ । ପଇସା ଦେଇଯାଏ । ମନାକଲେ କହେ, ମାଗଣା ଔଷଧରେ ରୋଗ ଭଲ ହୁଏ ନାହିଁ । ପିଲାଟି ଭାରି କଷ୍ଟ ପାଉଛି ।

ସେହି ସରଳ, ସଚ୍ଚୋଟ, ସ୍ନେହୀ, ସୁଦକ୍ଷ ଶିଳ୍ପୀଟି ଆନନ୍ଦ । ଛାତି ତଳେ ଲୁଚାଇ ରଖିଥିବା ରୂପଟିକୁ ବିବିଧ ଭାବରେ ଆଙ୍କି ସଭିଙ୍କ ଅଜ୍ଞାତରେ ତା'ଙ୍କୁ ଉପହାର ଦେଇ ଯାଇଛି । ଗୋପନ-ମନର ଭାର ଓହ୍ଲାଇ ସେ ଶାନ୍ତି ପାଇଛି ?

ଅବା, ଏତକ ତାଙ୍କର ସନ୍ଦେହୀ ବିକୃତ ମନର ଖିଆଲ, ଆଖିକୁ ସେମିତି ଦେଖାଇଲା ? ଟିକିଏ ଭାବପ୍ରବଣ ହେବାରୁ ଅଜାଣତରେ ମନରେ ଛପିଲା-ଈର୍ଷା ତୁଣ୍ଡକୁ ଅତର୍କିତ-ଭାଷା ଆଣିଲା ? ସେ ଭାଷା ଶୁଣି ପିଲା ଦିହେଁ ସ୍ୱର ମିଳାଇଲେ ? ମିସ୍ତ୍ରୀ ଦିହେଁ ସମ୍ମତି ଜଣାଇଲେ ?

ସେଇଆ ହୋଇଥିବ । ଆକାଶର ଖସିଲା ବଉଦ, ଦୂର ପର୍ବତମାଳର ସ୍ଥିର ନୀଳ ଆକୃତି, କେଉଁ ମଇଳାକାନ୍ଥରେ ସମାବେଶିତ ଚିହ୍ନଗୁଡ଼ିକୁ ସୃଷ୍ଟି ରୂପର ଧାରଣା କରି ତୁଣ୍ଡ ଖୋଲିଲେ ଅନ୍ୟମାନଙ୍କ ଆଖିକୁ ବି ସେହି ରୂପ ଦିଶିଲା ପରି ଲାଗେ ।

ସେବତୀ କହିଲା, କ'ଣ ଏତେ ଭାବୁଛ ?

ଡାକ୍ତର ସାମାନ୍ୟ ହସିଲେ । କହିଲେ, ତମରି କଥା ବିଚାରୁଥିଲି । ଯାହା କହିଲ ସତ । ସୁନ୍ଦର ନକସାଗୁଡ଼ିକ ଦେଖି ମୁଁ ମୁଗ୍‌ଧ ହୋଇଥିଲି । ଆଗରୁ ଯେ ଆଖି ପକାଇ ନ ଥିଲି ତା' ନୁହେ । ନିବିଷ୍ଟ ହୋଇ ଦେଖିଲି, ଭାବପ୍ରବଣ ହେଲି । ଇନାମ୍ ଦେବା କଥା ତୁଣ୍ଡରୁ ଖସିଲା ।

ସେବତୀ କହିଲା, ତମ ବାକ୍ୟର ସମ୍ମାନ କ'ଣ ତମର ସ୍ତ୍ରୀ ତଳେ ପକାଇବ ଭାବିଛ ?

-ତେବେ ?

-ନରୁ, ହରି, ଆନନ୍ଦ, ନରୁଙ୍କର ସହକର୍ମୀ ଦୁଇଜଣ ସମସ୍ତଙ୍କୁ ଦିନ ଦିନକର ମଜୁରି ଅଧିକା ଦିଆଯିବ । ପକ୍ଷପାତ ବିଚାର କରିବା ନାହିଁ । କାହାରି ମନରେ ଦୁଃଖ ରହିବ ନାହିଁ । ଅଳ୍ପ ଖର୍ଚ୍ଚରେ କାମ ଉଠିଯିବ । କେତେ ଟଙ୍କା ଧାର୍ ଆଣିଲଣି ବିଚାର କର ।

ଡାକ୍ତର ଖୁସି ହୋଇ କହିଲେ, ଭଲ ବିବେଚନା । ତମେ ପକ୍‌କା ଘରଣୀ ହୋଇ ସାରିଛ । ତମର ସଂସାର କଥା ତମେ ବୁଝିବ ।

ପାଖ ପଲଙ୍କରୁ ତାଙ୍କର ନିଶ୍ଚିନ୍ତ ଗଭୀର ନିଦ୍ରାର ଆଭାସ ମିଳୁଛି । ସେ ଯେତେବେଳେ ଶୋଇବାକୁ ମନ କରି ବିଛଣା ଧରନ୍ତି, ଏହିପରି ନିଦ ତାଙ୍କୁ ଘୋଟି ଆସେ । ରାତିସାରା ଉଜାଗର ରହିବା ଆବଶ୍ୟକ ପଡ଼ିଲେ ତାଙ୍କ ପାଖରୁ ତନ୍ଦ୍ରା ଦୂରେଇ ରହେ । ଯେତେ ଗାଢ଼ ନିଦ ହୋଇଥାଉ, ଦିଓଟି ଡାକରେ ସେ ଉତ୍ତର ଦିଅନ୍ତି । ଉଠି ବସନ୍ତି ।

ବିଚିତ୍ର ମଣିଷ !

ତାଙ୍କ ସଙ୍ଗେ ହୋଇଥିବା ଆଲୋଚନାର ମର୍ମକୁ ସେ ମନରେ ଓଲଟାଉଥିଲା । ନିଜକୁ ନିଜେ ବାରମ୍ବାର ପଚାରୁଥିଲା, ଡାକ୍ତର ଦୁଲାଳାକୁ ବହୁ ବର୍ଷ ହେଲା ଜାଣନ୍ତି । ତା' କୁଟୁମ୍ବର ସମସ୍ତଙ୍କୁ ଔଷଧ ଦିଅନ୍ତି । ଆନନ୍ଦ ମିସ୍ତ୍ରୀ ତାଙ୍କର ଅପରିଚିତ ନୁହନ୍ତି । ଡାକ୍ତର କ'ଣ ମିସ୍ତ୍ରୀଙ୍କର ଆତ୍ମ-ଚରିତ୍ର ଆଗରୁ ଅବଗତ ହୋଇ ନ ଥିଲେ ? ଯାହାକୁ ମୃତ ବୋଲି ସୁମତୀଙ୍କ ଅନୁରୋଧରେ ପ୍ରଚାର କରିଥିଲେ, ସେ ଜୀବିତ, ଏହା କ'ଣ ସେ ଆଗରୁ ଜାଣି ନ ଥିଲେ, ଅବା ପରେ ଜାଣିଲେ ନାହିଁ ?

ହୁଏତ ସେ ଜାଣନ୍ତି । ଯେଉଁ ମିଥ୍ୟା ରଚନା ତାଙ୍କର ହତାଶିଆ ଭଙ୍ଗା-ସଂସାରକୁ ଗଢ଼ିଛି, ଜୀବନର କେଉଁ ଅନିଶ୍ଚିତ ଗତିକୁ ସ୍ୱାଭାବିକ କରିଛି, ସେ ମିଥ୍ୟାକୁ ସତ୍ୟ ବୋଲି ସମସ୍ତଙ୍କ ମନରେ ଧାରଣା ଦୃଢ଼ କରିବାକୁ ସେ ରଚନାକୁ କାହାରି ମନେ ପକାଇବାକୁ ଚାହୁଁ ନ ଥିଲେ ? ସନ୍ତାନ-ବ୍ୟାକୁଳା ସୁମତୀଙ୍କର ଆଶା ପୂରଣ କରିବାକୁ ଯେଉଁ ମିଥ୍ୟାର ଆଶ୍ରା ନେଇଥିଲେ ତାହା ସେ ପ୍ରକାଶ କରନ୍ତେ କିପରି ?

ତାଙ୍କର ମନର ନିଭୃତ କୋଣରେ ଦ୍ୱନ୍ଦ୍ୱ ଖେଳୁଥିଲା ? ଭାବପ୍ରବଣତା ଅସତର୍କ ନିଜଭୁଲା ମୁଗ୍‌ଧ ସମୟରେ ନକ୍‌ସା ଗୁଡ଼ିକର ସାମଞ୍ଜସ୍ୟ ତା' ମୁହୂର୍ତ୍ତରେ ସେ ଅନୁଭବ କଲେ, ପ୍ରକାଶ କଲେ ?

କେତେ ଦିନ ଯାଏ ଡିହ୍ରେଁ ଛକାପନ୍‌ଝା ଜୀବନ କଟାଉଥିବେ ?

ନା, ଆଉ ନୁହେ । ଅତୀତ ବାହୁଡ଼ିବ ନାହିଁ । ଯାହାଙ୍କୁ ଧରି ସେ ସଂସାର କରୁଛି, ଯିଏ ତା'ର ସର୍ବସ୍ୱ ହୋଇ ସାରିଛନ୍ତି, ତାଙ୍କର ମନତଳେ ସେ ସନ୍ଦେହର ଅନ୍ଧାର ରଖାଇ ଦେବ ନାହିଁ ।

ସେହି ମନକୁ ସେ ଆଲୋକିତ କରିବ । ନିର୍ମଳ କରିବ । ତା'ରି ଭିତରେ ସେ ନିଶ୍ଚିନ୍ତରେ ଆସନ ପାତିବ । ନିଜର ଦ୍ୱନ୍ଦ୍ୱମୁକ୍ତ ମନ ଭିତରକୁ ସେହି ନିଶ୍ଚିନ୍ତ-ମୂର୍ତ୍ତିକୁ ସେ ଓଟାରି ଆଣିବ । ଦୁଇଟି ଜୀବନ ପରି ଦୁଇଟି ମନର ନିବିଡ଼ ମିଳନ ସମ୍ଭବିବ ।

ନିଜର ସିଦ୍ଧାନ୍ତରେ ପୁଲକିତ ହୋଇ ସେବତୀ ମଶାରି ଭିତରେ ଉଠି ବସିଲା । ଟିକିଏ ଅପେକ୍ଷା କଲା । ମଶାରି ସାମାନ୍ୟ ଟେକି ଦୂରେଇ ପଡ଼ିଥିବା ପିଲା ଦୁଇଟିଙ୍କର ପଲଙ୍କ ଉପରେ ଦୃଷ୍ଟି ପକାଇଲା । କ୍ଷୀଣ ନୀଳ ଆଲୁଅରେ ସେ ଅନୁଭବ କଲା, ସେମାନେ ଗହନ ନିଦରେ ଶୋଇଛନ୍ତି । ନିଜର ମଶାରି ସଜାଡ଼ି, ପାଖ ପଲଙ୍କର ମଶାରି ଟେକିଲା । ମୁଣ୍ଡ ଗଳାଇ ନିଦ୍ରିତ ସ୍ୱାମୀଙ୍କର ଶୋଇଲା ମୁହଁକୁ ଚାହିଁଲା ।

ଭାବିଲା, ତା'ର ଦୁଇଟି ପିଲାଙ୍କର ଯେ ଜନକ, ସେ ପାଖରେ ଥାଇ ମଧ୍ୟ କେତେ ଦୂରରେ । ଆଖି ଛଳଛଳ ହେଲା । ବାଷ୍ପରୁଦ୍ଧ କଣ୍ଠରେ ଥରିଲା ସ୍ୱରରେ ଡାକିଲା, ଶୁଣୁଛ, ହଇହେ ।

ନିଦ ଭାଙ୍ଗିଲା ନାହିଁ ।

ସେବତୀ ତାଙ୍କର କପାଳ ଉପରେ କଅଁଳେଇ ଧୀରେ ଧୀରେ ଆଙ୍ଗୁଠି ସଂଚୁଳି ପୁଣି ଡାକିଲା, ଶୁଣୁଛ ?

ଡାକ୍ତର ଆଖି ଖୋଲିଲେ । ଅତୀତର ସବୁ ସପନ, ସବୁ ଅନୁଭବର କୁହେଳିଆ-ଉଛୁଳିଆ ସୁମରଣ ଯେଉଁ ମୁହୂର୍ତ୍ତଟିରେ ପ୍ରତିଫଳିତ, ତା'ଙ୍କୁ ସ୍ନେହିଲା ଦୃଷ୍ଟରେ ଚାହିଁଲେ । ମୁରୁକି ହସିଲେ ।

ସନ୍ଦେହର ଅନ୍ଧାର ଅପସରିଲା । ଦୁଇଟି ମନର ଲୁଚକାଲି ଖେଳ ଭାଙ୍ଗିଲା । ସଞ୍ଜ ସକାଳ ଦୁହିଙ୍କ ମନରେ ନୂଆ ପ୍ରତ୍ୟୟ ଜଗାଇଲା—ଗତକାଲିର ରାତିଟି ସେମାନଙ୍କର ହୋଇଥିଲା ବାସର-ରାତି । ଉଜ୍ଜଳ, ନିର୍ମଳ ନୂଆ-ଜୀବନର ଆବାହିକା ।

ସେମାନେ ଅନୁଭବ କଲେ ଯେ ପ୍ରେମର ନିର୍ଦ୍ଦିଷ୍ଟ ସୀମା ନାହିଁ । ତା' ପାଖରେ ବୟସର ଧାରଣା ପରାହତ । ଅତୀତ-ସ୍ମୃତି ସୁଖର ହେଉ, କି ଦୁଃଖର ହେଉ, ମନକୁ ଆମୋଦିତ, ଅବା ବିଷାଦିତ କରେ ସତ, ତା'ର ପ୍ରଭାବ ନିର୍ମଳ ନୀଳ ଆକାଶରେ ଭାସିଲା ବାଦଲ ପରି କ୍ଷଣସ୍ଥାୟୀ । ଆନନ୍ଦର ସ୍ମୃତି ସେବତୀ ମନରେ ଓ ସୁମତୀଙ୍କର ସ୍ମୃତି ଦୁହିଁଙ୍କ ମନରେ ଭସା-ବଉଦର ପ୍ରଭାବ ପକାଇବ ।

ସେବତୀ ଭାବିଲା, ନ ପକାଇବ କିପରି ? ତା'ର ସୋହାଗିନୀ, ତା'ର ଚନ୍ଦନ ଆନନ୍ଦ ମହାପାତ୍ରଙ୍କର ସ୍ମରଣରୁ ଜନ୍ମ । ସେ ତାଙ୍କର ଗର୍ଭଧାରିଣୀ ହେଲେ ବି ସୁମତୀଙ୍କର ବ୍ୟାକୁଳ-କାମନାର ଫଳ । ସ୍ମୃତିକୁ ଜୀବ ଥିବାଯାଏ ଅତି ସ୍ୱାଭାବିକ ବୋଲି ଗ୍ରହଣ କରିବାକୁ ପଡ଼ିବ । ସେ ଅପରାଜିତା । ସେ ନମସ୍ୟା ।

ଡାକ୍ତର କ୍ଲିନିକ୍‌କୁ ବାହାରିଲେ । ଦେହ ଅସୁସ୍ଥ ବାହାନାରେ ସ୍କୁଲକୁ ନ ଯାଇ ଘରେ ରହିବାକୁ ସେବତୀ ସ୍ଥିର କଲା । ସୋହାଗୀକୁ ଡାକ୍ତର ସଙ୍ଗରେ ନେଇ ଯିବେ । ଯଥା ସମୟରେ ପୁଣି ବିଦ୍ୟାଳୟରୁ ଘରକୁ ଆଣିବେ । ଚନ୍ଦନ ପାଖରେ ରହିବ । ଭୋବନି ଘର କାମ ସାରି ନରୁ ମିସ୍ତ୍ରୀଙ୍କୁ ଡାକି ଆଣିବ । ନୂଆ ଘରକୁ ଯିବା ସମ୍ବନ୍ଧରେ ଯାହା ସ୍ଥିର ହେଉଗଲା ନରୁ ମିସ୍ତ୍ରୀଙ୍କ ସାହାଯ୍ୟରେ ତାହା ସୁରୁଖୁରୁରେ ହୋଇ ପାରିବ । ଅଧିକ ଆଡ଼ିବିଧିର ପ୍ରୟୋଜନ ନାହିଁ । ଅନର୍ଥକ ଭଡ଼ା ଗଣିବା ଆବଶ୍ୟକ ନାହିଁ ।

ଦି' ପହର ।

ଚନ୍ଦନ ଶୋଇ ପଡ଼ିଛି । ନରୁ ମିସ୍ତ୍ରୀଙ୍କୁ ଖୋଜି ନ ପାଇବାରୁ ଭୋବନି ଫେରି ଆସିଥିଲା । ମଧ୍ୟାହ୍ନ ଭୋଜନ କ୍ଲିନିକ୍‌କୁ ପଠାଇବାକୁ ଡାକ୍ତର ଖବର ପଠାଇ-ଥିଲେ । ଆଜି ବହୁତ ରୋଗୀଙ୍କର ଭିଡ଼ । ସମସ୍ତଙ୍କର କଥା ବୁଝି, ଔଷଧ ଦେଇ ଫେରିବାକୁ ସମୟ ଲାଗିବ । ଭୋବନି ହାତରେ ସେବତୀ ମଧ୍ୟାହ୍ନ ଭୋଜନ ପଠାଇ ଦେଇଛି । ବସା ଘରଟି ଆଜି କାହିଁକି ନିଛାଟିଆ ଲାଗୁଛି ।

ନିରବ ପରିବେଶ ସବୁ ଉତ୍ସାହ, ଆନନ୍ଦ ଓ ଭବିଷ୍ୟ ଯୋଜନାକୁ କେଜାଣି କାହିଁକି ଥରାଇ ଦେଉଛି । ମନରେ କାରୁଣ୍ୟ । ଭାବୁଛି, ଦୁଃଖ ଓ ନିର୍ଯ୍ୟାତନା ଭିତରେ ତାରୁଣ୍ୟ କଟିଥିଲା । ସବୁ ଅଭାବ ଅସୁବିଧା ସତ୍ତ୍ୱେ ଆଦ୍ୟ-ଯୌବନ ସୁଖରେ

ବିତିଲା । ଦେବତା ପରି ଶ୍ୱଶୁର । ବାପର ସ୍ନେହ ସେ ଜାଣି ନଥିଲା । ପାଇଥିଲା ତାଙ୍କରି ପାଖରୁ । ମାଆଠୁ ବଳି ସ୍ନେହୀ ଶାଶୁ । ପ୍ରେମର ଅବତାର ସ୍ୱାମୀ । ପ୍ରାଣାଧିକା କନ୍ୟା ସୋହାଗିନୀ ।

ବହୁ କଷ୍ଟରେ ଅଳ୍ପ ଅଳ୍ପ ସଞ୍ଚୟ କରି ଶାଶୁ ନିଜ ବେକ ପାଇଁ ସୁନାର ହାରଟିଏ ଗଢ଼ାଇଥିଲେ । କାନ ପାଇଁ ଦିଓଟି ଫୁଲ । ନାକ ପାଇଁ ବସଣି । ବେକରୁ କାଢ଼ି ହାରଟିକୁ ତାଙ୍କ ପୁଅକୁ ଦେଇଥିଲେ । କହିଲେ, ବାବୁରେ, ୟାକୁ ଭଙ୍ଗାଇ ବଣିଆ ଦୋକାନରେ କଣ୍ଠିମାଳିଆ ହାର କରାଇ ଆଣିବୁ । ପଦକଟିଏ ଥିବ । ରାଧାକୃଷ୍ଣ ପଦକ ।

ସେଇଆ କରା ହୋଇଥିଲା । ନିଜେ ଶାଶୁ ସେହି ହାରଟିକୁ ସେବତୀକୁ ପିନ୍ଧାଇ ଦେଇଥିଲେ । ଦୁଇଭରି ହେବ । ଏ ଘରେ ଆଶ୍ରା ନେବାର କେତେଦିନ ପରେ ସୁମତୀ ତାଙ୍କର ସୁନ୍ଦର ହାରଟିଏ ତା'କୁ ପିନ୍ଧାଇ ଦେଇଥିଲେ । ନିରସା ସୁନାରେ ଗଢ଼ା ପୁରୁଣା ହାରକୁ ତା' ହାତରେ ଦେଇ କହିଥିଲେ, ରଖିଥା ଭଉଣୀ । ତୋ' ଶାଶୁର ସନ୍ତକ । ଅମୂଲ ମୂଲ ।

ସତେ, ଅମୂଲ-ମୂଲ । ସାଇତି ରଖିଥିଲା । ଆଜି ନିରୋଳାରେ କାଢ଼ି ଟେବୁଲ୍ ଉପରେ ରଖିଛି । ତା'ରି ପଢ଼ା ଘରେ । ଭଲିଭଲିକା ଆଧୁନିକ ଡିଜାଇନ୍‌ର ଗହଣା ସୁମତୀ ତା'ପାଇଁ ଛାଡ଼ି ଯାଇଥିଲେ । ନିଜେ ବି କିଛି କରିଛି । ଏଇଟିର କି ପ୍ରୟୋଜନ ? ଛାତି-ଥରା ଗତ ଜୀବନର ସବୁ ସ୍ମୃତି ଏଥିରେ ଭେଦି ରହିଛି । ସେ ତ ଆଉ ମହାପାତ୍ର ଘରର ସେରନ୍ତା ବୋହୂ ନୁହେଁ ?

ସେ ସାହୁ ଘରର ବୋହୂ । ଏ ଘରେ ସେ ପନ୍ଦର ବର୍ଷରୁ ଅଧିକ କାଳ କଟାଇଲାଣି । ଯୌବନର ସୀମାରେଖା ଜଳଜଳ ହୋଇ ଆଖିକୁ ଦିଶୁଛି । ହାତ ପାହାନ୍ତିରେ । ସେ ପ୍ରୌଢ଼ା । ବୟସ ଆଉ ପଛକୁ ଫେରିବ ନାହିଁ । ଜୀବନର ଆବର୍ତ୍ତରେ ଭସି ଯାଉଥିବ । ନିଦାନ ବିନ୍ଦୁର ଅଥଳ ତଳକୁ ଆଗେଇ ଯାଉଥିବ । କାହିଁକି ସେକାଳ-ସ୍ମୃତିର ଜୀବନ୍ତ ପ୍ରତୀକ ରଖି ପଛକୁ ଚାହିଁବ ?

ହାରଟିକୁ ସେ ହାତରେ ଟେକିଲା । ପଦକ ଉପରେ ଥିବା ଯୁଗଳ-ମୂର୍ତ୍ତିକୁ ଚାହିଁଲା । ସେ ବିଚାରିଲା, ବିନନ୍ଦ ମହାପାତ୍ରଙ୍କର ଏକୋଇରବଳା ଆନନ୍ଦ ମାହାପାତ୍ରଙ୍କୁ ଆପଦ କାଳରେ ଦୁଲାଳୀ ସାହା ହୋଇଥିଲା । ନିଜକୁ ଅରପି ତାଙ୍କ ପାଇଁ ନୂଆ ସଂସାର ଗଢ଼ିଦେଲା । ହଜିଲା ସନ୍ତାନଙ୍କୁ ତାଙ୍କ କୋଳରେ ଥାପି ମାୟାର ଡୋରରେ ବାନ୍ଧି ପାରିଲା । ସେହି ଦୁଲାଳୀ ଯେ ମହାପାତ୍ର ଘରର ବୋହୂ । ତା'ରି ବେକରେ ଝୁଲିଲେ ଏଇ ହାରଟିର ଶୋଭା ବଢ଼ିବ । ସେ ରଣମୁକ୍ତ ହେବ ।

ନିଜ ବିଚାରରେ ସେ ଉଲ୍ଲସିତ ହେଲା ।

ସଞ୍ଜବୁଡ଼େ—

ଘର ଲେଉଟାଣି ହରିମିସ୍ତ୍ରୀ ମନେ ମନେ ଗୁଣି ହେଉଥିଲେ—

ଦିନକର ଅଧିକା ମଜୁରି ସମସ୍ତଙ୍କୁ ମିଳିଲା । ସମସ୍ତେ ବୋଇଲେ ମୋଟେ ପାଞ୍ଚଜଣ । ସେଥିରେ ପାତର ଅନ୍ତର ନାହିଁ । ସେବତୀ ଦିଦି ଯାହା କହିଲେ ସତ । ସମସ୍ତେ ଖଟିଛନ୍ତି । ସେ ପୁଣି ଜଣାଇଁ ଦେଲେ, ମୂଲିଆମାନେ କିଏ କେତେଦିନ ଆସି ଅନ୍ୟଆଡ଼େ ଚାଲି ଯାଇଛନ୍ତି । ତାଙ୍କ କଥା ବିଚାରକୁ ନିଆ ହେବ ନାହିଁ ।

ଯାହା ସେ କହିଲେ ଓ୍ୱାଜିବ୍ କଥା । ହରିଲୁଟ୍ ପଡ଼ିନାହିଁ । ଯେତେ ଧନୀ ହେଉ, ବାଉଁଶକୁ ଚାହିଁ ପୋଲ । ଶକ୍ୟକୁ ଅନାଇଁ ଘର । ପଚିଶିରେ ମୁଣ୍ଡି ମାରିବି ଯିଏ ଭାବିଥାଏ, ଶେଷକୁ ଦେଖେ ପଚାଶ ଟପିଛି । ତଥାପି ମନରେ ଶାନ୍ତି ନଥାଏ । ଚାହିଁଲେ, ଆଖିକୁ ଦିଶେ କେତେ କାମ ଅଧୁରି ବାକି ରହିଛି ।

ଗୁଡ଼ଘରର ପିମ୍ପୁଡ଼ି ଖିଆରେ ଶେଷ । ଆଉ କାଜ ନଥାଏ । ହାଲକ ଶୁଖେ । ଆପେ ଆପଣାକୁ ପ୍ରବୋଧନା ଦିଏ—ହ, ଏଇତ ବାକି, ଆଇନ୍ଦାକୁ ହେବ । ଯିଏ ରହିଲା, ରହିଲାରେ ଧନ । ଆଇନ୍ଦା ଆଗକୁ ନ ଆସେ । ପଦ୍ମ ଘୂର୍ଣ୍ଣି ଘୂର୍ଣ୍ଣି ଯାଉଥାଏ । ରାବଣ ରଜାର ସରଗକୁ ନିଶୁଣି ଗଢ଼ା । ଯେ ହେଲା ଘରଢୋକା ବେଭାର ।

ହରିମିସ୍ତ୍ରୀ ଆପେ କୁରୁଳି ଉଠୁଥିଲେ । ଡାକ୍ତର ଆଉ ସେବତୀ ଦିଦିଙ୍କ ଆଖିରେ କେତେ ଟିକିଟିକି ବାକିଆ କାମ ଦିଶି ଯାଉଥିଲା । କାଠ-କାମରେ ବି ଗଳତି । କ୍ଷୀର ଡାଟିଆରେ ମାଛି ନୁହେ ଯେ ଭାସିଲା ପିମ୍ପୁଡ଼ି ।

ଦୋଷ ନ ବାଛିଲେ ମଣିଷର ବଡ଼ପଣିଆଁ ସବୁଜାଣପଣ ରହେ ନାହିଁ ରେ ହରିଆ । ଶହ-ସହସ୍ର ଦେଖିଲୁ, ଏଇଟା କି ନୂଆ କଥା ? ସବୁ ଖୁଣାଖୁଣିର ସହଜ ଜବାବ ହସହସ ମୁଣ୍ଡହଲା । ସେଥିରେ ତୁ କାର୍ପଣ୍ୟ କରିନୁ ।

ମରମ ସେଇ ଖୁଣ-ବଛାଣରେ ନ ଥିଲା । ଇନାମ୍ ଦେବା କଥା ବାଏଁବାଏଁ ଉଡ଼ାଇ ଦେବା ହେଲା ମତଲବ । ସେଇ ବଚନ ଗେରସ୍ତ-ଭାରିଯା କାହାରି ତୁଣ୍ଡରୁ ବାହାରି ନ ଥିଲା । ଦୋବେଇ ବରକୁ ଦୋବେଇ କନିଆ । ଏକା ମନ ଏକା କଥା । ବଢ଼ା-ବୟସ ଡାକ୍ତରଙ୍କୁ ନୁଆଇଁ ଥିବ । ଦିଦିଙ୍କ ମନାକୁ ସେ ନା କରି ପାରି ନଥିବେ । ସେଥିପାଇଁ ଦିନକର ଅଧିକା ମଜୁରି ।

ହରିମିସ୍ତ୍ରୀ ମନକୁ ମନ ହସିଉଠିଲେ । ଭାବିଲେ, ସିହାଣପଣ ଜଣାପଡ଼ିଲା ଲୋ ମା । କହୁ କହୁ ଡାକ୍ତରଙ୍କ ତୁଣ୍ଡରୁ ପ୍ରଶଂସା ବାହାରି ପଡ଼ିଥିଲା, ପୁଣି ଆ'ନ୍ଦକୁ ଇନାମ ଦେବା ବଚନ । ଲୁଚିନାହଁ ତ, ଆଖିବୁଜି ତମେ ସଭିଏଁ କ୍ଷୀରୀ ଚାଟୁଛ । ସମସ୍ତେ ଦେଖୁଛନ୍ତି । ତମେ ଜାଣୁଛ । ଲୋକଙ୍କ ଆଗରେ ଜାଣିଜାଣି ଅଜାଣ ରହିବାକୁ ଫିକର୍ କରିଛ । କେମିତି ମୁଣ୍ଡ ଟେକି ଛାତି ଫୁଲାଇ ଚାଲନ୍ତ ?

ହଁ, ସେଇଥି ପାଇଁ, ଘର ପ୍ରତିଷ୍ଠା ଦିନ ବନ୍ଧୁ-ବାନ୍ଧବ ନିମନ୍ତ୍ରଣ କଥା ନାକଚ କଲ । ଆଉ କାହିଲ, ଲୋକେ ଉପାସ ଭୋକରେ ବେଳ କଟାଉଛନ୍ତି, ଆଡ଼ମ୍ବରରେ ଖାଇବା ଚିଜ ଲୋକସାନ କରିବା ଉଚିତ ନୁହେ । କେମିତି ଲୋକସାନ ? ଏଠି ଖାଇଲେ, ତାଙ୍କମାନଙ୍କ ଘରେ ବଞ୍ଚନ୍ତା । ହରିଆ ନରୁଆ ଗମାର ନୁହନ୍ତି ।

ମଝିରେ ଦିନ ସାତଟା ବାକି । ସତର ତାରିଖ, ବୁଧବାର ଶୁକ୍ଳପକ୍ଷ ନବମୀ ଦିନ ଘରପ୍ରତିଷ୍ଠା । ବାଞ୍ଛୁ ପୁରୋହିତେ ସେ କାମ ତୁଲାଇବେ । କର୍ମୀମାନେ ପତର ପକାଇବେ । ଆନନ୍ଦକୁ ମିଶାଇ ପଞ୍ଚ ମିସ୍ତ୍ରୀ, ସାତ ଆଠ ଜଣ ମୂଲିଆ । ବେଶ୍, ଅଳପ ଖରଚ । ନରୁଙ୍କର ଲୁଗା ଯୋଡ଼ ପାଇବା କଥା । କିନ୍ତୁ, ନିଜେ ଦିଦି କହିଲେ, ତମେ ବି ପାଇବ ହରିମିସ୍ତ୍ରୀ । ସେଦିନ ଟିକିଏ ଆସି ସାହାଯ୍ୟ କରିବ । ହରିମିସ୍ତ୍ରୀ ହଁ ଭରିଥିଲେ ।

ଶୁଖିଲାରେ ବାଳିଆ । କିଏ ଛାଡ଼େ ? ଆନନ୍ଦର ନାଁ ସେ ତୁଣ୍ଡରେ ଧରି ନ ଥିଲେ ।

ହରି ସ୍ଥିରକଲେ, ଘଡ଼ି ଅଧିକ ହୋଇ ନାହିଁ । ଆନନ୍ଦ ଘରେ ମୁହଁ ମାରି ଯିବେ । ବିଚରା ଅର୍ଥ ଅଭାବରୁ ହଇରାଣ ହେଉଛି । ତା' ପାଉଣା ତାଙ୍କୁ ଦେବେ । ମାଧ କାନ୍ତରଟିଠାରୁ ଆଦାୟ କରିଲା ପାଉଣା ବି ଦେବେ । ନିଜେ ଦେଇଥିବା ଧାର ଟଙ୍କା ଫେରାଇ ଆଣିବେ ।

ହରି ମୁଣ୍ଡ ହଲାଇଲେ । ଦୋହଲି ଦୋହଲି ଚାଲିଲେ । ମାଧ ସାହୁଙ୍କୁ ସୁମରଣା କରି କହିଲେ, ଆରେ ରେ ତିନିପତିଆ ଯୁଆଡ଼ୀ, କଳାବେପାରୀ ମାଧୋଇ ଭାଇ, ସବୁ କଥାକୁ ହୋଇ ହୋଇ, କାମ ବେଳକୁ ନାଇଁ ନାଇଁ, ଏତେ ଦିନକେ ଜ୍ଞାନ ଶିଖିଲୁ । ତୋ' ଚୁଟିକୁ ଆ'ନ୍ଦକୁ ଧରାଇ ଦେବି । ଶିଆଳ ବୁଦ୍ଧି କରି ତୋ' ମହିମା ଗାଇଲି । ହାତଯୋଡ଼ି ଆଜ୍ଞା ଆଜ୍ଞା ହେଲି । ଆ'ନ୍ଦ ବିଚ୍ଛଣାଲାଗି କହି ଦି'ଦିନର ନୁହେ ତିନି ଦିନର ମଜୁରି ତା' ଝଣ୍ଟରୁ ଝଡ଼ାଇ ଆଣିଲି ।

ଦି'ପହର ସେଇଠି କଟିଲା ରେ ଆନନ୍ଦ । ଚାରିଘଣ୍ଟା ବେକାରି ଗଲା । ଯାଉ । ଝଙ୍କ ରହିଲା । ଆଉ ଦିନଟିଏ କାମ କରିବାକୁ ସେ କାଉ ପାଖକୁ ଗଲେ ଯିବୁ ନ ଗଲେ ନାହିଁ । ନେ' ସେ ଟଙ୍କା । ମିଛ ସାଙ୍ଗକୁ ଟେକାଟେକି ଖୁସାମଦ କାମ ଦିଏ କି ନାହିଁ, ତୁ ସମଜ୍ । ମନ୍ତ୍ର ହେଲା, ଯେସାକୁ ତେସା ।

ଆରେ ବାବୁ, ଉପାୟ ହେଲା, ଗଧ ପାଦ ଧର । ଆଗ ଚରଣେ ଶରଣ । ସେଇଠୁ ବାଗ ଭଣ୍ଡି ଚୁଟିରେ ମୁଠି । କ'ଣ ବୁଝିଲୁରେ ଆନନ୍ଦ ?

ହରି ଚିହିକି ଚାହିଁଲେ । ଆନନ୍ଦ କାହିଁ ? ସେ ତା'ରି ଘର ଆଗରେ ପହଞ୍ଚି ସାରିଲେଣି । ଦାଣ୍ଡ ପାଖ ଝରକାବାଟେ ଆଲୁଅର ଆଭାସ ଆସୁଛି । ସେମାନେ ଶୋଇ ନ ଥିବେ । ପାଖରେ ଆନନ୍ଦ ନାହିଁ । କେହି ନାହାନ୍ତି । ରାସ୍ତାରେ ଯାନ ବାହାନ । ଫୁଟ୍‌ପାଥ୍‌ରେ ଲୋକ ଗହଳି । ତାଙ୍କରି ଗହଣରେ ତାଙ୍କର ଦେହଟି ବେଗି ବେଗି ଚାଲୁଥିଲା । ମନଟି ଚାଁଖାଡ଼ିଆ ଦେଇ କାହିଁ କାହିଁ ଭ୍ରମୁଥିଲା । ଘଟିଥିଲା ଘଟଣା ପାଖରେ ଭଉଁରି ଦେଉଥିଲା । ଭବିଷ୍ୟକୁ ଡର୍ଙ୍କ ମାରୁଥିଲା । ଅଜାଣତରେ ଆନନ୍ଦକୁ ଓଟାରି ଆଣି ନିଜର ବଡ଼ିମା ବଖାଣୁଥିଲା । ଉପରେ ପଡ଼ି ଉପଦେଶ ଉଗାରୁଥିଲା ।

କିଏ ଶୁଣୁଛି ରେ କାଉ-ସିହାଣିଆ ଅଲାଜୁକ ହରିଆ ? ଯେଝା ବେପାର ସିଏ ବୁଝିବାର ବୁଝୁ । ଗଲୁ ଆଇଲୁ, ଯାହା ଦେଖିଲୁ, ଯାହା ଶୁଣିଲୁ, ସେଥିରୁ ଯେତିକି

ଲୋଡ଼ା ସେତିକି କହିଲୁ । ଏଇ ଥରକ, ଶେଷ ଥରକ ତୋ' ମନକୁ କାନବାଟେ ଚେତାଇ ଦେ, ହୁଁ । ଆଉ ଦିନେ ନୁହେଁ—

ହରି କାନ ମୋଡ଼ି ହେଲେ । ପିଣ୍ଡା ଉପରକୁ ଉଠିଲେ । ବାହାର କବାଟର ଜଞ୍ଜିର ଧୀରେ ବାଡ଼େଇ ଡାକ ଛାଡ଼ିଲେ, ଆନନ୍ଦ, ଆରେ ଆ'ନ୍ଦ ।

ଭିତରୁ ଆନନ୍ଦ ଜବାବ ଦେଲା, ହରିଭାଇ !

କବାଟ ଖୋଲିଲା ।

ମଙ୍ଗଳବାର । ଶୁକ୍ଳପକ୍ଷ ଅଷ୍ଟମୀ । ରାତି ଦି' ଘଡ଼ି । ବିଜୁଳି ଆଲୁଅର ଆଭାରେ ଜହ୍ନଆଲୁଅର ଆଭା ସରା ହରାଇଥାଏ । ହରିମିସ୍ତ୍ରୀଙ୍କ କାରଖାନାର କାମ ଶେଷ ହୋଇଥାଏ । ଯେଉଁ ଶିଖାଳୀ ଟୋକାଦିହେଁ ତାଙ୍କୁ ଓ ଆନନ୍ଦକୁ ସାହାଯ୍ୟ କରୁଥିଲେ ସେମାନେ ପାଉଣା ନେଇ ମେଲାଣି ହୋଇଗଲେ । ଆନନ୍ଦ ଯିବାକୁ ପ୍ରସ୍ତୁତ ହେଉଥିଲା । ଦିନସାରା ଖଟଣି ପରେ ସେମାନେ ଅଧିକ ହାଲିଆ ହୋଇଥିଲେ ।

କାମ ନ କଲେ ନ ଚଳେ । କେଉଁ ଅଫିସର ବଡ଼ ଅର୍ଡର । ଆଠଟି ବଡ଼ ଆଲମାରୀ, ଦଶଟି ଚଉକି, ଆଉ କେତେ କ'ଣ । ଆଉ ଦିନକୁ ଆଉ ଦିନ ଅଛି । ପନ୍ଦର ଦିନ ସମୟ । ଠିକ୍ ସମୟରେ ନ ଦେଲେ ବଦ୍‌ନାମ ହେବ । ଚାରିଦିନ ବିତିଲାଣି । କାମ ଆଖିକୁ ଦିଶୁ ନାହିଁ । ସେଇଥିପାଇଁ ଜୀବନଛଡ଼ା ପରିଶ୍ରମ । ଯାହା ହେଉ, ରଙ୍ଗଣୀ ଦେଇଥିବା ଦି' ଦି' ଖଣ୍ଡି ସରୁଚକୁଳି ଓ କପେ କପେ ଗରମ ଚା'ରେ ପିଣ୍ଡରେ ପ୍ରାଣ ପଶିଥିଲା । ଟିକିଏ ସୁସ୍ଥ ଲାଗୁଥିଲା ।

ଆନନ୍ଦ କହିଲା, ତମକୁ କହିବାକୁ ଭୁଲି ଯାଇଛି ହରିଭାଇ ! ମାଧ ସାହୁ ମୋ' ଘରକୁ ସକାଳେ ଜଣେ ମୂଲିଆ ପଠାଇଥିଲେ । ଦିନଟିଏ ପୁଣି କାମ କରିବାକୁ ଯାଇଥିଲି ତ, ତା' ପାଉଣା ଶୁଝି ଦେଇ ଆସିଲି । କାହିଁକି ତା'ର ଧାରୁଆ ରହନ୍ତି ? ଯିବାକୁ ମନା କରିଦେଲି ।

-ମନା କଲୁ କାହିଁକି ?

-ଏ' କାମ ଛାଡ଼ି କେମିତି ଯାଆନ୍ତି ?

-ଯିବାକୁ ମୁଁ କହୁ ନାହିଁରେ ଗମାର୍ । କହିଥାନ୍ତୁ, ହାତର ଜରୁରି କାମ ସରିଲେ ଯିବୁ । ଦି' ଚାରିଥର ଲୋକ ଧାଆନ୍ତା । ସେଇଠୁ ସାହୁ ବୁଝନ୍ତା । ତା' ଗୁଣ ଜାଣି କେହି ଧରାଛୁଆଁ ଦେଉ ନ ଥିବେ ।

ମଟର-ସାଇକଲ୍‌ର ଆବାଜ୍ ଫାଟକର ଆଗରାସ୍ତା ଉପରେ ବନ୍ଦ ହେଲା । ଟିକିଏ ବେଳ ପରେ ନରୁ ମିସ୍ତ୍ରୀର ଡାକ କାନରେ ପଡ଼ିଲା ।

ହରିଭାଇ ।

ଦିହେଁ ଚାହିଁଲେ । ନରୁ ଫାଟକ ଖୋଲି ଭିତରକୁ ଆସିଲା । ସମୟ ନଷ୍ଟ କରିବାକୁ ସେ ଚାହୁଁ ନ ଥିଲା । ସାମନା ବେଞ୍ଚ ଉପରେ ବସି କହିଲା, ଯାହାହେଉ ଆନନ୍ଦ ସଙ୍ଗେ ବି ଦେଖା ହୋଇଗଲା । ତା' ଘରକୁ ଯିବା ଦରକାର ପଡ଼ିବ ନାହିଁ ।

ହରି ପଚାରିଲେ, କାହିଁକି ରେ ନରୁ ?

-ଭୁଲି ଗଲକି ? କାଲି ଡାକ୍ତରବାବୁଙ୍କ ଘର ପ୍ରତିଷ୍ଠା କରାହେବ । ସବୁ ଆୟୋଜନ ହୋଇଛି । ତମେ ଦିହେଁ ତ ଯିବ, ଦିଦି ଖବର ପଠାଇଛନ୍ତି ତମ ପିଲାଏ ବି ଯିବେ ।

ହରି କହିଲେ, ଯାଇଁ ସଞ୍ଜକୁ । ତା' ଆଗରୁ ଯିବାକୁ ଆମର ମୋଟେ ଫୁରସତ୍ ନାହିଁ । ମୋ' କୁଟୁମ୍ବ ବୋଇଲେ ଖାଲି ରଙ୍ଗଣୀ । ଗଲେ ସଙ୍ଗରେ ନେଇ ଯିବି । ଆଉ କେଉଁମାନଙ୍କୁ ନିମନ୍ତ୍ରଣ କରା ହୋଇଛି ? ନିଷ୍ଚେ ବଡ଼ ଧରଣର କିଛି ହେଉଛି ।

-ନାଇଁ ମ, ଖାଲି କର୍ମୀମାନଙ୍କୁ ଡାକୁଛନ୍ତି । ମୁଁ ବି ମୋ' ଛୁଆଙ୍କ ଭିତରୁ ଜଣେ ଦି' ଜଣଙ୍କୁ ସଙ୍ଗରେ ଆଣିବି । ଆ'ନନ୍ଦମିସ୍ତ୍ରୀ ତ ଯିବ, ଦୁଲାଳୀ ତା' ଦି' ପିଲାଙ୍କୁ ସଙ୍ଗରେ ନେଇ ନିଶ୍ଚୟ ଯିବ । ତା'କୁ ଖବର ଦେବାକୁ ଦିଦି ମୋତେ କହିଛନ୍ତି ।

-କେମନ୍ତ !

-ହଁ ହରିଭାଇ । ଦିଦି କହିଲେ, ଦୁଲାଳୀ ତାଙ୍କର, ଆଉ ତା'ଙ୍କ ଅପାଙ୍କର ବହୁତ ସେବା କରିଥିଲା । ତା'କୁ ସେ ନିଜେ କେବେ କିଛି ଦେଇ ନ ଥିଲେ ।

ହରି ପଚାରିଲେ, କ'ଣ ଦେବେ କି'ରେ ?

-ଦେଲେ ଦେଇ ପାରନ୍ତି । ଦୁଃଖୀ-ଦରିଦ୍ରଙ୍କ ଉପରେ ତାଙ୍କର ଦୟାଭାବ ଥାଏ । ନୂଆ ଘରକୁ ଯିବେ, ଶୁଭ କାମ । ବଡ଼ବଡ଼ିଆ ସାଙ୍ଗସାଥୀଙ୍କୁ ଡାକିବାକୁ ମନା କରି ଦେଲେ । କାଙ୍ଗାଳୀ-ଭୋଜନ କରାଇବେ ବୋଲି ଚିନ୍ତାରୁଛନ୍ତି । ମୁଁ ସେ ଦାୟିତ୍ୱ ନେବାକୁ ମନା କରି ଦେଲି । ସେ ଦୋ-ଦୋ-ପାଞ୍ଚ ହେଲେଣି । କିଏ ସେ ଭିଡ଼ ସମ୍ଭାଳିବ ?

-ହୁଁ । କହିଦେବୁ, ନୂଆ ଘରେ ଆଗ ଯାଇ ରହି ଯାଉନ୍ତୁ, ତା' ପରେ, ଥରେ କାହିଁକି ଦଶଥର ସେ ସେମାନଙ୍କୁ ଖୁଆନ୍ତୁ । କାଲି ସେ ଝମେଲାରେ ପଶନ୍ତୁ ନାହିଁ । ସମ୍ଭାଳି ପାରିବେ ନାହିଁ ।

ନରୁ ଆନନ୍ଦକୁ କହିଲା, ତମ ଘରକୁ ଆଉ ଯିବି କାହିଁକି ? ଦୁଲାଳୀକୁ କହିଦେବୁ ।

ନରୁ ବିଦାୟ ନେଇ ଚାଲିଗଲା । ହରି କହିଲେ, ନରୁର କଥାରେ ତୁ କାହିଁକି ଜବାବ ନ ଦେଲୁ ମୁଁ ଜାଣିଛି ରେ ଆନନ୍ଦ । ତୁ ଚିନ୍ତାରୁଛୁ, ସେବତୀ

ଦିଦି ତାଙ୍କର ବଡ଼ପଣିଆ ଦେଖାଇ ହେବାକୁ ଦୁଲ୍ଲାଳୀକୁ ବି ଡାକିଛନ୍ତି । ସେ ଯିବ, କି ନ ଯିବ ସେଇଆ ବିଚାରୁଛୁ ।

ଆନନ୍ଦ କହିଲା, କାହାକୁ ଦେଖାଇ ହେବେ ? ସେ ଜାଣନ୍ତି ଯେ ସେ ବଡ଼ । ଆନନ୍ଦ ଯେମିତି ତାଙ୍କ ଦୁଆରେ ମୂଲ ଲାଗିଥିଲା, ସେମିତି ଦୁଲ୍ଲାଳୀ ବି ତାଙ୍କର ପାଇଟି କରିଥିବ, ମୂଲ ଆଣିଥିବ ।

ହରି ଖୁସି ହୋଇ ମୁଣ୍ଡ ହଲାଇଲେ । କହିଲେ, ସାବାସ୍ । ତୁ ଠିକ୍ କହୁଛୁ । କଥାଟିଏ ପଚାରିବି ?

-ପଚାର ।

-ଏତେବର୍ଷ ହେଲା ଦୁଲ୍ଲାଳୀ ତାଙ୍କ ଘରକୁ ଯା-ଆସ କରୁଛି । ସେ ଯେମିତିକା ମଣିଷ, ସବୁ ଘରେ ନିଜର ହୋଇଯାଏ । ସବୁ ଘରର ଗୁମର ତାକୁ ଜଣା । ସେବତୀ ଦିଦି କିଏ, ତା'କୁ କ'ଣ ଅଜଣା ଥିବ ? ତୋ' ଆଗରେ କେବେ କିଛି ପ୍ରକାଶ କରିନାହିଁ ?

-କେତେ ଘରକୁ ସେ ଯାଏ । କାହା ଘରର ଗୁମର ମୋତେ କେବେ କହିନାହିଁ । ବିଶ୍ୱାସ କର । ମୁଁ କେବେ ପଚାରି ନାହିଁ । ପରଘରର ଭଲ-ମନ୍ଦ ଆଲୋଚନାରେ ବେଳ ବିତାଇଲେ ଆମର କି' ଫାଇଦା ? ନିଜ କାମ ନିଜକୁ ବଳାଇଛି ।

-ଆଚ୍ଛା ଆନନ୍ଦ, ତାଙ୍କୁ ନିଧାର୍ଯ୍ୟା ଜାଣିଲା ପରେ ଦୁଲ୍ଲାଳୀକୁ ତୁ କହିଛୁ କି ସେ କିଏ ?

ଆନନ୍ଦ ଭାବିବାକୁ ଲାଗିଲା । ହରି ଉଦ୍‌ବିଗ୍ନ ହୋଇ ତା' ଉତ୍ତରକୁ ଅପେକ୍ଷା କରି ରହିଲେ । ଆନନ୍ଦ ଦୀର୍ଘଶ୍ୱାସ ଛାଡ଼ି ଓଲଟି ପଚାରିଲା, କହିବି କି ନାହିଁ କେତେଥର ଭାବିଛି । କହିବାକୁ ଗଲେ ତୁଣ୍ଡରୁ ବଚନ ବାହାରି ନାହିଁ । କହିବି ହରିଭାଇ ?

ହରି ଅଡୁଆରେ ପଡ଼ିଲେ । ବିଚାରିଲେ, ସବୁ ଜାଣି ଦୁଲ୍ଲାଳୀ ଯଦି କପଟ କରି ଏବଯାଏ ଆନନ୍ଦ ପାଖରୁ ଗୋପନ ରଖିଥିବ, ଆଲୋଚନା ବେଳେ ଏଣ୍ଟୁ-ତେଣ୍ଟୁ ପାଞ୍ଚକଥା ପଡୁଣୁ, କିଏ ଜାଣେ, କଥା ଅବାଗିଆ ଧରିବ, ଆନନ୍ଦ ନିଧାର୍ଯ୍ୟା ଜାଣିଲାଣି । ଏହା ଦୁଲ୍ଲାଳୀ ଜ ଣିଲେ କିଛି ବିଘଟଣ ଘଟିବ ନାହିଁ ତ ?

କଥାଟି ଉଖାରି କାଢ଼ିଥିବାରୁ ମନେ ମନେ ନିଜକୁ ଦୋଷୀ ମଣିଲେ । କହିଲେ, ଦୁଲ୍ଲାଳୀକୁ ଜଣାଇଲେ କ୍ଷତି ନାହିଁ । କିନ୍ତୁ, ଲାଭ କ'ଣ ହେବ ? ତୋ' ଗୁମର ତୋ' ଭିତରେ ଘୋଡ଼ାଇ ରଖିଦେ । ବିଗତକୁ ମାର୍ ଗୁଲି । ଯା, ଡେରି ହେଲାଣି । କାଲି ଏଇଠୁ ଏକା ସଙ୍ଗରେ ଡାକ୍ତରଙ୍କ ଘରକୁ ଯିବା ।

ଆନନ୍ଦ ବିଦାୟ ନେଲା । ସେ ଅଦୃଶ୍ୟ ହେଲାରୁ ହରି ଦାନ୍ତ ଚିପି ନିଜ ଉପରେ ସଁ-ସଁ ହୋଇ ରାଗିଲେ—ଆବେ ହରିଆ, ପରଘରର ଗହନ ବେଷ୍ଟରରେ

ଅଲକ୍ଷଣାଟା ପୁଣି ମୁଣ୍ଡ ଖୋଲାଇ ମୁହଁ ଖୋଲିଲୁ ? ସର୍ପରେ ଜନ୍ମ ଦେଲୁ ମତେ, ସ୍ୱଭାବ ଛାଡ଼ିବି କେମନ୍ତେ—

ଫାଟକରେ ଦୁଇଟି ତାଲା ପକାଇଲେ । ଆଲୁଅ ଲିଭାଇଲେ । ଶୀତଳ ଉଜ୍ଜ୍ୱଳ ଜୋଛନାରେ ଘର ଆଡ଼କୁ ଆଗେଇ ଯାଉଣୁ ଅଶାନ୍ତ ମନକୁ ପ୍ରବୋଧନା ଦେଲେ—କାହାରି ଅଶୁଭ ତୁ କେବେ ମନାସି ନାହୁଁ । ଏ ତୁଣ୍ଡଟା ବେଳେ ବେଳେ ଅମଡ଼ା ଧାଉଁଛି । ତାକୁ ପଛକୁ ଓଟାରି ଧର, ହଁ ।

ରାତି ପହର ସରିକି କାମ ସରିଗଲା । ମିସ୍ତ୍ରୀମାନେ, କେତେଜଣ ମୂଲିଆ, ନରୁର ଦିଓଟି ପୁଅ, ପୁରୋହିତେ, ଓ ଅନ୍ୟଙ୍କୁ ମିଶାଇ ଚାଳିଶି ସରିକି ଲୋକ ପେଟପୂରା ଭୋଜନ କରି ସନ୍ତୁଷ୍ଟ ହେଲେ ।

ନୂଆ ଘର ଆଲୋକମାଳାରେ ସଜ୍ଜିତ ହୋଇ ସୁନ୍ଦର ଦିଶୁଥିଲା । ଲୋକଙ୍କୁ ଭୋଜନ ଦେବାର ଆୟୋଜନ ସେବତୀର ନିର୍ଦ୍ଦେଶରେ ନରୁମିସ୍ତ୍ରୀ କରିଥିଲା । ଡାକ୍ତର ପରିବେଷଣରେ ସାହାଯ୍ୟ କରିଥିଲେ । ସୋହାଗିନୀ ଓ ଚନ୍ଦନ କେବଳ ଘରଘର ବୁଲି ଆଲୁଅ ଜଳାଉଥିଲେ । ଉପର ତଳ ହେଉଥିଲେ । ପଦାକୁ ଆସି ରଙ୍ଗିନ୍ ବଲ୍‌ବଗୁଡ଼ିକୁ ମିଟିମିଟି ହେବାର ଦେଖି ଖୁସି ହେଉଥିଲେ ।

ରେଡ଼ିଓ, ଗ୍ରାମୋଫୋନ୍, ଲାଉଡ୍-ସ୍ପିକର୍‌ର କାନଫଟା ଅନର୍ଥକ ଆବାଜ ନ ଥିଲା । ଡାକ୍ତର ତା'ର ବିରୋଧୀ । ସେବତୀ ବି ପସନ୍ଦ କରେନାହିଁ । ସେସବୁ ଶବଦ ଆନନ୍ଦ ଦେବା ପରିବର୍ତ୍ତେ ନିରାନନ୍ଦର କାରଣ ହୁଏ । ଶାନ୍ତ ପରିବେଶକୁ ଅଶାନ୍ତ କରେ । ମତି ବିଗାଡ଼େ । ଯେଉଁଠି ବାଜେ କେବଳ ସେଇଠି ନୁହେ, ପ୍ରତିବେଶୀମାନଙ୍କର ଘରେ ଘରେ ନିବିଷ୍ଟତା ଭାଙ୍ଗେ ।

ସେବତୀ ବୁଝିଲା ଯେ ନରୁମିସ୍ତ୍ରୀର ଏଥିରେ ମନ ଊଣା ହେଲା । ସେ ସାମାନ୍ୟ ପ୍ରତିବାଦ କରିଥିଲା, ଲୋକେ ଜାଣିଥାନ୍ତେ ମା, ସବୁ ଆପଣଙ୍କ ଘରେ ଅଛି । ବସାଘରୁ ଏଠାକୁ ନେଇ ଆସିଥାନ୍ତେ । ଲାଉଡ୍-ସ୍ପିକର୍ ମୁଁ ଯୋଗାଡ଼ କରିଥାନ୍ତି । କ'ଣ ବା ଅଧିକା ଖରଚ ?

ସେବତୀ ବୁଝାଇ କହିଲା, ଡାକ୍ତରବାବୁ ପାଗଳ ହୋଇଯିବେ ନରୁ । କହୁଥିଲେ, କାହାଘରେ ଯଦି ରୋଗୀ ବିଛଣାରେ ପଡ଼ିଥିବ, ତା'ର ଛଟପଟ ଯନ୍ତ୍ରଣା କାଳ ହେବ । ଆମର ଦେଖାଣିଆ ଆନନ୍ଦ ପାଇଁ, ଅନ୍ୟଙ୍କୁ ଦୁଃଖ ଦେଲେ କାହାରି ମଙ୍ଗଳ ହେବ ନାହିଁ ।

ନରୁର ମନ ମାନିଲା କି ନାହିଁ ତା'କୁ ଜଣା । ସେ ଅନ୍ୟାନ୍ୟ ଆୟୋଜନରେ ଲାଗିପଡ଼ିଥିଲା ।

ହରିମିସ୍ତ୍ରୀ ଡେରିରେ ଆସି ପହଞ୍ଚିଲେ । ଲାଜେଇ ଲାଜେଇ ହସହସ ହୋଇ ଡାକ୍ତରଙ୍କ ପାଖକୁ ଆସିଲେ । ସେ କାହାକୁ କେବେ ନମସ୍କାର କରନ୍ତି ନାହିଁ,

ମୁଣ୍ଡ ନୁଆନ୍ତି ନାହିଁ । ତାଙ୍କ ଧାରଣା, ସେତକ ଠାକୁର-ଠାକୁରାଣୀଙ୍କ ପାଉଣା । ବଡ଼ବଡ଼ିଆ ବାବୁଭୟା ଓ ତାଙ୍କର ଘରଣୀମାନଙ୍କ ପାଇଁ ଓଠରେ ଅଳପ ହସ, ମୁଣ୍ଡ ଅଳପ ଝୁଙ୍କାଇ ହାତମଳା, ଆହୁରି ଅଧିକରେ ମୁଣ୍ଡରେ ଅଙ୍ଗୁଠି ଛୁଇଁବା ଯଥେଷ୍ଟ ।

ତାଙ୍କୁ ଦେଖି ସେବତୀ ପାଖକୁ ଆସିଲା ।

ହରିମିସ୍ତ୍ରୀଙ୍କର ଆଖି ଲାଖି ରହିଲା ଦିନଭଳି ଉଜ୍ଜ୍ୱଳ ଆଲୁଅରେ ପିନ୍ଧିଲା ଛାପା ଶାଢ଼ି—କେତେ ରଙ୍ଗ ସେ ଡ଼ିଜାଇନ୍ ଗୁଡ଼ିକର ନକ୍ସାରେ ନିଖୁଣ ଢଙ୍ଗରେ ବୋଳା ହୋଇଛି କେଜାଣି—ଝଲସି ଉଠୁଥାଏ । କାନରେ, ବେକରେ, ହାତରେ ଧଳା-ଧଳା ପଥରବସା ସୁନ୍ଦର ଗହଣା । ବଡ ପଦକଟିଏ ଶାଢ଼ି ଉପରେ ଛାତିରେ ଝୁଲୁଛି । ଦେହ ହଲିଲେ, ସେଇଟି ଯେମିତି ହଲ ହଲ ହେଉଛି, ତା' ପଥର ଗୁଡ଼ିକରୁ ଆଲୁଅ ଛିରିକି ପଡୁଛି । ପଦଟିଏ ମନକୁ ଆସିଲା—ଚିତ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର—

ନୂଆ କଥାଟିଏ ହରିଙ୍କର ଆଖିରେ ପଡ଼ିଲା । ଦିଦିଙ୍କର କପାଳରେ ଲାଲ୍ ଟହ ଟହ ସିନ୍ଦୂର ଟୋପା । ସୁନ୍ଥାରେ ସିନ୍ଦୂର ଗାର । ଏବଯାଏ ପିନ୍ଧୁ ନ ଥିଲେ । ନଉଲୀ ବୟସୀ ନୂଆ ବୋହୂଟିଏ ପରି ଦିଶୁଥିଲେ । ହସିଲା ମୁହଁ । ମୁଣ୍ଡରେ ଓଢ଼ଣା ନ ଥିଲା । ସାକ୍ଷାତ୍ ଠାକୁରାଣୀ ମୂର୍ତ୍ତି । ଚଳନ୍ତି ଦେବୀ ପ୍ରତିମା ।

ଆପେ ଆପେ ହରିଙ୍କର ଦୁଇ ହାତ ଯୋଡ଼ି ହୋଇଗଲା । ଡାକ୍ତରଙ୍କ ପାଖରେ ପହଞ୍ଚୁଣୁ ଦୁହିଙ୍କୁ ଲକ୍ଷ୍ୟ କରି ମୁଣ୍ଡ ନୋଇଁ ସେ ପ୍ରଣାମ କଲେ । ହୋଇ ହେବାରୁ ମୁଣ୍ଡ ଟେକିଲେ ।

ଡାକ୍ତର ପଚାରିଲେ, ଏକା ଆସିଛ ?

-ଆଜ୍ଞା । ମୋ ନାତୁଣୀ ରଙ୍ଗଣୀ ଏକା ଆସିବାକୁ ମନା କଲା । ସଜବାଜ ହୋଇ ବସିଥିଲା ଯେ.. .....

-ମୁଁ ତମ ସାଙ୍ଗ କଥା ପଚାରୁଥିଲି ।

-ଆନନ୍ଦ ? ଆସିବ ବୋଲି ମୋ' କାରଖାନାରୁ ତା'କୁ ସହଳ ଛୁଟି ଦେଲି, ତା' ଝିଅ ସୋହାଗୀ ଆସିଥାନ୍ତା । ମୋ' ନାତୁଣୀ ସାଙ୍ଗ ପାଇଥିଲେ ନିଶ୍ଚେ ଆସିଥାନ୍ତା । ଆନନ୍ଦକୁ ଅପେକ୍ଷା କରୁଣୁ ଉଚ୍ଛୁର ହେଲା । ଜାଣିଲି, ତା'ର କ'ଣ ଅସୁବିଧା ହେଲା ପରା ।

ସେବତୀ ମୁହଁ ଖୋଲିଲା, ଦୁଲାଳୀ—?

-ଆସି ନାହିଁ ? ଯିଏ ହେଲେ ଜଣେ ଆସିଥାନ୍ତା ତ । ଆରଜଣ ଘର ଜଗି ରହନ୍ତା । ତେବେ ସେଇଆ ହୋଇଛି । ଆନନ୍ଦ ଦୋ-ଦୋ-ପାଞ୍ଚ ହେଉଥିଲା । କହୁଥିଲା, ଦୁଲାଳୀକୁ କାହା ଘରୁ ଜରୁରୀ ଡାକରା ଆସିଥିବ । ଦି' ଦିନ ହେଲା ବୋହୂଟି କଷ୍ଟ ପାଉଥିଲା । ଜୀବନ ମରଣ ଭିଡ଼ା ଓଟରା । ଦୁଲାଳୀ ଯିବାକୁ ବାଧ୍ୟ ହୋଇଥିବ । ପିଲାଙ୍କୁ, ଆଉ ଘର ଛାଡ଼ି ଆନନ୍ଦ ଆସି ପାରି ନ ଥିବ । ରୋଗଣାଟା ତ, କେଜାଣି ଦେହ ଯଦି.........

ତାଙ୍କର କଥା ସରିବା ଆଗରୁ ସେବତୀ ଚାଲି ଯାଇଥିଲା । ଡାକ୍ତର କହିଲେ, ହଉ, ତମେ ଯାଅ । ନରୁଙ୍କୁ ସାହାଯ୍ୟ କର, ନୋହିଲେ ପତର ପାଖରେ ବସିପାଅ । ଯିବା ଆଗରୁ ତମର ଯୋଡ଼ଲୁଗା ନେଇଯିବ ।

ଆଜ୍ଞା ହଁ, କହି ହରି ମିସ୍ତ୍ରୀମାନଙ୍କ ପାଖକୁ ଚାଲିଗଲେ ।

କାମ ସରିଲାରୁ ଅଧିକାଂଶ ଲୋକ ବିଦା ହୋଇ ଗଲେ । ଡାକ୍ତର ଓ ତାଙ୍କର କୁଟୁମ୍ବ ରାତିଟି ସେଇଠି କଟାଇବାର କଥା । ସେଥିପାଇଁ ଯାହା କିଛି ଅତି ଆବଶ୍ୟକ ସେତକ ଅଣା ହୋଇଥିଲା । ତା'କୁ ସଜାଡ଼ି ରଖିବାକୁ କିଛି ସମୟ ଅଟକି ରହିବାକୁ ଡାକ୍ତର ନରୁମିସ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଦୁଇ ଜଣ ମୂଲିଆଙ୍କ ସହ ସେ ବାହାର ବାରଣ୍ଡାରେ ଅପେକ୍ଷା କରିଥିଲା ।

ଖେବନି ବସା ଘର ଜଗି ରହିଥିଲା । ସେ ଆସିବ, ପୁଣି ଖିଆପିଆ କରି ଫେରିଯିବ । ନରୁଙ୍କର ଦୁଇଜଣ ବିଶ୍ୱାସୀ ମୂଲିଆରୁ ଜଣେ ବସା ଘରେ ଖେବନି ପାଖରେ ରହିବ । ଆରକ ରହିବ ନୂଆ ଘରେ । କାଲି ସନ୍ଧ୍ୟା ସୁଦ୍ଧା ବସା ଘରୁ ସବୁ ଜିନିଷ ଏ ଘରକୁ ବୁହା ହୋଇ ନ ଆସିଲେ ସ୍ୱାଭାବିକ ଜୀବନ ଯାତ୍ରାରେ ଅସୁବିଧା ହେବ ।

ଡାକ୍ତର ସେଥିପାଇଁ ଉଦ୍‌ବିଗ୍ନ । ତାଙ୍କର ରୋଗୀମାନେ ହଇରାଣ ହେବେ । ତାଙ୍କର କମ୍ପାଉଣ୍ଡରବାବୁ ଏତେବେଳଯାଏ କ୍ଲିନିକ୍ ବନ୍ଦ କରି ଆସି ପାରି ନାହାନ୍ତି । ରାତି ଦଶଟା ବାଜି ଗଲାଣି । ସେ କର୍ତ୍ତବ୍ୟନିଷ୍ଠ, କୁଶଳୀ, ଅଭିଜ୍ଞ ଲୋକ । ଅଳ୍ପ କଥାଭାଷା କରନ୍ତି । ସବୁବେଳେ କାର୍ଯ୍ୟବ୍ୟସ୍ତ । ହୁଏତ ଆସୁଥିବେ । ତାଙ୍କୁ ଡାକ୍ତର ଅପେକ୍ଷା କରି ରହିଛନ୍ତି ।

ମେଲାଣି ନେବାକୁ ହରିମିସ୍ତ୍ରୀ ଏପାଖ ସେପାଖ ହେଉଥିଲେ । ଡାକ୍ତର ଦେଇଥିବା ଲୁଗାଯୋଡ଼ଟି ହାତରେ ଧରିଥିଲେ । ସେବତୀ ଦିଦିଙ୍କୁ ନ କହି ଚାଲି ଯିବାକୁ ସେ ଉଚିତ ମନେ କରୁ ନ ଥିଲେ । ଦିଦି ତ କାର୍ଯ୍ୟ ବ୍ୟସ୍ତ । ବାରଣ୍ଡାକୁ ଆସିଲେ ପଦେ କହି ଦେଇ ଯିବେ । ସେଇଥିପାଇଁ ମିସ୍ତ୍ରୀଏ ଛାଟି ପିଟି ହେଉଛନ୍ତି ।

ଦିନ ରାତି ତାଙ୍କର ସମାନ । କାମ ପଡ଼ିଲେ ଖିଆପିଆ ଭୁଲନ୍ତି । ନିଜକୁ କହନ୍ତି, ସତ୍ତାର କର । ବଳେ ଡାକିବି, ତରତର ହ' ନା, ତୋ' ପାଳି ପଡ଼ିବ । ପଳାଇ ଯିବାକୁ, ଡାକ୍ତର ଓ ସେବତୀ ଦିଦିଙ୍କ ଆଗରୁ ଖସି ଯାଇ ନିଲଠା ମୁହଁ ଲୁଚାଇବାକୁ, ସେ ନିଜ ଭିତରେ ଅସ୍ଥିର ହେଉଛନ୍ତି । ମନ ବଚନକୁ ମାରି ଗୋଡ଼ାଉଛି । କହୁଛି, ଆରେ ହରିଆ, ତାହା ମିଛ ପୁଣି ତୁଣ୍ଡିଟ୍ ନାହିଁ ... ବେଳେ, ଆଜିଆ କାରଖାନାରୁ ଗଲାବେଳେ ଯାହା କହିଗଲା ହେଉଛି ନାହିଁ ।

-ଯିବି ନାହିଁ ହରି ଭାଇ, ତା' ଆଗରେ ଠିଆ ହେବି ନାହିଁ । ମୋ'ର ସେ କିଛି ଧାରି ନାହିଁ । ତା'ର ମୁଁ କିଛି ଧାରେ ନାହିଁ । ଧାରିବି ନାହିଁ ।

-ହଇରେ, ତୋ'ର ଈର୍ଷା ହେଉଛି ? କ୍ରୋଧ ହେଉଛି ? ତା' ଦଉଲତ, ତା' ସୁଖ, ତା' ଘର କରଣା ତୋ' ଦେହ ସହୁ ନାହିଁ ?

-ଏ ସବୁ ଭାବନା ମୋ ମୁଣ୍ଡରେ ପଶେ ନାହିଁ । କି ଜବାବ ମୁଁ ଦେବି ? ତା' ସଂସାର ତା'ର । ମୋ' ସଂସାର ମୋ'ର ।

-ଦୁଲ୍ଲାଲୀ ଯିବ ତ ? ସୋହାଗୀକୁ ସଙ୍ଗରେ ନେବ ?

-ମୁଁ ତାକୁ କହି ଦେଇଛି । ସୋହାଗୀକୁ ନିଜେ ଦିଦି କହିଥିଲେ । ତାଙ୍କ ଝିଅର ସାଙ୍ଗ । ସେ ବି କେତେ କରି କହିଛି । ଇଚ୍ଛା ହେଲେ ଦୁଲ୍ଲାଲୀ ଯିବ । ଝିଅକୁ ସଙ୍ଗରେ ନେଇ ଯିବ । ନ ହେଲେ ନାହିଁ । ମୁଁ ତା'ଙ୍କୁ ମନା କରି ନାହିଁ ।

ହରି ବିଚାରୁଛନ୍ତି, ଆନନ୍ଦ ମିଛ କହେ ନାହିଁ । ଛନ୍ଦକପଟ ଜାଣେ ନାହିଁ । ଏ ସବୁର ଆଶ୍ରା ନେଇ କାମ ହାସଲ କରିବା, ବେଳ-ବଖତରେ ତା'କୁ ଫାଙ୍କି ଉଡ଼ାଇ ଦେବା, ଅନ୍ୟ ଗରାକୁ ଅଡେଇ ଭଲଲୋକି କରିବାର ଅକଲ୍ ତା' ଠେଇଁ ନାହିଁ । କିଛି ଗୋଟାଏ କାଣ୍ଡ ତା' ଘରେ ଘଟିଛି ।

କାଣ୍ଡ ! ସତେ କ'ଣ ଦୁଲ୍ଲାଲୀ ସେବତୀ ଦିଦି କିଏ, ଆଜିଯାଏ ଜାଣି ନ ଥିଲା ? ଅବା, ଜାଣି-ଜାଣି ଅଜାଣ ରହିଥିଲା ? ସମ୍ଭାଳି ନ ପାରି ଏତେ ବର୍ଷ ପରେ ଆନନ୍ଦ ଆପେ କହିଦେଲା ?

ସମସ୍ତଙ୍କ ଭିତରେ ଆତଯାତ ହେଉଣୁ, ହରିମିସ୍ତୀ ଏହିପରି ଚିନ୍ତା କରୁଥିଲେ । ଚିହ୍ନିଙ୍କି ଉଠି ମନକୁ ଆକଟିଲେ, ତୋ'ର କି ଥାଏରେ ହରିଆ ? ଯାହା ତ କହିଲୁ କଅଁା ମିଛ । ତୁଣ୍ଡର ଭଷା ଅଣ-ବାହୁଡ଼ା । ଛୁଟିଲା କାଣ୍ଡ ପରି । ମାର୍ ଗୁଲି । କିଏ ତୋତେ ଦଣ୍ଡୁଛି, ନା ତଣ୍ଡୁଛି ?

ସେବତୀ ଦିଦି ମଝିଘର ଭିତରୁ ବାରଣ୍ଡାକୁ ବାହାରିଲେ । ହାତ ଠାରି ଡାକିଲେ, ହରି ଶୁଣ ।

ହରି ପାଖକୁ ଯାଉଣୁ ବିଚାରୁଥିଲେ, ମିଛକୁ ବାଗେଇବାକୁ ଅନ୍ୟ କି ମିଛର ଆଶ୍ରା ଧରିବେ ? କିନ୍ତୁ, ତାଙ୍କର ଆଶଙ୍କା ଦୂର ହେଲା । ସେବତୀ ହସ ହସ ହେଉଥିଲେ । ଘର ଭିତରକୁ ଗଲେ । କହିଲେ, ଶୁଣ । ତମଠିଁ ଟିକିଏ କାମ ବାକି ।

ତଳୁ ଉଠାଇ କାଗଜରେ ବନ୍ଧା ଦିଓଟି ପୁଡ଼ିଆ ଆଣିଲେ । କହିଲେ, ଏଥିରେ କିଛି ମିଠା ବନ୍ଧା ହୋଇଛି । ଗୋଟିଏ ତମ ନାତୁଣୀ ରଙ୍ଗଣୀର । ଆରଟି ଆନନ୍ଦ ମିସ୍ତୀଙ୍କ ଝିଅ ସୋହାଗିନୀର । ମୋ' ଝିଅର ସେ ଦିହେଁ ସାଙ୍ଗ । ଆସିପାରିଲେ ନାହିଁ ତ, ଆସିଥିଲେ ତିନିହେଁ ଖୁସିରେ ଖେଳିଆନ୍ତେ । ହଉ, ନିଅ ।

ହରି ପୁଡ଼ା ଦିଓଟି ଧରିଲେ । କହିଲେ, ଆ'ନ୍ଦ ଘରବାଟେ ଗଲେ ବଡ଼ି ବେଶି ଡେରି ହେବ । କାଲି ସକାଳେ ନିଶ୍ଚେ ପହଞ୍ଚାଇ ଦେବି । ଖାଲି ବିଚାରୁଛି, ମୁଣା ତ ଆଣିନାହିଁ—

-ମୁଁ ଗୋଟିଏ କନା-ବ୍ୟାଗ ଦେଉଛି । ସେଇଟି ତମର । ହେଲା ?

ସେବତୀ ବ୍ୟାଗ୍‌ଟିଏ ଆଣି ହରିଙ୍କ ହାତକୁ ବଢ଼ାଇ ଦେଲା । କହିଲା, ଆଉ ଗୋଟିଏ ଛୋଟ ଜିନିଷ ଦେବି । ତମ ପକେଟରେ ରହିପାରିବ । ସେତକ ଦୁଲାଳୀକୁ ଦେଇଦେବ । ସେ ଆସିଥିଲେ ମୁଁ ତା'କୁ ନିଜେ ଦେଇଥାନ୍ତି । ଆସିଲା ନାହି ତ ।

-ଆସିପାରିଲା ନାହିଁ ମା' ।

-ହଁ, ଯେଉଁ କାମରେ ଯାଇଛି ସେଇଟା ଅଧିକ ଜରୁରୀ । ଅକାଳେ ସକାଳେ କେବେ ସେ ଆସେ ନାହିଁ । ତା' ଝିଅ ପାଖରୁ ଶୁଣେ, ସେ କେତେ କାର୍ଯ୍ୟବ୍ୟସ୍ତ । ଦରକାର ନ ଥାଏ, ତେଣୁ ତା'କୁ ମୁଁ ବି କେବେ ଡକାଇ ନ ଥିଲି ।

କାହିଁକି ସେବତୀ ଦିଦି ଜିନିଷଟି ନ ଦେଇ ଆଗତୁରା ଏତେ କଇଫତ ଅଡ଼ାଡ଼ି ଦେଉଛନ୍ତି ତରକା ହରି ଅନୁମାନ କରିପାରିଲେ ନାହିଁ । କହିଲେ, କାମ ନ ଥିଲେ କିଏ କାହିଁକି କାହାକୁ ଡକାଇବ ? ସଂସାର ଯାକର ଲୋକେ ନିଜ ନିଜ ଧନ୍ଦାରେ ନାକବୁଡ଼ ।

ସେବତୀ ଚମଡ଼ା ସୁଟ୍‌କେଶ୍ ଭିତରୁ କାଢ଼ି ଛୋଟ ଟିଣ ଡବାଟିଏ ଆଣିଲେ । ହରିମିସ୍ତ୍ରୀଙ୍କ ହାତକୁ ବଢ଼ାଇ ଦେଲେ । ହରି ଲକ୍ଷ୍ୟ କଲେ ଯେପରି ତାଙ୍କର ହାତ ଥରୁଥିଲା । ସୁନ୍ଦର ମୁହଁ ଉପରକୁ କେଉଁ ଅଜଣା ଦୁଃଖର ବାଦଲ ଘୋଟି ଆସିଥିଲା ।

-ଏଥିରେ କ'ଣ ଅଛି ?

-ପୁରୁଣା ସୁନାକଣ୍ଠି ମାଳଟିଏ । ଷୋଳବର୍ଷ ତଳେ ମୁଁ ଭସିଆସି ଦରମରା ହୋଇ ଡାକ୍ତରଖାନାରେ ପଡ଼ିଥିଲି, ଏଇଟା ମୋ' ବେକରେ ଥିଲା ।

-ଦୁଲାଳୀ ଏଇ ଘରଡୋଲାରେ କାମ କରିନାହିଁ ?

-ନା, କାମ କରି ନାହିଁ । ଅକାଳେ ସକାଳେ ତାଙ୍କ ପାଖକୁ ଆମ ବସାକୁ ଔଷଧ ପାଇଁ ଆସେ । କେଜାଣି କେତେ ମାସ ହେବ ଆସି ନାହିଁ । ସାତ ବର୍ଷ ତଳେ ଚନ୍ଦନର ଜନ୍ମ କାଳରେ ସେ ମୋ'ର ସେବା କରିଥିଲା । ଯେଉଁ ଅପା ମୋତେ ନୂଆ ଜନମ ଦେଇଥିଲେ, ତାଙ୍କର ବି ସେ ସେବା କରିଥିଲା ହରି । କାହାରି ମା-ଭଉଣୀ ସେମିତି କରି ପାରିବେ ନାହିଁ ।

-କେମନ୍ତ । ତା ପାଉଣା ସେ ନିଶ୍ଚେ ନେଇଥିବ ?

ସେବତୀ ହସିଥିଲେ । କହିଲେ, ମା-ଭଉଣୀଙ୍କ ସ୍ନେହ-ଶ୍ରଦ୍ଧାର ପାଉଣା କିଏ ଦେଇ ପାରିବ ? ମରିବା ଆଗରୁ ଅପା କହି ଯାଇଥିଲେ, ତୋ'ର ତ ସବୁ ନୂଆ ଗହଣା ହୋଇଛି, ସେଇ ପୁରୁଣାକାଳିଆ କଣ୍ଠିମାଳଟା ଦୁଲାଳୀକୁ ଦେଇଦେବୁ ।

-କହି ଯାଇଥିଲେ ?

-ହଁ, ହରି, ମୁଁ ଭୁଲି ଯାଇଥିଲି । ମନେ ପଡ଼ିଗଲା । ଦୁଲାଳୀକୁ ଦେବ । ଯାହା କହିଲି ତା'କୁ କହିବ । ତମର ଡେରି ହେଉଛି । ଏଥର ଯାଅ । ତମ ପରି ସଚ୍ଚୋଟ ଲୋକ ଉପରେ ମୋ'ର ଅବିଶ୍ୱାସ ନାହିଁ ।

ସେବତୀ ହରିମିସ୍ତ୍ରୀଙ୍କର କଡ଼ ଦେଇ କୋଠରୀରୁ ବାହାରି, ଆର ବଖରାକୁ ଚାଲିଗଲେ । ସେଇଠି ଡାକ୍ତର ନରୁମିସ୍ତ୍ରୀଙ୍କ ସଙ୍ଗେ କଥାଭାଷା ହେଉଥିଲେ ।

ହରି ଥକ୍କା ହୋଇ ମୁହୂର୍ତ୍ତେ ଠିଆ ହେଲେ । ସେବତୀଙ୍କର ଶେଷ କଥା ମନରେ ଗୁଣି ହେଉଣୁ ଟିଣ ଡବାଟି ପକେଟରେ ଭରିଲେ । କାହାକୁ କିଛି ନ କହି ସେ ଧୀରେ ଧୀରେ ଅଗଣାକୁ ଆସିଲେ । ଫାଟକ ଖୋଲି ରାସ୍ତା ଧରିଲେ । ଧଅସି ଚାଲିଲେ ।

ଖଣ୍ଡେ ଦୂର ଆସି ସ୍ଥିର କଲେ, ସେ ଆନନ୍ଦ ଘରବାଟେ ଯିବେ । ଡେରି ହେଲେ ହେବ, ସେବତୀଦିଦିଙ୍କର ବିଶ୍ୱାସର ବୋଝରୁ ଖଲାସ ନ ହେଲେ ରାତିରେ ସେ ଶୋଇ ପାରିବେ ନାହିଁ । ସେଇ ଡବା ଭିତରୁ ବାହାରି କାଳସାପଟାଏ ଫଣା ଟେକି ତାଙ୍କ ଉପରକୁ ଫଁ-ଫଁ ହେଉଥିବ ।

ସେ ନିଜକୁ ମନ ଭିତରେ ଝିଙ୍ଗାସିଲେ ।

-ଆରେ ହରିଆ, ଶୁଣିଲୁଟି ? ତୁ ଅସଲ ମିଛୁଆ, ବଡ଼ ଧପାବାଜ, ମହା କପଟିଆ । ତଥେ ସେ ମଣିଛି ସଚ୍ଚୋଟ । ତା' ନିଜ ପରିକା ।

କେମନ୍ତ ?

ଅଧା ବାଟରେ, ବତୀଖମ୍ବ ପାଖେ ହରିଙ୍କର ପାଦ ଅଟକିଲା । ସନ୍ଦେହୀ ମନ ପ୍ରଶ୍ନ ପଚାରିଲା, କି ବୋଝଟା ବୋହି ନେଉଛୁ ତାଙ୍କରି ଆଗରେ ଦେଖିଲୁ ନାହିଁରେ ଗମାର ? ଏଡ଼େ ଭୁଲ୍ କାମ କଲୁ ? ଦି' ଗୋଡ଼ିଆଙ୍କୁ ବିଶ୍ୱାସ ନାହିଁ । ଏକଥା କେତେ ଥର ଚେଙ୍ଗା ପାଇ ଶିଖିଛୁ ? ଡବାରେ ଯଦି ଆଉ କ'ଣ ଥିବ ? ଅଧବାଟରେ ଖୋଲି ଦେଖିଲେ କି' ଲାଭ ମିଳିବ ?

ହରି ନିଜକୁ ସାନ୍ତ୍ୱନା ଦେଲେ, ସେବତୀଦିଦି ଆଜିଆର ଶେଷ ସମ୍ବନ୍ଧ ଛିଣ୍ଡାଇ ଦେବାକୁ ଚାହାନ୍ତି । ସେପାରି ସଂସାରର ସୁମରଣା ଆଣୁଥିଲା ଯେଉଁ ହାରଟି, ତା'କୁ ସେ ଆନନ୍ଦକୁ ଫେରାଇ ଦେବାକୁ ଉଚିତ ମଣିଲେ । ହଁ, ସେଇଆ । ତା'ଙ୍କ ଅପାଙ୍କ ନାମରେ ସେ ତାହା ମିଛ କହିଲେ । ଆଜିଯାଏ ତା'କୁ ଯତ୍ନରେ ସାଇତି ରଖିବାର ଅନ୍ୟ କେଉଁ ଆଉ ସେ ନେଇ ପାରିଥାନ୍ତେ ?

ଭଲ । ସେ ନିଶ୍ଚିନ୍ତରେ, ସୁଖରେ ସଂସାର କରନ୍ତୁ ।

ହରି ଆଗେଇ ଚାଲିଲେ ।

ସୋହାଗିନୀ ଚନ୍ଦନ ପାଖରେ ଶୋଇ ପଡ଼ିଲାଣି । ଚଲାଖ ପିଲାଟି । ଯେତିକି ବୟସ ବଢ଼ୁଛି, ସେତିକି ଅଧିକ ଅଧିକ ଜାଣିବାକୁ ତା'ର ଆଗ୍ରହ ହେଉଛି । ସେ ଯେ ନାହୁଁ-ଅଚଲା ଝିଅଟିଏ, ଏ ଧାରଣା ଦିନେ ତା'ର ସତ ଥିଲା । ଆନନ୍ଦ ଓ

ଦୁଲାଳୀଙ୍କର ସ୍ନେହରେ ଛନ୍ଦି ବାନ୍ଧି ହୋଇ ହଠାତ୍ ସପନ ହୋଇଥିବ । କାଳକ୍ରମେ ସପନ ଛପିଥିବ ବିସ୍ମରଣର ଆଢୁଆଳରେ । ବିଲୋପ ତ ହୋଇ ନ ଥିବ ?

ଦୁଲାଳୀ ଏହା ଜାଣିଥିଲା । ଆନନ୍ଦ ବି ।

ସେଇଥିପାଇଁ ସୋହାଗୀର ଉପସ୍ଥିତିରେ ତା' ସମ୍ବନ୍ଧରେ ଅବା, ଅନ୍ୟ କେଉଁ ଗହନ ବିଷୟରେ ସେମାନେ ଆଲୋଚନା କରୁ ନ ଥିଲେ । ବହୁ ବର୍ଷର ଘରକଟଣା ସେମାନଙ୍କର ଜୀବନ ଓ ଚଳଣକୁ ସ୍ୱାଭାବିକ କରି ସାରିଥିଲା ।

ସୋହାଗୀ ଦୁଲାଳୀକୁ ଆଗରୁ କହିଥିଲା ଯେ ତା' ସାଙ୍ଗ ସେବତୀ ଦିଦିଙ୍କର ଝିଅ ତା'କୁ ଓ ରଙ୍ଗଣୀକୁ ତା'ଙ୍କ ନୂଆ ଘର ପ୍ରତିଷ୍ଠା ଦେଖି ଯିବାକୁ ନିମନ୍ତ୍ରଣ କରିଛି । ରଙ୍ଗଣୀ ତା' ଜେଜେଙ୍କ ସଙ୍ଗେ ଯିବ, ସେ ଯିବ ତା' ବାପାଙ୍କ ସାଙ୍ଗରେ ।

ଦିହେଁ ଅନୁଭବ କରିଥିଲେ, ଝିଅର ସେଠାକୁ ଯିବାକୁ ଭାରି ଆଗ୍ରହ । ସମସ୍ତେ ଗଲେ ଚନ୍ଦନ ସଙ୍ଗରେ ଯାଇଥାନ୍ତା ।

ଦୁଲାଳୀ କହିଥିଲା, ତୋ ବାପାଙ୍କ ସଙ୍ଗେ ତୁ ଏକା ଯିବୁ । ଚନ୍ଦନଟା ଚଗଲା, ତା'କୁ ମୁଁ ରଖିବି । ଘର ଖାଲି ପକାଇ ସମସ୍ତେ ଯିବା ନାହିଁ । କଳାକନା ବୁଲାଇ ଦେବେ । ତୋ' ବାପା ପାଇଟିରୁ ଫେରନ୍ତୁ ।

ସୋହାଗୀ ସଜ ହୋଇଥିଲା । ଗୋଡ଼ ଟେକି ଆନନ୍ଦକୁ ଅପେକ୍ଷା କରିଥିଲା । ଆନନ୍ଦ ଡେରିରେ ଫେରିଲା । ତା'ର ଯତ୍ନ ନେଇ ଦୁଲାଳୀ ତା'କୁ ଜଳଖିଆ ଦେଲା । ସୋହାଗୀ ଗ୍ଲ' କରି ଦେଲା । ଝିଅର ଆଗ୍ରହ ଆନନ୍ଦ ବୁଝି ପାରୁଥିଲା ।

ଦୁଲାଳୀ କହିଲା, ଝିଅକୁ ସାଙ୍ଗରେ ନେଇ ଯିବୁ । ଆନନ୍ଦ ଝିଅକୁ ଗ୍ଲହିଁଲା । ସେ ତା' ବାପର ମୁହଁରୁ 'ହଉ' ପଦ ଶୁଣିବାକୁ ଗ୍ଲହିଁ ରହିଥିଲା । ଟିକିଏ ଚିନ୍ତା କରି ସେ କହିଲା, ଦିନସାରା ଜୀବନମୂର୍ଚ୍ଛା ଖଟି ମୁଁ ହାଲିଆ ହୋଇଛି । ଗୋଡ଼ ଚଳୁନାହିଁ । ଯାଇ ଆସିବାକୁ ସାହସ କୁଳାଉ ନାହିଁ । ଅଖଞ୍ଜ ଗୋଡ଼ କେମିତି ଲାଗୁଛି । ଆଜି ପୁଣି ବେଁଶିର ହାଡ଼ ଭିତରେ ଗ୍ଲଉଁକରି ମାରି ଦେଇଥିଲା ।

ଦୁଲାଳୀ ବ୍ୟସ୍ତ ହୋଇ ପଗ୍ଲରିଲା, ସତେ ?

ସେ ପୁରୁଣା ବେମାରି ପୁଣି ବାହାରିଲା ? ଡାକ୍ତର ବାବୁଙ୍କ ହୋମିଓପାଥି ଔଷଧରେ ଭଲ ହୋଇ ଯାଇଥିଲା । କାଲି ତାଙ୍କ କ୍ଲିନିକ୍‌କୁ ଯାଇ ପୁଣି ଔଷଧ ଆଣିବି । ତୁ ନ ଯାଆ ।

-ଝିଅକୁ ତୁ ସଙ୍ଗରେ ନେଇ ଯା । ତତେ ଯିବାକୁ ଦିଦି ଖବର ପଠାଇ-ଥିଲେ ।

ତତେ ଛାଡ଼ି ମୁଁ ଆଜି କୁଆଡ଼େ ନ ଯାଏ । ମୁଁ ତାଙ୍କର ସେ ଘରତୋଳାରେ ପାଇଟି କରି ନାହିଁ । ଅକାଳେ ସକାଳେ ଔଷଧ ପାଇଁ କେବେ ଡାକ୍ତରଙ୍କ ପାଖକୁ ଯାଉଥିଲି । ବହୁତ ଦିନ ହେବ ଯାଇ ନାହିଁ । ଡାକିଥିଲେ ସେବା କରିବାକୁ ରାତି ଅଧରେ ଧାଇଁଯିବି । ମୁଠିଏ ଖାଇବାକୁ ଯିବି ନାହିଁ ରେ, ଧାରୁଆ ହେବି ନାହିଁ ।

ସୋହାଗୀ ତା' ବାପା ପାଖକୁ ଆସିଲା ।

ପାଖରେ ବସିଲା । ଆଖିରେ ଛଳଛଳ ଲୁହ । ଆନନ୍ଦର ବାମ ଗୋଡ଼ରେ ହାତ ରଖି କହିଲା, ମୁଁ ମୋ' ବାପାକୁ ଛାଡ଼ି ଯିବି ନାହିଁ ବୋଉ । କାଲି ଦିଦି ପଚାରିଲେ ସେଇଆ କହିବି ।

ଆନନ୍ଦ କାକୁସ୍ଥ ହେଲା । ସୋହାଗୀର ଲୁହଝର ଆଖିକୁ ଚାହିଁ ମନେ ମନେ ଦୁଃଖିତ ହେଲା । ଗୋଡ଼ରେ ବେଦନା ଅନୁଭବ କରିବା ନୂଆ-କଥା ନୁହେ । ଅଳ୍ପ ସମୟ ବିଶ୍ରାମ ନେଲେ ଆପେ ଭଲ ହୋଇଯାଏ । କହିଲା, ତୁ ଦୁଃଖ କରନା ମା । ବେଦନା କମିଗଲାଣି । ଆପେ ଭଲ ହେବ । ଯା' ପଢ଼ିବୁ ।

ଆନନ୍ଦ ସୋହାଗୀର ପିଠି ଥାପଡ଼ିଲା । ମୁହଁଟି ନୁଆଁଇ ଗେଲ କଲା । କହିଲା, ସେମାନେ ବଡ଼ଲୋକ । ଆମେ ଗରିବ । ଖଟିଖିଆ ମୂଲିଆ । ମୋ ମୂଲ ମୁଁ ପାଇଛି । ତୁ ମୂଲିଆର ଝିଅ । ହେଲେ, ମୂଲିଆଣୀ ନୋହୁ । ତାଙ୍କ ଝିଅ ସଙ୍ଗେ ସାଙ୍ଗ ହ, କେହି ମନା କରୁନାହିଁ । ତାଙ୍କ ଝିଅକୁ ଆମେ କେବେ ଡାକି ପାରିବା ନାହିଁ । ଖୋଇ ପାରିବା ନାହିଁ । ତୁ କାହିଁକି ତା'ର ଧାରୁଆ ରହିବୁ ?

ସୋହାଗିନୀ କାନ୍ଦିଉଠିଲା । ଟିକିଟିକି ଦୁଇ ହାତରେ ମୁହଁ ଘୋଡ଼ାଇଲା ।

ଦୁଲାଲୀ ତୁନି ହୋଇ ବସି ଶୁଣୁଥିଲା । ଏପରି ଅତାଡ଼ୁଆ କଥା ସେ ଆନନ୍ଦ ମୁହଁରୁ କେବେ ଶୁଣି ନ ଥିଲା । ସେ ସୋହାଗିନୀର ହାତ ଧରି ଉଠାଇଲା । କହିଲା, ତୋ' ବାପା ଯାହା କହିଲା ଠିକ୍ ଲୋ ମା । ତୋ' ବୋଉଟା ବି ମୂଲିଆଣୀ । ହେଲେ ହେଉ । ତଡେ ସେ ଆଉ କାହା ପାଖରେ ମାଗିଲା-ହାତିଆ କରି ଠିଆ କରାଇ ଦେବ ନାହିଁ ।

କୋହକୁ ଆୟତ୍ତ କରି ସୋହାଗିନୀ କହିଲା, ମୋ'ର ଭୁଲ୍ ହୋଇଛି ମା । ଜାଣି ନ ଥିଲି ।

-ହଉ ଯା । ହାଣ୍ଡିରେ ପଖାଳ ଅଛି । ବଡ଼ି ଚଟଣି, ବାଇଗଣ ଭରଥା କରି ଦେଇଛି । ପେଟେ ଖାଇ, ପଢ଼ିବୁ ତ ପଢ଼, ନୋହିଲେ ଶୋଇପଡ଼ ।

ସୋହାଗିନୀ ଚନ୍ଦନ ପାଖରେ ଶୋଇପଡ଼ିଲା ।

ଦୁଲାଲୀ ଓ ଆନନ୍ଦ ଚୁଲିଘରେ ଖାଇବସିଲେ । ମୂଲିଆ-ସଂସାରର ରାତ୍ର - ଭୋଜନ । ଦୁଇଟି କଂସାରେ ପଖାଳ, ଥାଳିଆରେ ବଡ଼ି ଚଟଣି, ବାଇଗଣ ଭରଥା, ଲୁଣ ପାଖରେ କଞ୍ଚା ମରିଚ, ଗୋଟିଏ କରି ପିଆଜ । ସକାଳର ବଳିଲା ଶାଗ ତରକାରି ଗରମ କରି ଗୋଟିଏ ଛୋଟ ତାଟିଆରେ ଆନନ୍ଦ ପାଖରେ ଥୋଇଥିଲା ।

ତୁନିତାନି ସେମାନେ ଖାଉଥିଲେ । ମଝିରେ କଂସା ଟେକି ତୋରାଣି ପିଉଥିଲେ । ଓଠରୁ ଖସାଇ ଆନନ୍ଦ କଂସାଟି ତଳେ ରଖିଲା । ଭାତ ତୋରାଣି ସବୁ ସେ ଶେଷକରି ଦେଇଥିଲା । ଚଟଣି, ଭରଥା, ତରକାରି ସବୁ । ହାକୁଟି ଛାଡ଼ିଲା ।

ଶାନ୍ତିରେ ନିଶ୍ୱାସ ମାରିଲା ।

କହିଲା, ଏଇଥିରେ ମୋ'ର ପିଣ୍ଡ ଗଢ଼ା । ଦିନିକିଆ କ୍ଷୀରୀ ଖେଚେଡ଼ି, ପୁରି କଚୌଡ଼ି, ପିଠା ମିଠେଇ ସାଉଁଟା କାଣ୍ଡ ପରିକା । ଗରିବ ଖଟିଖିଆଙ୍କ ଭୋକ ସଙ୍ଗେ ଯୁଝିବାକୁ ପାରଙ୍ଗମ ନୁହନ୍ତି ।

ଦୁଲ୍ଲାଳୀର ଖିଆ ସରି ନ ଥିଲା । କଂସାର ତୋରାଣି ତଳେ ହାତ ଅଣ୍ଡାଳି ସେ ଭାତ ଖୋଜୁଥିଲା । ହାତ ଉଠାଇ କହିଲା, ଯାହା କହିଲୁ ସତ । ପାଟିକୁ ଭଲ, ଦେହକୁ ସଲ । ତେବେ, ପାଟି ସୁଖ ବେଳେବେଳେ ମନ ଖୋଜେ ।

-ଗଲୁନାହିଁ କାହିଁକି ? ଝିଅଟି ତୋ' ସଙ୍ଗେ ଯାଇଥାନ୍ତା । ମନ ଦୁଃଖରେ ଶୋଇଲା ।

-ନ ଗଲା ବୋଲି ସେ ମନଦୁଃଖ କରୁ ନ ଥିଲା । ତୋ' ଦେହ ଦୁଃଖ ପାଇଁ ତା'ର ଦୁଃଖ । ମୁଁ ବେମାର ପଡ଼ିଲା ବେଳେ ତା' ଆକୁଳ ଭାବ ଦେଖିଛି । ତା' ଆଖିର ଲୁହ, ତୋ' ଉପାସ, ଦୁଃଖ ମୋ'ତେ ଭଲ କରିଦେଲା । ମରିଥାନ୍ତି ତ—

-ତୋ' ପରେ ମୁଁ । ସେଇଠୁ ପିଲା ଦିହେଁ ଦାଣ୍ଡକୁ ଓହ୍ଲାଇ ଥାନ୍ତେ । ନାହିଁକି ଦୁଲ୍ଲାଳୀ ?

-ସେତିକି କହିଥା ରେ ଅଲକ୍ଷଣା । ତୁ ମରିବୁ ନାହିଁ ବୋଲି ମା' ପରି ତୋ' ପଛରେ ଲାଗିଛି । ଇଃ, କେତେ ଯୁଗ ବିତିଲାଣି । ଏ ଦି'ଟା ଆମ ଲଙ୍ଗୁଡ଼ ।

-ତୁ ମୋ ମା' ନୁହୁ ।

-ବଡ଼ ଭଉଣୀ ତ ।

-ସତେ ? ମୋ' ଭାରିଯା ନୁହୁ ?

-ହଉ ହେଲା, ତୁ ମୋ ଗେରସ୍ତ ।

-କାହିଁକି ? ତୁ କ'ଣ ମୋ'ର ଝିଅ ନୁହୁ ? କେତେଥର କେତେ କଥାରେ ଗେହ୍ଲେଇ ହୋଇ ଅଳି କରିଛୁ । ମୁଁ ତୋ' ଅଳି ମାନିଛି ।

-ହେଲାରେ ହେଲା । ମୁଁ ତୋ'ର ସବୁ । ତୁ ବି ମୋ'ର ସବୁ । ତୁ ନ ଗଲାରୁ ମୁଁ ବି ସେବତୀ ଦିଦିର ନିମନ୍ତ୍ରଣ ରଖିବାକୁ ମନ କଲିନାହିଁ ।

ଦୁଲ୍ଲାଳୀ ତୋରାଣି କଂସା ତୁଣ୍ଡରେ ଲଗାଇଲା । ଆଉ କ'ଣ କହିବ କହିବ ହୋଇ ଆନନ୍ଦ କହିଲା ନାହିଁ । ଆଚମନ ପାଇଁ ପଦାକୁ ଉଠିଗଲା । ଆଚମନ ସାରି ଦାଣ୍ଡଘରକୁ ଆସିଲା । କିଛି ସମୟ ପରେ ଦୁଲ୍ଲାଳୀ ତା' ପାଖରେ ପହଞ୍ଚିଲା । ପଚାରିଲା, ସୋହାଗୀ ତୋ' ବିଛଣା ପାରି ଦେଇଛି । ଶୋଇବୁ ନାହିଁକି ? ସେଠିକି ତୁ ନ ଗଲୁ କାହିଁକି, ସେଇଆ ଭାବି ହେଉଛୁ ? ଗଲୁନାହିଁ ?

ଆନନ୍ଦ କହିଲା, ସେ ଜାଣନ୍ତି, ମୁଁ ତାଙ୍କର ଧାରୁଆ ହେବାକୁ ଯିବିନାହିଁ । ସେଇଥିପାଇଁ ତତେ ସେ ଡାକିଥିଲେ । କ'ଣ ଦେବେ ବୋଲି ଲୋଭ ଦେଖାଇ ଥିଲେ । ଦିନେ କାଳେ ନାହିଁ, ଆଜି କାହିଁକି ?

ଦୁଲାଳୀ ପଚାରିଲା, କାହିଁକି ରେ ?

-ସେଇଆ ମୁଁ ଭାବୁଥିଲି । ଏ ସହରରେ କେତେ ଲୋକ ତତେ ଚିହ୍ନନ୍ତି । ଆଉ କିଏ ଡାକିଥିଲେ ନିଶ୍ଚେ ଯାଇଥାନ୍ତୁ ।

-ଗଲେ ଯାଇଥାନ୍ତି । ମତେ କ'ଣ ଦେବାର ଲୋଭ ଦେଖାଇବାରୁ ଚଳି ନାହିଁ । ତାଙ୍କର ଯଦି କେବେ ପିଲା ହୁଏ, ମତେ ଖୋଜା ପଡ଼େ ମୁଁ ନିଶ୍ଚେ ଯିବି । ସେବା କରିବି । ଯତ୍ନ ନେବି । ପ୍ରାଣପଣ ଖଟିବି । ମୋ' ପାଉଣା ମୁଁ ନେଇ ଆସିବି । ଇନାମ ଦେଲେ ମନା କରିବି ନାହିଁ । ମାହାଳିଆ କାହିଁକି କାହାଠାରୁ କିଛି ଛୁଇଁବି ?

ଆନନ୍ଦ କ୍ଷଣେ ତୁନି ରହିଲା । ସେଇଠୁ ସେ କଟମଟ କରି ଦୁଲାଳୀର ମୁହଁକୁ ଚାହିଁଲା । ପଚାରିଲା, ତୁ ଜାଣୁ ସେ ସେବତୀ ଦିଦି କିଏ ?

ଦୁଲାଳୀ ହସିଲା । କହିଲା, ଯେବେ ମୁଁ ନିଧାର୍ଯ୍ୟ ଜାଣିଲି, ସେତେବେଳକୁ ସେ ଦୋଷରୁଣୀ ହୋଇ ସାରିଥିଲା । ଡାକ୍ତରଙ୍କର ପ୍ରଥମ ଛୁଆ ଭୂମିରେ ପଡ଼ି କୁଆଁ ରଡ଼ି ଛାଡ଼ିଥିଲା ।

-ଏଁ । ଦୋ-ଷ-ରୁ-ଣୀ— ।

-ତା'ର କି ଦୋଷ ? ଡାକ୍ତରଙ୍କର ଆଗ ଭାରିଯା ତା'କୁ ସାନଭଉଣୀଠୁଁ ଅଧିକ କରି ପାଳିଥିଲେ । ତତେ ଖୋଜି ଖୋଜି ଠାବ କରିପାରି ନ ଥିଲେ । ମୁଁ ଜାଣନ୍ତି କେମିତି ?

ତାଙ୍କର ପିଲାପିଲି ହୁଅନ୍ତା ନାହିଁ । ମୁଁ ଏହା ଜାଣେ । ସେ ଆଡ଼ବାଇଆଣୀ ହୋଇଥିଲେ । ପିଲାଟିଏ ପାଇଁ ଏ ବୁଦ୍ଧି କରାଇଲେ । ଲେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥିଲା ରେ ଆ'ନ୍ଦ । ତୋ' ପାଇଁ ମୁଁ ସଂସାର ଗଢ଼ିଦେଲି । ସବୁକଥା ତୋ' ପାଖରୁ ଲୁଚାଇ ରଖିଥିଲି ।

-ଆଜି କାହିଁକି କହୁଛୁ ?

-ତୁ ଆଗରୁ ସନ୍ଦେହରେ ପଡ଼ିଥିଲୁ । ଏହା ମୁଁ ଜାଣେ । ତୁ ଏବେ ଜାଣି ସାରିଲୁଣି ଏତେକ ବି ଜାଣେ । ସେ ବିଚାରୀ ଏବଯାଏ ତତେ ଚିହ୍ନି ପାରିନାହିଁ ।

-ଚିହ୍ନି ପାରିନାହିଁ ?

-ତୋ ମା' ତ ଦେଖିଲେ ଚିହ୍ନିବ ନାହିଁ, ସେ ତୋ' କେବକାଳର ଭାରିଯା, କେମିତି ଚିହ୍ନିବ ? ସାମାନ୍ୟ କେଇଟା ବର୍ଷର ଘରକରଣା । ବେଶୀଦିନ ତୁ କେଉଁ ବିଦେଶରେ କଟାଇଥିଲୁ । ତା'କୁ ସପନ ପରି ଲାଗିଥିବ । ସପନ ବି ଭୁଲି ହୋଇ ଯିବଣି ।

-ହଁ, ଦୁଲାଳୀ ! ସେଇଆ ଭଲ ।

-ସେଇଆ ଭଲ । ତୋ' ସେବତୀ ବୁଢ଼ି ମରିଛି । ଯେ ଆଉ ଜଣେ । ସୁମତୀ ଦିଦି ଲୋକ-ଦେଖାଣକୁ ତା' ଅପା ଥିଲେ । ମନରେ ମା-ପଣିଆ ଝୁରି ହେଉଥିଲା । ତା'କୁ ନୂଆ ଜନମ ଦେଲେ । ଭଉଣୀ ନ ହୋଇ ସେ ମା' ହୋଇଥିଲେ । ଝିଅର ଦୁଃଖ ମା' ଛଡ଼ା ଆଉ କିଏ ବୁଝନ୍ତା ?

-ସେ ଆକାଶର ଜହ୍ନ । ଆମେ ତଳର ବାମନ । ଦେଖିବା, ଖୁସି ହେବା । ସେ ମତେ ଚିହ୍ନି ପାରିନାହିଁ, ଦୁଲାଳୀ । ଜାଣିଲେ ତା' ପାଦରେ କଣ୍ଟା ଭୁକିଲା ପରି ଲାଗିବ ।

-କେଜାଣି ? ଏତେ ଅରୁଷ୍ଟ ପରୁଷ୍ଟରୁ କି ମିଳିବ ? ଯା', ଶୋଇପଡ଼ । ଯାହା ମନ ତା' ସପନ ଦେଖିବାର ଦେଖୁଥା । କିଏ ମନା କରୁଛି ? ସେଗୁଡ଼ା ଆପେ ଧସେଇ ପଶିବେ ।

ଦୁଲାଳୀ ହସି ହସି ପାଖ କୋଠରୀ ଭିତରକୁ ପଶିଗଲା । ସେଇଠି ଆନନ୍ଦ ଶୁଏ । ତା'କୁ ଲାଗି ଆର କୋଠରୀରେ ଚଉଡ଼ା ଖଟରେ ପିଲା ଦିଓଟି । ମଶା ଘେରି ଯାଇଛନ୍ତି । ପୁରୁଣା, କେତେ ତାଳିପକା ମଶାରି ପକାଇଲା । ଅଳପ ଛାଡ଼ି ତା'ର ଅଣ-ଓସାରିଆ ପଟ ଖଟ । ନୁଆଣିଆ ମଶାରିଟି ନ ଟାଙ୍ଗିଲେ ଶୋଇ ହେବ ନାହିଁ । ଆଲୁଅ ଜାଳି ମଶାରି ଟାଙ୍ଗିଲା । ଦେଖିଲା, ଆନନ୍ଦ ବାଟଘରର ଆଲୁଅ ଲିଭାଇ ନିଜ କୋଠରୀକୁ ଆସୁଛି ।

ସେ ଆଲୁଅ ଲିଭାଇ ମଶାରି ଭିତରେ ପଶିଲା । ଆନନ୍ଦ ରହୁଥିବା ବଖରାର ଆଲୁଅ ବି ଲିଭିଲା । ଗୋଡ଼ ଲମ୍ବାଇ, ମୁଚୁଳା ସଜାଡ଼ି ଦୁଲାଳୀ ଆଖି ବୁଜିଲା ! ଭାବିଲା, ଓହୋ, କେଡ଼େ ଅଲାଜୁକ ତା'ର ଆନନ୍ଦ । କେଡ଼େ ନିଲଠା । ଏବଯାଏ ତା'କୁ ଝୁରି ହେଉଛି । ଝୁରୁଥା ରେ ଧନ । ଗଛ ଅଗରେ ଝୁଲୁଛି ମହୁଫେଣା । ବାଘେଇ ମାଛି ଭରଭର । ଓଠ ଖ଼ଟୁଥା.....

ଦୁଲାଳୀର ଛାଇ ନିଦ ଭାଙ୍ଗିଗଲା । ପଦାରେ କିଏ ଡାକୁଛି । କିଏ, ଏତେ ରାତିରେ ? କାନ ପାତିଲା । ତା'ରି ନାମ ଧରି ଡାକୁଛନ୍ତି । ହରିମଉସାଙ୍କ ପାଟି ଶୁଭି ଯାଉଛି । ହଁ, ସେହି । ଆ'ନ୍ଦର ନିଦ ଭାଙ୍ଗୁ ନାହିଁ ? ହାଲିଆ ନିଦ ଘୋଟି ଯାଇଥିବ ।

ଦୁଲାଳୀ ଅସ୍ତବ୍ୟସ୍ତ ହୋଇ ଉଠିଲା । ସୁଇଚ୍ ଟିପି ଆଲୁଅ ଜଳାଇଲା । ଦି' ଖେପାକେ ଦାଣ୍ଡଘରେ ପହଞ୍ଚିଲା । ଆଲୁଅ ଜାଳି କବାଟ ଖୋଲିଲା । ପଦାକୁ ଗଲା । ପିଣ୍ଡା ତଳେ ହରିମିସ୍ତ୍ରୀ ଠିଆ ହୋଇଛନ୍ତି ।

ଦୁଲାଳୀକୁ ଦେଖି ସେ ପିଣ୍ଡା ଉପରକୁ ଉଠିଲେ । କହିଲେ, ମୁଁ ଜାଣିଥିଲି ତମେ ସବୁ ଶୋଇ ପଡ଼ିଥିବ । ତଥାପି ଆସିଲି । ଭାବିଲି, କାମଟା ଛିଡ଼ାଇ ଦେଇ ଯିବି । ଆନନ୍ଦ ?

-ଏବେ ତ ଶୋଇଲା । ହାଲିଆ ନିଦ ଘୋଟି ଯାଇଛି । ଉଠାଇବି ?

-ନାଇଁ, ନାଇଁ । ତା'ଠିଁ ମୋ'ର କାମ ନାହିଁ । ତୋ' ଠିଁ ବି ନାହିଁ । କାମଟା ମୋ ଉପରେ ଘରମାଲିକାଣୀ ସେବତୀ ଦିଦି ଲଦି ଦେଇଛନ୍ତି । ସେଇଠୁ ଫେରୁଛି ।

-ଭିତରକୁ ଆସ । ତା'କୁ ଉଠାଏଁ ।

-ଆଲୋ ବାଇଆଣୀ, ଆଉ ବେଳ ଅଛି ନା ? ନେ ଧର । ୟେ ମିଠେଇ ପୁଡ଼ିଆ । ଦିଦି ତୋ' ଝିଅ ସୋହାଗୀ ପାଇଁ ଦେଇଛନ୍ତି । ରଙ୍ଗଣୀ ପାଇଁ ବି ସେମିତି ପୁଡ଼ିଆଟିଏ ଦେଇଛନ୍ତି ।

ଦୁଲ୍ଲାଳୀ ହାତ ବଢ଼ାଇଲା । ତା' ହାତକୁ ପୁଡ଼ା ବଢ଼ାଇ ଦେଉଣୁ ହରି କହିଲେ, ମୋ' ନାତୁଣୀ ଆଉ ତୋ' ଝିଅ ତାଙ୍କ ଝିଅର ସାଙ୍ଗ । ମୋ ମନେ ହେଲା, ଦିଦି ତତେ ଗୁହିଁ ବସିଥିଲେ ।

-ମତେ ଖୋଜୁଥିଲେ ? ମୋ' ନିଜ ଧନ୍ଦାରେ ମୁଁ ନାକବୁଡ଼ । ଏ ସହରର କେତେ ମାଆମାନଙ୍କର ସେବା କରିଛି । କାହାରିକୁ ପାତର ଅନ୍ତର କରି ନାହିଁ । ସମସ୍ତେ ମତେ ସୁଖ ପାଆନ୍ତି । ଯିଏ ଯାହା ଦେଲା ମୋ'ର ଖୁସି । ପାଞ୍ଚ ଆଙ୍ଗୁଠି ସମାନ ନୁହେ । ଠାକୁରେ କାହାକୁ କେମିତି ରଖିଛନ୍ତି । ଅନ୍ୟ ବେଳେ ତାଙ୍କମାନଙ୍କ ଘରକୁ ଯିବାକୁ ମୋ'ର ବେଳ ନ ଥାଏ ।

-ଜାଣିଛି । କଥା ଲମ୍ବା ନା । ମୋ'ର ଉଛୁର ହେବ । ତତେ ଏଇ ଜିନିଷଟି ଦେବାକୁ ସେ ଡକାଇଥିଲେ । ଆଗରୁ କେବେ ଦେଇ ପାରିଥାନ୍ତେ । ଆଜି ମୋ' ହାତରେ ନ ପଠାଇ ତତେ କେବେ ଡକାଇ ଦେଇଥିଲେ ହୋଇଥାନ୍ତା । ଦେଲେ ତ, ମୁଁ ମନା କରନ୍ତି କେମିତି ?

ହରିମିସ୍ତ୍ରୀ ଛୋଟ ଟିଣ ଡବାଟି ଦୁଲ୍ଲାଳୀ ହାତକୁ ବଢ଼ାଇ ଦେଲେ । କହିଲେ, ତାଙ୍କର ଅପା ସୁମତୀ ଦିଦି ମରିବା ଆଗରୁ ସେ ଜିନିଟି ତତେ ଦେବାକୁ କହି ଯାଇଥିଲେ । ସେବତୀ ଦିଦି ଭୁଲି ଯାଇଥିଲେ । ଏବେ ମନେ ପଡ଼ିଲା ।

ଦୁଲ୍ଲାଳୀ ଡବାକୁ ହାତରେ ଧରି କହିଲା, ସେ ମା ଭଳି ଭଲ ଥିଲେ । ଅନ୍ୟର ଦୁଃଖ ବୁଝୁଥିଲେ । ମତେ ସେ ଯଥେଷ୍ଟ ଦେଇଥିଲେ ଗୋ ମଉସା । ତାଙ୍କ ମନ ତୋଷ ହୋଇ ନ ଥିଲା ? ଗଦାଏ ବରଷ ବିତିଗଲାଣି ।

-ହୁଁ । ଗଦାଏ ବରଷ ? କେମନ୍ତ ? ନାଇଁ ଲୋ ଦୁଲ୍ଲାଳୀ । ବୁଝି-ସମଝିଲେ ମୋଟେ ନିମିଷେ । ସୂର୍ଯ୍ୟ ଠାକୁରଙ୍କ ଛ' ସାତ ଘେରୁ ଭଉଁରି ଖେଳ । ମୁଁ ଯାଉଛି ଲୋ ।

-ଏଥିରେ କ'ଣ ଅଛି ?

ହରି ମିସ୍ତ୍ରୀ ପିଣ୍ଡା ଉପରୁ ତଳକୁ ଓହ୍ଲାଇ ଥିଲେ । ମୁହଁ ବୁଲାଇ କହିଲେ, ମୁଁ ଦେଖି ନାହିଁ, ବେଙ୍ଗ କି ସାପ । ସେ କହୁଥିଲେ....., ତୁ ଦେଖିଲେ ବଳେ ଜାଣିବୁ ନାହିଁ ?

ଦୁଲନୀ ଦାଣ୍ଡ କବାଟ କିଳିଲା । ଆଲୁଅ ଲିଭାଇ ପାଖ କୋଠରୀକୁ ଆସିଲା । ତା' ବଖରାର ଆଲୁଅରୁ ଝଲକାଏ ଆନନ୍ଦର ଶୋଇଲା ଘରେ ପଡ଼ିଛି । ମଶାରି ଭିତରୁ ତା'ର ଖର ନିଶ୍ୱାସର ଆଭାସ ପାଇଲା । ଭାବିଲା, ଶୋଇଲା ମଣିଷକୁ ଉଠାଇ ତା' ନିଦରେ ବ୍ୟାଘାତ ଘଟାଇବ ନାହିଁ । ସେ ଆପେ ଆପେ କାଲି ଦେଖିବ ।

ନିଜ ବଖରାକୁ ଗଲା । ମିଠେଇ ପୁଡ଼ାଟି କାଚ-ଆଲ୍‌ମାରୀରେ ରଖିଲା । ମନର ଉଦ୍‌ବେଗକୁ ଦମନ କରି ପାରିଲା ନାହିଁ । ଟିଣ ଡବାର ଢାଙ୍କୁଣୀ ଖୋଲି ନାଲି କାଗଜରେ ଗୁଡ଼ା ହୋଇ ରଖା ହୋଇଥିବା ଛୋଟ ପୁଡ଼ାଟି କାଢ଼ିଲା । ଖୋଲିଲା ।

ହାତରୁ ଲମ୍ବି ଆସିଲା କଣ୍ଠିମାଳଟି । ପାଟ ସୂତାରେ ଗୁନ୍ଥା । ମଝିରେ ପଦକଟିଏ ଝୁଲୁଛି । ଦୁଇ ପାଖରେ ଛାଡ଼ି ଛାଡ଼ିକା ସାତୋଟି କରି କଣ୍ଠି ଗୁନ୍ଥା ହୋଇଛି । ବିଜୁଳି ଆଲୁଅରେ ମାଳଟି ଝଲସି ଉଠୁଛି ।

ଦୁଲନୀର ଆଖି ଲାଖି ରହିଲା । ବିସ୍ମୟରେ ପାଟି ଆଁ ହୋଇଗଲା । ସେ ବିଶ୍ୱାସ କରି ପାରିଲା ନାହିଁ ଯେ ଏଡ଼େ ସୁନ୍ଦର, କେଜାଣି କେତେ ଦାମ୍‌ର ଏଇ ସୁନାମାଳ । ତା'ର ହେବ ?

କେହି ତା'କୁ କେବେ ସୁନାର ଦରବ ଇନାମ ଦେଇ ନାହିଁ । ହଁ, ଯାହାର ମାୟା-ଭଉଁରିରେ ପଡ଼ି କୁଳରୁ ଗାଁ'ରୁ ଆପେ ଓଟାରି ହୋଇ ଭସି ଆସିଥିଲା, ସେ ତା' ଆଙ୍ଗୁଠିରେ ପଥରବସା ସୁନା ମୁଦିଟିଏ ପିନ୍ଧାଇ ଦେଇଥିଲା । ଆଉ କେତେ କ'ଣ ଦେବ ବୋଲି ବହଲାଇଥିଲା । ଦେଲା ତ ନାହିଁ, ତାକୁ ନିଆଶା କରି, ବାଟରେ ବସାଇ ଉଡ଼ିଗଲା । ପ୍ରାଣ ବଞ୍ଚାଇବାକୁ ଦୁଲନୀ ସେ ମୁଦିଟି ଜଣକୁ ବିକି ଦେଇଥିଲା ।

ଯିଏ ତା' କାନକୁ ଫୁଲ ହଳେ କରିଦେଇଥିଲା ସେଇ ମଦୁଆ କିନ୍ନର୍, ହାତୀବଳୁଆଟା, ମଦ ଖାଇବ ବୋଲି ତା'କୁ ଦିନେ ବିଧା ଗୋଇଠାରେ ଛେଚି ନାୟାନ୍ତ କଲା । ତା' କାନରୁ ଫୁଲହଳକ ନେଇ ପଳାଇଥିଲା । ସେତିକି ସୁନା ଗହଣା ତା' ଦେହ ଛୁଇଁଛି । ଆଉ ଯେବେ ଯାହା ନାଇଛି ସବୁ ନକଲି । ବେକରେ କେତେ ସରି କାଚମାଳି ।

ଆନନ୍ଦ କଥା ଛାଡ଼ । ଘାସକୁ ଛୋଟ, ପାଳକୁ ଲମ୍ବ । ତା' ନିଜ ରକ୍ଷଣ ଥିଲା ଅସମ୍ଭବ । ତା' ମନ ଘର ଧରାଇ ପାରିଛି ସେତିକି ଲକ୍ଷେ ଟଙ୍କା । ଯାହା ସେ ପାଇଛି ସବୁ ସମର୍ପି ଦେଇଛି । ନିଜକୁ ବି । ସୁନା ଦରବର କି' ମୂଲ ସରିହେବ ତା' ସଙ୍ଗେ ?

ଏ ସୁନା ମାଳଟି ସେ ନିଶ୍ଚେ ଗଳାରେ ବାନ୍ଧିବ । ସୁମତୀ ଦିଦିଙ୍କର ସ୍ନେହ ଊଣା କରିବ ନାହିଁ । ଆହା, କେଡ଼େ ଉତ୍ତମ ସେ ଥିଲେ ଟି । ରୋଗର ଦାଉରେ ଛଟପଟ ହେଉଥିଲେ । ତଥାପି, ପଚାରି ପଚାରି ତା ନିଉଁଛଣା ଆତୁରିଆ ଜୀବନର

ଚଳଣ କଥା ବୁଝୁଥିଲେ । ସାନ୍ତ୍ୱନା ଦେଉଥିଲେ । ସ୍ୱର୍ଗ ପୁରରୁ ସେ ଦେଖୁଥିବେ । ତା' ଗଳାରେ ମାଳଟି ଦେଖି ସେ ନିଶ୍ଚେ ଖୁସି ହେବେ ।

ସେବତୀଙ୍କୁ ସେ ସପନାଇ ଥିଲେ ? ସେଇଆ ହୋଇଥିବ । କହିଥିବେ, ଧନ ଦରବ ସଙ୍ଗେ ମୋ ' ଗେରସ୍ତକୁ ବି ତତେ ସମର୍ପି ଦେଇ ଆସିଲି । ଦୁଲ୍ଲଳୀକୁ ଦେବାକୁ ଯାହା କହି ଆସିଥିଲି ସେଥିରେ ପୁଣି ଲୋଭ କରୁଛୁ ? ଏ ପୁରରେ କେମିତି ଶାନ୍ତି ପାଇବି ?

କେମିତି ସେବତୀ ଦିଦି ବାଟମାରଣା କରିପାରିଥାନ୍ତେ ? ଆନନ୍ଦକୁ ଦେଖି ମଧ୍ୟ ସେ ଚିହ୍ନି ନାହାନ୍ତି । ଚିହ୍ନି ପାରିଥିଲେ ତାଙ୍କ ଲାଜ ତାଙ୍କୁ ମାରି ଗୋଡ଼ାନ୍ତା । କେଉଁ ମୁହଁରେ ଏ ମାଳଟି ଦେବାକୁ ଦୁଲ୍ଲଳୀକୁ ନିମନ୍ତ୍ରଣ କରିଥାନ୍ତେ ? ସେ ଗଲା ନାହିଁ । ତଥାପି, ସେ ପଠାଇ ଦେଲେ । ସୁମତୀଙ୍କ ସପନକୁ ଡର ।

ଦୁଲ୍ଲଳୀ ମନକୁ ମନ ହସିଲା । କଣ୍ଠିମାଳକୁ ମୁଣ୍ଡରେ ଲଗାଇ ପଦକଟିକୁ ନିରିଖି ଚାହିଁଲା । ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି । କପାଳରେ ଛୁଆଁଇ ମାଳକୁ ବେକରେ ପିନ୍ଧିଲା । ତଳେ ମୁଣ୍ଡ ଲଗାଇ ସୁମତୀଙ୍କୁ ସୁମରଣା କଲା ।

ମନେ ମନେ କହିଲା, ମା' ଗୋ, ତମ ସନମାନ, ତମ ଦୟା ତଳେ ପକାଉ ନାହିଁ । ଆନନ୍ଦ ଦେଖିବ । ମୋ'ଠୁ ସବୁ ଶୁଣିବ । ସେଇଠୁ ଗୋ' ମା, ବେକରୁ ଉତାରି ପେଡ଼ିରେ ରଖିବି । କାହିଁକି ଜାଣ ? ମୂଲିଆଣୀଟାର ବେକରେ ଏ ଦରବ ଦେଖି ଲୋକେ ମଣିବେ ଦୁଲ୍ଲଳୀ ଚୋରଣୀଟାଏ । ମାଳିକି ଛେଳି ଅଡୁଆ ଗୋ । ମାଙ୍କଡ଼ୀ ବେକରେ ମୋତିର ମାଳ ।

ଦୁଲ୍ଲଳୀ ମୁଣ୍ଡ ଉଠାଇଲା ।

ପିଲା ଦିହେଁ ମିଠେଇ ପାଇ ଖୁସି । ସେଥିରୁ କିଛି ଚାଖିବାକୁ ଆନନ୍ଦ ମନା କଲା ନାହିଁ । ରାତିର ଘଟଣା ଦୁଲ୍ଲଳୀ ମୁହଁରୁ ଶୁଣି ସୋହାଗୀର ମନରେ ଆନନ୍ଦ । ତା' ଦିଦି ବୋଉ ପାଇଁ ସୁନାକଣ୍ଠିର ମାଳ ପଠାଇଛନ୍ତି । ଦିଦି ତା'କୁ ସୁଖ ପାଆନ୍ତି । ଭାବିଲା, ଗତ ରାତିରେ ସେ ଯାଇଥିଲେ ତାକୁ କ'ଣ କିଛି ଦେଇ ନ ଥାନ୍ତେ ?

ନିଜ ଭାବନା କାହା କାନକୁ ଶୁଭିଲା ପରି ସୋହାଗୀ ଲାଜରା ହୋଇ ଅଗଣାରୁ ପାଠ ପଢ଼ିବା ବାହାନାରେ ଘର ଭିତରକୁ ଚାଲିଗଲା । ଚନ୍ଦନକୁ ଡାକିଲା । ସେ ଶୁଣିଲା ନାହିଁ । ସେ ଅଗଣାରେ ଏପାଖ ସେପାଖ ହେଉଥିଲା ।

ଆନନ୍ଦ ଗମ୍ଭୀର ହୋଇ ଅଗଣାରେ ବସିଥିଲା । ଦୁଲ୍ଲଳୀର କଥା ଶୁଣି ସେ ଭାବନାରେ ହଜି ଯାଇଥିଲା ।

ଦୁଲାଲୀ ଅଗଣା ଖରକା ସାରି ତାକୁ କଣେଇଁ ଚାହିଁଲା । ବିଚିତ୍ର ମଣିଷ ! କାମିକା ଲୋକ ସେ, ଏମିତି ଏକା ଠା'ରେ ତୁନିତାନି ବସି ଏଣେ ତେଣେ ଚାହୁଁଛି କାହିଁକି ? ନିଜେ ପ୍ରସ୍ତୁତ ହେଲେ ମଉସାଙ୍କ କାରଖାନାକୁ ଯିବ ତ ! ଦେହ ଭଲ ନାହିଁ ?

ଦୁଲାଲୀ ତା ପାଖକୁ ଆସିଲା । ଆଗରେ ବସିଲା । ପଚାରିଲା, ଏମିତି ଚୁପ୍‌ଚାପ୍ ବସିଛୁ କାହିଁକି ? ଦେହ ଭଲ ନାହିଁ ? କାମକୁ ନ ଗଲେ ନାହିଁ । ମୁଁ ଯାଇ ମଉସାଙ୍କୁ କହିଦେବି । ଡାକ୍ତର ସାହୁଙ୍କ ପାଖରୁ ଓଷଦ ଆଣିଦେବି । ତୋ' ଦେହର ହାଲ ତ ସେ ଜାଣନ୍ତି । ଆସିବୁଟି, ଆ ମୋ' ହାତ ଧରି, ଘରକୁ—

ଆନନ୍ଦ କହିଲା, କାଲିଠୁ ତୋ' ବେକରୁ ସେ କଣ୍ଠିମାଳ, ମୁଁ ତାକୁ ଭଲକରି ଦେଖେଁ । ଏତେ ଦାମିକା ଜିନିଷ ସୁମତୀ ଦିଦି ତତେ ଦେବାକୁ କହି ଯାଇଥିଲେ ?

ଦୁଲାଲୀ ଚମକି ଉଠିଲା । ପଚାରିଲା, କାହିଁକି ? କ'ଣ ହେଲାକି ?

-ଏତେ ବର୍ଷ କଟିଗଲାଣି । ଓଷଦ ଆଣିବାକୁ ତାଙ୍କ ଘରକୁ କେତେଥର ଯାଇଥିବୁ । ସେବତୀ ଦିଦି ଆଗରୁ ତତେ ଚିହ୍ନନ୍ତି । ତାଙ୍କ ଅପାଙ୍କ କଥା କେବେ ମନେ ପଡ଼ିଲା ନାହିଁ ? କାଲି ମନେ ପଡ଼ିଲା ?

ଦୁଲାଲୀର ମୁହଁ ଶୁଖିଗଲା । ଅରିଲା ହାତରେ ବେକରୁ ମାଳ ଫିଟାଉଣୁ ସେ କହିଲା, ସତ କହୁଛୁ ରେ ଆ'ନ୍ଦ ! କେତେ ଥର ଯାଇଛି । ଉପରେ ପଡ଼ି ଗୁରି ପାଇଟି କରିଛି । କଥାଭଷା ହୋଇଛି । ଡାକ୍ତରଙ୍କ ପାଖରୁ ଓଷଦ ନେଇ ଆସିଛି । ତେବେ, ବହେ ଦିନ ହେବ ଦେଖା ହୋଇ ନାହିଁ ।

ଆନନ୍ଦ ମାଳଟିକୁ ଚାହିଁଲା । ପଦକକୁ ଭଲକରି ପରୀକ୍ଷା କଲା । ମୁଣ୍ଡ ହଲାଇଲା । ଅଳପ ହସିଲା । ମାଳାକୁ ଦୁଲାଲୀ ହାତକୁ ଦେଇ ସେ କହିଲା, ମୁଁ ଜାଣେ, ତୁ ବି ଜାଣୁ ସେ କିଏ । ସେ ସନ୍ଦେହରେ ପଡ଼ିଥିଲେ ପଡ଼ିଥିବେ । ଏବଯାଏ ନିର୍ଧାର୍ଯ୍ୟ ଜାଣି ନ ଥିଲେ ମୁଁ କିଏ ।

-ମୁଁ ତାଙ୍କୁ କହିବାକୁ କେବେ ମନ କରି ନାହିଁ । ଆହା ବିଚାରୀ, ସେ ତାଙ୍କର ସୁଖରେ ସଂସାର କରୁଛନ୍ତି । ତାଙ୍କ ସୁଖ-ଶାନ୍ତିରେ ମୁଁ ଚେଟ ମାରିବାକୁ କିଏ ? ସେ ଯାହା ଜାଣିଛନ୍ତି ଠିକ୍ ବୋଲି ଘେନି ଥାଉନ୍ତୁ ।

-ଆଲୋ ଦୁଲାଲୀ, ଏଇ ମାଳଟା କାଳ-ସାପ ପରି ତାଙ୍କ ପେଡ଼ି ଭିତରେ ଫଣା ଟେକି ଫଁ-ଫଁ ହେଉଥିଲା । ତତେ ନୁହଁ ଲୋ, ଏଇଟାକୁ ସେ ମତେ ଫେରାଇ ଦେଇଛନ୍ତି ।

-ତତେ ?

-ହଁ, ଲୋ । ମତେ ସେ ଚିହ୍ନି ସାରିଛନ୍ତି । ମହାପାତ୍ର କୁଳର ବୋହୂପଣିଆର କେଉଁ ମହତ, କେଉଁ ସନମାନ ସେ ରଖି ପାରିଲେ ଯେ ଧାରୁଆ ହୋଇ ରହିଥାନ୍ତେ ? ମୋ' ବୋଉ ତା' ଗହଣା ଭଙ୍ଗାଇ ସୁନା ଦେଇଥିଲା । ମୋ' ବାପା ପଦକର ନମୁନା ଛବି ଆଙ୍କି ଥିଲେ । ବଣିଆଁ ପାଖରେ ବସି ବସି ମୁଁ ଗଢ଼ାଇ-ଥିଲି ।

-ତୁ ଗଢ଼ାଇ ଥିଲୁ ?

-ବୋଉ ତା' ଗେହ୍ଲା ବୋହୂର ବେକରେ ନିଜେ ପିନ୍ଧାଇ ଦେଇଥିଲା ।

-ବୁଝିଲି । ସବୁ ବୁଝିଲି ରେ ଆ'ନ୍ଦ । ସତେ, ଏଇଟା ଅଶୁଭ । ସମସ୍ତଙ୍କର ସ୍ନେହ ଓ କଲ୍ୟାଣରେ ଗଢ଼ା ହୋଇଥିଲେ ବି ଏଇଟା ସତରେ ଗୋଟାଏ କାଳ-ସାପ । ସେବତୀ ଦିଦିଙ୍କୁ ଯେଚ ହାଣୁଥିଲା ।

-ସେ ତୋ' ଉପରକୁ ଫୋପାଡ଼ି ଦେଲେ । ଗଳାରେ ଲମ୍ବା, କି ପେଡ଼ିରେ ସାଇତି ରଖ, ସେଇଟା ମୋ' ମନକୁ ବିଗତଗୁଡ଼ାକ ଓଟାରି ଆଣୁଥିବ । ଯେତେ ତଡ଼ିଲେ ସେ ସବୁ ଘୋରଡେଇ ଆସି ମୋ' ଛାତିରେ ଚୋଟ ହାଣୁଥିବ ।

ଦୁଲାଳୀ ଟିକିଏ ଭାବିଲା । କହିଲା, ସେତକ ମୁଁ ତ କରାଇ ଦେବି ନାହିଁ ରେ ଆନନ୍ଦ । ବାର ବରଷର ମୋ'ର ତପସ୍ୟା ମୁଁ ଶୁଖୁଆ ଝୋଳରେ ବୁଡ଼ାଇବି ?

-କ'ଣ କରିବୁ ଭାବୁଛୁ ? ଫେରାଇ ଦେବୁ ?

-ତୋ' ଠାରୁ ବଳି ଅଧିକ ଓଲୁ କିଏ ଅଛି, ହଇରେ ? ଏତେ ମୂଲ୍ୟବାନ୍ ଦରବ, ଦେଲା ମାଲ କିଏ ଫେରାଏ ? ଖୋଜିଲେ ନ ପାଇ । ସେବତୀଦିଦିଙ୍କ ଉଦ୍ଦେଶ୍ୟକୁ ତୁ ଭୁଲ୍ ବୁଝନା । ଏଇ ମାଲକୁ ସେ ତତେ ଫେରାଇ ଦେଇ ନାହାନ୍ତି । ସେ ଜାଣିଛନ୍ତି, ମୁଁଇ ବାରବୁଲୀ ମହାପାତ୍ର ଘରର ବୋହୂ ହୋଇଯାଇଛି । ଏଇଟା ମୋ'ର ପାଉଣା । ମୋ'ର ହକ । ଯାକୁ ତାଙ୍କ ରଖି ମନକୁ ସେ ଯେର କରିବେ କାହିଁକି ? ସେଇଥି ପାଇଁ ସେ ଗୋଟାଏ ଆର କରି ସେ ଯାକୁ ଫେରାଇ ଦେଲେ । କେତେ ଭଲ ସେ । ଦିନେ ଯାଇ ତାଙ୍କୁ ଜୁହାର କରିବି ।

-ଦୁଲାଳୀ ।

-ତୁ ମନା କଲେ ଯିବି ନାହିଁ । କିନ୍ତୁ, କାହିଁକି ତୋ'ର ତାଙ୍କ ଉପରେ ଆନ୍ ? ଈର୍ଷା କରୁଛୁ ? ସେ ମା'ଙ୍କର ଶିରୀ ସହି ପାରୁନୁ ?

-ନାଇଁ, ନାଇଁ । ସେ ଭଲରେ ଥାଉନ୍ତୁ ।

-ସେଇ ମାନସିକ କର । ଡାକ୍ତରଙ୍କ ଭରିଯା ସେ, ତୋ' ମା ସମାନ ଟି ।

-ମାନୁଛି । ତୁ କ'ଣ ମହାପାତ୍ର ଘରର ବୋହୂ ହୋଇ ପାରିଛୁ ? ବଡ଼ ବଡ଼ ଆଙ୍କୁ ପାଣି ଟେକିବୁ ?

-ବୋହୂ ହୋଇ ପାରି ନାହିଁ । ବୋହୂ ହୋଇ ପାରିବି ନାହିଁ । ସେଥିକି ମୋ'ର ଦୁଃଖ ନାହିଁ । ସେହି ବଡ଼ ବଡ଼ ଆଏ ଦେଖନ୍ତୁ, ତାଙ୍କ ପିଲାଟି ପାଇଁ ମୁଁ ସେବାକର ଭରିଯାଟିଏ ଖଞ୍ଜି ଦେଇଛି । ନାତି ନାତୁଣୀ ଖେଳ-କଷ୍ଟେଇ ଦିଓଟି ତା' କୋଳରେ ଥାପି ଦେଇଛି । ସେ ଖେଳିବ, ଖେଳାଇବ, ଖୁସି ହେବ । ମୋ' ମନ ଓରମାନ ମେଣ୍ଟିବ ରେ ।

ଆନନ୍ଦର ମୁହଁ ଉଜଳି ଉଠିଲା । ସେ ଖୁସି ହୋଇ [illegible]କୁ ମାଳଟି ଟେକିଲା । କହିଲା, ତୁ ଭଲ ବୁଝାଇଲୁ । ମୋ ମନର ସନ୍ଦେହ ତୁଟିଲା । ତୁ ମୁଣ୍ଡ ନୁଆଁଇଲୁ, ନିଜ ହାତରେ ତୋ' ଗଳାରେ ଏଇ ମାଳଟି ପିନ୍ଧାଇବି ।

ଦୁଲୁଲୀ ହସିଲା । କହିଲା, ଦେ ମୋ ହାତକୁ । ସେ ବୁଦ୍ଧି ତୁ କରନା । ସତେ, ତୋ' ପାଇଁ ସେଇଟା ତୁ ଯାହା କହିଥିଲୁ ସେଇଆ । ଚଉଦ-ଫଣିଆ କାଳ ସାପ ।

ଆନନ୍ଦ ଅବୁଝ ଆଖିରେ ଦୁଲୁଲୀର ପ୍ରଫୁଲ୍ଲ ମୁହଁକୁ ଚାହିଁଲା । କଳା ମିଟିମିଟି ଗୋଲିଆ ବୟସ-ଲଗା ମୁହଁଟି ଆଜି ତା' ଆଖିକୁ ସୁନ୍ଦର ଦିଶୁଥିଲା । ଖୋଲା ମୁଣ୍ଡର ଫୁରୁଫୁରୁ କେଶ ସେହି ମୁହଁଟିକୁ ଆହୁରି ମନଲୋଭା କରୁଥିଲା । ସେ କଣ୍ଠିମାଳଟିକୁ ତା' ହାତକୁ ଟେକି ଦେଲା ।

ଦୁଲୁଲୀ ମାଳଟିକୁ ମୁଣ୍ଡରେ ମାରିଲା । କହିଲା, ସ୍ୱର୍ଗରୁ ସେମାନେ ଚାହିଁ ରହିଥିବେ ରେ ଆନନ୍ଦ । ସେମାନଙ୍କୁ ମୁଁ ପ୍ରଣାମ କଲି । ମୋ' ବେକରେ ଝୁଲିଲେ, ଏଇଟା ତୋ' ଉପରକୁ ଫଣା ଟେକୁଥିବ । ଫାଉଁ ଫାଉଁ ହେଉଥିବ । କ'ଣ କରିବି ଜାଣୁ ? ମନେ ମନେ ତୋ ବାପ ମା'ଙ୍କୁ ଜଣାଇଁ ଦେଇଛି ।

-କ'ଣ କରିବୁ ?

-ଏ ମାଳକୁ କାଟିବି । ଗୋଟି ଗୋଟି କରି କଣ୍ଠିଯାକ କାଢ଼ିବି । ପଦକ ବି ଖୋଲିବି । ସବୁତକ ହେମନ୍ତଦସ୍ତାରେ ଛେଚିବି ।

-ଛେଚିବୁ ଦୁଲୁଲୀ, ଏତେ ସୁନ୍ଦର ମାଳଟି ?

-ହଁ ରେ । ତା'ର ହାଡ଼ ଗୋଡ଼ ସବୁ ଚେଚି ତା'କୁ ପିଣ୍ଡୁଳା କରିବି । ନିଜେ ନେଇ ବଣିଆଁ ଦୋକାନରେ ପହଞ୍ଚିବି । ଜଗନ୍ନାଥ ପୂଷ୍ଟିଙ୍କୁ ଚିହ୍ନିନୁ ? ତାଙ୍କ ସାନ ବୋହୂଙ୍କ ପହିଲି ପୋଖତୀ ଘରେ ମୁଁ ପଶିଥିଲି । ମୋତେ ସେ ଠକିବେ ନାହିଁ । ଯାକୁ ନିଆଁରେ ଆଉଟି ଖାଦ କାଢ଼ିବେ । ନିରେଳା କରିବେ ।

ଆନନ୍ଦ ଖୁସି ହୋଇ କହିଲା, ଭଲ ବୁଦ୍ଧି ପାଞ୍ଚିଛୁ । ଅସଲି ସୁନାରେ ତୋ' ପାଇଁ ତୋ' ମନଲାଖି ହାରଟିଏ ଗଢ଼ାଇ ନେବୁ ।

ଦୁଲାଳୀ ହସିଲା । କହିଲା, ମୋ' ମନଲାଖି ନୁହେ, ତୋ' ମନଲାଖି । ହାରଟିଏ, କାନକୁ ଦିଓଟି ଫୁଲ, ଦି' ହାତ ପାଇଁ ଦି' ପଟି ସୁନା କାଚ ।

-ଅଣ୍ଟିବ ?

-ନିଅଣ୍ଟ ମେଣ୍ଟଣକୁ ମୁଁ ଟଙ୍କା ଦେବି । ତୋ' ରୋଜଗାର ଧନ । ତୋ' ସୁନା-କଣ୍ଢେଇକୁ ସଜାଇବା । ସେ ଖୁସି ହେବ । ଆମେ ଖୁସି ହେବା । ତୋ' ବାପ ମା ସ୍ନେହରେ ତା[illegible] ଦେଇଥିଲେ—

-ସୋହାଗିନୀ ।

-ତା'ଙ୍କ ସେନେହରେ ଦିଆ ଗେଲବସରିଆ ନାମଟିର ସନ୍ମାନ ରଖିବାରେ ଆନନ୍ଦ, ସେ ପୁରରେ ଥାଇ ସେମାନେ ସୁଖୀ ହେବେ, କଲ୍ୟାଣ କରିବେ ।

କାହ୍ନୁଚରଣ

ତା ୫ । ୨ । ୭୭
ଶନିବାର । ( ଦୋଳ ପୂର୍ଣ୍ଣିମା )